


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-263 ◆SUNDAY ◆22 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୬୩ ◆ରବିବାର ◆୨୨ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦ (ସିନ୍ଦୂରା ସହ)


## ସୁନା ଦର ୨୧ ଦିନରେ ୧୧ ପ୍ରତିଶତ ହ୍ରାସ

■ ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ମିଳିତ ଆକ୍ରମଣ ଶନିବାର ୨୨ ଦିନରେ ପହଞ୍ଚିଛି। ଏହି ଯୁଦ୍ଧ ବିଶ୍ୱ ଅର୍ଥବ୍ୟବସ୍ଥାକୁ ଦୋହଲାଇ ଦେଇଛି। ସୁନା ଏବଂ ରୁପା ମଧ ଏଥିରୁ ବର୍ତ୍ତିପାରି ନାହିଁ। ବିଶ୍ୱରେ ଉତ୍ତେଜନା ବଢ଼ିଲେ ସାଧାରଣତଃ ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ପାଇଥିବାର ନଜିର ରହିଛି। କାରଣ ଲୋକେ ସୁରକ୍ଷିତ ନିବେଶ ପାଇଁ ସୁନା ଏବଂ ରୁପାକୁ ବାଛିଥାନ୍ତି। ମାତ୍ର ଇରାନ ଯୁଦ୍ଧରେ ଏହି ଧାରା ସମ୍ପୂର୍ଣ୍ଣ ବଦଳି ଯାଇଛି। ଏହାକୁ ନେଇ ଦୁଇ ତିନି ମାସ ତଳେ ସୁନା ଏବଂ ରୁପା କିଣିଥିବା ବ୍ୟକ୍ତି ଚିନ୍ତିତ ହୋଇ ଯାଇଛନ୍ତି। କାରଣ ଦର ବୃଦ୍ଧିକୁ ଦେଖି ସେମାନେ ଏହି ମହଙ୍ଗା ଧାତୁ କିଣି ନେଇଥିଲେ। ମାତ୍ର ଏବେ ହ୍ରାସ ଧାରା ଜାରି ରହିଛି। ଗତ ୨୧ ଦିନରେ ସୁନା ମୂଲ୍ୟ ୧୧ ପ୍ରତିଶତ ଏବଂ ରୁପା ୨୦ ପ୍ରତିଶତ ହ୍ରାସ ପାଇଲାଣି।



ଚଳିତ ବର୍ଷ ଜାନୁଆରୀ ସୁଦ୍ଧା ସୁନା ମୂଲ୍ୟ ଦ୍ରୁତଗତିରେ ବଢ଼ି ଚାଲିଥିଲା। ଗତ ବର୍ଷ ଏହାର ମୂଲ୍ୟ ପ୍ରାୟ ୭୦ ପ୍ରତିଶତ ବୃଦ୍ଧି ପାଇଥିଲା। ଗତ ଜାନୁଆରୀ ୨୯ରେ ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ମୂଲ୍ୟ ୧.୯୨ ଲକ୍ଷ ଟଙ୍କାରେ ପହଞ୍ଚି ଯାଇଥିଲା। ମାତ୍ର ଏହାର ଚାରି ଦିନ ପରେ ଦ୍ରୁତ ହ୍ରାସ ପାଇଁ ମୂଲ୍ୟ ୧.୩୯ ଲକ୍ଷକୁ ଖସି ଆସିଥିଲା। ଏବେ ଇରାନ ଯୁଦ୍ଧ ▶ପୃଷ୍ଠା-୭

## ଅଧିକାରୀଙ୍କ ଆତ୍ମହତ୍ୟା; ଇସ୍ତଫା ଦେଲେ ମନ୍ତ୍ରୀ

■ ଚଣ୍ଡିଗଡ଼, ୨୧।୩ (ଏଜେନ୍ସି): ପଞ୍ଜାବରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ଦୁର୍ନୀତି ହଟାଅ ସ୍ଲୋଗାନ ଦେଇ ସରକାର ଗଢ଼ିଥିବା ଆମ ଆଦମୀ ପାର୍ଟି (ଆପ) ଅଡ଼ୁଆରେ ପଡ଼ିଛି। ପରିବହନ ମନ୍ତ୍ରୀ ଲାଲଜିତ ଭୁଲ୍ଲରଙ୍କ ନାମ ନେଇ ଜଣେ ବରିଷ୍ଠ ଅଧିକାରୀ ଶନିବାର ଆତ୍ମହତ୍ୟା କରିଛନ୍ତି। ଅମୃତସର ଓ୍ୱାରହାଉସ କର୍ପୋରେସନର ଜିଲ୍ଲା ମ୍ୟାନେଜର ଗଗନଦୀପ ସିଂହ ରନ୍ଧାୱା ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ଜୀବନ ହାରିବା ପୂର୍ବରୁ ସେ ୧୨ ସେକେଣ୍ଡର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଜାରି କରିଥିଲେ। ଏହି ଭିଡିଓରେ



ସେ କହିଥିଲେ ଯେ ମନ୍ତ୍ରୀ ଭୁଲ୍ଲରଙ୍କ ଭୟରେ ମୁଁ ଦାନାଦୋର ଖାଇ ଦେଇଛି; ଆଉ ବଞ୍ଚିବି ନାହିଁ। ଏହା ଜଣାପଡ଼ିବା ପରେ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ତୁରନ୍ତ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟ ସଚିବ କେଏପି ସିହ୍ନାଙ୍କୁ ସେ ମାମଲାର ତଦନ୍ତ ଦାୟିତ୍ୱ ଦେଇଛନ୍ତି।

ଅନ୍ୟପଟେ ମନ୍ତ୍ରୀ ଭୁଲ୍ଲର ଅଭିଯୋଗକୁ ମିଥ୍ୟା କହିଛନ୍ତି। ଯାଞ୍ଚ ପ୍ରଭାବିତ ନ ହେବା ପାଇଁ ପଦରୁ ଇସ୍ତଫା ଦେଇଥିବା ଉଲ୍ଲେଖ କରିଛନ୍ତି। ଏହି ଘଟଣାକୁ ନେଇ ଅକାଳୀ ଦଳର ବରିଷ୍ଠ ନେତା ବିକ୍ରମ ମଜାଠିଆ ଏବଂ ▶ପୃଷ୍ଠା-୭

## ମହଙ୍ଗା ପଡ଼ିଲା ଦଳ ବିରୋଧୀ କାର୍ଯ୍ୟ ଓ ରାଜ୍ୟସଭା କ୍ରସ୍ ଭୋଟିଂ

# ବିଜେଡିରୁ ୬ ବିଧାୟକ ନିଲମ୍ବିତ

■ ଭୁବନେଶ୍ୱର, ୨୧।୩ (ସମିସ): ରାଜ୍ୟସଭା ନିର୍ବାଚନରେ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ୍ ଭୋଟିଂ କରିବା ବିଜେଡିର ୬ ବିଧାୟକଙ୍କୁ ମହଙ୍ଗା ପଡ଼ିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଶନିବାର ସଂପୃକ୍ତ ୬ ବିଧାୟକଙ୍କୁ ଦଳରୁ ନିଲମ୍ବିତ କରିଛନ୍ତି। ସେମାନେ ହେଲେ ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବଡ଼ମ୍ବା ବିଧାୟିକା ସୁବାସିନୀ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ଓ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ। ଏନେଇ ଶନିବାର ସନ୍ଧ୍ୟାରେ ବିଜେଡି କାର୍ଯ୍ୟାଳୟରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଏହାସହ ଦଳର ବିଧାୟକ ଭାବେ ସେମାନଙ୍କ ସଦସ୍ୟତା ରଦ୍ଦ ପାଇଁ ଦଳ ପକ୍ଷରୁ ବାଚସ୍ପତିଙ୍କୁ ଲିଖିତ ଭାବରେ ଅନୁରୋଧ କରାଯିବ ବୋଲି ବିଜେଡି ମୁଖ୍ୟ ସଚେତିକା ତଥା ପିଏସି(ରାଜନୈତିକ ବ୍ୟାପାର କମିଟି) ସଦସ୍ୟା ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ପିଏସି ବୈଠକରେ ହେଲା ନିଷ୍ପତ୍ତି, ସଦସ୍ୟତା ରଦ୍ଦ ପାଇଁ ହେବ ଆବେଦନ

### ବିଶୃଙ୍ଖଳାକୁ ବରଦାସ୍ତ କରନ୍ତିନି ନବୀନ; କାର୍ଯ୍ୟାନୁଷ୍ଠାନ ସ୍ୱାଭାବିକ ପ୍ରକ୍ରିୟା



ବିଜେଡି ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ରାଜ୍ୟସଭା କ୍ରସ୍ ଭୋଟିଂକୁ ନେଇ ବିଜେଡି ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ ଉକ୍ତ ୬ ଜଣ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ବିଧାୟକଙ୍କ ନିକଟରୁ ନୋଟିସର ଉତ୍ତର ହସ୍ତଗତ ହେବାପରେ ଏହାକୁ ଶୃଙ୍ଖଳା କମିଟି ବୈଠକରେ ତର୍ଜମା କରାଯାଇଥିଲା। ସେହିପରି ଶନିବାର ଅନୁଷ୍ଠିତ ବିଜେଡି ପିଏସି କମିଟି ବୈଠକରେ ମଧ ଏନେଇ ବିଶଦ୍ ଆଲୋଚନା ହୋଇଥିଲା। ସେମାନଙ୍କୁ ଦିଆଯାଇଥିବା କାରଣ ଦର୍ଶାଅ ନୋଟିସର ଯଥାଯଥ ଉତ୍ତର ଦେଇ ନ ଥିବାରୁ ସେମାନଙ୍କୁ ତୁରନ୍ତ ନିଲମ୍ବନ କରାଯିବାକୁ ନିଷ୍ପତ୍ତି ନିଆଯାଇ ଦଳର ସଭାପତିଙ୍କୁ ସୁପାରିସ କରାଯାଇଥିଲା। ଏହି ସୁପାରିସ ଆଧାରରେ ସଭାପତିଙ୍କ ଆଦେଶରେ ତୁରନ୍ତ ସେମାନଙ୍କୁ ନିଲମ୍ବନ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ▶ପୃଷ୍ଠା-୭

### ରାଜ୍ୟସଭା ଭୋଟ ଅସଂଗତି

## ଆଇନଗତ ଲଢ଼େଇକୁ ଓହ୍ଲାଇବ ବିଜେଡି

■ ଭୁବନେଶ୍ୱର, ୨୧।୩ (ସମିସ): ସଦ୍ୟ ସମାପ୍ତ ରାଜ୍ୟସଭା ନିର୍ବାଚନରେ ଭୋଟ୍ ଅସଂଗତି ହୋଇଥିବା ଅଭିଯୋଗ କରିଛି ବିଜେଡି। ବିଜେପି ବିଧାୟିକା ଉପାସନା ମହାପାତ୍ର ଓ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମତଦାନ ବେଳେ ଦ୍ୱିତୀୟ ବାଲାଟ ପେପର୍ ବ୍ୟବହାର କରିବା ସମ୍ପୂର୍ଣ୍ଣ ଅବୈଧ ବୋଲି ବିଜେଡି କହିଛି। ତେଣୁ ଏହି ଦୁଇଟି ଭୋଟ୍‌କୁ ନାକଚ କରିବା ପାଇଁ ଦଳ ଆଇନଗତ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଛି ବୋଲି ଦଳର ମୁଖ୍ୟସଚେତିକା ପ୍ରମିଳା ମଲ୍ଲିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଶନିବାର ଦଳର ପିଏସି ବୈଠକ ପରେ ଶ୍ରୀମତି ମଲ୍ଲିକ କହିଛନ୍ତି ଯେ ବିଧାୟିକା ଉପାସନା ମହାପାତ୍ର ଓ ବିଧାୟକ ▶ପୃଷ୍ଠା-୭

**ଉପାସନା ମହାପାତ୍ର ଓ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଭୋଟ ନାକଚ ଦାବି**

## ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ୪,୦୦୦ କିମି ଦୂରଭେଦୀ ମିସାଇଲ ଆକ୍ରମଣ କରି ଚକିତ କଲା ଇରାନ



### ଗୁପ୍ତ ସାମରିକ କ୍ଷମତା ନେଇ ବଢ଼ିଲା ଚିନ୍ତା

### ଡିଏଗୋ ଗାର୍ସିଆ ଉପରେ ବିଫଳ ଆକ୍ରମଣ ସତ୍ତ୍ୱେ ସହଯୋଗୀ ଦେଶଗୁଡ଼ିକୁ ବଡ଼ ବିପଦ ବୋଲି କହିଲା ବ୍ରିଟେନ

■ ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ଭାରତ ମହାସାଗରରେ ଅବସ୍ଥିତ ଆମେରିକା ଓ ବ୍ରିଟେନର ମିଳିତ ସାମରିକ ଘାଟି ଡିଏଗୋ ଗାର୍ସିଆ ଉପରକୁ ଇରାନ ଦ୍ୱାରା ବାଲିଷ୍ଟିକ ମିସାଇଲ ନିକ୍ଷେପ କରାଯାଇଥିବା ଖବର ଏବେ ବିଶ୍ୱ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ଏହି ଘଟଣା ଇରାନର ପ୍ରକୃତ ସାମରିକ ଶକ୍ତି, କ୍ଷମତା ଓ ଏହାର ପରିସରକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ଏବେ ଯୁଦ୍ଧର ସୀମା ଓ ରଣନୀତିକ ଭୂଗୋଳକୁ ଏକ ନୂଆ ମୋଡ଼ ଦେଇଛି। ଇରାନ ସାର୍ବଜନୀନ ଭାବେ ସ୍ୱୀକାର କରିଛି ଯେ, ତା'ର କ୍ଷେପଣାସ୍ତ୍ରର ସୀମା ୨,୦୦୦ କିଲୋମିଟର ମଧ୍ୟରେ ସୀମିତ। କିନ୍ତୁ ଡିଏଗୋ ଗାର୍ସିଆ ଇରାନଠାରୁ ପ୍ରାୟ ୪,୦୦୦ କିମି ଦୂରରେ ଅବସ୍ଥିତ। ଯଦି ଇରାନ ଏହି ଦୂରତାକୁ ଲକ୍ଷ୍ୟ କରିବାକୁ ଚେଷ୍ଟା କରିଛି, ତେବେ ଏହାର ଅର୍ଥ ହେଉଛି ଇରାନ ପାଖରେ ଏମିତି କିଛି ଗୁପ୍ତ କ୍ଷମତା ଅଛି ଯାହା ବିଷୟରେ ବିଶ୍ୱ ଅବଗତ ନୁହେଁ। ଏହି ପ୍ରୟାସ ଦ୍ୱାରା ଇରାନ ଏବେ ପ୍ରମାଣ କରିବାକୁ ଚାହୁଁଛି ଯେ ଭାରତ ମହାସାଗର ଓ ଦକ୍ଷିଣ ୟୁରୋପର ଅନେକ ଅଞ୍ଚଳ ଏବେ ତାହାର ଲକ୍ଷ୍ୟଭେଦ ପରିସର ମଧ୍ୟକୁ ଆସିଯାଇଛି। ପ୍ରକୃତପକ୍ଷେ ଇରାନ ▶ପୃଷ୍ଠା-୭

### ଗ୍ୟାସ୍ ଦୋକାନରେ ଭୟଙ୍କର ବିସ୍ଫୋରଣ

# ଫାଟିଲା ଏକାଧିକ ସିଲିଣ୍ଡର; ଦୋକାନୀ ସମେତ ୩ ଆହତ



■ ଭୁବନେଶ୍ୱର, ୨୧।୩ (ସମିସ): ଭରତପୁର ଥାନା ଅନ୍ତର୍ଗତ କଳିଙ୍ଗନଗର କେ-୪ ଟାଟା ଆରିୟନ ନିକଟରେ ଥିବା ଏକ ଗ୍ୟାସ ଦୋକାନରେ ଶନିବାର ଭୟଙ୍କର ବିସ୍ଫୋରଣ ହୋଇଛି। ଏକାଧିକ ଟାଙ୍କିରେ ନିଆଁ ଲାଗି ସେଗୁଡ଼ିକ ଫାଟିଯିବା ଯୋଗୁଁ ଭୟଙ୍କର ବିସ୍ଫୋରଣ ଘଟିଛି। ଗ୍ୟାସ ଦୋକାନରେ ଛୋଟ ବଡ଼ ମିଶି ପ୍ରାୟ ୬ଟି ଟାଙ୍କି ଫାଟିଯାଇଛି ବୋଲି ସୂଚନା ମିଳିଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ପାଖରେ ଥିବା ଏକ ହୋଟେଲ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଗ୍ୟାସ ଦୋକାନିଙ୍କ ସମେତ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ଗ୍ୟାସ ଦୋକାନିଙ୍କ ନାମ ବିଜ୍ଞୁ ବୋଲି ଜଣାପଡ଼ିଛି।

ବିଜ୍ଞୁଙ୍କ ମୁଣ୍ଡ,ହାତ, ଦେହରେ ଗଭୀର ଆଘାତ ଲାଗିଥିବା ବେଳେ ସେ ଅଧିକ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ଦୁଇ ଜଣଙ୍କ ପରିଚୟ ଜଣାପଡିନାହିଁ। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ଆନନ୍ଦ ବନ ନିକଟରେ ଏଭଳି ଏକ ବିସ୍ଫୋରଣ ଘଟଇଥିବାରୁ ଏଠାକୁ ଆସୁଥିବା ବହୁ ସଂଖ୍ୟକ ଲୋକେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ବେଆଇନ ଭାବେ ଗ୍ୟାସ ରିଫିଲିଂ କରୁଥିବା ବେଳେ ଏହି ଅଘଟଣ ଘଟିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ସକାଳ ୯ଟା ବେଳେ ବିଜ୍ଞୁ ଗ୍ୟାସ ଦୋକାନ ଖୋଲିଥିଲେ। ସେ ଗୋଟିଏ ଟାଙ୍କିରୁ ଅନ୍ୟ ଏକ ଛୋଟ ଟାଙ୍କିରେ ଗ୍ୟାସ ରିଫିଲିଂ କରୁଥିଲେ। ସେହି ସମୟରେ ହଠାତ୍ ଟାଙ୍କିଟି ବିସ୍ଫୋରଣ ହୋଇଥିଲା। ଏହା ଫଳରେ ଅନ୍ୟ ଗ୍ୟାସ ଭର୍ତ୍ତି ଟାଙ୍କି ଗୁଡ଼ିକ ମଧ ଫାଟିବାକୁ ଲାଗିଥିଲା। ଏହି ବିସ୍ଫୋରଣ ଭୟଙ୍କର ରୂପ ଧାରଣ କରିଥିଲା। ଟାଙ୍କିର ଲୁହା ପ୍ଲେଟ ଟୁକୁଡାଗୁଡ଼ିକ ଉଡ଼ିବାକୁ ଲାଗିଥିଲା। ଦେଖୁ ଦେଖୁ ଦୋକାନ ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ଆକାଶ ଧୂଆଁମୟ ହୋଇ ଯାଇଥିଲା। ବିସ୍ଫୋରଣରେ ଗ୍ୟାସ ଦୋକାନଟି ପୋଡି ପାଉଁଶ ହୋଇଯାଇଥିଲା। ଏହା ସହ ନିକଟରେ ଥିବା ଏକ ହୋଟେଲ ମଧ କ୍ଷତିଗ୍ରସ୍ତ ଯାଇଥିଲା। ଗ୍ୟାସ ଟାଙ୍କିର ଲୁହା ଖଣ୍ଡ ଉଡି ଏଗାର କେଭି ତାର ମଧ ଛିଣ୍ଡି ଯାଇଥିଲା। ଏହି ଘଟଣାରେ ସ୍ଥାନୀୟ ଅଞ୍ଚଳ ଭୟର ▶ପୃଷ୍ଠା-୭

## ରାଜଧାନୀର ଭିଭିଆଇପି ଅଞ୍ଚଳରେ ଆତଙ୍କ ଖେଳାଇଲେ ୨୦ ଦୁର୍ବୃତ୍ତ

# ପ୍ରତାପ ଜେନାଙ୍କ ଘର ଉପରେ ସଂଘବଦ୍ଧ ଆକ୍ରମଣ

■ ଭୁବନେଶ୍ୱର, ୨୧।୩ (ସମିସ): ରାଜଧାନୀରେ ପୂର୍ବତନ ମନ୍ତ୍ରୀଙ୍କୁ ଟାର୍ଗେଟ କରି ତାଙ୍କ ଘର ଉପରକୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗ ହୋଇଛି। ୟୁନିଟ-୬ସ୍ଥିତ ଭିଭିଆଇପି ଅଞ୍ଚଳର ବିଧାୟକମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ସରକାରୀ ବାସଭବନରେ ପ୍ରବେଶ କରି ଦୁର୍ବୃତ୍ତମାନେ ନାରକୀୟ କାଣ୍ଡ ଘଟାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଶୁକ୍ରବାର ରାତି ପ୍ରାୟ ୧୧ଟା ସମୟରେ ୧୫ରୁ ୨୦ଜଣ ଅସାମାଜିକ ଯୁବକ ଏକାଧିକ ବାଇକରେ ଆସି ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରତାପ ଜେନାଙ୍କ ୟୁନିଟ-୬ କ୍ୱାଟର୍ସ ନଂ ଭିଆଇଆର୍/୫ ସମ୍ମୁଖରେ ପହଞ୍ଚି ଫାଟକ ସମ୍ମୁଖରେ ବାଣ ଫୁଟାଇଲେ। ପ୍ରଥମେ ଶ୍ରୀ ଜେନା ଅଛନ୍ତି କି ନାହିଁ ବୋଲି ପଚାରିଥିଲେ। ନାହାନ୍ତି ଜାଣିବା ପରେ ଘର ସାମ୍ନାରେ ଏକାଧିକ ବାଣ ଫୁଟାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ କ୍ୟାମ୍ପସ ଭିତରେ ଧସେଇ ପଶିଲେ। ଏହାକୁ ବିରୋଧ କରିବାରୁ ପ୍ରତାପଙ୍କ ଘରେ ଥିବା ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇବା ସହ ଗେଟ୍‌କୁ ଦୁଇଟି ବୋମା ମାଡ଼ କରିଥିଲେ। ବନ୍ଧୁକରେ ଫଲ୍ସ ଫାୟରିଂ କରି ଡରାଇବା ସହ ପ୍ରତାପଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶ୍ରୀ ଜେନାଙ୍କ ସିକ୍ୟୁରିଟି ଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ପରେ ଏକ ଘଣ୍ଟା ଧରି ଘଟଣାସ୍ଥଳରେ ମାରିବୁ, ହାଣିବୁ କହି ଆତଙ୍କରାଜ ସୃଷ୍ଟି କଲେ। ଏହାର ଭିଡିଓକୁ ରେକର୍ଡ କରି ସୋସିଆଲ ମିଡିଆରେ ଭାଇରାଲ କଲେ। କିନ୍ତୁ ଘଟଣାସ୍ଥଳରେ ପୁଲିସର ଦେଖା ମିଳି ନ ଥିଲା। ନାଇଟ୍ ପେଟ୍ରୋଲିଂ, ନାକା ବ୍ଲକିଂ ସବୁକିଛି ଫେଲ୍ ମାରିଥିଲା। ସୋସିଆଲ୍ ମିଡିଆରେ ପ୍ରତାପ ଭିଡିଓ ପୋଷ୍ଟ କରି ସୁରକ୍ଷା ଲୋଡ଼ିବା ସହ ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କୁ ଜଣାଇ ▶ପୃଷ୍ଠା-୭



**ଘର ଆଗରେ ବାଣ ଫୁଟାଇ ସିକ୍ୟୁରିଟି ଗାର୍ଡଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଲେ**

**ଜୀବନରୁ ମାରିଦେବା ପାଇଁ ପ୍ରତାପଙ୍କୁ ଧମକ; ବଢ଼ିଲା ଘରର ସୁରକ୍ଷା**

**ଚାପ ବଢ଼ିବା ପରେ ୨ଜଣଙ୍କୁ ବାନ୍ଧିଲା ପୁଲିସ, ଲାଗିଲା ହତ୍ୟା ଅଭିଯୋଗ ଦଫା**

### ନବୀନଙ୍କ ଦୃଢ଼ ନିନ୍ଦା

## ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ କୁଶାସନର ନଗ୍ନ ଉଦାହରଣ

■ ଭୁବନେଶ୍ୱର,୨୧।୩(ସମିସ): ବିଜେଡିର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ବାସଭବନ ଉପରେ ଶୁକ୍ରବାର ରାତିରେ ହୋଇଥିବା ସଶସ୍ତ୍ର ଆକ୍ରମଣକୁ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ତୀବ୍ର ନିନ୍ଦା କରିଛନ୍ତି।

ସାମାଜିକ ଗଣମାଧ୍ୟମରେ ଏ ସଂପର୍କରେ ଉଲ୍ଲେଖ କରି ନବୀନ କହିଛନ୍ତି ଯେ ରାଜ୍ୟସଭା ନିର୍ବାଚନରେ ଯେଉଁମାନେ ଟଙ୍କା ବଳରେ ଗଣତନ୍ତ୍ରକୁ ଅପମାନିତ କଲେ, ସେମାନଙ୍କ ନିର୍ଦ୍ଦେଶରେ ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ହିଂସାକାଣ୍ଡ ଭିଆଇଲେ। ଏହା ଦୁଇଟି ଅଲଗା ଘଟଣା ନୁହେଁ; ବରଂ କୁଶାସନ ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାର ▶ପୃଷ୍ଠା-୭



"ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ସଜାଡ଼ନ୍ତୁ ମୁଖ୍ୟମନ୍ତ୍ରୀ"

## ବିଶ୍ୱର 'ବସ୍' ହେବାକୁ ଯାଇ ଫସିଗଲେ ଟ୍ରମ୍ପ

# ଇରାନ ତୈଳ କ୍ରୟରୁ ହଟାଇଲେ କଟକଣା

■ ନୂଆଦିଲ୍ଲୀ, ୨୧।୩ (ଏଜେନ୍ସି): ନୋବେଲ ଶାନ୍ତି ନ ପାଇ ଅଶାନ୍ତ ହୋଇ ପଡ଼ିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ବସ୍ ହେବାକୁ ଚାହୁଁଛନ୍ତି। ସେ ଭେନେଜୁଏଲା ପରି ଇରାନକୁ କବ୍‌ଜା କରିବେ ବୋଲି ଭାବି ଥିଲେ। ଭେନେଜୁଏଲା ତୈଳ ଭଣ୍ଡାରକୁ ନିଜ ନିୟନ୍ତ୍ରଣରେ ନେଇଥିବା ଟ୍ରମ୍ପ ଇରାନରେ ସମାନ ପଦକ୍ଷେପ ନେବାକୁ ଯୋଜନା କରିଥିଲେ। ମାତ୍ର ଏହା ସଫଳ ହୋଇପାରି ନାହିଁ। ଏଥିପାଇଁ ଟ୍ରମ୍ପ ଫସି ଯାଇଛନ୍ତି। ଇରାନର ପ୍ରତି ଆକ୍ରମଣରେ ଇସ୍ରାଏଲ, ଆମେରିକା ଏବଂ ଏହାର ମିତ୍ର ରାଷ୍ଟ୍ରଗୁଡ଼ିକ ଘାଇଲା ହୋଇ ଯାଇଛନ୍ତି। ଉପସାଗରୀୟ ଦେଶରେ ଥିବା ଆମେରିକା ସେନା ଘାଟୀରେ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରି ଇରାନ ଆତଙ୍କ ସୃଷ୍ଟି କରିଛି। ଇସ୍ରାଏଲର ଆକ୍ରମଣକୁ ଜବାବ ଦେଇ ଇରାନ କାତାର ଗ୍ୟାସ୍ ଫିଲ୍ଡରେ ଆକ୍ରମଣ କରିଛି। ଏହି ସବୁ ଘଟଣାକ୍ରମ ପାଇଁ ବିଶ୍ୱରେ ଅଶୋଧିତ ତୈଳ ଏବଂ ଗ୍ୟାସ ମୂଲ୍ୟ ବୃଦ୍ଧି ପାଇଛି। ବିଶ୍ୱରେ ଶକ୍ତି ସଙ୍କଟ ଘନଉଛି। ଏପରି ସ୍ଥିତିରେ ଟ୍ରମ୍ପଙ୍କ ଆସନ ଟଳମଳ ହୋଇଛି। ସେ ସହଯୋଗୀ ରାଷ୍ଟ୍ର ଏବଂ ନିଜ ଦେଶରେ ସମାଲୋଚନାର ସରବ୍ୟ ହେଉଛନ୍ତି। ଶେଷରେ ଯୁଦ୍ଧ ମଧ୍ୟରେ ଇରାନ ତୈଳ କ୍ରୟ ଉପରେ ଲଗାଯାଇଥିବା କଟକଣାକୁ ହଟାଇବା ପାଇଁ ଟ୍ରମ୍ପ ପ୍ରଶାସନ ବାଧ ହୋଇଛି। ଇରାନ ତୈଳ କ୍ରୟ ଉପରୁ ଆମେରିକା କଟକଣା ପ୍ରତ୍ୟାହାର କରି ନେଇଛି। ମାତ୍ର ୩୦ ଦିନ ପାଇଁ ଏହି ଆଶ୍ୱସ୍ତି ଦିଆଯାଇଛି ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ବର୍ଦ୍ଧିତ ତୈଳ ▶ପୃଷ୍ଠା-୭



**୩୦ ଦିନ ପାଇଁ ମିଳିଲା ଆଶ୍ୱସ୍ତି**

**ବିଶ୍ୱ ବଜାରକୁ ଆସିବ ୧୪ କୋଟି ବ୍ୟାରେଲ ତୈଳ**

## ଆମେରିକା ବଜାର ଧରାଶାୟୀ

### ବୁଡ଼ିଗଲା ୯୪ ଲକ୍ଷ କୋଟି

■ ୱାସିଂଟନ, ୨୧।୩ (ଏଜେନ୍ସି): ଇରାନ ଆକ୍ରମଣ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଫସି ଯାଇଛନ୍ତି। ଏହି ଯୁଦ୍ଧ ଟ୍ରମ୍ପଙ୍କୁ ବିଚଳିତ କରିଦେଇଛି। ଚାରିପଟୁ ଘେରି ହୋଇ ପଡ଼ିଥିବା ପୋଟୁସ ନିଜ ଦେଶର ଆର୍ଥିକ ସ୍ଥିତିକୁ ସମ୍ଭାଳି ପାରୁନାହାନ୍ତି। ଲୋକପ୍ରିୟତା ହରାଇ ଚାଲିଥିବା ସତ୍ତ୍ୱେ ଟ୍ରମ୍ପ ଅନ୍ୟ ଦେଶକୁ ଧମକ ଦେଇ ଚାଲିଥିବାବେଳେ ଯୁଦ୍ଧ ପାଇଁ ଆମେରିକା ସେୟାର ବଜାର ଧରାଶାୟୀ ହୋଇଯାଇଛି। କ୍ରମାଗତ ଚତୁର୍ଥ ସପ୍ତାହରେ ସେୟାର ବଜାରରେ ହ୍ରାସ ଦେଖା ଦେଇଛି। ଏସଆଣ୍ଡପି୫୦୦ ଇଣ୍ଡେକ୍ସ ଗତ ସପ୍ତାହରେ ୨.୫୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଏହା ଦ୍ୱାରା ବଜାର ପୁଞ୍ଜି ୧ ଟ୍ରିଲିୟନ ଡଲାରରୁ ଅଧିକ ▶ପୃଷ୍ଠା-୭



**ମାସକରେ ବୁଡ଼ିଲାଣି ୨୮୨ ଲକ୍ଷ କୋଟି**

## ଗାଧୋଇବା ବେଳେ ବୁଡ଼ିଗଲେ ଯୁବକ

**କଳମପୁର, ୨୧ା୩(ସମିସ):** ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲକୁ ଗାଧୋଇବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। କଳମପୁର ଥାନା ପାତ୍ରବସା ଗ୍ରାମର ପଦ୍ମଲୋଚନ ନାଏକଙ୍କ ପୁଅ ପିଙ୍କୁ(୩୫) ଓରଫ ଝସକେତନ ନାଏକ ଶନିବାର ସକାଳରୁ ନିଜ ଭାଇସହିତ ପାତ୍ରବସା ଶିବମନ୍ଦିର ନିକଟସ୍ଥ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲକୁ ଗାଧୋଇବାକୁ ଯାଇଥିଲେ। ପିଙ୍କୁଙ୍କ ଭାଇ କେନାଲର ବିପରିତ ପାର୍ଶ୍ୱରେ ଶୌଚ ହେବାକୁ ଯାଇଥିବା ବେଳେ ପିଙ୍କୁ କେନାଲରେ ବୁଡି ଯାଇଥିଲେ। ଖବର ପାଇ କଳମପୁର ପୁଲିସ ଓ ଦମକଳବାହିନୀ ପହଞ୍ଚି ଖୋଜାଖୋଜି କରି ପାଣି ଭିତରୁ ମୃତଦେହ ଉଦ୍ଧାର କରାଯାଇ କଳମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା, ଡାକ୍ତର ମୃତ ଘୋଷଣା କରିବା ପରେ ବ୍ୟବଚ୍ଛେଦ ପାଇଁ ଜୟପାଟଣା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା, ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଥାନା ଏଏସ୍ଆଇ ଶିବ ଶଙ୍କର ମହାନ୍ତି ଅପମୃତ୍ୟୁ ମାମଲା ପଞ୍ଜିକୃତ କରି ଘଟଣାର ଅନୁଧ୍ୟାନ କରିଛନ୍ତି।

## କେଜିବିଭିରେ ନାମଲେଖା ପାଇଁ ବୁଲିଲା ପ୍ରଚାର ରଥ

**ନୂଆପଡ଼ା, ୨୧ା୩(ସମିସ):** ନୂଆପଡ଼ାର ଅଗ୍ରଣୀ ବିଦ୍ୟାଳୟ ସରକାରୀ କସ୍ତୁରବାଗାନ୍ଧୀ ବାଳିକା ବିଦ୍ୟାଳୟ ପାଇଁ ନାମଲେଖା ସକାଶେ ପ୍ରଚାର ରଥ ବାହାରିଛି।ସ୍ଥାନୀୟ ବିଦ୍ୟାଳୟ ପରିସରରେ ଆନୁଷ୍ଠାନିକ ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦମୟନ୍ତୀ ରାଉତ ପୂଜାର୍ଚ୍ଚନା ପରେ ପ୍ରଚାର ରଥକୁ ଶୁଭ ଦେଇଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ନୂଆପଡ଼ା ବ୍ଲକର କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ତଫସିଲଭୁକ୍ତ ଜନଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ/ପଛୁଆବର୍ଗ/ ସାଧାରଣ ବର୍ଗର ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ବାଳିକା ଏବଂ ସାମାଜିକ, ସାଂସ୍କୃତିକ/ ଅର୍ଥନୈତିକ/ ଭୌଗୋଳିକ ଓ ଅନ୍ୟାନ୍ୟ ପ୍ରତିବନ୍ଧକ ସକାଶେ ଅଧାରୁ ପାଠପଢ଼ା ଛାଡିଥିବା ବାଳିକା ଦୀର୍ଘ ଦିନ ଧରି ସ୍କୁଲରେ ଅନୁପସ୍ଥିତ ଥିବା ବାଳିକା ସ୍କୁଲରେ ଆଦୌ ନାମଲେଖାଇ ନଥିବା ୧୦ ବର୍ଷ ବୟସରୁ ଅଧିକ ବାଳିକାଙ୍କ ପାଇଁ ୬ଷ୍ଠ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଆସନ୍ତା ଏପ୍ରିଲ ମାସ ୧ ତାରିଖ ଠାରୁ ୧୦ ତାରିଖ ଯାଏଁ ଦରଖାସ୍ତ ଗ୍ରହଣ କରାଯିବ ବୋଲି ବିଦ୍ୟାଳୟ ମୁଖ୍ୟ କହିଛନ୍ତି। ରଥ ନୂଆପଡ଼ା ବ୍ଲକର ବିଭିନ୍ନ ଗାଁକୁ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।

## ନୂତନ ପାଠ୍ୟପୁସ୍ତକ ପ୍ରବୋଧନ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ

**କୋକସରା, ୨୧ା୩(ସମିସ):** କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧିନରେ ଥିବା ମାଝିଗୁଡା ମହାଗାନ୍ଧୀ ଉଚ୍ଚ ବିଦ୍ୟାଳୟଠାରେ ଗତ ପାଞ୍ଚ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଓ ନୂତନ ପାଠ୍ୟପୁସ୍ତକ ସଞ୍ଚାଳନ ପ୍ରଶିକ୍ଷଣ ଶିବିର 'ପ୍ରବୋଧନ'କାର୍ଯ୍ୟକ୍ରମ ଉଦ୍ଯାପିତ ହୋଇଛି। ସମଗ୍ର ଶିକ୍ଷା କଳାହାଣ୍ଡି ପକ୍ଷରୁ ଚାଲିଥିବା ଉଦ୍ଯାପିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତକିଶୋର ଦାସ ସଭାପତିତ୍ୱ କରିଥିଲେ। ଏଥିରେ କୋକସରା ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ବିଆରସିସି ତୋଫାନ ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଲିମ ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରବୋଧନ ପାଠ୍ୟକ୍ରମ ନୂତନ ମାର୍ଗଦର୍ଶିକାକୁ ସଠିକ ଭାବେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନରେ ପଢ଼ାଇବାକୁ ପରାମର୍ଶ ଦେଇଥିଲେ। ଏହା ବ୍ୟତୀତ ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଉଚ୍ଚ ବିଦ୍ୟାଳୟ, ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶିବିରରେ ସଫଳତାର ସହ ତାଲିମ ନେଇଥିବା ନେଇ ମାନପତ୍ର ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ତାଲିମ୍ ଶିବିର

**ମ.ରାମପୁର, ୨୧ା୩(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଦୁର୍ଗାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜନ ଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ତାଲିମ୍ ଶିବିର ଉଦ୍ଘାଟିତ ହୋଇଯାଇଛି।ମ.ରାମପୁର ତହସିଲ୍ଦାର ମୀମାଂସା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତାଲିମ୍ ଶିବିରର ଉଦ୍ଘାଟନୀ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ଜନଗଣନା ଅଭିଯାନର ମୁଖ୍ୟ ସୌରଭ ତିୱାରୀ ଯୋଗ ଦେଇଥିବା ବେଳେ ଅତିରିକ୍ତ ତହସିଲ ଦାର୍ ଶମ୍ଭୁ ପ୍ରସାଦ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଅଧ୍ୟକ୍ଷ ଶ୍ରୀମତୀ ସାହୁ ଜନଗଣନା ୨୦୨୭ ପ୍ରଥମ କରି ଡିଜିଟାଲ ପ୍ରକ୍ରିୟାରେ କରାଯିବ ଏବଂ ସମସ୍ତେ ନିଷ୍ଠା ଓ ଆନ୍ତରିକତାର ସହ ଦାୟିତ୍ୱ ନିର୍ବାହ କରିବେ ବୋଲି ସୂଚନା ଦେଇଥିଲେ।ଭୂପେନ୍ଦ୍ର ବେଶ୍ରା, ଗୋବିନ୍ଦ ପଧାନ ତାଲିମ୍ ପ୍ରଦାନ କରିଥିଲେ।ତାଲିମ୍ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ।ପ୍ରଥମ ପର୍ଯ୍ୟାୟରେ ୧୬ ଏପ୍ରିଲ ୨୦୨୬ ରୁ ୧୫ ମଇ ୨୦୨୬ ଯାଏ ଗୃହ ଗଣନା କରାଯିବ, ୨୦୨୭ ଫେବୃଆରୀ ୯ରୁ ୨୮ ଯାଏ ଜନଗଣନା ଚାଲିବ ବୋଲି ସରକାର ଦିନ ଧାର୍ଯ୍ୟ କରିଛନ୍ତି। ପ୍ରଥମ କରି କମ୍ପ୍ୟୁଟରୀକରଣ ତଥା ଡିଜିଟାଲ ମୋଡ଼ରେ କରାଯିବ। ଏଥିପାଇଁ ମ.ରାମପୁର ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଅଭିଜ୍ଞ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ନେଇ ତାଲିମ ଆରମ୍ଭ ହୋଇଛି। ତାଲିମ୍ ଶିବିର ପରିଚାଳନାରେ ତହସିଲ୍ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରୁଛନ୍ତି।

## କାଳୀକୃଷ୍ଣ ସଂଘର ମହାବିଷ୍ଣୁଯଜ୍ଞ ଉଦ୍ଯାପିତ

**ଜୁନାଗଡ଼, ୨୧ା୩(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ନକଟିଗୁଡା ଠାରେ ଗତ ୧୭ତାରିଖରୁ ଚାଲିଥିବା କାଳୀକୃଷ୍ଣ ସଂଘର ନବକୁଣ୍ଡିୟ ବିଶ୍ୱଶାନ୍ତି ମହାବିଷ୍ଣୁଯଜ୍ଞ ଉଦ୍ଯାପିତ ହୋଇଛି। ସଂଘ ପରିଚାଳକ ସ୍ୱାମୀ ଜଗଦାନନ୍ଦଜୀ ସରସ୍ୱତୀ ମହାରାଜଙ୍କ ତତ୍ତ୍ୱାବଧାନରେ ଯଜ୍ଞକାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ଅବସରରେ ଜଗଦାନନ୍ଦଜୀ ମହାରାଜଙ୍କ ଲିଖିତ ପୁସ୍ତକ 'ମନ୍ଥନ'ଓ 'ଆନନ୍ଦ ହିଁ ଆନନ୍ଦ'ର ଇଂରାଜୀ ଅନୁବାଦ ପୁସ୍ତକ ଉନ୍ମୋଚନ କରାଯାଇଥିଲା ବେଳେ ୪ଟି ନୂତନ କାଳୀକୃଷ୍ଣ ଭଜନର ମଧ୍ୟ ଶୁଭ ଉନ୍ମୋଚନ ହୋଇଥିଲା। ଯଜ୍ଞ ପାଇଁ ଗତ ୪ଦିନ ଧରି ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ବେଳେ ଯଜ୍ଞସ୍ଥଳରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।କାଳୀକୃଷ୍ଣ ସଂଘର ଆଚାର୍ଯ୍ୟ, ମୁଖ୍ୟ ସଂଘ, କାଳୀକୃଷ୍ଣ ବାହିନୀ, ପ୍ରଜ୍ଞା ବାହିନୀ, ମିଡିଆସେଲ, ଶିଷ୍ୟ ଶିଷ୍ୟା ଓ ନକଟିଗୁଡା ଗ୍ରାମବାସୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ପରିଚାଳନାରେ ସହଯୋଗ କରିଥିଲେ।

## କସ୍ତୁରବାଗାନ୍ଧୀ ବାଳିକା ବିଦ୍ୟାଳୟର ନାମଲେଖା ଅଭିଯାନ

**କୋମନା, ୨୧ା୩(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପକ୍ଷରୁ 'ନାମଲେଖା ଅଭିଯାନ' ଶୁଭାରମ୍ଭ ହୋଇଯାଇଛି। ବିଦ୍ୟାଳୟରୁ ବାଦ୍ ପଡ଼ିଥିବା କନ୍ୟା ସନ୍ତାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏହି ସଚେତନତା ରଥ ଗାଁକୁ ଗାଁ ପରିକ୍ରମା କରିବାକୁ ପ୍ରସ୍ତୁତ ହୋଇଛି।ପ୍ରଧାନ ଶିକ୍ଷୟତ୍ରୀ ସଂଘମିତ୍ରା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ରହି ଏକ ସଜ୍ଜିତ ପ୍ରଚାର ଗାଡ଼ି ସମ୍ମୁଖରେ ମଙ୍ଗଳ କଳସ ସ୍ଥାପନ କରିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ସଚେତନତା ରଥର ଶୁଭ ଉଦ୍ଘାଟନ କରାଯାଇଥିଲା। ଅଭିଯାନର ମୂଳ ଲକ୍ଷ୍ୟ।କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ବିଶେଷ କରି ଅନଗ୍ରସର ଓ ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷାରୁ ବଞ୍ଚିତ ହେଉଥିବା ଝିଅମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଇଥାଏ। ଅଭିଯାନ କାର୍ଯ୍ୟକ୍ରେ ୱାର୍ଡେନ ପ୍ରଭାତି ସିଂ, ଆକାଉଣ୍ଟାଣ୍ଟ ନିବେଦିତା ପାଣିଗ୍ରାହୀ ସମେତ ନୀଳିମା ପ୍ରଧାନ, ଗୀତାଞ୍ଜଳି ରାଉତରାୟ, ଲତିକା ସ୍ୱାଇଁ, ଓ ସରସ୍ୱତୀ ହୋତା ପ୍ରମୁଖ ସାମିଲ ହୋଇଥିଲେ।

# ସ୍ଥିତି ସମାନ, ବିଚାରରେ ଭିନ୍ନତା

### ପିଏମ୍ ଜନମନ ଯୋଜନା

**ଲାଞ୍ଜିଗଡ଼, ୨୧ା୩(ସମିସ)**

କଳାହାଣ୍ଡି ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳ ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତି ଶ୍ରେଣୀଙ୍କ ଜୀବନ ଜୀବିକା ପାଇଁ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ଜନଜାତି ମହାନ୍ୟାୟ ଅଭିଯାନ। ସଂକ୍ଷେପରେ ଯାହାକୁ ପ୍ରଧାନମନ୍ତ୍ରୀ ଜନମନ ଯୋଜନା କୁହାଯାଉଛି। ଏହି ଯୋଜନା ଅଧୀନରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ୬୧୪୦ଟି ଆଦିମ ଆଦିବାସୀ ପରିବାରକୁ ଆବାସ ଯୋଜନାରେ ଘର ଯୋଗାଇ ଦିଆଯାଇଛି। ୨୨ ଜାନୁଆରୀ ୨୦୨୬ ସୁଦ୍ଧା ଲାଞ୍ଜିଗଡ଼ ବ୍ଲକର ୨୬ଟି ପଞ୍ଚାୟତରେ ସମୁଦାୟ ୬୧୪୦ଟି ଗୃହ ମଞ୍ଜୁର ହୋଇଛି। ସେଥିମଧ୍ୟରୁ ୬୦୬୧ ଜଣ ହିତାଧିକାରୀ ପ୍ରଥମ କିସ୍ତି ପାଇ ସାରିଛନ୍ତି। ସେହିପରି ୫୬୧୯ ଜଣ ହିତାଧିକାରୀଙ୍କୁ ଦ୍ୱିତୀୟ କିସ୍ତି, ୩୭୯୧ ଜଣଙ୍କୁ ତୃତୀୟ କିସ୍ତି, ୨୪୧୯ ଜଣ ହିତାଧିକାରୀଙ୍କୁ ଚତୁର୍ଥ କିସ୍ତି ମିଳିସାରିଛି। ସେହିପରି ସମୁଦାୟ ୩୨୧୪ଟି ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। କଳାହାଣ୍ଡି ଭଳି ଦୁର୍ଗମ ଆଦିବାସୀ ଅଞ୍ଚଳରେ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ନୀତି ଦଶନ୍ଧି ଦଶନ୍ଧି ଧରି ଲାଞ୍ଜିଗଡ଼ର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ଆଦିମ ଜନଜାତି ପରିବାରଗୁଡ଼ିକ

**ଲାଞ୍ଜିଗଡ଼ ବ୍ଲକ୍ ର ୬୧୪୦ ପରିବାରକୁ ପକ୍କାଘର**

**ଅନୁସୂଚିତ ଜାତି ପରିବାରକୁ ସାମିଲ ଦାବି**

ଅସୁରକ୍ଷିତ ଅବସ୍ଥାରେ ରହୁଥିଲେ। 'ପିଏମ୍-ଜନମନ' ମାଧ୍ୟମରେ ଆଜି ସେମାନଙ୍କୁ ପକ୍କା ଘର, ସମ୍ମାନ ଏବଂ ଉନ୍ନତ ଭବିଷ୍ୟତ ପାଇଁ ଏକ ନୂତନ ଆଶା ସଞ୍ଚାର କରିଛି। ଲାଞ୍ଜିଗଡ଼ର ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ କିଛି ଅନୁସୂଚିତ ଜନଜାତିଙ୍କ ଭଳି ଅନୁସୂଚିତ ଜାତି ସମ୍ପ୍ରଦାୟର ଲୋକେ ମଧ୍ୟ ପିଢ଼ି ପିଢ଼ି ଧରି ବସବାସ କରିଆସୁଛନ୍ତି। ସେମାନଙ୍କର ସାମାଜିକ-ଅର୍ଥନୈତିକ ସ୍ଥିତି, ଭୌଗୋଳିକ ବିଚ୍ଛିନ୍ନତା ଏବଂ ଜୀବନଧାରଣର ଶୈଳୀ ପ୍ରାୟତଃ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ସହିତ ସମାନ। ଏହି ବାସ୍ତବିକତାକୁ ବିଚାର କରି ସରକାର ଏକ ଉପଯୁକ୍ତ ଅଧ୍ୟୟନ ବା ନୀତି ସମୀକ୍ଷା ଆରମ୍ଭ କରିବା ସହିତ ଏପରି ସମାନ ସ୍ଥିତିରେ ଥିବା ଅନୁସୂଚିତ ଜାତି ସମ୍ପ୍ରଦାୟକୁ ମଧ୍ୟ ଏହି ବ୍ୟାପକ କଲ୍ୟାଣକାରୀ ଯୋଜନାର ପରିସରଭୁକ୍ତ କରିବାକୁ ଅନୁରୋଧ କରିଛନ୍ତି ଡ. ନିଆଲ। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟାଳୟ ସହିତ କେନ୍ଦ୍ର ଆଦିବାସୀ ମନ୍ତ୍ରୀ ଜୁଏଲ ଓରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ଆଦିବାସୀ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପ୍ରତିଲିପି ପ୍ରଦାନ କରିଛନ୍ତି।ଏ ସମ୍ପର୍କିତ ଦାବିପତ୍ର ସେ କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ପ୍ରେରଣ କରିଥିବା ଜଣାପଡ଼ିଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ବୈତୁରା ଦୀପ ଦାବିପତ୍ର ଗ୍ରହଣ କରିଥିଲେ।

## ଉକ୍ରେଲା ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ରରେ ତାଲା



**ଭବାନୀପାଟଣା/କେସିଙ୍ଗା, ୨୧ା୩(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଉକ୍ରେଲା ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ରରେ ଦୀର୍ଘ ଦିନ ହେଲା ତାଲା ପଡ଼ିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦ୍ରରେ ନିୟୋଜିତ ଥିବା ଏଲ୍ଆଇ ସହାୟକ କେନ୍ଦ୍ରକୁ ଆସିବା କେହି କେବେ ବି ଦେଖି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆବଶ୍ୟକ ବେଳେ କେନ୍ଦ୍ରରେ ନିଯୁକ୍ତ ଥିବା ପିଅନ ନିଜ ଇଚ୍ଛାରେ ଆସି ଗାଁ ଗାଁ ବୁଲି ଚିକିତ୍ସା କରିଥାନ୍ତି। ଉକ୍ରେଲା ପଞ୍ଚାୟତ, ଗୋକୁଳେଶ୍ୱର ଓ ଦେଓଗାଁ ପଞ୍ଚାୟତର ଚାଷୀମାନେ ଏହି ପ୍ରାଣୀ ସମ୍ପଦ ସହାୟକ କେନ୍ଦ୍ରରେ ନିର୍ଭରଶୀଳ ଅଛନ୍ତି।କେନ୍ଦ୍ର ସହାୟକ ଅନୁପସ୍ଥିତ ରହିବା ଓ ପିଅନ ନିଜ ମର୍ଜିରେ ସହାୟକ କେନ୍ଦ୍ରକୁ ଆସୁଥିବାରୁ ଚାଷୀଙ୍କ ଗାଇଗୋରୁ, ଛେଳି ମେଣ୍ଢା ଚିକିତ୍ସା ନ ପାଇ ଅକାଳରେ ମୃତ୍ୟୁବରଣ କରୁଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗୋଷ୍ଠି ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ନୂଆପଡ଼ା ଜିଲ୍ଲା ଓକିଲ ସଂଘ ନିର୍ବାଚନ

## କ୍ଷିତିଶ ସଭାପତି, ପ୍ୟାରୀ ଲାଲ ସମ୍ପାଦକ



**ନୂଆପଡ଼ା, ୨୧ା୩(ସମିସ):** ନୂଆପଡ଼ା ଜିଲ୍ଲା ଓକିଲ ସଂଘ ନିର୍ବାଚନରେ କ୍ଷିତୀଶ ଅଶୋକ ବୋଧଙ୍କର ସଭାପତି ଏବଂ ପ୍ୟାରିଲାଲ ଦେୱାଙ୍ଗନ ସମ୍ପାଦକ ଭାବରେ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ରୂପେ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଯୁଗ୍ମସମ୍ପାଦକ ଭାବେ ନିତା ବାଗ ଏବଂ କୋଷାଧ୍ୟକ୍ଷ ଭାବେ ଯୋଗେଶ କୁମାର ସାହୁ ମନୋନୀତ ହୋଇଅଛନ୍ତି।

## ବିଜୁ ଜନତା ଦଳର ସାଂଗଠନିକ ବୈଠକ

**ଧର୍ମଗଡ଼, ୨୧ା୩(ସମିସ):** ଧର୍ମଗଡ଼ ବ୍ଲକସ୍ତରୀୟ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ଡାକେ ଲହଜଳଙ୍କ ସଭାପତିତ୍ୱରେ ବୈଠକ ଆୟୋଜିତ ହୋଇଥିଲା।ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିଧାୟକ ଓ ରାଜ୍ୟ ବରିଷ୍ଠ ସାଧାରଣସମ୍ପାଦକ ପୁଷ୍ପେନ୍ଦ୍ର ସିଂ ଦେଓ ଉପସ୍ଥିତ ରହି ସମସ୍ତ ମନୋନୀତ ପଦାଧିକାରୀଙ୍କୁ ସମ୍ମାନିତ କରିଥିଲେ।ବୈଠକରେ ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ହୀରା ବାଗ, ଜିଲ୍ଲା ଉପସଭାପତି ଥବିର ସାହୁ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ତିୱାରୀ, ବେଣୁଧର ନାଏକ ଓ ଲବଣୀ ଯାଦବ ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।ଆଗାମୀ ଦିନରେ ଦଳ ଓ ସଂଗଠନକୁ କିପରି ମଜବୁତ କରାଯିବ ବିସ୍ତୃତ ଆଲୋଚନା ସହ ପଞ୍ଚାୟତ ଓ ଏନଏସି ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ବୈଠକରେ ସମସ୍ତ ଜିଲ୍ଲାପରିଷଦ ସଦସ୍ୟ, ପଞ୍ଚାୟତ ସଭାପତି, ଛାତ୍ର ନେତା ଓ ମହିଳା କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶେଷରେ ସନ୍ତୋଷ ପାଢ଼ୀ ଧନ୍ୟବାଦ ଜ୍ଞାପନ କରିଥିଲେ।



## ଆଜି ମା'ଭଣ୍ଡାର ଘରଣୀଙ୍କ ଚୈତ୍ର ଯାତ୍ରା



**ଧର୍ମଗଡ଼, ୨୧ା୩(ସମିସ):** ଧର୍ମଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା'ଭଣ୍ଡାର ଘରଣୀଙ୍କ ଚୈତ୍ରଯାତ୍ରା ଆଜିଠାରୁ ଆରମ୍ଭ ହୋଇ ୨୪ ତାରିଖରେ ଶେଷ ହେବ। ଶନିବାର ସକାଳୁ ସ୍ଥାନୀୟ ଗୋନ୍ତିୟାଙ୍କ ଘରୁ ପୂଜାର୍ଚ୍ଚନା ପରେ ମାଆଙ୍କ ଘଟକୁ ତେନ୍ତୁଳିଆ ପଡ଼ାସ୍ଥିତ ମନ୍ଦିର ପୂଜକଙ୍କ ଘରକୁ ନେଇ ସେଠାରେ ପୂଜାର୍ଚ୍ଚନା ପରେ ମା'ଙ୍କ ଘଟନଗର ପରିକ୍ରମାରେ ବାହାରିଥାଏ। ମହିଳାମାନେ ନିଜ ଘର ଆଗରେ ଲିପା ପୋଛା କରିବା, ଝୋଟି ଦେଇ ମା'ଙ୍କ ସଦୃଶ କଳସ(ଘଟ)କୁ ବନ୍ଦାପନା କରି ସ୍ୱାଗତ କରିଥାନ୍ତି। ତିନି ଦିନ ଧରି ଗ୍ରାମ ପରିକ୍ରମା ପରେ ଆସନ୍ତା ମଙ୍ଗଳବାର ଦିନ ମା'ଙ୍କ ଘଟ ଯାତ୍ରା ଶେଷ ହେବ। ଧର୍ମଗଡ଼ର ଅଧୀଷ୍ଠାତ୍ରୀ ଦେବୀ ହେଉଛନ୍ତି ମା'ଭଣ୍ଡାର ଘରଣୀ। ମା' ଭଣ୍ଡାର ଘରଣୀଙ୍କ ଉପରେ ଅଞ୍ଚଳବାସୀଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ବର୍ଷ ତମାମ ଭକ୍ତମାନଙ୍କୁ ମା' ନିଜ ମନ୍ଦିରରେ ଦର୍ଶନ ଦେଉଥିବା ବେଳେ ମା'ଙ୍କ ଚୈତ୍ର ପର୍ବ ସମୟରେ ମା'ଙ୍କ ପ୍ରତିମା ସ୍ୱରୂପ ଘଟ (କଳସୀ) ମନ୍ଦିରରୁ ବାହାରି ନଗର ପରିକ୍ରମା ପୂର୍ବକ ଭକ୍ତଙ୍କ ଦୁଆର ମୂହଁରେ ଦର୍ଶନ ଦେଇଥାନ୍ତି। ମା'ଙ୍କ ଘଟ ତେନ୍ତୁଳିଆ ପଡ଼ା ଠାରୁ ବାହାରି ଆସନ୍ତା ୨୪ ତାରିଖ ମଙ୍ଗଳବାର ଦିନ ମା'ଙ୍କ ଚୈତ୍ର କାଳୀନ ଘଟ ଯାତ୍ରା ଶେଷ ହେବ।ଆୟୋଜକ କମିଟି ପକ୍ଷରୁ ରାତିରେ ଘୁମୁରା, ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମମାନ ରଖା ଯାଇଛି। ପ୍ରଶାସନିକ କଟକଣା ସତ୍ତ୍ୱେ ମା'ଙ୍କ ଚୈତ୍ର ଯାତ୍ରା ଶେଷଦିନ ମା'ଙ୍କ ପୀଠ ରକ୍ତ ରଞ୍ଜିତ ହୋଇଥାଏ। ବହୁ ସଂଖ୍ୟାରେ ମାନସିକଧାରୀ ଏଠାକୁ ଆସି ପଶୁ ଓ ପକ୍ଷୀ ବଳିଦେବାର ପରମ୍ପରା ରହିଆସିଛି।

## ମା'ଡୋକରୀ ଲୋକମହୋତ୍ସବ ଉଦ୍ଘାଟିତ

**ମ.ରାମପୁର, ୨୧ା୩(ସମିସ):** ଟାପରେଙ୍ଗ ଗଡ଼ର ଐତିହ୍ୟ ଓ ପରମ୍ପରା ଖୁବ୍ ପ୍ରାଚୀନ। ଏଇ ମାଟି ର ଇଷ୍ଟ ଦେବୀ ମା'ଡୋକରୀଙ୍କ ମହିମା ଅପାର ବୋଲି ୨ୟ ବର୍ଷ ମା'ଡୋକରୀ ଲୋକ ମହୋତ୍ସବର ଉଦ୍ଘାଟନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।ଆୟୋଜକ କମିଟିର ସଭାପତି ଯୋଗେନ୍ଦ୍ର ଧରୁଆଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମ.ରାମପୁର ରାଜା ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ବୁଧେନ୍ଦ୍ର ପ୍ରତାପ ସିଂହ ଦେଓ, ମୁଖ୍ୟବକ୍ତା ସାମ୍ବାଦିକ ଓ ସାହିତ୍ୟିକ ହେମନ୍ତ ସାହୁ, ସମ୍ମାନିତ ଅତିଥି ମ, ରାମପୁର ଖ:ଜିଲ୍ଲା ପରିଷଦ ସଦସ୍ୟା ମଞ୍ଜୁଲତା ଧରୁଆ, ମାଣି କେରା ସରପଞ୍ଚ ଫଗୁଣ ଧରୁଆ, ସମାଜସେବୀ ଯୋଗେନ୍ଦ୍ର ସେନାପତି, ଶିକ୍ଷକ ବିଶ୍ୱମ୍ବର ନାଏକ, ଅଶୋକ କୁମାର ତରିଆ, ଜିଲ୍ଲା ଆଦିବାସୀ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଘାସିରାମ ଧରୁଆ ମଞ୍ଚ ପରିଚାଳନା କରିଥିବା ବେଳେ ମହୋତ୍ସବ କମିଟିର ସମ୍ପାଦକ ହିମାଂଶୁ କୁମୁରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଭାପରେ ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସଦସ୍ୟ ମାନେ ସହଯୋଗ କରିଥିଲେ।



## ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ଭବାନୀପାଟଣା, ୨୧ା୩ (ସମିସ):** ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଡ.ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡ.ନିବେଦିତା ନାଥ ଓ ମୁଖ୍ୟବକ୍ତା ଭାବେ ସ୍ଥାନୀୟ ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ବିଶିଷ୍ଟ ଗବେଷକ ପରମେଶ୍ୱର ମୁଣ୍ଡ ଯୋଗଦେଇଥିଲେ। ବ୍ୟକ୍ତିତ୍ୱ, ପରିବାର, ସମାଜ ଓ ରାଷ୍ଟ୍ରର ମାନଦଣ୍ଡ ହିଁ ଶିକ୍ଷା। ମୁଖ୍ୟଅତିଥି ଡ.ନାଥ ଛାତ୍ରୀଙ୍କୁ ନିଜର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ସମାଜରେ ପ୍ରତିଷ୍ଠିତ ବ୍ୟକ୍ତି ହେବା ପାଇଁ ଉତ୍ସାହିତ କରିଥିଲେ। ମୁଖ୍ୟ ବକ୍ତା ଡଃ.ମୁଣ୍ଡ ଛାତ୍ରୀଙ୍କୁ ମାନବିକତାର ବାର୍ତ୍ତା ପ୍ରଦାନ କରିବା ସହ ଜଣେ ଜଣେ ଉତ୍ତମ ନାଗରିକ ହେବା ପାଇଁ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷ ଡ.ଜେନା ଛାତ୍ରୀମାନେ କିପରି ନିଜ ଲକ୍ଷ୍ୟ ହାସଲ କରିପାରିବେ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅଧ୍ୟାପକ ଶୁଭମ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ପରିଷଦ ଉପଦେଷ୍ଟା ଧୀରେଶ ଚନ୍ଦ୍ର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ପ୍ରତାପ ସେନାପତି ନାଟ୍ୟ ସଂସଦ ସଭାପତି ଧନ୍ୟବାଦ ପ୍ରଦାନ ଓ ଡ.ରାଧାରାଣୀ ନାୟକ ସହଯୋଗୀ ଉପଦେଷ୍ଟା ବାର୍ଷିକ ବିବରଣୀ ପଠନ କରିଥିଲେ।+୨ ସ୍ତରର ସାଂସ୍କୃତିକ ପରିଷଦ ଉପସଭାପତି ଡ.ସୁରେଶ୍ୱରୀ ବାଘ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନରେ ସାହାଯ୍ୟ କରିଥିଲେ। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପରିସରରେ ସମ୍ବିଧାନ ପ୍ରଣେତା ଡ.ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଥିଲା। ମହାବିଦ୍ୟାଳୟ ବାର୍ଷିକ ମୁଖପତ୍ର 'ମୂର୍ଚ୍ଛନା'ଓ ଅଧ୍ୟକ୍ଷ ଡଃ.ଜେନାଙ୍କ ରଚିତ ପୁସ୍ତକ'ସ୍ୱାଧୀନୋତ୍ତର କାଳରେ ପ୍ରାଚୀନ ଓଡ଼ିଶାର ଇତିହାସ ଲିଖନୀ କଳା'ଉନ୍ମୋଚିତ ହୋଇଥିଲା। ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ଓ ନାଟକ 'ହକଦାର 'ମଞ୍ଚସ୍ଥ ହୋଇଥିଲା।




### ନୂଆପଡ଼ାରେ ଡୁଡା ସମୀକ୍ଷା ବୈଠକ

# ରାଜସ୍ୱ ସଂଗ୍ରହରେ ଉନ୍ନତି ପାଇଁ ଗୁରୁତ୍ୱ

**ନୂଆପଡ଼ା, ୨୧ା୩(ସମିସ)**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ନଗରଉନ୍ନୟନସଂସ୍ଥା (ଡୁଡା) ର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ତିନୋଟି ଏନ୍ଏସି ନୂଆପଡ଼ା, ଖଡିଆଳ ଓ ଖରିଆରରୋଡର କାର୍ଯ୍ୟାବଳୀ ସମୀକ୍ଷା ସହିତ ରାଜସ୍ୱ ସଂଗ୍ରହ, ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ, ପିଏମଏୱାଇ (ନଗର) ଓ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (ଏମଏସବିୱାଇ) ର କାର୍ଯ୍ୟାନ୍ୱୟନ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲା ମୁଖ୍ୟଉନ୍ନୟନ ଅଧିକାରୀ ତଥା ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଲମ୍ବୋଦର ଧରୁଆ ବିଭିନ୍ନ ଏନ୍ଏସିର କାର୍ଯ୍ୟ ପ୍ରଗତି ଓ ଆର୍ଥିକ ତଥ୍ୟ ଉପସ୍ଥାପନ କରିଥିଲେ।୨୦୨୫ ୨୬ ଆର୍ଥିକ ବର୍ଷ ପାଇଁ ରାଜସ୍ୱ ସଂଗ୍ରହ ସମୀକ୍ଷାରେ ହୋଲ୍ଡିଂ ଟ୍ୟାକ୍ସ ଆଦାୟରେ ଖଡିଆଳ ଏନ୍ଏସି ପ୍ରାୟ ୯୯.୦୩ ପ୍ରତିଶତ ସଫଳତା ହାସଲ କରିଥିବା ବେଳେ ନୂଆପଡ଼ା ୯୦.୦୩ ପ୍ରତିଶତ ଓ ଖରିଆରରୋଡ ୯୦.୯ ପ୍ରତିଶତ ସଫଳତା ହାସଲ କରିଛି। ଏନ୍ଏସି ସମ୍ପତ୍ତି ଭଡାରେ ଖଡିଆଳ ୮୬.୭୪ ପ୍ରତିଶତ ଓ ନୂଆପଡ଼ା ୪୭.୮୩ ପ୍ରତିଶତ ଆଦାୟ କରିଛି।ବ୍ୟବସାୟ ଲାଇସେନ୍ସ ଆଦାୟରେ ମଧ୍ୟ ସନ୍ତୋଷଜନକ ପ୍ରଗତି ଦେଖାଯାଇଛି। ସମୁଦାୟ ରାଜସ୍ୱ ସଂଗ୍ରହରେ ଖଡିଆଳ ୭୬.୬୭ ପ୍ରତିଶତ, ନୂଆପଡ଼ା ୭୬.୧୦ ପ୍ରତିଶତ ଓ ଖରିଆର ରୋଡ ୯୨.୭୦ ପ୍ରତିଶତ ସଫଳତା ରହିଛି।



ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ଅଧୀନରେ ସମସ୍ତ ୱାର୍ଡରେ ଡୋର୍-ଟୁ-ଡୋର ବର୍ଜ୍ୟ ସଂଗ୍ରହ କାର୍ଯ୍ୟ ସୁଚାରୁ ଭାବେ ଚାଲୁଥିବା ବେଳେ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ ଓ ପ୍ରକ୍ରିୟାକରଣରେ ମଧ୍ୟ ଉନ୍ନତି ଦେଖାଯାଇଛି।ପିଏମଏୱାଇ (ନଗର) ଅଧୀନରେ ଘର ନିର୍ମାଣ କାର୍ଯ୍ୟରେ ଗତି ଆସିଥିବାବେଳେ ଅସମ୍ପୂର୍ଣ୍ଣ ଘରଗୁଡ଼ିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏମଏସବିୱାଇ ଯୋଜନାରେ ବିଭିନ୍ନ ପ୍ରକଳ୍ପର ଅନୁମୋଦନ, ଟେଣ୍ଡର ଓ କାର୍ଯ୍ୟାନ୍ୱୟନ ଅବସ୍ଥା ସମୀକ୍ଷା କରାଯାଇଥିଲା। ଅନୁମୋଦିତ ପ୍ରକଳ୍ପଗୁଡ଼ିକରେ ଶୀଘ୍ର କାମ ଆରମ୍ଭ କରି ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜୋର ଦିଆଯାଇଥିଲା। ମଲ୍ଟି ପର୍ପୋଜ ହଲ ନିର୍ମାଣ କାର୍ଯ୍ୟରେ ଅଧିକାଂଶ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ବେଳେ କେତେକ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଥିବା ତଥ୍ୟ ବୈଠକରେ ଉପସ୍ଥାପିତ ହୋଇଥିଲା। ଜିଲ୍ଲାପାଳ ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ରାଜସ୍ୱ ସଂଗ୍ରହରେ ୧୦୦ପ୍ରତିଶତ ଲକ୍ଷ୍ୟ ପ୍ରାପ୍ତି, ସହରମାନଙ୍କର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣରେ ଅଗ୍ରଗତି ଆଣିବା ସହିତ ଯୋଜନାମାନଙ୍କର ସଫଳ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ଗୁରୁତ୍ୱ ଦେଇଥିଲେ। ବୈଠକରେ ନୂଆପଡ଼ା ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ଦୀପ କୁମାର ଚନ୍ଦ୍ରକାର, ଖଡିଆଳ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା, ଖରିଆରରୋଡ ଏନ୍ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କମଳାସନ ରଥଙ୍କ ସହ ନଗର ଉନ୍ନୟନ ଓ ବିଭିନ୍ନ ବିଭାଗର ସମ୍ପୃକ୍ତ ଅଧିକାରୀମାନେ ଯୋଗ ଦେଇଥିଲେ।

## ଦେପୁରରେ ୨ ମାସ ହେଲା ପାନୀୟ ଜଳ ବନ୍ଦ

**କଳମପୁର, ୨୧ା୩ (ସମିସ):** କଳମପୁର ବ୍ଲକ ଦେପୁର ପଞ୍ଚାୟତ ସଦର ମହକୁମାରେ ପାଇପ ପାଣି ଯୋଗାଣ ଦୁଇମାସ ହେଲା ବନ୍ଦ ପଡ଼ିଛି। ଫଳରେ ଦେପୁର ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହିତ ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ପନ୍ଥା ଆପଣାଇବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି। ଦେପୁର ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ସରକାର ଏକ ଓଭରହେଡ ଟ୍ୟାଙ୍କ ନିର୍ମାଣ କରି ଦେଇଛନ୍ତି। ହାତୀ ନଦୀରୁ ପାଣି ଆସି ଟ୍ୟାଙ୍କରେ ଜମା ପରେ ପାଇପ୍ ଯୋଗେ ପାଣି ଯୋଗାଣ ହେଉଥିଲା। ସେହି ସ୍ଥାନରୁ ଲିଜ ନେଇ ବାଲି ଉତ୍ତୋଳନ କରାଯାଉଛି, ଫଳରେ ବାଲି ପରିବହନ ଗାଡି ଚାପରେ ପାଣି ପାଇପ ଫାଟି ଯାଉଥିବାରୁ ପାଣି ଯୋଗାଣ ବାଧାପ୍ରାପ୍ତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଏନେଇ ଦେପୁରବାସୀ ସରପଞ୍ଚ, ବିଡ଼ିଓ, ସମ୍ପୃକ୍ତ ବିଭାଗ ସମେତ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ହେଲେ ଏଯାଏଁ ସୁଫଳ ମିଳିନାହିଁ, ଏନେଇ ସରପଞ୍ଚ ଟ୍ୱିଙ୍କଲ ପାତ୍ର ଆମେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛୁ, ପ୍ରତିଶ୍ରୁତି ମିଳିଛି ହେଲେ କାର୍ଯ୍ୟକାରୀ ହୋଇ ପାରିନାହିଁ ବୋଲି କହିଛନ୍ତି। ଏନେଇ କଳମପୁର ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ପ୍ରଦିପ କୁମାର ଖିଲାର କୁହନ୍ତି ସମସ୍ୟା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ। ଏକ ସପ୍ତାହ ମଧ୍ୟରେ କାମ ଆରମ୍ଭ ହେବ ବୋଲି କହିଛନ୍ତି। ଏଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ମହଲରେ ଦାବି ହେଉଛି।

## ଅମଡା ଗାଁ ଲିଟିବୁଣ୍ଡେଲ

# ବିଜୁଳି ଓ ପାନୀୟ ଜଳ ସ୍ୱପ୍ନ

**ଲାଞ୍ଜିଗଡ଼, ୨୧।୩(ସମିସ)**

ବଣପାହାଡ଼ ଭିତରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି କିଭଳି ଦୟନୀୟ ଅବସ୍ଥାରେ ରହୁଛନ୍ତି ଆଖିରେ ନଦେଖିଲେ ବିଶ୍ୱାସ କରିହେବନାହିଁ। ସ୍ଥାନୀୟ ପ୍ରଶାସନ ପାଇଁ ଏହି ଗାଁ ସତେ ଯେମିତି ଅମଡ଼ା ବାଟ ହୋଇଛି। ଏଠାରେ କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତ ଅନୁସୂଚିତ ଜନଜାତି ଓ ଅନୁସୂଚିତଜାତି ଗାଁ ଲିଟିବୁଣ୍ଡେଲର ବ୍ୟଥା ବଖାଣୁଛୁ। ୧୨୦ଟି ପରିବାର ରହୁଥିବା ୭ ଶହରୁ ଉର୍ଦ୍ଧ୍ୱ? ଜନସଂଖ୍ୟା ବିଶିଷ୍ଟ ଏହି ଗାଁ ସମସ୍ୟା କାହିଁରେ କେତେ।ପଞ୍ଚାୟତ ମୁଖ୍ୟାଳୟରୁ ଏହି ଗାଁ ମାତ୍ର ୧୨ କି:ମି ଦୂରରେ ରହିଛି ଏହି ଗାଁ। ୧୦୦ ବର୍ଷ ହେବ ବସବାସ କରୁଥିବା ଗ୍ରାମବାସୀଙ୍କ ମୁଖ୍ୟ ସମସ୍ୟା ହେଉଛି ପାନୀୟ ଜଳ।ଗ୍ରାମରେ ୨ଟି ନଳକୂପ ରହିଛି। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଠିକ ଭାବେ ପାଣି ବାହାରୁନାହିଁ। ତେଣୁ ଗ୍ରାମ ନିକଟସ୍ଥ ଝରଣାର ୨ ପାଖରେ କୁଣ୍ଡ କରି ସେଠାରୁ ବାହାରୁଥିବା ପାଣିକୁ ପାନୀୟଜଳ ରୂପେ ବ୍ୟବହାର କରୁଛନ୍ତି। ବର୍ଷା ଦିନେ ପାଣି ଗୋଳିଆ ହୋଇଯାଉଛି।ଖରାଦିନେ ଝରଣା ପାଣି ଶୁଖିଯାଉଛି। ଉକ୍ତ ଝରଣା ପାଣିକୁ ବନ୍ୟଜନ୍ତୁ, ଗୃହପାଳିତ ପ୍ରାଣୀ ବି ବ୍ୟବହାର କରିଥାନ୍ତି। ଗ୍ରାମବାସୀ ଉକ୍ତ ଦୂଷିତ ପାଣିକୁ ବ୍ୟବହାର କରୁଥିବାରୁ ଅନେକ ରୋଗର ଶିକାର ହେଉଥିବା ଅଭିଯୋଗ ହେଉଛି। ଗାଁରେ ପାନୀୟଜଳର ସୁବିଧା ପାଇଁ ବାରମ୍ବାର ସରପଞ୍ଚ ଓ ବ୍ଲକ ପ୍ରଶାସନକୁ ଜଣାଇବା ପରେ ୨୦୨୩ ମସିହାରେ ଗାଁରେ ଜଳ ଯୋଗାଣ ପାଇଁ ୨ଟି ଭୂତଳ ନଳକୂପ ଖୋଳା ଯାଇଛି।ଗାଁରେ ଜଳ ଯୋଗାଣ ବିଳମ୍ବ ନେଇ ଗ୍ରାମବାସୀ ବ୍ଲକ ଜଳ ଯୋଗାଣ ଦାଇତ୍?ରେ ଥିବା କନିଷ୍ଠ ଯନ୍ତ୍ରୀ ଦଶମନ୍ତ ମାଝୀଙ୍କୁ ୨୦୨୪ ଏପ୍ରିଲ ୪ ତାରିଖ ଦିନ ଯୋଗାଯୋଗ କରିଥିଲେ। ଏହାପରେ ଯନ୍ତ୍ରୀ ଶ୍ରୀ ମାଝୀ ଠିକାଦାରଙ୍କ ସହିତ ଯୋଗାଯୋଗ କରି ଆସନ୍ତା ଏହି ୧୦ ଦିନ ମଧ୍ୟରେ ସେମାନେ ଆସି ଗୋଟିଏ ବଡ ଟାଙ୍କି କାମ ଆରମ୍ଭ କରିବେ ବୋଲି କହିଥିଲେ।କିନ୍ତୁ ଏହାପରେ ଦାଇତ୍? ନେଇଥିବା ଠିକାଦାର ଓ ପ୍ରଶାସନିକ ଅଧିକାରୀଙ୍କ ଯୋଗାଯୋଗ ଅଭାବ ଯୋଗୁଁ ବିଳମ୍ବରେ ୨୦୨୫ ମସିହାରେ ଗାଁରେ ନୂତନ ଭାବେ ବସୁଧା ପାଣି ଟାଙ୍କି ନିର୍ମାଣ ହୋଇଥିଲା। କିନ୍ତୁ ଆଜି ପର୍ଯ୍ୟନ୍ତ ସେଠାରେ ମୋଟର ସଂଯୋଗ ହୋଇନାହିଁ। ଯାହା ଫଳରେ ଗ୍ରାମବାସୀ ପାନିୟ ଜଳ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ପ୍ରକାଶ କରିଛନ୍ତି।ଏହି ଗ୍ରାମରେ ବିଦ୍ୟୁତ ସଂଯୋଗ ପାଇଁ ବାରମ୍ବାର ଅଭିଯୋଗ ପରେ ୨୦୧୨ ମସିହାରେ ବିଦ୍ୟୁତ ସଂଯୋଗ ପାଇଁ ଖୁଣ୍ଟ ପୋତା ହୋଇଛି। କିନ୍ତୁ ଆଜି ପର୍ଯ୍ୟନ୍ତ ୧୪ ବର୍ଷ ହେଲା ବିଦ୍ୟୁତ ସଂଯୋଗ ହୋଇନାହିଁ।ବିକଶିତ ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଜରୁରୀକାଳୀନ ମୋବାଇଲ ସେବାରୁ ବଞ୍ଚିତ ରହି ଅନ୍ଧାରରେ ଦିନ କାଟୁଥିବା ପ୍ରକାଶ କରିଛନ୍ତି ଗ୍ରାମବାସୀ। ଏନେଇ ବେନଗାଁ ସରପଞ୍ଚ ପୁରାଣା ମାଝୀଙ୍କୁ ପଚାରିବାରୁ ଗାଁରେ ପାଣି ଓ ବିଜୁଳି ସମସ୍ୟା ଯୋଗୁଁ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି।ଏହାକୁ ନେଇ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ବୈଠକରେ ମୁଁ ପଞ୍ଚାୟତ ସମିତି ଅଧ୍ୟକ୍ଷ, ବିଡିଓ ଏବଂ ଜଳଯୋଗାଣ ଦାଇତ୍?ରେ ଥିବା କନିଷ୍ଠ ଯନ୍ତ୍ରୀ ଓ ବିଦ୍ୟୁତ ବିଭାଗଙ୍କୁ ବାରମ୍ବାର ଅଭିଯୋଗ କରୁଛି।କିନ୍ତୁ ମୋ କଥାକୁ କର୍ଣ୍ଣପାତ କରୁନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଏନେଇ ବ୍ଲକ ଜଳ ଯୋଗାଣ ଦାଇତ୍?ରେ ଥିବା କନିଷ୍ଠ ଯନ୍ତ୍ରୀ ଶ୍ରୀ ମାଝୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା।ତେଣୁ ଏହି ଗାଁର ସମସ୍ୟା ପ୍ରତି ପ୍ରଶାସନ ଓ ଜନପ୍ରତିନିଧି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।





## ଘରୋଇ ମେଡିକାଲରେ ଝିଅ ଜନ୍ମ ଦେଇ ମାଁର ମୃତ୍ୟୁ

**କେସିଙ୍ଗା, ୨୧।୩(ସମିସ):** ଝିଅକୁ ଜନ୍ମ ଦେବା ପରେ ମୃତ୍ୟୁ ବରଣ କରିଛି ଜଣେ ମାଆ। କେସିଙ୍ଗାରେ ଏକ ଘୋରେଇ ଡାକ୍ତରଖାନାରେ ଏଭଳି ଘଟଣା ଘଟିଛି। ମିଳିଥିବା ସୂଚନା ଅନୁସାରେ ନରଲା ବ୍ଲକ ରୁପ୍ରା ଗ୍ରାମର ଭକ୍ତ କୁମାରଙ୍କ ସ୍ତ୍ରୀ ରେଖାଙ୍କ ଗର୍ଭ ଯନ୍ତ୍ରଣା ଯୋଗୁଁ ଗତ ଶୁକ୍ରବାର କେସିଙ୍ଗା ସରକାରୀ ଡାକ୍ତରଖାନାକୁ ପ୍ରସବ ପାଇଁ ଅଣା ଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ତଦାରଖ ପରେ ତାଙ୍କର ହିମୋଗ୍ଲୋବିନ କମ ଥିବାରୁ ତାଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ରେଫର କରାଯାଇଥିଲା। କିନ୍ତୁ ସେ ଭବାନୀପାଟଣା ନ ଯାଇ କେସିଙ୍ଗାର ଏକ ଘରୋଇ କ୍ଲିନିକରେ ଭର୍ତ୍ତି ହୋଇଥିଲେ। ସେଠାରେ ଅସ୍ତ୍ରୋପଚାର ମାଧ୍ୟମରେ ଏକ ଝିଅ ଜନ୍ମ ଦେଇଥିଲେ। ନବଜାତ ଶିଶୁକୁ ଜନ୍ମ ଦେବା ପରେ ରାତିରେ ରେଖା ମୃତ୍ୟୁ ବରଣ କରିଥିଲେ।ଏଠାରେ ପ୍ରଶ୍ନ ଉଠୁଛି ଯେ ସରକାରୀ ଡାକ୍ତରଖାନାରୁ ତାଙ୍କୁ ଭବାନୀପାଟଣାକୁ ରେଫର କରାଯାଇଥିବା ବେଳେ ସେ କାହା କଥାରେ ପଡ଼ି ସେ ଭବାନୀପାଟଣା ନ ଯାଇ ଘୋରେଇ କ୍ଲିନିକୁ ଯାଇଥିଲେ ତାହା ତଦନ୍ତ ସାପେକ୍ଷ। ଅନ୍ୟପଟେ ତାଙ୍କର ହିମୋଗ୍ଲୋବିନ କମ ଥିବାରୁ ତାଙ୍କୁ ସରକାରୀ ମେଡିକାଲରୁ ଫେରେଇ ଦିଆଯାଇଥିବା ବେଳେ ଘରୋଇ କ୍ଲିନିକ କର୍ତ୍ତୃପକ୍ଷ କିଭଳି ଚିକିତ୍ସା ପାଇଁ ରାଜି ହେଲେ ? ଘରୋଇ କ୍ଲିନିକରେ ରକ୍ତ ଭଣ୍ଡାରର ସୁବିଧା ଥିଲା ତ ? ଯଦି ନାହିଁ ତାହେଲେ କ୍ଲିନିକରେ କେମିତି ଅପରେସନ ହେଲା ଚିକିତ୍ସା ପୂର୍ବ ପରୀକ୍ଷା କରିଥିଲେ ତ କ୍ଲିନିକର ଡାକ୍ତର ? ଏଭଳି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଛି। ଏ ନେଇ ଉକ୍ତ ଘରୋଇ କ୍ଲିନିକର ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରିଥିଲୁ ହେଲେ ତାହା ସମ୍ଭବ ହୋଇ ନ ଥିଲା। ଏହି ଘଟଣାର ବିଧିବଦ୍ଧ ତଦନ୍ତ ସ୍ୱାସ୍ଥ୍ୟ ବିଭାଗ କଲେ ରେଖା ଙ୍କ ମୃତ୍ୟୁ ପ୍ରକୃତ ତଥ୍ୟ ସାମ୍ନାକୁ ଆସିପାରିବ। ସେପଟେ ସ୍ଥାନୀୟ ପୁଲିସ ସହାୟତାରେ କେସିଙ୍ଗା ଡାକ୍ତରଖାନା ରେ ରେଖାର ଶବକୁ ବ୍ୟବଚ୍ଛେଦ ପରେ ପରିବାର କୁ ହସ୍ତାନ୍ତର କରାଯାଇଛି।ନବଜାତ ଶିଶୁ କନ୍ୟାକୁ କେସିଙ୍ଗା ମେଡିକାଲ ରେ ରଖାଯାଇ ଯତ୍ନ ନିଆଯାଉଛି ଶିଶୁ କନ୍ୟାର ସ୍ୱାସ୍ଥ୍ୟ ଠିକ୍ ଥିବା ଦାୟିତ୍ୱରେ ଥିବା କେସିଙ୍ଗା ମେଡିକାଲର ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଲଳିତ ଅଗ୍ରୱାଲ ପ୍ରକାଶ କରିଛନ୍ତି।

## ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ



**ଖଡ଼ିଆଳ, ୨୧।୩(ସମିସ):** ଖଡିଆଳ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ବୈଠକରେ କମିଟି ଅଧ୍ୟକ୍ଷ ତଥା ଜିଲ୍ଲାପାଳ ନୂଆପଡ଼ା ମଧୁସୂଦନ ଦାଶ ଯୋଗ ଦେଇ ଅଷ୍ଟମରୁ ଏକାଦଶ ଶ୍ରେଣୀରେ ସାପ୍ତାହିକ ପରୀକ୍ଷା ଅନୁଷ୍ଠିତ କରିବାକୁ ଗୁରୁତ୍ୱ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜିବ କୁମାର ସାହୁ, ତହସିଲଦାର ନରସିଂହ ଗଦବା, ଖଡିଆଳ ବିଡ଼ିଓ ମିଳନ କୁମାର ଝାଙ୍କର, ଅଧିକ୍ଷଣ ଯନ୍ତ୍ରୀ ଗୃହ ଓ ପୂର୍ତ୍ତ ନିର୍ମାଣ ବିଭାଗ ଶଶାଙ୍କ ଶେଖର ଶୁକ୍ଲା, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ସୁନୀଲ କୁମାର ସାହୁ, ରାଜା ଏଟି ହାଇସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ସ୍ୱାସ୍ଥ୍ୟ ଅଧିକାରୀ ଡ.ରଞ୍ଜିତ କୁମାର ରାଉତ, ଅଭିଭାବକ ତପନ ଦାଶ, ବିନ୍ଦିଆ ଅଗ୍ରୱାଲ, ନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା, ସହକାରୀ ଯନ୍ତ୍ରୀ ଅରୁଣ କୁମାର ପାତ୍ର, ଜିତେନ୍ଦ୍ର ନାଥ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## କର୍ଲାମୁଣ୍ଡାରେ ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ପ୍ରଶିକ୍ଷଣ

**କର୍ଲାମୁଣ୍ଡା, ୨୧।୩ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ କର୍ଲାମୁଣ୍ଡା ତହସିଲ ପକ୍ଷରୁ ଜନ ଗଣନା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ତିନିଦିନିଆ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି।ଏଥିରେ ତହସିଲଦାର ତଥା ଜନ ଗଣନା ବ୍ଲକ ଇନ ଚାର୍ଜ ଅରୁଣ ବର୍ଗେ, ଅତିରିକ୍ତ ତହସିଲଦାର ଶୁଭେନ୍ଦୁ ପଟେଲ ଶିବିର କୁ ଉଦଘାଟନ କରିଥିବା ବେଳେ ସାଧନ କର୍ମୀ ଭାବେ ଉଦ୍ୟାନ ବିଭାଗ ଅଧିକାରୀ ରୀଙ୍କୁ ପ୍ରଧାନ, ବ୍ଲକମସ୍ୟ ଅଧିକାରୀ ଶକ୍ତିକାନ୍ତ ବେହେରା ଯୋଗ ଦେଇ କିଭଳି ନିର୍ଭୁଲ ଭାବେ ଜନଗଣନା କାର୍ଯ୍ୟ ସମ୍ପାଦନା ହେବ ସେ ଉପରେ ତାଲିମ ପ୍ରଦାନ କରିଥିଲେ। ଏହାସହିତ ଘରେ ଘରେ ସର୍ବେକ୍ଷଣ କରିବା ସମୟରେ ଅନୁସରଣୀୟ ନିୟମ ଓ ନୀତି ଉପରେ ମଧ୍ୟ ଜୋର ଦିଆଯାଇଥିଲା।ଏଥିରେ ୭ ଜଣ ସୁପରଭାଇଜର ଓ ୪୩ ଏନି ମେଟର ମାନେ ତାଲିମ ଗ୍ରହଣ କରୁଥିବା ତହସିଲଦାର ଅରୁଣ ବର୍ଗେ ସୂଚନା ଦେଇଛନ୍ତି।ତେବେ ଏହି ପ୍ରଶିକ୍ଷଣ ଶିବିର ସୋମବାର ଉଦଯାପିତ ହେବାକୁ ଥିବା ବେଳେ ଚଳିତ ମାସ ୨୪ ତାରିଖ ରୁ ୨୬ ତାରିଖରେ ତୃତୀୟ ପର୍ଯ୍ୟାୟ ତାଲିମ ଶିବିର ଅନୁଷ୍ଠିତ ହେବାକୁ ଥିବା ଜଣାପଡ଼ିଛି।

### ଜନଗଣନା ପାଇଁ ଡିଜିଟାଲ୍ ତାଲିମ

## ଦ୍ୱିତୀୟ ପର୍ଯ୍ୟାୟରେ ତାଲିମ ନେଲେ ୯୩ ଶିକ୍ଷକ

**ଧର୍ମଗଡ଼, ୨୧।୩(ସମିସ):** ଆସନ୍ତା ୨୦୨୭ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନଗଣନା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଧର୍ମଗଡ଼ ରେ ଜନଗଣନା ଅଧିକାରୀ ତଥା ଧର୍ମଗଡ଼ ତହସିଲଦାର କୀର୍ତ୍ତି ଚନ୍ଦ୍ର ପଧାନ ଙ୍କ ତତ୍ତ୍ୱାବଧାନ ରେ ତାଲିମ ଶିବିର ଗତ ୧୮ ତାରିଖ ଦିନରୁ ଆରମ୍ଭ ହୋଇ ୨୦ ତାରିଖରେ ପ୍ରଥମ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ଶନିବାର ଏହାର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ କଳାହାଣ୍ଡି ତନ୍ମୟ କୁମାର ଦରୱାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ, ଅତିରିକ୍ତ ତହସିଲଦାର ସମ୍ପଦ ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା, ମାଷ୍ଟର ଟ୍ରେନର ତଥା ଅଧ୍ୟାପକ ଗଣପତି ବାଗ, ଅଧ୍ୟାପକ ସଞ୍ଜୀବ କୁମାର ମୁଣ୍ଡ, ସଦୟ ପ୍ରଧାନ, ରାଜେଶ ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ ସମେତ ଅନ୍ୟାନ୍ୟ ଅତିଥି ମଞ୍ଚାସିନ ହୋଇ ଡିଜିଟାଲ ମୋଡ଼ ରେ କିଭଳି ଭାବରେ ଜନଗଣନା କରାଯିବ ନେଇ ସୂଚନା ଦେଇଥିଲେ। ୨୦୧୧ ଜନଗଣନା ପରେ ପ୍ରଥମ ଥର ଏହା ଡିଜିଟାଲ ମୋଡ଼ ରେ କରାଯାଉଛି। ଏଥିରେ ନିୟୋଜିତ ହେବାକୁ ଥିବା ଗଣନାକାରି ଏବଂ ପର୍ଯ୍ୟବେକ୍ଷକଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ତାଲିମ ଦେବା କାର୍ଯ୍ୟକ୍ରମ ରହିଛି ବୋଲି ତହସିଲଦାର ଶ୍ରୀ ପଧାନ ସୂଚନା ଦେଇଛନ୍ତି।ଶିବିରରେ ତହସିଲ କାର୍ଯ୍ୟାଳୟର ସେକ୍ସନ ଅଫିସର ରାମବିହାରୀ ମହାନନ୍ଦ, ହରିହର ମେହେର, ସୌରଭ ରାଉତ, ପ୍ରିୟଙ୍କା ମହାନ୍ତି, ଚନ୍ଦ୍ରକାନ୍ତ ଦୁରିଆ, ପ୍ରମୋଦ କୁମାର ମେହେର, ଦୟାନିଧି ନାଏକ ସମେତ ସମସ୍ତ ତହସିଲ କର୍ମଚାରୀ ସହଯୋଗ କରିଥିଲେ।

## ବିକାଶ ଆବାସିକ ବିଦ୍ୟାଳୟରେ ପ୍ରି- ପ୍ରାଇମେରୀ ବିଭାଗର ସମାବର୍ତ୍ତନ ଉତ୍ସବ

**ଭବାନୀପାଟଣା, ୨୧।୩ (ସମିସ):** ସ୍ଥାନୀୟ ବିକାଶ ଆବାସିକ ବିଦ୍ୟାଳୟର ଅଧିବେଶନ ଗୃହରେ ୨୦୨୫- ୨୬ ଶିକ୍ଷା ବର୍ଷ ପୂର୍ତ୍ତି ଅବସରରେ ସମାବର୍ତ୍ତନ ଉତ୍ସବ ଆୟୋଜିତ ହୋଇଯାଇଛି। ଉତ୍ସବରେ ଅନୁଷ୍ଠାନର ନିର୍ଦ୍ଦେଶକ ଡି.ଶ୍ୟାମ, ଡି.ରାମ କୁମାରଙ୍କ ସହିତ ଶିକ୍ଷା ପ୍ରଭାରୀ ଡି.ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରୀ ଆରତି ମିଶ୍ର, ଶାଖା ପରିଚାଳକ ଗୁପ୍ତେଶ୍ୱର ଖୁଣ୍ଟିଆ, ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ବହୁସଂଖ୍ୟାରେ ଅଭିଭାବକମାନେ ଯୋଗଦାନ କରି ଉତ୍ସବଟିକୁ ସଫଳ ମଣ୍ଡିତ କରିଥିଲେ। ନିଜର ଅଭିଭାଷଣରେ ଅନୁଷ୍ଠାନର ଉଭୟ ନିର୍ଦ୍ଦେଶକ ସମସ୍ତ ଅଭିଭାବକଙ୍କୁ ତଥା ସମ୍ବର୍ଦ୍ଧିତ କୁନିକୁନି ପ୍ରତିଭାବାନ ଶିଶୁମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହିତ ବିକାଶ ଆବାସିକ ବିଦ୍ୟାଳୟର ପରିଚାଳନା ଏବଂ ଅବଦାନ ଉପରେ ଆଲୋକପାତ କରିଥିଲେ।




## ପିଏମଶ୍ରୀ ଏପି ଦାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଧର୍ମଗଡ଼, ୨୧।୩(ସମିସ):** ଜିଲ୍ଲା ଧର୍ମଗଡ଼ ବ୍ଲକ ପର୍ଲା ପିଏମଶ୍ରୀ ଅନନ୍ତ ପ୍ରସାଦ ଦାସ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଗତ ୧୮ ତାରିଖ ଦିନ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ସେହିଦିନ ବର୍ଷା ଯୋଗୁଁ କାର୍ଯ୍ୟକ୍ରମକୁ ଅଧାରୁ ସ୍ଥଗିତ କରାଯାଇଥିଲା। ପ୍ରଧାନଶିକ୍ଷକ ନବ କୁମାର ସୁନାରୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ମୁଖ୍ୟବକ୍ତା ଭାବେ ଶିକ୍ଷକ ପ୍ରଶିକ୍ଷକ ଈଶ୍ୱରଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମକାନ୍ତ ସାଗର ମହାନନ୍ଦ, ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବର, ପର୍ଲା ପଞ୍ଚାୟତ ସରପଞ୍ଚ ବ୍ରିଜଲାଲ ନାଏକ, ବିଦ୍ୟାଳୟ ପରିଚାଳନା ସଭାପତି ଧନୁର୍ଦ୍ଧର ଅଦା ପ୍ରମୁଖ ଯୋଗଦାନ କରିଥିଲେ।ଅଧାରୁ ବର୍ଷା ଯୋଗୁଁ କାର୍ଯ୍ୟକ୍ରମ ସ୍ଥଗିତ ରହିଥିବା ବେଳେ ଶୁକ୍ରବାର ଦିନ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।କାର୍ଯ୍ୟକ୍ରମରେ ମୁଖଅତିଥି ଭାବେ ଉପଖଣ୍ଡ ଆରକ୍ଷୀ ଅଧିକାରିଣୀ ଉର୍ଷିତା ଆଡେପା ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନି ମାଝୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅରୁପା ନନ୍ଦ ଭୋଇ ପ୍ରମୁଖ ଯୋଗ ଦେଇ ବିଦ୍ୟାଳୟର ସଫଳତା ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଶିକ୍ଷକ ତେଜେଶ୍ୱର ସାହୁ କରିଥିବା ବେଳେ କାର୍ଯ୍ୟକ୍ରମକୁ ସାରଦା ଦାସ, ଅର୍ଜୁନ ଗୋପାଳ, ରୁଦ୍ରମାଧବ ନାଏକ, ମୁକ୍ତିକାନ୍ତ ମିଶ୍ର, ସେସବିନ୍ଦୁ କୁମ୍ଭାର, ସୋମନାଥ ମିଶ୍ର, ଲକ୍ଷ୍ମୀକାନ୍ତ ମେହେର, ବିକାଶ ସାହୁ, ପ୍ରୟାଗ ପଣ୍ଡା, ତୁଷାରକାନ୍ତ ନାଏକ, ବିରେନ୍ଦ୍ର ସୁନାନୀ, ପ୍ରତିଭା ପରିଡ଼ା, ଜ୍ୟୋତିମୟି ସାହୁ, ଶୁଭଲକ୍ଷ୍ମୀ ସାହୁ, ସରିତା ନାଏକ ସାହାଯ୍ୟ କରିଥିବା ବେଳେ, ପ୍ରବୀଣ ଦାସ, ଭାଗରଥୀ ପଟେଲ, ଗୁଣମତି ଶବର, ଶିବରାତ୍ରି ଜାଲ, ଜିତୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଦୂଷଣ ନିୟନ୍ତ୍ରଣ ସଚେତନତା ଶିବିର

**କେସିଙ୍ଗା, ୨୧।୩(ସମିସ):** ତାଲୁକ ଆଇନ ସେବା ସମିତି କେସିଙ୍ଗା ତରଫରୁ ଶିରୋଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଆଇନ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷା ତଥା ବିଚାରପତି ଦୀପ୍ତା ସେଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଇଥିଲେ।ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୂପେନ୍ଦ୍ର କୁମାର ସିଂ, କେସିଙ୍ଗା ଆଦର୍ଶ ଥାନାର ଏ ଏସ୍‌ଆଇ ଚିତ୍ତରଞ୍ଜନ ଶବରଙ୍କ ସମେତ ବିଦ୍ୟାଳୟର କର୍ମଚାରୀ ଓ ଅଦାଲତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଜ୍ୟୋତିଷ ଭାସ୍କର ଓ ଜ୍ୟୋତିଷ ଉତ୍କର୍ଷ ପୁରସ୍କାର

**ସିନାପାଲି, ୨୧।୩(ସମିସ):** ସିନାପାଲି ବ୍ଲକ ଚାରପାଲି ନିବାସୀ ଡ଼.ଅର୍ଜୁନ ଶାସ୍ତ୍ରୀଙ୍କୁ ବିଶ୍ୱ ଜ୍ୟୋତିଷ ସଂଘ ପକ୍ଷରୁ ଆୟୋଜିତ ରୌପ୍ୟ ଜୟନ୍ତୀ ସମାରୋହ ଅବସରରେ ଜ୍ୟୋତିଷ ଭାସ୍କର ଓ ଜ୍ୟୋତିଷ ଉତ୍କର୍ଷ ପୁରସ୍କାର ପାଇ ସମ୍ମାନିତ ହୋଇଛି।ଡ଼.ଶାସ୍ତ୍ରୀ ପିଲାଟି ଦିନରୁ ଜ୍ୟୋତିଷ ଶାସ୍ତ୍ର ଉପରେ ଜ୍ଞାନ ଆହରଣ କରି ବେଶ୍ ସୁପରିଚିତ ହୋଇପାରିଥିଲେ। ପୂର୍ବରୁ ସେ ଅଖିଳ ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଗବେଷଣା କେନ୍ଦ୍ର ସଭାପତି ତଥା ଅର୍ନ୍ତରାଷ୍ଟ୍ରୀୟ ଜ୍ୟୋତିଷ ଆଚାର୍ଯ୍ୟ ଭାବରେ ଜ୍ୟୋତିଷ ଶାସ୍ତ୍ର ସଂଗଠନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିଲେ। ସେ ଜାତୀୟ ଜ୍ୟୋତିଷ ଶାସ୍ତ୍ର ସଂଗଠନର ଅଧ୍ୟକ୍ଷ ଭାବରେ ମନୋନୀତ ହୋଇଥିଲେ। ତାଙ୍କ ପିତାମଦନ ବାଗଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ବିଶ୍ୱସ୍ତରରେ ସମ୍ମାନିତ ହୋଇ ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିଥିବା ପ୍ରକାଶ କରିଛନ୍ତି।

### ଯୋଡାବନ୍ଧ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ

## ଶିକ୍ଷୟିତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର

**ଲାଞ୍ଜିଗଡ଼, ୨୧।୩ (ସମିସ):** ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ଚମ୍ପାଦେଇପୁର ପଞ୍ଚାୟତ ସ୍ଥିତ ଯୋଡ଼ାବନ୍ଧ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଠାରେ ଶିକ୍ଷୟିତ୍ରୀଙ୍କୁ ନେଇ ଆଇ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଯାଇଅଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକଦେବ ମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଶିବିରରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଗୋଷ୍ଠି ଶିକ୍ଷା ଅଧିକାରୀ ରୁଷିଆ ମେହେର ଯୋଗଦେଇ ଏହି ତାଲିମ ଶିବିରର ଶିକ୍ଷା ଗ୍ରହଣ କରି ଅଭ୍ୟାସ ପୂର୍ବକ ଆବଶ୍ୟକ ପଡ଼ିଲେ କାମରେ ଲଗାଇବାକୁ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାରତ ଭୂଷଣ ସାହୁ, ଗୋବର୍ଦ୍ଧନପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ କୁମାର ଗୌରବ ପରିଡ଼ା, ଲାଞ୍ଜିଗଡ଼ରୋଡ ର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଶ୍ରବଣ କୁମାର ସରାଫ, ଚମ୍ପାଦେଇପୁର ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୌଭାଗ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। କାୟର୍ଯକ୍ରମର ସଂଯୋଜିକା ଧରିତ୍ରି ବିଷୋୟୀ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଓ ବାରୁଣୀ ବର ରୁଚି ପ୍ରଧାନ ଧନ୍ୟବାଦ୍ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରତି କ୍ଲଷ୍ଟରରୁ ୨ ଜଣ ଲେଖାଏଁ ଶିକ୍ଷୟତ୍ରୀ ଯୋଗ ଦେଇ ତାଲିମ ନେଇଥିଲେ। ପରବର୍ତ୍ତୀ ସମୟରେ ପ୍ରତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଛତ୍ରୀ ମାନଙ୍କୁ ଏହି ତାଲିମ ଦିଆଯିବ ବୋଲି ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ ମେହେର ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟ କ୍ରମରେ ଶିକ୍ଷୟତ୍ରୀ ବନିତା ଧନରା ମାଝୀ, ଲକ୍ଷ୍ମୀପ୍ରିୟା ନାୟକ, କୁନିଲତା ବେହେରା, ପ୍ରୀୟଙ୍କା ପ୍ରିୟଦର୍ଶିନୀ ସାହୁ, ଜୟଶ୍ରୀ ସ୍ୱାଇଁ, ଅମ୍ରିତା ଧଲ, ସାନିଆ ସେଖେର୍ ବେହେରା, ଜୀବନ ଜିତା ବିଶ୍?ାଳ, ଦୀପ୍ତି ମୟୀ ନାୟକ, ନିବେଦିତା ସାହୁ, ସୁଚିସ୍ମିତ ବେହେରା, ପ୍ରମିଳା ମାଝୀ, ବାପି ସ୍ମିତା ଛତ୍ରିଆଙ୍କ ସମେତ ମୋଟ ୧୩ଟି କ୍ଲଷ୍ଟର ରୁ ୨୬ ଜଣ ଶିକ୍ଷୟତ୍ରୀ ତାଲିମ ଶିବିରରେ ଯୋଗ ଦେଇଥିଲେ।



## ଖରିଆରରୋଡ଼ରେ ବିଶ୍ୱ ବନ ଦିବସ

**ନୂଆପଡ଼ା, ୨୧।୩ (ସମିସ):** ସ୍ଥାନୀୟ ଖରିଆରରୋଡ଼ ବନ ବିଭାଗ କାର୍ଯ୍ୟାଳୟ ପରିସରରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି।ଖରିଆରରୋଡ଼ ବନାଞ୍ଚଳ ଅଧିକାରୀ ଜୟଦେବ ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକୃତି ପ୍ରେମୀ ମନୋଜ ଡାଗା ମୁଖ୍ୟ ଅତିଥି, ବନପାଳ ବିନୋଦ ବିହାରୀ ନାୟକ, ତ୍ରିବିକ୍ରମ ନାଏକ, ସଂଯୁକ୍ତା ବାରିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମରେ ବନ ଦିବସ ପାଳନର ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ବନ ସୁରକ୍ଷା ଏବଂ ନୂତନ ଜଙ୍ଗଲ ସୃଷ୍ଟି ଦିଗରେ ପଦକ୍ଷେପ ନେବାକୁ ମାର୍ଗ ଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନରକ୍ଷୀ ଶୁଭସ୍ମିତା ମହାନ୍ତି, ସୁଜାତା ବଡମାଳୀ, ସପ୍ତପର୍ଣ୍ଣା ବରିହା, ମମତା ମୁଣ୍ଡ, ସୋମନାଥ ବେହେରା, ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜଙ୍ଗଲ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ପଦକ୍ଷେପ ସକାଶେ ପ୍ରୋଟେକ୍ସନ ସ୍କ୍ୱାର୍ଡ ପ୍ରଫୁଲ୍ଲ ଶବର, ଉମାକାନ୍ତ ଶବର, ନୀଳାମ୍ବର ରାଉତ, ସନ୍ତୋଷ ସାହୁ, ଫାୟାର ସ୍କ୍ୱାର୍ଡ ନୀଳମଣୀ ସାହୁ, ଗଣେଶ ମାଝୀ, ପ୍ରୋଟେକ୍ସନ ୱାଚର ଡିଳ ବରିହା, ବିକି ମନହାରା ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଏଜେୱାଇର ଦୀନବନ୍ଧୁ ବାଗ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବଡ଼ପୋଡ଼ାଗୁଡ଼ା-ମହାଜନଗୁଡା ରାସ୍ତା ଶୋଚନୀୟ

**କୋକସରା, ୨୧।୩(ସମିସ):** କୋକସରା ବ୍ଲକର ବଡ଼ପୋଡ଼ାଗୁଡ଼ା ଦେଇ ମହାଜନଗୁଡାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ରାସ୍ତା ମରାମତି ଅଭାବରୁ ଅନେକ ଦିନ ହେଲା ଶୋଚନୀୟ ହୋଇପଡ଼ିଛି। ଯାହା ଫଳରେ ଯାତାୟାତରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।ସୂଚନା ଯେ'ବଡ଼ପୋଡ଼ାଗୁଡ଼ାଠାରୁ ମହାଜନଗୁଡାକୁ ସଂଯୋଗ କରୁଥିବା ପ୍ରାୟ ୪.କିମି ଏହି ରାସ୍ତା ଗତ ୬/୭ ବର୍ଷ ତଳେ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା। ଏବଂ ନିର୍ମାଣ ପରଠାରୁ ୫ବର୍ଷର ରକ୍ଷଣାବେକ୍ଷଣ ଅବଧି ମଧ୍ୟ ସରିଛି। ହେଲେ ଅନେକ ଦିନ ହେଲା ମରାମତି ଅଭାବରୁ ରାସ୍ତା ଶୋଚନୀୟ ହୋଇପଡ଼ିଛି। ବର୍ତ୍ତମାନ ରାସ୍ତାରେ ଗେଟି, ମେଟାଲ ଉଠି ଯାଇ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ଗଲାଣି। ଯାହାଫଳରେ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ରାସ୍ତାଟି ୨୬ ନମ୍ବର ଜାତୀୟ ରାଜପଥରୁ ବିଜୁ ଏକ୍ସପ୍ରେସୱେ କୁ ସଂଯୋଗ ରହିଛି। ତେଣୁ ପ୍ରତିଦିନ ଏହି ରାସ୍ତାରେ ଶହଶହ ଗାଡ଼ି ମୋଟର ସହ ଅଞ୍ଚଳବାସୀ ନିର୍ଭରଶୀଳ। ଉକ୍ତ ରାସ୍ତାକୁ ତୁରନ୍ତ ମରାମତି କରିବା ପାଇଁ ବଡ଼ପୋଡ଼ାଗୁଡ଼ା, ମହାଜନଗୁଡା, ରଏନଗୁଡା, ତଲାଗାଁ ସମେତ ଆଖପାଖ ଗାଁ ଗୁଡ଼ିକର ଲୋକେ ଦାବି କରିଛନ୍ତି।



### ୫ ପଞ୍ଚାୟତବାସୀଙ୍କ ଲାଇଫ୍‌ଲାଇନ୍‌କୁ ଅଣଦେଖା

## ଲାଞ୍ଜିଗଡ଼-ବେନଗାଁ ରାସ୍ତା ଶୋଚନୀୟ

**ଲାଞ୍ଜିଗଡ଼, ୨୧।୩(ସମିସ)**

ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୁ ବେନଗାଁକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଲାଞ୍ଜିଗଡ଼ଠାରୁ ବାନିଗାଁ, ବିରସିଙ୍ଗେର, ଘୋଡାପୋଖେର, ପାଜିବାହାଲି ଦେଇ ବେନଗାଁକୁ ସଂଯୋଗ କରୁଥିବା ଏହି ୧୨ କିମି ବିଶିଷ୍ଟ ରାସ୍ତା ନିର୍ମାଣ ହେବା ପରଠାରୁ ଆଜି ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ସତେ ଯେମିତି ଭୁଲିଯାଇଛି। ଲାଞ୍ଜିଗଡ଼ ତଥା ଶିଳ୍ପାଞ୍ଚଳରୁ ଘାଟି ଅଞ୍ଚଳକୁ ସିଧାସଳଖ ଯୋଡୁଥିବା ଏହି ରାସ୍ତାର ଦୁରାବସ୍ଥା ଯୋଗୁଁ ଲୋକେ ଯାତାୟାତ କରିବା କଷ୍ଟକର ହୋଇପଡ଼ିଛି। ଏପରିକି ଏହି ରାସ୍ତା ଆମ୍ବୁଲାନ୍ସ ଯିବାଆସିବାରେ ଅସୁବିଧା ହେଉଛି। ଲାଞ୍ଜିଗଡ଼ ବ୍ଲକ ଘାଟି ଅଞ୍ଚଳରେ ଥିବା ବେନଗାଁ, ଲାଖବାହାଲି, ବିଜେପୁର, ପାହାଡ଼ପଦର, ମାଳିଯୁବାଙ୍ଗ ଆଦି ପଞ୍ଚାୟତର ୨୦ ହଜାରରୁ ଅଧିକ ଜନସାଧାରଣ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଲାଞ୍ଜିଗଡ଼ ଶିଳ୍ପାଞ୍ଚଳ ସମେତ ହାଟ ବଜାଇ ଓ ଡାକ୍ତରଖାନା ପାଇଁ ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ ଥିବା ବେଳେ ରାସ୍ତା କିନ୍ତୁ ଲୋକଙ୍କୁ ଗମନାଗମନରେ ସୁବିଧା କରିବା ପରିବର୍ତ୍ତେ ବାଧା ସାଜି ଉଭା ହୋଇଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର କରି ଥିବା ବେଳେ ତାଙ୍କର ରକ୍ଷଣାବେକ୍ଷଣ ଅବଧି ସରିନାହିଁ। କିନ୍ତୁ ନିମ୍ନମାନର ରାସ୍ତା କାମ ଯୋଗୁଁ ରାସ୍ତା ଅଧା ଦିନରେ ଉଜୁଡ଼ି ଯାଇଥିବା ବେଳେ ଏହାର ମରାମତି ଓ ରକ୍ଷଣାବେକ୍ଷଣକୁ ସେ ନଜର ଅନ୍ଦାଜ କରି ଚାଲିଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଅସିତ ଖଟୁଆଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇନଥିଲା।



# ସମାକୋଇ ନଦୀ ପଠାରେ ବାଲି ମାଫିଆଙ୍କ ରାଜ୍




ତେଲକୋଇ, ୨୧।୩(ସମିସ): ତେଲକୋଇ ବ୍ଲକର ବୁକୁ ଉପର ଦେଇ ବୋହି ଯାଇଥିବା ଚିରସ୍ରୋତା ସମାକୋଇ ନଦୀ ଏବେ ନିଜର ଠିକଣା ହରାଇବାକୁ ବସିଛି। ବାଲି ମାଫିଆଙ୍କ ଦୌରାତ୍ମ୍ୟ ଏହାର ପ୍ରମୁଖ କାରଣ ବୋଲି ଅଭିଯୋଗ ହୋଇଛି। ବ୍ଲକର ତାଳପଦା ପଞ୍ଚାୟତଠାରୁ ଆରମ୍ଭ କରି ଶିବନରାୟଣପୁର ଗୋଡା, ତେଲକୋଇ, ଦେଉଳଡିହା ଓ କରଦାଙ୍ଗି ପଞ୍ଚାୟତ ମଧ୍ୟ ଦେଇ ସମକୋଇ ନଦୀ ବୋହି ଯାଇଛି। ଏହି ଅଞ୍ଚଳରେ ଥିବା ପଙ୍ଗା, ତାଳପଦା, ସିମିଳିପାଳ, କୁମୁଣ୍ଡ, ବେତଖୋଲି, ବାଙ୍ଗୁରୁପାଳ, ଗୋଡା, ଭାଲିଆଡାଳ, କମଳାଙ୍ଗ, ରାମଚନ୍ଦ୍ରପୁର, ତେଲକୋଇ, ଦୋବଲାପାଳ, ଜେନାଦର,

## ଲିଜ ସୂତ୍ରରେ ହେଉନି ବାଲିଘାଟ ନିଲାମ

କରଦାଙ୍ଗି, ଚକଦରହ, ସରେଇ ଆଦି ବାଲି ଘାଟରୁ ଦୈନିକ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଛି। ଫଳରେ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିବା ଅଭିଯୋଗ ହୋଇଛି।

ତେଲକୋଇ ବ୍ଲକରେ ସରକାରଙ୍କ ପକ୍ଷରୁ କୌଣସି ବାଲି ସୈରାତ ନଥିବାରୁ ବାଲି ଚୋରୀ ବ୍ୟାପକ ବୃଦ୍ଧି ପାଇବାରେ ଲାଗିଛି। ଏଥିପ୍ରତି ରାଜସ୍ୱ ବିଭାଗ ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ବିଭିନ୍ନ ଉନ୍ନୟନ କାର୍ଯ୍ୟଠାରୁ ଆରମ୍ଭ କରି ସାଧାରଣ ଲୋକ ଘର କିମ୍ବା କୌଣସି ନିର୍ମାଣ କାର୍ଯ୍ୟ ପାଇଁ ବାଲି ଅତ୍ୟାନ୍ତ ଆବଶ୍ୟକ ସାମଗ୍ରୀ ହୋଇଥିବା ବେଳେ ସମାକୋଇ ନଦୀରେ ସରକାରଙ୍କ ପକ୍ଷରୁ କୌଣସି ବାଲି ଉତ୍ସ ଲିଜ ସୂତ୍ରରେ ଦିଆ ଯାଇ ନଥିବାରୁ ଲୋକେ ବାଲି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ମାତ୍ର ଏହାର ଭରପୁର ଫାଇଦା ନେଉଛନ୍ତି କେତେକ ଅସାଧୁ ବାଲି ମାଫିଆ ଗୋଷ୍ଠୀ। ଯାହାର ବାଲି ଦରକାର ହେଉଛି ସଂପୃକ୍ତ ବାଲି ମାଫିଆ ଗୋଷ୍ଠୀକୁ ଯୋଗାଯୋଗ କରିବାକୁ ପଡୁଛି। ଫଳରେ ବାଲି ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ବାଲି ଟ୍ରିପ ପିଛା ୩ ହଜାରରୁ ଅଧିକ ଟଙ୍କାରେ ଲୋକଙ୍କୁ ବିକ୍ରି କରାଯାଉଛି। ତେଲକୋଇ ଅଞ୍ଚଳରେ କାର୍ଯ୍ୟ କରୁଥିବା ଠିକାସଂସ୍ଥାମାନେ ମଧ୍ୟ ବାଲି ଚୋରା କାରବାର ସଂଶ୍ଳିଷ୍ଟ ରହୁଥିବା ଅଭିଯୋଗ ରହିଛି। ବାଲି ମାଫିଆଙ୍କୁ ଧରି ନଦୀ ପଠାକୁ ତାଡି କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ କରୁଛନ୍ତି। ଏଥିରେ ଠିକା ସଂସ୍ଥା ମାନ ରାଜସ୍ୱ ଫାଙ୍କିବା ସହିତ ବାଲି ମାଫିଆମାନେ ମୋଟା ଅଙ୍କର ଅର୍ଥ କମାଉଛନ୍ତି। ସ୍ଥାନୀୟ ପ୍ରଶାସନ ଓ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଛତ୍ରଛାୟାରେ ଏହି ବେଆଇନ ବାଲି ଚୋରା କାରବାର ଚାଲୁଥିବା ଅଭିଯୋଗ ହୋଇଛି। ତେଲକୋଇ ତହସିଲ ଅଧୀନରେ ୭ଟି ରାଜସ୍ୱ ସର୍କଲ ଥିବା ବେଳେ ରାଜସ୍ୱ ନିରୀକ୍ଷକମାନେ ରାଜସ୍ୱ ଲୁଟ ରୋକିବାରେ ସକ୍ଷମ ହେଉନାହାନ୍ତି। ଫଳରେ ରଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟକଳାପ ସନ୍ଦେହ ଘେରରେ ରହୁଥିବା ଅଭିଯୋଗ ହୋଇଛି। ଏଥିପ୍ରତି ତହସିଲ କର୍ତ୍ତୃପକ୍ଷ ମଧ୍ୟ ଗୁରୁତ୍ୱ ଦେଉ ନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ରାଜସ୍ୱ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ଟାସ୍କ ଫୋର୍ସ ଗଠନ ହୋଇଥିଲେ ମଧ୍ୟ ସଂପୃକ୍ତ ଟାସ୍କ ଫୋର୍ସ ସଠିକ୍ କାର୍ଯ୍ୟ କରୁ ନଥିବା ଅଭିଯୋଗ ହୋଇଛି। ବାଲି ଚୋରା ଚାଲାଣ ରୋକିବା ପାଇଁ ଜିଲ୍ଲା ପାଳ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

# ଲଘୁ ଖଣିଜ ଦ୍ରବ୍ୟ ଜିଲ୍ଲା ଟାସ୍କ ଫୋର୍ସ ବୈଠକ

କେନ୍ଦୁଝର, ୨୧।୩(ସମିସ): ଜିଲ୍ଲାପାଳଙ୍କ ମିନି କନଫରେନ୍ସ ହଲରେ ଲଘୁ ଖଣିଜ ଦ୍ରବ୍ୟ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଶାଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡିଏଫ୍ଓ ଧନରାଜ ଏଚ୍ଡି, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର କୁମାର ପ୍ରଧାନ, ଖଣି ଉପନିର୍ଦ୍ଦେଶକ ଦିଲ୍ଲୀପ କୁମାର ସାହୁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିର୍ମୟ ଭୁକ୍ତା, ଆଞ୍ଚଳିକ ପରିବହନ ଅଧିକାରୀ ଇଂ ମାନସ ରଞ୍ଜନ ସାହୁ, କେନ୍ଦୁଝର ଓ ଆନନ୍ଦପୁର ଉପଖଣ୍ଡ ଲଘୁ ଖଣିଜ ଅଧିକାରୀ ତାରିଣୀ ସିଂ, ଚମ୍ପୁଆ ଉପଖଣ୍ଡ ଲଘୁ ଖଣିଜ ଅଧିକାରୀ ସୁପ୍ରଭା ନାୟକ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ କେନ୍ଦୁଝରର ସହକାରୀ ପରିବେଶ ବୈଜ୍ଞାନିକ ସୌମ୍ୟରଞ୍ଜନ ପ୍ରଧାନଙ୍କ ସମେତ ଜଳସମ୍ପଦ ବିଭାଗର ୪ଟି ଡିଭିଜନର ଅଧିକ୍ଷଣ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ରୋକିବାକୁ ନିୟମିତ ଯାଞ୍ଚ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ବାଲି ଓ ପଥର ଚୋରା ଚାଲାଣ ଯୋଗୁଁ ସରକାରଙ୍କ ବ୍ୟାପକ ରାଜସ୍ୱହାନି ହେଉଛି। ବିଭିନ୍ନ ସୈରାତକୁ ବାଲି ଚୋରି ହେଉଥିବାରୁ ନିୟମିତ ଏନଫୋର୍ସମେଣ୍ଟ ସ୍କ୍ୱାଡ ଦ୍ୱାରା ଯାଞ୍ଚ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୁଲିସ ସହାୟତାରେ ଲଘୁ ଖଣିଜ ବିଭାଗ ଜାତୀୟ ରାଜପଥ ଏବଂ ବିଭିନ୍ନ ରାସ୍ତାରେ ଯାଞ୍ଚ କରି ଚୋରା ଚାଲାଣକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କେନ୍ଦୁଝର ଜିଲ୍ଲାରେ ୧୬ ବାଲି ଏବଂ ୧୯ଟି ପଥର ଖାଦାନକୁ ଲିଜ୍ ଦିଆଯାଇଛି। କେତେକ ବାଲି ଓ ପଥର ଖାଦାନ ଅନୁମତିଠାରୁ ଅଧିକ ଉତ୍ତୋଳନ କରୁଛନ୍ତି କି ନାହିଁ ତାହାର ଯାଂଞ୍ଚ କରି ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଲିଜ୍ ବାହାରେ କେତେକ ବାଲି ଖାଦାନ ଚାଲିଛି। ବିଶେଷ କରି ରାତି ସମୟରେ ବାଲି ଖାଦାନରେ ବାଲି ଚୋରୀ ଚାଲିଛି। ଟିପି ନ ଥାଇ ବହୁ ବାଲି ଗାଡି ଚାଲାଣ ହେଉଛି। କେତେକ ବାଲି ଗାଡି ଓଭରଲୋଡ ହୋଇ ପରିବହନ ହେଉଛି। ଏସବୁ ଗାଡି ଯାଞ୍ଚ କରି ଜରିମାନା ଆଦାୟ କରିବାକୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେଉଁ ନୂତନ ସୈରାତ ଚିହ୍ନଟ ହୋଇଛି ତାକୁ ତୁରନ୍ତ ଚଳେଇବାକୁ ବିଭିନ୍ନ ବିଭାଗର ଆବଶ୍ୟକ ଅନୁମତି ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ରୟାଲଟି ବାକି ଥିବା ଲିଜଧାରୀଙ୍କଠାରୁ ତୁରନ୍ତ ଆଦାୟ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ପ୍ରକଳ୍ପ ପାଇଁ ଆବଶ୍ୟକ ବାଲି ଓ ପଥର ପାଇଁ କ୍ୱାରୀ ପରମିଟ ଦେବାକୁ ଆଲୋଚନା ହୋଇଥିଲା। ନୂତନ ଭାବେ ଚିହ୍ନଟ ହୋଇଥିବା ସୈରାତ ଗୁଡିକର ଶୀଘ୍ର ଇ-ଲଟେରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

## ଚୋରା ଚାଲାଣ ବିରୋଧରେ ନିୟମିତ ଯାଞ୍ଚ ପ୍ରକ୍ରିୟା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ



# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚୂର୍ମାର; ଚାଳକ ମୃତ



ବାଲିବନ୍ଧ,୨୧।୩(ସମିସ): ଝୁମ୍ପୁରା ଥାନା ବାଲିବନ୍ଧ ପଞ୍ଚାୟତ ରଜାବସା କାଶିଆ ପୋଲ ନିକଟ ୨୦ ନମ୍ବର ଜାତୀୟ ରାଜପଥ ଉପରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ଚଳାଉଥିବା ବାଇକ୍ଟି ଚୂରମାର ହୋଇଯାଇଥିବା ବେଳେ ମୃତକ ନହବେଡା ଗ୍ରାମର ଲକ୍ଷ୍ମୀଧର ଲହାରଙ୍କ ପୁଅ ତାପସ ବୋଲି ଜଣାପଡ଼ିଛି। ବିଲେଇପଦା ନିକଟ ଶାରଦା ମାଇନ୍ସରେରେ ସେ କାମ କରନ୍ତି। ଶନିବାର ବାଇକ ଯୋଗେ ନିଜ ଘରୁ ଡିୟୁଟି କରିବା ପାଇଁ ବିଲେଇପଦା ଯାଉଥିବା ସମୟରେ ଅଜଣା ଗାଡି ଧକ୍କା ଦେଇ ଦ୍ରୁତ ଗତିରେ ଚାଲି ଯାଇଥିଲା। ଏ ସମ୍ପର୍କରେ ଝୁମ୍ପୁରା ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସହିତ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। ପୁଲିସ ଏକ ମାମଲା ରୁଜୁ କରିବା ପରେ ଶବକୁ ବ୍ୟବଚ୍ଛେଦ କରିବା ପାଇଁ ପଠାଇଛି।

# 'ମେଘଦୂତ' ପକ୍ଷରୁ ବିଶ୍ୱ ବନ ଦିବସ ଆଲୋଚନାଚକ୍ର

ଆନନ୍ଦପୁର, ୨୧।୩ (ସମିସ): ଫକୀରପୁରସ୍ଥିତ ''ମେଘଦୂତ' ସଂଗଠନ ତରଫରୁ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରକୃତି ସୁରକ୍ଷା, ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ବୃକ୍ଷ ରୋପଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ''ମେଘଦୂତ'ର ସମ୍ପାଦକ ପୁଷ୍ପଲତା ସାହୁ ଏହି ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାତା ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ ବନ୍ୟପ୍ରାଣୀ ସଂରକ୍ଷଣ ଓ ବୃକ୍ଷ ରୋପଣ ଉପରେ ଗୁରୁତ୍ୱାରୋପ କରି ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ବୃକ୍ଷଗୁଡ଼ିକର କିଭଳି ଯତ୍ନ ନିଆଯାଇପାରିବ ସେଥିପ୍ରତି ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ଆଗକୁ ଖରାର ପ୍ରକୋପ ଧୀରେ ଧୀରେ ବଢ଼ିବ, ତେଣୁ ଏହାକୁ ଆଖି ଆଗରେ ରଖି ବିଭିନ୍ନ ପଶୁପକ୍ଷୀଙ୍କ ପାଇଁ ଜଳ ବ୍ୟବସ୍ଥା କରାଯିବ ବୋଲି ଆଲୋଚନା ହୋଇଥିଲା। ଏଥିରେ ସମାଜସେବୀ ରାଜକିଶୋର ବାରିକ, ମନୋଜ ସାହୁ, ରଞ୍ଜିତ ନାୟକ, ତାପସ ସାହୁ ଏବଂ ଅଜୟ ସାହୁ ଯୋଗ ଦେଇଥିଲେ। ଆଗାମୀ ଦିନରେ ଜଙ୍ଗଲ ନିଆଁକୁ ରୋକିବା ପାଇଁ ଆନନ୍ଦପୁର ଉପଖଣ୍ଡରେ ବିଭିନ୍ନ ସ୍ଥାନରେ ସଚେତନତା ଶିବିରମାନ ଆୟୋଜିତ ହେବ ବୋଲି ପ୍ରକୃତି ବନ୍ଧୁ ତ୍ରିଲୋଚନ ସାହୁ ସୂଚନା ଦେଇଛନ୍ତି।

# ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: ମାରୁତି କ୍ଲବ୍ ଚାମ୍ପିଅନ




ଯୋଡ଼ା, ୨୧।୩(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଉଞ୍ଚାବାଲି ଲୌହ ଖଣି, ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ପ୍ରଥମ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ଦୁଇ ଦିବସୀୟ ଟୁର୍ଣ୍ଣାମେଣ୍ଟରେ ନିକଟବର୍ତ୍ତୀ ବଳଦା ଓ ପଳସା ପଞ୍ଚାୟତ ଅଧୀନସ୍ଥ ଆଖପାଖ ଗାଁର ୮ ଗୋଟି ଦଳ ଅଂଶଗ୍ରହଣ କରି ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚରେ ମାରୁତି କ୍ଲବ, ବାମେବାରୀ ମା' ତାରିଣୀ କ୍ଲବ, ଉଞ୍ଚାବାଲିକୁ ୧-୦ ଗୋଲରେ ହରାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଉଦଯାପନୀ ସମାରୋହର ମୁଖ୍ୟଅତିଥି ଭାବେ ବଡବିଲ ତହସିଲଦାର ରାକେଶ କୁମାର ପଣ୍ଡା, ସମ୍ମାନିତ ଅତିଥି ବଡବିଲ ଓଡିଶା ଖଣି ନିଗମ ଆଞ୍ଚଳିକ ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ନାୟକ, ଉଞ୍ଚାବାଲି ଖଣି ପ୍ରବନ୍ଧକ ବିକାଶଚନ୍ଦ୍ର ପରିଡା, ବଳଦା ସରପଞ୍ଚ ବରୁଣ କୁମାର ନାୟକ, ପଳସା ସରପଞ୍ଚ ଅରୁଣ କୁମାର ମୁଣ୍ଡା ଯୋଗ ଦେଇଥିଲେ। ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟର ସିଏସଆର ପରାମର୍ଶଦାତା ନୂତନ କୁମାର ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଓଡିଶା ଖଣି ନିଗମ, ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନରେ ଥିବା ଖଣି ପାର୍ଶ୍ୱବର୍ତ୍ତୀ ଗ୍ରାମରେ ସିଏସଆର ଅଧୀନରେ କ୍ରୀଡାର ବିକାଶ ପାଇଁ ଓ ଯୁବ ପ୍ରତିଭାଙ୍କୁ ଚିହ୍ନଟ କରିବା ପାଇଁ ମୋଟ ୫ଟି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଯେଉଁଥିରେ ମୋଟ ୫୪ଟି ଦଳ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ କୃଷ୍ଣଚନ୍ଦ୍ର ମହାନ୍ତ, ଦୀପକ ମହାନ୍ତ, ଶଙ୍କର୍ଷଣ ନାଏକ, ଜତୀନ ମହାନ୍ତ ଏବଂ ତାଙ୍କ ସହଯୋଗୀଙ୍କ ଦ୍ୱାରା ଖେଳ ପରିଚାଳିତ ହେଉଥିବା ବେଳେ କ୍ଷୀରୋଦ କୁମାର ଗିରି ଭାଷ୍ୟକାର ଥିଲେ। ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଆଖପାଖ ଗ୍ରାମର ଶତାଧିକ ଦର୍ଶକ ଉପଭୋଗ କରିଥିଲେ। ଉଞ୍ଚବାଲି ଲୌହ ଖଣିର କାର୍ମିକ ପ୍ରବନ୍ଧକ କିଶୋର କାରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ମାର୍ଚ୍ଚ ୨୩ରେ କେନ୍ଦୁଝରରେ ମହିଳାଙ୍କ ଜନଶୁଣାଣି

କେନ୍ଦୁଝର ୨୧।୩(ସମିସ): ମହିଳାମାନଙ୍କ ସୁରକ୍ଷା ଓ ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ଜାତୀୟ ମହିଳା ଆୟୋଗ ଓ ଓଡ଼ିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏକ 'ଜନଶୁଣାଣି' କାର୍ଯ୍ୟକ୍ରମ ଆୟୋଜିତ ହେବ ଆସନ୍ତା ମାର୍ଚ୍ଚ ୨୩ ତାରିଖ। ଉକ୍ତ ଦିନ ସୋମବାର ପୂର୍ବାହ୍ନ ୧୦ଟା ସମୟରେ କେନ୍ଦୁଝର ଜିଲ୍ଲା ଦରବାର ହଲ୍ଠାରେ ଏହି ବିଶେଷ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ କେନ୍ଦୁଝର ଏବଂ ଦେବଗଡ଼ ଜିଲ୍ଲାର ମହିଳାମାନେ ନିଜର ବିଭିନ୍ନ ସମସ୍ୟା ଓ ଅଭିଯୋଗ ଉପସ୍ଥାପନ କରିପାରିବେ। ବିଶେଷ କରି ଘରୋଇ ହିଂସା, ନିର୍ଯାତନା, ଯୌତୁକ ଜନିତ ସମସ୍ୟା, କର୍ମକ୍ଷେତ୍ରରେ ହେଉଥିବା ହଇରାଣ, ସାଇବର ଅପରାଧ ଏବଂ ମହିଳା ଅଧିକାର ଉଲ୍ଲଂଘନ ସମ୍ପର୍କିତ ଯେକୌଣସି ଅଭିଯୋଗର ଏଠାରେ ଶୁଣାଣି କରାଯିବ।ଆୟୋଗଙ୍କ ପକ୍ଷରୁ ପ୍ରକାଶିତ ସୂଚନା ଅନୁଯାୟୀ, ଯେଉଁ ମହିଳାମାନେ ପୂର୍ବରୁ ଆୟୋଗଙ୍କ ନିକଟରେ ଅଭିଯୋଗ କରିଛନ୍ତି ଏବଂ ସମାଧାନ ଚାହୁଁଛନ୍ତି, ସେମାନେ ଏହି ଶିବିରରେ ଉପସ୍ଥିତ ରହି ନିଜର ଅଭିଯୋଗ ଉପସ୍ଥାପନ କରିପାରିବେ। ଏହାବ୍ୟତୀତ, ଯେଉଁମାନେ ନୂତନ ଭାବେ ଅଭିଯୋଗ ପଞ୍ଜୀକରଣ କରିବାକୁ ଚାହୁଁଛନ୍ତି, ସେମାନେ ମଧ୍ୟ ଶିବିରରେ ଉପସ୍ଥିତ ରହି ଦରଖାସ୍ତ ପ୍ରଦାନ କରିବାକୁ ରାଜ୍ୟ ମହିଳା ଆୟୋଗଙ୍କ ଆବାହକ ସଚିବ ଅନୁରୋଧ କରିଛନ୍ତି।

# ଶ୍ରୀରାମ ନବମୀ ଉତ୍ସବ ପ୍ରସ୍ତୁତି



ହାଟଡ଼ିହୀ,୨୧।୩(ସମିସ): ଆସନ୍ତା ଶ୍ରୀରାମ ନବମୀ ପୂଜା ଅବସରରେ ହାଟଡ଼ିହୀ ବ୍ଲକ ବଞ୍ଚୋ ଗ୍ରାମରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି। ଗ୍ରାମର ବିଭିନ୍ନ ପ୍ରମୁଖ ବ୍ୟକ୍ତିବର୍ଗ ଓ ଯୁବସମାଜ ଆଲୋଚନାରେ ଭାଗ ନେଇଥିଲେ। ଚଳିତ ବର୍ଷ ଆସନ୍ତା ୨୭ ତାରିଖରେ ଶ୍ରୀରାମ ନବମୀ ପୂଜା ଧୁମଧାମରେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ପୂଜା ଅବସରରେ ଭଜନ ସନ୍ଧ୍ୟା, ଆନନ୍ଦ ବଜାର ଓ ଗ୍ରାମବାସୀଙ୍କ ସହଯୋଗରେ ମନୋରଞ୍ଜନ ପୂର୍ଣ୍ଣ କାର୍ଯ୍ୟକ୍ରମ ସହିତ ଅପେରାଅନୁଷ୍ଠାନ ଆୟୋଜନ କରାଯିବ। ଏହି ପବିତ୍ର ଅବସରକୁ ସଫଳ କରିବା ପାଇଁ ଗ୍ରାମବାସୀ ଏକତ୍ରିତ ଭାବେ ଆଗକୁ ଆସି ସହଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ। ବୈଠକରେ ମାର୍କଣ୍ଡ ଓଝା, ରତିକାନ୍ତ ରାଉତ, ପ୍ରାଣବଲ୍ଲଭ ପାଢ଼ୀ, ସୁଧାଂଶୁ ରାଉତ, ପ୍ରିୟବ୍ରତ ନାୟକ, କୀର୍ତ୍ତନ ନାୟକ, ବିକ୍ରମଦେବ ରାଉତ, ବିମଳ କିଶୋର ଜେନା ଓ ରାଧାଗୋବିନ୍ଦ ଦାଶ, ସନାତନ ଓଝା, ମୁକେଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜପଥ ଉପରେ ସିରିଜ୍ ଦୁର୍ଘଟଣା



ତୁରୁମୁଙ୍ଗା, ୨୧।୩(ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ହାତୀବାରି ନିକଟରେ ଶନିବାର ମଧ୍ୟାହ୍ନରେ ସିରିଜ ଦୁର୍ଘଟଣା ଘଟିଛି। ଏକ ଟ୍ରେଲର ଭାରସାମ୍ୟ ହରାଇ ଡିଭାଇଡର ଉପରକୁ ଚଢ଼ି ବିପରୀତ ଦିଗରୁ ଆସୁଥିବା ଦୁଇଟି ଟ୍ରକକୁ ଜୋରଦାର ଧକ୍କା ଦେଇଥିଲା। ଦୁର୍ଘଟଣାରେ ଟ୍ରଲର ଡ୍ରାଇଭର ଗାଡି ଭିତରେ ଚାପି ହୋଇ ଗୁରୁତର ଆହତ ହୋଇଥିବାବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ଗୁରୁତର ଡ୍ରାଇଭରଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ଗୁରୁତର ଡ୍ରାଇଭରଙ୍କ ପରିଚୟ ମିଳି ପାରିନାହିଁ। ଦୁର୍ଘଟଣା ପରେ ରାଜପଥରେ ଯାନ ଚଳାଚଳ ଗୁରୁତର ଭାବେ ପ୍ରଭାବିତ ହୋଇଥିବାବେଳେ ରାଜପଥର ଗୋଟିଏ ପଟରେ ଦୀର୍ଘ ସମୟ ଧରି ଗାଡ଼ିମୋଟର ଅଟକି ରହିଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିଗୁଡିକୁ ଜବତ କରି ଯାନବାହନ ଚଳାଚଳ ସ୍ୱାଭାବିକ କରିଥିଲା।



# ହର୍ଷଉଲ୍ଲାସରେ ଇଦ୍-ଉଲ୍-ଫିତର ପାଳିତ




କେନ୍ଦୁଝର, ୨୧।୩(ସମିସ):

ଦୀର୍ଘ ଏକମାସ ବ୍ୟାପୀ ସଂଯମରେ ରହି ରୋଜାକୁ ସଫଳତାର ସହିତ ସମ୍ପନ୍ନ କରି ଶୁକ୍ରବାର ସନ୍ଧ୍ୟାରେ ଆକାଶରେ ଇଦର ଚାନ୍ଦ ଦେଖିବା ସହିତ ଇସଲାମଧର୍ମବଲମ୍ବୀ ଭାଇଭଉଣୀମାନେ ଶନିବାର ସୁଦ୍ଧପୁତ ହୋଇ ନବବସ୍ତ୍ର ପରିଧାନପୂର୍ବକ ମସଜିଦରେ ଏକତ୍ରିତ ହୋଇଥିଲେ। ଆଲ୍ଲାଙ୍କ ଉଦ୍ଦେଶ୍ୟରେ ନମାଜ ପାଠ କରି ବିଶ୍ୱଶାନ୍ତି ଓ ଭ୍ରାତୃଭାବ ନିମନ୍ତେ ଦୁଆ କରିଥିଲେ। ଜୁମ୍ମା ମସଜିଦ ଇମାମ ମୌଲାନା ଇର୍ସାଦ ଫଇଜି ରୋଜା ରମଜାନ ଓ ଇଦ ସମ୍ପର୍କରେ ତକ୍ରୀର କରିଥିଲେ। ନମାଜ ପାଠ ପରେ ସଲାମ ପାଠ କରାଯାଇଥିଲା। ଏହାପରେ ପରସ୍ପରକୁ ଆଲିଙ୍ଗନ କରି ହାତ ମିଳାଇ ଇଦମୁବାରକ ଜଣାଇଥିଲେ। ହିନ୍ଦୁମୁସଲିମ ସମ୍ପର୍କୀୟ ପଡୋଶୀ ମିଶି ଲଚ୍ଛା, ସିମେଇ, ମିଷ୍ଟାନ୍ନ ଖାଇବା ସହିତ ବଣ୍ଟନ କରିଥିଲେ।

**ଯୋଡ଼ା:** ପବିତ୍ର ରମଜାନ ମାସର ଶେଷରେ ପାଳିତ ହେଉଥିବା ଇଦୁଲ ଫିତର ପର୍ବ ଯୋଡ଼ା ସହରରେ ମଧ୍ୟ ଖୁବ ଧୁମଧାମରେ ପାଳନ କରାଯାଇଛି। ସକାଳୁ ସକାଳୁ ମୁସଲିମ ଭାଇଭଉଣୀମାନେ ନୂତନ ପୋଷାକ ପିନ୍ଧି ନିକଟସ୍ଥ ମସଜିଦରେ ଏକତ୍ରିତ ହୋଇ ବିଶେଷ ନମାଜ ପାଠ କରିଥିଲେ। ମସଜିଦରେ ଆଜି ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ନମାଜ ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ କରି 'ଇଦ ମୁବାରକ' ଶୁଭେଚ୍ଛା ଜଣାଇଥିଲେ। ଏହି ପର୍ବ ମାନବତା, ଭାଇଚାରା ଓ ସହଯୋଗର ସନ୍ଦେଶ ଦେଇଥାଏ। ଘରେ ଘରେ ବିଭିନ୍ନ ପ୍ରକାରର ରୋଷେଇ, ବିଶେଷ କରି ସେମେଇ, କବାବ ଓ ମିଠା ପ୍ରସ୍ତୁତ କରାଯାଇଥାଏ। ଛୋଟ ପିଲାମାନେ ନୂତନ ପୋଷାକ ପିନ୍ଧି ଖୁସିରେ ମଜା କରୁଥିବା ବେଳେ ବୃଦ୍ଧମାନେ ସମାଜର ଶାନ୍ତି ଓ ଉନ୍ନତି ପାଇଁ ପ୍ରାର୍ଥନା କରିଥିଲେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଟକଣା କରାଯାଇଥିଲା, ଯାହା ଫଳରେ ପର୍ବଟି ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ଯୋଡ଼ା ପୌରପାଳିକାର ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ସାହୁ, ଯୋଡ଼ା ଥାନାର ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ଯୋଡ଼ା ଟ୍ରକ ମାଲିକ ସଙ୍ଘର ସମ୍ପାଦକ ସୁଶାନ୍ତ କୁମାର ବାରିକ, ବିଜୁ ଜନତା ଦଳର ଜିଲ୍ଲା ସମ୍ପାଦକ ବାବୁଲାଲ ସାହୁ, ଯୋଡ଼ା ଟ୍ରକ ମାଲିକ ସଙ୍ଘର ପୂର୍ବତନ ସମ୍ପାଦକ ରବିନାରାୟଣ ଦାସ, କାବୁ ଜେନା ପ୍ରମୁଖ ଇଦ ପର୍ବର ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ମଦିନା ମସଜିଦ ସଭାପତି ଏମଡି ସୋଏବ ପରିଚାଳନା କରିଥିଲେ।

**ଆନନ୍ଦପୁର:** ଘସିପୁରା ବ୍ଲକ୍ ପଣ୍ଡୁଆ ଓ ପଞ୍ଚହରା ଗ୍ରାମର ମୁସଲମାନ ସମ୍ପ୍ରଦାୟ ଇଦୁଲଫିତର ପର୍ବକୁ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ସମୂହ ନମାଜ ପାଠ କରିବା ସହ କବର ସ୍ଥାନରେ ପୂଜାର୍ଚ୍ଚନା କରି ପରସ୍ପରକୁ ଇଦୁଲଫିତର ଶୁଭେଚ୍ଛା ଜଣାଇଛନ୍ତି। ସମସ୍ତେ ନୂଆ ପୋଷାକ ପରିଧାନ କରିବା ସହ ଭୋଜିଭାତର ଆସର ଜମିଛି। ପଞ୍ଚହରା ଗ୍ରାମର ମୌଲବୀ ମହମ୍ମଦ ସିରାଜ, ସଭାପତି ମିର୍ଜା ୟାକୁବ ବେଗ୍, ସମ୍ପାଦକ ମିର୍ଜା ସଫିଉଦ୍ଦିନ ବେଗ୍, ମିର୍ଜା ଜାହାଙ୍ଗୀର ବେଗ୍, ଅଲ୍ଲୀ ମିର୍ଜା, ପଣ୍ଡୁଆର ମୌଲବୀ ଏମ୍‌ଡି ଆକ୍ରମ୍, ସର୍ଦ୍ଦାରଅବଦୁଲରହିମ୍ ଖାନ୍, ହନାନ୍ ଖାନ୍, ମହମ୍ମଦ ତାବୁଦ୍ଦିନ ଖାନ୍, ତାଇସିମ୍ ଖାନ୍, ହାଫିଦୁଦ୍ଦିନ ଖାନ୍, ମୌଲବୀ ହୁସେନଙ୍କ ସହ ସମସ୍ତଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।




## ଆଦିବାସୀ ମହିଳାଙ୍କୁ ଦୁଷ୍କର୍ମ, ଅଭିଯୁକ୍ତ ଗିରଫ

ନୀଳଗିରି, ୨୧।୩ (ସମିସ): ନୀଳଗିରି ଉପଖଣ୍ଡ ବରହମପୁର ଥାନା ଅଞ୍ଚଳରେ ଜଣେ ଆଦିବାସୀ ବିଧବା ମହିଳାଙ୍କୁ ଦୁଷ୍କର୍ମ ସହ ହତ୍ୟା ଧମକ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟିକରିଛି। ମହିଳାଜଣକ ଏକ ଭୋଜି ଖାଇ ଫେରୁଥିବା ବାଟରେ ରାତ୍ରି ପ୍ରାୟ ୮ଟା ସମୟରେ ଜଳେଶ୍ୱର ଅଞ୍ଚଳର ଗୋବିନ୍ଦ ଓରଫ ଅଜୟ ହେମ୍ବ୍ରମ (୪୬) ମହିଳାଙ୍କୁ ଏକୁଟିଆ ପାଇ କେନ୍ଦୁଆ ସ୍ଥିତ ପାଣିଟାଙ୍କି ନିକଟରେ ଥିବା ଏକ ବୁଦାପାଖରେ ଦୁଷ୍କର୍ମ କରିଥିଲା ଏବଂ ଘଟଣା ପୁଲିସ ନିକଟରେ କିମ୍ବା ବାହାରେ ପ୍ରକାଶକଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଏ ନେଇ ପୀଡ଼ିତାଜଣକ ୨୧ତାରିଖରେ ବରହମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ତୁରନ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ହିନ୍ଦୁ ନବବର୍ଷ ପାଳିତ

ବାଲେଶ୍ୱର,୨୧।୩ (ସମିସ): ବ୍ରହ୍ମକୁମାରୀ ବାଲେଶ୍ୱର ସେବା କେନ୍ଦ୍ର ପକ୍ଷରୁ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉତ୍ସବ ପାଳନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ରାଲି କେନ୍ଦ୍ର ପ୍ରଭାରୀ ବିକେ ପ୍ରମିଳାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ବିକେ ସୁଭାଶ୍ରୀ,ବିକେ ମିନତୀ, ବିକେ ଗଣେଶ, ବିକେ ମସନ୍ତ ପ୍ରମୁଖ ଯୋଗଦାନ କରିଥିଲେ।

## ପ୍ରତାପପୁର ପଞ୍ଚାୟତସ୍ତରୀୟ କିଶୋରୀ ମେଳା

କାଳିପଦା, ୨୧।୩ (ସମିସ): ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପପୁର ପଞ୍ଚାୟତରେ ସୁରୁଡିହା ବାତ୍ୟା ଆଶ୍ରୟସ୍ଥଳ ପରିସରରେ ପଞ୍ଚାୟତସ୍ତରୀୟ କିଶୋରୀ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କିଶୋରୀ ମେଳରେ ଅଙ୍ଗନବାଡ଼ି ସୁପରଭାଇଜର ଅଞ୍ଜଳି ମୁର୍ମୁ ପୌରାହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରତାପପୁର ସରପଞ୍ଚ କସ୍ତୁରୀବାଳା ପାତ୍ର, ମୁଖ୍ୟ ବକ୍ତା ଭାବେ ନଳିନୀକାନ୍ତ ପାଢ଼ୀ, ସମ୍ମାନିତ ଅତିଥି ଭାବେ ସତ୍ୟରଞ୍ଜନ ବେହେରା, ନିମାଇଁଗିରି, ଏଏନଏମ ଲିଜାରାଣୀ ମଣ୍ଡଳ ଯୋଗ ଦେଇ କିଶୋରୀମାନଙ୍କର ସ୍ୱାସ୍ଥ୍ୟ, ସୁରକ୍ଷା, ଶିକ୍ଷା ଓ ଶୃଙ୍ଖଳିତ ଆଚରଣ ଉପରେ ଜୋର ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ନାରୀ ସଶକ୍ତୀକରଣ ଉପରେ ଚିତ୍ରାଙ୍କନ, ଡିବେଟି, ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଙ୍ଗନବାଡି କର୍ମୀ ସୁମତି ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ୍ୟୁ

ସୋର, ୨୧।୩(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ଛକ ନିକଟରେ ଅଜଣା ଗାଡି ଧକାରେ ଚାନ୍ଦିପୁର ଡିଆରଡିଓରେ କାର୍ଯ୍ୟରତ ସିକ୍ୟୁରୀଟି ଗାର୍ଡଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା କଣ୍ଟିଆ ଗ୍ରାମର ଶ୍ରୀକାନ୍ତ ସୁତାର (୨୭) ଦୀର୍ଘଦିନ ଧରି ଚାନ୍ଦିପୁର ଡିଆରଡିଓରେ ସିକ୍ୟୁରୀଟି ଗାର୍ଡ ଭାବେ କାମ କରନ୍ତି। ଆଜି ରାତିରେ ଡିୟୁଟି ଥିବାରୁ ଶ୍ରୀକାନ୍ତ ଘରୁ ବାହାରି ଦହିପୁର ଗ୍ରାମରେ ଥିବା ତାଙ୍କ ଭିଣୋଇ ଘରକୁ ଯାଇଥିଲେ। ଅପରାହ୍ନରେ ସେଠାରୁ ନିଜର ବାଇକରେ ଚାନ୍ଦିପୁର ଅଭିମୁଖେ ଯାଉଥିଲେ। ଏହି ସମୟରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡ଼ା ଛକ ନିକଟରେ ଏକ ଗାଡି ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ଶ୍ରୀକାନ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଟିକୁ ଜବତ କରିଥିବା ବେଳେ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିଛି।

## ରେଳଷ୍ଟେସନ ଏଟିଏମ୍‌ରୁ ବାହାରିଲା ଧୂଆଁ

ସୋର, ୨୧।୩ (ସମିସ): ସୋର ରେଳଷ୍ଟେସନ ପରିସରରେ ଥିବା ଏସବିଆଇ ଏଟିଏମ୍‌ରୁ ଆଜି ମଧ୍ୟାହ୍ନରେ ଧୂଆଁ ବାହାରୁଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ସୋର ଷ୍ଟେସନ ମ୍ୟାନେଜରଙ୍କୁ ଜଣାଇବା ପରେ ସେ ସୋର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପାୱାର କଟ୍ କରିଥିଲେ। ପରେ ସୋର ଏସବିଆଇ ଶାଖା ପ୍ରବନ୍ଧକ ଗୋବିନ୍ଦ ନାୟକ ଘଟଣାସ୍ଥଳରେ ପହଞ୍ଚି ଏଟିଏମ୍‌କୁ ବନ୍ଦ କରିବା ସହ ମରାମତି ପରେ ଏଟିଏମ୍ ଖୋଲା ହେବା ନେଇ ସୂଚନା ଦେଇଛନ୍ତି।

## ବେଆଇନ ବାଲି ବୋଝେଇ ଡମ୍ପର ଜବତ

ସୋର, ୨୧।୩ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜଛକ ନିକଟରୁ ଏକ ବେଆଇନ ବାଲି ବୋଝେଇ ଡମ୍ପରକୁ ସୋର ତହସିଲଦାର ଜବତ କରିଛନ୍ତି। ସୋର ତହସିଲଦାର ଚିନ୍ମୟ କୁମାର ରାଉତ ଆଜି ସନ୍ଧ୍ୟାରେ କଲେଜ ଛକରେ ଅଚାନକ ଚଢ଼ାଉ କରିଥିଲେ। ଏହି ସମୟରେ ଭଦ୍ରକରୁ ବାଲି ବୋଝେଇ କରି ବାଲେଶ୍ୱର ଅଭିମୁଖେ ଆସୁଥିବା ଡମ୍ପରକୁ ଅଟକାଇ କାଗଜ ପତ୍ର ଯାଞ୍ଚ କରିଥିଲେ। ଯାଞ୍ଚ ପରେ ବେଆଇନ ଭାବେ ବାଲି ପରିବହନ କରୁଥିବା ଜାଣିପାରି ଡମ୍ପର ଟିକୁ ଜବତ କରି ସୋର ତହସିଲ ପରିସରରେ ରଖିଥିବା ଜଣାପଡିଛି।

## ସ୍ଥାୟୀ ନିଯୁକ୍ତି ଦାବିରେ ଏପିଓଙ୍କ କଳାବ୍ୟାଜ୍ ପରିଧାନ

ବାଲିଆପାଳ, ୨୧।୩ (ସମିସ): ରାଜ୍ୟର ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ମନରେଗା ଅଧୀନରେ ଦୀର୍ଘ ୧୫ ବର୍ଷ ଧରି କାର୍ଯ୍ୟରତ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ) ମାନଙ୍କ ସ୍ଥାୟୀ ନିଯୁକ୍ତି ଦାବି ନେଇ ଓଡ଼ିଶା ଷ୍ଟେଟ ଏମସି ଏବଂ ଏପିଓ ଆସୋସିଏସନ (ଓସମା) ର ଆହ୍ୱାନରେ ରାଜ୍ୟରେ ସମସ୍ତ ବ୍ଲକର କାର୍ଯ୍ୟରତ ଏପିଓ ମାନେ କଳାବ୍ୟାଚ ପରିଧାନ କରି ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ ଆରମ୍ଭ କରିଛନ୍ତି। ରାଜ୍ୟ ସଂଘର ଆହ୍ୱାନରେ ସାମିଲ ହୋଇ ବାଲେଶ୍ୱର ଜିଲ୍ଲା ସଂଘର ସଭାପତି ସୌମ୍ୟକାନ୍ତ ଦାସଙ୍କ ପରାମର୍ଶ କ୍ରମେ ଜିଲ୍ଲାର ସମସ୍ତ ବ୍ଲକର ଏପିଓ ମାନେ କଳାବ୍ୟାଚ ପରିଧାନ କରି ୧୮ ତାରିଖ ଠାରୁ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ ଆରମ୍ଭ କରିଛନ୍ତି। ଏହି ପ୍ରତିବାଦ ଆସନ୍ତା ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି।

### ୧୯ ଦିନ ଧରି ବାହାନଗା ବ୍ଲକରେ ଛତୁଆ ବଣ୍ଟା ନ ଯିବା ଘଟଣା

# ଜିଲ୍ଲା ଚାଇଲ୍ଡ ହେଲ୍ପ ଲାଇନ ୟୁନିଟ୍‌ର ତଦନ୍ତ

ବାଲେଶ୍ୱର, ୨୧।୩ (ସମିସ)



ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକରେ ମହିଳା ଓ ଶିଶୁ ବିକାଶ ବିଭାଗର ଅସଲ ମୁଖା ଖୋଲିଯାଇଛି। ପ୍ରଶାସନର ଚରମ ଅବହେଳା ଓ ଦାୟିତ୍ୱହୀନତା ଯୋଗୁଁ କୁନି କୁନି ଶିଶୁଙ୍କ ପୁଷ୍ଟି ଅଧିକାରକୁ ଏଠାରେ ଜଳାଞ୍ଜଳି ଦିଆଯାଇଛି। ମାର୍ଚ୍ଚ ମାସର ୧୯ ଦିନ ବିତିଯାଇଥିଲେ ସୁଦ୍ଧା ବ୍ଲକର ଶତାଧିକ ଅଙ୍ଗନବାଡି କେନ୍ଦ୍ରରେ ଛତୁଆ ପହଞ୍ଚି ନାହିଁ। ସବୁଠାରୁ ସଂଘାତିକ ବିଷୟ ହେଉଛି, ଜିଲ୍ଲା ପ୍ରଶାସନର ରିପୋର୍ଟ ଅନୁଯାୟୀ ୫ ତାରିଖ ସୁଦ୍ଧା ସବୁଠି ଛତୁଆ ବଣ୍ଟନ ସରିଛି, ମାତ୍ର ବାସ୍ତବରେ ଶହ ଶହ ଶିଶୁ ଏପର୍ଯ୍ୟନ୍ତ ଖାଦ୍ୟ ପାଇନାହାନ୍ତି। ଏହା ପଛରେ ଲକ୍ଷ ଲକ୍ଷ ଟଙ୍କାର 'ଫଲ୍ସ ବିଲ୍' ପ୍ରସ୍ତୁତ କରି ସରକାରୀ ଅର୍ଥ ହଡ଼ପ କରିବାର ଏକ ବଡ଼ ଚକ୍ରାନ୍ତ ଚାଲିଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ବାହାନଗା ଆଇସିଡିଏସର ୨୪୯ଟି କେନ୍ଦ୍ର ମଧ୍ୟରୁ ଝାଡ଼େଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀ ଦାୟିତ୍ୱରେ ଥିବା ୧୨୬ଟି କେନ୍ଦ୍ରରେ ୧୮୮୦ ଜଣ ଶିଶୁଙ୍କ ମଧ୍ୟରୁ ଶହ ଶହ ଶିଶୁଙ୍କୁ ଛତୁଆ ମିଳିନଥିବା ବେଳେ, ଭାରପ୍ରାପ୍ତ ସିଡିପିଓ ଦମୟନ୍ତୀ ହେମ୍ବ୍ରମଙ୍କ "ଛତୁଆ ଯୋଗାଣକାରୀ ସଂସ୍ଥା ଆମ କଣ୍ଟ୍ରୋଲରେ ନାହିଁ" ବୋଲି ବେପରୁଆ ମନ୍ତବ୍ୟ ଦେଇଛନ୍ତି। ଏ ନେଇ ଘଟଣା ସମ୍ପର୍କରେ ରାଜ୍ୟ ଶିଶୁ ସୁରକ୍ଷା ବିଭାଗ ନିକଟରେ ଅଭିଯୋଗ ହେବା ପରେ ବାଲେଶ୍ୱର ଜିଲ୍ଲା ଚାଇଲଡ ହେଲ୍ପ ଲାଇନ ୟୁନିଟର ୨ ଜଣିଆ ଟିମ୍ ପଞ୍ଚାନନ ତ୍ରିପାଠୀ ଓ ପ୍ରଶାନ୍ତ କୁମାର ରାଉତ ବାହାନଗା ଆଇସିଡିଏସ କାର୍ଯ୍ୟାଳୟରେ ପହଞ୍ଚି ତଦନ୍ତ କରିବା ପରେ ଅନେକ ଅସଲ ସତ ସାମ୍ନାକୁ ଆସିଛି। ତଦନ୍ତରୁ ଜଣାପଡ଼ିଛି ଯେ, ମାସର ଦୀର୍ଘ ୧୯ ଦିନ ବିତିବା ପରେ ବି ପ୍ରାୟ ୪୦ଟି କେନ୍ଦ୍ରର ୪୬୬ ଜଣ ଶିଶୁ ଏପର୍ଯ୍ୟନ୍ତ ଛତୁଆ ପାଇନାହାନ୍ତି। ଅଙ୍ଗନବାଡି ସୁପରଭାଇଜରମାନେ ଫିଲଡ଼ ଭିଜିଟ ସହ ସଠିକ ରିପୋର୍ଟ ନ ଦେବା ସହ ଭାରପ୍ରାପ୍ତ ସିଡିପିଓ ମଧ୍ୟ ଏହାର କୌଣସି ସଠିକ ତନାଘନା କରିନାହାନ୍ତି। ଏପରିକି ଜିଲ୍ଲା ସ୍ତରୀୟ ଅଧିକାରୀ ଡିଏସଡବ୍ଲ୍ୟୁ ଜ୍ୟୋତ୍ସ୍ନା ମହାନ୍ତିଙ୍କୁ ମଧ୍ୟ ଏହି ଘଟଣା ସମ୍ପର୍କରେ ୧୯ ତାରିଖ ପର୍ଯ୍ୟନ୍ତ ଅନ୍ଧାରରେ ରଖାଯାଇଥିବା ଜଣାପଡ଼ିଛି। ସରକାରୀ ଯୋଜନାକୁ ବାଟମାରଣା କରୁଥିବା ଏହି ଦୁର୍ନୀତିଖୋର ଅଧିକାରୀ ଓ ଯୋଗାଣକାରୀ ସଂସ୍ଥା ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ଏମିତି କି ବଣ୍ଟା ଯାଇଥିବା ଛତୁଆ ପ୍ୟାକେଟର ଛତୁଆର ମାନ ପରୀକ୍ଷା ସହ ଅବଧି ତାରିଖ ଲେଖା ଅଛି କି ନାହିଁ ଉଚ୍ଚସ୍ତରୀୟ ଅଧିକାରୀଙ୍କ ମାଧ୍ୟମରେ ତଦନ୍ତ କରାଯିବାକୁ ପାଇଁ ଏବେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଯଦି ଜଣେ ଦାୟିତ୍ୱବାନ ଅଧିକାରୀଙ୍କ ନିୟନ୍ତ୍ରଣରେ ବ୍ଲକର ଆଇସିଡିଏସ ବ୍ୟବସ୍ଥା ନାହିଁ, ତେବେ ସେ କେଉଁ ଆଧାରରେ ସେହି ପଦବୀରେ ବସିଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଏହି ଘଟଣା ଏବେ ସମଗ୍ର ବାଲେଶ୍ୱର ଜିଲ୍ଲାରେ ପ୍ରଶାସନିକ ଅସଫଳତାର ଏକ ବଡ଼ ଉଦାହରଣ ପାଲଟିଛି। ଏ ନେଇ ତଦନ୍ତକାରୀ ଚାଇଲଡ଼ ହେଲ୍ପ ଲାଇନର ତଦନ୍ତକାରୀ ଅଧିକାରୀ କୁହନ୍ତି ଅଭିଯୋଗ ମୁତାବକ ତଦନ୍ତ କରୁଛୁ, ପ୍ରାଥମିକ ତଦନ୍ତରେ ଶିଶୁଙ୍କ ପ୍ରତି ଅବହେଳା କରାଯାଇଥିବାର ପ୍ରମାଣ ମିଳିଛି, ତଦନ୍ତ ଜାରୀ ରହିଛି। ତଦନ୍ତ ପରେ ଜିଲ୍ଲା ସ୍ତରର ଅଧିକାରୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବୁ ବୋଲି ପ୍ରକାଶ କରିଛନ୍ତି।

## ବେଳାଭୂମିରେ ସଫେଇ କାର୍ଯ୍ୟକ୍ରମ




ବାଲେଶ୍ୱର,୨୧।୩ (ସମିସ): କଷାଫଳ ବେଳାଭୂମିସ୍ଥିତ ବାରୁଣୀ ମେଳା ପଡିଆରେ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ପକ୍ଷରୁ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କଷାଫଳ ବାରୁଣୀ ଘାଟକୁ ଓଡିଶା ସମେତ ପଡୋଶୀ ରାଜ୍ୟ ପଶ୍ଚିମ ବଙ୍ଗ ଏବଂ ଝାଡଖଣ୍ଡ ଅଞ୍ଚଳରୁ ପ୍ରାୟ ପାଞ୍ଚ ଲକ୍ଷରୁ ଉକ୍ଷରୁ ଶ୍ରଦ୍ଧାଳୁ ବାରୁଣୀ ସ୍ନାନ କରିବା ପାଇଁ ପହଞ୍ଚିଥିଲେ। ଏହା ସହିତ ବେଳାଭୂମିରେ ଏକ ବୃହତ୍ ମେଳା ମଧ୍ୟ ବସିଥିଲା। ମେଳା ସରିବା ପରେ ସମୁଦ୍ର ତଟ ଓ ଝାଉଁ ଜଙ୍ଗଲ ଭିତରେ ବହୁ ପରିମାଣର ପ୍ଲାଷ୍ଟିକ୍ ଆବର୍ଜନା ରହିଥିଲା। ଏହାକୁ ଲକ୍ଷ୍ୟ କରି କମିଟି ସଭାପତି ସାମାଜିକ କର୍ମୀ ତଥା ପ୍ରକୃତି ବନ୍ଧୁ ସୁମନ୍ତ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାରୁଣୀ ମେଳା ପଡିଆରୁ ସାରଙ୍ଗ ଦେବ ମନ୍ଦିର ପର୍ଯ୍ୟନ୍ତ ପଡିଥିବା ଅଳିଆ ଆବର୍ଜନାକୁ ପରିଷ୍କାର ପରିଚ୍ଛନ୍ନ କରିବା ସହିତ ସମାଜକୁ ସ୍ୱଚ୍ଛତାର ଏକ ପ୍ରଶଂସନୀୟ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମୁକୁନ୍ଦ ଆଦିକ, ନାଏବ ସରପଞ୍ଚ ପ୍ରିୟ ରଞ୍ଜନ ପୃଷ୍ଟି, ମା ମନସା କ୍ଲବ ଛୟାଳିଆ ଏବଂ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ଇସ୍ତଫା ଦେଲେ ବସ୍ତା ବ୍ଲକ ବିଜେଡି ସଭାପତି

ବାଲେଶ୍ୱର ସଦର,୨୧।୩ (ସମିସ) : ବିଜୁ ଜନତା ଦଳର ବସ୍ତା ବ୍ଲକ ସଭାପତି ଅନିଲ କୁମାର ମହାନ୍ତି ଆଜି ବିଜେଡିରୁ ଇସ୍ତଫା ଦେଇଛନ୍ତି। ରାଜ୍ୟସଭା ନିର୍ବାଚନକୁ କେନ୍ଦ୍ରକରି ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଉପରେ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଘଟଣାକୁ ବିରୋଧ କରି ସେ ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି। ୧୯୮୫ ମସିହାରୁ ସେ ଜଣେ କର୍ମୀ ହିସାବରେ ଦଳକୁ ସଂଗଠିତ କରିବା ସହ ବସ୍ତା ନିର୍ବାଚନ ମଣ୍ଡଳୀରେ ଲଗାତାର ୮ ଥର ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ବିଧାୟକ ରୂପେ ନିର୍ବାଚିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଦଳ ମଧ୍ୟ ତାଙ୍କୁ ତିନି ତିନି ଥର ବ୍ଲକ ସଭାପତି ରୂପେ ଦାୟିତ୍ୱ ଦେଇଛି। ମାତ୍ର ଆଜି ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟିକା ସୁବାସିନୀ ଜେନାଙ୍କ ଉପରେ ଦଳ ନେଇଥିବା କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ବିଜୁ ଜନତା ଦଳର ବ୍ଲକ୍ ସଭାପତି ଏବଂ ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟତା ପଦରୁ ଇସ୍ତଫା ଦେଉଛି ବୋଲି ଶ୍ରୀ ମହାନ୍ତି ନିଜ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

## ରେମୁଣା ସାହିତ୍ୟ ସଂସଦ ପକ୍ଷରୁ ପଖାଳ ଦିବସ

ବାଲେଶ୍ୱର,୨୧।୩(ସମିସ): ବିଶ୍ୱ ପଖାଳ ଦିବସ ଅବସରରେ ରେମୁଣା ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟିକ ଡ. ଭଗବାନ ପ୍ରସାଦ ଦାସଙ୍କ ପୌରହିତ୍ୟରେ ସାହିତ୍ୟ ସଂସଦ ଭବନ ପରିସରରେ ଏକ ପଖାଳ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ୟାକରଣବିତ୍ ନିରଞ୍ଜନ ସାହୁ, ମୁଖ୍ୟ ବକ୍ତା ଭାବେ ଫକୀରମୋହନ ସାହିତ୍ୟ ସଂସଦର ସମ୍ପାଦକ ଡ ରତ୍ନାକର ସିଂହ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଜଳଧର ଦାସ, କବି ପ୍ରଭାକର ସାହୁ, ବରିଷ୍ଠ ନାଗରିକ ମଂଚର ସମ୍ପାଦକ ନିରଞ୍ଜନ ମହାରଣା ପ୍ରମୁଖ ଯୋଗଦେଇ ପଖାଳ ଦିବସର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ଏହି ପରିପ୍ରେକ୍ଷୀରେ କବୟିତ୍ରୀ ଜୟଶ୍ରୀ ମିଶ୍ର, ସଇଦନ ବିବିଙ୍କ ସଂଯୋଜନାରେ ପଖାଳ ଉପରେ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଶେଷରେ ରମେଶଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

## ବାଲିଆ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ



ବାଲେଶ୍ୱର,୨୧।୩(ସମିସ): ସହରର ଉପକଣ୍ଠ ବାଲିଆ ଶିଶୁ ମନ୍ଦିରରେ କଣ୍ଢେଇ ଦିବସ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଶିଳ୍ପୀ କେଶୁ ଦାସ ଯୋଗ ଦେଇ କଣ୍ଢେଇର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଥିଲେ ଯେ କଣ୍ଢେଇ କେବଳ ଖେଳନା ନୁହେଁ, ଏହା କୋମଳମତି ପିଲାମାନଙ୍କ ସୃଜନଶୀଳ ଓ ବୈଦିକ ଜ୍ଞାନର ବିକାଶ ଘଟାଏ। ଅନ୍ୟତମ ଅତିଥି ଭାବେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ମହାନ୍ତି, ଉପସଭାପତି ବିଜୟ ମହାନ୍ତି, ସମ୍ପାଦକ ସନ୍ତୋଷ ନାୟକ ଯୋଗଦେଇ କଣ୍ଢେଇର ଉପକାରିତା ଉପରେ ମତବ୍ୟକ୍ତ କରିଥିଲେ। ଗୁରୁମା ପରାସୀ ରାଣୀ ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ବାବାଜୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗୀତ ଗୁରୁ ବ୍ରଜେଶ ପଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସଂଗୀତ ପରିବେଷଣ କରିବା ସହ କଣ୍ଢେଇ ଆଧାରିତ ସୁନ୍ଦର ସୁନ୍ଦର ସଂଗୀତ ପରିବେଷଣ କରିଥିଲେ।

### ● ସର୍ବଭାରତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ତାଇକ୍ୱୋଣ୍ଡୋ ପ୍ରତିଯୋଗିତା

## ରୋହତକ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ଚାମ୍ପିଅନ



ବାଲେଶ୍ୱର,୨୧।୩ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ତାଇକ୍ୱୋଣ୍ଡୋ (ମହିଳା) ପ୍ରତିଯୋଗିତା ସମାପ୍ତ ହୋଇଛି। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସଶକ୍ତୀକରଣ ଓ ଶକ୍ତିଶାଳୀ ଭବିଷ୍ୟତ ଗଢ଼ିବାର ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର କାର୍ଯ୍ୟ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ଅଧିକୃତ ପର୍ଯ୍ୟବେକ୍ଷକ ଡ଼କ୍ଟର ଦୀପକ ସି.ଏସ୍ (ବେଙ୍ଗାଲୁରୁ), କୁଳସଚିବ କୁକୁମୀନା ଦାସ ଓ କ୍ରୀଡା ପରିଷଦ ନିର୍ଦ୍ଦେଶକ ପ୍ରଫେସର ପବିତ୍ର ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାର ସଫଳ ଆୟୋଜନ କ୍ରୀଡା ପରିଷଦ ଉପନିର୍ଦ୍ଦେଶକ ଡ. ଅମିତ ଶର୍ମା ଓ ଶାରୀରିକ ଶିକ୍ଷା ଅଧିକାରୀ ସଂଗ୍ରାମ ବିଶୋଇଙ୍କ ନିର୍ଦ୍ଦେଶନାରେ ସମ୍ଭବ ହୋଇଥିଲା। ଦେଶର ୨୫ଟି ରାଜ୍ୟର ୧୭୯ଟି ବିଶ୍ୱବିଦ୍ୟାଳୟରୁ କ୍ରୀଡ଼ାବିତମାନେ ଏହି ପ୍ରତିଯୋଗିତାରେ ଯୋଗଦେଇ କ୍ରୀଡାସ୍ପୃହା ପ୍ରଦର୍ଶନ କରିଥିଲେ। ସମୁଦାୟ ଫଳାଫଳରେ ହରିୟାନା ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ଚାମ୍ପିଅନ୍ ହୋଇଥିବା ବେଳେ ସୁରତ (ଗୁଜରାଟ) ର ବୀର ନର୍ମଦ ଦକ୍ଷିଣ ଗୁଜରାଟ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଓ ଅମୃତସରର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ବିଜେତାମାନଙ୍କୁ ପଦକ ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ଗାଜିପୁରଠାରେ ଇଦଗାଁ ପଡିଆରେ ଇଦ୍ ପାଳିତ

ଚନ୍ଦନେଶ୍ୱର, ୨୧।୩ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ବିଭିନ୍ନ ବସ୍ତିରେ ଇଦ୍ ଉଲ ଫିତର ପାଳିତ ହୋଇଛି। ଏଥିରେ ହୁଗୁଳି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗାଜିପୁର ଇଦଗାଁ ପଡ଼ିଆରେ ଶହ ଶହ ସଂଖ୍ୟାରେ ମୁସଲମାନ ସମ୍ପ୍ରଦାୟରେ ଲୋକମାନେ ଏକଜୁଟ ହୋଇ ନମାଜ ପାଠ ସହିତ ଇଦପର୍ବ ପାଳନ କରିଛନ୍ତି। ଉକ୍ତ ଇଦ ପର୍ବରେ ଗାଜିପୁର ମସଜିଦର ମୌଲାନା ବାହାଉଦ୍ଦିନ, ସେକ ଆହମ୍ମଦ, ସେକ ଅଲ୍ଲୀରୁଦ୍ଦିନ, ସେକ ବାସେଦ, ଜଲାଲରୁଦ୍ଦିନ, ସେକ ଫରିଦ ପ୍ରମୁଖ ଉପସ୍ଥିତ ଥିଲେ।

### ଗୋପୀନାଥପୁର ସାର୍ବଜନୀନ ବାସନ୍ତୀପୂଜା

# ଅନୁମତି ଦେଉନି ପ୍ରଶାସନ, ଗ୍ରାମବାସୀଙ୍କ କ୍ଷୋଭ

ଭୋଗରାଇ,୨୧।୩ (ସମିସ)



ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗୋପୀନାଥପୁର ବାସନ୍ତୀ ପଡ଼ିଆ ହେବାକୁ ଯାଉଥିବା ବାସନ୍ତୀ ପୂଜାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ବହୁ ପୂର୍ବରୁ ଉକ୍ତ ପଡ଼ିଆରେ ପୂଜା ଉତ୍ସବ ପାଇଁ ଅନୁମତି ଲାଗି ଆବେଦନ କରାଯାଇଥିଲେ ମଧ୍ୟ ଏଯାଏଁ ମିଳୁନି ଅନୁମତି। ପୂଜାକୁ ଆଉ ମାତ୍ର ୩ଦିନ ବାକି ରହିଥିବା ବେଳେ ପ୍ରଶାସନର ଏଭଳି ଉଦାସୀନତାକୁ ନେଇ ପୂଜା କମିଟି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଶନିବାର ଅପରାହ୍ନରେ ପୂଜା କମିଟି ପକ୍ଷରୁ ବାସନ୍ତୀ ପଡ଼ିଆ ଠାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ରାଜନୈତିକ ଚାପ ଗ୍ରସ୍ତ ହୋଇ ପ୍ରଶାସନ ପୂଜା ପାଇଁ ଅନୁମତି ଦିଆ ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ସୂଚନାଯୋଗ୍ୟ ଯେ ଗତ ୨୦୧୧ ମସିହା ଠାରୁ ଏଠାରେ ସାର୍ବଜନୀନ ବାସନ୍ତୀ ପୂଜା ଆରମ୍ଭ ହୋଇଥିଲା। ଦୁଇ ବର୍ଷ ପୂଜା ହେବା ପରେ ୨୦୧୩ ମସିହାରେ ମୂଳ କମିଟି ରୁ ଅଲଗା ହୋଇ କେତେକ ସଦସ୍ୟ ଅନ୍ୟ ସ୍ଥାନରେ ପୂଜା କରିଆସୁଥିଲେ। ମାତ୍ର ୨୦୨୫ ମସିହାରେ ପୂଜାକୁ ନେଇ ପୁଣି ୨ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ପୂଜା ବିଭାଜନ ପରେ ଗୋଟିଏ ଗୋଷ୍ଠୀ ଅନ୍ୟ ସ୍ଥାନରେ ପୂଜା କରିଆସୁଥିଲା ବେଳେ ଉଦ୍ଦେଶ୍ୟ ମୂଳକ ଭାବେ ଅନ୍ୟ ଗୋଷ୍ଠୀ ଦ୍ୱାରା ଯେଉଁ ପଡିଆରେ ପୂଜା ହେଉଥିଲା ସେଠାରେ ପୂଜା କରିବା ପାଇଁ ଅଡ଼ି ବସିଥିବା ନେଇ କମିଟିର ସମ୍ପାଦକ ହୀରାଚାନ୍ଦ ଦାସ ଓ ଉପସଭାପତି ଅନିରୁଦ୍ଧ ପରିଡା ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଫଳରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ବାସନ୍ତୀ ଦେବୀ ସହିତ ପାଶ୍ୱର୍ ଦେବୀଙ୍କ ମୂର୍ତ୍ତିର ମୁଣ୍ଡ କାଟ ଘଟଣା ଚର୍ଚ୍ଚା ଜୋର ଧରିଥିଲା। ଆଇନଶୃଙ୍ଖଳା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ସେଠାରେ ଶାନ୍ତି ଶୃଙ୍ଖଳା ନିମନ୍ତେ ୧୬୩ ( ବିଏନଏସ ) ଧାରା ଜାରି କରାଯାଇ ପୂଜା ବନ୍ଦ ନିମନ୍ତେ ଉଭୟ ପକ୍ଷକୁ ନିର୍ଦ୍ଦେଶ ଦିଆଯିବା ପରେ ଉଭୟପକ୍ଷ ବ୍ୟକ୍ତିଗତ ସ୍ଥାନରେ ପୂଜା କରିଥିଲେ । ଚଳିତ ବର୍ଷ ଏହି ମଧୁ ପାର୍ବଣ ନିମନ୍ତେ ଜିଲା ପ୍ରଶାସନ ଉଭୟ ପକ୍ଷକୁ ଡାକି ସମସ୍ୟାର ସମାଧାନ ନିମନ୍ତେ ବୈଠକ କରିଥିଲେ ମଧ୍ୟ ଅଦ୍ୟାବଧି ସ୍ଥାୟୀ ସମାଧାନ ହୋଇପାରିନାହିଁ। ପୂଜା ପାଇଁ ପ୍ରଶାସନକୁ ଅନୁମତି ମଗାଯାଇଥିଲା ବେଳେ ଏଯାଏଁ ଅନୁମତି ଦିଆଯାଇନାହିଁ। ଅପରପକ୍ଷରେ ବାସନ୍ତୀ ପଡିଆରେ ପୂଜା ନିମନ୍ତେ ମୂର୍ତ୍ତି ନିର୍ମାଣ ଚାଲୁଥିବାବେଳେ ପ୍ରଶାସନ ପକ୍ଷରୁ ନିର୍ମାଣ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଅଭିଯୋଗ ହୋଇଛି। ଏଭଳି ସଙ୍ଗୀନ ସ୍ଥିତି ପାଇଁ ପ୍ରଶାସନ ଦାୟୀ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ସମ୍ମିଳନୀରେ ପୂଜାକମିଟିର ସଦସ୍ୟ ଶକ୍ତିପଦ ପରିଡା, ଦେବେନ୍ଦ୍ର ସେଠୀ, ଶିବଶଙ୍କର ସେଠୀ, ସୁଶାନ୍ତ ପରିଡା, ବନବିହାରୀ ସାମଲ, ଆଶିଷ ବିଶ୍ୱାଳ, ପରେଶ ପ୍ରଧାନ, ଲକ୍ଷ୍ମୀକାନ୍ତ ସେଠୀ, ପ୍ରଦୀପ ଦଳେଇ, ଲକ୍ଷ୍ମୀକାନ୍ତ ପରିଡା, ଅରୁଣ ପ୍ରଧାନ, ରାମଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବିଷ ପକାଇଲେ ଦୁର୍ବୃତ୍ତ

ରାଜଘାଟ, ୨୧।୩ (ସମିସ): ମାଛଚାଷ ପୋଖରୀରେ ବିଷ ପକାଇ କୁଇଣ୍ଟାଲ କୁଇଣ୍ଟାଲ ମାଛ ମାରିଦେଲେ ଦୁର୍ବୃତ୍ତ। ବସ୍ତା ଥାନା ଭେଲୋରା ଗ୍ରାମରେ ଥିବା ମହାଦେବ ପୋଖରୀ କୁ ଗ୍ରାମର କିଛି ବ୍ୟକ୍ତି ପଞ୍ଚାୟତରୁ ଲିଜ ଆକାରରେ ଆଣି ମାଛଚାଷ କରିଥିଲେ। ଗତ ରାତିରେ କେହି ଦୁର୍ବୃତ୍ତ ଉକ୍ତ ପୋଖରୀରେ ବିଷ ପକାଇ ଦେଇଥିବାରୁ ପୋଖରୀରେ ଥିବା ସମସ୍ତ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ଏ ନେଇ ଲିଜ ନେଇଥିଲେ ବ୍ୟକ୍ତି ମାନେ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ କରୁଛି। ଲିଜ ନେଇଥିବା ବ୍ୟକ୍ତିମାନେ ଉକ୍ତ ପୋଖରୀକୁ ପଞ୍ଚାୟତରୁ ୩ ବର୍ଷ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କାରେ ନିଲାମ ଆଣିଥିବା ବେଳେ ଦୁଇଲକ୍ଷରୁ ଅଧିକ ଟଙ୍କାର ମାଛ ଯାଆଁଳ ଛାଡ଼ି ଥିଲେ। ବିଷକ୍ରିୟା ଫଳରେ ୪ ଲକ୍ଷରୁ ଅଧିକ ଟଙ୍କାର କ୍ଷତି ହୋଇଥିବାରୁ କ୍ଷତିପୂରଣ ପାଇଁ ଦାବି କରିଛନ୍ତି।

## ଅସରାଏ ବର୍ଷାରେ ରାସ୍ତା ଓ ଡ୍ରେନ୍ ଏକାକାର



ବାଲେଶ୍ୱର,୨୧।୩ (ସମିସ): ଏବେଠୁ ଘାରିଲାଣି ବର୍ଷା ଜଳ ନିଷ୍କାସନ ସମସ୍ୟା। ଅସରାଏ ବର୍ଷାରେ ରାସ୍ତା ଓ ନାଳ ଏକାକାର ହୋଇଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ବାଲେଶ୍ୱରରେ ବର୍ଷା ହୋଇଥିଲା। ଫଳରେ ସହରରେ କିଛି ସ୍ଥାନରେ ପାଣି ଜମିଥିଲା। ଏଥିସହିତ ରେମୁଣା ଅଞ୍ଚଳରେ ମଧ୍ୟ ପାଣି ନିଷ୍କାସନ ସମସ୍ୟା ଦେଖିବାକୁ ମିଳିଛି। ରାସ୍ତାରେ ବର୍ଷା ପାଣି ରହିବା ଦ୍ୱାରା ଯାତାୟାତରେ ସମସ୍ୟା ଭୋଗୁଛନ୍ତି ସ୍ଥାନୀୟବାସୀ। ଗତ କାଲି ବର୍ଷା ହେବା ଯୋଗୁଁ ରେମୁଣା ବ୍ଲକ ନିଜାମପୁର ପଞ୍ଚାୟତ ଦୁମୁଦା ଗାଁ ରାସ୍ତାରେ ବର୍ଷା ପାଣି ଜମି ରହିଛି। ଗାଁକୁ ଯାଇଥିବା ମୁଖ୍ୟ ରାସ୍ତା ଏହି ଅସରାଏ ବର୍ଷାରେ ପାଣି ଭର୍ତ୍ତି ହୋଇରହିଛି। ଡ୍ରେନ୍ ଥାଇ ମଧ୍ୟ ତାହା ଅଚଳ। ବଡ଼ ବର୍ଷା ସମୟରେ ଏହାର ଅବସ୍ଥା ନକହିବା ଭଲ। ତୁରନ୍ତ ଏହି ରାସ୍ତାକୁ ଉଚ୍ଚ କରି ନିର୍ମାଣ ସହ ଡ୍ରେନ୍ କାମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଅବ୍ୟବସ୍ଥା ଘେରରେ ଡୁଡୁମା କଲୋନୀ ବସଷ୍ଟାଣ୍ଡ

# ଅସରାଏ ବର୍ଷାରେ ଆଣ୍ଠୁଏ ପାଣି; ମୁହଁ ଫେରାଉଛନ୍ତି ଯାତ୍ରୀ



ବ୍ରହ୍ମପୁର, ୨୧।୩ (ସମିସ): ସହରର ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ, ଓଭରବ୍ରିଜ୍ ନିର୍ମାଣ ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ନୂଆ ବସଷ୍ଟାଣ୍ଡର ଠିକଣା ବଦଳିଥିଲା। ସହର ଭିତରେ ଥିବା ବସଷ୍ଟାଣ୍ଡ ବନ୍ଦ ବି ହୋଇଗଲା। ନୂତନ ଭାବେ ଫାଷ୍ଟଗେଟ୍ ସ୍ଥିତ ଡୁଡୁମା କଲୋନୀରେ ନୂତନ ବସଷ୍ଟାଣ୍ଡ ହେଲା। ଏଠାରୁ ଜିଲ୍ଲାର ଅନେକ ସ୍ଥାନକୁ ଗାଡ଼ି ଗଡ଼ିଲା। ପାଗ ଯେତେଦିନ ଭଲ ଦିନ ସବୁ କିଛି ଠିକ୍ ଥିଲା। ହେଲେ ଗତକାଲି ହୋଇଥିବା ସାମାନ୍ୟ ବର୍ଷା ଡୁଡୁମା କଲୋନୀ ବସଷ୍ଟାଣ୍ଡର ସମସ୍ୟା ପଦାରେ ପକାଇଦେଲା। ଘଣ୍ଟାଏ କାଳ ହୋଇଥିବା ବର୍ଷାରେ ବସଷ୍ଟାଣ୍ଡ ସାରା ପାଣି ଜମିଥିଲା। ଯାତ୍ରୀ ଯିବାକୁ ଅମଙ୍ଗ ହୋଇଥିଲେ। ବସଷ୍ଟାଣ୍ଡ କଡ଼ରେ ଠିଆ ହୋଇଥିଲେ କିନ୍ତୁ ବସ ନିକଟକୁ ଯିବାକୁ ସୁରକ୍ଷିତ ମଣିନଥିଲେ। ଡୁଡୁମା କଲୋନୀ ବସଷ୍ଟାଣ୍ଡ ଏବେ ଅବ୍ୟବସ୍ଥାର ଘେରରେ ପଡ଼ି ରହିଛି। ସ୍ୱଳ୍ପ ବର୍ଷା ହେଲେ ମାତ୍ରେ ଷ୍ଟାଣ୍ଡ ଭିତରେ ଆଣ୍ଠୁଏ ପାଣି ଜମିଯାଉଛି, ଯାହା ଯାତ୍ରୀମାନଙ୍କ ପାଇଁ ବଡ଼ ସମସ୍ୟା ସୃଷ୍ଟି କରୁଛି। ପାଣି ଜମି ରହିବାରୁ ଚାରିପାଖରେ ଦୁର୍ଗନ୍ଧ ମଧ୍ୟ ହୋଇଛି। ବର୍ଷା ପାଣି ନିଷ୍କାସନ ଲାଗି ସଠିକ ବ୍ୟବସ୍ଥା ନାହିଁ।

ଦିନ ତମାମ ଅଭିଯୋଗ ପରେ ସନ୍ଧ୍ୟାରେ ପାଇପ୍ ଓ ମେସିନ୍ ସହଯୋଗରେ ଉକ୍ତ ପାଣି ନିଷ୍କାସନ କରାଯାଇଥିବା ଦେଖିବାକୁ ମିଳିଛି। ଏହା ସହିତ ବସଷ୍ଟାଣ୍ଡରେ ସଫା-ସୁତୁରାର ଅଭାବ ପରିଲକ୍ଷିତ ହୋଇଛି। ଯେଉଁଠାରେ ତ୍ରାସ୍ତ ଯାତ୍ରୀମାନେ ଦଣ୍ଡାୟମାନ ହେବାକୁ ବାଧ୍ୟ, ସେଠାରେ ପାଣି ଜମିବାକୁ ସାଧାରଣରେ ନାପସନ୍ଦ କରାଯାଇଛି। ବସ ଆସିଲେ ଓ ଯିବାବେଳେ ଯାତ୍ରୀମାନେ ଏହି ପାଣି ଓ କାଦରେ ଦେଇ ଆଜି ଯିବାକୁ ବାଧ ହୋଇଛନ୍ତି। କେବଳ ଏତିକି ନୁହେଁ ବର୍ଷା ପାଇଁ ବସ ପାର୍କିଂ କରିବା ବି ସମସ୍ୟା ଭାବେ ଉଭା ହୋଇଛି। ପାର୍କ ସମୟରେ ବସ୍ ଦବି ଯାଉଥିବା ବସ କର୍ମଚାରୀମାନେ ପ୍ରକାଶ କରିଛନ୍ତି। ସ୍ଥାନୀୟ ପ୍ରଶାସନ ଯଦି ଏ ସମ୍ପର୍କରେ ଆଗୁଆ ଚିନ୍ତା କରନ୍ତ ତେବେ ଏଭଳି ସମସ୍ୟା ଦେଖାଦେଇ ନଥାନ୍ତା ବୋଲି ଯାତ୍ରୀମାନେ ପ୍ରକାଶ କରିଛନ୍ତି। ବର୍ଷା ଦିନ ପୂର୍ବରୁ ଏହାର ରୂପରେଖ ବଦଳିବା ଆବଶ୍ୟକତା ରହିଛି ବୋଲି ବସ୍ କର୍ମଚାରୀ ଓ ଯାତ୍ରୀମାନେ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ସଫଳତା

ବ୍ରହ୍ମପୁର,୨୧।୩(ସମିସ): ସ୍ୱାସ୍ଥ୍ୟସେବା ନେଇ ରାଜ୍ୟସ୍ତରୀୟରେ ପ୍ରଶଂସା ସାଉଁଟିଛି ଗଞ୍ଜାମ ଜିଲ୍ଲା। ଚଳିତବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ଜାତୀୟ ଗୁଣବତ୍ତା ମାନ ପ୍ରମାଣ ପତ୍ର କ୍ଷେତ୍ରରେ ଜିଲ୍ଲାର ସଫଳତା ହାସଲ କରିଛି। ଜିଲ୍ଲାର ସମସ୍ତ ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସଫଳତା ସହିତ ଜାତୀୟ ମାନ୍ୟତା ପାଇଛି। ସେହିପରି ଗ୍ରାମାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ ୬ଟି ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପକେନ୍ଦ୍ରରୁ ୨୩୧ଟି ସ୍ୱାସ୍ଥ୍ୟ ଅନୁଷ୍ଠାନ ଜାତୀୟ ଗୁଣବତ୍ତା ମାନ ପ୍ରମାଣପତ୍ର ଅନୁସାରେ ସଫଳତା ହାସଲ କରିଛନ୍ତି। ସେହିପରି କୟାକଳ୍ପ ପୁରସ୍କାର ୨୦୨୫-୨୬ରେ ମଧ ଗଞ୍ଜାମ ଜିଲ୍ଲା ଶୀର୍ଷ ସ୍ଥାନ ଅଧିକାର କରିଛି। ଗୋଟିଏ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୪ଟି ଉପଖଣ୍ଡ ଚିକିତ୍ସାଳୟ, ୨୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୮ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ୫୮ଟି ଗ୍ରାମାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୩୦୫ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପକେନ୍ଦ୍ର ଏବଂ ୧୯ଟି ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ଉପକେନ୍ଦ୍ର ସଫଳତା ହାସଲ କରିଛନ୍ତି। ଏଭଳି ଜିଲ୍ଲରେ ମୋଟ ୪୩୮ଟି ସ୍ୱାସ୍ଥ୍ୟ ଅନୁଷ୍ଠାନ କୟାକଳ୍ପ ଅଧୀନରେ ପୁରସ୍କୃତ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା ଫଳରେ ଗଞ୍ଜାମ ଜିଲ୍ଲା ରାଜ୍ୟରେ ସର୍ବାଧିକ ଜାତୀୟ ଗୁଣବତ୍ତା ମାନ ପ୍ରମାଣପାତ୍ର ଏବଂ କୟାକଳ୍ପ ପୁରସ୍କାର ପାଇଥିବା ଜିଲ୍ଲା ଭାବେ ପରିଚିତ ହୋଇଛି। ଆଉଟ ସୋର୍ସିଂ ଓ ନିୟମିତ କର୍ମଚାରୀ ଏବଂ ଅଧିକାରୀ ଉତ୍ତମ ସେବାରୁ ଜିଲ୍ଲା ରାଜ୍ୟ ସ୍ତରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଯାହାକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ତେବେ ମେଡ଼ିକାଲ ଗୁଡ଼ିକରେ ଖାଲି ଥିବା ପଦବୀ ପୂରଣ ଓ ଉଚିତ ସମୟରେ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ମିଳିଲେ ଗଞ୍ଜାମ ସବୁଠି ପ୍ରଶଂସିତ ହେବ ନିଶ୍ଚୟ।

### ହଳଦିଆପଦର ବସ୍‌ଷ୍ଟାଣ୍ଡ

## ଶୌଚାଳୟରେ ଫି' ଆଦାୟକୁ ନେଇ ଅସନ୍ତୋଷ






ବ୍ରହ୍ମପୁର,୨୧।୩(ସମିସ): ସହରରେ ନିର୍ମାଣାଧିନ ଓଭର୍ ବ୍ରିଜ ଓ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ନୂଆ ବସ୍‌ଷ୍ଟାଣ୍ଡକୁ ନିକଟରେ ହଳଦିଆପଦର ଓ ଡୁଡୁମା କଲୋନୀକୁ ସ୍ଥାନାନ୍ତର କରାଯାଇଛି। ପ୍ରଶାସନର ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲେ ହେଁ ଯାତ୍ରୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ସମ୍ପ୍ରତି ହଳଦିଆପଦର ବସ୍‌ଷ୍ଟାଣ୍ଡରେ ଥିବା ଶୌଚାଳୟ ବ୍ୟବହାର ପାଇଁ ଯାତ୍ରୀଙ୍କୁ ଟଙ୍କା ଦେବାକୁ ପଡୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଯାତ୍ରୀଙ୍କ ଠାରୁ ପରିସ୍ରା ପାଇଁ ୫ଟଙ୍କା ଏବଂ ସ୍ନାନ ଓ ଶୌଚ ପାଇଁ ୧୦ଟଙ୍କା ଲେଖାଏଁ ଫି ଆଦାୟ କରାଯାଉଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀଙ୍କ ପାଇଁ ଏହା ଆର୍ଥିକ ବୋଝ ସଦୃଶ। ବସଷ୍ଟାଣ୍ଡ ଶୁଭାରମ୍ଭ ପୂର୍ବରୁ ୱାଟକୋ ପକ୍ଷରୁ ନିଶୁଳ୍କ ଶୌଚାଳୟ ବ୍ୟବସ୍ଥା କରାଯାଇଥିଲା। ବସଷ୍ଟାଣ୍ଡ ପରିସରରେ ଥିବା ଶୌଚାଳୟର ନିର୍ମାଣ କାର୍ଯ୍ୟା ଜାରି ରହିଥିବାରୁ ୱାଟକୋ ପକ୍ଷରୁ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ବର୍ତ୍ତମାନ ଏଠାରେ ଉକ୍ତ ବ୍ୟବସ୍ଥା ନଥିବାରୁ ଯାତ୍ରୀଙ୍କୁ ବାଧ ହୋଇ ଟଙ୍କା ଦେଇ ଶୌଚାଳୟ ବ୍ୟବହାର କରିବାକୁ ପଡୁଛି। ଶୌଚାଳୟ ବ୍ୟବହାର ବାବଦକୁ ଧାର୍ଯ୍ୟ ଫି' ଯାତ୍ରୀଙ୍କ ନିମନ୍ତେ ଅଧିକ ରହୁଥିବା ଅନେକ ଯାତ୍ରୀ ଅଭିଯୋଗ କରିଛନ୍ତି। ଯଦ୍ୱାରା ବହୁ ଯାତ୍ରୀ ଖୋଲାରେ ପରିସ୍ରା କରୁଥିବାରୁ ବସଷ୍ଟାଣ୍ଡ ପରିସର ଅପରିଷ୍କାର ହେଉଛି। ଯାହାକୁ ନେଇ ଜନସାଧାରଣ ଓ ଯାତ୍ରୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ନିଶୁଳ୍କ କିମ୍ବା ସ୍ୱଳ୍ପ ମୂଲ୍ୟରେ ଶୌଚାଳୟ ସୁବିଧା ଉପଲବ୍ଧ କରିବାକୁ ଯାତ୍ରୀମାନେ ଦାବି କରିଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବିଇଡ଼ିଏ ପକ୍ଷରୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

### ୧୬ତମ ବିଜୁ ପଟ୍ଟନାୟକ ସ୍ମାରକୀ ଟି-୨୦ କ୍ରିକେଟ୍

## ରାଉରକେଲା, ଜଗତ୍‌ସିଂହପୁର ଯୁଗ୍ମ ଚାମ୍ପିଅନ

ବ୍ରହ୍ମପୁର,୨୧।୩(ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ଆୟୋଜିତ ୧୬ତମ ସର୍ବଭାରତୀୟ ବିଜୁ ପଟ୍ଟନାୟକ ସ୍ମାରକୀ ଦିବାରାତ୍ରି ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରାଉରକେଲା ଓ ଜଗତସିଂହପୁର ଦଳ ମଧ୍ୟରେ ହେବାକୁ ଥିବା ବେଳେ ବର୍ଷା ଯୋଗୁଁ ମ୍ୟାଚ ଖେଳାଯାଇପାରିନଥିଲା। ଫଳରେ ବାଧ ହୋଇ ଆୟୋଜକ ଆଲ୍ଲା ସ୍ପୋର୍ଟିଂ କ୍ଲବ ପକ୍ଷରୁ ଉଭୟ ରାଉରକେଲା ଓ ଜଗତସିଂହପୁର ଦଳକୁ ଯୁଗ୍ମ ଚାମ୍ପିଆନ ବିବେଚିତ କରାଯାଇଥିଲା। ଚାମ୍ପିଆନ ଦଳ ପାଇଁ ଥିବା ନଗଦ ୮୦ହଜାର ଓ ରନର୍ସଅପ ଦଳ ପାଇଁ ଥିବା ୬୦ହଜାର ଟଙ୍କାକୁ ଉଭୟ ଦଳ ମଧ୍ୟରେ ଅର୍ଥାତ୍ ପ୍ରତ୍ୟେକ ଦଳକୁ ୭୦ହଜାର ଟଙ୍କା ଲେଖାଏଁ ସହିତ ଟ୍ରଫି ପ୍ରଦାନ କରାଯାଇଥିଲା ଆୟୋଜକ ଆଲ୍ଲା ସ୍ପୋର୍ଟିଂ କ୍ଲବର ସମ୍ପାଦକ ବିଜୟ ଭାସ୍କର ସିଂସାମନ୍ତ ଉଭୟ ଯୁଗ୍ମ ବିଜେପତା ଦଳକୁ ଟ୍ରଫି ସହ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ।

### ଫାଇନାଲ୍‌ରେ ବର୍ଷା ବାଧକ





ବର୍ଷା ଯୋଗୁଁ ଟୁର୍ଣ୍ଣାମେଣ୍ଟର ଖେଳ ବାଧାପ୍ରାପ୍ତ ହେବାରୁ ଉଭୟ ଦଳ, ଆୟୋଜକ ଓ କ୍ରିକେଟ ପ୍ରେମୀ ସମସ୍ତଙ୍କୁ ନିରାଶ ହେବାକୁ ପଡିଛି।

### ଚଳିତ ମାସ ୩୧ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଡ୍ରାଇଭ୍

## ଗଞ୍ଜାମରେ ବାତିଲ ହେଲାଣି ୩,୮୫୯ ଡ୍ରାଇଭିଂ ଲାଇସେନ୍ସ

ବ୍ରହ୍ମପୁର,୨୧।୩(ସମିସ): ଗଞ୍ଜାମ ଜିଲ୍ଲାରେ ପରିବହନ ବିଭାଗର ନିୟମ ଉଲ୍ଲଂଘନ କରୁଥିବା ଅମାନିଆଙ୍କ ବଢୁଛି ଟେନସନ। ବିଭାଗ ପକ୍ଷରୁ ଅମାନିଆ ଗାଡ଼ି ଚାଳକଙ୍କ ଉପରେ ମୋଟା ଅଙ୍କର ଜରିମାନ ଧାର୍ଯ୍ୟ କରାଯାଉଛି। ଆବଶ୍ୟକସ୍ଥଳେ ଡ୍ରାଇଭିଂ ଲାଇସେନ୍ସ(ଡ଼ିଏଲ) ବାତିଲ କାରାଯାଉଛି। ବିଭାଗ ପକ୍ଷରୁ ଏଭଳି ଭାବେ କଡା କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଗତ ଦୁଇବର୍ଷରେ ମୋଟ ୩,୮୫୯ ଜଣ ଅମାନିଆଙ୍କ ଡ଼ିଏଲ ବାତିଲ କରାଯାଇଛି। ସେହିପରି ୨୩ହଜାର ୭୮୭ ଜଣଙ୍କୁ ଠାରୁ ୧୫କୋଟି ୨୪ଲକ୍ଷ ୭୧ହଜାର ୭୧୫ଟଙ୍କା ଜରିମାନା ଗତ ମାର୍ଚ୍ଚ ୨୦୨୪ ଠାରୁ ଚଳିତ ବର୍ଷ ଫେବୃୟାରୀ ପର୍ଯ୍ୟନ୍ତ ଆଦାୟ କରାଯାଇଥିବା ଗଞ୍ଜାମ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହା ସହିତ ଅମାନିଆଙ୍କୁ ନିୟନ୍ତ୍ରଣ କରିବାକୁ ଚଳିତ ମାସ ୨୧ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଛି। ଗଞ୍ଜାମ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ୫ଟି ଟିମ୍ ଗଠନ କରାଯାଇଛି। ଏହି ଟିମ୍‌ଗୁଡିକ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ପୁଲିସ ସହଯୋଗରେ ଯାନବାହନ ଯାଞ୍ଚ କରିବେ। ଯାଞ୍ଚ ସମୟରେ ହେଲମେଟ ପରିଧାନ, ଡ୍ରାଇଭିଂ ଲାଇସେନ୍ସ, ମଦ୍ୟପାନ ଅବସ୍ଥାରେ ଗାଡ଼ି ଚାଳନା, ସିଟ୍ ବେଲ୍ଟ ବ୍ୟବହାର ଭଳି ମୁଖ୍ୟ ନିୟମଗୁଡିକୁ କଡାଭାବେ ଯାଞ୍ଚ କରାଯିବ। ନିୟମ ଉଲ୍ଲଂଘନ କଲେ ତତକ୍ଷଣାତ୍ ଜରିମାନା ଆଦାୟ ସହ ଆବଶ୍ୟକ ହେଲେ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯିବ ବୋଲି ଆରଟିଓ ଦେବାଶିଷ ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ ଅଭିଯାନ ଫଳରେ ଅମାନିଆ ଚାଳକମାନଙ୍କ ମଧ୍ୟରେ ଭୟ ଓ ସଚେତନତା ବଢୁଥିବା ଦେଖାଯାଉଛି।

**୧୫କୋଟି ୨୪ଲକ୍ଷ ଜରିମାନା ଆଦାୟ**

## ବିପୁଳ ପରିମାଣର ବିଦେଶୀ ମଦ ଜବତ; ଜଣେ ଗିରଫ

ବ୍ରହ୍ମପୁର,୨୧।୩(ସମିସ): ସଦର ପୁଲିସ ଏକ ଅବୈଧ ବିଦେଶୀ ମଦ ବିକ୍ରି ଅଭିଯୋଗରେ ନଳିହାଡ଼ ଗ୍ରାମର ପିଣ୍ଟୁ ସ୍ୱାଇଁ(୩୮)ଙ୍କୁ ଗିରଫ କରିଛି। ଅଭିଯୁକ୍ତ ନାଁରେ ବିଭିନ୍ନ ଥାନାରେ ୭ଗୋଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି। ୧୦ବୋତଲ କିଙ୍ଗଫିସର ବିୟର, ୫ ଟିନ୍ ବଡୱାଇଜର ବିୟର, ୧୦ବୋତଲ ମ୍ୟାକ୍‌ଡୱେଲ୍ସ ନଂ.୧ ହ୍ୱିସ୍କି ଏପରି ମୋଟ ୧୦.୮୦୦ ଲିଟର ବିଦେଶୀ ମଦ ଜବତ ହୋଇଛି। ମାମଲା ନଂ ୧୪୭/୨୬ରେ ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।

## ଆକ୍ରମଣ ମାମଲାରେ ଜଣେ ଗିରଫ

ବ୍ରହ୍ମପୁର,୨୧।୩(ସମିସ): ଜଣେ ଯବକଙ୍କୁ ଆକ୍ରମଣ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଗଜପତିନଗର ୭ମ ଲାଇନର ସଞ୍ଜୟ ପାଢୀ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(୩୭/୨୬) ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ସଞ୍ଜୟଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସୂଚନାପ୍ରକାରେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜାନୁଆରୀ ୨୧ତାରିଖରେ ଗଜପତିନଗର ୭ମ ଲାଇନର ବଳରାମ ପଣ୍ଡାଙ୍କୁ କିଛି ଅସାମାଜିକ ଯୁବକ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ବଳରାମଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଘଟଣାକୁ ନେଇ ବଳରାମଙ୍କ ପତ୍ନୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣା ପରଠାରୁ ଅଭିଯୁକ୍ତ ସଞ୍ଜୟ ଫେରାର ରହିଥିଲେ। ଗତକାଲି ସଞ୍ଜୟ ନିଜ ଘରକୁ ଆସିଥିବା ସୂଚନା ପାଇବା ପରେ ପୁଲିସ ଚଢଉ କରି ତାଙ୍କୁ କାବୁ କରିଥିଲା।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ବୃତ୍ତି ପ୍ରଦାନ




ବ୍ରହ୍ମପୁର,୨୧।୩(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଗଣେଶ ହଲରେ ଏକ ଟ୍ରଷ୍ଟ ପକ୍ଷରୁ ବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇ ବୃତ୍ତି ବଣ୍ଟନ କରିଥିଲେ। ବୃତ୍ତି ନିମନ୍ତେ ୪୦୦ଜଣ ଆବେଦନ କରିଥିବା ବେଳେ ସେଥି ମଧ୍ୟରୁ ମୋଟ ୧୬୪ଜଣ ପରୀକ୍ଷା ମାର୍କ ଆଧାରରେ ମନୋନୀତ ହୋଇଥିଲେ। ଟ୍ରଷ୍ଟ ପକ୍ଷରୁ ୩ଟି ବର୍ଗର ବୃତ୍ତି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଛାତ୍ର କଲ୍ୟାଣ ଅଧିକାରୀ ଡ. ଉଷା ରାଣୀ ରଥ ସଂଯୋଜନା କରିଥିଲେ। ଶେଷରେ ଡ. ଗୌତମ ସାବତ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ




ବ୍ରହ୍ମପୁର,୨୧।୩(ସମିସ): ବନବିଭାଗ ପକ୍ଷରୁ ଆରସିସିଏଫ୍‌ଙ୍କ ବୈଠକ ଗୃହରେ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବନମଣ୍ଡଳ ଆରସିସିଏଫ୍ ବିଶ୍ୱନାଥ ଏନ୍ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଡିସିଏଫ୍ ଆଦିତ୍ୟ ନାରାୟଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ପରିବେଶ ସୁରକ୍ଷା ଓ ବୃକ୍ଷ ରୋପଣରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ଶ୍ରେଷ୍ଠ ପଞ୍ଚାୟତ ଭାବେ ବ୍ରହ୍ମପୁର ଉପଖଣ୍ଡରୁ ରଙ୍ଗେଇଲୁଣ୍ଡାର ସାତକୁଟୁଣୀ ପଞ୍ଚାୟତ, ଛତ୍ରପୁର ଉପଖଣ୍ଡରୁ ଖଲ୍ଲିକୋଟର ଡିମିରିଆ ପଞ୍ଚାୟତ, ଭଞ୍ଜନଗର ଉପଖଣ୍ଡରୁ ଉପଖଣ୍ଡ ଶ୍ରେଷ୍ଠ ଅନୁଷ୍ଠାନ ଭାବେ ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟ ନେଟାଙ୍ଗ ଓ ଜିଲ୍ଲାର ଶ୍ରେଷ୍ଠ ଅନୁଷ୍ଠାନ ଭାବେ ପାତ୍ରପୁରର ଏସ୍‌ଏସ ବିଦ୍ୟପୀଠ ପୁରସ୍କୃତ ହୋଇଥିଲେ। ବିଭିନ୍ନ ସ୍କୁଲ କଲେଜ ଛାତ୍ରଛାତ୍ରୀ ଯୋଗଦେଇ ପରିବେଶ ସୁରକ୍ଷା ଓ ଜଙ୍ଗଲ ରକ୍ଷା ଉପରେ ନିଜର କବିତା ଓ ଲେଖନୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଏସିଏଫ୍ ମାଣିକେଶ୍ୱରୀ ହଂସଦା, ମନୋଜ ପାତ୍ର, ଦିବ୍ୟ ଶଙ୍କର ବେହେରା, ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ଦିବ୍ୟ ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ ମଞ୍ଚ ପରିଚାଳନା କରିଥିବା ବେଳେ ଏସିଏଫ୍ ସସ୍ମିତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଜମି ଦେବା ନାଁରେ ୨୧ଲକ୍ଷ ଟଙ୍କା ଠକେଇ; ପୂଜକ ଗିରଫ

ବ୍ରହ୍ମପୁର,୨୧।୩(ସମିସ): ଜଣେ ମହିଳାଙ୍କୁ ଜମି ବିକ୍ରି କରିବା ନାଁରେ ୨୧ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ପୁଲିସ ଜଣେ ଅଭିଯୁକ୍ତଙ୍କୁ ବାନ୍ଧିଛି। ସେ ହେଲେ ଗୋଶାଣୀନୂଆଗାଁ ଚାରି ଡିବା ସାହିର ସଦାଶିବ ଆଚାର୍ଯ୍ୟ (୪୮)। ପୁଲିସ ଅଭିଯୁକ୍ତଙ୍କ ନିକଟରୁ ଜମି ବିକ୍ରି ସମ୍ବନ୍ଧୀୟ ୧୦ଟି ଚୁକ୍ତିପତ୍ର ଜବତ କରିଛି। ମାମଲା ନଂ୧୦୦/୨୬ ରେ ପୁଲିସ ତାଙ୍କୁ ଶନିବାର କୋର୍ଟଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ ଅଭିଯୁକ୍ତ ସଦାଶିବ ଆଚାର୍ଯ୍ୟ ପେଷାରେ ପୂଜକ। ଲୋକଙ୍କ ସହିତ ସମ୍ପର୍କ ଗଢ଼ି ଜମି ବିକ୍ରି କରିବାର ଯୋଜନା କରନ୍ତି। ଏହି ମାମଲାରେ ଗତ କିଛି ବର୍ଷ ଧରି ସେ ଅଭିଯୋଗକାରିଣୀଙ୍କ ସହିତ ଘନିଷ୍ଠତା ଗଢ଼ିବାକୁ ଚେଷ୍ଟା କରିଥିଲେ। ଜମି ବିକ୍ରିର ବିଜ୍ଞାପନ ଦେଇ ଅଭିଯୋଗକାରିଣୀଙ୍କୁ ରାଜି କରାଇଥିଲେ। ତା'ପରେ ସେ ନକଲି ଓ ମିଛ ଦସ୍ତାବିଜ ପ୍ରସ୍ତୁତ କରିଥିଲେ। ଯେଉଁଥିରେ ନୋଟାରୀ ଏଫିଡେଭିଟ (ଷ୍ଟାମ୍ପ ପେପର) ଆକାରରେ ବିଜିପୁରର ସରତ ଚନ୍ଦ୍ର ଦାସ ଏବଂ ଆଉ ୮ ଜଣଙ୍କୁ ବିକ୍ରେତା ଭାବେ ଦର୍ଶାଇଥିଲେ। କିନ୍ତୁ ଅଭିଯୋଗକାରିଣୀ ସରତ ଚନ୍ଦ୍ର ଦାସ ଓ ଅନ୍ୟ ବ୍ୟକ୍ତିମାନଙ୍କୁ ଦେଖିନଥିଲେ। ଅଭିଯୋଗକାରିଣୀ ଲିଙ୍ଗରାଜ ନଗରର ସୁନିତା ପ୍ରଧାନ ବିଭିନ୍ନ କିସ୍ତିରେ ମୋଟ ୨୧ ଲକ୍ଷ ଟଙ୍କା ସଦାଶିବଙ୍କୁ ଦେଇଥିଲେ। ଅନ୍ୟପଟେ ଅଭିଯୁକ୍ତ ଜମିର କବଜା ଦେବାକୁ ବାରମ୍ବାର ବିଳମ୍ବ କରିବାରୁ ଅଭିଯୋଗକାରିଣୀ ତାଙ୍କୁ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ପରେ ସେ ଅଭିଯୁକ୍ତଙ୍କ ଯୋଜନା ବିଷୟରେ ଜାଣିବାକୁ ପାଇଥିଲେ। ସେ ଲୋକଙ୍କୁ ନକଲି ଦସ୍ତାବିଜ ଦେଖାଇ ଠକିବାର କାର୍ଯ୍ୟ କରୁଥିଲେ। ତା'ପରେ ଅଭିଯୁକ୍ତ ତାଙ୍କୁ ମାଡ଼ ମାରିଥିଲେ ଏବଂ ଭୟଭୀତ କରି ଧମକ ଦେଇଥିଲେ। ଏହାପରେ ଅଭିଯୋଗକାରିଣୀ ପୁଲିସରେ ଏନେଇ ଅଭିଯୋଗ କରିଥିଲେ।

# ଆଗକୁ ଆଇପିଏଲ୍; ମାତିଲେଣି ଲୁଟେରା ଗ୍ୟାଙ୍ଗ

ବ୍ରହ୍ମପୁର, ୨୧।୩ (ସମିସ): ଆଗକୁ ଆଇପିଏଲ୍ ବା ଇଣ୍ଡିଆ ପ୍ରିମିଅର ଲିଗ୍ ଫଟାଫଟ କ୍ରିକେଟ। ଯାହାକୁ ନେଇ କେବଳ କ୍ରିକେଟ ପ୍ରେମୀ ଉତ୍ସାହିତ ନୁହଁନ୍ତି, ବରଂ ଏଥିରୁ ଲାଭ ଉଠାଉଥିବା ବୁକି ଗ୍ୟାଙ୍ଗ ମଧ୍ୟ ସକ୍ରିୟ। ଏବେଠାରୁ ସହରରେ ସକ୍ରିୟ ହେଲେଣି ବିଭିନ୍ନ ବୁକି ଗ୍ରୁପ। ସହରରେ ସକ୍ରିୟ ବିଭିନ୍ନ ଗ୍ରୁପ ମଧ୍ୟରୁ 'ନମସ୍ତେ' ଗ୍ରୁପ୍ ବେଶ୍ ସକ୍ରିୟ ଥିବା ଜଣାପଡିଛି। ସେପଟେ ଆଇପିଏଲ ଆରମ୍ଭ ହେଲେ ବେଟିଂ ସହିତ ସହରରେ ତଥା ଉପକଣ୍ଠରେ ସକ୍ରିୟ ହୋଇଥାନ୍ତି ଲୁଟେରା ଗ୍ୟାଙ୍ଗ। ଅବଶ୍ୟ ଏମାନେ କୌଣସି ଅପରାଧିକ ଗ୍ୟାଙ୍ଗ ସହିତ ସଂଶ୍ଲିଷ୍ଟ ନହୋଇ ବରଂ ବେଟିଂ ପାଇଁ ସ୍ୱଳ୍ପ ସମୟରେ ଅଧିକ ଉପାର୍ଜନ ଆଶାରେ ଏଭଳି କାର୍ଯ୍ୟରେ ନିୟୋଜିତ ରହିଥାନ୍ତି। ବର୍ତ୍ତମାନ ପରିସ୍ଥିତିରେ ବର୍ଦ୍ଧିତ ସୁନା ଦରକୁ ଦୃଷ୍ଟିରେ ରଖି ଛିନ୍‌ତାଇ ଭଳି ଘଟଣା ଭିଆଇବାକୁ ପଛାଉନାହାନ୍ତି ଯୁବଗୋଷ୍ଠୀ। ଯେଉଁଥିରେ ସହରର ବିଭିନ୍ନ ଘରୋଇ ତଥା ସରକାରୀ ଶିକ୍ଷାନୁଷ୍ଠାନର ଛାତ୍ର ଅନ୍ତର୍ଭୁକ୍ତ। ପୂର୍ବରୁ ଏଭଳି ଅନେକ ନଜିର ମଧ୍ୟ ରହିଛି।

### କଳା ପଲ୍‌ସରରେ ଆସି ମହିଳାଙ୍କ ସୁନାଚେନ୍ ଝାମ୍ପିନେଲେ

ଆଇପିଏଲ କ୍ରିକେଟକୁ ଆଉ ମାତ୍ର ୭ଦିନ ଥିବା ବେଳେ ଏବେଠାରୁ ସହରରେ ବ୍ଲାକ ପଲସରର ଆତଙ୍କ ଦେଖିବାକୁ ମିଳିଛି। ଆଜି ଭୋର୍‌ରେ ନିମଖଣ୍ଡି ଥାନା ଅନ୍ତର୍ଗତ ବାସୁଦେବ ନଗର ପ୍ରଥମ ଲାଇନରେ ଏହି ଗ୍ୟାଙ୍ଗର ଶୀକାର ହୋଇଛନ୍ତି ବରିଷ୍ଠ ନାଗରିକ ଦମ୍ପତି। ସକାଳ ପ୍ରାୟ ୫ଟା ୪୫ରେ ବାସୁଦେବନଗର ପ୍ରଥମ ଲାଇନ୍ ନିବାସୀ ପ୍ରଫୁଲ୍ଲ ପଟ୍ଟନାୟକ୍ (୭୬) ଓ ତାଙ୍କ ପତ୍ନୀ ରାଜଶ୍ରୀ ମହାନ୍ତି (୬୯) ଘର ବାହାରେ ଥିଲେ। ଫୁଲ ତୋଳି ପ୍ରଫୁଲ୍ଲ ଘରକୁ ପ୍ରବେଶ କରୁଥିବା ବେଳେ ବାହାରେ ଝାଡୁ କରୁଥିଲେ ରାଜଶ୍ରୀ। ହଠାତ ଦୁଇଜଣ ଯୁବକ କଳା ପଲ୍‌ସରରେ ଆସି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ପଳାଇଥିଲେ। ଘରକୁ ପଶୁଥିବା ପ୍ରଫୁଲ୍ଲ ସ୍ତ୍ରୀଙ୍କ ପାଟି ଶୁଣି ବାହାରକୁ ଆସି ଦେଖିବା ବେଳକୁ ସେ ରାସ୍ତାରେ ପଡ଼ି ଚିତ୍କାର କରୁଥିବା ଦେଖିଥିଲେ। ରାଜଶ୍ରୀଙ୍କ ବେକରୁ ଦୁର୍ବୃତ୍ତ ପ୍ରାୟ ଦେଢ଼ ଭରି ଓଜନର ସୁନା ଚେନ ଯାହାର ମୂଲ୍ୟ ପ୍ରାୟ ଅଢେଇ ଲକ୍ଷ ଟଙ୍କା ହେବ ଲୁଟି ନେଇଥିଲେ। ସୂଚନା ପାଇ ବ୍ରହ୍ମପୁର ଏସ୍‌ପି ଡା ସର୍ବଣା ବିବେକ ଏମଙ୍କ ନିର୍ଦ୍ଦେଶ କ୍ରମେ ନିମଖଣ୍ଡି ଥାନା ଇନ୍ସପେକ୍ଟର କୃଷ୍ଣ ସାହା ଓ ସଦର ଏସଡିପିଓ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସମ୍ପୃକ୍ତ ଅଞ୍ଚଳର ସିସିଟିଭି ଫୁଟେଜକୁ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଚଳାଇଛନ୍ତି।



## ବସୁପୁର ପଞ୍ଚାୟତରେ ଜନଶୁଣାଣି ଶିବିର

ଡେରାବିଶ,୨୧।୩(ସମିସ): ବସୁପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ବିଡିଓ ନମିତା ବାରିକ ଓ ସରପଞ୍ଚ କମଳା ଦାସ ଯୋଗଦେଇ ୩୦ଟି ଅଭିଯୋଗର ଶୁଣାଣି କରିଥିଲେ । ଏଥିରୁ କେତେକ ଅଭିଯୋଗର ତ୍ୱରିତ ସମାଧାନ ହୋଇଥିବାବେଳେ ଅନ୍ୟ ଅଭିଯୋଗ ବିଭାଗୀୟ ଅଧିକାରୀଙ୍କ ନିକଟକୁ ସମାଧାନ ନିମନ୍ତେ ପଠାଯାଇଥିଲା । ଶିବିରରେ ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାର, ବ୍ଲକ୍ ଯୋଗାଣ ନିରୀକ୍ଷକ ସ୍ୱରୂପ ଦାସ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ବିଭୁଦତ୍ତ ଦାସ, ସହକାରୀ ବୈଷୟିକ କୃଷି ଅଧିକାରୀ ନିରୁପମା ତ୍ରିପାଠୀ ଓ ଓଭରସିୟର ସୁଜାତା ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ପୂର୍ବତନ ସରପଞ୍ଚ ଅମୃତରାଜ ବେହେରା ପରିଚାଳନା କରିଥିଲେ ।

## ଶିଶୁ ସୁରକ୍ଷା କମିଟି ସଦସ୍ୟଙ୍କୁ ଦୁର୍ବ୍ୟବହାର; ୨ ଗିରଫ

କେନ୍ଦ୍ରାପଡ଼ା,୨୧।୩(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ସଖିବଟ ମନ୍ଦିର ପରିସରରେ ବାଲ୍ୟ ବିବାହ ରୋକିବାକୁ ଯାଇ ଶିଶୁ ସୁରକ୍ଷା କମିଟି ଦଳ ସଦସ୍ୟାଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି । ଗତ ୫ ତାରିଖରେ ସଖିବଟ ମନ୍ଦିର ପରିସରରେ ଏକ କନ୍ୟା ବିବାହ ହେଉଥିବା ବାବଦରେ ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା କମିଟି ସଦସ୍ୟା ଓ ସମ୍ପୃକ୍ତ ସିଡିପିଓ ଘଟଣାସ୍ଥଳରେ ପହଞ୍ଚିଥିଲେ । ଯାଞ୍ଚକାଳୀନ କନ୍ୟାଙ୍କ ବୟସ ନେଇ ସନ୍ଦେହ ହୋଇଥିଲା । ପରେ ପରିଚୟ ପତ୍ର ଯାଞ୍ଚରେ ବୟସ ଜାଲିଆତି ଘଟିଥିବା ପ୍ରକାଶ ପାଇଥିଲା ଓ କନ୍ୟାଙ୍କ ପ୍ରକୃତ ବୟସ ୧୬ ବର୍ଷ ବୋଲି ନିଶ୍ଚିତ ହୋଇଥିଲା । ଏହାପରେ ଟିମ୍ ପକ୍ଷରୁ ବାଲ୍ୟ ବିବାହ ରୋକିବା ପାଇଁ ପଦକ୍ଷେପ ନିଆଯାଇଥିଲା । ଏହି ସମୟରେ କନ୍ୟାଙ୍କ ମା, ମାମୁଁ ଓ କିଛି ସମ୍ପର୍କୀୟ କମିଟି ସଦସ୍ୟାଙ୍କ ସହ ଅସଭ୍ୟ ବ୍ୟବହାର କରିଥିବା ସହ ଗାଳିଗୁଲଜ ଓ ଆକ୍ରୋଶମୂଳକ ଆଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣା ସମ୍ବନ୍ଧରେ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରବର୍ତ୍ତୀ କାଳରେ ପୁଲିସ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କନ୍ୟାର ମାଆ ଓ ମାମୁଁଙ୍କୁ ଗିରଫ କରିଛି । ଘଟଣାର ତଦନ୍ତ ଜାରି ରହିଥିବାବେଳେ ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ନିରୋଧ ଆଇନର କଡ଼ାକଡ଼ି ପାଳନ ପାଇଁ ଜୋର ଦିଆଯାଇଛି । ଏହାସହିତ ଏପରି ଅବୈଧ କାର୍ଯ୍ୟକଳାପରୁ ସାଧାରଣ ଲୋକଙ୍କୁ ଦୂରେଇ ରହିବାକୁ ଅନୁରୋଧ କରାଯାଇଛି ।

## ସଦାନନ୍ଦପୁର ଓ ମନ୍ତ୍ରିପଡ଼ାରେ ଇଦ୍ ପର୍ବ



ପଞ୍ଚୁପାଣ୍ଡବ,୨୧।୩(ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମ ମୁସଲିମ ବସ୍ତିରେ ଇଦ୍ ଉଲ୍ ଫିତର ପର୍ବ ପାଳନ କରାଯାଇଛି । ବିଭିନ୍ନ ମୁସଲିମ ବସ୍ତିରେ ରମଜାନ ମାସ ପାଇଁ ଏକ ମାସ ଧରି ଉପବାସ (ରୋଜା) ରଖିବା, ତରାବି ପାଠ ଓ କୋରାନ ପାଠ କରିଥିବାବେଳେ ଶୁକ୍ରବାର ଚାନ୍ଦ ଦେଖିବା ପରେ ଶନିବାର ଦିନ ସକାଳୁ ଉଠି ପରସ୍ପରକୁ ମିଠା ଖୁଆଇ, ନୂଆ ବସ୍ତ୍ର ପିନ୍ଧି, ପରସ୍ପରକୁ ଇଦ୍ ମୋବାରକ୍ ଜଣାଇବା ପରେ ସକାଳ ୯ଟା ସମୟରେ ଇଦ୍ ପର୍ବ ପାଇଁ ପ୍ରାର୍ଥନା କରାଯାଇଥିଲା । ସଦାନନ୍ଦପୁର ଗ୍ରାମର ଆଲା ହଜରତ ସୁନି ମସଜିଦରେ ଇମାମ ସାହେବ୍ ହାଫିଜ୍ ନଜିରୁଲ ହୋସେନ୍ ନମାଜ ପାଠ କରାଇଥିଲେ । ସେହିପରି କୁରୁଜଙ୍ଗା ପଞ୍ଚାୟତର ମନ୍ତ୍ରିପଡ଼ା ଗ୍ରାମ ସୁନି ମସ୍‌ଜିଦରେ ନମାଜ ପାଠ ପଢାଇବା ସହ ଭାଇଚାରା ବଜାୟ ରଖିବା, ସମସ୍ତଙ୍କ ଭବିଷ୍ୟତ ପାଇଁ ପ୍ରାର୍ଥନା କରାଯାଇଥିଲା । ଓଲଡି, ନୂଆହାଟ ଓ ବିଭିନ୍ନ ମୁସଲମାନ ବସ୍ତିରେ ନମାଜ ପାଠ କରାଯାଇଥିଲା । ବିଭିନ୍ନ ମସଜିଦ୍‌ରେ ନିକିରାଇ ଓ ଡେରାବିଶ ଥାନା କର୍ମଚାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ । ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ଯୁବ ବିଜେଡି ସମ୍ପାଦକ ସୁଦୀପ୍ତ କେଶରୀ ସାମଲ, ସେକ ଅବଦୁଲା, ବିଜେଡ଼ି ନେତା ସରୋଜ ନାୟକ, ମନୋରଞ୍ଜନ ଉପାଧ୍ୟାୟ, ଦିଲ୍ଲୀପ ଦାସ, ପ୍ରଶାନ୍ତ ସାହୁ ଓ ବିଭିନ୍ନ ଦଳର ନେତା ମୁସଲିମ ବସ୍ତିରେ ପହଞ୍ଚି ସମସ୍ତ ଭାଇଭଉଣୀଙ୍କୁ ଇଦ୍ ମୋବାରକ ଜଣାଇଥିଲେ ।

## ଅଢ଼େଇ ମାସ ହେଲା ଦୁବାଇ ଜେଲ୍‌ରେ ଓଡ଼ିଆ ଯୁବକ

ରାଜନଗର,୨୧।୩(ସମିସ): ଦୁବାଇରେ କାମ କରିବାକୁ ଯାଇଥିବା ଓଡ଼ିଆ ଯୁବକ ଜେଲରେ ବନ୍ଦୀ ଜୀବନ ବିତାଉଛନ୍ତି । ଯୁବକ କାମ କରୁଥିବା କମ୍ପାନୀ ଚୋରି ଭଳି ସଙ୍ଗୀନ ଦଫା ଲଗାଇଥିବାରୁ ଯୁବକ ଜେଲରେ ବନ୍ଦୀ ଜୀବନ କଟାଉଥିବା ଜଣାପଡ଼ିଛି । ଯୁବକଙ୍କ ମାଆ ରାଜନଗର ଥାନାରେ ଯୁବକଙ୍କୁ କାମ କରାଇବାକୁ ନେଇଥିବା ଏଜେଣ୍ଟଙ୍କ ନାଁରେ ଲିଖିତ ଅଭିଯୋଗ କରିଛନ୍ତି । ଦୁବାଇ ଜେଲରେ ବନ୍ଦୀ ଜୀବନ କଟାଉଥିବା ଯୁବକଙ୍କୁ ମୁକୁଳାଇ ଫେରାଇ ଆଣିବାକୁ ପରିବାର ଲୋକେ ନେହୁରା ହୋଇଛନ୍ତି । ରାଜନଗର ଥାନା ଅନ୍ତର୍ଗତ କୁରୁଣ୍ଟି ପଞ୍ଚାୟତ ଚକ୍ରଧରପୁର ଗ୍ରାମର ବିଜୟ ରାଉତଙ୍କ ବଡ଼ପୁଅ ବୀରେନ ରାଉତ (୩୫) ଦୁବାଇରେ କାମ କରୁଥିଲେ । ୨୦୨୩ ନଭେମ୍ବରରୁ ଦୁବାଇର ଡିଏଚଏ ଟେକ୍ନୋଲୋଜି ଏଲଏଲସି କମ୍ପାନୀରେ କାମ କରୁଥିଲେ । ଅଲିଏନ୍ସ ରିକ୍ରୁମେଣ୍ଟ ସର୍ଭିସ କମ୍ପାନୀ ମାଧ୍ୟମରେ ବୀରେନ ଦୁଇବର୍ଷିଆ ଭିସାରେ କାମ କରିବାକୁ ଯାଇଥିଲେ । ଭିସା ଅବଧି ପୂରିବାର ୩ ମାସ ପୂର୍ବରୁ ଭିସା ଅବଧି ବଢାଇବାକୁ ନିଜେ ଆବେଦନ କରିବେ ବୋଲି କହି କାମ କରୁଥିବା କମ୍ପାନୀଠାରୁ ଭିସା ଆଣିଥିଲେ । କମ୍ପାନୀଠାରୁ ଭିସା ଆଣିବା ପରେ ବୀରେନ କମ୍ପାନୀ ଛାଡି ଅନ୍ୟଏକ କମ୍ପାନୀକୁ କାମ କରିବାକୁ ଚାଲିଯାଇଥିଲେ । ବୀରେନ କମ୍ପାନୀକୁ କାମ ପାଇଁ ନ ଆସିବାରୁ କମ୍ପାନୀରୁ ଚୋରି କରି ପଳାଇଥିବା ନେଇ କମ୍ପାନୀ ପକ୍ଷରୁ ଦୁବାଇ ପୁଲିସ ନିକଟରେ ଅଭିଯୋଗ କରାଯାଇଥିଲା । ଦୁବାଇ ପୁଲିସ ଅନ୍ୟଏକ କମ୍ପାନୀରୁ ବୀରେନଙ୍କୁ ଗିରଫ କରି ଜେଲକୁ ପଠାଇଥିବା ଜଣାପଡିଛି । ଅଢେଇ ମାସ ହେଲା ବୀରେନ ଦୁବାଇ ଜେଲରେ ରହିଛନ୍ତି । ବୀରେନର ମାଆ ପୁଅକୁ ଉଦ୍ଧାର ପାଇଁ ଆକୁଳ ନିବେଦନ କରିଛନ୍ତି ।

## ପୂର୍ବତନ ତହସିଲ କର୍ମଚାରୀଙ୍କ ପରଲୋକ

ରାଜକନିକା ୨୧।୩(ସମିସ): ପୂର୍ବତନ ତହସିଲ କର୍ମଚାରୀ ତଥା ବାଘବୁଦା (ନୂଆସାହି) ଗାଁର ବୟୋଜ୍ୟୋଷ୍ଠ ବ୍ୟକ୍ତି ଶତ୍ରୁଘ୍ନ ଦାଶ (୮୪)ଙ୍କ ଆଜି ସକାଳେ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ । ତାଙ୍କର ପରଲୋକ ଖବର ପାଇ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି, ସତ୍ୟନାରାୟଣ ବଣିକ ସଙ୍ଘ ସଦସ୍ୟ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ପରେ ଅପରାହ୍ନରେ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇ ସନ୍ଧ୍ୟାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡ଼ପୁଅ ସୁବାସ ମୁଖାଗ୍ନି ଦେଇଥିଲେ ।

### ବାଲି ବୋଝେଇ ହାଇୱା କବ୍‌ଜାରେ ଗ୍ରାମାଞ୍ଚଳ ରାସ୍ତା

# ପ୍ରଶାସନ ନିରବ; ପରୋକ୍ଷରେ ପ୍ରଦୂଷଣକୁ ପ୍ରୋତ୍ସାହନ

ଡେରାବିଶ,୨୧।୩(ସମିସ)

ଡେରାବିଶ ବ୍ଲକ୍ ଅନ୍ତର୍ଗତ ସମସ୍ତ ଗ୍ରାମ ରାସ୍ତା ଏବେ ବାଲି ଚାଲାଣ କରୁଥିବା ହାଇୱାଙ୍କ ଅଧୀନକୁ ଚାଲିଯାଇଛି । ବିଶେଷକରି ଯଅଁରାବାରିମୂଳ ପଞ୍ଚାୟତର ଅର୍ତ୍ତାମୂଳ ବାଲିଘାଟରୁ ବାଲି ଚାଲାଣ କରୁଥିବା ହାଇୱା ଅର୍ତ୍ତାମୂଳରୁ ବାଲିଘାଟରୁ ବାହାରି ଦାନପୁର-ଖରିଦାସାହି, ଅର୍ତ୍ତାମୂଳ-ଚାନ୍ଦୋଳ ଓ ଅର୍ତ୍ତାମୂଳରୁ ଦାନପୁର ଦେଇ କେନ୍ଦ୍ରାପଡ଼ା କେନାଲ୍ ବନ୍ଧରେ କେନ୍ଦ୍ରାପଡ଼ା ଆଡ଼କୁ ଯାଉଛି । ଫଳରେ ବାଲି ବୋଝେଇ ହାଇୱାରୁ ବାଲି ଖସି ସାଧାରଣ ପଥଚାରୀ, ସାଇକଲ୍ ଓ ବାଇକ୍ ଆରୋହୀଙ୍କ ପାଇଁ ଦୁର୍ଘଟଣାର କାରଣ ସାଜୁଥିବାବେଳେ ରାସ୍ତାର ଉଭୟ ପାଶ୍ୱର୍ରେ ରହୁଥିବା ଅଧିବାସୀଙ୍କୁ ପ୍ରଦୂଷଣ ଆତଙ୍କ ଘାରିଛି ।



ଡେରାବିଶ ବ୍ଲକ୍ ଅନ୍ତର୍ଗତ ଲୁଣାନଦୀର ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ତ୍ତାମୂଳଠାରୁ ବସପୁର ପଞ୍ଚାୟତର ବସପୁର ଯାଏ ଲୁଣା ଓ କରାଣ୍ଡିଆ ନଦୀରେ ତିନୋଟି ବାଲି ସୈରାତ ରହିଛି । ତହିଁରୁ ଦୁଇଟି ବନ୍ଦ ଥିବାବେଳେ ଅର୍ତ୍ତାମୂଳ ଘାଟରୁ ବାଲି ଉତ୍ତୋଳନ କରାଯାଉଥିବା ଦେଖାଯାଇଛି । ଏହି ଘାଟରୁ ଦୈନିକ ଶହ ଶହ ହାଇୱା ବାଲି ଚାଲାଣ କରୁଥିବା ସମୟରେ ରାସ୍ତାଟି ଯେପରି କୌଣସି ଏକ ଖଣି ଖାଦାନ ଅଞ୍ଚଳ ଭଳି ଲାଗୁଛି । ଅହରହ ରାସ୍ତାରେ ହାଇୱା ବାଲି ଚାଲାଣ କରୁଥିବାବେଳେ ତହିଁରୁ ବାଲି ଉଡ଼ି ଅଞ୍ଚଳକୁ ପ୍ରଦୂଷିତ କରିବା ସହ ରାସ୍ତାର ଉଭୟ ପାଶ୍ୱର୍ରେ ଥିବା ବାସଗୃହ, ଦୋକାନ ଗୃହରେ ଧୂଳି ଭର୍ତ୍ତି ହେଉଛି । ବାଲି ପରିବହନ ସମୟରେ ରାସ୍ତାର ଉଭୟ ପାଶ୍ୱର୍ରେ ହାଇୱାରୁ ବାଲି ଝଡ଼ି ଉଭୟ ପାଶ୍ୱର୍ରେ ଏକ ଫୁଟରୁ ଅଧିକ ବହଳ ବାଲି ଜମିଗଲାଣି । ଫଳରେ ଆଗରୁ କିମ୍ବା ପଛରୁ ବାଲି ବୋଝେଇ ହାଇୱା ଆସିଲେ ଛୋଟ ଯାନ ରାସ୍ତାକଡ଼ ବାଲିରେ ପଶି ଦୁର୍ଘଟଣାର ସମ୍ମୁଖୀନ ହେଉଛି । ଦିନରେ ଏହି ରାସ୍ତା ଦେଇ ଲୁଣାନଦୀର ଅପରପାଶ୍ୱର୍ରେ ଥିବା ଇନ୍ଦାଳୋ, ହରିଅଙ୍କ, ଯଅଁରାବାରିମୂଳ ପଞ୍ଚାୟତର ଅଧିବାସୀଙ୍କ ସହିତ ଗରଦପୁର ଓ ମାର୍ଶାଘାଇ ବ୍ଲକ୍‌ର ଅନେକ ପଞ୍ଚାୟତ ଅଧିବାସୀ ଏହି ରାସ୍ତା ଦେଇ କଟକ-ଚାନ୍ଦବାଲି ରାସ୍ତାକୁ ଭେଟିଥା'ନ୍ତି । ବାଲି ବୋଝେଇ ହାଇୱା ଯୋଗୁ ଯାତ୍ରୀ ନିର୍ବିଘ୍ନରେ ଯାତାୟାତ କରିପାରୁନାହାଁନ୍ତି । ରାତି ସମୟରେ ବାଲି ବୋଝେଇ ହାଇୱା ସମ୍ପୂର୍ଣ୍ଣ ରୂପେ ଏହି ରାସ୍ତାକୁ ନିଜ କବ୍‌ଜାକୁ ନେଇ ଅନ୍ୟ କାହାରିକୁ ଯାତାୟାତ ପାଇଁ ଛାଡ଼ନ୍ତି ନାହିଁ । ରାତିରେ ଏହି ହାଇୱା ଏତେ ଦ୍ରୁତଗତିରେ ଯାଉଛନ୍ତି ଯେ, ରାସ୍ତା କଡ଼ ଲୋକ ଘରେ ଶୋଇ ପାରୁନାହାଁନ୍ତି । ଏକ ଗାଉଁଲି ରାସ୍ତାରେ ଏଭଳି ଭାରୀଯାନ ଚଳାଚଳ ପାଇଁ ରାସ୍ତାର ମାନ ଉପଯୁକ୍ତ ନୁହେଁ । ଯଦ୍ୱାରା ସଦାସର୍ବଦା ମରାମତି ଖୋଜୁଛି । ଅନ୍ୟପକ୍ଷରେ ଏହି ରାସ୍ତା ଦେଇ ବିଭିନ୍ନ ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନକୁ ଛାତ୍ରଛାତ୍ରୀ ସକାଳେ ଯିବା ଓ ଅପରାହ୍ନରେ ଫେରିବା ପାଇଁ ନିରାପଦ ମଣୁନାହାଁନ୍ତି । ସବୁଠାରୁ ଆପତ୍ତିଜନକ କଥା ଏହି ବାଟ ଦେଇ ବାଲି ପରିବହନ କରୁଥିବା ଗାଡ଼ିର ଟ୍ରାଞ୍ଜିଟ୍ ପରିମିଟ୍ ରହୁ ନ ଥିବା ଜଣାଯାଇଛି । ରାଜସ୍ୱ ବିଭାଗ ହାତରୁ ବାଲି ଖାଦାନ ଖଣି ବିଭାଗକୁ ଯିବା ପରେ ପ୍ରଶାସନ ସମ୍ପୂର୍ଣ୍ଣ ଆଖି ବୁଜି ଦେଇଛି । ଏ ସମ୍ପର୍କରେ ଯେତେ ଅଭିଯୋଗ କଲେ ବି କେହି କର୍ଣ୍ଣପାତ ନ କରି ନିବରଦ୍ରଷ୍ଟା ସାଜିଛନ୍ତି । ପରୋକ୍ଷରେ ବାଲି ମାଫିଆଙ୍କୁ ପ୍ରୋତ୍ସାହିତ କରୁଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି ।

● ଷଷ୍ଠ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

## 'ସାହିତ୍ୟ ଏକ ସଚେତନ ଓ ସମୃଦ୍ଧ ଜାତିର ପରିଚୟ'



କେନ୍ଦ୍ରାପଡ଼ା,୨୧।୩(ସମିସ): କେନ୍ଦ୍ରାପଡ଼ାର ସାଂସ୍କୃତିକ ଧାରାକୁ ଆହୁରି ସମୃଦ୍ଧ କରିବା ଲକ୍ଷ୍ୟରେ ଷଷ୍ଠ କେନ୍ଦ୍ରାପଡ଼ା ସାହିତ୍ୟ ଉତ୍ସବ ଆଜି ଦୁହୁରିଆସ୍ଥ ବିଏସ ଗାର୍ଡେନରେ ଉଦ୍‌ଘାଟିତ ହୋଇଯାଇଛି । ଦୁଇଦିନ ଧରି ଚାଲିବାକୁ ଥିବା ଏହି ସାରସ୍ୱତ ମହୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସାହିତ୍ୟିକ, କବି ଓ ଚିନ୍ତକମାନଙ୍କର ଉପସ୍ଥିତି ଉତ୍ସବକୁ ଗୁରୁତ୍ୱମୟ କରିଛି । ଉତ୍ସବକୁ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଚିତ୍ରକର ଡଃ ପ୍ରଫୁଲ୍ଲ ମହାନ୍ତି ଉଦ୍‌ଘାଟନ କରି ସାହିତ୍ୟର ମୂଲ୍ୟବୋଧ ଓ ସମାଜିକ ଭୂମିକା ବିଷୟରେ ଗଭୀର ମତ ପ୍ରକାଶ କରିଥିଲେ । ସେ କହିଥିଲେ, ପଲ୍ଲୀ ସାହିତ୍ୟ ହିଁ ଜୀବନର ସତ୍ୟ ଚିତ୍ରକୁ ସବୁଠାରୁ ସ୍ପଷ୍ଟ ଭାବେ ପ୍ରତିଫଳିତ କରେ । ସାହିତ୍ୟ ଏକ ସଚେତନ ଓ ସମୃଦ୍ଧ ଜାତିର ପରିଚୟ । ଯାହା ସମାଜର ଆଧୁନିକ ଚେତନାକୁ ପ୍ରତିବିମ୍ବିତ କରେ । ପ୍ରଥମ ଦିନରେ ଭାରତୀୟ ଐତିହ୍ୟର ସୁରକ୍ଷା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଆଧୁନିକ ଗଳ୍ପ ଓ କବିତା ଭଳି ବିଷୟରେ ଚର୍ଚ୍ଚା ହୋଇଥିଲା । ବକ୍ତାମାନେ ମତ ପ୍ରକାଶ କରିଥିଲେ ଯେ ଓଡ଼ିଆ ସାହିତ୍ୟ ବିଶ୍ୱ ମଞ୍ଚରେ ମାନବବାଦୀ ମୂଲ୍ୟବୋଧକୁ ପ୍ରସାର କରିବାରେ ସକ୍ଷମ । ପ୍ରଥମ ଅଧିବେଶନରେ ଗବେଷକ ଅନୀଲ ଧୀର, ଗୋଲକବିହାରୀ ସିଂହ ଓ ହିମାଂଶୁ ବଳ ଭାରତୀୟ ଐତିହ୍ୟର ସୁରକ୍ଷା ଉପରେ ମତ ପ୍ରକାଶ କରିଥିଲେ । ଯାହାକୁ ଅଧ୍ୟାପକ ତପନ ପତି ସଂଯୋଜନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ଶିକ୍ଷାବିତ ମୃଣାଳ ଚାଟାର୍ଜୀ, ସୁଦାମବନ୍ଧୁ ଭଟ୍ଟମିଶ୍ର ଓ ସାଇଦୀପ କର ଅଂଶଗ୍ରହଣ କରିଥିଲେ । ଯାହାକୁ କବି ବିରଜା ରାଉତରାୟ ସଞ୍ଚାଳନା କରିଥିଲେ । ତୃତୀୟ ଅଧିବେଶନରେ ପବିତ୍ର ପାଣିଗ୍ରାହୀ, ସୁରେଶ ଛୋଟରାୟ ଓ ଆଶିଷ ଗଡ଼ନାୟକ ଯୋଗ ଦେଇଥିଲେ । ଯାହାକୁ ସୁନନ୍ଦା ପ୍ରଧାନ ମଡରେଟ କରିଥିଲେ । ଏହାପରେ କବିତା ସେସନ୍‌ରେ କବି ପ୍ରମୋଦ ପ୍ରଧାନ, ଅମୀୟ ମହାପାତ୍ର, ଚିତ୍ତରଞ୍ଜନ ନାୟକ ଓ ବନ୍ଦନା ମିଶ୍ର ଅଂଶଗ୍ରହଣ କରିଥିଲେ । ଯାହାର ସଂଯୋଜନା ବିଶ୍ୱରଞ୍ଜନ ଦାସ କରିଥିଲେ । ଶେଷରେ କବିତା ପାଠ ଉତ୍ସବରେ ଅତିଥି କବି ମନ୍ମଥ ବରାଳ, ଭବାନୀ ମହାପାତ୍ର ଓ ଚାରୁଲତା ଭୂୟାଁଙ୍କ ସହ ବହୁ ଯୁବ କବି ତାଙ୍କ ସୃଜନୀୟତା ପ୍ରଦର୍ଶନ କରିଥିଲେ ।

## ୫ ପେଟି ଚୋରାମଦ ଜବତ କରି ପୁଲିସ ଜିମାଦେଲେ ଗ୍ରାମବାସୀ

ପଟ୍ଟାମୁଣ୍ଡାଇ,୨୧।୩(ସମିସ): ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ନିଷ୍କ୍ରିୟତା ହେତୁ ଏହି ଥାନା ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଚୋରା ମଦ କାରବାର ବୃଦ୍ଧି ପାଇଛି । ଚୋରାମଦ କାରବାର ବୃଦ୍ଧି ହେତୁ ଆବାଳ ବୃଦ୍ଧବନିତା ନିଶାଶକ୍ତ ହୋଇ ବିଭିନ୍ନ ପ୍ରକାର ଅପରାଧରେ ଲିପ୍ତ ରହୁଛନ୍ତି । ଆଜି ମାଳିପୁର ଗ୍ରାମବାସୀ ୫ ପେଟି ମଦ ଜବତ କରି ପୁଲିସ ଜିମା ଦେଇଛନ୍ତି ଓ ଚୋରାମଦ ବେପାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରିଛନ୍ତି । ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମାଳିପୁର ଗ୍ରାମରେ ୨୦୧୧ରୁ ଗ୍ରାମବାସୀ ଏକତ୍ରିତ ହୋଇ ମଦ ବେପାରକୁ ବିରୋଧ କରିବା ସହିତ ଗ୍ରାମରେ ମଦ ବିକ୍ରିକୁ ନିଷେଧ କରିଥିଲେ । ଚୋରାମଦ ବିକ୍ରି ବନ୍ଦ କରିବା ପାଇଁ ଗ୍ରାମବାସୀଙ୍କ ଉଦ୍ୟମକୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଓ ପରେ ଗ୍ରାମାଞ୍ଚଳ ଥାନା ଅଧିକାରୀ ସହଯୋଗ କରିଥିଲେ । ଫଳରେ ମାଳିପୁର ଗ୍ରାମ ଓ ବଜାରରେ ମଦ ବିକ୍ରି ଓ ମଦ ପିଇବା ବନ୍ଦ ହୋଇପାରିଥିଲା । ତେବେ ଗତ କିଛିଦିନ ହେଲା ମାଳିପୁର ଗ୍ରାମର ଜଣେ ବ୍ୟକ୍ତି ଗ୍ରାମବାସୀଙ୍କ ନିଷ୍ପତ୍ତିକୁ ବେଖାତିର କରି ଚୋରାମଦ ବେପାର ଆରମ୍ଭ କରିଥିଲେ । ମା' ଉତ୍ତରେଶ୍ୱରୀ ଠାକୁରାଣୀ ପୀଠ, ଭାଗବତ ଗାଦୀ, ଅଷ୍ଟମ ପ୍ରହରୀ ଚଉଁରା ନିକଟରେ ଚୋରା ମଦ ବେପାରୀ ଘର ହୋଇଥିବାରୁ ଉକ୍ତ ସ୍ଥାନରେ ଦିନରାତି ମଦୁଆଙ୍କ ଭିଡ଼ ଜମିବାରୁ ଆଧ୍ୟାତ୍ମିକ ପରିବେଶ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହେଉଥିଲା । ଏଥିରେ ଗ୍ରାମବାସୀ ଅତିଷ୍ଠ ହୋଇ କିଛିଦିନ ତଳେ ଏକ ଅଭିଯୋଗ ପତ୍ର ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ଦିଆଯାଇଥିଲା । ଅଭିଯୋଗ ପରେ ଚୋରାମଦ ବେପାରୀ ମୁଁ ଥାନାରେ ଚାନ୍ଦା ଦେଉଛି, ତୁମେମାନେ ଅଭିଯୋଗ ଦେଇ ମୋର କ'ଣ କରିପାରିବ ବୋଲି ନାଲିଆଖି ଦେଖାଇ ବେପାର କରି ଚାଲିଥିଲେ । ଆଜି ସକାଳୁ ଗ୍ରାମବାସୀ ଚୋରାମଦ ବେପାରୀଙ୍କୁ ମଦ ଦେବାକୁ ତିନୋଟି ଅଖାରେ ମଦ ନେଇ ଆସିଥିବା ଯୁବକକୁ ଗ୍ରାମବାସୀ ଅଟକ ରଖିଥିଲେ । କୌଶଳ କ୍ରମେ ସମ୍ପୃକ୍ତ ଯୁବକ ବାଇକ୍ ନଇ ଘଟଣା ସ୍ଥଳରୁ ଖସି ପଳାଇଥିଲା । ତେବେ ଗ୍ରାମବାସୀ ମଦ ଜବତ କରିଥିଲେ । ଗ୍ରାମବାସୀଙ୍କଠାରୁ ଖବର ପାଇ ଗ୍ରାମାଞ୍ଚଳ ଥାନା ପୁଲିସ ପହଞ୍ଚିଥିଲା । ଗ୍ରାମବାସୀ ଜବତ କରିଥିବା ୫ ପେଟି ମଦ ପୁଲିସ ଜିମା ଦେଇ ଚୋରାମଦ ବେପାର ଗ୍ରାମରୁ ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ । ଆଗାମୀ ଦିନରେ ମାଳିପୁର ଗ୍ରାମରେ ଚୋରା ମଦ ବେପାରୀ ବିରୋଧରେ ପୁଲିସ କର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଚୋରା ମଦ ବେପାର ବନ୍ଦ ନ କଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବା ସହିତ ମାଳିପୁର ଦେଇ ଯାଉଥିବା ସମସ୍ତ ଚୋରା ମଦ ବେପାରୀଙ୍କୁ ଧରି ପୁଲିସ ଜିମା ଦେବେ ବୋଲି ମହେଶ୍ୱର ମଲିକ, ଅଲେଖ ମଲିକ, ସବାର ମଲିକ, ଅଭୟ ମଲିକ, ବିଚିତ୍ର ମଲିକ, ଚକ୍ରଧର ମଲିକ, ରାଜେଶ ମଲିକ, ପ୍ରଶାନ୍ତ ମଲିକ, ଅଶ୍ୱିନୀ ମଲିକ ପ୍ରମୁଖ ଚେତାବନୀ ଦେଇଛନ୍ତି ।

## ରାଜନଗର ଗ୍ରାମରେ ଅଗ୍ନିକାଣ୍ଡ

ପଞ୍ଚୁପାଣ୍ଡବ,୨୧।୩(ସମିସ): ଡେରାବିଶ ଥାନା ଅଧୀନ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଉମାକାନ୍ତେଶ୍ୱର ମହାଦେବ ମନ୍ଦିର ନିକଟରେ ଥିବା ଯଜ୍ଞ ଘର ଜଳିଯାଇଛି । ଶନିବାର ଦିନ ସକାଳେ ଯଜ୍ଞ ଘର ଜଳୁଥିବା ଦେଖିଲା ପରେ ସ୍ଥାନୀୟ ଗ୍ରାମର ଲୋକେ ନିଆଁକୁ ଆୟତ୍ତ କରିଥିଲେ ସୁଦ୍ଧା ଚାଳ ଛପରରେ ହୋଇଥିବା ଯଜ୍ଞ ଘର ପୋଡ଼ି ପାଉଁଶ ହୋଇଯାଇଛି । ଶୁକ୍ରବାର ଦିନ ସ୍ଥାନୀୟ ଜଙ୍ଗଲରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଗଛ ନଷ୍ଟ ହୋଇଥିବାବେଳେ ନିକଟରେ ଥିବା ଯଜ୍ଞ ଘର ପୋଡ଼ିବା ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ଅଭିଯୋଗ ହେଉଛି ।

## ଦୁର୍ଘଟଣାରେ ୩ ଯୁବକ ଗୁରୁତର ଆହତ

ଆଳି,୨୧।୩(ସମିସ): ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତା ସଂଲଗ୍ନ ଆଳି-ମହୁ ରାସ୍ତାର କୋଚିଲା ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ତିନିଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି । ବିଜୟନଗର ଗ୍ରାମର ଅବିନାଶ ବଳ ଆଳିରୁ ଜରୁରୀ କାମ ସାରି ଫେରୁଥିବା ସମୟରେ ଅନ୍ୟପଟୁ ଗଭାଡ଼ିଆ ଗ୍ରାମର ସୌରଭ ସ୍ୱାଇଁ ଓ ବିଭୁଦତ୍ତ ସେଠୀ ମହୁ ଗ୍ରାମକୁ କ୍ରିକେଟ ଖେଳିବାକୁ ଯାଇ ବାଇକ ଯୋଗେ ଆଳି ଫେରୁଥିବା ସମୟରେ କୋଚିଲା ଛକରେ ପରସ୍ପରକୁ ଧକ୍କା ଦେଇଥିଲେ । ଫଳରେ ସମସ୍ତ ତିନିଜଣ ବାଇକରୁ ଛିଟିକି ପଡ଼ି ଆହତ ହୋଇଥିଲେ । ଅବିନାଶଙ୍କ ଡାହାଣ ଗୋଡ଼, ଅଣ୍ଟାରେ ଆଘାତ ଲାଗିଥିବାବେଳେ ସୌରଭଙ୍କ ବାମ କାନ୍ଧ ଓ ବିଭୁଦତ୍ତଙ୍କ ଡାହାଣ ହାତ ଓ ଡାହାଣ ଗୋଡ଼ରେ ଆଘାତ ଲାଗିଛି । ସଡ଼କ ବନ୍ଧୁ ସୁଶାନ୍ତ ତରାଇ ପହଞ୍ଚି ସମସ୍ତ ତିନିଜଣଙ୍କୁ ପ୍ରାଥମିକ ଚିକିତ୍ସା କରି ସ୍ଥାନୀୟ ଲୋକଙ୍କ ସହଯୋଗରେ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସମସ୍ତ ତିନିଜଣଙ୍କୁ ଜିଲ୍ଲା ଚିକିତ୍ସାଳୟ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି ।

## କେରେଡ଼ାଗଡ଼ରେ ଇଦ୍ ପର୍ବ ପାଳିତ



ରାଜନଗର, ୨୧।୩(ସମିସ): ରାଜନଗର ବ୍ଲକ କେରେଡାଗଡ ମୁସଲିମ ବସ୍ତିରେ ଇଦ୍ ପର୍ବ ପାଳିତ ହୋଇଯାଇଛି । ବସ୍ତିରେ ଥିବା ମସ୍‌ଜିଦରେ ସମୂହ ନମାଜ ପାଠ କରାଯାଇଥିଲା । ଏହି ପର୍ବରେ ରାଜନଗର ବିଧାୟକ ଧ୍ରୁବ ସାହୁ, ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ସରପଞ୍ଚ କୈଳାସ ପରିଡା, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଅରୁଣ ସାହୁ, ବରିଷ୍ଠ ନେତା ଦିଲ୍ଲୀପ ପାତ୍ର, ନବକିଶୋର ପାତ୍ର, ରମଣୀ ରଞ୍ଜନ ବଳ, ବିଜୟ ନାୟକ, ବସ୍ତିର ମୁରବି ସେକ ମହମ୍ମଦ, ସେକ ଉସମାନ, ସେକ କାଲୁ, ସେକ ମୁଦିଆ, ସେକ ରାଜୁ, ସେକ କାଲା, ଯୁବନେତା ସର୍ବେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ତାଳଚୁଆର ଜ୍ୟୋତିପ୍ରସାଦଠାରେ ଇଦ ପର୍ବ ପାଳନ କରାଯିବା ସହିତ ସମୂହ ନମାଜ ପାଠ କରାଯାଇଛି । ମୁସଲିମ ବସ୍ତିରେ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ । ଏଥିରେ ବିଧାୟକ ଶ୍ରୀ ସାହୁଙ୍କ ସହିତ ଉପାଧ୍ୟକ୍ଷ ଗଣେଶ ଗୁଡ଼ିଆ, ଅଶୋକ ମହାନ୍ତି, ନିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେପି ନେତାଙ୍କୁ ସରକାରୀ ଓକିଲଙ୍କ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ,୨୧।୩(ସମିସ): ପଟ୍ଟାମୁଣ୍ଡାଇର ବିଭିନ୍ନ କୋର୍ଟ ଓ ତହସିଲରେ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଥିବା ଓକିଲମାନେ ଆଜି ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଯୁବନେତା ଲଳିତ ବେହେରାଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିବା ସହିତ ସମ୍ବର୍ଦ୍ଧିତ କରିଛନ୍ତି । ପଟ୍ଟାମୁଣ୍ଡାଇ ବିଜେପି ଯୁବନେତା ମିଟୁ ମନୋଜ ନାୟକଙ୍କ ସହିତ ବରିଷ୍ଠ ସରକାରୀ ଓକିଲ ସୁରେଶ କୁମାର ନରେନ୍ଦ୍ର, ପ୍ରମୋଦ ସାହୁ, ଭବାନୀଶଙ୍କର ପଣ୍ଡା, ଶାନ୍ତିଭୂଷଣ ଭୂୟାଁ, ଧୀରେନ୍ଦ୍ର ସାହୁ,



ଶିଶିର ମଲିକ, ପ୍ରଣତୀ ଦାସ ଓ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଶ୍ରୀ ବେହେରାଙ୍କୁ ଭେଟି ସମ୍ବର୍ଦ୍ଧିତ କରିଥିଲେ ।

## ପେଣ୍ଠରେ ବିଶ୍ୱ ବନ ଦିବସ

ରାଜନଗର,୨୧।୩(ସମିସ): ରାଜନଗର ବନ ବିଭାଗ ପକ୍ଷରୁ ପେଣ୍ଠଠାରେ ବିଶ୍ୱ ବନ ଦିବସ ପାଳିତହୋଇଯାଇଛି । ଡିଏଫଓଭର୍ଦରାଜଗାଓଁକରଉଦଘାଟନକରିବାସହିତବିଶ୍ୱବନଦିବସର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଗବେଷକ ପ୍ରସନ୍ନ ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ତହସିଲଦାର ଯୀଶୁକ୍ରିଷ୍ଟ ଦାସ ମୁଖ୍ୟବକ୍ତା, ସମ୍ମାନିତ ବକ୍ତା ରୂପେ ଗାଳ୍ପିକ ପ୍ରଦୀପ ନାୟକ, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଅଧ୍ୟାପକ ପ୍ରସନ୍ନ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ । ଏସିଏଫ ଗଗନ ମଲ୍ଲିକ ଧନ୍ୟବାଦ ଦେଇଥିଲେ । ସକାଳୁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ପେଣ୍ଠ ବେଳାଭୂମିକୁ ସଫେଇ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ଗହୀରମଥା ରେଞ୍ଜର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟର ବିଜୟ ପାତ୍ର, ସୁନୀଲ ରାଉତରାୟ, ରଞ୍ଜନ ପାଣି ପ୍ରମୁଖ ପରିଚାଳନା କରିଥିଲେ । ବିଶ୍ୱ ବନ ଦିବସ ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କୁନି ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା । ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟକୁ ପ୍ରଦାନ କରାଯାଇଥିଲା ।

## ବଛରାଇ ପଞ୍ଚାୟତ ବିଦ୍ୟାଳୟ ବାର୍ଷିକ ଉତ୍ସବ

ମାର୍ଶାଘାଇ,୨୧।୩(ସମିସ): ବଛରାଇ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ କାଳନ୍ଦୀ ମଲ୍ଲିକ୍‌ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଶାନ୍ତ ବେଉରା, ମୁଖ୍ୟବକ୍ତା ମାର୍ଶାଘାଇ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସୁକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ସରପଞ୍ଚ ଛବିଳତା ସେଠୀ, ପଞ୍ଚସଖା ଶିକ୍ଷାସେତୁ କମିଟି ସଭାପତି ମାଧବ ନାୟକ, ପ୍ରାକ୍ତନ ପ୍ରଧାନଶିକ୍ଷକ ଜ୍ଞାନରଞ୍ଜନ ଦାସ, ପ୍ରତିଧାରା ଜେନା, ବରିଷ୍ଠ ଶିକ୍ଷୟିତ୍ରୀ କବିତା ମିଶ୍ର, ପ୍ରଭାତ ସେଠୀ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀଙ୍କୁ କରିଥିଲେ । ପଣ୍ଡିତ ଅରୁଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ପ୍ରଧାନଶିକ୍ଷକ ଶ୍ରୀ ମଲ୍ଲିକଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ ସ୍ୱାଇଁ, ମୁଖ୍ୟବକ୍ତା ଲୋକନାଥ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପିକା ବିଚିତ୍ରା ମଞ୍ଜରୀ ତ୍ରିପାଠୀ, ସମ୍ମାନିତ ଅତିଥି ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଶୁଭେନ୍ଦୁ ବିଶ୍ୱାଳ, ସିଆରସିସି ଉତ୍କଳ ଦାସ ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ସୌମ୍ୟରଞ୍ଜନ ସ୍ୱାଇଁ, ଅଙ୍କିତ ସିଂହ, ସିଦ୍ଧାନ୍ତ ପତି, ସସ୍ମିତା ଦାସ, କବିତା ନାୟକ, ସୋନାଲି ସାମଲ, ସୁଶ୍ରୀ ଶୁଭଦର୍ଶିନୀ ଜେନା, ଅନୀଲ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

### ଯକ୍ଷ୍ମା ସ୍କ୍ରିନିଂରେ କେନ୍ଦ୍ରାପଡ଼ା ରାଜ୍ୟରେ ପ୍ରଥମ

# ୬୭ ହଜାରରୁ ଅଧିକ ପରୀକ୍ଷା, ୪୪୫ ରୋଗୀ ଚିହ୍ନଟ

କେନ୍ଦ୍ରାପଡ଼ା,୨୧।୩(ସମିସ)

ଜିଲ୍ଲା ସ୍ୱାସ୍ଥ୍ୟ ବ୍ୟବସ୍ଥାର ସକ୍ରିୟ ପଦକ୍ଷେପର ପରିଣାମ ସ୍ୱରୂପ ଯକ୍ଷ୍ମା (ଟିବି) ସ୍କ୍ରିନିଂ କ୍ଷେତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲା ଓଡିଶାରେ ପ୍ରଥମ ସ୍ଥାନ ଅଧିକାର କରିଛି । ୨୦୨୫ କ୍ୟାଲେଣ୍ଡର ବର୍ଷରେ ନାଟ୍ ମେସିନ୍ ମାଧ୍ୟମରେ ୬୭,୧୮୯ ଜଣଙ୍କ ସ୍ପୁଟମ ସାମ୍ପଲ ପରୀକ୍ଷା କରାଯାଇଥିବାବେଳେ ୪୪୫ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ହୋଇଥିବା ସମସ୍ତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି । ଏହି ସଫଳତା ପାଇଁ ଜିଲ୍ଲାପାଳ ରଘୁରାମ ଆର. ଆୟର ସମସ୍ତ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଓ ଅଧିକାରୀଙ୍କୁ




ଅଭିନନ୍ଦନ ଜଣାଇଛନ୍ତି ।

ଜିଲ୍ଲା ସ୍ୱାସ୍ଥ୍ୟ ସମିତି କେନ୍ଦ୍ରାପଡ଼ା ଆନୁକୂଲ୍ୟରେ ପୁରୁଣା ମେଡିକାଲ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ସେ ଏହି ତଥ୍ୟ ପ୍ରକାଶ କରିଥିଲେ । ବୈଠକରେ ମାତୃ ଓ ପ୍ରଜନନ ସ୍ୱାସ୍ଥ୍ୟ, ନବଜାତ ଶିଶୁ ଯତ୍ନ, ଶିଶୁ ମୃତ୍ୟୁ ସମୀକ୍ଷା, ଟିକାକରଣ, ପରିବାର ନିୟୋଜନ ଓ ପିସିପିଏନଡିଟି କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବିଶେଷକରି ଏଚପିଭି ଟୀକାକରଣ ମାଧ୍ୟମରେ ଜରାୟୁ କର୍କଟ ପ୍ରତିରୋଧ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଫେବୃଆରୀ ମାସରେ ଆଳି, କେନ୍ଦ୍ରାପଡ଼ା ଓ ରାଜନଗର ବ୍ଲକରେ ଘଟିଥିବା ଶିଶୁ ମୃତ୍ୟୁ ଘଟଣା ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା । ଆଶା ଓ ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ଭୂମିକାକୁ ଗୁରୁତ୍ୱ ଦେଇ ମମତା ଦିବସକୁ ଅଧିକ ଗୁଣାତ୍ମକ ଭାବେ ପାଳନ କରିବା ସହ ସମସ୍ତ ଆବଶ୍ୟକ ପରୀକ୍ଷା, ଔଷଧ ଓ ଯୁଗ୍ମ ପରିଦର୍ଶନ ଜୋରଦାର କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଏଥିସହ ଗର୍ଭବତୀଙ୍କ ପଞ୍ଜୀକରଣ, ଡାକ୍ତରଖାନାରେ ପ୍ରସବ ଓ ଜନ୍ମ ପରବର୍ତ୍ତୀ ଯତ୍ନକୁ ସୁଦୃଢ଼ କରିବା ସହ ବ୍ଲକ ସ୍ତରରେ ଯୁଗ୍ମ ବୈଠକକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପୁଷ୍ଟି ପୁନର୍ବାସ କେନ୍ଦ୍ରରୁ ଫେରୁଥିବା ଶିଶୁଙ୍କ ପାଇଁ ଅତିରିକ୍ତ ଖାଦ୍ୟ ସହାୟତା (ଫୁଡ୍ କିଟ୍) ପ୍ରଦାନ ବିଷୟରେ ମଧ୍ୟ ବୈଠକରେ ଚର୍ଚ୍ଚା ହୋଇଥିଲା । ଉକ୍ତ ବୈଠକରେ ସିଡିଏମଓ ଡା. ମନୋରଞ୍ଜନ ରାଉତ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ଏଡିଏମ (ମେଡିକାଲ) ଡା. କିଶୋର ଚନ୍ଦ୍ର ମିଶ୍ରଙ୍କ ସହିତ ଜିଲ୍ଲା ଓ ବ୍ଲକ ସ୍ତରର ସ୍ୱାସ୍ଥ୍ୟ କର୍ମକର୍ତ୍ତା, ମେଡିକାଲ ଅଫିସର, ସିଡିପିଓ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀ ଉପସ୍ଥିତ ଥିଲେ । ଡା. ସୁକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

୨୧/୩/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୬୮,୬୯୩/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍





### ନାବାଳକ ହାତ ବାନ୍ଧି ରାସ୍ତାରେ ଚଲାଇ ଚଲାଇ ନେବା ଘଟଣା

# ଚାପରେ ପୁଲିସ; ଅଭିଯୁକ୍ତକୁ ଗିରଫ ଦାବି କଲା ଆପ୍



**ପୁରୀ/ବ୍ରହ୍ମଗିରି,୨୧।୩(ସମିସ):** ପୁରୀ ଜିଲ୍ଲା ବ୍ରହ୍ମଗିରିରେ ଭୁଶୁଡ଼ି ପଡ଼ିଲାଣି ଆଇନ ଶୃଙ୍ଖଳା ବ୍ୟବସ୍ଥା। ଅପରାଧିକ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି। ଦିନ ଦ୍ୱିପ୍ରହରରେ ବିଟ୍ ରାସ୍ତାରେ ଜଣେ ନାବାଳକ ବେକରେ 'ମୁଁ ଚୋର' ଲେଖାଥିବା ପ୍ଲାକାର୍ଡ ଝୁଲାଇ ତା' ଦୁଇହାତ ପଛପଟେ ବାନ୍ଧି ଚଲାଇ ଚଲାଇ ନେବା ଆଇନ ଶୃଙ୍ଖଳା ବ୍ୟବସ୍ଥାର ସ୍ଥିତି କ'ଣ ତାହା ସ୍ପଷ୍ଟ କରୁଛି। ସବୁଠୁ ବଡ଼ କଥା ହେଉଛି ଆମେ ଶିଶୁ ସୁରକ୍ଷା ଏବଂ ଶିଶୁ ଅଧିକାର କଥା କହି ବଡ଼ ବଡ଼ ଭାଷଣ ମାରୁଛେ। ବିଭାଗୀୟ ଅଧିକାରୀମାନେ ଶିଶୁଙ୍କ ପାଇଁ ଥିବା ସରକାରୀ ଯୋଜନାର ଗୁଣଗାନ କରୁଛନ୍ତି। ହେଲେ ବାସ୍ତବରେ ଏହା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ କେହି ନାହାଁନ୍ତି। ରାସ୍ତାରେ ଶିଶୁ ସୁରକ୍ଷା ଆଇନର ଧଜ୍ଜିଆ ଉଡୁଥିଲେ ବି ସମସ୍ତେ ଚୁପ୍। ପ୍ରଶ୍ନ ଉଠୁଛି କୁଆଡ଼େ ଗଲେ ଜିଲ୍ଲା ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟିର ବାବୁମାନେ। କାହିଁକି ନିରବ ସାଜିଛି ପୁଲିସ। ଏଭଳି ପ୍ରଶ୍ନବାଣ ଭିତରେ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଶନିବାର ଆପ୍ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଶୁକ୍ରବାର ବ୍ରହ୍ମଗିରି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଜଣେ ନାବାଳକ ବ୍ରହ୍ମଗିରି ବଜାରରେ ଥିବା ଏକ ମେଡିସିନ ଦୋକାନରୁ ଟଙ୍କା ଚୋରି ଅଭିଯୋଗରେ ତାଙ୍କୁ ରାସ୍ତାରେ ଅକଥନୀୟ ନିର୍ଯାତନ ଦିଆଯାଇଥିଲା। ଏ ନେଇ ବ୍ରହ୍ମଗିରି ଥାନାରେ ନାବାଳକର ମାଆ ଅଭିଯୋଗ କରିଛନ୍ତି ଯେ, ଶୁକ୍ରବାର ଅପରାହ୍ଣ ୧ଟା ସମୟରେ ତାଙ୍କ ସ୍ୱାମୀ ଘରେ ନ ଥିଲେ। ଏହି ସମୟରେ ସାହୁପଡ଼ାର ମନୋରଞ୍ଜନ ତ୍ରିପାଠୀ ତାଙ୍କର କିଛି ସହଯୋଗୀ ଘରେ ପଶିଥିଲେ। ତାଙ୍କର ୧୪ ବର୍ଷର ପୁଅକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ତଣ୍ଟିକୁ ଚିପି ଧରି ମୁଣ୍ଡ, ଗାଲ ଏବଂ ପେଟ କଙ୍କାଳକୁ ମୁଥ, ଜାବୁଡ଼ା, ଗୋଇଠା ମାରିଥିଲେ। ଜୋର୍ ଜବରଦସ୍ତି ପୁଅକୁ ଘରୁ ଉଠାଇ ନେଉଥିବାବେଳେ ମହିଳା ଜଣକ ପ୍ରତିବାଦ କରିଥିଲେ। ତାଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହ ଟଣାଘୋଷରା କରି ମାଡ଼ ମରାଯାଇଥିଲା। ଏପରିକି ତାଙ୍କ ଘରର ଆସବାବପତ୍ର ଫୋପଡ଼ାଫିଙ୍ଗା କରି ତାଙ୍କ ନାବାଳକ ପୁଅକୁ ଗାଡ଼ିରେ ବସାଇ ନେଇଯାଇଥିଲେ। ବ୍ରହ୍ମଗିରି ବଜାର ଗ୍ରାମ୍ୟ ବ୍ୟାଙ୍କ ନିକଟରୁ ତାଙ୍କ ପୁଅର ଦୁଇହାତକୁ ପଛପଟୁ ବାନ୍ଧି ଚାପୁଡ଼ା ବିଧା ମାରି ବେକରେ ଲେଖାଯାଇଥିବା 'ମୁଁ ଚୋର' ପ୍ଲାକାର୍ଡ ପକାଇ ଥାନାକୁ ନେଇଥିଲେ।

ତେବେ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ହେଁ ପୁଲିସ ନିରବଦ୍ରଷ୍ଟା ସାଜିଛି। ଏହି ଘଟଣାରେ ସମ୍ପୃକ୍ତ ମନୋରଞ୍ଜନ ତ୍ରିପାଠୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି ଆପ୍। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି, ବ୍ରହ୍ମଗିରି ଅଞ୍ଚଳରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଖୁଲମ୍‌ଖୁଲା ଅପରାଧ କରିବାକୁ ଭୟ କରୁନାହାନ୍ତି ଅପରାଧୀ। ଶୁକ୍ରବାର ମାନବିକତାକୁ ଲଜ୍ଜିତ କରିବା ଭଳି ଘଟଣା ଘଟିଛି ବ୍ରହ୍ମଗିରିରେ। ଏକ ଚୋରି ସନ୍ଦେହରେ ସାହୁପଡ଼ାର ମନୋରଞ୍ଜନ ତ୍ରିପାଠୀ ଜଣେ ନାବାଳକକୁ ରାସ୍ତାରେ ହାତ ବାନ୍ଧି ଚଲେଇ ଚଲେଇ ନେଉଥିବାର ଦୃଶ୍ୟ ଗଣମାଧ୍ୟମରେ ଭାଇରାଲ ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେହି ନାବାଳକଙ୍କ ବେକରେ 'ମୁଁ ଚୋର' ବୋଲି ଏକ ପ୍ଲାକାର୍ଡ ମଧ୍ୟ ଝୁଲାଇ ଦିଆଯାଇଥିଲା। ଏପରି କାର୍ଯ୍ୟ କରିବାକୁ ତାଙ୍କୁ ଅଧିକାର ଦେଲା କିଏ? ଲୋକେ ତାଙ୍କୁ ଏଥିରୁ ନିବୃତ୍ତ ରହିବାକୁ କହିଥିଲେ। ଯଦି ସେ କିଛି ଭୁଲ୍ କରିଛି ଆଇନ ତା'ର ବିଚାର କରି ଯାହା ଦଣ୍ଡ ଦେବା କଥା ଦେବ। ଆପଣ କାହିଁକି ପିଲାଟିର ହାତବାନ୍ଧି ବେକରେ 'ମୁଁ ଚୋର' ଲେଖା ଝୁଲାଇ ନେଉଛନ୍ତି ବୋଲି ମନୋରଞ୍ଜନଙ୍କୁ ପ୍ରଶ୍ନ କରିଥିଲେ ମଧ୍ୟ ସେ ଶୁଣୁ ନ ଥିବା ଭିଡିଓରେ ଦେଖିବାକୁ ମିଳୁଛି। ଏହା ଖୋଲାଖୋଲି ରୂପେ ଆଇନର ଉଲ୍ଲଙ୍ଘନ। ଶିଶୁ ସୁରକ୍ଷା ଅଧିକାରୀ କ'ଣ ଏହା ଦର୍ଶାଉଛି ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ। ଶିଶୁଙ୍କ ସୁରକ୍ଷା ଏବଂ ଅଧିକାରୀ କିପରି କ୍ଷୁଣ୍ଣ ନ ହେବ ସେ ନେଇ ସରକାରୀ ବାବୁମାନେ ବଡ଼ ବଡ଼ କଥା କହୁଛନ୍ତି। ହେଲେ ବ୍ରହ୍ମଗିରିରେ ଯେଉଁଭଳି ମାନବିକତାକୁ ଲଜ୍ଜିତ କଲାଭଳି ଘଟଣା ଘଟିଛି ତାହା କ'ଣ ଆମ ସଭ୍ୟ ସମାଜ ପାଇଁ ଠିକ୍ କି? ଏ ନେଇ ନାବାଳକର ମାଆ ବ୍ରହ୍ମଗିରି ଥାନାରେ ଅଭିଯୋଗ କରିବାର ୨୪ ଘଣ୍ଟା ବିତିଥିଲେ ବି ଏପର୍ଯ୍ୟନ୍ତ ମନୋରଞ୍ଜନ ତ୍ରିପାଠୀଙ୍କୁ କାହିଁକି ଗିରଫ କରାଯାଇନାହିଁ ବୋଲି ସଞ୍ଜୀବ ପ୍ରଶ୍ନ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ବିଜେପି ନେତାଙ୍କ ଭାଇ ବୋଲି ପୁଲିସ ଉପରେ ଚାପ ରହୁଥିବା ସାଧାରଣରେ ଚର୍ଚ୍ଚା ହେଉଥିବା କହିଛନ୍ତି ସଞ୍ଜୀବ। ଆପ୍ ଜିଲ୍ଲା ସମ୍ପାଦକ ସତ୍ୟଜିତ୍ ମହାନ୍ତି, କୃଷକ ନେତା ଦେବ ପ୍ରଧାନ ଏବଂ ଉପସଭାପତି ଅନୀଲ ସେନାପତି ଏହି ଦାବିପତ୍ର ପ୍ରଦାନ କରିଥିଲେ।

## ଦାଦାବଟି ଆଦାୟ କରି ୩ ଗିରଫ

**ପୁରୀ,୨୧।୩(ସମିସ):** ପର୍ଯ୍ୟଟକଙ୍କୁ ଖଣ୍ଡା, ଛୁରି ଦେଖାଇ ଭୟଭୀତ କରି ଦାଦାବଟି ଆଦାୟ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ୱାଟର ୱାର୍କ୍ସ ରୋଡ୍‌ର ଗୁଡୁ ଜାଲି (୨୭), ପମା ଜାଲି (୨୫) ଓ ରାମଚଣ୍ଡୀ ବାଲିକୁଦ ସାହିର ଦୀପାନନ୍ଦ ଦାସ (୨୭)। ଏମାନେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୩ଟାରେ ହେଲିପ୍ୟାଡ୍ ଛକରେ ପର୍ଯ୍ୟଟକଙ୍କୁ ଅଟକାଇ ଛୁରି, ଖଣ୍ଡା ଦେଖାଇ ଦାଦାବଟି ଆଦାୟ କରୁଥିଲେ। ଏହି ସମୟରେ ପାଟ୍ରୋଲିଂ କରୁଥିବା ସମୁଦ୍ରକୂଳ ଥାନା ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ଚଢ଼ଉ କରି ୩ ଜଣଙ୍କୁ କାବୁ କରିଥିଲେ। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଗୋଟିଏ ଲୁହାରଡ୍, ଗୋଟିଏ ଛୁରି, ୩୧୦୦ ଟଙ୍କା ଜବତ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରଯାଇ ଅଭିଯୁକ୍ତମାନଙ୍କୁ ଶନିବାର କୋର୍ଟ ଚାଲାଣ କରିଛି ପୁଲିସ।

## ୧୩୨ ବୋତଲ କଫ୍ ସିରପ୍ ଜବତ

**ପୁରୀ,୨୧।୩(ସମିସ):** ପୁରୀ ସହରରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ଜାରି ରହିଛି ଅପରେସନ ଚକ୍ର। ଏହି ଅଭିଯାନରେ ଟାଉନ ଥାନା ପୁଲିସକୁ ମିଳିଛି ବିଶେଷ ସଫଳତା। ୨ ଜଣ କୋରେକ୍ସ ବେପାରୀଙ୍କୁ ପୁଲିସ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ ମାର୍କଣ୍ଡେଶ୍ୱର ସାହି ଯମୁନା ଲେନ୍‌ର ରାଜେଶ ସିଂ (୪୬) ଓ ପ୍ରିୟାନ୍ସ ନାୟକ(୨୪)। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଲୁଚିଛପି ବୁଢ଼ୀ ମା' ତୋଟାରେ ନିଶାଗ୍ରସ୍ତ ଯୁବକମାନଙ୍କୁ କୋରେକ୍ସ ବିକ୍ରି କରୁଥିବାବେଳେ ଟାଉନ ଥାନା ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ଏହି ଚଢ଼ଉବେଳେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୧୩୨ଟି ଏସ୍‌କଫ କଫ୍ ସିରପ୍ ବୋତଲ, ୨ଟି ମୋବାଇଲ ଫୋନ୍, ୩,୬୦୦ ଟଙ୍କା ଏବଂ ଗୋଟିଏ ସ୍କୁଟି ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୯୧/୨୬) ରୁଜୁ କରାଯାଇ ଶନିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ଦୁଇ ଅଭିଯୁକ୍ତଙ୍କୁ ଜିଲ୍ଲା କାରାଗାରକୁ ପଠାଯାଇଛି। ଅଭିଯୁକ୍ତ ନଣ୍ଡା ନାମରେ ପୂର୍ବରୁ ମଧ୍ୟ ଆକ୍ରମଣ ଓ ହତ୍ୟା ଉଦ୍ୟମ ପରି ସଙ୍ଗୀନ ମାମଲା ବିଭିନ୍ନ ଥାନାରେ ରହିଥିବା ପୁଲିସ କହିଛି।

## ଜଙ୍ଗଲରୁ ପ୍ଲାଷ୍ଟିକ୍ ଆବର୍ଜନା ସଫା କରୁଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା

**ପୁରୀ,୨୧।୩(ସମିସ):** ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା। ଏଭଳି ଉକ୍ତିର ବେଶ୍ ପ୍ରାସଙ୍ଗିକତା ରହିଛି। ହେଲେ ଏବେ ପ୍ଲାଷ୍ଟିକ୍ ଆବର୍ଜନାରେ ଭର୍ତ୍ତି ହୋଇଯାଉଛି କିଛି ଜଙ୍ଗଲ। ଏହାଦ୍ୱାରା ପରିବେଶର ସନ୍ତୁଳନ ବିଗୁଡୁଥିବାବେଳେ ଏହାର ଅନେକ କୁପ୍ରଭାବ ମଣିଷ ସମାଜ ଉପରେ ପଡୁଛି। କେବଳ ମନୁଷ୍ୟ ନୁହନ୍ତି ପଶୁପକ୍ଷୀ ବି ପ୍ରଭାବିତ ହେଉଛନ୍ତି। କିନ୍ତୁ ଏଥିପ୍ରତି କେହି ବିଶେଷ ଗୁରୁତ୍ୱ ଦେଉନାହାନ୍ତି, ଯାହା ଆଗାମୀ ଦିନରେ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ। ହେଲେ ଏମିତି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ସକାଳ ହେଲେ ଟ୍ରଲି ଧରି ପହଞ୍ଚିଯାଆନ୍ତି ବାଲୁଖଣ୍ଡ ଅଭୟାରଣ୍ୟ ନିକଟରେ। ରାସ୍ତାକଡ଼ରେ ଟ୍ରଲିକୁ ରଖି ଅଖା ଧରି ଜଙ୍ଗଲ ପାର୍ଶ୍ୱରେ ପଡ଼ିଥିବା ପ୍ଲାଷ୍ଟିକ୍ ଆବର୍ଜନାକୁ ସଂଗ୍ରହ କରିଥା'ନ୍ତି। ପ୍ରତିଦିନ ଶହଶହ ପ୍ଲାଷ୍ଟିକ୍ ବୋତଲ ସାଙ୍ଗକୁ ଅନ୍ୟାନ୍ୟ ପ୍ଲାଷ୍ଟିକ୍ ଆବର୍ଜନା ସଂଗ୍ରହ କରି ଟ୍ରଲିରେ ବୋହି ନେଇଥା'ନ୍ତି। ଏଭଳି ମହତ୍ କାମରେ ବ୍ରତୀ ଥିବା ଦୁଇଜଣ ବ୍ୟକ୍ତିଙ୍କୁ ବିଶ୍ୱ ବନ ଦିବସ ଅବସର ଶନିବାରରେ ସମ୍ବର୍ଦ୍ଧିତ କରିଛନ୍ତି ବାଲୁଖଣ୍ଡ ଓ ଏଥିରେ ରହୁଥିବା ଜୀବଜନ୍ତୁଙ୍କ ସୁରକ୍ଷା ଦିଗରେ କାମ କରୁଥିବା ସେଭ୍ କୋଷ୍ଟାଲ ଲାଇଫ୍‌ର ମୁଖ୍ୟ ସ୍ୱେଚ୍ଛାସେବୀ ତଥା ପ୍ରକୃତିବନ୍ଧୁ ସରୋଜ କୁମାର ଜେନା।



## ବାଲୁକାକଳାରେ ଜନଗଣନା ସଚେତନତା

**ପୁରୀ,୨୧।୩(ସମିସ):** ଆଗାମୀ ୨୦୨୭ ଜନଗଣନା ପାଇଁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶନିବାର ପୁରୀ ନୀଳାଦ୍ରି ବିଚ୍‌ଠାରେ ବାଲୁକାକଳା ପ୍ରଦର୍ଶିତ ହୋଇଥିଲା। ଚଳିତ ଜନଗଣନା ଭାରତର ପ୍ରଥମ ଡିଜିଟାଲ ଜନଗଣନା। ଏହାର ଉଦ୍ଦେଶ୍ୟ ଜନଗଣନାରୁ ଜନକଲ୍ୟାଣ। ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଓ ଗୃହ ଗଣନା ଚଳିତ ବର୍ଷ ଏପ୍ରିଲ୍ ୧୬ରୁ ମେ' ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ଫେବୃଆରୀ ୯ରୁ ୨୮ ପର୍ଯ୍ୟନ୍ତ ଜନଗଣନା ଅନୁଷ୍ଠିତ ହେବ ବୋଲି ଜନଗଣନା ଅଧିକାରୀ ଅବଗତ କରାଇଛନ୍ତି। ଏଥିରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ତଥା ଜନଗଣନାର ବ୍ରାଣ୍ଡ ଆମ୍ବାସାଡର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଜନଗଣନାର ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂ, ସହକାରୀ ନିର୍ଦ୍ଦେଶକ ଲକ୍ଷ୍ମଣ ମୁଖୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜନଗଣନାର ଜିଲ୍ଲା ଇନ୍‌ଚାର୍ଜ ବିଜୟ କୁମାର ସାହୁ, ଡେପୁଟି କଲେକ୍ଟର ଦିବ୍ୟାଜ୍ୟୋତି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦ୍ରଶେଖର ଏକାଡେମୀରେ ବନ ଦିବସ



**ପୁରୀ,୨୧।୩(ସମିସ):** ବିଶ୍ୱ ବନ ଦିବସ ଅବସରରେ ଶନିବାର ବାଲିଘାଇସ୍ଥିତ ଚନ୍ଦ୍ରଶେଖର ଏକାଡେମୀରେ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲୁଖଣ୍ଡ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ପ୍ରଦିପ୍ତ ମହାନ୍ତି, ବାଲୁଖଣ୍ଡ ବନପାଳ ରବୀନ୍ଦ୍ର କୁମାର ସ୍ୱାଇଁ, ବାଲିଘାଇ ବନପାଳ ସଞ୍ଜୟ ମଲ୍ଲିକ, ନଅ କମିଟି ସମ୍ପାଦକ ନବକିଶୋର ପ୍ରଧାନ, ୯ଟି ପରିବେଶ ଉନ୍ନୟନ ସମିତିର ସଦସ୍ୟ ସଦସ୍ୟା, ବିଦ୍ୟାଳୟର ପ୍ରଧାନଶିକ୍ଷକ ତାପସ ମିଶ୍ର ଏବଂ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଅତିଥିମାନେ ବନ ସଂରକ୍ଷଣର ଗୁରୁତ୍ୱ ଉପରେ ଆଲୋକପାତ କରି ପରିବେଶ ସୁରକ୍ଷା ପାଇଁ ବନ ସଂରକ୍ଷଣ ଜରୁରୀ ବୋଲି କହିଥିଲେ। ଶିକ୍ଷକମାନେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଗଛ ଲଗାଇବା ଓ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ପ୍ରେରିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ ଦଶମ ଶ୍ରେଣୀ ଛାତ୍ର ଆର୍ଯ୍ୟ ପ୍ରତାପ ନାୟକ ପ୍ରଥମ, ଷଷ୍ଠ ଶ୍ରେଣୀ ଛାତ୍ରୀ ଦେବଶ୍ରୀ ରାୟ ଦ୍ୱିତୀୟ ଏବଂ ସପ୍ତମ ଶ୍ରେଣୀ ଛାତ୍ରୀ ସୋମ୍ୟଦା ପାତ୍ର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶେଷରେ ସମସ୍ତେ ବନ ସୁରକ୍ଷା ପାଇଁ ସଙ୍କଳ୍ପ ନେବା ସହ ବିଦ୍ୟାଳୟ ପ୍ରାଙ୍ଗଣରେ ଗଛ ଲଗାଇଥିଲେ।

### ସହରୀ ସ୍ୱାସ୍ଥ୍ୟ କାର୍ଯ୍ୟ ଯୋଜନା କର୍ମଶାଳା

## ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟଣକୁ ଗୁରୁତ୍ୱ

**ପୁରୀ,୨୧।୩(ସମିସ):** ସହରୀ ସ୍ୱାସ୍ଥ୍ୟ କାର୍ଯ୍ୟ ଯୋଜନା (ସିଟି ହେଲ୍‌ଥ ଆକ୍ସନ୍ ପ୍ଲାନ୍) ସମ୍ବନ୍ଧରେ ଜାତୀୟ ସ୍ୱାସ୍ଥ୍ୟ ମିଶନ, ଏସିଆନ ଡେଭଲପ୍‌ମେଣ୍ଟ ବ୍ୟାଙ୍କ ଏବଂ ପାଥ୍‌ର ମିଳିତ ସହଭାଗିତାରେ ଶନିବାର ଏକ କର୍ମଶାଳା ହୋଟେଲ ଚାଣକ୍ୟ ବିଏନ୍‌ଆର୍‌ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର ସମସ୍ତଙ୍କୁ ଏହି କର୍ମଶାଳା ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସେ କହିଥିଲେ ସମସ୍ତ ବିଭାଗର ମିଳିତ ଉଦ୍ୟମରେ ସହରାଞ୍ଚଳରେ ଜନସ୍ୱାସ୍ଥ୍ୟ ବିକାଶ ନିମିତ୍ତ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଏହାର ସଫଳ ରୂପାୟଣରେ ଆହୁରି ଅନେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ ଏହି କର୍ମଶାଳାରେ ଉପସ୍ଥିତ ସମସ୍ତଙ୍କୁ ସହରାଞ୍ଚଳରେ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଥିବା ଚ୍ୟାଲେଞ୍ଜଗୁଡ଼ିକ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅତିରିକ୍ତ ନିର୍ଦ୍ଦେଶକ ଡା. ନିରୋଦ କୁମାର ସାହୁ ମାନସିକ, ଶାରୀରିକ ଅନଗ୍ରସର ଶ୍ରେଣୀର ଲୋକମାନଙ୍କ ପାଇଁ ଅଭିନବ ପଦକ୍ଷେପ ନେବାର ଆବଶ୍ୟକତା ଅଛି ବୋଲି କହିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶିକା (ସହରାଞ୍ଚଳ ସ୍ୱାସ୍ଥ୍ୟ) ଡା. ପୁଷ୍ପିତା ମହାନ୍ତି ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପାଥ୍‌ର ଡାକ୍ତର ଯତୀନ ଢିଙ୍ଗରା କର୍ମଶାଳା ପ୍ରାରମ୍ଭରେ ସହରୀ ସ୍ୱାସ୍ଥ୍ୟ କାର୍ଯ୍ୟ ଯୋଜନା (ସିଟି ହେଲ୍‌ଥ ଆକ୍ସନ୍ ପ୍ଲାନ୍)ର ଲକ୍ଷ୍ୟ ଏବଂ ଆବଶ୍ୟକତା ଉପରେ ସବିଶେଷ ଆଲୋଚନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡାକ୍ତର ସବିତା ମହାପାତ୍ର, ଡାକ୍ତର ସଞ୍ଜୁ ଦାଶ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ବିନୋଦ ବିହାରୀ ରଥ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ), ଡାକ୍ତର ଲଲାଟେନ୍ଦୁ ମିଶ୍ର ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା ରୋଗ), ଡାକ୍ତର ନାରାୟଣ ପ୍ରସାଦ ନନ୍ଦ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ପ୍ରତିରୋଧ), ଡାକ୍ତର ଆର୍.ଏନ୍ ମିଶ୍ର ଅଧୀକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଡାକ୍ତର ଦୀନବନ୍ଧୁ ସାହୁ, ସୁକାନ୍ତ ମିଶ୍ର, ଶ୍ୟାମ ସୁନ୍ଦର ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଆଇଏମ୍‌ଟି ଫାର୍ମାସୀ କଲେଜରେ ରାଷ୍ଟ୍ରୀୟ ସଂଗୋଷ୍ଠୀ

## ଆଧୁନିକ ଔଷଧୀୟ ଗବେଷଣାରେ ସୃଜନ ଓ ଆହ୍ୱାନ ଉପରେ ଚର୍ଚ୍ଚା



**ପୁରୀ, ୨୧।୩ (ସମିସ):** ସ୍ଥାନୀୟ ଗୋପାଳପୁରସ୍ଥିତ ଆଇଏମ୍‌ଟି ଫାର୍ମାସୀ କଲେଜରେ ଶନିବାର ୧୫ତମ ରାଷ୍ଟ୍ରୀୟ ସଂଗୋଷ୍ଠୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ବିରଳା ବୈଷୟିକ ଅନୁଷ୍ଠାନ ରାଞ୍ଚିର ପ୍ରଫେସର୍ ସ୍ୱାଗତିକା ଗାଙ୍ଗୁଲି। ଏଥିରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ, ଟାଙ୍ଗୀ, କଟକର ଡିନ୍ ପ୍ରଫେସର ବିଶ୍ୱରଞ୍ଜନ ମହାନ୍ତି, ପାରୁଲ୍ ବିଶ୍ୱବିଦ୍ୟାଳୟ ଗୁଜରାଟର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଲକ୍ଷ୍ମଣଭାଇ ଦୁର୍ଗାଭାଇ ପଟେଲ, ଆଇଏମ୍‌ଟି ଶିକ୍ଷାନୁଷ୍ଠାନ ସମୂହର ନିର୍ଦ୍ଦେଶକ ମନୋଜ ରଥ, ଶୈକ୍ଷିକ ନିର୍ଦ୍ଦେଶକ ପ୍ରଫେସର ଅନ୍ନଦା ମହାପାତ୍ର, ବିତ୍ତୀୟ ନିର୍ଦ୍ଦେଶିକା ଦେବସ୍ମିତା ରଥ ଉପସ୍ଥିତ ଥିଲେ। ଆଇଏମ୍‌ଟି ଫାର୍ମାସୀ କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ଅଗ୍ନିମିତ୍ର ଦିଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଏହି ସଂଗୋଷ୍ଠୀର ଦ୍ୱିତୀୟ ଅଧିବେଶନରେ ବୈଜ୍ଞାନିକ ଓ ବୈଷୟିକ ଉପସ୍ଥାପନାରେ ବିରଳା ବୈଷୟିକ ଅନୁଷ୍ଠାନର ପ୍ରଫେସର ସ୍ୱାଗତିକା ଗାଙ୍ଗୁଲି ଥ୍ରୀଡି- କ୍ୟୁଏସ୍‌ଏଆର୍ ସମ୍ବନ୍ଧରେ, ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଶ୍ୱରଞ୍ଜନ ମହାନ୍ତି ନୂତନ ଔଷଧ ଗବେଷଣାର ଆହ୍ୱାନ ଏବଂ ପାରୁଲ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଲକ୍ଷ୍ମଣଭାଇ ପଟେଲ ସିକ୍ସ-ସିଗ୍ମା ଔଷଧୀୟ ଗୁଣବତ୍ତା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ଶୀର୍ଷକ 'ଇନୋଭେସନ୍ ଆଣ୍ଡ ଚ୍ୟାଲେଞ୍ଜେସ୍ ଇନ୍ ମଡର୍ଣ୍ଣ ଫାର୍ମାସ୍ୟୁଟିକାଲ୍ ରିସର୍ଚ୍ଚ' ଉପରେ ସେମାନେ ଆଲୋକପାତ କରିଥିଲେ। ଏହି ସଂଗୋଷ୍ଠୀରେ ଆଭସୀ ମାଧ୍ୟମରେ ଦେଶର ବିଭିନ୍ନ ପ୍ରାନ୍ତ ଯଥା- ଝାଡ଼ଖଣ୍ଡ, ମହାରାଷ୍ଟ୍ର, ଗୁଜରାଟ, ଛତିଶଗଡ଼, ପଶ୍ଚିମବଙ୍ଗ ଆଦିରୁ ପ୍ରାୟ ୨୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଉପାଧ୍ୟକ୍ଷ ପ୍ରଫେସର ତୁଷାର ମହାପାତ୍ର, ବିଭାଗୀୟ ମୁଖ୍ୟ ଡ. ନିଗମ ଜ୍ୟୋତି ମାଇତି, ସମୀର ପାତ୍ର ଓ ଜଗନ୍ନାଥ ମିଶ୍ର ସୁଚାରୁ ରୂପେ ସମ୍ପାଦନା କରିଥିଲେ। ଅଧ୍ୟାପିକା ଜ୍ୟୋତିର୍ମୟୀ ଦାଶ ସଞ୍ଚାଳନା ଓ ଅଧ୍ୟାପିକା ବର୍ଷା ପଲାଇ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଡ. ଧର୍ମେନ୍ଦ୍ର ପ୍ରଧାନ, ସ୍ମୃତିକ ଦାଶ, ପ୍ରସାଦ ମହାପାତ୍ର, ବନ୍ଦନା ମିଶ୍ର, ଚନ୍ଦ୍ରକାନ୍ତ ଜେନା, ଶଚିନ୍ଦ୍ର ପ୍ରଧାନ, ଆଦିତ୍ୟ ପ୍ରଧାନ, ନିରଞ୍ଜନ ନାୟକ ଓ ଅନୁଷ୍ଠାନର ସମସ୍ତ କର୍ମଚାରୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ।

## ସାତପଡ଼ା ଘାଟରେ ଯାତ୍ରୀଙ୍କଠୁ ମନଇଚ୍ଛା ଟଙ୍କା ଆଦାୟ

### ଜିଲ୍ଲାପାଳଙ୍କୁ ଫେରାଦ ହେଲେ ବୁଦ୍ଧିଜୀବୀ

**ପୁରୀ,୨୧।୩(ସମିସ):** ଚିଲିକା ଉପରେ ସେତୁ ନିର୍ମାଣ ଦାବି ଦୀଘବର୍ଷ ହେଲା ହୋଇଆସୁଛି। ହେଲେ ଏହା ବାସ୍ତବତାର ରୂପ ନେଇପାରିନି। ଫଳରେ ସାତପଡ଼ାରୁ ଜହ୍ନିକୁଦାର ଯୋଗାଯୋଗର ମାଧ୍ୟମ ହେଉଛି ଚିଲିକାର ଜଳପଥ। ଯାତାୟାତର ମୁଖ୍ୟ ମାଧ୍ୟମ ହେଉଛି ଡଙ୍ଗା। ଡଙ୍ଗା ମାଲିକମାନେ ମନଇଚ୍ଛା ଯାତ୍ରୀଙ୍କଠାରୁ ଟଙ୍କା ଆଦାୟ କରୁଥିବା ନେଇ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛି ସ୍ୱଦେଶୀ ଜାଗ୍ରତ ମଞ୍ଚ। ମଞ୍ଚର ଆବାହକ ଟୁନା ସ୍ୱାଇଁ ଶନିବାର ଜିଲ୍ଲାପାଳ ଏବଂ ବିଡିଓଙ୍କୁ ଦେଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକ୍‌ବାସୀ ସାତପଡ଼ା ଘାଟ ଦେଇ ବ୍ଲକ୍ କାର୍ଯ୍ୟାଳୟ, ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ, ଜଗନ୍ନାଥ ଦର୍ଶନ, ବ୍ରହ୍ମପୁର ବଜାରକୁ କିଣାବିକା ପାଇଁ ଡଙ୍ଗାରେ ଯାତାୟାତ କରିଥା'ନ୍ତି। ଘାଟ ଲିଜ୍‌ଧାରୀ ଦୁଇଟି ବଡ଼ ଡଙ୍ଗା ସମେତ ଅନେକ ଡଙ୍ଗାରେ ଯାତ୍ରୀମାନଙ୍କୁ ସକାଳୁ ସଞ୍ଜ ଯାଏ ସେବା ଯୋଗାଇଥା'ନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଲିଜ୍‌ଧାରୀମାନେ ଦୁଇଟି ବଡ଼ ଡଙ୍ଗା ବ୍ୟତୀତ ଅନ୍ୟ ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କଠାରୁ ମନଇଚ୍ଛା ଜୋର୍ ଜୁଲମ୍ କରି ଆଦାୟ କରୁଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ହଇରାଣ ହୋଇ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢୁଛି। ସେହିପରି ବ୍ଲକ୍‌ରେ ବିଭିନ୍ନ କାର୍ଯ୍ୟ ପାଇଁ ଡଙ୍ଗାରେ ପାର୍ ହୋଇ କିମ୍ବା ଦୂର ପଞ୍ଚାୟତରୁ ଆସୁଥିବା ଲୋକେ ଅନେକ ସମୟରେ ଅଧିକାରୀମାନଙ୍କୁ ନ ପାଇ ଖର୍ଚ୍ଚାନ୍ତ ହୋଇ ଫେରୁଛନ୍ତି। ଏପରିକି ବହୁବାର ଦଲାଲଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ତେଣୁ ଏହାର ସମାଧାନ ପାଇଁ ମଞ୍ଚ ଦୁଇଟି ଦାବି କରିଛି। ପ୍ରଥମେ ସକାଳୁ ସଞ୍ଜ ଯାଏଁ ନିୟମ ଭିତରେ ଘାଟରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଯେତେ ଡଙ୍ଗା ଆବଶ୍ୟକ ତାହା ଯୋଗାଇବା ସହ ସମାନ ଦରରେ ସବୁ ଡଙ୍ଗାରୁ ଭଡ଼ା ଆଦାୟ କରିବାକୁ ସର୍ତ୍ତରେ ରାଜି ହେଉଥିବା ଲୋକଙ୍କୁ ଘାଟ ଲିଜ୍ ଦିଆଯାଉ। ପ୍ରତି ସପ୍ତାହରେ ମଣ୍ଡଳ ଉନ୍ନୟନ ଅଧିକାରୀ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଗରୁ ବିଜ୍ଞପ୍ତି ପ୍ରକାଶ କରି ଗୋଟିଏ କିମ୍ବା ଦୁଇଟି ପଞ୍ଚାୟତରେ ଅଭିଯୋଗ ଶୁଣାଣି କରିବା ସହ ସରକାରୀ ଯୋଜନାର ତଦାରଖ କରିବା ବ୍ୟବସ୍ଥା କରନ୍ତୁ।

### ଟ୍ରାନ୍ସଜେଣ୍ଡରର ସୁରକ୍ଷା ଅଧିକାର ସଚେତନତା କର୍ମଶାଳା

# ସମ୍ମାନର ସହ ବଞ୍ଚିବା ଟ୍ରାନ୍ସଜେଣ୍ଡରଙ୍କ ଅଧିକାର




### ପରିବାର ସଦସ୍ୟଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର

**ପୁରୀ,୨୧।୩(ସମିସ):** ବଡ଼ଦାଣ୍ଡସ୍ଥିତ ସାଲବେଗ ସମାଧି ପୀଠରେ ଶୁକ୍ରବାର 'ସଖୀ' ଅନୁଷ୍ଠାନ ପକ୍ଷରୁ ଟ୍ରାନ୍ସଜେଣ୍ଡର ସୁରକ୍ଷା ଅଧିକାର ସମ୍ପର୍କିତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଟ୍ରାନ୍ସଜେଣ୍ଡରମାନେ ଭିନ୍ନ ନୁହନ୍ତି। ସେମାନେ ବି ଅନ୍ୟମାନଙ୍କ ଭଳି ଜଣେ ଜଣେ ମଣିଷ। ସମାଜରେ ସେମାନଙ୍କର ମଧ୍ୟ ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି। ତେଣୁ ଶିକ୍ଷା, ନିଯୁକ୍ତି, ସର୍ବସାଧାରଣ ସ୍ଥଳ, ସମ୍ପତ୍ତି, ସରକାରୀ କାର୍ଯ୍ୟାଳୟ ସବୁ କ୍ଷେତ୍ରରେ ସମାନ ଅଧିକାର ନେଇ ସ୍ୱର ଉଠାଇଛନ୍ତି ସାମାଜିକ କର୍ମୀ ଓ ଟ୍ରାନ୍ସଜେଣ୍ଡର। ଟ୍ରାନ୍ସଜେଣ୍ଡର ୱେଲ୍‌ଫେୟାର ବୋର୍ଡ ଗଠନ, ସୁରକ୍ଷା ସେଲ ଏବଂ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ନେଇ ବ୍ୟବସ୍ଥା କରିବା ଲାଗି ଦାବି ହୋଇଛି। ସାମାଜିକ କର୍ମୀ ଡ. ମିତାଲି ମହାନ୍ତି କହିଛନ୍ତି, ଟ୍ରାନ୍ସଜେଣ୍ଡର (ବ୍ୟକ୍ତି) ସୁରକ୍ଷା ଆଇନ ୨୦୧୯-୨୦ରେ ସେମାନଙ୍କ ଅଧିକାର ନେଇ ଆଇନରେ ପ୍ରାବଧାନ ରହିଛି। କିନ୍ତୁ ଏହା କେବଳ ଆଇନରେ ସୀମିତ ନ ରହି ସାମାଜିକ, ଅର୍ଥନୈତିକ ଓ ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟରେ ପରିଣତ ହେବା ଦରକାର। ସର୍ବସାଧାରଣ ସ୍ଥାନରେ ଥିବା ଶୌଚାଳୟରେ ଟ୍ରାନ୍ସଜେଣ୍ଡରଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଉପଲବ୍ଧ ନାହିଁ। ହସ୍ପିଟାଲରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ନାହିଁ। ଫଳରେ ସେମାନେ ଆଡ୍‌ମିସନ ହୋଇ ଯଦି ପୁରୁଷ କିମ୍ବା ମହିଳା ୱାର୍ଡରେ ଭର୍ତ୍ତି ହେଉଛନ୍ତି ଭେଦଭାବର ଶିକାର ହେଉଛନ୍ତି। ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବା ଲାଗି ବହୁ ବାଧାର ସାମ୍ନା କରିବାକୁ ପଡୁଛି। ପୁରୀ କିନ୍ନର ସଂଘର ସଭାନେତ୍ରୀ ପ୍ରିୟାଂଶୀ ଦାସ କହିଛନ୍ତି, ଆମ ପାଇଁ ସ୍ୱୀକୃତି ଯୋଜନା କରାଯାଇଛି। ବିଭିନ୍ନ ସମୟରେ ଆମକୁ ଡାକି କର୍ମଶାଳା ହେଉଛି। ମାତ୍ର ଆତ୍ମନିର୍ଭର କିମ୍ବା ନିଯୁକ୍ତି କ୍ଷେତ୍ରରେ ସୁଯୋଗ ସୃଷ୍ଟି ହୋଇନାହିଁ। ତେଣୁ ପେଟପାଟଣା ପାଇଁ କିଏ କୌଣସି କାମ କରିବାକୁ ବାଧ ହେଉଛନ୍ତି। ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ମିଳିଲେ ଟ୍ରାନ୍ସଜେଣ୍ଡରମାନେ ମଧ୍ୟ ସମ୍ମାନର ସହ ଜୀବନ ଅତିବାହିତ କରିପାରନ୍ତେ ବୋଲି କହିଛନ୍ତି ପ୍ରିୟାଂଶୀ। ବରିଷ୍ଠ ଆଇନଜୀବୀ ଦେବଦତ୍ତ ଚୌଧୁରୀ କହିଛନ୍ତି, ଟ୍ରାନ୍ସଜେଣ୍ଡର କେହି ଜାଣିଜାଣି ହୁଅନ୍ତି ନାହିଁ। ଏହା ପ୍ରକୃତି ଓ ପୂର୍ବ ନିର୍ଦ୍ଧାରିତ। କିଶୋରାବସ୍ଥାରେ ସେମାନଙ୍କଠାରେ ଶାରୀରିକ ପରିବର୍ତ୍ତନ ସେମାନଙ୍କୁ ଟ୍ରାନ୍ସଜେଣ୍ଡର ସଜାଇ ଦିଏ। ମାତ୍ର ଏହା ଜାଣିବା ପରେ ପରିବାର ଲୋକେ ଆଶ୍ରୟ ଦେଉନାହାନ୍ତି। ତେଣୁ ପରିବାରସ୍ତରରୁ ଏ ନେଇ ସଚେତନତା ସୃଷ୍ଟି ହେବା ଆବଶ୍ୟକ। ପରିବାର ବର୍ଗଙ୍କ ମାନସିକତାରେ ପରିବର୍ତ୍ତନ ଆସିଲେ ସମାଜରେ ଆପେ ଟ୍ରାନ୍ସଜେଣ୍ଡରଙ୍କ ପ୍ରତି ଗ୍ରହଣୀୟତା ସମ୍ମାନ ଓ ସମାନ ଭାବନା ଜାତ ହେବ। ସେମାନେ ସମ୍ମାନର ସହ ନିଜର ପ୍ରକୃତ ପରିଚୟ ନେଇ ବଞ୍ଚିବାର ଅଧିକାର ପାଇପାରିବ ବୋଲି କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାଧୀନ କୁମାର ପଣ୍ଡା, ସଖୀର ନେହା ମହାପାତ୍ର, ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ମତ ରଖିଥିଲେ।

# ନାଳ ପାଣି ଭରସାରେ ଲାଇଲାଇ ଗ୍ରାମବାସୀ

ରାୟଗଡ,୨୧।୩(ସମିସ)





- ନାଳପାଣି ପାଇଁ ବି ଯିବାକୁ ପଡୁଛି ୨ କିଲୋମିଟର
- ଗାଁରେ ଥିବା ୩ ନଳକୂପରୁ ବାହାରୁଛି ଦୂଷିତ ପାଣି
- ଅଭିଯୋଗ ଜଣାଇ ଗ୍ରାମବାସୀ ନୟାନ୍ତ

ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆଜି ବି ଏମିତି କିଛି ଗାଁ ଅଛି ସରକାରଙ୍କ ଏହି ଯୋଜନାର ସୁଫଳ ପହଁଞ୍ଚି ପାରିନାହିଁ। ଏମିତି ଏକ ଗାଁ ହେଉଛି ରାୟଗଡ ବ୍ଲକ ଲାଇଲାଇ। ଏଠାକାର ଲୋକେ ବିଶୁଦ୍ଧ ପାଣି ପାଇପାରୁନଥିବା ବେଳେ ନାଳ ପାଣି ହିଁ ସେମାନଙ୍କ ସାହା ଭରସା ହୋଇଛି। ଏହି ନାଳ ପାଇଁ ମଧ୍ୟ ସେମାନଙ୍କୁ ଦୁଇ କିମି ଯିବାକୁ ପଡୁଛି। ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଗୁହାରି କରାଯାଇଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଗ୍ରାମର ମହିଳା ଅଭିଯୋଗ କରିଛନ୍ତି। ଅତିଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ କହିଛନ୍ତି।

ରାୟଗଡ ବ୍ଲକର ଲାଇଲାଇ ଗାଁ। ପଞ୍ଚାୟତ ସଦରମହକୁମା ଏହି ଗାଁରେ ଦେଢଶହରୁ ଅଧିକ ପରିବାର ବସବାସ କରୁଥିବା ବେଳେ ଲୋକସଂଖ୍ୟା ପ୍ରାୟ ୧ହଜାର। ଏତେ ସଂଖ୍ୟକ ଲୋକଙ୍କ ପାଇଁ ଗାଁରେ ୩ ନଳକୂପ ରହିଥିବା ବେଳେ ସେଥିରୁ ବାହାରୁଥିବା ପାଣି ଏତେ ମଇଳା ଯେ ଲୋକେ ତାହାକୁ ପିଇବା ପାଇଁ ତ ଦୂରର କଥା ବ୍ୟବହାର ମଧ୍ୟ କରିବାକୁ ସାହସ କରିପାରୁନାହାନ୍ତି। ସେହିପରି ଗ୍ରାଭିଟି ଫ୍ଲୋ ମାଧ୍ୟମରେ ଗାଁକୁ ପାଣି ଯୋଗାଇବା ପାଇଁ ଏକ ପ୍ରକଳ୍ପ କରାଯାଇଥିଲେ ମଧ୍ୟ ତାହା ଲୋକଙ୍କ କାମରେ ଆସିପାରୁନାହିଁ। ଏଭଳି ସ୍ଥିତିରେ ଏହି ଗାଁର ଲୋକଙ୍କ ସାହା ଭରସା ପାଲଟିଛି ଗାଁ ଠାରୁ ଦୁଇ କିମି ଦୂରରେ ଥିବା ନାଳ। ଏହି ନାଳର ପାଣି ବର୍ଷା ଦିନରେ ଗୋଳିଆ ରହୁଥିବା ବେଳେ ଖରାଦିନେ ଜଳକଷ୍ଟ ଦେଖାଦେଉଛି। ଏଭଳି ସ୍ଥିତିରେ ଗାଁର ମହିଳା ଜଳ ସଂଗ୍ରହ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଏହି ପାଣି ବ୍ୟବହାର ଦ୍ୱାରା ବିଭିନ୍ନ ପ୍ରକାର ରୋଗରେ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଯାଏଁ ସବୁ ସ୍ଥାନରେ ଜାଣାଯାଇଛି। ହେଲେ ଆଜି ଯାଏଁ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରିନଥିବା ବେଳେ ସରକାର ଏହି ଗାଁ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହାର ସମାଧାନ କରିବାକୁ ତପସ୍ୱିନୀ ଦେବୀ, ରମ୍ଭା ଭୂୟାଁ, ଜୟ ଭୂୟାଁ, ରମେଶ ଶବରଙ୍କ ସମେତ ଗାଁର ମହିଳା ଦାବି କରିଛନ୍ତି। ଜଳ ପ୍ରକଳ୍ପ ଯୋଜନା ମାଧ୍ୟମରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ସହ ଏହା ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ଗାଁର ଲୋକେ ବିଶୁଦ୍ଧ ପାନୀୟ ଜଳ ପାଉଥିବା ସରକାର ଦାବି କରୁଛନ୍ତି। ହେଲେ ବାସ୍ତବ ସ୍ଥିତି ଏହି ଗାଁର ଚିତ୍ରରୁ ସ୍ପଷ୍ଟ ବାରି ହୋଇପଡୁଛି। ଆଦିବାସୀ ଅଧ୍ୟୁଷିତ ଏହି ଗାଁ ଲୋକେ ଦୀର୍ଘ ବର୍ଷ ହେବ ଜଳକଷ୍ଟ ସମସ୍ୟାର ସମାଧାନ ପାଇଁ ଦାବି କରିଆସୁଥିଲେ ମଧ୍ୟ ସେମାନଙ୍କ କଥା କେହି ନଶୁଣିବା ନିଶ୍ଚିତ ପରିତାପର ବିଷୟ ହୋଇଛି। ଏନେଇ ପାରଳାଖେମୁଣ୍ଡି ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ତପ୍ତପା ବେହେରାଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ଏହି ସମସ୍ୟା ସଂପର୍କରେ ସେମାନେ ଏବେ ଖବର ପାଇଥିବା କହିବା ସହ ତୁରନ୍ତ ଏହି ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ଦେଶ ସ୍ୱାଧୀନ ହେବାର ଇତି ମଧ୍ୟରେ ୭୫ରୁଅଧିକ ବର୍ଷ ବିତିସାରିଛି। ହେଲେ ଏହି ପଞ୍ଚାୟତର ଲୋକେ ଆଜି ବି ବିଶୁଦ୍ଧ ପାନୀୟ ଜଳ ପାଇଁ ତହଲବିକଳ ହେବା ନିଶ୍ଚିତ ଭାବେ ଏକ ଚିନ୍ତାର କାରଣ ହୋଇଛି।

## କାଜୁ ଜଙ୍ଗଲରୁ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର



ପାରଳାଖେମୁଣ୍ଡି,୨୧।୩(ସମିସ): ଗୋଷାଣି ବ୍ଲକ ସୀତାପାହାଡ ତଟ ତଥା କୁଜଣି ନିକଟସ୍ଥ କାଜୁବାଡରୁ ଜଣେ ବୃଦ୍ଧଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ଗୁରାଣ୍ଡି ଥାନା ଅନ୍ତର୍ଗତ ଘୋରଣୀ ଗ୍ରାମର କୃଷ୍ଣଚନ୍ଦ୍ର ବେହେରା (୮୧) ବୋଲି ଜଣାପଡିଛି। ସେ ଦୁଇ ମାସ ହେଲା ନିଜ ଘରକୁ ଫେରିନଥିଲେ। ବହୁ ଖୋଜାଖୋଜି ପରେ କୃଷ୍ଣଙ୍କୁ ନପାଇ ଗୁରାଣ୍ଡି ଥାନାରେ ଗତମାସ ୧୭ ତାରିଖରେ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ଆଜି ସକାଳୁ ଉକ୍ତ କାଜୁ ଜଙ୍ଗଲକୁ କୁଜଣି ଗ୍ରାମର କିଛି ଲୋକେ ଯାଇଥିବା ବେଳେ ଗଳିତ ମୃତଦେହ ଦେଖିଥିଲେ। ମୃତଦେହ ଖଣ୍ଡବିଖଣ୍ଡିତ ହୋଇଯାଇଥିବା ବେଳେ ଶରୀରର ଅନେକାଂଶ କଙ୍କାଳ ପାଲଟିଯାଇଥିଲା। ତାଙ୍କ ମୁଣ୍ଡ ତଥା ମୁହଁ ଭାଗ ସାମାନ୍ୟ ଠିକ୍ ରହିଥିବା ଏବଂ ସେ ପିନ୍ଧିଥିବା ପୋଷାକ ଓ ଜୋତା ଆଦି ପଡିଥିଲା। କୃଷ୍ଣଚନ୍ଦ୍ର ନିଖୋଜ ସମ୍ପର୍କରେ ଜାଣିଥିଲେ ଗ୍ରାମବାସୀ। ସନ୍ଦେହ କରି ମୃତ କୃଷ୍ଣଚନ୍ଦ୍ରଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରେ ମୃତକଙ୍କ ପୁଅ ବାସୁଦେବ ବେହେରା ଏବଂ ଘରୋଣି ଗ୍ରାମବାସୀ ପହଞ୍ଚି ଗଳିତ ମୃତ ଦେହକୁ ଦେଖି ଚିହ୍ନଟ କରିଥିଲେ। ଘଟଣା ସ୍ଥଳଟି ଗୁରାଣ୍ଡି ନା ଗାରାବନ୍ଧ ଥାନା ଅଧିନରେ ହୋଇଛି ତାକୁ ନେଇ ଦୀର୍ଘ ସମୟ ଧରି ଉଭୟ ଥାନା ପୁଲିସ ମଧ୍ୟରେ ଦ୍ୱନ୍ଦ୍ୱ ପ୍ରକାଶ ପାଇଥିଲା। ମୃତଦେହ ଠାବ ହୋଇଥିବା ସ୍ଥାନ ଗୁରାଣ୍ଡି ଥାନା ଅଞ୍ଚଳର ହୋଇଥିବା ସତ୍ତ୍ୱେ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ ନିସିକାଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ମୃତ କୃଷ୍ଣଚନ୍ଦ୍ର ମାନସିକ ବିକାରଗ୍ରସ୍ତ ହୋଇଥିବାରୁ କେତେବେଳେ କେଉଁଠି ରହୁଥିଲେ ତ ସମୟେ ସମୟେ ନିଜ ଘରକୁ ଯାଇ କିଛି ଦିନ ରହଣି କରି ପୁଣି କେଉଁଆଡେ ଚାଲିଯାଉଥିଲେ। ଗତ ଦୁଇ ମାସ ହେଲା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଗୁରାଣ୍ଡି ଥାନାରେ ନିଖୋଜ ମାମଲା ରଜୁ କରିଥିଲେ ବୋଲି ପୁଅ ବାସୁଦେବ କହିଛନ୍ତି।

## ୨ ବାଇକ୍ ମୁହାଁମୁହିଁ; ଜଣେ ମୃତ, ୨ ଗୁରୁତର



ଫିରିଙ୍ଗିଆ, ୨୧।୩(ସମିସ): ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ା ଥାନା ପଲାବୃଢ଼ି ପଞ୍ଚାୟତ ତଳ ଶ୍ରୀଗୁଣୀରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସଦର ଥାନା ଦଡ଼କି ପଞ୍ଚାୟତ ରାମାଡି ଗାଁର ବିନୋଦ ବିନ୍ଧାଣି (୨୫) ଆଜି ସକାଳେ ରାମାଡ଼ିରୁ ଗୋଚ୍ଛାପଡା ଥାନା ଉପରଶ୍ରୀଗୁଣୀ ଗାଁକୁ ଯାଇ କାମ ସାରି ଅପରାହ୍ନ ୪ରେ ବାଇକରେ ଘରକୁ ଫେରୁଥିଲେ। ତଳ ଶ୍ରୀଗୁଣୀ ମୁଖ୍ୟରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣା ସ୍ଥଳରେ ବିନୋଦଙ୍କ ମୃତ୍ୟୁ ହୋଇଥିବା ବେଳେ ଗୋଚ୍ଛାପଡା ଥାନା ଅନ୍ତର୍ଗତ ବନ୍ଧୁଲିଗାଁର ଲିଣ୍ଟୁ କୁଦେଇ (୩୦) ଓ ଅନନ୍ତ କୁଦେଇ (୩୨) ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଏବଂ ଗୋଚ୍ଛାପଡା ପୁଲିସକୁ ଜଣାଇଥିଲେ। ଆମ୍ବୁଲାନ୍ସ ପହଞ୍ଚି ୨ ଗୁରୁତର ଆହତ ଲିଣ୍ଟୁ ଓ ଅନନ୍ତକୁ ଫିରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ପୁଲିସ ବିନୋଦଙ୍କ ମୃତଦେହକୁ ଫୁଲବାଣୀ ପଠାଇଥିବା ଜଣାପଡିଛି। ପରିବାର ଲୋକେ ଫୁଲବାଣୀ ଡାକ୍ତରଖାନାରେ ପହଞ୍ଚିଛନ୍ତି। ରାତି ହୋଇଥିବାରୁ ଥାନାରେ ମୃତକଙ୍କ ପରିବାର ତରଫରୁ ଲିଖିତ ଅଭିଯୋଗ ହୋଇ ନଥିବା ବେଳେ ମୃତଦେହ ମଧ୍ୟ ବ୍ୟବଚ୍ଛେଦ ହୋଇ ପାରିନାହିଁ।

## ପାରଳାଖେମୁଣ୍ଡି ବନଖଣ୍ଡରେ ବିଶ୍ୱ ଜଙ୍ଗଲ ଦିବସ




ପାରଳାଖେମୁଣ୍ଡି,୨୧।୩(ସମିସ): ପାରଳାଖେମୁଣ୍ଡି ବନଖଣ୍ଡ ତରଫରୁ ବିଶ୍ୱ ଜଙ୍ଗଲ ଦିବସ ପାଳିତ ହୋଇଯାଇଛି। ବନଖଣ୍ଡ ଅଧିକାରୀ କେ.ନାଗରାଜୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ଗଜପତି ଜିଲ୍ଲା ପରିଷଦର ସଭାପତି ଗାବରା ତିରୁପତି ରାଓ ଏବଂ କାଶୀନଗର ବ୍ଲକର ଅଧକ୍ଷା ବାଲ୍ଲା.ସାୟାମ୍ମା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ସାଇନଶ୍ରୀ ଦାସ ଏବଂ ଅରୁଣ କୁମାର ସାହୁ ମଞ୍ଚାସୀନ ଥିଲେ। ବନଖଣ୍ଡ ଅଧିକାରୀ ନିଜ ମନ୍ତବ୍ୟରେ ଜଂଗଲ ସୁରକ୍ଷା ଦିଗରେ ଗଜପତି ଜିଲ୍ଲାରେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଅବଗତ କରିଥିଲେ। ମୁଖ୍ୟଅତିଥି ଜିଲ୍ଲାରେ ନିଆଯାଉଥିବା ପଦକ୍ଷେପକୁ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର ବିଜୟୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ପରିବେଶ ସୁରକ୍ଷା ଗବେଷକ ଧ୍ରିତିମୋକ୍ଷ ପାଣିଗ୍ରାହୀ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ କାଶୀନଗରର ହାତୀ ଉପଦ୍ରବ ଅଞ୍ଚଳକୁ ବିପଦମୁକ୍ତ କରିବାପାଇଁ ୨୨ସୋଲାର ଲାଇଟ୍ ଦିଆଯାଇଥିଲା। ଶ୍ରେଷ୍ଠ ଅବଦାନ ପାଇଁ କର୍ମଚାରୀମାନଙ୍କୁ ଅତିଥି ମାନେ ସମ୍ମାନିତ କରିଥିଲେ। ଶେଷରେ ଏସିଏଫ୍ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦାରିଙ୍ଗବାଡ଼ିକୁ ପଲିଥିନମୁକ୍ତ ପାଇଁ ସଚେତନତା




ଦାରିଙ୍ଗବାଡି,୨୧।୩(ସମିସ): ଓଡ଼ିଶାର କାଶ୍ମୀର ଦାରିଙ୍ଗବାଡ଼ି ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିବାରୁ ଏଠାକୁ ବର୍ଷ ସାରା ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ଏଠିକାର ଗହନ ବନ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। କନ୍ଧମାଳ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଦାରିଙ୍ଗବାଡ଼ି ବ୍ଲକ ଓ ତହସିଲ ପ୍ରଶାସନଙ୍କ ନେତୃତ୍ୱରେ ପ୍ରେମ-ଏଡୁକ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜାଗୃତି ଓ ଆଇଟିଆଇ କଲେଜ ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ହାତରେ ଫ୍ଲାଗ କାର୍ଡ ଧରି ଦାରିଙ୍ଗବାଡ଼ିକୁ ପଲିଥିନ ମୁକ୍ତ କରିବା ବା ପଲିଥିନ ବ୍ୟବହାର ନକରିବା ଓ ପତ୍ର ଖଲିକୁ ବ୍ୟବହାର କରିବା ଭଳି ନାରାବାଜି ଦେଇ ସହର ପରିକ୍ରମା କରିବା ସହ ଲୋକଙ୍କୁ ସଚେତନ କରିଥିଲେ। ଦାରିଙ୍ଗବାଡ଼ିକୁ ପଲିଥିନ ମୁକ୍ତ କରିବା ପାଇଁ ଲୋକଙ୍କ ମାନସିକତା ଓ ବ୍ୟବହାରରେ ପରିବର୍ତ୍ତନ ଆଣି ଆଗାମୀ ୩ ମାସ ମଧ୍ୟରେ ପଲିଥିନ ମୁକ୍ତ ପାଇଁ ପ୍ରୟାସ କରିବା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତି ରଞ୍ଜନ ରଥ କହିଥିଲେ।

## ଗଛରେ ପିଟିହେଲା ବାଇକ୍; ଚାଳକ ମୃତ

ପାରଳାଖେମୁଣ୍ଡି,୨୧।୩(ସମିସ): ଗୋଷାଣି ବ୍ଲକ ପାଟିକୋଟା ଗ୍ରାମ ନିକଟସ୍ଥ ଜାତୀୟ ରାଜପଥ ୩୨୬-ଏ ରେ ଜଣେ ବାଇକ ଚାଳକ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଆଜି ମଧ୍ୟାହ୍ନରେ ଆର୍.ଉଦୟଗିରି ଥାନା ଅନଘା ପଞ୍ଚାୟତ ବଡଗାଁ ଗ୍ରାମର ବିଜୟ ବଡମୁଣ୍ଡି ଏକ ବାଇକରେ ନିଜ ଗ୍ରାମରୁ ପାରଳାଖେମୁଣ୍ଡିକୁ ଯାଉଥିବା ବେଳେ ପାଟିକୋଟା ଗ୍ରାମ ନିକଟସ୍ଥ ଏକ ବୁଲାଣିଆ ରାସ୍ତା ତଟରେ ଥିବା ଆମ୍ବଗଛକୁ କୌଣସି କାରଣରୁ ଭାରସାମ୍ୟ ହରାଇ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ଦୁର୍ଘଟଣା ସମ୍ପର୍କରେ ଖବର ପାଇ ଗୁରାଣ୍ଡି ପୁଲିସ ପହଞ୍ଚି ମୃତହେ ଜବତ କରି ତଦନ୍ତ ଆରମ୍ଭ କରିଥିଲେ। ଏନେଇ ଗୁରାଣ୍ଡି ଥାନାରେ ଏକ ମାମଲା ରୁଜୁ କରାଯାଇ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିବା ବେଳେ ବାଇକକୁ ଜବତ କରାଯାଇଛି।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ



ଟିକାବାଲି,୨୧।୩(ସମିସ): ଚକାପାଦ ବ୍ଲକ ଲୁଜୁରାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଏବିଓ ବନ୍ଦନାରାଣୀ ସରକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଚକାପାଦ ବିଡିଓ ହୃଦ ରଞ୍ଜନ ସାହୁ ଯୋଗ ଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିବା ବେଳେ, ଟିକାବାଲି କଲେଜ ଅଧକ୍ଷ ଦୀନବନ୍ଧୁ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ ମୁଖ୍ୟ ମାଧବ ବିଶୋଇ, ବିଦ୍ୟାଳୟ ସଭାପତି ଭୀଷ୍ମ କହଁର, ସମିତି ସଭ୍ୟ ଜୁନେସ ଦିଗାଲ ଓ ଶିକ୍ଷୟିତ୍ରୀ ବନିତା ଦାସ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲତାଞ୍ଜଳି ମହାନ୍ତି ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷକ ଶାନ୍ତନୁ କୁମାର ପଟ୍ଟନାୟକ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ କୁମୁଦ କହଁର, ଭୂବନି ପ୍ରଧାନ ଓ ଶିକ୍ଷୟିତ୍ରୀ ରଚୟିତା ସ୍ୱାଇଁ ସହଯୋଗ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତା ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୨୦.୬୬ କ୍ୱିଣ୍ଟାଲ ଗଞ୍ଜେଇ ଜବତ

ଫିରିଙ୍ଗିଆ,୨୧।୩(ସମିସ): ଫିରିଙ୍ଗିଆ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଥାନା ଅଧିକାରୀ ମୁରଲୀ ଧର ସାହୁଙ୍କ ନିର୍ଦ୍ଦେଶରେ ଏବଂ ଅତିରିକ୍ତ ଥାନା ଅଧିକାରୀ ଦୀପକ ରାଉତଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ମାଶ୍ରୀପଡା ଜଙ୍ଗଲରେ ଅତର୍କିତ ଚଢ଼ଉ କରି ଚାଲାଣ ପାଇଁ ରଖାଯାଇଥିବା ୮୨ ବସ୍ତାରେ ଭର୍ତ୍ତି ହୋଇଥିବା ୨୦ କୁଇଣ୍ଟାଲ ୬୬ କେଜି ଗଞ୍ଜେଇ ଜବତ କରାଯାଇଛି। ତେବେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ମାଫିଆ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଚଳିତ ବର୍ଷର ଫିରିଙ୍ଗିଆ ପୁଲିସ ସର୍ବାଧିକ ଗଞ୍ଜେଇ ଜବତ କରିଥିବା ବେଳେ ଦାୟିତ୍ୱରେ ଥିବା ତଦନ୍ତକାରୀ ଅଧିକାରୀ ଅଜୟ କୁମାର ସାହୁ ଏହାର ତଦନ୍ତ କରୁଛନ୍ତି। ଫେରାର ଗଞ୍ଜେଇ ମାଫିଆକୁ ଧରିବାକୁ ପ୍ରୟାସ ଜାରି ରଖିଥିବା ବେଳେ ଥାନାରେ ଏକ ଗଞ୍ଜେଇ ଚାଲାଣ ସମ୍ପର୍କିତ ମାମଲା ରୁଜୁ କରାଯାଇଛି।



## କୃଷି ତାଲିମି ଶିବିର ଉଦ୍‌ଯାପିତ



ଜି,ଉଦୟଗିରି,୨୧।୩(ସମିସ): ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ର, ଓୟୁଏଟି ଚିପିଲିମା, ସମ୍ବଲପୁର ଅଧୀନରେ ଥିବା ସର୍ବଭାରତୀୟ ସମନ୍ୱିତ ଅନୁସନ୍ଧାନ ପ୍ରକଳ୍ପ ଦ୍ୱାରା ପାଇଲଟ ପ୍ରକଳ୍ପର ଫସଲ ବିବିଧି କରଣ ଯୋଜନା ନିମନ୍ତେ ଦୁଇ ଦିନିଆ କୃଷକ ତାଲିମ ଶିବିର ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ବରିଷ୍ଠ କ୍ଷେତ୍ର ବୈଜ୍ଞାନିକ ଡ. ସଂଯୁକ୍ତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ଼. ନାରାୟଣ ବାର ସ୍ୱାଗତ କରିଥିଲେ। ଶିବିରରେ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ଜଣ ମହିଳା ଚାଷୀ ଯୋଗ ଦେଇ ବିଭିନ୍ନ ଚାଷ ଭିତ୍ତିକ ସମସ୍ୟା ଜଣାଇଥିଲେ। ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ରର କୀଟବିଜ୍ଞାନୀ ଡ଼. ଅତନୁ ସେନୀ, ପାଣିପାଗ ବିଜ୍ଞାନୀ ଜୁବୁଲି ସାହୁ, କୃଷି ବିଜ୍ଞାନ କେନ୍ଦ୍ରର କୀଟବିଜ୍ଞାନୀ ପ୍ରଶାନ୍ତ କୁମାର ନନ୍ଦ , ଉଦ୍ଭିଦ ବିଜ୍ଞାନୀ ସନତ କୁମାର ମେହେର , ମୃତ୍ତିକା ବିଜ୍ଞାନୀ ଡ଼ .ସୁଜିତ୍ କୁମାର ମୁଖୀ ଏହି ଯୋଜନା ସଂପର୍କ ରେ ଅଧିକ ଆଲୋକପାତ କରିଥିଲେ। କରିସ୍ମା ପ୍ରିୟଦର୍ଶିନୀ ଶିବିର ଆୟୋଜନ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍ଯ୍ୟ ସମାଜର ବାର୍ଷିକ ଯଜ୍ଞ ମହୋତ୍ସବ ଓ ସୃଷ୍ଟି ଦିବସ




ଜି.ଉଦୟଗିରି,୨୧।୩(ସମିସ): ଜି.ଉଦୟଗିରି ନିକଟସ୍ଥ ଗୁଟିଙ୍ଗିଆ ଅର୍ଗାଡିରେ ଥିବା ଆର୍ଯ୍ୟ ସମାଜର ୨୪ ତମ ବାର୍ଷିକ ଯଜ୍ଞ ମହୋତ୍ସବ ଓ ସୃଷ୍ଟି ଦିବସ ପାଳିତ ହୋଇଯାଇଛି। ଏହା ଦୁଇ ଦିନ ଧରି ଚାଲିଥିବା ବେଳେ ପଥମ ଦିନରେ ଓଁ ଧ୍ୱଜା ଉତ୍ତୋଳନ, ଦେବଯଜ୍ଞ, ଜ୍ଞାନଯଜ୍ଞ, ଅନ୍ନଯଜ୍ଞ, ଶୋଭାଯାତ୍ରା ଓ ସାମୂହିକ ସନ୍ଧ୍ୟା କରାଯିବା ସହ ପ୍ରବଚନ ଓ ଉପାସନା କରାଯାଇଥିଲା। ପରେ ଭଜନ ଡିଶା ପରିବ୍ରାଜକ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ନୂଆପଡାର ଡ଼.ଉମେଶ ଜି, ଚାଞ୍ଚେଡି ତପବନ ଶାନ୍ତି ଆଶ୍ରମ ଆଚାର୍ଯ୍ୟ ବୈକୁଣ୍ଠ ସତ୍ୟାର୍ଥ, ସମଦତ୍ତ ଶାସ୍ତ୍ରୀ, ଜୋତି ପ୍ରକାଶ ଆଚାର୍ଯ୍ୟ, ଶ୍ରୀମାନ ଲକ୍ଷ୍ମଣ ଶର୍ମା ଜି ପ୍ରବଚନ ଦେଇଥିଲେ। ଏଥିରେ କନ୍ଧମାଳ ଜିଲ୍ଲାର ୮ ବ୍ଲକ ର ସଭ୍ୟସଭ୍ୟା ତଥା ମାତୃ ବୃନ୍ଦ ଉପସ୍ଥିତ ରହିଥିଲେ। ଦ୍ୱିତୀୟ ଦିନରେ ନୂଆଗାଁ ସ୍ଥିତ ଓମାନନ୍ଦ ଛାତ୍ରାବାସର ଛାତ୍ର ଙ୍କ ଦ୍ୱାରା ଖେଳ, ବ୍ୟାୟାମ, କୁସ୍ତି, ଲାଠି ଚାଳନା ଇତ୍ୟାଦି ମୃତ୍ୟୁଞ୍ଜୟ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ଭକ୍ତ ଯୋଗ ଦେଇଥିଲେ। ଏହାକୁ ଜିଲ୍ଲା ସଭାପତି ଅଜୀବନ ମଲ୍ଲିକ, ସମ୍ପାଦକ ବିଶ୍ୱାମିତ୍ର ପ୍ରଧାନ, କୋଷାଧକ୍ଷ ସାଇନା ପ୍ରଧାନ, ଗୁଟିଙ୍ଗିଆ ଆର୍ଯ୍ୟ ସମାଜର ସଂଚାଳକ ଧରଣୀଧର ମଲ୍ଲିକ, ସଭାପତି ପର୍ଶୁରାମ କହଁର, ସମ୍ପାଦକ ଶିବରାମ କହଁର, ସହସମ୍ପାଦକ ପ୍ରଦେଶ୍ୱର କହଁର, ଉପସଭାପତି ଚୈତନ୍ୟ କହଁର, କୋଷାଧକ୍ଷ ଦିଲୀପ କୁମାର ପ୍ରଧାନ, ସାମ୍ବାଦିକ ବାଳକୃଷ୍ଣ କହଁର, ବାନପ୍ରସ୍ଥି ବିଶ୍ୱନାଥ ଜୀ, ପ୍ରେମାନନ୍ଦ ବନପ୍ରସ୍ଥି, ଗୋବିନ୍ଦ ବନପ୍ରସ୍ଥି, ମହେନ୍ଦ୍ର ବାନପ୍ରସ୍ଥି କାର୍ଯ୍ୟକୁ ତୁଲାଇଥିଲେ।

• ରିବିଲଦା ଗାଁରେ କାନ୍ଥ ଖୋଳି ଘରୁ ଚୋରି ଘଟଣା

## ଘଣ୍ଟାପଡ଼ାରୁ ଶଳା ଓ ଗୋଲାମୁଣ୍ଡାରୁ ଭିଣୋଇ ଗିରଫ

ଫିରିଙ୍ଗିଆ,୨୧।୩(ସମିସ)

**ସୁନାହାର, ଲୁଗା, ବାଇକ୍ ସହ ମୋବାଇଲ ଜବତ**



ଫିରିଙ୍ଗିଆ ଥାନା ସୁମେରୁବନ୍ଧ ପଞ୍ଚାୟତ ରିବିଲଦା ଗାଁରୁ ଗତ ୧୦ ତାରିଖ ରାତିରେ ସିନ୍ଧି ଚୋରି ଘଟଣାରେ ଚୋରି ସୁନା ଅଳଙ୍କାର, ଲୁଗା, ଟଙ୍କା ପୁଲିସ ଉଦ୍ଧାର କରି ୨ ଜଣ ବାହାର ଜିଲ୍ଲାର ଚୋରଙ୍କୁ ଗିରଫ କରିଛି ପୁଲିସ। ସେମାନେ ହେଲେ ବୌଦ୍ଧ ଜିଲ୍ଲା ଘଣ୍ଟାପଡା ଥାନା ରେଙ୍ଗାପଡ଼ା ଗାଁର ସୁବାସ ରଣା ଓ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଯୋଗିପଡ଼ା ଗାଁର ଶଶୀକାନ୍ତ ରଣା। ଉଭୟେ ସମ୍ପର୍କରେ ଶଳା-ଭିଣୋଇ ବୋଲି ପୁଲିସ କହିଛି।

ରିବିଲଦା ଗାଁର ସୁଧୀର ରଣାଙ୍କ ଘରୁ ଗତ ୧୦ ତାରିଖ ରାତିରେ କାନ୍ଥ ଖୋଳି ସୁନା ଗହଣା ସହ ଟଙ୍କା ଓ ଲୁଗାପଟା ଚୋରି ହୋଇଥିବା ଫିରିଙ୍ଗିଆ ଥାନାରେ ୧୧ ତାରିଖରେ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁକରି ଅଞ୍ଚଳରେ ଲାଗିଥିବା ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ କରିଥିଲା। ସୁରାକ ପାଇ ଏକ ସ୍ୱତନ୍ତ୍ର ଟିମ ବୌଦ୍ଧ ଜିଲ୍ଲାକୁ ଯାଇ ଘଣ୍ଟାପଡା ଥାନା ରେଙ୍ଗାପଡା ଗାଁର ସୁବାସ ଓ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଯୋଗିପଡ଼ା ଗାଁର ଶଶିକାନ୍ତକୁ ଗିରଫ କରିଥିଲା। ସୁବାସ ଘରୁ ୨ ସୁନାହାର, ୨ କଂସା ବାସନ, ୨ ମୋବାଇଲ, ଚୋରିରେ ବ୍ୟବହୃତ ବାଇକ, ସେଣୀ ଜବତ କରିଥିଲା। ପୂର୍ବରୁ ସୁଧୀରଙ୍କ ଘରେ ଏକ ଜନ୍ମଦିନ ପାଳନ ହେଉଥିବା ବେଳେ ସୁବାସ ସେହି ଗାଁକୁ ଆସିଥିଲା। ସୁଧୀରଙ୍କ ପରିବାରର ମହିଳା ବହୁ ସୁନାଗହଣା ପିନ୍ଧିଥିବା ଦେଖି ଚୋରି ଯୋଜନା କରିଥିଲା। ଶଳାକୁ ଧରି ଏକ ବାଇକରେ ଦଶ ତାରିଖରେ ଆସି କାନ୍ଥକୁ ସତର୍କତାର ସହ ଏକ ସେଣୀରେ ଖୋଳି ଘର ଭିତରେ ପଶିଥିଲା। ପ୍ରାୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱର ଦୁଇଟି ସୁନାହାର ଏବଂ ନଗଦ ଟଙ୍କା ଆଉ ଲୁଗାପଟା ଚୋରି କରିନେଇଥିଲା। ସୁନା ଗହଣା, ଲୁଗା ଓ ଅନ୍ୟାନ୍ୟ ସରଞ୍ଜାମ ଉଦ୍ଧାର ହୋଇଥିବା ବେଳେ ୨ ଚୋର ସୁବାସ ଓ ଶଶିକାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଫିରିଙ୍ଗିଆ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଜାମା ମସ୍‌ଜିଦ ଓ ଇଦ୍‌ଗାରେ ସମୂହ ନମାଜ ପାଠ

# ନୀତିନିଷ୍ଠ ଜୀବନଯାପନ ପାଇଁ ପରାମର୍ଶ

ଭଦ୍ରକ,୨୧।୩(ସମିସ)

ଉତ୍ସାହର ସହ ଭଦ୍ରକ ଭାଇଚାରା ସହରରେ ଶନିବାର ପବିତ୍ର ଇଦ୍-ଉଲ୍-ଫିତର ପର୍ବ ପାଳିତ ହୋଇଯାଇଛି। ଭଦ୍ରକ ପୁରୁଣା ବଜାରସ୍ଥିତ ଜାମା ମସ୍‌ଜିଦରେ ସକାଳ ୯ଟା ୧୫ ଓ କୁଆଁସ କଦମବେଡ଼ାସ୍ଥିତ ଇଦ୍‌ଗାଠାରେ ସକାଳ ୯ଟା ୩୦ରେ ନମାଜ ପାଠ ହୋଇଥିଲା। ଏହା ସମିତ






## ଜିଲ୍ଲାରେ ସମୁଦାୟ ୧୪୬ ମସ୍‌ଜିଦରେ ନମାଜ ପାଠ

ସହରର ବିଭିନ୍ନ ଅଞ୍ଚଳର ୩୮ ମସ୍‌ଜିଦ, ଗ୍ରାମାଞ୍ଚଳର ୭ଟି ମସ୍‌ଜିଦ ଏବଂ ଭଦ୍ରକ ଜିଲ୍ଲାରେ ୧୪୬ଟି ମସ୍‌ଜିଦରେ ହଜାର ହଜାର ସଂଖ୍ୟାରେ ଇସ୍‌ଲାମ ଧର୍ମ ସମ୍ପ୍ରଦାୟର ବ୍ୟକ୍ତି ନୂତନ ବସ୍ତ୍ର ପରିଧାନ କରି ନିର୍ଦ୍ଧାରିତ ସମୟରେ ସମୂହ ନମାଜ ପାଠ କରିଥିଲେ। ଭଦ୍ରକ ଜାମା ମସ୍‌ଜିଦରେ ହାଫିଜ୍ ଓ କାରୀ ମହମ୍ମଦ ସାଦିକ୍ ହୋସେନ ଓ ଇଦ୍‌ଗାରେ ହାଫିଜ୍ ଅବ୍‌ଦୁଲ ଦୟାନ ମୁସଲମାନ ଧର୍ମାବଲମ୍ବୀଙ୍କୁ ନମାଜ ପାଠ କରାଇବା ସହ ନୀତିନିଷ୍ଠ ଜୀବନଯାପନ ପାଇଁ ପରାମର୍ଶ ଦେଇଥିଲେ। ନମାଜପାଠ ପରେ ଉଭୟ ହିନ୍ଦୁ ଭାଇଙ୍କ ସହିତ ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତିମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ରମ୍‌ଜାନର ରୋଜା ଅର୍ଥ କେବଳ ଦିନସାରା ଭୋକିଲା ରହିବା ନୁହେଁ, ବରଂ ଆତ୍ମା ମଧ୍ୟ ଈଶ୍ୱରଙ୍କ ସାନିଧ୍ୟ ଲାଭ ପାଇଁ କ୍ଷୁଦ୍ରାର୍ତ୍ତ ରହିଥାଏ ଏବଂ ଇଦ୍ ପର୍ବ ଖୁସୀ, ତ୍ୟାଗ, ଦାନ, ପ୍ରୀତି, ଶାନ୍ତି ଶୃଙ୍ଖଳା ଓ ଭାଇଚାରା ସହିତ ପର୍ବ ପାଳନକୁ ଇଦ୍ ପର୍ବ କୁହାଯାଏ ବୋଲି ମୁସ୍‌ଲିମ ଜମାତର ମିଡିଆ ସେଲ ସଂଯୋଜକ ଶେଖ୍ ଅନୱର(ବାବୁ) ନମାଜପାଠପରେକହିଛନ୍ତି। ଚଳିତ ବର୍ଷ ଚନ୍ଦ୍ର ଦୃଶ୍ୟର ପ୍ରମାଣ ମିଳି ନ ଥିବାରୁ ୩୦ ରୋଜା ଓ ୩୦ ତରାବୀ ନମାଜ ପାଠ ହେବ ବୋଲି ଭଦ୍ରକ ମୁସ୍‌ଲିମ ଜମାତରେ ହଲାଲ୍ କମିଟି ଘୋଷଣା କରିଥିଲା। ଶନିବାର ପବିତ୍ର ଦିବସ ପାଇଁ ସହର ଓ ଗ୍ରାମାଞ୍ଚଳର ସମସ୍ତ ମସ୍‌ଜିଦରେ ବିଭିନ୍ନ ଆଲୋକମାଳାରେ ସଜା ଯାଇଥିବା ଦେଖିବାକୁ ମିଳିଥିଲା। ଜାମା ମସ୍‌ଜିଦଠାରେ ସଭାପତି ହାଜୀ କାସିମ୍ ଖାନ, ସମ୍ପାଦକ ଶେଖ୍ ହାଫିଜୁଲ୍ଲା, ମୁସ୍‌ଲିମ ଜମାତର ସାଧାରଣ ସମ୍ପାଦକ ହାଜୀ ଇନାମ ମହମ୍ମଦ ଏବଂ ଇଦ୍‌ଗାଠାରେ ମୁସ୍‌ଲିମ ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲା, ସମ୍ପାଦକ ହାଜୀ ଅବ୍‌ଦୁଲ ମୁକିତ ଖାନ, ହାଜୀ କୈୟୁମ୍ ସାହା, ଅସରଫ ଅଲି ଖାନ, ମିର୍ଜା ଏକ୍ରାମ ବେଗ, ଜମିଲ ଅଖତର ଖାନ, ଅଖତର ଅଲି ଖାନ ଓ ଶେଖ୍ ନଇମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଇଦ୍ ପର୍ବ ଅବସରରେ ସମାଜସେବୀ ଶେଖର ମହାପାତ୍ର, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ନଳିନୀ ମହାନ୍ତି, ଅସିତ୍ ପଟ୍ଟନାୟକ ଓ ଦିଲ୍ଲୀପ ନାୟକଙ୍କ ସମେତ ବହୁ ରାଜନୈତିକ ନେତୃବୃନ୍ଦ ଉପସ୍ଥିତ ରହି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଏସ୍‌ପି(ଡିଆଇବି) ଅଂଶୁମାନ ଦିବେଦୀ, ସିଟି ଡିଏସ୍‌ପି ଅନିଲ ପ୍ରଧାନ, ପୁରୁଣା ବଜାର ଥାନା ଅଧିକାରୀ ଓ ଟାଉନ ଥାନା ଅଧିକାରୀଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ମୁସଲ୍‌ମାନ ଭାଇଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଇଦ୍-ଉଲ୍-ଫିତର ପାଳନ ଅବସରରେ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ■ ଧାମନଗର



ଧାମନଗର ବ୍ଲକ୍ ଓ ସହରାଞ୍ଚଳରେ ପବିତ୍ର ଇଦ୍-ଉଲ୍-ଫିତର ପର୍ବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଶନିବାର ଏହି ଅବସରରେ ଧାମନଗରସ୍ଥିତ ଇଦ୍‌ଗା ମଇଦାନ ପରିସରରେ ସକାଳ ୮ଟା ୩୦ରେ ହଜାର ହଜାର ମୁସଲ୍‌ମାନ ଭାଇମାନ ଏକତ୍ରିତ ହୋଇ ସମୂହ ନମାଜ ପଢ଼ିଛନ୍ତି। ଖାନକା ସରିଫ୍ ନୂତନ ମତୱଲ୍ଲୀ ଆଲହାଜ ସୟଦ ହବିବ୍ ରଜା ହବିବି ସମୂହ ନମାଜ ପାଠ ପଢ଼ାଇଛନ୍ତି। ପରେ ମତୱଲ୍ଲୀ ବାବାଙ୍କୁ ଇଦ୍‌ଗାଠାରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା ସହିତ ଖାନକା ସରିଫ୍ ନିଆଯାଇଥିଲା। ସେଠାରେ ଫାତେହା ଭକ୍ତ ଓ ଶ୍ରଦ୍ଧାଳୁମାନେ ପୀରବାବାଙ୍କୁ ଦର୍ଶନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୁସଲ୍‌ମାନ ଭାଇମାନେ କାନ୍ଧକୁ କାନ୍ଧ ମିଶାଇ ପରସ୍ପରକୁ ଇଦ୍ ମୁବାରକ ଓ ଶୁଭେଚ୍ଛା ଜଣାଇଛନ୍ତି। ଧାମନଗର ଟ୍ରେକର ଷ୍ଟାଣ୍ଡଠାରେ ଇଦ୍ ପର୍ବ ଉପଲକ୍ଷେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ଉପସ୍ଥିତ ରହି ମତୱଲ୍ଲୀ ବାବାଙ୍କୁ ଇଦ୍ ମୁବାରକ୍ ଓ ଶୁଭେଚ୍ଛା ଜଣାଇବା ସହ ସମସ୍ତ ମୁସଲ୍‌ମାନ ଭାଇଙ୍କୁ ଇଦ୍ ମୁବାରକ୍ ଜଣାଇ ମିଠା ଖୁଆଇଲେ। ସେହିପରି ବ୍ଲକ୍ ଅଞ୍ଚଳରେ ଥିବା ମୁସ୍ତାଫାପୁର, ଦୋବଲ, ଚୁଡ଼ାକୁଟି, ବୟାଗଂଡିହ, ପିଢେଇପୁର, ନଦୀଗାଁ, ପନ୍ଦରବାଟିଆ ଆଦି ସ୍ଥାନରେ ଇଦ୍ ପର୍ବ ପାଳନ କରିଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ଧାମନଗର ଏସ୍‌ଡିପିଓ ଅନିରୁଦ୍ଧ ମୁଦୁଲି, ଥାନା ଅଧିକାରୀ ସୁବ୍ରଜିତ ଦାଶ, ଧୂଷୁରୀ ଥାନା ଅଧିକାରୀ ଅଜୟ ସୁଦର୍ଶନ ବେଜଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଛକ ବଜାରରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

ଏହି ଅବସରରେ ଧାମନଗର ଟ୍ରେକର ଷ୍ଟାଣ୍ଡଠାରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦରୀ, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦ ନଗର ପ୍ରତିନିଧି ସରୋଜ ମହାପାତ୍ର, କୃଷ୍ଣଚନ୍ଦ୍ର ଜେନା, ଧିରେନ କର, ବିଜେଡି ବ୍ଲକ୍ ସଭାପତି ପ୍ରତାପ ସାମଲ, ନଗର ସଭାପତି ବିଜୟ କେତନ ସାହୁ, ବିଜେଡି ନେତା ଲମ୍ବୋଦର ଜେନା, ସନ୍ଦୀପ ସ୍ୱାଇଁ, ଉମେଶ ଚନ୍ଦ୍ର ମହାନ୍ତି, ସୁଶାନ୍ତ ରାଉତ, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ରମାକାନ୍ତ ସାହୁ, କଂଗ୍ରେସ ନେତା ସଞ୍ଜୟ ମିଶ୍ର, ବାବା ହରେକୃଷ୍ଣ ସେଠୀ, ରମେଶ ଚନ୍ଦ୍ର ବେହେରା, ପ୍ରମୋଦ ସ୍ୱାଇଁ, ମାନସ ମହାପାତ୍ର, ପ୍ରସନ୍ନ ଧଳଙ୍କ ସମେତ ବହୁ ଦଳୀୟ ନେତା ଓ ସଂଗଠକ ସମାଜସେବୀ ପ୍ରମୁଖ ଉପସ୍ଥିତ ରହି ମୁସଲମାନ ଭାଇମାନଙ୍କୁ ଇଦ୍‌ର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



### ■ ବନ୍ତ/ଆଗରପଡ଼ା



ଆଗରପଡ଼ାରେ ପବିତ୍ର ଇଦ୍ ପର୍ବ ପାଳିତ ହୋଇଯାଇଛି। ନୂଆ ବସ୍ତ୍ର ପରିଧାନ କରି ଆଲିଙ୍ଗନ ପୂର୍ବକ ପରସ୍ପରକୁ ଇଦ୍ ଅଭିନନ୍ଦନ ଜଣାଇଥିଲେ। ସ୍ଥାନୀୟ ପୁରୁଷଣ୍ଡ, ଘଣ୍ଟଗଡ଼ିଆ, ଚାରିଘରିଆ, ହରିପୁର ଆଦି ସ୍ଥାନରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ବିଧାୟକ ସଞ୍ଜୀବ ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ପ୍ରଶାନ୍ତ ଦାଶ, ସତ୍ୟସାଧନ ବେଜ, ଅମୂଲ୍ୟରତ୍ନ ନନ୍ଦ ପ୍ରମୁଖଙ୍କ ସମେତ ଶତାଧିକ ବ୍ୟକ୍ତି ଏହି ଉତ୍ସବରେ ସାମିଲ୍ ଥିଲେ।

### ■ ଭଣ୍ଡାରିପୋଖରୀ

ଭଣ୍ଡାରିପୋଖରୀର ବିଭିନ୍ନ ସ୍ଥାନରେ ଥିବା ମସ୍‌ଜିଦ୍‌ରେ ଇଦ୍-ଉଲ୍-ଫିତର ପର୍ବ ପାଳିତ ହୋଇଛି। ପବିତ୍ର ରମ୍‌ଜାନ ମାସ ଶେଷରେ ଶନିବାର ମଢ଼ିଆଳିସ୍ଥିତ ମସ୍‌ଜିଦ୍‌ରେ ସର୍ଦ୍ଦାର ଜବାର ଖାଁଙ୍କ ନେତୃତ୍ୱରେ ସାମୂହିକ ନମାଜ ପାଠ ସହ ଇଦ୍ ପର୍ବ ପାଳନ ହୋଇଥିଲା। ଦେଓପଦାର ଖସାପଦି ମସ୍‌ଜିଦ୍‌ରେ ସର୍ଦ୍ଦାର ଜବାର ଖାଁ ଓ ମୌଲବୀ ଶେଖ୍ ଆସିଫ୍ ରହମାନ ନେତୃତ୍ୱରେ ସକାଳେ ସମୂହ ନମାଜ ପାଠ, ପୀରବାବାଙ୍କଠାରେ ନୂତନ ଚାଦର ଅର୍ପଣ, ବନ୍ଧୁ ମିଳନ ଆଦି ଅନୁଷ୍ଠିତ ହୋଇଥିଲା। ମଞ୍ଜୁରୀସ୍ଥିତ ମସ୍‌ଜିଦ୍‌ରେ ସର୍ଦ୍ଦାର ସୟଦ ଶାହା ଓ ମୌଲବୀ ନଜର ଶାହାଙ୍କ ନେତୃତ୍ୱରେ ସମୂହ ନମାଜ ପାଠ, ଚାଦର ଅର୍ପଣ ଓ ବନ୍ଧୁମିଳନ ପର୍ବ ସମ୍ପନ୍ନ କରାଯାଇଥିଲା। ଏହି ପର୍ବ ପାଳନ ମଧ୍ୟରେ ହିନ୍ଦୁ ଓ ମୁସଲମାନମାନେ ପରସ୍ପରକୁ ଶୁଭେଚ୍ଛା ଜଣାଇବା ସହ ମିଷ୍ଟାନ୍ନ ଆଦାନପ୍ରଦାନ କରିଥିଲେ।

## ଶିଶୁ ଆଶ୍ରମରେ ପଖାଳ ଦିବସ

ଦୋଳସାହି,୨୧।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତରେ ଅବସ୍ଥିତ ଯୋଗୀରକ୍ଷୀ ଲଛମନ ଦାସ ଶିଶୁ ଆଶ୍ରମରେ ପୂର୍ବତନ ବିଧାୟକ ସ୍ୱର୍ଗତ ବିଷ୍ଣୁ ଚରଣ ସେଠୀଙ୍କ ସ୍ମୃତିରେ ଶୁକ୍ରବାର ପଖାଳ ଦିବସ ପାଳନ ହୋଇଯାଇଛି। ସୂଚନାଯୋଗ୍ୟ, ଦୋଳସାହି ପଞ୍ଚାୟତ ଗୋରୁ ହାଟଠାରେ ଅବସ୍ଥିତ ଶିଶୁ ଆଶ୍ରମରେ ଦୋଳସାହି ବିଷ୍ଣୁ ସେଠୀ ଫାଉଣ୍ଡେସନ ପକ୍ଷରୁ ଏହି ପଖାଳ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମ ଦୋଳସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଆଶ୍ରମର ପରିଚାଳକ ଲୋକନାଥ ପତି, କାନ୍ତକବି ମଣ୍ଡଳୀ ସଭାପତି ସରୋଜ ନାୟକ, ପ୍ରମୋଦ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦେବେନ୍ଦ୍ର ପୁହାଣ, ଭରତ ଚନ୍ଦ୍ର ସାହୁ, ଯଜ୍ଞଦତ୍ତ ପତି, ଅଶୋକ ଦୀକ୍ଷିତ, ତାପସ ବେହେରା, ସୁନନ୍ଦ ଖାମୁରାଇ, ରାଧାକାନ୍ତ ବେହେରା, ବାଇଧର ଯେନା ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁନି କୁନି ପିଲାମାନେ ପଖାଳ ସହ ବିଭିନ୍ନ ପାରମ୍ପରିକ ଓଡ଼ିଆ ଖାଦ୍ୟର ମଜା ନେଇଥିଲେ।



## ଛାତ୍ରଛାତ୍ରୀଙ୍କ ଶିକ୍ଷଣୀୟ ପରିଦର୍ଶନ

ବାରିକପୁର,୨୧।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପିଏମ୍‌ଶ୍ରୀ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଶିକ୍ଷଣୀୟ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପ୍ରଧାନଶିକ୍ଷକ ଦେବଦତ୍ତ ଜେନାଙ୍କ ତତ୍ତ୍ୱାବଧାନରେ ବିଦ୍ୟାର୍ଥୀମାନେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ମନ୍ଦିର ପରିଦର୍ଶନ କରିଥିଲେ। ସେଠାରେ ପୂଜାର୍ଚ୍ଚନା କରିବା ପରେ ଛାତ୍ରଛାତ୍ରୀମାନେ ସାପ୍ତାହିକ ହାଟ ଓ ନିକଟସ୍ଥ ପାର୍କ ମଧ୍ୟ ବୁଲିଥିଲେ। ସେହିଭଳି ଚରମ୍ପାର ଏକ ବିଦ୍ୟାଳୟ, ଭଣ୍ଡାରିପୋଖରୀ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଓ ସରସଦା ଷ୍ଟେଟ୍ ବ୍ୟାଙ୍କରେ ଛାତ୍ରଛାତ୍ରୀମାନେ ପହଞ୍ଚି ବିଭିନ୍ନ ଶିକ୍ଷଣୀୟ ତଥ୍ୟ ଜାଣିବାକୁ ପାଇଥିଲେ। ୨ଟି ଦଳରେ ସଂଯୁକ୍ତ ହୋଇ ବିଦ୍ୟାର୍ଥୀମାନେ ଯାତ୍ରା କରିଥିଲେ। ପ୍ରାୟ ୧୨୦ ଛାତ୍ରଛାତ୍ରୀ ଏହି ଶିକ୍ଷଣୀୟ ପରିଦର୍ଶନରେ ସାମିଲ୍ ହୋଇଥିବାବେଳେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ସଦସ୍ୟମାନେ ଏଥିରେ ଯୋଗଦେଇଥିଲେ।



**ଶ୍ରୀରାମ ନବମୀ ମହୋତ୍ସବ ନିମନ୍ତେ ସାମ୍ବାଦିକ ସମ୍ମିଳନୀ**

## ଆଜି ବାଲ୍ ବଜରଙ୍ଗୀଙ୍କ ସାଇକଲ ଶୋଭାଯାତ୍ରା

ଭଦ୍ରକ,୨୧।୩(ସମିସ): ଭଦ୍ରକର ଐତିହ୍ୟ, ପରମ୍ପରା ଓ ସଂସ୍କୃତିର ପରିଚୟ ବହନ କରୁଥିବା ଶ୍ରୀରାମ ନବମୀ ମହୋତ୍ସବ ମହାସମାରୋହରେ ପାଳିତ ହେବାକୁ ଯାଉଛି। ଓଡ଼ିଶା ପ୍ରସିଦ୍ଧ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଚଳିତ ବର୍ଷ ଦିବ୍ୟ, ଭବ୍ୟ, ସରସ, ସୁନ୍ଦର ଏବଂ ଚିତାକର୍ଷକ ଭାବରେ ଅନୁଷ୍ଠିତ ହେବ ବୋଲି ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ପ୍ରକାଶ କରାଯାଇଛି। ୨୨ ତାରିଖ ତଥା ରବିବାର ବାଲ୍ ବଜରଙ୍ଗୀଙ୍କ ସାଇକଲ ଶୋଭାଯାତ୍ରା, ୨୫ରେ ମହିଳା କଳସ ଶୋଭାଯାତ୍ରା, ଆଜ୍ଞାମାଳ ଯାତ୍ରା, ୩ ଦିନ ବ୍ୟାପୀ ଶ୍ରୀରାମ ନବମୀ ଯଜ୍ଞ ଆରମ୍ଭ, ୨୬ରେ ୧୦୮ ହନୁମାନ ଚାଳିଶା ପାଠ, ୨୭ ତାରିଖରେ ଶତାଧିକ ମେଢ଼କୁ ନେଇ ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଉକ୍ତ ନଗର ସଙ୍କୀର୍ତ୍ତନ ଶୋଭାଯାତ୍ରା ଦିନ ସମସ୍ତ ମେଢ଼ କମିଟି ପାଇଁ ପୂର୍ବରୁ ନିର୍ଦ୍ଧାରିତ ମାର୍ଗଦର୍ଶିକା ପାଳନ କରିବାକୁ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଅନୁରୋଧ କରାଯାଇଛି। ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ୭ ଦିନ ବ୍ୟାପୀ ଗାନ୍ଧୀ ପଡ଼ିଆରେ ମୀନାବଜାର ଏବଂ ସନ୍ଧ୍ୟାରେ ରାଜ୍ୟର ପ୍ରସିଦ୍ଧି ଅର୍ଜନ କରିଥିବା ସାଂସ୍କୃତିକ ଅନୁଷ୍ଠାନ, ଖ୍ୟାତି ସମ୍ପନ୍ନ ନୃତ୍ୟ ଦଳ ଏବଂ ଲୋକପ୍ରିୟ କଣ୍ଠଶିଳ୍ପୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି କରାଯିବାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀରାମ ମହାଯଜ୍ଞ ସମିତି ସଭାପତି ବରିଷ୍ଠ ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ବରିଷ୍ଠ ଉପଦେଷ୍ଟା ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ସମିତିର ସାଧାରଣ ସମ୍ପାଦକ ଶରତ ପଢ଼ିଆରୀ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ ଉପସ୍ଥିତ ରହି ଶ୍ରୀରାମ ନବମୀ ମହୋତ୍ସବର ଗୌରବମୟ ଇତିହାସ ପ୍ରକାଶ କରିବା ସହ ସମସ୍ତ କାର୍ଯ୍ୟକ୍ରମର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର କୋଷାଧ୍ୟକ୍ଷ ନିରଞ୍ଜନ ସାହୁ, ଉପସଭାପତି ତ୍ରିଲୋଚନ ନାୟକ, ସମ୍ପାଦକ ଆଇନଜୀବୀ ତୁଷାରକାନ୍ତ ଦାସ ଏବଂ ସ୍ୱାଧୀନ ସୁନ୍ଦର ଦାସ, ସହକୋଷାଧ୍ୟକ୍ଷ ଶିବ ଶଙ୍କର ଦାସଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




## ମା' ଲକ୍ଷ୍ମୀଙ୍କ ୭ମ ବାର୍ଷିକ ଉତ୍ସବ

ବାରିକପୁର,୨୧।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ କୋରିଗାଁ ମହାଦେବ ବାଡ଼ିଠାରେ ଅବସ୍ଥିତ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୁଷ୍କରିଣୀରୁ ଘଟ ଉତ୍ତୋଳନ ପରେ ଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା ଶୁଭାରମ୍ଭ ହୋଇଥିଲା। ମୁଖ୍ୟ ପୂଜକ ଗୋବର୍ଦ୍ଧନ ପତୀଙ୍କ ତତ୍ତ୍ୱାବଧାନରେ ଠାକୁରାଣୀ ଆବାହନ, ବୈଦିକ ପୂଜା ଓ ହୋମଯଜ୍ଞ ଆଦି ସମ୍ପନ୍ନ ହୋଇଥିବାବେଳେ ଏଥିରେ ଅନ୍ୟତମ ପୂଜକ ପୀତାମ୍ବର ପଣ୍ଡା, ଶଶୀଭୂଷଣ ତ୍ରିପାଠୀ, କୃଷ୍ଣଚନ୍ଦ୍ର ଦାଶ, ଜୀବନ ଦାଶ ସହଯୋଗ କରିଥିଲେ। ସଙ୍କଳ୍ପ କର୍ତ୍ତା ଭାବେ ବିନାୟକ ସାମଲ ଓ ଅମିତା ସାମଲ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଉପଲକ୍ଷେ ପୁରୀ ନିବାସୀ କଥାକାର ରବିନାରାୟଣ ହୋତା ପ୍ରବଚନ ପ୍ରଦାନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅନେକ ଶ୍ରଦ୍ଧାଳୁ ଯୋଗଦେଇଥିବା ବେଳେ ବାର୍ଷିକ ଉତ୍ସବକୁ ବିଶ୍ୱଜିତ ସାମଲ, ପ୍ରେମଜିତ୍ ସାମଲ, ହରିହର ସାମଲ, ସୁଶାନ୍ତୀ ସାମଲ, ପୂଜା ସାମଲ, ତପନ ସାମଲ ପ୍ରମୁଖ ପରିଚାଳନା କରିଥିଲେ।



## ବରିଷ୍ଠ ସାମ୍ବାଦିକ ମଦନମୋହନଙ୍କ ପରଲୋକ

ଦୋବଲ,୨୧।୩(ସମିସ): ଧାମନଗର ବ୍ଲକ୍ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ମଦନମୋହନ ଦାସଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ନିଜ ଗାଁ ଖଡ଼ିପଦା ପଞ୍ଚାୟତ କାଞ୍ଚିଆପାଳରେ ବାର୍ଷିକ ଯଜ୍ଞ ପାଇଁ ବୈଠକରେ ଯୋଗଦେଇଥିଲେ। ବୈଠକରେ ବସିଥିବାବେଳେ ଛାତିରେ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଏଣୁ ସେ ଘରକୁ ପଳେଇ ଆସିଥିଲେ। ଘରେ ଯନ୍ତ୍ରଣା ଅସହ୍ୟ ହୋଇଥିଲା। ସାନ ଭାଇ ଓ ପଡ଼ିଶା ଲୋକେ ତାଙ୍କୁ ଯାଜପୁର ଜିଲ୍ଲା ହସ୍ପିଟାଲକୁ ଏକ ଅଟୋରେ ନେଇ ଯାଇଥିଲେ। ତେବେ ରାସ୍ତାରେ ଦୁଇଥର ପାଣି ମାଗିଥିଲେ। ପାଣି ଦେବା ପରେ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଯାଜପୁର ଜିଲ୍ଲା ହସ୍ପିଟାଲରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମରଶରୀରକୁ ଘରକୁ ନେଇଆସିଥିଲେ। ଏନେଇ ଖବର ପାଇବା ପରେ ଶହଶହ ଲୋକ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶନିବାର ସକାଳେ ତାଙ୍କ ପୁତୁରା ହାଇଦରାବାଦରୁ ଆସି ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ତାଙ୍କର କର୍ମସ୍ଥଳୀ କାଞ୍ଚିଆପାଳ ଜଙ୍ଗଲ ଭିତରେ ଥିବା ଯଜ୍ଞ ମଣ୍ଡପ ପାଖରେ ସମାଧି ଦିଆଯାଇଥିଲା। ମଦନ ଅବିବାହିତ ଥିଲେ ଓ ସେ ବୈଷ୍ଣବ ଧର୍ମର ଦୀକ୍ଷିତ ଥିଲେ। ଏଣୁ ତାଙ୍କ ଧର୍ମଗୁରୁଙ୍କ ପରାମର୍ଶରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା। ମଦନମୋହନ ଜଣେ ସୂଚନା ଅଧିକାର କର୍ମୀ ଭାବେ ଭଦ୍ରକ ଜିଲ୍ଲାରେ ସୁଖ୍ୟାତି ଅର୍ଜନ କରିଛନ୍ତି। ଏଥିସହ ସେ ବିଭିନ୍ନ ଓଡ଼ିଆ ଖବରକାଗଜରେ ଧାମନଗର ବ୍ଲକ୍ ଦୋବଲ ଅଞ୍ଚଳର ପ୍ରତିନିଧି ଭାବେ କାର୍ଯ୍ୟ କରିଛନ୍ତି। ନିଜ ଅଞ୍ଚଳର ଉନ୍ନତି ପାଇଁ ସେ ସର୍ବଦା କାମ କରି ଆସିଛନ୍ତି। ତାଙ୍କ ମୃତ୍ୟୁ ଖବର ପାଇବା ପରେ ବିଭିନ୍ନ ରାଜନୈତିକ ଦଳର କର୍ମୀ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶୋକବ୍ୟକ୍ତ କରିଛନ୍ତି।



## ପିଏମ୍‌ଶ୍ରୀ ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ କୁଣ୍ଡଳୀ

ଦୋଳସାହି,୨୧।୩(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତ ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବିଜ୍ଞାନ କୁଣ୍ଡଳୀ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୂଚନାଯୋଗ୍ୟ, ଦୋଳସାହି ରାମନାରାୟଣ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୨୩୦ ଛାତ୍ରଛାତ୍ରୀ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ସେମାନେ ଆଣିଥିବା ପ୍ରକଳ୍ପଗୁଡ଼ିକୁ ସୁନ୍ଦର ଭାବରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ତିହିଡ଼ି ସିଆର୍‌ସିସି ହାଇସ୍କୁଲର ପ୍ରଧାନଶିକ୍ଷକ ସୌମ୍ୟରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ଉଚିତ୍ ପଦକ୍ଷେପ ବୋଲି କହିବା ସହ ଛାତ୍ରଛାତ୍ରୀଙ୍କୁ ସୁଯୋଗର ସଦୁପଯୋଗ କରିବାକୁ କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଧୀର କୁମାର ତରାଇ ଓ ବିଜ୍ଞାନ ଶିକ୍ଷକ କୀର୍ତ୍ତିଚନ୍ଦ୍ର ପଣ୍ଡା ଓ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

**ଆଗରପଡ଼ାରେ ଭବ୍ୟ ଏକତା ଦୌଡ଼**

## ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ଅଞ୍ଚଳ




ବନ୍ତ/ଆଗରପଡ଼ା,୨୧।୩(ସମିସ): ପବିତ୍ର ଶ୍ରୀରାମ ନବମୀ ପୂର୍ବରୁ ଆଗରପଡ଼ାଠାରେ ଏକ ବିଶାଳ 'ଏକତା ଦୌଡ଼' ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପାରମ୍ପରିକ ଶ୍ରୀରାମ ନବମୀ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ରାଷ୍ଟ୍ରପ୍ରେମୀ ଯୁବକ ସାମିଲ୍ ହୋଇ ହିନ୍ଦୁ ଏକତା ବାର୍ତ୍ତା ବାଣ୍ଟିଛନ୍ତି। ଚଳିତ ବର୍ଷ ଶ୍ରୀରାମ ନବମୀ ମହୋତ୍ସବ ଅଷ୍ଟମ ବର୍ଷରେ ପଦାର୍ପଣ କରିଥିବାବେଳେ ଏହି ଏକତା ଦୌଡ଼ ଦ୍ୱିତୀୟ ବର୍ଷରେ ପହଞ୍ଚିଛି। ଏହି ଅବସରରେ ଆଗରପଡ଼ା ଥାନା ଅଧିକାରୀ ରାଜେଶ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ନଡ଼ିଆ ଭାଙ୍ଗି ଓ ଗୈରିକ ପତାକା ଦେଖାଇ ଏହି ଦୌଡ଼ର ଉଦ୍‌ଘାଟନ କରିଥିଲେ। ରାଷ୍ଟ୍ରୀୟ ଏକତା ଓ ସାମାଜିକ ସଦ୍ଭାବନାକୁ ସୁଦୃଢ଼ କରିବା ଏହି ଦୌଡ଼ର ମୂଳ ଲକ୍ଷ୍ୟ ବୋଲି କମିଟି ମତ ପ୍ରକାଶ କରିଥିଲେ। "ଜୟ ଶ୍ରୀରାମ' ଧ୍ୱନି ଏବଂ ରାଷ୍ଟ୍ରୀୟ ଏକତାର ନାରାରେ ସାରା ଆଗରପଡ଼ା ବଜାର ପ୍ରକମ୍ପିତ ହୋଇଉଠିଥିଲା। କମିଟିର ସଭାପତି ତୃପ୍ତିରଞ୍ଜନ ଦାଶ, ସମ୍ପାଦକ ବାବୁରାମ ବେହେରା, ଉପଦେଷ୍ଟା ଜ୍ଞାନଚାନ୍ଦ ଗୁପ୍ତା, ଭାସ୍କର ଦାସ, ସର୍ବଜିତ୍ ପଣ୍ଡା, ଅତିଶ୍ ପଣ୍ଡା, ରାଜୀବ ଲୋଚନ ରାୟ, ଜିତେନ୍ଦ୍ର ଶତପଥୀ, ସୁଶାନ୍ତ ଦାସ, ଦିଲ୍ଲୀପ ନାୟକ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ଅଶୋକ ପରିଡ଼ା, ହିମାଦ୍ରି ମହାନ୍ତି, ସନତ ତ୍ରିପାଠୀ, ଦିବ୍ୟ ଆକାଶ ପୁହାଣ, ମହେଶ୍ୱର ଦାସ, ବିଶ୍ୱଜିତ୍ ମହାପାତ୍ର, ଅମୂଲ୍ୟରତ୍ନ ନନ୍ଦ, ତପନ ସିଂହ, ବବୁଲୁ ସାହୁ, ଦେବାଶିଷ ଦାସ, ପ୍ରଦୀପ୍ତ ସେଠୀ, ଶ୍ରୀତମ୍ ସିଂହ, ସୌରଭ ବେହେରାଙ୍କ ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତା ଓ ଜନସାଧାରଣ ସାମିଲ୍ ହୋଇଥିଲେ।

# ଗାଁରେ ହୋଇପାରୁନି ଶ୍ମଶାନ ନିର୍ମାଣ !

ଧୂଷୁରୀ,୨୧।୩(ସମିସ)

ଧାମନଗର ବ୍ଲକ୍‌ର ବିଭିନ୍ନ ଗ୍ରାମ ପଞ୍ଚାୟତରେ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଶବଦାହ ବା ସତ୍କାର କାର୍ଯ୍ୟ କରିବା ପାଇଁ ନିର୍ଦ୍ଦିଷ୍ଟ ଭାବରେ କୌଣସି ଶ୍ମଶାନଟିଏ ନାହିଁ। ପୂର୍ବ ପୁରୁଷମାନଙ୍କ ଅମଳରୁ ବିଭିନ୍ନ ଗ୍ରାମରେ ଗ୍ରାମବାସୀଙ୍କ ଦ୍ୱାରା ନିର୍ବାଚିତ କିଛି ସରକାରୀ ଜମିକୁ ସ୍ୱତନ୍ତ୍ର ଭାବରେ ଶ୍ମଶାନ କାର୍ଯ୍ୟ ପାଇଁ ବ୍ୟବହାର କରାଯାଇ ଆସୁଥିଲା। କାଳକ୍ରମେ ଜନସଂଖ୍ୟା ବୃଦ୍ଧି କାରଣରୁ ହେଉ ବା ଜୋର୍ ଯାର ମୂଲକ ତା'ର କାରଣରୁ ହୀନ ସ୍ୱାର୍ଥ ବ୍ୟକ୍ତିମାନେ ଗ୍ରାମାଞ୍ଚଳରେ ଥିବା ଗୋଚର, ଅନାବାଦୀ ଓ ଶ୍ମଶାନ ଜମିକୁ ଅବରୋଧ କରି ବ୍ୟକ୍ତିଗତ ସମ୍ପତ୍ତି କରିନେଲେ। ଫଳରେ ଗ୍ରାମାଞ୍ଚଳର ଚାରଣ ଭୂମି ଓ ଶ୍ମଶାନ ଭୂମି ଆଜି ସମ୍ପୂର୍ଣ୍ଣ ବିଲୁପ୍ତ। ବର୍ତ୍ତମାନ ଗ୍ରାମାଞ୍ଚଳରେ ଶବଦାହ ଏକ ବିରାଟ ସମସ୍ୟା ଭାବରେ ଉଭା ହୋଇଛି। କାହାର ସମ୍ପର୍କୀୟମାନଙ୍କ ମୃତ୍ୟୁ ଘଟିଲେ ଶବଦାହ କରିବା ଏକ ବିରାଟ ସମସ୍ୟା। ଯାହାର ଅର୍ଥ ବଳ ଅଛି ସେ ପରିବାର ନିଜ ସମ୍ପର୍କୀୟ ବ୍ୟକ୍ତିଙ୍କ ଶବକୁ ଅର୍ଥ ବ୍ୟୟ କରି ପୁରୀ ସ୍ୱର୍ଗଦ୍ୱାର ନେଉଛି



କିମ୍ବା ସହରାଞ୍ଚଳରେ ଥିବା ବିଦ୍ୟୁତ୍ ଚାଳିତ ଶବଦାହ କେନ୍ଦ୍ରକୁ ନେଉଛି। ଆଉ ଯାହାର ଅର୍ଥ ବଳ ନାହିଁ ସେ ପରିବାର ରାସ୍ତା କଡ଼, ଉଚ୍ଚ ସ୍ଥାନ କିମ୍ବା ନିଜ ବାରିରେ ଶବଦାହ ଅତି କଷ୍ଟରେ କରିବାକୁ ବାଧ୍ୟ ହେଉଛି। କିନ୍ତୁ ବର୍ଷା ଋତୁ, କାଳବୈଶାଖୀ ତଥା ବିଭିନ୍ନ ପ୍ରାକୃତିକ ଆପଦ ସମୟରେ ନାହିଁ ନ ଥିବା ସମସ୍ୟାରେ ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟ ସରକାର ସାଧାରଣ ଲୋକଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ହୃଦୟଙ୍ଗମ କରି ପ୍ରତ୍ୟେକ ଗ୍ରାମରେ ସୁଲଭ ଶ୍ମଶାନ ନିର୍ମାଣ ବା ସ୍ୱର୍ଗଦ୍ୱାର ଶ୍ମଶାନ ନିର୍ମାଣ ପାଇଁ ପ୍ରତି ପଞ୍ଚାୟତ ଜରିଆରେ ଆର୍ôଥକ ଅନୁଦାନ ଯୋଗାଇ ଦେଇଥିବାବେଳେ ଧାମନଗରର ବିଭିନ୍ନ ପଞ୍ଚାୟତ ତଥା ପ୍ରଶାସନର ଉଦାସିନତା ପାଇଁ ଏହି କାର୍ଯ୍ୟ କେବଳ ଘୋଷଣାରେ ରହିଯାଇଛି। କେତେକ ଅଞ୍ଚଳରେ ଅଧପନ୍ତରିଆ ହୋଇ ପଡ଼ି ରହିଥିବାବେଳେ ଆଉ କେତେକ ସ୍ଥାନରେ ନିର୍ମାଣ ହେଉ ହେଉ ଏହି ଶ୍ମଶାନ ଶବଦାହ ଗୃହ ଭାଙ୍ଗି ରୁଜି ଚୁର୍‌ମାର୍ ହେଲାଣି। ଧାମନଗର ବ୍ଲକ୍ ଏକ ଚିର ବନ୍ୟା ପ୍ଲାବିତ ଅଞ୍ଚଳ। ଏଠାରେ ତଳିଆ ଅଞ୍ଚଳର ଲୋକେ ବର୍ଷା ଦିନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋବିନ୍ଦପୁର, ଖପରପଦା, ଅସୁରାଳି, କୋଠାର, କଟସାହି ଆଦି ପଞ୍ଚାୟତରେ କୌଣସି ଗ୍ରାମରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଇ ନାହିଁ କିମ୍ବା ଗ୍ରାମ ପଞ୍ଚାୟତ ବା ପ୍ରଶାସନ ଏଥିପ୍ରତି ମଧ୍ୟ ଆଗ୍ରହ ପ୍ରକାଶ କରୁଥିବାର ଦେଖିବାକୁ ମିଳୁନାହିଁ। ଫଳରେ ଜନସାଧାରଣଙ୍କ ଭିତରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଉକ୍ତ ଗ୍ରାମ ପଞ୍ଚାୟତରେ ସ୍ୱର୍ଗଦ୍ୱାର ଶ୍ମଶାନ ବା ଶବଦାହ ଘର ନିର୍ମାଣ ପାଇଁ ଦାବି ଜୋର୍ ଧରିଛି। ତୁରନ୍ତ ପ୍ରଶାସନ ଓ ପଞ୍ଚାୟତ ତରଫରୁ ପ୍ରତି ପଞ୍ଚାୟତର ସାଧାରଣ ଲୋକଙ୍କ ପରାମର୍ଶ କ୍ରମେ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ଶ୍ମଶାନ ଗୃହ ନିର୍ମାଣ କରିବାକୁ ଜନସାଧାରଣ ଦାବି ରଖୁଛନ୍ତି।

ସକାଳ
THE SAKALA



## ଦୁଇ ପେଷାଦାର ନିଶା ବେପାରୀ ଗିରଫ

# ୨୦ ଗ୍ରାମ ବ୍ରାଉନସୁଗର, ୩ ଲକ୍ଷ ଟଙ୍କା ଜବତ

### ସୁନା ଅଳଙ୍କାର ଓ ବାଇକ୍ ଜବତ



ଜଗତସିଂହପୁର,୨୧।୩(ସମିସ)

ଜଗତସିଂହପୁର ଜିଲ୍ଲା ପୁଲିସକୁ ମିଳିଛି ବଡ଼ ସଫଳତା। ଏସ୍‌ଡିପିଓ ଆଜିଙ୍କ୍ୟ ବାବୁରାଓ ମାନେଙ୍କ ନେତୃତ୍ୱରେ ଗଠିତ ପୁଲିସ ଟିମ୍ ବିରିଡି ଥାନା ଅନ୍ତର୍ଗତ ଧାନକୁଦ ମାଉସୀ ମା’ ମନ୍ଦିର ନିକଟରେ ଚଢ଼ଉ କରି ଦୁଇ ଜଣ ପେଷାଦାର ନିଶା ବେପାରୀଙ୍କୁ ଗିରଫ କରିଛନ୍ତି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମାଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ କୌଣସି ଏକ ସୂତ୍ରରୁ ଖବର ପାଇ ବିରିଡ଼ି ପୁଲିସର ଏକ ଟିମ୍ ଏସ୍‌ଡିପିଓ ଆଜିଙ୍କ୍ୟ ମାନେ ଏବଂ ବିରିଡି ଥାନା ଆଇଆଇସିଙ୍କ ନେତୃତ୍ୱରେ ଗତ ୨୦ ତାରିଖରେ ଧାନକୁଦ ମାଉସୀ ମା’ ମନ୍ଦିର ନିକଟରେ ଚଢ଼ଉ କରିଥିଲେ। ଏହି ଚଢ଼ଉ ବେଳେ ସୂର୍ଯ୍ୟ ମାଧବ ବଳବନ୍ତ ରାୟ ଏବଂ ମୋହନ କୁମାର ମଲ୍ଲିକ ନାମକ ଦୁଇଜଣ ନିଶା ବେପାରୀଙ୍କୁ ପୁଲିସ କାବୁ କରିଥିଲା। ଏମାନଙ୍କ ଠାରୁ ୨୦ ଗ୍ରାମ ବ୍ରାଉନସୁଗର, ନଗଦ ୩ ଲକ୍ଷ ୧୧ ହଜାର ଟଙ୍କା, ଗୋଟିଏ ବାଇକ୍, ଦୁଇଟି ମୋବାଇଲ, ଦୁଇଟି ସୁନା ଚେନ୍ ଏବଂ ୪ଟି ସୁନା ମୁଦି ଜବତ ହୋଇଥିବା ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ଜବତ ସାମଗ୍ରୀ ଗୁଡ଼ିକର ମୂଲ୍ୟ ୨୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏମାନେ ବାଲେଶ୍ୱର ଏବଂ ଜଳେଶ୍ୱର ଅଞ୍ଚଳର ଅଜଣା ବ୍ୟବସାୟୀଙ୍କ ଠାରୁ ବ୍ରାଉନସୁଗର ଆଣି ଜଗତସିଂହପୁର ଜିଲ୍ଲାରେ ବିକ୍ରି କରୁଥିଲେ ବୋଲି ପୁଲିସ ତଦନ୍ତରୁ ଜଣାପଡିଛି। ଗିରଫ ସୂର୍ଯ୍ୟ ମାଧବର ଘର ବିରିଡ଼ି ଥାନା ଅନ୍ତର୍ଗତ ସଢ଼େଇକଣା ଗ୍ରାମରେ ହୋଇଥିବା ବେଳେ ପୂର୍ବରୁ ତା’ ନାମରେ ପାରାଦୀପ ଲକ୍ ଥାନା ଏବଂ ବିରିଡ଼ି ଥାନାରେ ମାମଲା ରହିଛି। ସେହିପରି ଗିରଫ ମୋହନର ଘର କିଶନନଗର ଥାନା ଅନ୍ତର୍ଗତ ବୋଦର (କଲରାବାଙ୍କ)ରେ ହୋଇଥିବା ବେଳେ ତା’ ନାମରେ ମଧ୍ୟ ପୂର୍ବରୁ ବିରିଡ଼ି ଥାନାରେ ମାମଲା ରହିଥିବା ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଗତ ୨୦୨୫ ମସିହାରେ ସ୍ପେଶାଲ ଡ୍ରାଇଭ ‘ପ୍ରହାର’ ମାଧ୍ୟମରେ ଜଗତସିଂହପୁର ପୁଲିସ ଅନେକ ନିଶା ବେପାରୀଙ୍କୁ ଗିରଫ କରିଥିବା ବେଳେ ବହୁ ପରିମାଣରେ ବ୍ରାଉନସୁଗର ଜବତ କରିଥିଲା। ଏବେ ଜଗତସିଂହପୁର ଜିଲ୍ଲାରେ ନିଶା ବ୍ୟବସାୟକୁ ଦମନ ପାଇଁ ପୁଲିସ ପକ୍ଷରୁ ଅପରେସନ ‘ହ୍ୱାଇଟ ସ୍ୟାଡୋ-୧’ ନାମରେ ନୂଆ ଅଭିଯାନ ଆରମ୍ଭ କରାଯାଇଛି ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ ବର୍ମା ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏସଡ଼ିପିଓ ଆଜିଙ୍କ୍ୟ ମାନେ, ଡିଏସପି ରଶ୍ମିରଞ୍ଜନ ଦାଶ ଏବଂ ବିରିଡି ଆଇଆଇସି ସୁଜାତା ବେହେରା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## ସହିଦ ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ନାଉଗାଁ,୨୧।୩(ସମିସ):ଜଗତସିଂହପୁର ଜିଲ୍ଲା ମାଇଁ ଭାରତ ଅର୍ଗାନାଇଜେସନ୍ ପକ୍ଷରୁ ନାଉଗାଁ ବ୍ଲକରେ ଆସନ୍ତା ୨୩ ତାରିଖରେ ସହିଦ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ବ୍ଲକର ତିହୁଡ଼ା ସ୍ଥିତ ଉତ୍କଳଭାରାତୀ କଳାବିକାଶ କେନ୍ଦ୍ର ପରିସରରେ ଅନୁଷ୍ଠିତ ଏହି ବୈଠକରେ ମାଇଁ ଭାରତ ଅର୍ଗାନାଇଜେସନ୍‌ର ଜିଲ୍ଲା ଅଧିକାରୀ ନିଖିଲ କୁମାର କୁକ୍କା, ଜିଲ୍ଲା ସଂଯୋଜକ ପବିତ୍ର କୁମାର ସୁବୁଦ୍ଧି, ଉତ୍କଳଭାରତୀ କଳାବିକାଶ କେନ୍ଦ୍ରର ଅଧ୍ୟକ୍ଷ ସୁକାନ୍ତ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସ୍ୱୟଂସହାୟକ ଗୋଷ୍ଠୀ, ସମାଜସେବୀ ମାନେ ସହଯୋଗ କରିବା ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନିବେଦନ କରିଛନ୍ତି। ଏଥିସହିତ ଏହି କାର୍ଯ୍ୟକ୍ରମରେ ଉକ୍ତ ଦିନ ନାଉଗାଁ ବ୍ଲକ କାର୍ଯ୍ୟାଳୟ ପରିସରରୁ ଏକ ପଦଯାତ୍ରା ବାହାରି ସହିଦ ମାନଙ୍କ ପାଇଁ ସ୍ଲୋଗାନ ଦେବାସହ ଲୋକମାନଙ୍କୁ ସଚେତନ କରିବା ସହିତ ନାଉଗାଁ ବଜାର ଦେଇ ତିହୁଡା ସ୍ଥିତ ମା’ଜାଗୁଲେଇଙ୍କ ମନ୍ଦିର ପରିସରରେ ପହଞ୍ଚି ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ କରାଯିବ। ଏହାସହିତ ଏହି ବ୍ଲକର ବିଭିନ୍ନ ସ୍ଥାନରେ ସଫେଇ କାର୍ଯ୍ୟକ୍ରମ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ସଂଗଠନ ପକ୍ଷରୁ ଏହି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।

## ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜନକଲ୍ୟାଣ କାର୍ଯ୍ୟକ୍ରମ



ଜଗତସିଂହପୁର,୨୧।୩(ସମିସ): ଆଜି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ଜଳଯୋଗାଣ ସହିତ ସରକାରଙ୍କ ତରଫରୁ ଅମାନିଆ ଗାଡ଼ି ଚାଳକଙ୍କ ପାଇଁ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ କାର୍ଯ୍ୟ ଆରମ୍ଭ କରାଯାଇଛି। ଯାତ୍ରୀମାନଙ୍କ ପାଇଁ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଜଗତସିଂହପୁର ବସ୍‌ଷ୍ଟାଣ୍ଡ ଏବଂ ଜଇପୁର ଛକରେ ଜଳଯୋଗାଣ ସହିତ ଅମାନିଆ ଗାଡ଼ି ଚାଳକଙ୍କ ପାଇଁ ସରକାର ଦ୍ୱାରା ଅନୁବନ୍ଧିତ ବିଜ୍ଞପ୍ତି ପାଇଁ ଚଳିତ ମାସ ୨୧ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ କାର୍ଯ୍ୟ ଆରମ୍ଭ ହୋଇଛି। ଲୋକଙ୍କ ତୃଷ୍ଣା ମେଣ୍ଟାଇବା ସହିତ ଅମାନିଆ ଗାଡ଼ି ଚାଳକମାନେ ଯାଞ୍ଚ କାର୍ଯ୍ୟରେ ସାବାଡ଼ ହେବେ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀ ଆଶାବ୍ୟକ୍ତ କରିଛନ୍ତି। ଏଥିରେ ମୋଟର ଯାନ ନିରିକ୍ଷକ ପ୍ରତାପ କୁମାର ବେହେରାଙ୍କ ସହିତ କନିଷ୍ଠ ମୋଟରଯାନ ନିରୀକ୍ଷକ ମନୋରମା ମାଝୀ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଖାଲଗାଁ ବିଦ୍ୟାଳୟରେ ପଖାଳ ଦିବସ



ଜଗତସିଂହପୁର,୨୧।୩(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖାଲଗାଁରେ ପଖାଳ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃକ୍ଷମଣିଷ କାର୍ତ୍ତିକ ଚନ୍ଦ୍ର ମୁଦୁଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି, ସାମ୍ବାଦିକ ବିଧାନ ଚନ୍ଦ୍ର ରାଉଳ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରିଣୀ ଝରଣା ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବଲ୍ଲଭ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ବୃକ୍ଷପ୍ରେମୀ କନକଲତା ପରିଡା ସ୍ୱାଗତଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ ସହିତ ପଖାଳ ସମ୍ପର୍କିତ ଏକ ମନଛୁଆଁ କବିତା ଓ ସଂଗୀତ ‘ଆସ ଜୀବନଧନ ମୋର ପଖାଳ କଂସା’ ଗାନ କରି ସମସ୍ତଙ୍କ ମନ ମୋହିଥିଲେ। ପ୍ରକୃତିବନ୍ଧୁ ରାଜକିଶୋର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେପରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ବରେଣ୍ୟ ଅତିଥିଗଣ ଏବଂ ନିମନ୍ତ୍ରିତ ଅନ୍ୟ ସମସ୍ତେ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ସହିତ ଦହିପଖାଳ ଖାଇ ଆତ୍ମତୃପ୍ତି ଲାଭ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଆଲୋକ ରଞ୍ଜନ ଦଳାଇ, ପଦ୍ମଚରଣ ମାଳତୀ, ସଞ୍ଜୟ ମହାନ୍ତି, ସଭ୍ୟା ସସ୍ମିତା ସ୍ୱାଇଁ, ଶିକ୍ଷୟିତ୍ରୀ ମନୋରମା ରାଉତ ଓ ଲିପିକା ସ୍ୱାଇଁ, ବିଜୟ ମାଦଳୀ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ।

## ଦାମୋଦର ରାଉତଙ୍କ ଦ୍ୱିତୀୟ ସ୍ମୃତିସଭା




ପାରାଦୀପ,୨୧।୩(ସମିସ): ବିଶିଷ୍ଟ ଜନନେତା ତଥା ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଆଜି ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପାଳନ କରାଯାଇଛି। ଏନେଇ ଆଜି ସନ୍ଧ୍ୟାରେ ଟ୍ରଷ୍ଟ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ନଗର ବିଜୁ ଜନତା ଦଳର ସଭାପତି କୁମରବର ନାୟକ, ନାରୀନେତ୍ରୀ ସବିତା ମହାପାତ୍ର, ଚପଳା ସ୍ୱାଇଁ, କାଉନସିଲର ଜଗନ୍ନାଥ ରାଓ ଓ ପୂର୍ବତନ କାଉନସିଲର ଶଙ୍କର ପ୍ରସାଦ ରାଉତ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ଚିନ୍ମୟ ରଞ୍ଜନ ପରିଡା, ଯୁବ ବିଜେଡି ନେତା ଆଲୋକ ମହାପାତ୍ର ଓ ଅଟଳ ପରିଡାଙ୍କ ସମେତ ବହୁ ଦଳୀୟ କର୍ମୀ ଓ ଦାମବାବୁଙ୍କୁ ଭଲ ପାଉଥିବା ଲୋକମାନେ ଉପସ୍ଥିତ ଥିଲେ। ଉପସ୍ଥିତ ବିଜେଡି ନେତାମାନେ ଦାମ ବାବୁଙ୍କ ଚିନ୍ତାଧାରା, ରାଜନୈତିକ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ।

ତାଙ୍କ ରାଜନୈତିକ ଜୀବନରେ ପାରାଦୀପର ପ୍ରତ୍ୟକ ଲୋକଙ୍କ ସହିତ ଅଙ୍ଗାଗୀ ଭାବେ ଜଡ଼ିତ ଥିଲେ।ପାରାଦୀପ ବନ୍ଦରର ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ଥିଲା। ବିଜୁ ବାବୁ ପାରାଦୀପରେ ବନ୍ଦର ପ୍ରତିଷ୍ଠା କରିବାରେ ଦେଖିଥିବା ସ୍ୱପ୍ନକୁ ଦାମବାବୁ ସାକାର କରିବାକୁ ଚେଷ୍ଟା କରି ଶେଷରେ ପାରାଦୀପରେ ଏକ ବନ୍ଦର ପ୍ରତିଷ୍ଠା ହୋଇ ପାରିଥିଲା। ଆଜି ଯାହା ଦେଶରେ ଏକ ପ୍ରମୁଖ ବନ୍ଦର ଭାବରେ ପରିଚିତ ହୋଇପାରିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

## ଯାତ୍ରୀ ବିଶ୍ରାମଗାର ପାଲଟିଛି ଗୋଦାମ ଘର

ରାଜକନିକା,୨୧।୩(ସମିସ): ସରକାରୀ ଅର୍ଥ ବ୍ୟୟରେ ନିର୍ମିତ ଯାତ୍ରୀ ବିଶ୍ରାମଗାରକୁ ଜଣେ ବ୍ୟକ୍ତି ସମ୍ପୂର୍ଣ୍ଣ ଅକ୍ତିଆର କରି ସେଠାରେ ଗୋଦାମ ଘର କରିବା ଆମ ପ୍ରଶାସନିକ ସ୍ଥାଣୁତାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ବ୍ଲକର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ଏସବୁ ସାର୍ବଜନୀନ ସମ୍ପତ୍ତିରେ ସାଧାରଣ ଲୋକଙ୍କ କାରବାର ଓ ଅଧିକାରକୁ ବଞ୍ଚିତ କରି ଏହି ଛକରେ ଦୋକାନ କରିଥିବା ଜଳଧର ମଲିକ ନିଜର ବାସଗୃହ ଓ ଗୋଦାମ ଘର ଭଳି ବ୍ୟବହାର କରିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବସ୍ ଯାତ୍ରୀଙ୍କ ପାଇଁ ନିର୍ମିତ ହୋଇଥିବା ଏହି ଯାତ୍ରୀ ବିଶ୍ରାମଗାର ଅକ୍ତିଆର ହୋଇଥିବା ଜାଣି ବି କେହି ଏହାକୁ ବାରଣ ନ କରିବା ଓ ପଞ୍ଚାୟତ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ସେହି ବ୍ୟକ୍ତିଙ୍କ ଜବରଦଖଲରରେ ରହିଛି। ଏହାକୁ ମୁକ୍ତ କରି ସାଧାରଣ ଲୋକଙ୍କ ସେବାରେ ଲଗାଇବାକୁ ବ୍ଲକ ପ୍ରଶାସନକୁ ଅନୁରୋଧ କରାଯାଇଛି।

## କୁଜଙ୍ଗ ଜାମା ମସଜିଦରେ ଇଦୁଲ ଫିତର




କୁଜଙ୍ଗ,୨୧।୩(ସମିସ): କୁଜଙ୍ଗ ବ୍ଲକ୍ କୁଜଙ୍ଗ ଜାମା ମସଜିଦରେ ଇଦୁଲ ଫିତର ପର୍ବ ପାଳିତ ହୋଇଛି। ସମସ୍ତ ସାହି ଅଞ୍ଚଳରେ ତୋରଣ ନିର୍ମାଣ ସହିତ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି। ଶନିବାର ସକାଳେ ମୁସଲିମ ସମ୍ପ୍ରଦାୟର ଭାଇମାନେ ନବବସ୍ତ୍ର ପରିଧାନ କରି ମସଜିଦରେ ସମୂହ ନମାଜ ପାଠ କରିଥିଲେ। ନମାଜ ପାଠପରେ ସମୂହ କବରସ୍ଥାନରେ ପହଞ୍ଚି ପ୍ରାର୍ଥନା କରିଥିଲେ। ମସଜିଦ ନିକଟକୁ ଫେରି ମିଠା ଖାଇ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଥିଲେ। ଏହି ପବିତ୍ର ଦିନରେ ସମସ୍ତ ଗାଡି ଚାଳକ, ପଥଚାଳକମାନଙ୍କୁ ପାନୀୟ ଜଳ ଦାନ କରିଥିଲେ। ମୁଖ୍ୟଅତିଥି ଭାବେ କୁଜଙ୍ଗ ଓକିଲ ସଂଘର ପୂର୍ବତନ ସଭାପତି ସୁଶାନ୍ତ କୁମାର ପଟ୍ଟନାୟକ ଯୋଗଦେଇଥିଲେ। କୁଜଙ୍ଗ ମୁସଲମାନ ବସ୍ତିର ସର୍ଦ୍ଦାର ସେକ୍ ୱାସକ୍ ଉଲ୍ଲା, ତଜମୁଲ୍ ହୁସେନ୍ ମଲ୍ଲିବ୍, କଲ୍ଲିମ୍ ଉଲ୍ଲା, ସମ୍‌ସୁଦ୍ଦିନ୍ ଖାଁ, ଅବଦୁଲ୍ଲା ଖାଁ, ନିଆଜ୍ ଖାଁ, ସଲିମ୍ ଖାଁ, ମହମ୍ମଦ ସିରାଜ ଉଦ୍ଦିନ୍, ମହମ୍ମଦ ନିଜା ମୁଦ୍ଦିନ୍, ଇସୁଫ୍ ଅଲ୍ଲି, ଫିରୋଜ ଖାଁ, ସେହବାଜ୍ ଖାଁ ପ୍ରମୁଖ ଗରିବ ଲୋକମାନଙ୍କୁ ଫଳ, ବିସ୍କୁଟ ଓ ନୂଆବସ୍ତ୍ର ବଣ୍ଟନ କରିଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ




ଜଗତସିଂହପୁର,୨୧।୩(ସମିସ): ଜଗତସିଂହପୁର ଜିଲ୍ଲା ଓ ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ କଣ୍ଟାବଲ୍ଲଭପୁର ବାଳିକା ଉଚ୍ଚ ବିଦ୍ୟାଳୟ ଶ୍ରେଣୀ କକ୍ଷରେ ଆଇନ ସେବା ପ୍ରାଧିକରଣ ଦ୍ୱାରା ବାଲ୍ୟ ବିବାହ ଦୂର କରିବା ଉଦ୍ଦେଶ୍ୟରେ ନାଲ୍‌ସାର ଆଶା ସ୍କିମ୍ ୨୦୨୫ ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅତିଥି ପରିଚୟ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସିଜେଏମ୍ ନିଳୀମା ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଆଇନ ସେବା ପ୍ରାଧିକରଣର ସଚିବ ବିଡିଡି ଚନ୍ଦନା ବାଲ୍ୟବିବାହ ନିରୋଧ ଆଇନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ବିଦ୍ୟାଳର ଶିକ୍ଷକ, କର୍ମଚାରୀ ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳିଥିଲେ।

## ନଦା ମହଲାରେ ଇଦ୍



ତିର୍ତ୍ତୋଲ,୨୧।୩(ସମିସ): ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ବିସନପୁର ପଞ୍ଚାୟତ ନଦା ମହଲା ମସଜିଦଠାରେ ଇଦ୍ ପାଳିତ ହୋଇଯାଇଛି। ଏହି ଅବସରରେ ମୁସଲମାନ ସମ୍ପ୍ରଦାୟର ଜନସାଧାରଣ ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ମସଜିଦରେ ସାମୂହିକ ପ୍ରାର୍ଥନା କରାଯାଇଥିଲା। ଏଥିରେ ଆଜମ ଅଲ୍ଲୀ, ସବିର ଅଲ୍ଲୀ, ସେକ ସଲାଉଦ୍ଦିନ, ଜାକିର ଅଲ୍ଲୀ, ଆକ୍ୟୁବ ଅଲ୍ଲୀ, ଜାଭେଦ ଶେଖ, ସେକ ସହିଦ, ସେକ ସଫିକ, ସେକ ଇଦ୍ରିସ ଅଲ୍ଲିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମୁସଲମାନ ସମ୍ପ୍ରଦାୟର ଜନସାଧାରଣ ଯୋଗଦେଇଥିଲେ। ସେହିପରି ମୁଳି ଙ୍ଗ, ଜଗନ୍ନାଥପୁର, ରସୁଲପୁର, କୃଷ୍ଣାନନ୍ଦପୁର ଆଦି ଅଞ୍ଚଳରେ ମୁସଲମାନ ସମ୍ପ୍ରଦାୟର ଜନସାଧାରଣ ପକ୍ଷରୁ ଇଦ୍ ପାଳିତ ହୋଇଯାଇଛି।

## ବିଜେଡି ବୁଦ୍ଧିଜୀବୀଙ୍କ ବୈଠକ



କୁଜଙ୍ଗ,୨୧।୩(ସମିସ): ପାରାଦୀପ ନିର୍ବାଚନ ମଣ୍ଡଳୀ କୁଜଙ୍ଗ ବ୍ଲକରେ ବିଜେଡି ବୁଦ୍ଧିଜୀବୀଙ୍କ ବୈଠକ ବସି ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ଖସଡ଼ା ପ୍ରସ୍ତୁତି କରାଯାଇଛି। ବ୍ଲକ୍ ବିଜେଡିର ନୂତନ ସଭାପତି ମନିଦ୍ର ଗୁରୁ ସବୁ ବର୍ଗର ନେତାଙ୍କୁ ଏକାଠି କରି ଦଳକୁ ଅଧିକ ସଙ୍ଗଠିତ କରିବାରେ ସଫଳ ହୋଇଛନ୍ତି। କୁଜଙ୍ଗ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ପଙ୍କପାଳ ସ୍ଥିତ ଗଣପତି ପ୍ୟାଲେସଠାରେ ଅନୁଷ୍ଠିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଅତିଥି ଭାବେ ସମାଜସେବୀ ସଞ୍ଜୀବ କୁମାର ପଟ୍ଟନାୟକ, ଡ. ରଘୁନାଥ ସାହୁ, ପ୍ରଫୁଲ୍ଲ ପରିଡ଼ା, କୈଳାସ ଷଡ଼ଙ୍ଗୀ, ବିଜୟ ଖଟାଇ, ଯୁବନେତା ଶାନ୍ତି ସ୍ୱରୂପ ଦାସ, ଅରୁପ୍ରସାଦ ମହାନ୍ତି, ମାନସ ପରିଡ଼ା, ନନ୍ଦିନୀ ପଣ୍ଡା, ଦୁଷ୍ମନ୍ତ ମାଝୀ, ସୋସିଆଲ ମିଡିଆ ଜିଲ୍ଲା ସଂଯୋଜକ ରଞ୍ଜିତ କୁମାର ପଣ୍ଡା, ବିକ୍ରମ କେଶରୀ ରାଉତରାୟଙ୍କ ସହ ବହୁ ପଞ୍ଚାୟତର ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ। ଆସନ୍ତା ଦିନରେ ବିଜୁ ଜନତା ଦଳର ସଂଗଠନକୁ ଶକ୍ତିଶାଳୀ କରିବା ସହ ବିଜେପି ସରକାରଙ୍କ ଏକଛତ୍ରବାଦ ଶାସନ ବିରୋଧରେ ସଂଗଠିତ ହୋଇ ଏହାର ପ୍ରତିବାଦ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାମଦାସ ମହାନ୍ତି, ବୃନ୍ଦାବନ ବାରିକ, ବିକ୍ରମ ନାରାୟଣ ଦାସ, ବିବେକାନନ୍ଦ ଦାସ, ସୁବ୍ରତ ପରିଜା, ମହେଶ୍ୱର ଦାସ, ସମ୍ବିତ ତ୍ରିପାଠୀ, ଶରତ କୁମାର ଜେନା, ସୁଶାନ୍ତ ଦାସ, ଶିଶିର ନାୟକ, ସଚିତ୍ର ମଲ୍ଲ, କ୍ଷୀରୋଦ ଦାସ, ଶ୍ରୀଧର ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ଗଗନ ସ୍ୱାଇଁ, ତପନ ଦାସ, ସୁଦାନ ବିଶ୍ୱାଳ, ଅଭୟ ବାରିକ ସମେତ ବହୁ ଦଳୀୟ କର୍ମୀ ଅଂଶଗ୍ରହଣ କରି ନିଜର ମତ ରଖିଥିଲେ। ଶେଷରେ ପଖାଳ ଦିବସ ପାଳନ କରାଯାଇଥିଲା।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ

ଡେରାବିଶ,୨୧।୩(ସମିସ): ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପରିସରରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ୍ ଶାଖା ବୈଠକ ଅନୁଷ୍ଠିତ ହୋଇଯାଇଛି। ମନୋଜ ପରିଡ଼ାଙ୍କ ସଭାପିତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହିତ ସମାଧାନ ବିଷୟରେ କହିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ଶ୍ରମିକ ମୃତ୍ୟୁକାଳୀନ ସହାୟତା ପ୍ରଦାନରେ ଅତ୍ୟଧିକ ବିଳମ୍ବ, ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଅନୁଦାନ ପ୍ରଦାନରେ ବିଳମ୍ବ, ଶ୍ରମିକଙ୍କ ଝିଅ ବିଭାଘର ସହାୟତା ରାଶି ଓ ଶିକ୍ଷା ସହାୟତା ରାଶି ପ୍ରଦାନରେ ଟାଳଟୁଳ ନୀତି, ମହିଳା ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ପ୍ରଦାନ କରିବାରେ ହଇରାଣ କରିବା ଇତ୍ୟାଦି ସମସ୍ୟା ସମ୍ପର୍କରେ ଶ୍ରୀ ତ୍ରିପାଠୀ ଆଲୋଚନା କରିଥିଲେ। ଏସବୁ କାରଣ ପାଇଁ ନିର୍ମାଣ ଶ୍ରମିକଙ୍କ ଅସନ୍ତୋଷ ତୀବ୍ର ହେବାରେ ଲାଗିଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଥିଲେ। ବୈଠକରେ ହୃଷିକେଶ ଧଳ, ଧିରେନ ସାହୁ, ଚନ୍ଦ୍ରମଣି ପ୍ରଧାନ, ହରି ମାହାଳି, ମୃତ୍ୟୁଞ୍ଜୟ ଘଡ଼ାଇ ପ୍ରମୁଖ ଯୋଗ ଦେଇଥିବାବେଳେ ଭଗବାନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଭିନ୍ନକ୍ଷମଙ୍କୁ ସହାୟତା ଉପକରଣ ବଣ୍ଟନ



ଜଗତସିଂହପୁର,୨୧।୩(ସମିସ): ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଶ୍ରୀକୃଷ୍ଣ ଏକାଡେମୀରେ ଇଣ୍ଡିଆନ ଅଏଲ କର୍ପୋରେସନ ପକ୍ଷରୁ ଭିନ୍ନକ୍ଷମମାନଙ୍କୁ ସହାୟତା ଉପକରଣ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମ ଭାଇଭଉଣୀ ଓ ବରିଷ୍ଠ ବ୍ୟକ୍ତିମାନଙ୍କୁ ଏହି ଉପକରଣ ବଣ୍ଟନ କରିଥିଲେ। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଅଏଲ ରିଫାଇନାରୀ କର୍ତ୍ତୃପକ୍ଷଙ୍କୁ ଜଗତସିଂହପୁରରେ ସିଏସ୍ଆର ଫଣ୍ଡ ଯୋଗାଇଦେବା ପାଇଁ ପୂର୍ବରୁ ନିବେଦନ କରିଥିଲେ। ଇଣ୍ଡିଆନ ଅଏଲ କର୍ପୋରେସନର ନିର୍ଦ୍ଦେଶକ ଏହାକୁ ଗୁରୁତ୍ୱ ଦେଇ ପ୍ରାୟ ୬୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଉପକରଣ ପ୍ରଦାନ କରିଛନ୍ତି। ଜଗତସିଂହପୁର ବ୍ଲକର ୧୧୨ ଜଣ ଦିବ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଗାଡ଼ି, ଟ୍ରାଇସାଇକଲ, ୪୭ ଜଣ ବରିଷ୍ଠ ନାଗରିକଙ୍କୁ ଟ୍ରାଇସାଇକଲ, ଶ୍ରବଣ ଯନ୍ତ୍ର, ଅନ୍ୟାନ୍ୟ ଉପକରଣ, ନାଉଗାଁ ବ୍ଲକର ୪୪ ଜଣ ବିଦ୍ୟାଙ୍ଗଙ୍କୁ ବ୍ୟାଟେରୀ ଚାଳିତ ଗାଡ଼ି, ଟ୍ରାଇସାଇକଲ, ସମୁଦାୟ ୨୧୭ ଜଣ ବକ୍ତି ବିଶେଷଙ୍କୁ ଏବଂ ଅନ୍ୟାନ୍ୟ ଉପକରଣ ସମୁଦାୟ ୫୧୨ ଜଣଙ୍କୁ ଦିବ୍ୟାଙ୍ଗ ଉପକରଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାତିତ ଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ ଭୋଇ ବ୍ଲକ ଅଧ୍ୟକ୍ଷ କନକପ୍ରଭା ଲେଙ୍କା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଜଗତସିଂହପୁର ବ୍ଲକ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ଏବିଡିଓ ସୁନୀଲ କୁମାର ରାଉତରାୟ, ଇଣ୍ଡିଆନ ଅଏଲ ରିଫାଇନର ଆସିଷ୍ଟାଣ୍ଟ ମ୍ୟାନେଜର ସ୍ମୃତିରଞ୍ଜନ ମଲ୍ଲିକ, ଶ୍ରୀକୃଷ୍ଣ ଏକାଡେମୀର ପ୍ରଧାନ ଶିକ୍ଷକ ରାଇଚରଣ ତ୍ରିପାଠୀ, ଜୁନିୟର ମ୍ୟାନେଜର ବିକାଶ କୁମାର, ଅଡିଓଲୋଜିଷ୍ଟ ଗୁରୁଦତ୍ତ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

# ଗୋବିନ୍ଦପୁର ପାଣି ଟାଙ୍କି ଉଦ୍‌ଘାଟିତ



ଏରସମା,୨୧।୩(ସମିସ): ଏରସମା ବ୍ଲକ୍ ଅନ୍ତର୍ଗତ ନାରଦିଆ ପଞ୍ଚାୟତର ଗୋବିନ୍ଦପୁର ଠାରେ ଥିବା ଓଭର ପାଣି ଟାଙ୍କି ଉଦ୍‌ଘାଟନ ହୋଇଯାଇଛି। ଟାଙ୍କିରୁ ଗ୍ରାମବାସୀଙ୍କ ପାଇଁ ଜଳ ଅର୍ପଣ କରାଯାଇଛି। ଏହି ଟାଙ୍କିରୁ ପାଣି ନେଉଥିବା ନାରଦିଆ ପଞ୍ଚାୟତର ସମସ୍ତ ଗାଁ, ଜନକଡେଇପୂର୍ ପଞ୍ଚାୟତର ନରସିଂହପୁର, ଗମ୍ଭାରିକଣ, ବଳରାମପୁର , ସୋମପୁର ପଞ୍ଚାୟତର ଗାରଡମଲ୍ଲ, ଗଡ ବିଶୁନପୁର୍ ପଞ୍ଚାୟତର ତାଲଙ୍ଗ ଗ୍ରାମବାସୀଙ୍କ ପାଇଁ ଜଳ ଅର୍ପଣ କରାଯାଇଥିଲା। ମୁଖ୍ୟଅତିଥି ରୂପେ ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ଯୋଗ ଦେଇ ଜଳଅର୍ପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସ୍ଥାନୀୟ ବିଧାୟକ ଶାରଦା ପ୍ରସନ୍ନ ଜେନା ଯୋଗଦେଇ ଗ୍ରାମବାସୀ ବିଶୁଦ୍ଧ ଜଳକୁ ଅପଚୟ ନ କରି ନିଜେ ପିଇବା ପାଇଁ ବ୍ୟବହାର କରିବା ଉଚିତ୍ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପାନୀୟ ଜଳ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ପ୍ରକାଶ ଦାଶ, ଏରସମା ବ୍ଲକ୍ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମା ବିଡିଓ ଦାଶରଥି ଜେନା, ସ୍ଥାନୀୟ ସରପଞ୍ଚ ସୀମାଇ ଚରଣ ଭୋଳ, ସମିତିସଭ୍ୟ ପ୍ରଫୁଲ୍ଲ ପାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ ଯୋଗ ଦେଇ ଲୋକମାନେ ପିଇବା ପାଣିର ଅପବ୍ୟବହାର ନ କରିବାକୁ ଅନୁରୋଧ କରିଥିଲେ। ପାନୀୟ ଜଳ ଯୋଗାଣର ସହକାରୀ ଯନ୍ତ୍ରୀ ଗୁଲ୍ସନ୍ ମଲ୍ଲିକ, ବରିଷ୍ଠ ଯନ୍ତ୍ରୀ ପ୍ରମୋଦ ପରିଡ଼ା, ଯନ୍ତ୍ରୀ ତନ୍ମୟ ଦାସ ଯୋଗ ଦେଇ ସୁଦୂର ୫୦ କିଲୋମିଟର ଦୂର ଶିଖର ଠାରୁ ଦେବୀ ନଦୀରୁ ପାଣି ଅଣାଯାଇ ଆମ୍ବଶାଳଠାରେ ପରିଷ୍କାର କରାଯାଇ ପାଣିକୁ ଗ୍ରାମ ଗୁଡିକୁ ଯୋଗାଇ ଦିଆ ଯାଉଛି। ଏଣୁ ପାଣିକୁ ଅପବ୍ୟୟ ନ କରିବାକୁ ଉପସ୍ଥିତ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ପାଣିକୁ ନଷ୍ଟ ନ କରିବା ପାଇଁ ଏକ ଶପଥ କାର୍ଯ୍ୟକ୍ରମ କରାଯାଇଥିଲା। ଜଳ ହିଁ ଜୀବନ ଉପରେ କରାଯାଇଥିବା ପ୍ରବନ୍ଧରେ କୃତୀ ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଏମ୍‌ବିକେ, ସିଆର୍‌ପି ମାନେ ସହ ଯୋଗ କରିଥିଲେ।

ଜମି ଚିହ୍ନଟ ନେଇ ପ୍ରକ୍ରିୟା ଆରମ୍ଭ

# ନୂତନ ଚିନିକଳ ଆଶା ଉଜ୍ଜୀବିତ





ନୟାଗଡ଼,୨୧।୩(ସମିସ)

ନୟାଗଡ଼ରେ ନୂତନ ଚିନିକଳ ସ୍ଥାପନ ପାଇଁ ଆଶା ଉଜ୍ଜୀବିତ ହୋଇଛି। ଜମି ଚିହ୍ନଟ ନେଇ ଆଜିଠାରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପୁରୁଣା ଚିନିକଳ ପୁନରୁଦ୍ଧାର କିମ୍ବା ନୂତନ ଚିନିକଳ ପ୍ରତିଷ୍ଠା ନୟାଗଡ଼ବାସୀଙ୍କ ଦୀର୍ଘଦିନ ସ୍ୱପ୍ନ ରହିଛି। ନିର୍ବାଚନ ସମୟରେ ନେତାମାନେ ଚିନିକଳ ପ୍ରତିଷ୍ଠା କରିବାକୁ ବିଭିନ୍ନ ସମୟରେ ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିଛନ୍ତି। ୨୦୨୪ ନିର୍ବାଚନ ସମୟରେ ଚିନିକଳ ପ୍ରତିଷ୍ଠା କରିବାକୁ ବିଜେପି ପ୍ରତିଶ୍ରୁତି ଦେଇଥିଲା। ୨୦୨୪ ଡିସେମ୍ବର ମାସ ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଚିନିକଳ ପ୍ରତିଷ୍ଠା କରାଯିବ ବୋଲି କହିଥିଲେ। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କର ଓଡ଼ିଶା ଗସ୍ତ ସମୟରେ ନୟାଗଡ଼ରେ ଚିନିକଳ ପ୍ରତିଷ୍ଠା କରାଯିବ ବୋଲି ମଧ୍ୟ ଘୋଷଣା କରିଥିଲେ। ଶନିବାର ଇଣ୍ଡିଆନ୍ ପଟାସ୍ ଲିମିଟେଡ୍‌ର ଟେରକ୍ନିସିଆନ୍ ମନୀଷ ତ୍ୟାଗୀ, ଡେପୁଟି ଜେନେରାଲ୍ ମ୍ୟାନେଜର୍ ସଞ୍ଜୀବ ସିହ୍ନା, ଢେଙ୍କାନାଳ ଚିନିକଳର ମ୍ୟାନେଜିଂ ଡାଇରେକ୍ଟର ବିକାଶ କୁମାର ଚୌଧୁରୀ, ରାଜ୍ୟ ସମବାୟ ବିଭାଗ ଅଧିକାରୀ ଏବଂ ସାଂସଦ ସମ୍ବିତ ପାତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏ ନେଇ ସମୀକ୍ଷା ବୈଠକ କରି ଆଲୋଚନା କରିଛନ୍ତି। ଦୀର୍ଘ ଏକ ଘଣ୍ଟା ଆଲୋଚନା ପରେ ଜମି ଚିହ୍ନଟ ପାଇଁ ବିଭିନ୍ନ ସ୍ଥାନ ପରିଭ୍ରମଣ କରିଛନ୍ତି। ଚିନିକଳ ସ୍ଥାପନ ପାଇଁ ୭୦ ଏକର ଜାଗା ଆବଶ୍ୟକତା ଥିବାରୁ ଜିଲ୍ଲାପାଳ ମଧୁମିତା ରଥ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମ୍ପାଦାର, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ସମବାୟ ସମିତି ସମୂହ ଉପନିବନ୍ଧକ ପ୍ରାର୍ଥନା ପ୍ରିୟଦର୍ଶିନୀ ପ୍ରମୁଖଙ୍କ ସହିତ ଉଭୟ ଟିମ୍ ବିଭିନ୍ନ ଜାଗା ବୁଲି ଦେଖିଛନ୍ତି। ପ୍ରଥମେ ପାଣିପୋଇଲା ନିକଟ ଡ୍ୟାମ ପାଖରେ ଥିବା ସ୍ଥାନ ଦେଖିଥିଲେ। ପରେ ନୟାଗଡ଼ ବ୍ଲକ ଗମେଇ ନିକଟରେ ଥିବା ଅନ୍ୟ ଏକ ସ୍ଥାନ ଦେଖିଥିଲେ। ଏହା ସହ ଆଗାମୀ ଦିନରେ ଅନ୍ୟ ସ୍ଥାନ ମଧ୍ୟ ପରିଦର୍ଶନ କରିବା ଯୋଜନା ରହିଛି। ନୟାଗଡ଼ ଚିନିକଳ ଉପରେ ବିଭିନ୍ନ ମାମଲା ଥିବା ବେଳେ ଏହା ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାରୁ ଏହାର ପୁନରୁଦ୍ଧାର ପରିବର୍ତ୍ତେ ନୂତନ ଚିନିକଳ ପ୍ରତିଷ୍ଠା ଠିକ୍ ହେବ ବୋଲି ଟିମ୍ ଅନୁଭବ କରିଛି। କେଉଁ ସ୍ଥାନରେ ନୂତନ ଚିନିକଳ ନିର୍ମାଣ ହେବ ତାହା ସର୍ଭେ ପରେ ନିଷ୍ପତ୍ତି ବୋଲି ଟିମ୍ ଅଧିକାରୀମାନେ କହିଛନ୍ତି। ଆଇପିଏଲ୍ ଢେଙ୍କାନାଳ ସୁଗାର୍ ମିଲ୍ ଏବଂ କଳାହାଣ୍ଡିରେ ଥର୍ମାଲ୍ ପ୍ଲାଣ୍ଟ ଚଳାଉଥିବାରୁ ନୟାଗଡ଼ରେ ଅତିଶୀଘ୍ର ଚିନିକଳ କାର୍ଯ୍ୟ ଆରମ୍ଭ ହେବ ବୋଲି ସସସ୍ତେ ଆଶା ରଖିଛନ୍ତି।

## ପାଣିପୋଇଲାରେ ନିର୍ମାଣ ପାଇଁ ଲୋକଙ୍କ ଦାବି

ନୟାଗଡ଼ ଜିଲ୍ଲା ପାଣିପୋଇଲାରେ ନୂତନ ଚିନିକଳ ସ୍ଥାପନ ପାଇଁ ଦୀର୍ଘଦିନରୁ ସ୍ଥାନୀୟ ବାସିନ୍ଦା ଦାବି କରି ଆସୁଛନ୍ତି। ଏହାସହ ଚିନିକଳ କ୍ରିୟାନୁଷ୍ଠାନ କମିଟି ମଧ୍ୟ ଏ ନେଇ ବହୁ ପୂର୍ବରୁ ଦାବି କରି ଆସୁଛି। ପୁରୁଣା ଚିନକଳ ସହ ଲୋକଙ୍କ ଭାବାବେଗ ଯୋଡ଼ି ହୋଇ ରହିଛି। ପୁରୁଣା ଚିନିକଳକୁ ଲାଗି ରାସୋଳ ମୌଜାରେ ବହୁ ସରକାରୀ ଜମି ରହିଛି। ଏହି ସ୍ଥାନରେ ନୂତନ ଚିନିକଳ ସ୍ଥାପନ କଲେ ପାଣିର ଅଭାବ ମଧ୍ୟ ରହିବ ନାହିଁ। ନିକଟରେ ଥିବା ଡ୍ୟାମ୍ ଆବଶ୍ୟକତା ପୂରଣ କରିପାରିବ। ଏହାସହ ଏହି ସ୍ଥାନ ନୟାଗଡ଼ ଖଣ୍ଡପଡ଼ା ମୁଖ୍ୟ ରାସ୍ତାର ଅନତି ଦୂରରେ ଥିବାରୁ ଯାତାୟାତ ସୁବିଧା ମଧ୍ୟ ହେବ। ତେଣୁ ଏଠାରେ ଚିନିକଳ ସ୍ଥାପନ କରିବାକୁ ଦାବି ହେଉଛି।

## ହଣାହଣି ହୋଇ ମା’ ଓ ଝିଅ ଗୁରୁତର

**ନୟାଗଡ଼,୨୧।୩(ସମିସ):** ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା କଲ୍ୟାଣପୁର ଗାଁରେ ଶନିବାର ମା’ ଓ ଝିଅ ହଣାହଣି ହୋଇ ଗୁରୁତର ହୋଇଛନ୍ତି। ଉଭୟଙ୍କ ମାନସିକ ଅବସ୍ଥା ଠିକ ନ ଥିଲା ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ମା’ କୁନି ସାହୁ ଓ ଝିଅ ପଦ୍ମାବତୀ ସାହୁଙ୍କ ମଧ୍ୟରେ କୌଣସି କାରଣ ନେଇ ଗଣ୍ଡଗୋଳ ହୋଇଥିଲା। ମାରଣାସ୍ତ୍ରରେ ଉଭୟ ପରସ୍ପରକୁ ଆକ୍ରମଣ କରିବାରୁ ପରିସ୍ଥିତି ଭୟଙ୍କର ହୋଇଥିଲା। ରକ୍ତାକ୍ତ ଅବସ୍ଥାରେ ମା’ ଓ ଝିଅଙ୍କୁ ଉଦ୍ଧାର କରି ସ୍ଥାନୀୟ ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

## ଗୋଷ୍ଠିଗତ ଦିବ୍ୟାଙ୍ଗ ସଚେତନତା ଶିବିର



**ଓଡ଼ଗାଁ,୨୧।୩(ସମିସ):** ଓଡ଼ଗାଁ ବ୍ଲକ ରାବରା ପଞ୍ଚାୟତ ସଭାଗୃହରେ ଶୁକ୍ରବାର ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ତରଫରୁ ଗୋଷ୍ଠିଗତ ଦିବ୍ୟାଙ୍ଗ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଦିବ୍ୟାଙ୍ଗ ଶିଶୁଙ୍କୁ ସହଜରେ ଚିହ୍ନଟ କରିବା, ସେମାନଙ୍କୁ ବିଦ୍ୟାଳୟକୁ ଆଣିବା ପାଇଁ ବ୍ୟବସ୍ଥା କରିବା, ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା, ସରକାରଙ୍କ ତରଫରୁ ମିଳୁଥିବା ବିଭିନ୍ନ ସୁବିଧା ବିଷୟରେ ଡିଡିଆରସିର ସ୍ୱତନ୍ତ୍ର ଶିକ୍ଷକ ରାମେଶ୍ୱର ପାତ୍ର ବୁଝାଇଥିଲେ। ୪୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମମାନେ ରାଜ୍ୟ ସରକାରଙ୍କଠାରୁ ମିଳୁଥିବା ମଧୁବାବୁ ପେନସନ ଯୋଜନାରେ କିପରି ସାମିଲ ହେବେ ଓ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ମିଳୁଥିବା ସହାୟତା ଓ ସେମାନେ କିପରି ପାଠ ପଢ଼ିପାରିବେ ସେ ନେଇ ରାବରା ସରପଞ୍ଚ କୃଷ୍ଣଚନ୍ଦ୍ର ସେନାପତି ବୁଝାଇଥିଲେ। ଶିବିରରେ ରାବରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରହଲ୍ଲାଦ ପ୍ରଧାନ, ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ମାନସିକ ଅନଗ୍ରସର ବିଭାଗ ସ୍ୱତନ୍ତ୍ର ଶିକ୍ଷୟିତ୍ରୀ ସାଗରିକା ସାହୁ, ଫିଜିଓଥେରାପିଷ୍ଟ ଡା. ଅଭିଳାଷ ଦାଶ, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବିଶେଷଜ୍ଞ ଡା. ପ୍ରଭୁଦତ୍ତ ପଣ୍ଡା ଯୋଗଦେଇଥିଲେ।

## ଇଦ୍-ଉଲ୍-ଫିତର୍ ପର୍ବ ପାଳିତ



**ନୟାଗଡ଼,୨୧।୩(ସମିସ):** ମାସାଧିକ କାଳ କଠିନ ବ୍ରତ ପରେ ଶୁକ୍ରବାର ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ ପରେ ସିନ୍ଦୂରିଆ ମୁସଲିମ ଭାଇ ଭଉଣୀମାନେ ଶନିବାର ଇଦ୍-ଉଲ୍-ଫିତର୍ ପର୍ବ ପାଳନ କରିଛନ୍ତି। ଏହି ଅବସରରେ ଘରେ ଘରେ ଲଚ୍ଛା, ସିମିଆ ଓ ସର୍ବତ ପ୍ରସ୍ତୁତ କରାଯିବା ସହ ଭୋଜିଭାତ ହୋଇଥିଲା। ପୁରୁଷମାନେ ସକାଳୁ ନିତ୍ୟକର୍ମ ସାରି ନୂତନ ପୋଷାକ ପରିଧାନ କରି ଇଦ୍ ନମାଜ ପାଇଁ ଇଦଗାହ୍ ଅଭିମୁଖେ ବାହାରିଥିଲେ। ମୌଲାନା ତଥା ଧର୍ମଗୁରୁ ଜଲାଲୁଦ୍ଦିନ୍ ମିଫତାହି ଇଦ୍ ନମାଜ ପଢ଼ାଇଥିଲେ। ନୟାଗଡ଼ ସହର, ସିନ୍ଦୂରିଆ ତଥା ଆଖପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ସାମୂହିକ ନମାଜ ପାଠ କରି ନିଜ ପାପର କ୍ଷମା ପ୍ରାର୍ଥନା ସହିତ ବିଶ୍ୱ କଲ୍ୟାଣ ଓ ଦେଶ ତଥା ସମାଜର ଭାଇଚାରା ଏବଂ ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ। ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ତଥା ବିଧାୟକ ଡ. ଅରୁଣ କୁମାର ସାହୁ, ରଣଜିତ୍ ଦାଶ ପ୍ରମୁଖ ଓ ସିନ୍ଦୂରିଆ ଗ୍ରାମରେ ପହଞ୍ଚି ମୁସଲିମ ଭାଇମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ମା’ ତାରିଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଶରଣକୁଳ,୨୧।୩(ସମିସ):** ଶରଣକୁଳ ଭିକାରିପଡ଼ାରେ ପ୍ରତିଷ୍ଠିତ ମା’ ତାରିଣୀ ଦେବୀଙ୍କ ପୀଠରେ ତିନି ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ମହାସମାରୋହରେ ଆରମ୍ଭ ହୋଇଥିବା ବେଳେ ଶନିବାର ପୂର୍ଣ୍ଣାହୁତି ହୋଇଛି। ଗୁରୁବାର ସକାଳେ ବେଦଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞ ପୀଠରେ ଅଙ୍କୁରରୋପଣ କରାଯାଇ ନିକଟସ୍ଥ କୁସୁମୀ ନଦୀରୁ ଗ୍ରାମର ମହିଳା ଓ ପୁରୁଷ ମିଶି ୧୦୮ କଳସ ଜଳ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ସହିତ ଲଡୁବାବାଙ୍କ ମନ୍ଦିର ବେଢ଼ା ବୁଲି ମା’ଙ୍କ ପୀଠରେ ପହଞ୍ଚି ଘଟ ସ୍ଥାପନ କରିଥିଲେ। ଶୁକ୍ରବାର ସକାଳେ ପୂଜାର୍ଚ୍ଚନା କରାଯାଇ ଯଜ୍ଞକୁଣ୍ଡରେରେ ଅଗ୍ନି ସ୍ଥାପନ ପୂର୍ବକ ସମସ୍ତ ଦେବାଦେବୀଙ୍କୁ ଘୃତାହୂତି ପ୍ରଦାନ କରାଯାଇଥିଲା। ଦୁଇଦିନ ଧରି ଆଖ ପାଖ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିବା ବେଳେ ଶୁକ୍ରବାର ଅପରାହ୍ନ ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପୌରାଣିକ ନାଟକ ରାବଣ ବଦ୍ଧ ଓ ଶନିବାର ଅପରାହ୍ନରେ ପୌରାଣିକ ନାଟକ ସୀତାଚୋରି ପରିବେଷଣ କରାଯାଇଥିଲା।

## ଅଗ୍ନି ବିପନ୍ନ ପରିବାରକୁ ଭେଟିଲେ ବିଧାୟକ

**ଗଣିଆ,୨୧।୩(ସମିସ):** ଗଣିଆ ବ୍ଲକ ବେଲପଡ଼ାପାଟଣା ପଞ୍ଚାୟତ ରାଉତପଡ଼ା ଗ୍ରାମରେ ଶୁକ୍ରବାର ବିଦ୍ୟୁତ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ଦୁଇ ପରିବାରର ୩ ବଖରା ଘର ସହ ନଗଦ ୨ ଲକ୍ଷ ଟଙ୍କା, ସୁନାରୁପା ଅଳଙ୍କାର, ଆସବାବପତ୍ର, ଧାନ ଚାଉଳ ପୋଡ଼ି ପାଉଁଶ ହୋଇଛି। ଗ୍ରାମର ପ୍ରତାପ ସାହୁ ଏବଂ ପ୍ରଦୀପ ସାହୁଙ୍କ ଘରେ ନିଆଁ ଲାଗିଥିଲା। ବାସହୀନ ପରିବାର ଅଙ୍ଗନବାଡ଼ି କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି। ଶନିବାର ସନ୍ଧ୍ୟାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ପଟ୍ଟା ମିଳି ନ ଥିବାରୁ ସେମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ପରିବାର ଲୋକେ ବିଧାୟକଙ୍କୁ ଅବଗତ କରିଛନ୍ତି। ସହାୟତା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ତହସିଲଦାର, ବିଡିଓଙ୍କ ସହ ଆଲୋଚନା କରି ତୁରନ୍ତ ପଟ୍ଟା ପ୍ରଦାନ କରିବାକୁ ଚେଷ୍ଟା କରିବେ ବୋଲି ବିଧାୟକ କହିଛନ୍ତି। ବିଧାୟକଙ୍କ ତରଫରୁ ବିପନ୍ନଙ୍କୁ ଲୁଗା, ଗାମୁଛା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଚୁଡ଼ା, ଚାଉଳ ଆଦି ପ୍ରଦାନ କରାଯାଇଛି।



ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ପୂର୍ବତନ କିଶୋର ପ୍ରସାଦ ସରପଞ୍ଚ ପ୍ରଫୁଲ୍ଲ କୁମାର ବେହେରା, ପୂର୍ବତନ ଆଡ଼କଟା ସମିତି ସଭ୍ୟ ଚନ୍ଦ୍ରଶେଖର ସାହୁ, ବିଜେଡି ବେଲପଡ଼ାପାଟଣା ପଞ୍ଚାୟତ ସଭାପତି ସୁଧାଂଶୁ ଗଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଲୋକ ଅଧିକାର ଅଭିଯାନକୁ ସ୍ୱାଗତ



**ନୟାଗଡ଼,୨୧।୩(ସମିସ):** ଜମି ଜଳ ଜଙ୍ଗଲର ସୁରକ୍ଷା ଓ ଲୋକ ଅଧିକାରର ସୁରକ୍ଷା ପାଇଁ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟଙ୍କ ନେତୃତ୍ୱରେ ଚାଲିଥିବା ରାଜ୍ୟବ୍ୟାପୀ ଅଭିଯାନ କ୍ରମେ ଆଜି ନୟାଗଡ଼ରେ ପହଞ୍ଚିବା ଅବସରରେ କେସିକ୍ଳବଠାରେ ସମାଜସେବୀ ପ୍ରମୋଦ ପଟ୍ଟନାୟକ ଓ ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରକୃତି ବନ୍ଧୁ ସୁକାନ୍ତ ଚୌଧୁରୀ ଓ କୃଷକ ନେତା ପବିତ୍ର ଇନ୍ଦ୍ରଜିତ ଅଭିଯାତ୍ରୀ ଦଳକୁ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍?ାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କର୍ପୋରେଟ୍ ପୁଞ୍ଜିର ସ୍?ାର୍ଥ ସାଧନ ପାଇଁ ଜମି ଜଳ ଜଙ୍ଗଲ ଉପରେ ଚାଲିଥିବା ପ୍ରାୟୋଜିତ ଆକ୍ରମଣ ଯେକେତେ ବଡ଼ ଦାନବୀୟ କ୍ଷତି କରିଚାଲିଛି ଆଉ କେନ୍ଦ୍ର ଓ ରାଜ୍ୟ ସରକାର ଏହାର ମୁଖ୍ୟ ପୃଷ୍ଠପୋଷକ ସାଜିଛନ୍ତି, ଏହାର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରିଥିଲେ ଆନ୍ଦୋଳନର ମୁଖ୍ୟ ସାମନ୍ତରାୟ। ଶିକ୍ଷାବିତ ଅନାଦି ଚରଣ ମହାନ୍ତି ଅଭିଯାନକୁ ସଫଳ କରିବାକୁ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଅଭିଯାତ୍ରୀ ଦଳର ଅନ୍ୟତମ ନେତୃତ୍ୱ ଶ୍ରୀଯୁକ୍ତ ବିଶ୍ୱଜିତ ଏବଂ ନରେନ୍ଦ୍ର ମହାନ୍ତି ମଞ୍ଚାସୀନ ହୋଇ ସମ୍ବର୍ଦ୍ଧନାର ଉତ୍ତର ଦେଇଥିଲେ।

**ଗଣିଆ:** ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଲୋକଶକ୍ତି ଅଭିଯାନ ତରଫରୁ ଲୋକ ଅଧିକାର ଯାତ୍ରା ଅନୁଷ୍ଠିତ ହେଉଛି। ଏହି ଯାତ୍ରା ଫେବୃଆରୀ ୨୫ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏକ ବସ୍ ଯୋଗେ ଓଡ଼ିଶାର ୨୧ ଜିଲ୍ଲା ପରିଭ୍ରମଣ କରି ଶନିବାର ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକରେ ପହଞ୍ଚିଥିଲେ। ଗଣିଆ ବ୍ଲକର ଗାନ୍ଧୀ ଛକରେ ପଥପ୍ରାନ୍ତ ସଭା କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ପ୍ରାକୃତିକ ସମ୍ପଦର ସୁରକ୍ଷା, ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ରାଷ୍ଟ୍ର ଦମନ ବନ୍ଦ କରିବା, ସମସ୍ତଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା, ବ୍ୟାପକ ନିଯୁକ୍ତି ସୃଷ୍ଟି, ନୂତନ ବକ୍ସାଇଟ ଖଣି ଖନନକୁ ସମ୍ପୂର୍ଣ୍ଣ ନିଷେଧ, ରାଜ୍ୟକୁ ପ୍ରଦୂଷଣମୁକ୍ତ କରିବା, ବିକାଶ ନାମରେ ଜଳ, ଜଙ୍ଗଲ ଓ ଜମିକୁ ଶେଷ ନ କରିବା ତଥା ଆଦିବାସୀ ଦଳିତଙ୍କ ସାମ୍ବିଧାନିକ ଅଧିକାରକୁ କାର୍ଯ୍ୟକାରୀ କରିବାକୁ ସେମାନେ ସଚେତନ କରିଥିଲେ। ରାଜନୈତିକ ନେତା, କର୍ମୀ, ବୁଦ୍ଧିଜୀବୀ, ପ୍ରଶାସକ ଓ ନାଗରିକ ମାନେ ଜାଗ୍ରତ ହେବା ପାଇଁ ଏହି ଯାତ୍ରା ମାଧ୍ୟମରେ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶ ବିତ୍ ତଥା ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା, ଜନ ଆନ୍ଦୋଳନ ଓଡ଼ିଶା ଶାଖା ଆବାହକ ନରେନ୍ଦ୍ର ମହାନ୍ତି, ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ବୀର ପ୍ରତାପ ଦାଶ, ଜନସ୍ୱାସ୍ଥ୍ୟ ଅଭିଯାନର ଆବାହକ ଗୌରାଙ୍ଗ ମହାପାତ୍ର, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ, ସାମାଜିକ କର୍ମୀ ଆନନ୍ଦ ଚନ୍ଦ୍ର ବେହେରାଙ୍କ ସମେତ ବହୁ ବୁଦ୍ଧିଜୀବୀ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ରାଜ୍ୟ ତୈଳିକ ବୈଶ୍ୟ ମହାସଭା ଉଦ୍‌ଘାଟିତ



**ଭାପୁର,୨୧।୩(ସମିସ):** ଭାପୁର ବ୍ଲକ ପଦ୍ମାବତୀ ଗ୍ରାମ କଲ୍ୟାଣ ମଣ୍ଡପରେ ଶନିବାର ସନ୍ଧ୍ୟାରେ ଏକାଦଶ ରାଜ୍ୟ ତୈଳିକ ବୈଶ୍ୟ ମହାସଭା ଉଦଘାଟିତ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ଶନିବାର ସନ୍ଧ୍ୟାରେ କର୍ମକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଛି। ରବିବାର ସାଧାରଣ ଅଧିବେଶନ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ସ୍ଥାନରୁ ତୈଳିକ ବୈଶ୍ୟ ସମାଜର ଶତାଧିକ ବ୍ୟକ୍ତି ଯୋଗଦେଇଛନ୍ତି।

## ଫତେଗଡ଼ ରାମ ମନ୍ଦିରରେ ଆୟୋଜିତ ‘ମର୍ଯ୍ୟଦା’ର ତୃତୀୟ ସନ୍ଧ୍ୟା

**ଭାପୁର,୨୧।୩(ସମିସ):** ଫତେଗଡ଼ ଶ୍ରୀରାମ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଉପଲକ୍ଷେ ମନ୍ଦିର ପରିଚାଳନା କମିଟି ତରଫରୁ ‘ମର୍ଯ୍ୟାଦା’ କାର୍ଯ୍ୟକ୍ରମ ନବଦିନ ବ୍ୟାପୀ ଆୟୋଜିତ ହେଉଛି। ଶନିବାର ତୃତୀୟ ସନ୍ଧ୍ୟାରେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନରେ ଶ୍ରୀରାମଚନ୍ଦ୍ରଙ୍କ ଶିବଧନୁ ଭଙ୍ଗ, ସୀତା ବିବାହ ବିଷୟରେ ପ୍ରବଚକ ତ୍ରିଦଣ୍ଡୀ ସ୍ୱାମୀ ଭକ୍ତି ଗୌରବ ସଚ୍ଚିଦାନନ୍ଦ ମହାରାଜ ବିସ୍ତୃତ ଭାବେ ପରିବେଷଣ କରିଥିଲେ। ଶୁକ୍ରବାର ସକାଳେ ସୂର୍ଯ୍ୟପୂଜା ପରେ ଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଭଜନ ପରିବେଷଣ ପରେ ପାରାୟଣ ପ୍ରବଚନ ହୋଇଥିଲା। ବ୍ୟାସ ଭାବେ ସୂର୍ଯ୍ୟନାରାୟଣ ଦେଓ, ଆଚାର୍ଯ୍ୟ ଶ୍ରୀନିବାସ ଦାଶ ରହିଥିଲେ। ମନ୍ଦିର ମୁଖ୍ୟ ପୂଜକ ସୁଶାନ୍ତ କୁମାର କର ସାଧୁସନ୍ଥମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।



● ବରୁଣେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ ବୋଦସା



**କଣ୍ଟିଲୋ,୨୧।୩(ସମିସ):** ବରୁଣେଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ପଲଟନ ପଡ଼ିଆରେ ଚାଲିଥିବା ଗ୍ରୀଷ୍ମକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ ଗୋଲାସାହି (ବୋଦସା) ଓ ଲକ୍ଷ୍ମୀପ୍ରସାଦ (ନୂଆଗାଁ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୋଦସା ଟିମ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଲକ୍ଷ୍ମୀପ୍ରସାଦକୁ ଏକତରଫା ଭାବେ ୧୦ ଉଇକେଟରେ ପରାସ୍ତ କରିଛି ବୋଦସା ଦଳ। ୧୫ ଓଭର ବିଶିଷ୍ଟ ମ୍ୟାଚରେ ଟସ ଜିତି ଲକ୍ଷ୍ମୀପ୍ରସାଦ ଦଳ ପ୍ରଥମେ ବ୍ୟାଟିଂ କରି ୧୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୫୪ ରନ ସଂଗ୍ରହ କରିଥିଲା। ବୋଦସା ଗଳ କୌଣସି ଉଇକେଟ ନ ହରାଇ ମାତ୍ର ୫.୫ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ବିଜୟୀ ଦଳର ବଳିଆ ସାହୁ ୧୩ ବଲରୁ ଦ୍ରୁତ ୩୪ ରନର ଇନିଂସ ଖେଳି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଅମ୍ପାୟର ସମୀର ଦଳେଇ ଓ ସନ୍ତୋଷ ବେହେରା ମ୍ୟାଚ ପରିଚାଳନା କରିଥିଲେ। ରାଜେନ୍ଦ୍ର ଦଳେଇ ଓ ଆଶୁତୋଷ ବାରିକ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ରାଜା ଦଳେଇ ଓ ସନ୍ତୋଷ ବେହେରା ସ୍କୋର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ କଣ୍ଟିଲୋ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ମାନସ କୁମାର ସାହୁ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବରୁଣେଇ ଓ ବଡ଼ବାଣପୁର ଦଳ ମଧ୍ୟରେ ଖେଳାଯିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ

# ବିଲୁପ୍ତ ଜଙ୍ଗଲ ଓ ପ୍ରାଣୀ ସୁରକ୍ଷା ପାଇଁ ସଙ୍କଳ୍ପ

ଓଡ଼ଗାଁ,୨୧।୩(ସମିସ)

ନୟାଗଡ଼ ବନଖଣ୍ଡ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ ଶନିବାର ଓଡ଼ଗାଁ ବନାଞ୍ଚଳ କୋମଣ୍ଡ ପଲିଟେକ୍ନିକ କଲେଜ ପରିସରରେ ଆୟୋଜିତ ହୋଇଛି। ଚଳିତ ବର୍ଷ “ଜଙ୍ଗଲ ଏବଂ ଅର୍ଥନୀତି’ ବିଷୟକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଲୁପ୍ତ ହେଉଥିବା ଜଙ୍ଗଲ, ବନ୍ୟପ୍ରାଣୀ, ପକ୍ଷୀ ଓ ମୃତ୍ତିକାର ପୁନରୁଦ୍ଧାର ପାଇଁ ସମସ୍ତେ ସଙ୍କଳ୍ପ ନେଇଥିଲେ। କଲେଜ ଅଧ୍ୟକ୍ଷ ସର୍ବେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା, ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ସହକାରୀ ବନ ସଂରକ୍ଷକ ହିମାଂଶୁ ଶେଖର ମୁଦୁଲି, ଡ. ସତ୍ୟଜିତ କର, ଅମ୍ରିତ କୁମାର ସାହୁ, ଚୂଡ଼ାରାଣୀ ମୁର୍ମୁ, ସେତୁ ରଜନୀ ଗମାଙ୍ଗ ଓ ପ୍ରକୃତିବନ୍ଧୁ କବି ପ୍ରଫୁଲ୍ଲ ମାଝି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବକ୍ତାମାନେ ଜଙ୍ଗଲକୁ ବିକଳ୍ପ ଅର୍ଥନୀତିର ମୂଳ ମାଧ୍ୟମ ଭାବେ ଗଢ଼ି ତୋଳିବା ଉପରେ ଜୋର ଦେଇଥିଲେ। ଜଙ୍ଗଲ ଅଞ୍ଚଳରେ ଇକୋ ଟୁରିଜିମ୍ ବିକାଶ ହେଲେ ସ୍ଥାନୀୟ ଲୋକଙ୍କ ପାଇଁ କାମ ସୃଷ୍ଟି ହେବା ସହ ରୋଜଗାର ବୃଦ୍ଧି ଓ ଆତ୍ମନିର୍ଭରତା ବଢ଼ିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଜିଲ୍ଲାର ୩ ଶହରୁ ଅଧିକ ବନ ସୁରକ୍ଷା ସମିତି ମଧ୍ୟରୁ ଉତ୍କୃଷ୍ଟ କାର୍ଯ୍ୟ ପାଇଁ ଗୋଛାର ମା’ ବାଦେରୀ, ବାଣ୍ଡପୁର ମା’ ଅନ୍ଧାରବାଉତୀ, ଭୋବସର ମା’ ଅନ୍ଧାରବାଉତୀ, ଅଁଳାପାଟ ଯୋଗିଯୋଗିଆଣୀ, ଚଢ଼କମରା ମା’ ବନଦୁର୍ଗା, ସଂପଡ଼ା ବାଲୁଙ୍କେଶ୍ୱର ମହାଦେବ, ମହିପୁର ବାରପଲ୍ଲା, ମହୁକଣ ମା’ ମଙ୍ଗଳା ଓ ନେନ୍ଦିରିଝରୀକୁ ପୁରସ୍କୃତ କରାଯାଇଥିଲା। ଏଥିସହ ଆୟୋଜନରେ ସହଯୋଗ କରିଥିବା ଶିକ୍ଷା ଭାରତୀ ଟ୍ରଷ୍ଟକୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅବସରରେ “ପରିବେଶ ଓ ପର୍ଯ୍ୟଟନ’ ଉପରେ ଚିତ୍ରାଙ୍କନ, “ଜଙ୍ଗଲ ସୁରକ୍ଷା ଆମର ଦାୟିତ୍ୱ’ ବିଷୟରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତ୍ୟେକ ବିଭାଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୯ ଜଣ ପ୍ରତିଯୋଗୀଙ୍କୁ ଅତିଥି ସମ୍ମାନିତ କରିଥିଲେ। ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଞ୍ଚାନନ ପଣ୍ଡା ଓ ରଞ୍ଜନ କୁମାର ଦାଶ ସଂଯୋଜନା କରିଥିଲେ। ଶେଷରେ ପଲିଟେକ୍ନିକ ଜନସମ୍ପର୍କ ଅଧିକାରୀ ଗୋଲକ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।



### ୯ ବନ ସୁରକ୍ଷା ସମିତି ପୁରସ୍କୃତ

## ରାଜ୍ୟ ସ୍ତରରେ ସମ୍ବର୍ଦ୍ଧିତ ହେଲେ ବନରକ୍ଷୀ



**ନୟାଗଡ଼,୨୧।୩(ସମିସ):** ବିଶ୍ୱ ବନ ଦିବସ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଲୋକସେବା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମ୍ମାନିତ ଅତିଥି ବାବେ ଜଙ୍ଗଲ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପିସିସିଏଫ୍‌ଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବନ୍ୟପ୍ରାଣୀ ସୁରକ୍ଷା ଓ ପରିଚାଳନା ପାଇଁ ନୟାଗଡ଼ ବନରକ୍ଷୀ ଜିତେନ୍ଦ୍ର କୁମାର ବେହେରାଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଛି। ନୟାଗଡ଼ ବନାଞ୍ଚଳ ଅଧୀନରେ କାର୍ଯ୍ୟ କରୁଥିବା ଜିତେନ୍ଦ୍ରଙ୍କୁ ସ୍ୱର୍ଣ୍ଣପଦକ, ମାନପତ୍ର ସହ ୧୦ ହଜାର ଟଙ୍କା ପୁରସ୍କାର ମିଳିଛି।

## ଚରମ ସୀମାରେ କୃଷକ ସାଥୀ ଓ କୃଷି ଅଧିକାରୀଙ୍କ ତୁ ତୁ ମେ ମେ

# ନ୍ୟାୟ ଅପେକ୍ଷାରେ ୩ କୃଷକ ସାଥୀ

ବନ୍ତ/ଆଗରପଡ଼ା,୨୧।୩(ସମିସ)



ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ କୃଷି ଅଧିକାରୀ ଓ କୃଷକ ସାଥୀଙ୍କ ମଧ୍ୟରେ ଚାଲିଥିବା ତୁ ତୁ ମେ ମେ ଚରମ ସୀମାରେ ପହଞ୍ଚିଥିବାବେଳେ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ନ୍ୟାୟ ଅପେକ୍ଷାରେ ୩ ଅଭିଯୋଗକାରୀ କୃଷକ ସାଥୀ ଥିବା ଜଣାପଡ଼ିଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଅଧୀନ ଆଡ଼ିଆ ପଞ୍ଚାୟତ କୃଷକ ସାଥୀ ରାଧାକୃଷ୍ଣ ଆଇଚ, ଗୋବିନ୍ଦପୁର ପଞ୍ଚାୟତ କୃଷକ ସାଥୀ ପର୍ଶୁରାମ ପଣ୍ଡା, ତୋଡ଼ଗାଁ ପଞ୍ଚାୟତ କୃଷକ ସାଥୀ ଭରତ ଚନ୍ଦ୍ର ପହିଙ୍କୁ ଆକ୍ରୋଶମୂଳକ ଭାବେ ୨୦୨୫ ଏପ୍ରିଲ ମାସଠାରୁ ଅଦ୍ୟାବଧି ଏକବର୍ଷ ହେବ ମାସିକ ପ୍ରୋତ୍ସାହନ ରାଶି ବ୍ଲକ୍ ପକ୍ଷରୁ ପ୍ରଦାନ କରାଯାଉନାହିଁ। ବନ୍ତ ବ୍ଲକ୍‌ର ୨୫ ପଞ୍ଚାୟତର ପ୍ରାୟ ୪୦ ଜଣ କୃଷକ ସାଥୀଙ୍କୁ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଥିବାବେଳେ ଅନ୍ୟାୟ ବିରୋଧରେ ପ୍ରତିବାଦ କରିବା ଏବଂ ସୂଚନା ଅଧିକାର ଆଇନରେ ସୂଚନା ମାଗିବାରୁ ଏହି ୩ ଜଣ କୃଷକ ସାଥୀଙ୍କୁ ଆକ୍ରୋଶମୂଳକ ଭାବେ ଦୀର୍ଘ ଏକ ବର୍ଷ ହେବ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉନାହିଁ।

ବ୍ଲକ୍ କୃଷି ଅଧିକାରୀଙ୍କ ମନୋମୁଖୀ କାର୍ଯ୍ୟ, କାର୍ଯ୍ୟାଳୟରେ ବିଭିନ୍ନ ଅନିୟମିତତା ଏବଂ ସମ୍ପୃକ୍ତ ୩ ଜଣ କୃଷକ ସାଥୀଙ୍କୁ ୧୦ ମାସ ହେବ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ କରା ନ ଯିବା ନେଇ ଗତ ଜାନୁଆରୀ ୨୬ରେ ଜିଲ୍ଲାପାଳ, ଜିଲ୍ଲା କୃଷି ଅଧିକାରୀ, ଫେବୃଆରୀ ୨ରେ ଜିଲ୍ଲାପାଳ, ଫେବୃଆରୀ ୬ ଓ ୧୧ରେ ଓଡ଼ିଶା କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକ ଓ ପ୍ରମୁଖ ସଚିବ, ଯୁଗ୍ମ ନିର୍ଦ୍ଦେଶକ(ପ୍ରଶାସନ), ଯୁଗ୍ମ ସଚିବଙ୍କୁ ଅଭିଯୋଗ କରାଯାଇଥିଲା। ଫେବୃଆରୀ ୧୬ରେ ବନ୍ତ ବ୍ଲକ୍‌ରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ କରାଯାଇଛି। ଫେବୃଆରୀ ୧୬ରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ କେତେକ ଚାଷୀ ସମ୍ପୃକ୍ତ ୪ ଜଣ କୃଷକ ସାଥୀଙ୍କ ବିରୋଧରେ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି

### ବାରମ୍ବାର ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ୍

ଫେବୃଆରୀ ୨୦ରେ ଜିଲ୍ଲାପାଳଙ୍କଠାରେ କୃଷକ ସାଥୀ ରାଧାକାନ୍ତ ଆଇଚ, ପର୍ଶୁରାମ ପଣ୍ଡା, ଭରତ ଚନ୍ଦ୍ର ପହି ଓ ଜୟଦେବ ସିଂହ ଅଭିଯୋଗ କରିଥିଲେ। ପରେ ସମ୍ପୃକ୍ତ କୃଷକ ସାଥୀଙ୍କ ବିରୋଧରେ ଗତ ଫେବୃଆରୀ ୧୬ରେ କେତେକ ଚାଷୀଙ୍କ ଦ୍ୱାରା ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ କରାଯାଇଥିବା ଅଭିଯୋଗ ଫର୍ଦ୍ଦରେ ଜାଲ୍ ଦସ୍ତଖତ ମରାଯାଇଥିବା ଓ ବହୁ ଚାଷୀ ନିଜ ଦସ୍ତଖତକୁ ବାରମ୍ବାର କରିଥିବା ଜଣାପଡ଼ିବା ପରେ ଏହାର ଏକକିତା ନକଲ ଏବଂ ବ୍ଲକ୍ କୃଷି ଅଧିକାରୀଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଅନିୟମିତତାକୁ ନେଇ ଗତ ୨ ତାରିଖରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ପୁନର୍ବାର ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ଜିଲ୍ଲାପାଳ ଅଭିଯୋଗକାରୀଙ୍କ ଅଭିଯୋଗକୁ ଗ୍ରହଣ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଏଡିଓ, ଭଦ୍ରକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅଭିଯୋଗ ହେଉଛି କିନ୍ତୁ ଏହା ଉପରେ କୋଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଦୀର୍ଘ ଏକ ବର୍ଷ ହେବ କୃଷକ ସାଥୀ ପ୍ରୋତ୍ସାହନ ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଜିଲ୍ଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀ କୃଷକ ସାଥୀ ଓ କୃଷି ଅଧିକାରୀଙ୍କ ମଧ୍ୟରେ ଲାଗି ରହିଥିବା ତୁ ତୁ ମେ ମେର ଏକ ନିରପେକ୍ଷ ତଦନ୍ତ କରି ଏହାର ସମାଧାନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ଅପରପକ୍ଷରେ ବ୍ଲକ୍ କୃଷି ଅଧିକାରୀ ସରକାରୀ ନିୟମାନୁସାରେ କାର୍ଯ୍ୟ କରିବା ସହ କୃଷି ଓ କୃଷକର ଉନ୍ନତି କାମନା କରିବା ସହ ଏକ ସୁସ୍ଥ ବାତାବରଣ ମଧ୍ୟରେ ଅଭିଯୋଗର ସମାଧାନ କରିବାକୁ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବିଧାୟକ ପାଣ୍ଠି ଖର୍ଚ୍ଚରେ ସବୁଠୁ ପଛରେ ସିମୁଳିଆ

**● ମନ୍ଥର କାର୍ଯ୍ୟପାଇଁ ଯନ୍ତ୍ରୀଙ୍କ ଉପରେ ବର୍ଷିଲେ ବିଧାୟକ**

**ଖଇରା,୨୧।୩ (ସମିସ):** ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ବିଧାୟକ ହାତପାଣ୍ଠି ଖର୍ଚ୍ଚ ନୈରାଶ୍ୟ ଜନକ ସ୍ଥିତିରେ ରହିବା ତଥା ବିକଶିତ ଗାଁ ବିକଶିତ ଓଡିଶା, ଦାନା ଭଳି ବହୁ ଯୋଜନାରେ ଅର୍ଥ ଖର୍ଚ୍ଚ ପଡିରହିବା ଭଳି ସ୍ଥିତି ସମ୍ବନ୍ଧରେ ଆଲୋଚନା ପାଇଁ ଖଇରା ବ୍ଲକ ପରିସରରେ ଶନିବାର ଦିନ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଖଇରା ବିଡିଓ ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପଦ୍ମଲୋଚନ ପଣ୍ଡା ଉପସ୍ଥିତ ରହି ପ୍ରତ୍ୟେକଟି ଯୋଜନାର ସମୀକ୍ଷା କରିଥିଲେ। ବିଧାୟକଙ୍କ ଦ୍ୱାରା ମଞ୍ଜୁର ହୋଇଥିବା ପ୍ରକଳ୍ପ ଅସଂପୂର୍ଣ୍ଣ ରହିବା ତଥା ଯାହା ବି ସମ୍ପୂର୍ଣ୍ଣ ହୋଇଛି ଠିକାଦାରଙ୍କୁ ତାଙ୍କର ପ୍ରାପ୍ୟ ପ୍ରଦାନ କରାନଯିବା ପାଇଁ କନିଷ୍ଠ ଯନ୍ତ୍ରୀ ଦାୟୀ ବୋଲି ଲୋକପ୍ରତିନିଧି ମାନେ ଅଭିଯୋଗ କରିବା ପରେ ବିଧାୟକ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଯାହା ବକେୟା ବିଲ ରହିଛି ମାର୍ଚ୍ଚ ୩୧ ପୂର୍ବରୁ ଏହା ପ୍ରଦାନ କରି ବିନିଯୋଗ ପତ୍ର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୩୭ ପଞ୍ଚାୟତ ପାଇଁ ବର୍ତ୍ତମାନ ୧୧ଜଣ କନିଷ୍ଠ ଯନ୍ତ୍ରୀ ଥିବା ବେଳେ କାର୍ଯ୍ୟରେ ଆଶାନୁରୂପ ଅଗ୍ରଗତି ନହେବାକୁ ନେଇ ବିଧାୟକ କ୍ଷୁବ୍ଧ ହେବା ସହ ଯନ୍ତ୍ରୀ ମାନଙ୍କୁ ଯେଉଁ ୩ ବା ୪ ପଞ୍ଚାୟତ ଦିଆଯାଉଛି ପାଖାପାଖି ପଞ୍ଚାୟତ ଦେବାକୁ ବିଡିଓଙ୍କୁ କୁହାଯାଇଥିଲା। ବିଧାୟକ ହାତପାଣ୍ଠି ଖର୍ଚ୍ଚରେ ଜିଲାରେ ସିମୁଳିଆ ନିର୍ବାଚନ ମଣ୍ଡଳୀ ପଛରେ ରହିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଚାପ ପରେ ଏଭଳି ସମୀକ୍ଷା ବୈଠକ ଡକାଯାଇଥିବା କୁହାଯାଉଛି। ବୈଠକରେ ମଧ୍ୟ ଖୋଦ ବିଧାୟକ ତାଙ୍କ ବକ୍ତବ୍ୟରେ ଏ ବିଷୟ ପ୍ରକାଶ କରିଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟ ମାନସ ଦାଶ, ମୁଖ୍ୟ କିରାଣି ବ୍ରହ୍ମାନନ୍ଦ ଦାଶ, ସହକାରୀ ଯନ୍ତ୍ରୀ ବିଭୁତି ଭୁଷଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଝାଡ଼େଶ୍ୱର ଇଞ୍ଜିନିୟରିଂ ସ୍କୁଲରେ କ୍ୟାମ୍ପସ ଚୟନ




**ବାଲେଶ୍ୱର,୨୧।୩ (ସମିସ):** ରେମୁଣାସ୍ଥିତ ଝାଡେଶ୍ୱର ଡିପ୍ଲୋମା ଇଞ୍ଜିନିୟରିଂ ସ୍କୁଲରେ କ୍ୟାମ୍ପସ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଗୁଜୁରାଟସ୍ଥିତ ଚନ୍ଦନ ଷ୍ଟିଲ ଲିମିଟେଡ କମ୍ପାନୀ ତରଫରୁ ମାନବ ସମ୍ବଳ ଅଧିକାରୀ ବିନୟ ଚୌହାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ୟାମ୍ପସ ଚୟନ ପ୍ରକ୍ରିୟାରେ ମେକାନିକାଲ ଓ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ବିଭାଗର ଛାତ୍ରଛାତ୍ରୀ ଭାଗ ନେଇଥିଲେ। ତନ୍ମଧ୍ୟରୁ ଦୁଇଟି ବିଭାଗର ମୋଟ ୨୦ ଜଣ ଛାତ୍ର ଯୋଗ୍ୟ ବିବେଚିତ ହୋଇଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ପରମାନନ୍ଦ ସାନ୍ତରା, ପରିଚାଳନା ନିର୍ଦ୍ଦେଶକ ସର୍ବେଶ୍ୱର ସାନ୍ତରା, ପ୍ରିନ୍ସିପାଲ ଇଂ ବିଭୁପ୍ରସାଦ ମାହାନା ଓ ଇଡମିନିଷ୍ଟ୍ରେଟିଭ ଅଫିସର ପତିତପାବନ ସାହୁ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନୁଷ୍ଠାନର ପ୍ଲେସମେଣ୍ଟ ଦାୟିତ୍ୱରେ ଥିବା ଅଧ୍ୟାପକ ଅମରେଶ ଗିରି, ଇଂ. ପ୍ରିୟମାଧବ ସାହୁ କ୍ୟାମ୍ପସ ଚୟନ ପ୍ରକ୍ରିୟାକୁ ପରିଚାଳନା କରିଥିଲେ। ଅନୁଷ୍ଠାନର ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ମାନେ ମଞ୍ଚାସୀନ ଥିଲେ। ବରିଷ୍ଠ ଅଧ୍ୟାପକ ବିମଳ ମୈଶାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ● ବାଇକ୍‌କୁ ପିଟିଲା ଟ୍ରକ୍ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ବଡ଼ଚଣା,୨୧।୩(ସମିସ):** ଆଜି ସକାଳ ୮ଟା ସମୟରେ ନିଜ ସାନ ଭଉଣୀ ଘରୁ ଫେରୁଥିବା ବେଳେ ଜାତୀୟ ରାଜପଥ ବଡ଼ଚଣା ଓଭରବ୍ରିଜ ଉପରେ ଟ୍ରକ ଧକ୍କାରେ ସ୍ତ୍ରୀର ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। କଟକ ଜିଲ୍ଲା ସାଲେପୁର ଥାନା ଅଧୀନସ୍ଥ ବାସୁଦେବପୁର ଗାଁର ସୌଦାମିନୀ ବେହେରା ଓ ତାଙ୍କ ସ୍ୱାମୀ ରମେଶ ଚନ୍ଦ୍ର ବେହେରା ନିଜ ବାଇକ୍‌ରେ ନିଜ ସାନ ଭଉଣୀ ଘର ସିଦ୍ଧିପୁରରୁ ଜାତୀୟ ରାଜପଥରେ ବାଇକ୍ ଯୋଗେ ଫେରୁଥିବା ସମୟରେ ବଡ଼ଚଣା ଓଭରବ୍ରିଜ୍ ଉପରେ ଏକ ୧୪ ଚକିଆ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସ୍ତ୍ରୀ ସୌଦାମିନୀ ବେହେରା(୫୧) ତଳେ ପଡିଯାଇଥିଲେ। ଟ୍ରକ୍‌ଟି ତାଙ୍କ ଉପରେ ଚଢ଼ିଯାଇଥିଲା। ଖବର ପାଇ ବଡ଼ଚଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସୌଦାମିନୀ ଓ ତାଙ୍କ ସ୍ୱାମୀ ରମେଶଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସୌଦାମିନୀଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୁଲିସ ଦୁର୍ଘଟଣା ସ୍ଥଳକୁ ଯାଇ ବାଇକ୍ ଓ ଟ୍ରକ୍‌କୁ ଜବତ କରିବା ସହିତ ଉତ୍ତରପ୍ରଦେଶର ଟ୍ରକ୍ ଚାଳକ ସୁରେନ୍ଦ୍ର କୁମାରକୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଉଛି। ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ସୌଦାମିନୀଙ୍କ ଶବ ଗ୍ରାମରେ ପହଞ୍ଚିଲା ପରେ ଏକ ଶୋକକୂଳ ପରିବେଶ ସୃଷ୍ଟି ହୋଇଥିଲା। ଏକମାତ୍ର ପୁଅ ସ୍ମୃତି ସ୍ମାରକ ମୁଖାଗ୍ନି ଦେଇଥିଲେ।

## ବଳରାମପୁରରେ ଭାଲୁ ଆତଙ୍କ

**କବାଟବନ୍ଧ,୨୧।୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥ କୁସୁନପୁର ନିକଟରେ ଶନିବାର ଦିନ ସମୟରେ ଭାଲୁ ଚଳପ୍ରଚଳ କରୁଥିବାର ଦେଖାଯାଇଛି। କଟକ ବନଖଣ୍ଡ ଅଧୀନ ବୈରୀ ଡାଲିଯୋଡ଼ା ରେଞ୍ଜ



ଗଡମଧୁପୁର ବନାଞ୍ଚଳ ଅଧୀନରେ ରହିଥିବା ପ୍ରସ୍ତାବିତ ଜଙ୍ଗଲ ଅଞ୍ଚଳରୁ ଏହି ଭାଲୁଟି ଆସିଥିବା ଅନୁମାନ କରାଯାଉଛି। ପୂର୍ବାହ୍ନ ପ୍ରାୟ ୧୧.୩୦ ମିନିଟ ସମୟରେ ଏହାକୁ ସ୍ଥାନୀୟ ଲୋକ ଦେଖିଥିଲେ। ଲୋକମାନଙ୍କୁ ଦେଖି ଭାଲୁଟି ଦୌଡ଼ିବାକୁ ଲାଗିଥିଲା। ସେହିପରି ଗତ ସପ୍ତାହ ମଧ୍ୟରେ ମୁକୁନ୍ଦପୁର ଶ୍ୟାମସୁନ୍ଦରପୁର ଅଞ୍ଚଳରେ ମଧ୍ୟ ଭାଲୁ ଦେଖାଦେଇଥିଲା। ଶୁକ୍ରବାର ରାତିରେ ମଧ୍ୟ କବାଟବନ୍ଧ ପଞ୍ଚାୟତ ଦଳଗାଁରେ ରାତି ପ୍ରାୟ ୮ଟା ବେଳେ ଜଣେ ସାଇକଲ ଅରୋହୀଙ୍କ ଠାରେ ଏକ ଭାଲୁ ଧକ୍କା ଲାଗିଥିଲା। ତେବେ ଦିନ ସମୟରେ ଦେଖା ଦେଇଥିବା ଭାଲୁ ସ୍ଥାନୀୟ କୁସୁନପୁର ପାହାଡ଼ (ବଳରାମପୁର ସଂରକ୍ଷିତ ଜଙ୍ଗଲ)କୁ ପଳାଇ ଯାଇଥିବା ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି।

## ଖୁବଶୀଘ୍ର ପାଣିକୋଇଲି ବଜାରରୁ ଉଚ୍ଛେଦ

**ପାଣିକୋଇଲି,୨୧।୩(ସମିସ):** ପାଣିକୋଇଲି ଟ୍ରାଫିକ ସମସ୍ୟାର ସୁଧାର ଆଣିବା ପାଇଁ ସରକାରୀ ଓ ଜାତୀୟ ରାଜପଥକୁ ବେଆଇନ ଭାବେ ଜବରଦଖଲ କରିଥିବା ଜାଗାକୁ ମୁକ୍ତ କରାଯିବା ପାଇଁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜିଲ୍ଲାପାଳ ଚିଠି କରିଛନ୍ତି। ପୂର୍ବରୁ ଜାତୀୟ ରାଜପଥ ବିଭାଗ ଏ ନେଇ ଜିଲ୍ଲାପାଳଙ୍କୁ ଚିଠି ନମ୍ବର ୧୬୦/ ୨୬ରେ ଜିଲ୍ଲାପାଳଙ୍କୁ ଚିଠି ଦ୍ୱାରା ଅବଗତ କରିଥିଲେ। ଯାଜପୁର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚିଠି ନମ୍ବର ୫୯/୨୬ ଅନୁଯାୟୀ ଆଗାମୀ ଦିନରେ ପୁଲିସ ସହାୟତାରେ ସମସ୍ତ ବରଦଖଲ ମୁକ୍ତ କରାଯିବ। ଆଜି ଜାତୀୟ ରାଜପଥ ବିଭାଗ ପକ୍ଷରୁ ପାଣିକୋଇଲି ଠାରେ ସ୍ୱତନ୍ତ୍ର ଭାବେ ଯାଞ୍ଚ କରାଯାଇଥିଲା। ଏହି କ୍ରମରେ ଜବରଦଖଲ ମୁକ୍ତ ବେଳେ ଜନସାଧାରଣଙ୍କ ସୁରକ୍ଷା, ଟ୍ରାଫିକ ସମସ୍ୟା ଓ ଜନସାଧରଣଙ୍କ ସୁରକ୍ଷାକୁ ନେଇ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ଫୋର୍ସ ମୁତୟନ କରିବାକୁ ପତ୍ରରେ ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟକ୍ରମ ସମାପନ କରାଯିବା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି। ଏହି ମର୍ମରେ ଉପଜିଲ୍ଲାପାଳ, ତହସିଲଦାର ସମସ୍ତ ଅଧିକାରୀଙ୍କୁ ଅବଗତ କରାଯାଇଥିବା ବେଳେ ଖୁବ ଶିଘ୍ର ପାଣିକୋଇଲି ବଜାର ଉଚ୍ଛେଦ କରାଯିବାର ସମ୍ଭାବନା ସୃଷ୍ଟି ହୋଇଛି।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ତିହିଡ଼ି,୨୧।୩(ସମିସ):** ସାହାପୁର କ୍ଲଷ୍ଟର ହରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏଲ୍‌ଏନ୍ ନୋଡାଲ ବିଦ୍ୟାଳୟ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ହରିପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଦର୍ଶନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାଧନକେନ୍ଦ୍ର ସଂଯୋଜକ ଧିରେନ ସାହୁ, ପରିଚାଳନା କମିଟି ସଭାପତି ଉମାକାନ୍ତ ତରାଇ ଓ ଉପସଭାପତି ପ୍ରୀତିଲତା ମାଝୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଜାଫରାବାଜ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦେବାଶିଷ ନାୟକ, ନିମନ୍ତ୍ରିତ ଅତିଥି ଭାବେ ଶରତ କୁମାର ଜେନା, କେଏସ୍ ନୋଡାଲ ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସଙ୍ଗୀତା ଦାସ, ଗୌରାଙ୍ଗ ଚନ୍ଦ୍ର ପାତ୍ର, ତଳ ମୁର୍ମୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ନୈତିକତା ଶିକ୍ଷା ଓ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଛାତ୍ରଛାତ୍ରୀମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଶିକ୍ଷକ ଶ୍ରୀକାନ୍ତ ମହାଳିକଙ୍କ ଦ୍ୱାରା ପରିବେଷିତ ହୋଇଥିଲା। ଶିକ୍ଷୟିତ୍ରୀ ସଂଘମିତ୍ରା ଦାସ ସ୍ୱାଗତ ଭାଷଣ, ମନୋରମା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶକୁନ୍ତଳା ପଣ୍ଡା ବାର୍ଷିକ ବିବରଣୀ ପାଠ ଓ ସ୍ୱର୍ଣ୍ଣଲତା ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ। ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ "ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା।

## ● ଚୋରାମଦ କାରବାର ରୋକିବାକୁ ମିଳିତ ବୈଠକ

# ମଙ୍ଗଳପୁର ଥାନା ସମ୍ମୁଖରେ ଧାରଣା ପାଇଁ ଚେତାବନୀ




**ମଙ୍ଗଳପୁର,୨୧।୩(ସମିସ):** ଦିନକୁ ଦିନ ଗାଁ ଗହଳିରେ ଚୋରା ମଦ କାରବାର ବଢ଼ିବାରେ ଲାଗିଥିବା ବେଳେ ଚୋରା ମଦ୍ୟପାନ କରି ଅନେକ ଲୋକେ ମୃତ୍ୟୁ ମୁଖର ଶିକାର ହେଉଛନ୍ତି। ଏଥିପାଇଁ ଗାଁ ଗହଳିର ଲୋକମାନେ ଏବେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। କାରଣ ଦିନ ମଜୁରିଆ ଖଟିଖିଆ ଲୋକମାନେ ନିଶାଶକ୍ତ ହୋଇ ନିଜ ରୋଜଗାର ଅର୍ଥକୁ ମଦ ପିଇ ନଷ୍ଟ କରୁଥିବା ବେଳେ ପ୍ରତିଦିନ ଅଧିକାଂଶ ପରିବାରରେ ଏହାକୁ ନେଇ ବିଭିନ୍ନ ଗଣ୍ଡଗୋଳ ସୃଷ୍ଟି ହେଉଛି। ସେହିପରି ଦଶରଥପୁର ବ୍ଲକର କୟାଁ, କମାରଡିହି, ଖାନନଗର, ନିଜାମପୁର ଚାରି ପଞ୍ଚାୟତରେ ଏବେ ବ୍ୟାପକ ପରିମାଣରେ ଚୋରା ମଦ କାରବାର ହେଉଥିବା ନେଇ ଅଭିଯୋଗ ହୋଇଛି। କୟାଁ ପଞ୍ଚାୟତର କୟାଁଗୋଲା ବଜାରରେ ୩ ଜାଗା, ମଲ୍ଲିପୁର ଗ୍ରାମରେ ୨ ଜାଗା, ଦରବା ଗ୍ରାମରେ ଗୋଟିଏ ଜାଗା, ଗରବନ୍ଧ ଗ୍ରାମରେ ଗୋଟିଏ ସ୍ଥାନରେ ମୋଟ କୟାଁ ପଞ୍ଚାୟତରେ ୭ଟି ସ୍ଥାନରେ ଚୋରା ମଦ କାରବାର ହେଉଥିବା ବେଳେ ଖାନନଗର ପଞ୍ଚାୟତରେ ଲାଲବାଗ ଛକରେ ୨ ଜାଗା, ବିମ୍ବାଧରପୁର ଗାଁରେ ଗୋଟିଏ ସ୍ଥାନରେ ଓ ନିଜାମପୁର ପଞ୍ଚାୟତର ନଛିଦ୍ରପୁର ଗ୍ରାମର ହରିଜନ ସାହିର ଗୋଟିଏ ସ୍ଥାନରେ ବ୍ୟାପକ ପରିମାଣରେ ଚୋରାମଦ କାରବାର ହେଉଥିବା ନେଇ ଅଭିଯୋଗ ହୋଇଛି। ଏହି ସବୁ ଅଞ୍ଚଳରେ କିପରି ସମ୍ପୂର୍ଣ୍ଣ ଭାବେ ଚୋରା ମଦ କାରବାର ରୋକିହେବ ସେଥିନେଇ ମିଳିତ ବୈଠକ ହୋଇଛି। ମା' ଜୟଚଣ୍ଡୀଙ୍କ ପୀଠରେ କୟାଁ ପଞ୍ଚାୟତର ବରିଷ୍ଠ ସମାଜସେବୀ ଚୌବନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶତାଧିକ ବୁଦ୍ଧିଜୀବୀ, ଶିକ୍ଷାବିତ, ବରିଷ୍ଠ ନାଗରିକ, ଯୁବକ, ଛାତ୍ର ଓ ମହିଳାମାନେ ଯୋଗଦେଇ କିପରି ଏହି ୪ଟି ପଞ୍ଚାୟତରେ ହେଉଥିବା ଚୋରା ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରିହେବ ସେଥିନେଇ ଆଲୋଚନା କରିଥିଲେ। ଆଲୋଚନାର ନିଷ୍ପତି ଅନୁଯାଇ ଏହି ସବୁ ଅଞ୍ଚଳରେ ଚୋରା ମଦ କାରବାର ସମ୍ପୂର୍ଣ୍ଣ ଭାବେ ରୋକିବା ପାଇଁ ଆସନ୍ତା ୨୪ ତାରିଖ ମଙ୍ଗଳବାର ମିଳିତ ଓଡ଼ିଶା ନିଶା ନିବାରଣ କମିଟି ପକ୍ଷରୁ ଜିଲ୍ଲାପାଳ, ଏସ୍‌ପି, ଅବକାରୀ ବିଭାଗ ଅଧିକାରୀ, ମଙ୍ଗଳପୁର ଥାନା ଅଧିକାରୀଙ୍କୁ ଭେଟି କମିଟିର ଏକ ପ୍ରତିନିଧି ଦଳ ଲିଖିତ ଦାବିପତ୍ର ପ୍ରଦାନ କରିବେ ବୋଲି ବୈଠକରେ ନିଷ୍ପତି ନିଆଯାଇଛି। ଆସନ୍ତା ୭ ଦିନ ମଧ୍ୟରେ ଏହି ୪ ପଞ୍ଚାୟତରେ ଚୋରା ମଦ କାରବାର ସମ୍ପୂର୍ଣ୍ଣ ବନ୍ଦ କରାନଗଲେ ମଙ୍ଗଳପୁର ଥାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ନିଶା ନିବାରଣ କମିଟି ପକ୍ଷରୁ ଚେତାବନୀ ଦେଇଛନ୍ତି।

## ଈଶ୍ୱରାଭିମୁଖୀ ଜୀବନ ସାର୍ଥକ: ବାବା ବଳିଆ

**ବାରିକପୁର,୨୧।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ବେଲଗଡ଼ିଆଠାରେ ଏକଦିବସୀୟ ବୈଦିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱପ୍ରେମୀ ପୂଜ୍ୟ ପୂଜକ ପଦ୍ମଶ୍ରୀ ବାବା ବଳିଆ ଯୋଗଦେଇ ଈଶ୍ୱରାଭିମୁଖୀ ଜୀବନ ସାର୍ଥକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହାଛଡ଼ା ଭାଗବତ କଥାକୁ ନେଇ ବାବା ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ବାବାଙ୍କ ଚରଣାଶ୍ରିତ ଭକ୍ତମାନେ ଏହି ଦିବ୍ୟ ସତ୍‌ସଙ୍ଗ ଆୟୋଜନ କରିଥିଲେ। ଏଥିରେ ବେଲଗଡ଼ିଆ ସମେତ ରହଣିଆ, ନୂଆ ପୋଖରୀ, ବୋଧପଡ଼ା, ରାଢୋ, ଆକୁଳିକଣା, ସରସଦା, ହାଜିପୁର, ଉତରାଗଡ଼ିଆ, ରାଣିଗଡ଼ିଆ, କୋରିଗାଁ, କଟିଂ, ପୁରସ୍ତମପୁର, ମାଳଦା ପ୍ରମୁଖ ଗ୍ରାମର ଶହଶହ ଭାଗବତପ୍ରେମୀ ଯୋଗଦେଇ ବିଭୁ କୃପା ଲାଭ କରିଥିଲେ। କାର୍ଯ୍ୟକ୍ରମକୁ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

## ସେବାନିବୃତ ପଶୁ ଡାକ୍ତରଙ୍କ ପରଲୋକ

**ଅସୁରାଳି,୨୧।୩(ସମିସ):** ଧାମନଗର ବ୍ଲକ୍ ନଦୀଗାଁ ଗାଁର ବରିଷ୍ଠ ପଶୁ ଡାକ୍ତର ତଥା ସମାଜସେବୀ ମୁରଲୀଧର ବେହେରାଙ୍କର ୮୬ ବର୍ଷ ବୟସରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ କିମ୍ସ ମେଡିକାଲ କଲେଜରେ ଚିକିତ୍ସାଧୀନ ଥିଲେ। ତାଙ୍କର ଶେଷକୃତ୍ୟ ନଦୀଗାଁସ୍ଥିତ ଗ୍ରାମ ଶ୍ମଶାନରେ ସମ୍ପନ୍ନ ହୋଇଛି। ମୃତ୍ୟୁ ବେଳକୁ ତାଙ୍କ ପୁତ୍ର ସୂର୍ଯ୍ୟକାନ୍ତ ବେହେରା, ଚନ୍ଦ୍ରକାନ୍ତ ବେହେରା, ନାତି ସନ୍ତୋଷ ବେହେରା ଏବଂ ପରିବାର ସଦସ୍ୟ ଓ ବନ୍ଧୁ ବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାମ୍ବାଦିକ ସନ୍ତୋଷ ଦାସ, ସାମ୍ବାଦିକ ଦୀପ୍ତିରଞ୍ଜନ ନାୟକ, ସାମ୍ବାଦିକ ରତିକାନ୍ତ ନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଜବରଦଖଲ ଉଚ୍ଛେଦ ପାଇଁ ଦାବି

**ଦୋଲସାହି,୨୧।୩(ସମିସ):** ତିହିଡ଼ି ତହସିଲ୍ ଅଧୀନରେ ଏକ ଗ୍ରାମର ପ୍ରବେଶ ମୁହଁରେ କିଛି ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିଥିବା ନେଇ ଦୀର୍ଘ ବର୍ଷ ଧରି ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତର ୭ନମ୍ବର ୱାର୍ଡର ପ୍ରବେଶ ମୁହଁରେ ସରକାରୀ ରାସ୍ତାକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିଥିବା ଦେଖିବାକୁ ମିଳିଛି। ଏହି ଗ୍ରାମର ମୁଖ୍ୟଦ୍ୱାରରେ ଏହି ମୁଷ୍ଟିମେୟ ବ୍ୟକ୍ତି ଜବରଦଖଲ କରିଥିବା ନେଇ ଅନେକ ସମୟରେ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ପ୍ରବେଶ କରିବା କଷ୍ଟକର ହେଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲାବେଳେ ଏହି ଗ୍ରାମର ଲୋକଙ୍କ ପକ୍ଷରୁ ବୁଧବାର ତିହିଡ଼ି ତହସିଲ୍‌ରେ ଜବରଦଖଲ ଉଚ୍ଛେଦ ପାଇଁ ଅଭିଯୋଗ ହୋଇଛି।

## ଜଳସଙ୍କଟ ଭୋଗୁଛନ୍ତି କାଳରୁହିର ୬ ପରିବାର

**ବାଲିଆପାଳ, ୨୧।୩ (ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତ ଅଧୀନ କାଳରୁହିରୁ କାଠପୋଲ ରାସ୍ତା ପାଶ୍ୱର୍ରେ ୬ ପରିବାରର ପ୍ରାୟ ତିରିଶରୁ ଚାଳିଶି ଲୋକ ବସବାସ କରନ୍ତି। ପଞ୍ଚାୟତର ଥିବା ବସୁଧା ପାଣି ପାଇପରୁ ଆବଶ୍ୟକ ଅନୁସାରେ ପାଣି ପାଉଥିଲେ। ମାତ୍ର ଦୁଇ ମାସ ତଳେ ବାଲିଆପାଳରେ ବୃଷ୍ଟାର ଠିକାଦାର ସଂସ୍ଥା ଦ୍ୱାରା ଚାଲୁ ରହିଥିବା ମେଗା ପ୍ରକଳ୍ପର ମୋଟା ପାଇପ ଲେବର ମାନଙ୍କ ଦ୍ୱାରା ପକାଯାଇଥିଲା। ସେବେଠାରୁ ବସୁଧା ପାଣି ପାଇପରୁ ବୁନ୍ଦାଏ ମଧ୍ୟ ପାଣି ବାହାରୁନାହିଁ। ପାନୀୟ ଜଳ ପାଇଁ ଦୁଇ କିଲୋମିଟର ରାସ୍ତା ଯିବାକୁ ପଡୁଛି ନଚେତ ପାଖରେ ବୋହି ଯାଉଥିବା କୋଷ୍ଟ କେନାଲ ପାଣିରେ ଜୀବନ ବିତାଉଛନ୍ତି ଏହି ଛଅ ପରିବାର। ଏ ନେଇ ସଂସ୍ଥା ଏବଂ ସରପଞ୍ଚଙ୍କୁ ବାରମ୍ବାର ଅଭିଯୋଗ କରି ନୟାନ୍ତ ହେଲେଣି ଲୋକେ। ଗ୍ରୀଷ୍ମପ୍ରବାହ ପାଇଁ ଏବେ କୋଷ୍ଟ କେନାଲରେ ପାଣି କ୍ରମଶଃ କମୁଥିବାରୁ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ଉପଯୁକ୍ତ ହୋଇପାରୁନାହିଁ। ଲୋକେ ଜାମକୁଣ୍ଡା ପଞ୍ଚାୟତର ସରପଞ୍ଚ କାଞ୍ଚନବାଳା ମାହାନାଙ୍କୁ ଅଭିଯୋଗ କରିବା



ପରେ ତାଙ୍କର ଆଉ ଛଅ ମାସ କାର୍ଯ୍ୟକାଳ ରହିଛି ମୁଁ କିଛି ବୁଝି ପାରିବି ନାହିଁ ବୋଲି ଅଭିଯୋଗ କରିଛନ୍ତି ସୁରେନ୍ଦ୍ର କର, ଅସିତ ସାମଲ, ମନ୍ମଥ ସାହୁ, ଗୋପାଳ ଜେନା, ମନ୍ମଥ ଘଡି, ରଜନୀକାନ୍ତ ସାହୁ, ଜଗନ୍ନାଥ ଘଡାଇ ପ୍ରମୁଖ। ଏ ନେଇ ବାଲିଆପାଳ ଆରଡବ୍ଲୁଏସଏସ ର ଅଧିକାରୀ ପଙ୍କଜ କୁମାର ତ୍ରିପାଠୀ କହିଛନ୍ତି ଆମକୁ କୋଣସି ଅଭିଯୋଗ ଆସିନାହିଁ। ସରପଞ୍ଚ ଶ୍ରୀମତୀ ମାହାନା କହିଛନ୍ତି ଯେହେତୁ ଏହା ପଞ୍ଚାୟତର କାର୍ଯ୍ୟ ନୁହଁ ତଥାପି ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଛି।

## ଅଲିପୁର ସରସ୍ୱତୀ ଶିଶୁ ମନ୍ଦିରରେ କଣ୍ଢେଇ ଦିବସ

**ଖଇରା,୨୧।୩ (ସମିସ):** ଖଇରା ବ୍ଲକ ସାରଡାଙ୍ଗ ଗ୍ରାମ ପଞ୍ଚାୟତ ଅଧୀନ ଅଲିପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶନିବାର ଦିନ କଣ୍ଢେଇ ଦିବସ ପାଳିତ ହୋଇ ଯାଇଛି। ସକାଳେ ମା'ବାପା ମାନେ କଣ୍ଢେଇ ସହ ଶିଶୁ ବାଟିକାରେ ପଢୁଥିବା ନିଜ ପିଲାମାନଙ୍କୁ ଧରି ବିଦ୍ୟାଳୟରେ ପହଞ୍ଚିଥିଲେ। ପରେ ପ୍ରଧାନାଚାର୍ଯ୍ୟ ଜୟନ୍ତ କୁମାର ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବାଣପୁର ସରସ୍ୱତୀ ଶିଶୁ ମନ୍ଦିରର ଶିଶୁ ବାଟିକା ପ୍ରମୁଖ ପ୍ରତିଭା ଗିରି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଏଭଳି ଦିବସ ପାଳନ ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ସୁସମ୍ପର୍କ ଗଢିଉଠିବ ବୋଲି ପ୍ରକାଶ କରିଥିଲେ।

## ସ୍ୱପ୍ନ ପାଲଟିଛି ପାଇପ୍ ଯୋଗେ ଜଳ ଯୋଗାଣ ବ୍ୟବସ୍ଥା

# ଖତ ଖାଉଛି ଆକାଶଛୁଆଁ ପାଣି ଟାଙ୍କି

ବାରିକପୁର,୨୧।୩(ସମିସ)



ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଡହଡହ ଖରା ବୃଦ୍ଧି ପାଉଥିବାବେଳେ ସବୁଆଡ଼େ ଏବେ ପାନୀୟ ଜଳ ସଙ୍କଟ ଦେଖାଯାଉଛି। ଏତିକି ବେଳେ କେବଳ ନଳକୂଅକୁ ଛାଡ଼ିଦେଲେ ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ନିର୍ମିତ ହୋଇଥିବା ପ୍ରକଳ୍ପଗୁଡ଼ିକ ଏବେ ଖତ ଖାଉଛି। କହିବାକୁ ଗଲେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପୂର୍ଣ୍ଣ ଦିଗହରା ହୋଇଥିବାବେଳେ ଏଥିପାଇଁ କେବଳ ଯାହା କୋଟି କୋଟି ଟଙ୍କା ଖର୍ଚ୍ଚ ସାର ହେଉଛି। ଆକାଶଛୁଆଁ ପାଣି ଟାଙ୍କିରେ ଶୋଷ ମେଣ୍ଟୁ ନାହିଁ। ଗ୍ରୀଷ୍ମଜନିତ ଜଳସଙ୍କଟ ଏଡ଼ାଇବାକୁ ସରକାର ଗୁରୁତ୍ୱ ଦେଉଥିବା ବେଳେ ପ୍ରତ୍ୟେକ ବର୍ଷ କିନ୍ତୁ ଏଠାରେ ପାଇପ୍ ଲାଇନରେ ପାଣି ଯୋଗାଣ ପାଇଁ ସମସ୍ୟା ଲାଗି ରହିଛି। କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇ ଜଳ ଯୋଗାଣ ପ୍ରକଳ୍ପମାନ ନିର୍ମାଣ ହୋଇଥିଲେ ସୁଦ୍ଧା ସେଗୁଡ଼ିକ କାର୍ଯ୍ୟକାରୀ ନ ହେବା ପରିତାପର ବିଷୟ ପାଲଟିଛି।

ସୂଚନା ମୁତାବକ, ଗ୍ରାମାଞ୍ଚଳରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ପାଇଁ ବ୍ଲକ୍‌ର ଆଖୁଆପଦା ବୈତରଣୀ ଆନିକଟଠାରେ ପ୍ରାୟ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ଉକ୍ତ ବୃହତ୍ ପ୍ରକଳ୍ପଟି ଏଯାଏଁ କାର୍ଯ୍ୟକାରୀ ହୋଇନାହିଁ। କେବଳ ସରକାରୀ ଖାତା କଲମରେ ପ୍ରକଳ୍ପ ଚାଲୁଥିବା ଦର୍ଶାଯାଇ କୋଟି କୋଟି ଟଙ୍କା ରାଜସ୍ୱ ଏଥିରେ ବ୍ୟୟ ହେଉଛି। ଏହାଛଡ଼ା ପ୍ରତ୍ୟେକ ପଞ୍ଚାୟତରେ ୩୦ରୁ ୫୦ ଲକ୍ଷ ଯାଏଁ ବ୍ୟୟବରାଦ ହୋଇ ନିର୍ମାଣ ହୋଇଥିବା ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କି ବର୍ଷ ବର୍ଷ ଧରି ଅଚଳାବସ୍ଥାରେ ପଡ଼ିରହିଛି। ଖୋଳାଯାଇଥିବା ବୋର୍‌ୱେଲ୍‌ରୁ କେବେ ବି ସେଥିରେ ପାଣି ସଂରକ୍ଷିତ କରାଯାଉ ନାହିଁ କି ଟ୍ୟାପ୍ ଯୋଗେ ଜଳ ଯୋଗାଣ ହେଉନାହିଁ। ନିର୍ମାଣ ହୋଇଥିବା ଟ୍ୟାପ୍ କେଉଁଠି ମାଟିରେ ମିଶିଗଲାଣି ତ ପୁଣି କେଉଁଠି ପଡ଼ିଥିବା ନିମ୍ନମାନର ପାଇପ୍ ଫାଟି ଜଳ ଯୋଗାଣ ବ୍ୟବସ୍ଥା କେବେଠାରୁ ନଷ୍ଟ ହୋଇଗଲାଣି। ଖରାଦିନ ଆସିଲେ ରକ୍ଷଣାବେକ୍ଷଣ ନାଁରେ ଜିଲ୍ଲା ପାନୀୟ ଜଳ ଯୋଗାଣ ବିଭାଗ ଏଥିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି କେବଳ ଠିକାଦାର ପୋଷଣ କରୁଥିବାବେଳେ ଲୋକମାନେ କିନ୍ତୁ ବର୍ଷ ବର୍ଷ ଧରି ପାଇପ୍ କିମ୍ବା ଟ୍ୟାପ୍ ଯୋଗେ ପାଣି ମୁନ୍ଦାଏ ପାଇପାରୁ ନାହାନ୍ତି। ପୂର୍ବ ଭଳି ଲୋକମାନେ ଯେଉଁଭଳି ଭାବେ ନଳକୂଅ ଉପରେ ଭରସା କରୁଥିଲେ ଆଜି ବି ସମାନ ଚିତ୍ର ବିଭିନ୍ନ ଗାଁ ଗହଳିରେ ଦେଖିବାକୁ ମିଳିଛି। ୨୩ଟି ପଞ୍ଚାୟତ ଅଞ୍ଚଳରେ ପାନୀୟ ଜଳ ଯୋଗାଣର ଏଭଳି କରୁଣ ଚିତ୍ର ପ୍ରତ୍ୟେକ ବର୍ଷ ଦେଖିବାକୁ ମିଳୁଥିବାବେଳେ ବ୍ୟବସ୍ଥାଗତ ପ୍ରଶାସନିକ ତ୍ରୁଟି ଯୋଗୁଁ ଜନସାଧାରଣ ସରକାରୀ ଯୋଜନାରୁ କାଣିଚାଏ ଲାଭବାନ ପାଉନାହାନ୍ତି। ବିଭାଗୀୟ ଯନ୍ତ୍ରୀମାନଙ୍କୁ ପଚାରିଲେ, ଯଥାଶୀଘ୍ର ସବୁ ଠିକ୍‌ଠାକ୍ ହୋଇଯିବ କହି ବାରମ୍ବାର ନିଜ ଦାୟିତ୍ୱରୁ ଓହରି ଯାଉଛନ୍ତି। ଏପଟେ ପଞ୍ଚାୟତ ସମିତି ବୈଠକଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ବୈଠକ ଯାଏଁ ସବୁଠି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବିଷୟରେ ଅଭିଯୋଗ ହେଉଛି। ଦୁଃଖର ବିଷୟ ଏଯାଏଁ ସମସ୍ୟାର ସମାଧାନ ହେଉ ନ ଥିବା ଅମଲାତନ୍ତ୍ରର ଅପାରଗତାକୁ ପଦାରେ ପକାଇଛି।

# ମହିଳା ଓ ଶିଶୁ ବିକାଶ ବିଭାଗ ଶାସନ ସଚିବଙ୍କ ରାୟଗଡ଼ା ଗସ୍ତ



**ରାୟଗଡ଼ା, ୨୧।୩(ସମିସ):** ଆଜି ମହିଳା ଏବଂ ଶିଶୁ ବିକାଶ ବିଭାଗର କମିଶନର ତଥା ସଚିବ ଡଃ ମୃଣାଳିନୀ ଦସ୍ୱର୍ାଲ ରାୟଗଡ଼ା ଜିଲ୍ଲା ପରିଦର୍ଶନରେ ଆସିଥିଲେ। ପ୍ରଥମେ ସେ ସୁପୋଷିତ ଓଡ଼ିଶା ମିଶନ ଜିଲ୍ଲାସ୍ତରୀୟ କର୍ମଶାଳାକୁ ଉଦଘାଟନ କରିଥିଲେ। ମହିଳା ଏବଂ ଶିଶୁ ବିକାଶ ତରଫରୁ ନୂଆ କରି ଆରମ୍ଭ ହୋଇଥିବା ମହିଳାମାନଙ୍କ ସୁରକ୍ଷା ସମୃଦ୍ଧି ଏବଂ ଅର୍ଥନୈତିକ ପ୍ରଗତି ପାଇଁ ରାଜ୍ୟ ମହିଳା ହବ ଏବଂ ଜିଲ୍ଲା ମହିଳା ହବ ଗଠନ ହୋଇଥିବା ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ। ସୁଭଦ୍ରା ଯୋଜନା, ମମତା ଯୋଜନା, ପୋଷଣ ଅଭିଯାନ, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ପୂର୍ଣ୍ଣ ଆହାର ଯୋଜନାରେ ହିତାଧିକାରୀମାନେ ଲାଭବାନ ହୋଇପାରୁଛନ୍ତି କି ନାହିଁ ତୃଣମୂଳସ୍ତରରେ ଅଙ୍ଗନବାଡି କର୍ମୀ ମାନଙ୍କୁ ମହିଳା ପରିଦର୍ଶିକାମାନଙ୍କୁ ପଚାରି ବୁଝିଥିଲେ। ଏହା ପରେ ସେବା ସଦନ ଯାଇ ସେଠାରେ ଥିବା ଅନ୍ତେବାସୀ ସହିତ ଆଲୋଚନା କରିଥିଲେ। ଏହାପରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ଯାଇ ସେଠାରେ ପୁଷ୍ଟି ପୁନର୍ବାସ କେନ୍ଦ୍ର ଯାଇ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମସ୍ୟା ବୁଝିଥିଲେ ଏବଂ ଗୋଟିଏ ଶିଶୁର ଅନ୍ନ ପ୍ରସନ୍ନ କରାଇଥିଲେ। ପରେ ୱାନ ଷ୍ଟପ ସେଣ୍ଟର ଗସ୍ତ କରିଥିଲେ। ସେଠାରେ ଉପସ୍ଥିତ ମା' ମାନଙ୍କ ସହିତ ହିତାଧିକାରୀମାନଙ୍କ ସୁବିଧା, ସରକାରଙ୍କ ତରଫରୁ ସହାୟତା ଠିକ ସମୟରେ ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ପୁଷ୍ଟି ପୁର୍ନବାସ କେନ୍ଦ୍ରରେ ଥିବା ମା ମାନେ ସୁଭଦ୍ରା ଯୋଜନାରେ ହିତାଧିକାରୀ ଭାବେ ପ୍ରାପ୍ୟ ପାଇଛନ୍ତି କି ନାହିଁ ପଚାରି ବୁଝିଥିଲେ। ଅପରାହ୍ନରେ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ, ଶିଶୁ ବିକାଶ ଯୋଜନା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସହ ବୈଠକ କରିଥିଲେ। ଏହି ଗ୍ରସ୍ତ ସମୟରେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଉପଜିଲ୍ଲାପାଳ ଗୁଣୁପୁର ଦୁଧାଳ ଅଭିଷେକ ଦିଲ୍ଲୀପ, ରାୟଗଡ଼ା ଉପଜିଲ୍ଲାପାଳ ରମେଶ କୁମାର ଜେନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତି ଦେଓ, ମହିଳା ସୁରକ୍ଷା ଅଧିକାରୀ ତଥା ଜିଲ୍ଲାର ସମାଜ ମଙ୍ଗଳ ବିଭାଗର ଅଧିକାରୀମାନେ, ଅଙ୍ଗନବାଡି ସୁପରଭାଇଜର ଓ ଅଙ୍ଗନବାଡିମାନେ ଉପସ୍ଥିତ ଥିଲେ।

## ଅବ୍ୟବସ୍ଥା ଘେରରେ ଅମ୍ବାଦଳା ରେଲ୍‌ୱେ ଷ୍ଟେସନ

# ନାହିଁ ଶୌଚାଳୟ, ବିଶ୍ରାମ ଗୃହ, ଲିଫ୍ଟ

ଅମ୍ବାଦଳା, ୨୧।୩(ସମିସ)






ରାୟଗଡ଼ା ଜିଲ୍ଲାର ଅମ୍ବାଦଳା ରେଲୱେ ଷ୍ଟେସନରେ ଦିନକୁ ଦିନ ଯାତ୍ରୀ ସଂଖ୍ୟା ବଢୁଥିବା ସତ୍ତ୍ୱେ ଅବ୍ୟବସ୍ଥା ଘେରରେ ରହିଛି। ଦୂରଦୂରାନ୍ତର ଲୋକମାନେ ଏହି ଷ୍ଟେସନ ଉପରେ ନିର୍ଭର କରୁଥିବା ବେଳେ ଯାତ୍ରୀ ଷ୍ଟେସନ ପରିସରରେ ସାଧାରଣ ମୌଳିକା ସୁବିଧା ନ ପାଇ ହନ୍ତସନ୍ତ ହେଉଛନ୍ତି। ବିକାଶ ଓ ରୂପାନ୍ତରଣର କଥା କହୁଥିବା ରେଲୱେ ପ୍ରଶାସନ ଏଠାରେ ପୂର୍ଣ୍ଣରୂପେ ବିଫଳ ହୋଇଥିବା ଷ୍ଟେସନର ଚିତ୍ରରୁ ସ୍ପଷ୍ଟ ହେଉଛି। ଷ୍ଟେସନରେ ଶୌଚାଳୟ ବ୍ୟବସ୍ଥା ପ୍ରାୟ ନାମମାତ୍ରକୁ ରହିଛି। ଯାହା କିଛି ରହିଛି ସେଗୁଡିକ ଦୀର୍ଘ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବାରୁ ବ୍ୟବହାର ଯୋଗ୍ୟ ନୁହେଁ। ଫଳରେ ବିଶେଷକରି ମହିଳାମାନେ ଗୁରୁତର ସମସ୍ୟାରେ ପଡୁଛନ୍ତି। ଦୀର୍ଘ ସମୟ ଯାତ୍ରା କରୁଥିବା ମହିଳା ଯାତ୍ରୀଙ୍କ ପାଇଁ ଏହା ଅସହ୍ୟ ପରିସ୍ଥିତି ସୃଷ୍ଟି କରୁଛି। ସେହିପରି ଷ୍ଟେସନ ଭିତରେ ଡିସପ୍ଲେ ଖଞ୍ଜା ହୋଇ ନଥିବାରୁ କୋଚ ଲୋକେସନ ଜାଣିବାରେ ଯାତ୍ରୀମାନଙ୍କ ପାଇଁ ଅସୁବିଧା ସୃଷ୍ଟି ହେଉଛି। ଏହା ସହ ଷ୍ଟେସନରେ କୌଣସି ବିଶ୍ରାମ ଗୃହ ନଥିବା ବେଳେ ପ୍ଲାଟଫର୍ମ ଉପର ଆଜବେଷ୍ଟ ଭାଙ୍ଗିଗଲାଣି। ଯାହାଦ୍ୱାରା ଟ୍ରେନ ପାଇଁ ଅପେକ୍ଷା କରୁଥିବା ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଓ ଗରମ ସମୟରେ ଏହା ତାଙ୍କ ପାଇଁ ଅଧିକ କଷ୍ଟଦାୟକ ହେଉଛି। ବିଶେଷ କରି ଅଧିକ ସମୟ ବିଦ୍ୟୁତ ନ ରହିବା ଯୋଗୁଁ ଷ୍ଟେସନରେ ଆସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶଙ୍କା ରହୁଛି। ଲିଫ୍ଟ ସୁବିଧା ନଥିବାରୁ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନେ ପ୍ଲାଟଫର୍ମ ପରିବର୍ତ୍ତନ କରିବାରେ ସମସ୍ୟାରେ ପଡୁଛନ୍ତି। ଏହି ଷ୍ଟେସନରୁ କୋଟି କୋଟି ଟଙ୍କା ରାଜସ୍ୱ ଯାଉଥିବା ସତ୍ତ୍ୱେ ମୌଳିକ ସୁବିଧା ପ୍ରତି ଏପରି ଅବହେଳାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ପ୍ରଶାସନର ପ୍ରାଥମିକତା ଉପରେ ଗୁରୁତର ପ୍ରଶ୍ନ ଉଠାଇଛି। ଯାତ୍ରୀ ସୁବିଧା ନେଇ ରେଲୱେ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ନଥିବାରୁ ଅସନ୍ତୋଷ ବଢୁଛି। ଏଥିସହ ଡାଉନ ଟ୍ରେନ୍‌ଗୁଡିକୁ ୪ ନମ୍ବର ପ୍ଲାଟଫର୍ମରେ ରହଣି କରାଇବା ପାଇଁ ଯାତ୍ରୀମାନେ ଦାବି କରିଛନ୍ତି। ସ୍ଥାନୀୟ ଯୁବ ନେତା ଧୀରେନ୍ଦ୍ର ପାଣିଗ୍ରାହୀ, ସାଂସଦ ପ୍ରତିନିଧି ରଜନୀକାନ୍ତ ପୋଡ଼ାଲଙ୍କ ସମେତ ଲୋକପ୍ରତିନିଧି ଓ ଯାତ୍ରୀମାନେ ତୁରନ୍ତ ଶୌଚାଳୟ, ବିଶ୍ରାମ ହଲ ଓ ଲିଫ୍ଟ ସୁବିଧା ସହ ସମସ୍ତ ମୌଳିକ ବ୍ୟବସ୍ଥା ଯୋଗାଇବାକୁ ରେଲୱେ ବିଭାଗ ନିକଟରେ ଦାବି କରିଛନ୍ତି। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ ନ ହୁଏ, ତେବେ ଆସନ୍ତା ଦିନରେ ପରିସ୍ଥିତି ଆଉ ଗୁରୁତର ହେବା ସହ ଯାତ୍ରୀ ଅସନ୍ତୋଷ ବିସ୍ଫୋରଣ ହେବାର ସମ୍ଭାବନା ରହିଛି। ଘଟଣା ବିଷୟରେ ଅମ୍ବାଦଳା ଷ୍ଟେସନ ମାଷ୍ଟର ରବି ରଞ୍ଜନ କୁମାରଙ୍କୁ ପଚାରିବାରୁ ଷ୍ଟେସନ ଅବ୍ୟବସ୍ଥା ଉପରେ ଉପରିସ୍ଥ ଅଧିକାରୀ ଅବଗତ ଅଛନ୍ତି, ଷ୍ଟେସନର ସମସ୍ୟା ସମାଧାନ ପାଇଁ ଯୋଜନା ଚାଲିଥିବା କହିଛନ୍ତି।

**ସମସ୍ୟା ଭୋଗୁଛନ୍ତି ମହିଳା, ବୃଦ୍ଧ ଓ ଦିବ୍ୟାଙ୍ଗ ଯାତ୍ରୀ**

# ମହିଳା ନିଖୋଜ



**କଲ୍ୟାଣସିଂହପୁର, ୨୧।୩(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ଜଣେ ବିବାହିତା ମହିଳା ଦୁଇଦିନ ହେଲା ନିଖୋଜ ଥିବା ଜଣାପଡ଼ିଛି। ନିଖୋଜ ମହିଳା ଜଣକ ହେଲେ ଜ୍ୟୋତି ମୁଗଲି(୩୬)। ସୂଚନାମୁତାବକ, କରପା ପଞ୍ଚାୟତ ବିଜୟନଗର ଗ୍ରାମର ବିଜୟ ମୁଗଲିକୁ ପ୍ରାୟ୧୬ ବର୍ଷ ତଳେ ବିବାହ କରିଥିଲେ ଜ୍ୟୋତି ମୁଗଲି (୩୬)। ନିଜ ବାପା ଘର ଗାଁ ଜଗନ୍ନାଥ ପୁର କିଛି ଦିନ ହେଲା ଆସି ରହୁଥିଲେ। ଜ୍ୟୋତି ମାନସିକ ଭିନ୍ନକ୍ଷମ ଥିବା ବେଳେ ସେ ଘରୁ ଗୁରୁବାର ରାତି ପ୍ରାୟ ୧୧ଟା ସମୟରେ କୁଆଡେ ଚାଲି ଯାଇଥିବା ବେଳେ ତାଙ୍କ ନ ପାଇ ଘର ଲୋକେ ଆଜି ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଜ୍ୟୋତି ଘରୁ ରାତିରେ ଯିବା ସମୟରେ ଧଳା ରଙ୍ଗର ଟୋପ, ଗୋଲାପି ରଙ୍ଗର ପେଣ୍ଟ ସହ ଓଢଣୀ ହଳଦିଆ ରଙ୍ଗର ଛୁଡିଦାର ଡ୍ରେସ ପିନ୍ଧି ଥିବା ପରିବାର ଲୋକେ କହିଛନ୍ତି।

# ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଉଦ୍‌ଯାପିତ

**ରାମନାଗୁଡ଼ା, ୨୧।୩(ସମିସ):** ରାୟଗଡ଼ା ଜିଲ୍ଲା ରମନାଗୁଡା ମଣ୍ଡଳରେ ମଣ୍ଡଳସ୍ତରୀୟ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନର ମଣ୍ଡଳସ୍ତରୀୟ ବର୍ଗ ମଣ୍ଡଳ ସଭାପତିଙ୍କ ତତ୍ତ୍ୱାବଧାନରେ ପରିସମାପ୍ତି ହୋଇଥିଲା। ପ୍ରଥମ ଅଧିବେଶନରେ ବକ୍ତା ଭାବରେ ରାୟଗଡ଼ା ଜିଲ୍ଲା ସାଧାରଣ ସମ୍ପାଦକ ବନମାଳୀ ଗମାଙ୍ଗ. ଜିଲ୍ଲା ବିଜେପିର ପୂର୍ବତନ ଉପସଭାପତି ହଳଧର ମିଶ୍ର ଯୋଗଦେଇଥିଲେ। ବର୍ଗ ପ୍ରମୁଖ ନରସିଂହ ମଣ୍ଡାଙ୍ଗି ଓ ମାଝୀ ନିମାଳା ସଭାପତିତ୍ୱ କରିଥିଲେ। ପ୍ରଭାତରୁ ପ୍ରାତଃ ସ୍ମରଣ. ଯୋଗାଭ୍ୟାସ ପରେ ଜଳପାନ ଏବଂ ପାଞ୍ଚଟି ସତ୍ର ହୋଇଥିବା ବେଳେ ଏହି ପାଞ୍ଚଟି ସତ୍ରକୁ ଜିଲ୍ଲା ରୁ ଆଗତ ଉପସଭାପତି ଶ୍ରୀନିବାସ ସ୍ୱାଇଁ, ଜିଲ୍ଲା ସମ୍ପାଦକ ହରିଶ୍ ମୁଦୁଲି ବକ୍ତା ଭାବରେ ଦଳର କାର୍ଯ୍ୟ ପଦ୍ଧତି ନିଜ ସରକାରଙ୍କ ସଫଳତା କାର୍ଯ୍ୟନ୍ୱୟନ, ବୁଥ ପରିଚାଳନା, କାର୍ଯ୍ୟ ବିସ୍ତାର. ସାମାଜିକ ଗଣମାଧ୍ୟମ ଉପରେ ଆଲୋଚନା କରାଯାଇଥିଲା। ମଞ୍ଚରେ ଭାସ୍କର କାଡ୍ରାକା, ମାଝିଗୌରୀ କଣ୍ଡାଗରି, ହରି ତାଡିଙ୍ଗି, ଶିବ ପ୍ରସାଦ ବ୍ରହ୍ମା ପ୍ରମୁଖ ଦଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଭାବରେ ସଭାପତିତ୍ୱ କରିଥିଲେ। ଉକ୍ତ ବର୍ଗ ର ପରିଦର୍ଶନରେ ଜିଲ୍ଲା ପ୍ରଭାରୀ କେ ନାରାୟଣ ରାଓ ଉପସ୍ଥିତ ଥିବା ବେଳେ ରାମନଗୁଡ଼ା ମଣ୍ଡଳ ପ୍ରଭାରୀ ବାଲାମନି ଅନନ୍ତା ଉପସ୍ଥିତ ଥିଲେ। ଉକ୍ତ ବର୍ଗ ରେ ପ୍ରାୟ ୧୧୯ ଜଣ ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରି ଶିକ୍ଷା ଲାଭ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମ ମଣ୍ଡଳ ସାଧାରଣ ସମ୍ପାଦକ ରଘୁନାଥ ସାମଲ ମଞ୍ଚ ପରିଚାଳନା କରିଥିଲେ। ମଣ୍ଡଳ ସଭାପତି ଶ୍ରୀନିବାସ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗୁଣୁପୁର ନିର୍ବାଚନ ମଣ୍ଡଳୀ ମନ କି ବାତ୍ ସଂଯୋଜକ ଆଶିଷ କୁମାର ବେହେରାଙ୍କ ସମେତ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

# ଶିକ୍ଷା ଶିକ୍ଷକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




**କୋରାପୁଟ, ୨୧।୩(ସମିସ):** କୋରାପୁଟ ଡିଏଭି ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀ ପ୍ରସାଦ ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଫେସର ଡ. ବିଜୟ କୁମାର ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଶିକ୍ଷା ବିଭାଗ ଡିପିଆଇସି ବ୍ରହ୍ମପୁରର ପ୍ରଫେସର ଦେବେନ୍ଦ୍ର କୁମାର ସେଠୀ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ମାଣ୍ଡିଆ ରାଣୀ ଡଃ ରାଇମତି ଘିଉରିଆ ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଝରଣା ସାହୁ ସଭାପତି ଦାୟିତ୍ୱ ତୁଲାଇଥିଲେ। ଛାତ୍ର ସଂସଦର ଉପଦେଷ୍ଟା ଡ. ରାକ୍ଷୀ ନାୟକ ଓ ଡ. ପୂର୍ଣ୍ଣଚନ୍ଦ୍ର ତନ୍ତୀ, ଛାତ୍ର ସଂସଦ ସଭାପତି ସୁପ୍ରଭା ରାଉତ, ସମ୍ପାଦକ ଭଳେଶ୍ୱର ବେହେରା ମଞ୍ଚାସୀନ ହୋଇଥିଲେ। ଡ. ରାକ୍ଷୀ ନାୟକ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଭଳେଶ୍ୱର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସଭାପତି ସୁପ୍ରଭା ରାଉତ ମହାବିଦ୍ୟଳୟର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ବାର୍ଷିକ ଉତ୍ସବର ଆଭିମୁଖ୍ୟ ଏବଂ ଅନୁଷ୍ଠାନର ଉପଲବ୍ଧି ବିଷୟରେ ଆଭିମୁଖ୍ୟ ରଖିଥିଲେ। ମୁଖ୍ୟଅତିଥି ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ତତ୍ ସହିତ ଭଲ ଶିକ୍ଷକ ହୋଇ ସମାଜରେ ଆଲୋକ ଦେଖାଇବା ପାଇଁ ଉଦବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାରତର ଜ୍ଞାନ ବ୍ୟବସ୍ଥା ଏବଂ କିପରି ଭାବେ ଏହକୁ ଶିକ୍ଷା ସହିତ ଯୋଡି ହେବ ସେ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟଳୟର ପୂର୍ବତନ ଛାତ୍ରଛାତ୍ରୀ ଡ. ଲତିକା ମିଶ୍ର, ମମତା ଝୋଡ଼ିଆ, ଶ୍ରୀମତୀ ସସ୍ମିତା ନାୟକ, ଉପେନ୍ଦ୍ର ଶବର ଏବଂ ପ୍ରଦୀପ ଶବରଙ୍କୁ ସମ୍ମାନୀତ କରାଯାଇଥିଲା। ବାର୍ଷିକ ଉତ୍ସବ ଉପଲକ୍ଷେ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ୱାଲ୍ ଆର୍ଟ ଏବଂ ଫଟୋ ଗ୍ୟାଲେରୀ ଉଦ୍‌ଘାଟନ ସହ ବାର୍ଷିକ ପତ୍ରିକା ଶିକ୍ଷାରଣବ ଉନ୍ମୋଚନ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଡ. ପୂର୍ଣ୍ଣ ଚନ୍ଦ୍ର ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

# କବି ବଳରାମ ପୂଜାରୀଙ୍କ ଜୟନ୍ତୀ

**ଜୟପୁର, ୨୧।୩(ସମିସ):** କବି ବଳରାମ ପୂଜାରୀଙ୍କ ୫୨ତମ ଜୟନ୍ତୀ ସମାରୋହ ଜୟପୁର ସ୍ଥିତ ଏସ୍ଆର୍ ମଲର କନଭେନସନ୍ ହୋଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କବି ଡ. ବାସୁଦେବ ସୁନାନୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ 'କବିତା ହେଉଛି କରୁଣାର ପ୍ରତିବେଦନ, ଆଉ କବି ବଳରାମ ପୂଜାରୀଙ୍କ କବିତା ବଞ୍ଚିତବର୍ଗର କରୁଣାର କଥା କହୁଛି' ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗବେଷକ ଡ. ପରମେଶ୍ୱର ମୁଣ୍ଡ ଓ କବି ଡ. ପ୍ରୀତିଧାରା ସାମଲ ଯୋଗଦେଇ ବଳରାମ ପୂଜାରୀଙ୍କ ସାହିତ୍ୟ ଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତିତ୍ୱ କରିଥିଲେ କବି ତଥା ପ୍ରଶାସକ ଧର୍ମରାଜ ମାଝୀ। ଏହି ଅବସରରେ ବିଶିଷ୍ଟ କବି ଚକ୍ରପାଣି ପରିଚ୍ଛାଙ୍କୁ ପ୍ରଥମ 'କବି ବଳରାମ ପୂଜାରୀ ସ୍ମୃତି ସମ୍ମାନ - ୨୦୨୬' ପ୍ରଦାନ କରାଯାଇଥିଲା। ଏହି ଅବସରରେ କବି ବଳରାମ ପୂଜାରୀଙ୍କୁ ସମର୍ପିତ କରି 'କବିତା କୋରାପୁଟ' ନାମରେ ଏକ ସ୍ୱତନ୍ତ୍ର କବି ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ସାହିତ୍ୟିକ ହରିହର କରସୁଧା ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ରବି ଶତପଥୀ, ମାଧୁରୀ ପଣ୍ଡା, ଏମ୍. ହିମାଂଶୁ ଆଚାରୀ, ଅଶୋକ ମହାରଣା, ପ୍ରକାଶ ମହାନ୍ତି, ଗୋପାଳକୃଷ୍ଣ ସାମନ୍ତରାୟ, ସବିତା ତ୍ରିପାଠୀ, ମନୋରଞ୍ଜନ ପ୍ରଧାନ କବିତାପାଠ କରିଥିବା ବେଳେ ଓମ୍‌ପ୍ରକାଶ ମିଶ୍ର ସମୀକ୍ଷା କରିଥିଲେ। ପୁଷ୍ପାଞ୍ଜଳି ରଣା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଜୟଲକ୍ଷ୍ମୀ ପାଣିଗ୍ରାହୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ସବ୍ୟସାଚୀ ବିଷୋୟୀ, ନିରଞ୍ଜନ ପାଣିଗ୍ରାହୀ, ଭଗବାନ ସାହୁ, ରୁଦ୍ରାଭିଷେକ ପୂଜାରୀ, ରସରାଜ୍ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ। କବି ବଳରାମ ପୂଜାରୀଙ୍କ ଜୟନ୍ତୀ ଅବସରରେ କୁଡୁମୁଲୁଗୁମ୍ମାରେ ଥିବା ପ୍ରତିମୂର୍ତ୍ତିରେ ବହୁ ମାନ୍ୟଗନ୍ୟ ବ୍ୟକ୍ତି ପୁଷ୍ପମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।




# ପଞ୍ଚାୟତ ଭିତରେ ଦଲାଲ କିଣୁଛନ୍ତି ପିଡିଏସ୍ ଚାଉଳ!

**କାଲିମେଳା, ୨୧।୩(ସମିସ):** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ତାଣ୍ଡବାଇ ପଞ୍ଚାୟତ ପରିସରରେ ପିଡିଏସ୍ ଚାଉଳର କଳାବଜାରୀ ହେଉଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ଭିତରେ ଦଲାଲ ପିଡିଏସ୍ ଚାଉଳ କିଣୁଥିବା ଅଭିଯୋଗ ହୋଇଛି। ଆହାର ପାଇଁ ଯେପରି କୌଣସି ବ୍ୟକ୍ତିକୁ ସଂଘର୍ଷ କରିବାକୁ ନପଡେ ସେଥିପାଇଁ ଗରିବ ଓ ଅସହାୟଙ୍କ ପାଇଁ ସରକାର କୋଟି କୋଟି ଟଙ୍କା ବ୍ୟୟ କରି ପିଡିଏସ୍ ବ୍ୟବସ୍ଥାରେ ଚାଉଳ ଯୋଗାଇ ଦେଉଛନ୍ତି। ତେବେ ତୃଣମୂଳସ୍ତରରେ କିନ୍ତୁ ଏହାର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଗରିବ ଓ ଅସହାୟ ଲୋକେ ଦଲାଲଙ୍କ କବଜାରେ ପଡ଼ି ମାସକ ପାଇଁ ମିଳୁଥିବା ଏହି ଚାଉଳ ବିକ୍ରି କରୁଥିବା ଚିତ୍ର ଦେଖିବାକୁ ମିଳିଛି। ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ଭିତରେ ଥିବା ପୋଷ୍ଟ ଅଫିସ ଗୃହ ସମ୍ମୁଖରେ ଏହି ଚାଉଳକୁ ଗଚ୍ଛିତ କରି ଦଲାଲମାନେ ଖୋଲାଖୋଲି ଭାବେ ଏହି ପିଡିଏସ୍ ଚାଉଳକୁ ହିତାଧିକାରୀଙ୍କ ଠାରୁ ଖରିଦ କରୁଥିବା ନଜରକୁ ଆସିଛି। ତେବେ ଏହା ଦିନ ସମୟରେ ଖୋଲାମେଲାରେ ହେଉଥିବା ବେଳେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନଥିବା ବିଡମ୍ବନାର ବିଷୟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପ୍ରତିଥର ଚାଉଳ ଏବଂ ମାଣ୍ଡିଆ ଦେବା ସମୟରେ ଉକ୍ତ ଦଲାଲ ମାନେ ଲୋକଙ୍କ ଠାରୁ କମ୍ ଦରରେ ଖରିଦ କରି ବଡ଼ ବ୍ୟବସାୟୀଙ୍କୁ ଅଧିକ ଅର୍ଥରେ ବିକ୍ରି କରି ଲାଭବାନ ହେଉଥିବା ଅଭିଯୋଗ ହୋଇଛି। ଏପରି ସ୍ଥିତିରେ ଗରିବ ଓ ଅସହାୟଙ୍କ ପାଇଁ ଆସୁଥିବା ପିଡିଏସ୍ ଚାଉଳ ଏବଂ ମାଣ୍ଡିଆ ବଣ୍ଟନ ସମୟରେ କଳାବଜାରୀ କରୁଥିବା ଦଲାଲ୍‌ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ତେବେ ଏନେଇ ଆମେ ସ୍ଥାନୀୟ ମାର୍କେଟିଂ ଇନ୍ସପେକ୍ଟର ଚିନ୍ମୟ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ ତଦନ୍ତ କରିବା ନେଇ କହିବା ସହ ଅଭିଯୋଗ ସତ ହେଲେ ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।



# ସତ୍ୟସାଇ ମନ୍ଦିର ପକ୍ଷରୁ ଅମୃତ ବିନ୍ଦୁ

**କୋରୁକୋଣ୍ଡା, ୨୧।୩(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ସତ୍ୟସାଇ ସେବା ସମିତି ତରଫରୁ ରକ୍ତଦାନ ଶିବିର (ଅମୃତ ବିନ୍ଦୁ ) କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିମେଳାରବାସୀନ୍ଦା ବହୁ ସଂଖ୍ୟାରେ ଯୋଗ ଦେଇ ରକ୍ତଦାନ କରିଥଲେ। ରକ୍ତଦାନ ଏକ ମହାଦାନ ଓ ଏହା ଏକ ଜୀବନକୁ ବଞ୍ଚାଇପାରିବ ବୋଲି ବାଲିମେଳା ସତ୍ୟସାଇ ସେବା ସମିତିର ଆବାହକ ମୁରଲୀ କ୍ରିଷ୍ଣା ପଟ୍ଟନାୟକ କହିଛନ୍ତି। ଜିଲ୍ଲା ଆବାହକ ଶ୍ରୀଦେବୀ ପଟ୍ଟନାୟକଙ୍କ ସମେତ ସତ୍ୟସାଇ ଭକ୍ତ ଓ ବାଲିମେଳା ଓଏଚ୍‌ପିସିର କର୍ମଚାରୀ ଏବଂ ସ୍ଥାନୀୟବାସୀନ୍ଦା ସହଯୋଗ କରିଥିଲେ।



# ସତୀଗୁଡ଼ା ଇକୋ ପାର୍କରେ 'ବିଶ୍ୱ ବନ ଦିବସ'






ମାଲକାନଗିରି, ୨୧।୩(ସମିସ)

ମାଲକାନଗିରି ଜିଲ୍ଲା ସଦର ନିକଟରେ ଥିବା ସତୀଗୁଡ଼ା ଇକୋପାର୍କ ପରିସରରେ ମାଲକାନଗିରି ବନ ବିଭାଗ ପକ୍ଷରୁ 'ବିଶ୍ୱ ବନ ଦିବସ' ପାଳିତ ହୋଇଯାଇଛି। ଚଳିତ ବର୍ଷ ଏହି ଦିବସର ମୁଖ୍ୟ ବିଷୟବସ୍ତୁ 'ଜଙ୍ଗଲ ଏବଂ ଅର୍ଥନୀତି' ରହିଥିବା ବେଳେ ଏହା ମାଧ୍ୟମରେ ପ୍ରକୃତିର ସୁରକ୍ଷା ସହ ଆର୍ଥିକ ପ୍ରଗତିର ସମନ୍ୱୟ ରକ୍ଷା କରିବାକୁ ଗୁରୁତ୍ୱ ଦିଆଯାଇଛି। ଏହି ସ୍ୱତନ୍ତ୍ର ଉତ୍ସବରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ, ମାଲକାନଗିରି ବନଖଣ୍ଡ ଅଧିକାରୀ ସାଇ କିରଣ ଡିଏନ, ଏସିଏଫ୍ ପ୍ରିୟଙ୍କା ମହୁକା ଏବଂ ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରଞ୍ଜନ ରାୟ, ସତିଗୁଡା ଡ୍ୟାମ୍ ପ୍ରୋଜେକ୍ଟର ସହାୟକ ଯନ୍ତ୍ରୀ ଲଳିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ, ବିଭିନ୍ନ ପଞ୍ଚାୟତ ପ୍ରତିନିଧି, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଙ୍କ ଦ୍ୱାରା ପରିବେଷିତ ସଚେତନତା ଧର୍ମୀ ନାଟକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲା। ଏହି ଅବସରରେ ବନୀକରଣ ଏବଂ ଜଙ୍ଗଲ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଖଇରପୁଟ ବ୍ଲକର ମୁଦୁଲିପଡ଼ା ଗ୍ରାମ ପଞ୍ଚାୟତକୁ ଉପଖଣ୍ଡ ସ୍ତରୀୟ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ଭାବେ ସମ୍ମାନିତ କରାଯାଇଥିଲା। ଏଥିସହ ଉପସ୍ଥିତ ସମସ୍ତ ଅତିଥି ଓ ଜନସାଧାରଣ ଜଙ୍ଗଲ ନଷ୍ଟ ନକରିବା ଏବଂ ବନୀକରଣ ବୃଦ୍ଧି ପାଇଁ ସାମୂହିକ ଶପଥ ଗ୍ରହଣ କରିଥିଲେ। ବିଭିନ୍ନ ବନଖଣ୍ଡରୁ ଆସିଥିବା ବନଖଣ୍ଡ ଅଧିକାରୀ ଏବଂ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଜଙ୍ଗଲ ପରିଚାଳନା କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବ୍ୟବହାର ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ। ଏହି ଅବସରରେ ମାଲକାନଗିରି ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବଜାୟ ରଖିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥଲେ ଡିଏଫ୍‌ଓ ସାଇ କିରଣ। ଏହି ଅବସରରେ ନୂତନ ପ୍ରଣାଳୀର କିଛି ଯାନ୍ତ୍ରିକ ନୌକାର ଉଦ୍‌ଘାଟନ କରାଯାଇଥିଲା। ଜିଲ୍ଲାରେ ପ୍ରଥମ ଥର ପାଇଁ ଏହି ନୂତନ ପ୍ରଣାଳୀର ନୌକା ଲୋକଙ୍କୁ ଜଳ କ୍ରିଡାର ନୂଆ ମଜା ଦେବାକୁ ଥିବା ବେଳେ ସତିଗୁଡାକୁ ଆହୁରି ଅଧିକ ପର୍ଯ୍ୟଟକଙ୍କୁ ଟାଣି ଆଣିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

**ନୂତନ ପ୍ରଣାଳୀର ଯାନ୍ତ୍ରିକ ନୌକାର ଶୁଭାରମ୍ଭ**

# ବିଡିଓଙ୍କୁ ବିଜେଡିର ୭ ଦଫା ଦାବିପତ୍ର

**ତେନ୍ତୁଳିଖୁଣ୍ଟି, ୨୧।୩(ସମିସ):** ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ନେଇଁ ତେନ୍ତୁଳିଖୁଣ୍ଟି ବିଜୁ ଜନତା ଦଳ ପକ୍ଷରୁ ନବରଙ୍ଗପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ ପାଣିଗ୍ରାହୀଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଉଲ୍ଲେଖ ରହିଥିବା ସମସ୍ତ ଦାବି ପୂରଣ ତଥା ସମାଧାନ ଦିଗରେ ଦୃଷ୍ଟି ଦିଆ ନ ଗଲେ ଆଗାମୀ ଦିନରେ ବ୍ଲକ ଘେରଉ କରାଯିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ତେନ୍ତୁଳିଖୁଣ୍ଟି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମକର୍ତ୍ତା ଓ ପଞ୍ଚାୟତ ପ୍ରତିନିଧି ନାରାବାଜି ଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ୍ କାର୍ଯ୍ୟାଳୟ ପରିସରରେ ବ୍ଲକରେ ଚାଲିଥିବା ଅନିୟମିତତା ଓ ଦୁର୍ନୀତି ନେଇଁ ନାରାବାଜି କରିଥିଲେ। ଏହାପରେ ବିଡିଓ ଶ୍ରୀ ପାଣିଗ୍ରାହୀ ଙ୍କୁ ୭ଡଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦୀର୍ଘ ମାସ ଧରି ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ନହେବା, ପଞ୍ଚାୟତ ସମିତିର ସଭ୍ୟ ସଭ୍ୟାଙ୍କ ଅଜାଣତରେ ପଞ୍ଚାୟତ ସମିତି ପାଣ୍ଠିର ବିନିଯୋଗ କରିବା, ଦୀର୍ଘ ମାସ ଧରି ନୂତନ ଭାବେ ଲାଗୁ ହୋଇଥିବା ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ନକରିବା, ପିଡିଏସ ଚାଉଳ ବଣ୍ଟନରେ ଅନିୟମିତତା, ବ୍ଲକର ଅଚଳ ନଳକୂପ ମରାମତି ନହେବା, ବିଗତ ଦିନରେ ଏଓଏନଓ ଓ ୫ ଟି ଯୋଜନାରେ ହୋଇଥିବା ଉନ୍ନୟନ ମୂଳକ କାର୍ଯ୍ୟର ଟଙ୍କା ପୈଠ ନହେବା ଏବଂ ନିମ୍ନମାନର ଖେଳ ସାମଗ୍ରୀ ଅଣାଯାଇ ଅଳ୍ପ ପରିମାଣରେ ବଣ୍ଟନ କରି ଅର୍ଥ ହରିଲୁଟ କରିଥିବା ନେଇଁ ଦାବି ପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ବିଜେଡି ସଭାନେତ୍ରୀ ମଞ୍ଜୁଳା ମାଝୀ, ରାଜ୍ୟ ଯୁବ ବିଜେଡି ଉପସଭାପତି ତଥା ନନ୍ଦାହାଣ୍ଡି ଜିଲ୍ଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଛାତ୍ର ବିଜେଡି ଜିଲ୍ଲା ସଭାପତି ବାବୁଲା ନାୟକ, ତେନ୍ତୁଳିଖୁଣ୍ଟି ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ଗୌଡ଼ ଦେଓପାଲି ସମିତି ସଭ୍ୟ ସୁଧୀର ଖୁରା, ପାତ୍ରପୁଟ ସରପଞ୍ଚ ଶିବାନନ୍ଦ ପ୍ରଧାନୀ, ବାବୁନି ନାୟକ, ସୁରେଶ ନାୟକ, ଟୁନାବାବୁ ଷଡ଼ଙ୍ଗୀ, ପିଙ୍କୁ ସାହୁ, ବାରିଜ ପଟ୍ଟନାୟକ, ଗୋଜେନ୍ଦ୍ର ସଗରିଆ, ସୁବାଷ ଗରଡ଼ାଙ୍କ ବହୁ ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ। ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲି ବିଡିଓ ଶ୍ରୀ ପାଣିଗ୍ରାହୀ ପ୍ରକାଶ କରିଛନ୍ତି।



# କଟକ ସିଟି



# ରୌପ୍ୟନଗରୀରେ ଇଦ୍-ଉଲ୍-ଫିତର୍














**କଟକ, ୨୧।୩(ସମିସ)**

ରୌପ୍ୟନଗରୀରେ ଧୂମ୍‌ଧାମରେ ପବିତ୍ର ଇଦ୍-ଉଲ୍-ଫିତର୍ ପାଳିତ ହୋଇଛି। ଏହି ଅବସରରେ କଟକର ସମସ୍ତ ମସ୍‌ଜିଦରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ବିଶେଷକରି ସହରର କଦମ୍ ରସୁଲ ଏବଂ ଇଦ୍‌ଗା ମସଜିଦରେ ନମାଜ ପାଠ ପାଇଁ ମୁସଲମାନ ଭାଇମାନଙ୍କ ପ୍ରବଳ ଭିଡ ହୋଇଥିଲା। ସକାଳ ୭ରୁ ହିଁ ଦରଘାବଜାରସ୍ଥିତ ଛୋଟି ମସ୍‌ଜିଦରେ ପ୍ରଥମ ସାମୂହିକ ନମାଜ ପାଠ କରାଯାଇଥିଲା। ପରେ ସକାଳ ସାଢେ ୧୦ଟାରେ ଇଦ୍‌ଗା ପଡ଼ିଆରେ ହଜାର ହଜାର ମୁସଲିମ ଭାଇମାନେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ। ଏହି ଅବସରରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂହ, ପୂର୍ବତନ ବିଧାୟକ ମହମ୍ମଦ ମୋକିମ୍, କଂଗ୍ରେସ ନେତା ସୁରେଶ ମହାପାତ୍ର, ନିରାମୟର ପୂର୍ବତନ ଉପଦେଷ୍ଟା ରଞ୍ଜନ ବିଶ୍ୱାଳଙ୍କ ସମେତ ବହୁ ରାଜନେତା ତଥା ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଇଦ୍ ମୁବାରକ୍‌ର ଶୁଭେଚ୍ଛା ପ୍ରଦାନ କରିଥିଲେ।

ଦୀର୍ଘ ୨୯ ଦିନ ଧରି ରୋଜା ରଖିଥିବା ମୁସଲମାନ ସମ୍ପ୍ରଦାୟ ଏହି ପର୍ବକୁ ଆଜି ପାଳନ କରିଛନ୍ତି। ସମୂହ ନମାଜ ପାଠ ପରେ ସାମୂହିକ ଭୋଜନ ସହ ପରସ୍ପରକୁ ଇଦ୍ ଶୁଭେଚ୍ଛା ଆଦାନ ପ୍ରଦାନ କରିଥିଲେ। ମସ୍‌ଜିଦ ନିକଟରେ ସବୁ ଧର୍ମର ଲୋକ ଏକତ୍ରିତ ହୋଇ ଏହି ପର୍ବ ପାଳନ କରିଥିଲେ। ଯାହାକି କଟକ ସହରରେ ଭାଇଚାରାର ଏକ ନିଆରା ଦିଗଦର୍ଶନର ପ୍ରମାଣ। ସବୁ ମୁସ୍‌ଲିମାନଙ୍କର ଏହା ହେଉଛି ବଡ଼ ପର୍ବ। ଇଦ୍ ପାଇଁ ଚଳଚଞ୍ଚଳ ହୋଇଥିଲା ସବୁ ମସ୍‌ଜିଦ ଓ ଇଦଗା ମୈଦାନ। ଇଦ୍ ଏକ ଆରବୀ ଶବ୍ଦ ଯାହାର ଅର୍ଥ ଆନନ୍ଦ ଉତ୍ସବ ଓ ଫିଦର ବା ଫିତ୍ରର ଅର୍ଥ ହେଲା ଉପବାସ ଭାଙ୍ଗିବା। ଏଇ ପର୍ବଟି ଅଣତିରିସିଆ ବା ତିରିସିଆ ମାସରେ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ କରାଯାଉଥିବା ଉପବାସର ଉପସଂହାର ବା ଶେଷ। ସେଥିପାଇଁ ଇଦର ପ୍ରଥମ ଦିନ ମାସର ପ୍ରଥମ ଦିନ ହୋଇଥାଏ। ଇସଲାମରେ ରମଜାନ ମାସକୁ ପବିତ୍ର ମାସ ବୋଲି କୁହାଯାଏ। ମାସ ସାରା ମୁସଲମାନମାନେ ଉପବାସ କରିଥାନ୍ତି। ୨ଟି ଇଦ ଭିତରୁ ଏହା ହେଉଛି ଗୋଟିଏ। ଅନ୍ୟଟି ହେଲା 'ଇଦ୍ ଉଲ-ଅଜହା'। ମୁସଲମାନମାନେ ଏଇ ପର୍ବରେ ଆଲ୍ଲାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଭୋଜି-ଭାତ ସହିତ ଅନେକ ସୁସ୍ୱାଦୁ ଭୋଜନର ମଜା ନେଇଥାନ୍ତି। ଆମେ ହିନ୍ଦୁ ହେଲେ ମଧ୍ୟ ଇଦ୍ ପର୍ବରେ ସାମିଲ ହୋଇଥାଉ। ଏହି ପର୍ବ ପାଳନ କରି ଆମକୁ ବହୁତ ଆନନ୍ଦ ମିଳିଥାଏ। ଭାଇଚାର ସହର କଟକରେ ସମସ୍ତ ପର୍ବରେ ସମସ୍ତ ସମ୍ପ୍ରଦାୟର ଲୋକମାନେ ମିଶି ପାଳନ କରିଥାନ୍ତି। ଏହିକ୍ରମରେ ଭାଇଚାରାର ସହର କଟକ ସବୁବେଳେ ବିଶ୍ୱ ପାଇଁ ଉଦାହରଣ ସାଜିଥାଏ ବୋଲି ମେୟର ସୁବାସ ସିଂହ କହିଛନ୍ତି। ପ୍ରତ୍ୟକ ବର୍ଷ ଏହି ପର୍ବରେ ଇଦଗା ପଡ଼ିଆରେ ୭ ହଜାରରୁ ଅଧିକ ଲୋକ ନମାଜ ପାଠ କରିଥାନ୍ତି। ଇଦଘାରେ ନମାଜ ପାଠ କଲେ, ଅଧିକ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଥିବାରୁ ଏଠାରେ ସର୍ବାଧିକ ଲୋକ ଏକତ୍ରିକ ହୋଇଥାଆନ୍ତି। ଭାଇଚାରାର ସହର କଟକରେ କେବଳ ମୁସଲିମ୍ ନୁହନ୍ତି, ଏହି କାର୍ଯ୍ୟକ୍ରମରେ ସହରର ଲୋକପ୍ରତିନିଧି, ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ଅଂଶଗ୍ରହଣ କରିଥାନ୍ତି। ଏହି ପରମ୍ପରା ଏବେ କାର ନୁହେଁ ବରଂ ଏହା ବହୁତ ପୁରୁଣା ବୋଲି କଦମ୍‌ରସୁଲ୍ ପରିଚାଳନା କମିଟି ସଭାପତି ରମ୍‌ଜାନ୍ ଖାନ୍ କହିଛନ୍ତି। କଟକରେ ୪୨ରୁ ଅଧିକ ମସ୍‌ଜିଦ୍ ରହିଛି। ସେଥିମଧ୍ୟରୁ କଟକ ଦରଘାବଜାରସ୍ଥିତ କଦମ୍‌ରସୁଲ୍‌ରେ ସକାଳ ସାଢ଼େ ୮ ଓ ସକାଳ ୯ଟାରେ ଦୁଇଥର ନମାଜ ପାଠ କରାଯାଇଥିଲା। ସେହିପରି ଇଦଗା ମସଜିଦରେ ପୂର୍ବାହ୍ନ ସାଢ଼େ ୧୦ଟାରେ ନମାଜ ପାଠ କରାଯାଇଥିବା ସୂଚନା ମିଳିଛି।

**ଇଦ୍‌ଗା' ପଡ଼ିଆରେ ସମୂହ ନମାଜ ପାଠ**
**କଦମ୍ ରସୁଲ ସମେତ ସହରର ୪୨ଟି ମସଜିଦ୍ ଉତ୍ସବମୁଖର**

**ଏଲ୍‌ପିଜି ସଙ୍କଟ ପରେ ଖାଇବା ତେଲ ଦର ବୃଦ୍ଧି**

## ହୋଟେଲ ମେନୁ ମହଙ୍ଗା, ଫାଷ୍ଟଫୁଡ୍ ସେଣ୍ଟର ବନ୍ଦ

**କଟକ, ୨୧।୩(ସମିସ):** ମଧ୍ୟପ୍ରାଚ୍ୟରେ ଜାରି ଯୁଦ୍ଧ ସ୍ଥିତି ପାଇଁ ଏବେ ବି ଏଲପିଜି (ରନ୍ଧନ ଗ୍ୟାସ) ସିଲିଣ୍ଡରର ଘୋର ଅଭାବ ଦେଖାଦେଇଛି। ଗ୍ୟାସ ସିଲିଣ୍ଡର ନମିଳିବାରୁ ଏବେ ହୋଟେଲ ମାଲିକମାନେ ପୁଣିଥରେ ପାରମ୍ପରିକ କାଠ ଚୁଲିକୁ ଆପଣେଇବାକୁ ବାଧ୍ୟ ହୋଇଛନ୍ତି। ଗୋଟିଏପଟରେ ସିଲିଣ୍ଡର ଦର ବୃଦ୍ଧି ଘଟିଥିବା ବେଳେ ଯୁଦ୍ଧ ପ୍ରଭାବରେ ଖାଇବା ତେଲର ଦର ଅହେତୁକ ବୃଦ୍ଧି ଘଟିଛି। ଯାହାର ପ୍ରଭାବ ସିଧାସଳଖ କଟକ ବଜାରରେ ମିଳୁଥିବା ଖାଦ୍ୟ ସାମଗ୍ରୀ ଉପରେ ପଡ଼ିଛି। ଏଥିପାଇଁ ହୋଟେଲ ଖାଇବା ମହଙ୍ଗା ହୋଇଯାଇଥିବା ବେଳେ ରାସ୍ତାକଡ଼ରେ ମିଳୁଥିବା ଟିଫିନ ଓ ଫାଷ୍ଟଫୁଡ ଦର ବଢ଼ାଇଛନ୍ତି ବ୍ୟବସାୟୀ। ଦର ବୃଦ୍ଧି ଫଳରେ ହୋଟେଲ ଓ ଉଠାଦୋକାନୀଙ୍କ ବେପାର ପ୍ରଭାବିତ ହୋଇଛି। ପଶ୍ଚିମ ଏସିଆରେ ଲାଗିରହିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ଏହି ସଙ୍କଟ ସୃଷ୍ଟି ହୋଇଛି। ହୋଟେଲ ମାଲିକଙ୍କ ସୂଚନା ଅନୁଯାୟୀ, ଗତ ୧୦-୧୫ଦିନ ମଧ୍ୟରେ ପ୍ରାୟ ୩୦ ପ୍ରତିଶତ ବ୍ୟବସାୟ ହ୍ରାସ ପାଇଛି। କଟକ ସହରରେ ଛୋଟବଡ ପ୍ରାୟ ୧୫୦ରୁ ଅଧିକ ହୋଟେଲ ରେଷ୍ଟୁରାଣ୍ଟ ରହିଥିବା ବେଳେ ଦର ବୃଦ୍ଧି ପାଇଁ ଅନଲାଇନ ଅର୍ଡର ହ୍ରାସ ପାଇଛି। ଏଣୁ ବର୍ତ୍ତମାନ ଲାଭାଂଶ କମିଯାଇଥିବା କହୁଛନ୍ତି ହୋଟେଲ ମାଲିକ। ରନ୍ଧନ ଗ୍ୟାସ ସିଲିଣ୍ଡର ମିଳୁନଥିବାରୁ ଅନେକ ହୋଟେଲ ପାଇଁ ଏବେ କୋଇଲା ଓ କାଠ ଚୁଲି ଭରସା ପାଲଟିଛି। ତେବେ ପୂର୍ବରୁ କାଠ ଓ କୋଇଲାର ମୂଲ୍ୟ ଯାହା ଥିଲା ତାହା ବି ୨୦ପ୍ରତିଶତ ବଢ଼ିଯାଇଛି। ଗ୍ୟାସ ସଙ୍କଟ ଯୋଗୁଁ ହୋଟେଲ ମେନୁରେ ଅନେକ ପରିବର୍ତ୍ତନ କରାଯାଇଛି। ଅନେକ ହୋଟେଲ ଏବେ ଇଣ୍ଡକସନ ଷ୍ଟୋଭ୍ ବ୍ୟବହାର କରୁଛନ୍ତି। ସେହିଭଳି ସହରରେ ଯେଉଁଠି ଟିଫିନ ବା ଜଳଖିଆ ଦର ୨୫ଟଙ୍କା ଥିଲା ତାହା ଏବେ ୩୫ଟଙ୍କା ହୋଇଯାଇଛି। ସେହିଭଳି ଫାଷ୍ଟଫୁଡ ସେଣ୍ଟର ଗୁଡିକ ପାଇଁ ଏଲପିଜି ନିତାନ୍ତ ଜରୁରୀ ହୋଇଥିବା ବେଳେ ସେଗୁଡିକ ବେଶୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ସିଲିଣ୍ଡର ଶେଷ ପାଇଁ ସେମାନେ ବାଧ ହୋଇ ସପ୍ତାହକୁ ୪ରୁ ୫ ଦିନ ବେପାର ବନ୍ଦ ରଖୁଛନ୍ତି। ଏହି ସଙ୍କଟର ପ୍ରଭାବ ପବିତ୍ର ଇଦ ଉତ୍ସବ ଉପରେ ମଧ୍ୟ ପଡ଼ିଛି।

**ଟ୍ରାଫିକ୍ ପୁଲିସର ସ୍ପେସାଲ୍ ଡ୍ରାଇଭ୍**

## ଦିନକରେ ୨୧୯ ମାମଲା

**କଟକ, ୨୧।୩(ସମିସ):** ନିୟମ ଓ ଆଇନକୁ କଡ଼ାକଡ଼ି ଭାବେ ପାଳନ କରିବା ଲାଗି ଟ୍ରାଫିକ୍ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି। ବିଶେଷକରି କଟକ ସହରର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହିତ ଜାତୀୟ ରାଜପଥରେ ଏହି ଡ୍ରାଇଭ କରାଯାଇ ୨୧୯ ନିୟମଭଙ୍ଗକାରୀ ଘଟଣାରେ ମାମଲା ରୁଜୁ ସହିତ ଚାଲାଣ କଟାଯାଇଛି। ଓଏମପି, ମଙ୍ଗୁଳି, କନ୍ଦରପୁର, ନରାଜ, ବାଙ୍କି, ତ୍ରିଶୂଳିଆ ସହିତ ଜାତୀୟ ରାଜପଥର ଏକାଧିକ ସ୍ଥାନରେ ଏହି ଡ୍ରାଇଭ କରାଯାଇଥିଲା। ତଦ୍‌ନୁଯାୟୀ ବିନା ହେଲମେଟରେ ବାଇକ ଚାଳନା କରିବା ଘଟଣାରେ ୩୭ଟି ମାମାଲା ରୁଜୁ ହୋଇଥିବା ବେଳେ ଦ୍ରୁତଗତିରେ ଗାଡି ଚାଳନା କରିବା ନେଇ ୮୪, ବାଇକ ଚାଳନାବେଳେ ମୋବାଇଲ ଫୋନ ବ୍ୟବହାର କରିବା ନେଇ ୩, ଭୁଲ ରାସ୍ତାରେ ଗାଡିଚାଳନା ୨, ବେଆଇନ ପାର୍କିଂ ୧୦, ଗାଡ଼ି କାଗଜପତ୍ର ଠିକ୍ ନଥିବା ୧୫, ବିପଦସଂକୁଳ ଅବସ୍ଥା ମାଲପରିବହନ କରିନେବା ୨, ଶ୍ରମିକମାନଙ୍କୁ ବିପଦ ସଂକୁଳ ଅବସ୍ଥାରେ ଛିଡା କରାଇନେବା ୨, ବାଇକରେ ୩ଜଣିଆ ବସି ଯାତ୍ରା କରିବା ୩ଟି ମାମଲା ରୁଜୁ ହୋଇଛି। ସେହିପରି ଅତ୍ୟଧିକ ମାଲପରିବହନ କରିବା ନେଇ ୨, ମଦ୍ୟପାନକରି ଗାଡିଚାଳନା କରିବା ଘଟଣାରେ ଜଣକୁ ଗିରଫ କରାଯାଇ ସ୍ଥାନୀୟ ଥାନା ଜିମା ଦିଆଯାଇଛି। ଏହିପରି ଭାବେ ଆଜି ମୋଟ ୨୧୯ଟି ମାମଲାରେ ଚାଲାଣ କଟାଯାଇଛି। ଏହାଛଡ଼ା ମଲଟି ଟୋନ୍ ହର୍ଣ୍ଣ, ଉଜ୍ଜଳ ଆଲୋକ ବ୍ୟବହାର ଆଦି ଯାବତୀୟ ନିୟମ ଯାଞ୍ଚରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ନିୟମ ଭାଙ୍ଗି ବାରମ୍ବାର ଧରାହେବା ଘଟଣାରେ ଏଣିକି ଗାଡିଗୁଡିକ ଜବତ କରାଯିବା ସହିତ ଚାଳକଙ୍କ ଲାଇସେନ୍ସ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରଦ୍ଦପାଇଁ ସୁପାରିସ କରାଯିବ।

## ଦୁଇ ମହିଳା ହୋମ୍‌ଗାର୍ଡଙ୍କ ମାର୍‌ପିଟ୍

କଟକ, ୨୧।୩(ସମିସ): ଗାଡ଼ି ପାର୍କିଂକୁ ନେଇ ଦୁଇ ମହିଳା ହୋମଗାର୍ଡ଼ଙ୍କ ମଧ୍ୟରେ ମାରପିଟ୍ ଘଟିଥିବା ଜଣାପଡ଼ିଛି। ଉଭୟ ଏଥିରେ ଖଣ୍ଡିଆଖାବରା ହୋଇଛନ୍ତି। ରିଜର୍ଭ ପୁଲିସରେ କାର୍ଯ୍ୟ କରୁଥିବା ଦୁଇ ମହିଳା ହୋମଗାର୍ଡ଼ ଗୋଟିଏ ଗୋଟିଏ ସ୍ଥାନରେ ରହୁଛନ୍ତି। ଉଭୟଙ୍କର ସ୍କୁଟି ରହିଛି, ହେଲେ ଗାଡି ପାର୍କିଂକୁ ପ୍ରତିଦିନ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥାଏ। ଶୁକ୍ରବାର କିନ୍ତୁ ଘଟଣା ଉଗ୍ରରୂପ ନେଇଥିଲା। ଠେଲାପେଲା ପରେ ଉଭୟଙ୍କ ମଧ୍ୟରେ ହାତାହାତି ପର୍ଯ୍ୟନ୍ତ କଥା ଚାଲିଯାଇଥିଲା। ଏହାକୁ ଦେଖି କେତେକ ମହିଳା ପୁଲିସ କର୍ମଚାରୀ ସେମାନଙ୍କୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ, ହେଲେ ବିଫଳ ହୋଇଥିଲେ। ଜୋର୍‌ରେ ମାରପିଟ୍ ହେବାରୁ ଉଭୟ ଖଣ୍ଡିଆ ଖାବରା ହେବା ସହିତ ରକ୍ତାକ୍ତ ହୋଇପଡ଼ିଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ସୂଚନା ପାଇ ଜଣେ ବରିଷ୍ଠ ଅଧିକାରୀ ସେଠାରେ ପହଞ୍ଚିବା ସହିତ ତାଗିଦା ମଧ୍ୟ କରିଥିଲେ। ଏହାପରେ ଉଭୟଙ୍କୁ ମେଡ଼ିକାଲ ନିଆଯାଇ ଚିକିତ୍ସା କରାଯାଇଥିଲା। ଅନ୍ୟପକ୍ଷରେ ଏହି ଘଟଣା ପାଇଁ ଉଭୟଙ୍କୁ କୈଫିୟତ ମଗାଯାଇଥିବା ଜଣାପଡ଼ିଛି।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉତ୍ସବ



**କଟକ, ୨୧।୩(ସମିସ):** ଧର୍ମ ଜାଗରଣ ସମନ୍ୱୟ କଟକ ତରଫରୁ ସଂଯୋଜକ ମନୋହର ମହନ୍ତଙ୍କ ଅଧ୍ୟକ୍ଷତାରେ ଶତାବ୍ଦୀ ଭବନଠାରେ ହିନ୍ଦୁ ନବବର୍ଷ ଉତ୍ସବ ପାଳନ କରାଯାଇଛି। ମୁଖ୍ୟଅତିଥି ରୂପେ ଧର୍ମ ଜାଗରଣ ପୂର୍ବ ଭାରତ କ୍ଷେତ୍ର ପ୍ରମୁଖ ବିନୟ କୁମାର ଭୂୟାଁ, ସମ୍ମାନିତ ଅତିଥି ରୂପେ ପ୍ରାନ୍ତ ସହ ନିଧି ପ୍ରମୁଖ ଧ୍ରୁବ ଚରଣ ବେହେରା ଯୋଗ ଦେଇଥିଲେ। ଛୋଟ ଛୋଟ ସ୍କୁଲ ଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ଭକ୍ତି ସଙ୍ଗୀତରେ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ଦୁଇ ଜଣ ସମାଜସେବୀ ଡ଼ଃ ତୋଫାନ ଦାସ ଓ ଆର ରାମବାବୁଙ୍କୁ ନିଜ ନିଜ ସ୍ତରରେ ଜନସେବା କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ହିନ୍ଦୁ ନବବର୍ଷ ସମ୍ମାନ ୨୦୨୬ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଜନ ତଥା ଗୋ-ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୬ ସମାଜ ସେବା ଅନୁଷ୍ଠାନକୁ ହିନ୍ଦୁ ନବବର୍ଷ ସମ୍ମାନ ୨୦୨୬ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦୀପ୍ତ ନାୟକ, ମୃତ୍ୟୁଞ୍ଜୟ ନାୟକ, ସାର୍ଥକ ନାୟକ, ଦୀପକ ସାହୁ, ଗୋପୀନାଥ ସେଠୀ, ସିଭା ମହାନ୍ତି, ସଂଯୁକ୍ତା ପାତ୍ର, ସିବ ଶଙ୍କର ସାହୁ, ପଙ୍କୋଜ ମହାପାତ୍ର, ରିନା ନାୟକ, ପ୍ରିୟା ମହାପାତ୍ର, ସୋମନାଥ ଶତପଥୀ, କାମାକ୍ଷା ବେହେରା, ଦିଲ୍ଲୀପ ରାୟ, ଅମୂଲ୍ୟ ବେହେରା, ଖିରୋଦ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବିଶ୍ୱଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ରେଭେନ୍ସା ଅର୍ଥଶାସ୍ତ୍ର ବିଭାଗର ଆଲୋଚନାଚକ୍ର

**କଟକ, ୨୧।୩(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟ ଅର୍ଥଶାସ୍ତ୍ର ବିଭାଗ ତରଫରୁ 'ଭାରତର ଗଣତାନ୍ତ୍ରିକ ପରୀକ୍ଷଣ: ବହୁମୁଖୀ ସମାଜରେ ରାଜନୈତିକ ପ୍ରକ୍ରିୟା' ଶୀର୍ଷକ ଏକ ଆଲୋଚନଚକ୍ର ଅନୁଷ୍ଠିତ ହୋଇଯାଇଛି। ଗଣତନ୍ତ୍ର ଭାବରେ ଭାରତର ଯାତ୍ରା ଆଧୁନିକ ଇତିହାସର ସବୁଠାରୁ ଉଲ୍ଲେଖନୀୟ ରାଜନୈତିକ ପରୀକ୍ଷଣ ମଧ୍ୟରୁ ଗୋଟିଏ। ଏହି ଆଲୋଚନାଚକ୍ରରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରଫେସର ନେତାଜୀ ଅଭିନନ୍ଦନ ମୁଖ୍ୟ ଆଲୋଚକ ଭାବେ କହିଥିଲେ ଭାରତର ଗଣତାନ୍ତ୍ରିକ ପରୀକ୍ଷଣ ପ୍ରେରଣାଦାୟକ ଏବଂ ଜଟିଳ। ଗଣତନ୍ତ୍ର ନିର୍ବାଚନ ପ୍ରକ୍ରିୟାରେ ସୀମିତ ହୋଇଯାଉଛି ଏବଂ ଦଳୀୟ ବ୍ୟବସ୍ଥାର ବିବର୍ତ୍ତନ ଆମ ଗଣତନ୍ତ୍ର ପାଇଁ ଏକ ଆହ୍ୱାନ ଭାବରେ ଉଭା ହୋଇଛି। ଗଣତନ୍ତ୍ରକୁ ଏକ ଅନ୍ତିମ ସଫଳତା ନୁହେଁ; ଅନେକ ସଂସ୍କାରର ଆବଶ୍ୟକତା ରହିଛି। ବିଭାଗର ମୁଖ୍ୟ ଡକ୍ଟର ମନୋଜ କୁମାର ଦାସଙ୍କ ସ୍ୱାଗତ ଭାଷଣ ଦେଇଥିବାବେଳେ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା, ପିଏଚଡି ସ୍କଲାର ଏବଂ ଛାତ୍ରଛାତ୍ରୀ ମିଳିତ ଭାବରେ ସେମିନାରର ସଫଳତାରେ ଅବଦାନ ରଖିଥିଲେ। ଛାତ୍ରୀ ସୌମ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ସ୍ଥିତିପ୍ରଜ୍ଞା ସ୍ୱାଇଁଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କହିଥିଲେ।

## ରାମେଶ୍ୱର ମହାଦେବଙ୍କ ପୀଠରେ ଗୀତାଯଜ୍ଞ



**ତିଗିରିଆ, ୨୧।୩(ସମିସ):** ତିଗିରିଆ ବ୍ଲକ ନୂଆପାଟଣା ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀ ରାମେଶ୍ୱର ମହାଦେବଙ୍କ ପୀଠରେ ୩୦ତମ ବାର୍ଷିକ ଗୀତାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ସୁନାମଧନ୍ୟ ବାଦ୍ୟଶିଳ୍ପୀ ଶରତ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ଧ୍ୟାନଚାନ୍ଦ ଦାସଜୀ, ସ୍ଥାନୀୟ ସରପଞ୍ଚ ସୋମନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତ୍ୟେକ ବର୍ଷ ମାର୍ଚ୍ଚ ମାସ ୨୦ ତାରିଖରୁ ଆରମ୍ଭ ହେଉଥିବା ଏହି ଯଜ୍ଞ ଚଳିତ ବର୍ଷ ମଧ୍ୟ ୨୦ ତାରିଖଠାରୁ ଆରମ୍ଭ ହୋଇ ୨୪ ତାରିଖରେ ପୂର୍ଣ୍ଣାହୁତି ସହ ଉଦଯାପିତ ହେବ ବୋଲି ଆୟୋଜକ ରାମେଶ୍ୱର ସେବା ସଂଘର ସଭାପତି କେଶବଚନ୍ଦ୍ର ପାତ୍ର ଓ ସମ୍ପାଦକ ଯୋଗୀନାଥ ଅକ୍ଷିତ ସୂଚନା ଦେଇଛନ୍ତି।

## ପ୍ରତାପନଗରୀରେ ୫ ଦିନିଆ ଫ୍ଲଡ୍‌ଲାଇଟ ଫୁଟ୍‌ବଲ

**କଟକ, ୨୧।୩(ସମିସ):** କଟକ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ କୁଆଖାଇ ନଦୀକୂଳରେ ଥିବା ଅଜଗର ଖେଳ ପଡ଼ିଆରେ ପ୍ରତାପ କ୍ଲବ ପକ୍ଷରୁ ଫୁଟବଲ ମ୍ୟାଚ ତୃତୀୟ ଦିବସରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ ଦୀର୍ଘ ୫ଦିନ ଧରି ରାତ୍ରରେ ଅନୁଷ୍ଠିତ ହେବ। ଏଥିରେ ସମୁଦାୟ ୩୨ଟି ଟିମ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ଜଗତସିଂପୁର, ଢେଙ୍କାନାଳ ଆଦି ଅଞ୍ଚଳରୁ ଅଂଶଗ୍ରହଣ କରୁଛନ୍ତି। ବିଜୟୀ ଦଳକୁ ନଗଦରାଶି ସହିତ ଆକର୍ଷଣୀୟ ଟ୍ରଫି ଓ ରନର୍ସଅପ ଦଳକୁ ନଗଦରାଶି ପ୍ରଦାନ କରାଯିବ ବୋଲି କ୍ଲବ ସଭାପତି ନିରଞ୍ଜନ ରାଉତ, ଶିବୁନ ସେନାପତି, ତ୍ରିନାଥ ବେହେରା, ସନାତନ ଦାସ, ସାଗର ରାଉତ, ରାଜେଶ ରାଉତ ପ୍ରମୁଖ ସୂଚନା ଦେଇଛନ୍ତି। ଜ୍ୟୋତିରଞ୍ଜନ ସ୍ୱାଇଁ, ମିକୁନ ମହାନ୍ତି, ମାନସ ବିଶ୍ୱାଳ ପ୍ରମୁଖ ରେଫରି ଭାବେ ଖେଳକୁ ପରିଚାଳନା କରୁଛନ୍ତି। ଆର୍ଶେଲ ମିତ୍ତଲ ଷ୍ଟିଲ ପ୍ରାଇଭେଟ ଲିମିଟେଡର ମୁଖ୍ୟ ଘନଶ୍ୟାମ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ମା'ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ସଭାପତି ପ୍ରମୋଦ କୁମାର ସ୍ୱାଇଁ, ସମ୍ପାଦକ ପ୍ରମୋଦ କୁମାର ବେହେରା, ସହସମ୍ପାଦକ ବାଦଲ କୁମାର ଜେନା, କୋଷାଧ୍ୟକ୍ଷ ବାଦଲ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।



**ବସନ୍ତ ବିଶ୍ୱାଳଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଲୋକାର୍ପିତ**

# କର୍ମଯୋଗୀ ବସନ୍ତ ଥିଲେ କଟକର ଦ୍ୱିତୀୟ ବାଇମୁଣ୍ଡି

**କଟକ, ୨୧।୩(ସମିସ)**





ବସନ୍ତ ବାବୁ ଥିଲେ ଜଣେ କର୍ମତତ୍ପର ପୁରୁଷ। ଯାହା ଉଚିତ ମନେ କରୁଥିଲେ ତାକୁ ବିଜୁଳି ବେଗରେ କରୁଥିଲେ କାର୍ଯ୍ୟକାରୀ। ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରୁଥିଲେ ତତକ୍ଷଣାତ୍। ଜନ୍ମ ତିର୍ତ୍ତୋଲରେ ହୋଇଥିଲେ ବି କର୍ମ ଭୂମି କଟକ ପାଇଁ ସେ ଥିଲେ ତ୍ରାଣକର୍ତ୍ତା। ମହାନଦୀ ଓ କାଠଯୋଡ଼ିର ଚାରିପଟେ ରିଂ ବନ୍ଧ କରି କଟକ ବାସୀଙ୍କ ପାଇଁ ସାଜିଥିଲେ ଦ୍ୱିତୀୟ ବାଇମୁଣ୍ଡି। ଅଭିନବ ବିଡାନାସୀ ଭଳି ସାଟେଲାଇଟ ସିଟି (ସିଡିଏ) ଥିଲା ତାଙ୍କର ବାସ୍ତବ ପରିକଳ୍ପନା। ପ୍ରଥମ ଫ୍ଲାଏ ଓଭର ବ୍ରିଜ, ଜବାହାରଲାଲ ଇଣ୍ଡୋର ଷ୍ଟାଡିୟମ, ସାରଳା ଭବନ ଥିଲା ତାଙ୍କରି ହାତ ତିଆରି କୃତୀ ବୋଲି ସ୍ୱର୍ଗତଃ ବସନ୍ତ କୁମାର ବିଶ୍ୱାଳଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ସର୍ବଦଳୀୟ ନେତା ଓ ବୁଦ୍ଧିଜୀବି ମାନେ ଯୋଗ ଦେଇ ମତ ପ୍ରକାଶ କରିଛନ୍ତି।

କଟକ ମହାନଗର ନିଗମ ପ୍ରଚେଷ୍ଟାରେ କଟକ ବାରବାଟି ଷ୍ଟାଡିୟମ ନିକଟସ୍ଥ ଦୟା ଆଶ୍ରମ ପାର୍ଶ୍ୱରେ ରେ ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିକୁ ମେୟର ସୁବାସ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରାଙ୍କ ସହଯୋଗରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ତାଙ୍କର ସୁପୁତ୍ର ତଥା ପୂର୍ବତନ ଏମ୍‌ପି ରଞ୍ଜୀବ ବିଶ୍ୱାଳ ଉପସ୍ଥିତ ରହି ପ୍ରତିମୂର୍ତ୍ତି ସ୍ଥଳର ସୌନ୍ଦର୍ଯ୍ୟକରଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ସମୟ ପରିବାର ପକ୍ଷରୁ ନିର୍ବାହ କରିବାକୁ ଅନୁମତି ଲୋଡିଥିଲେ। ଏଥିରେ ଅଧ୍ୟକ୍ଷତା କରି ମେୟର ଶ୍ରୀ ସିଂହ କହିଲେ ଯେ ପୂଜ୍ୟପୂଜାକୁ ସମ୍ମାନ ଦେବାରେ ସିଏମସି ଅବହେଳା କରିନାହିଁ। ସ୍ୱର୍ଗତଃ ବସନ୍ତ ବିଶ୍ୱାଳଙ୍କ ଭଳି ଜଣେ କର୍ମଯୋଗୀ କଟକ ବାସୀଙ୍କ ପାଇଁ ଯାହା କରିଯାଇଛନ୍ତି ତାହା ଅବର୍ଣ୍ଣନୀୟ। ତାଙ୍କୁ ସ୍ମରଣ କରିବାରେ ଅବହେଳା କଲେ କଟକର ବର୍ତ୍ତମାନ ଓ ଭବିଷ୍ୟତ ପୀଢ଼ି ଆମକୁ କେବେବି କ୍ଷମା ଦେବନି। କଟକ ପୂଜାକମିଟି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ କହିଲେ ଯେ ବସନ୍ତ ବାବୁଙ୍କ ପାଇଁ ଆଜି କଟକ ସହର ବାସୀ ଶାନ୍ତିରେ ନିଶ୍ୱାସ ମାରିପାରୁଛନ୍ତି। ନା ଅଛି ସେ ବନ୍ୟାର ଭୟ ନା ସହରକୁ ଛୁଇଁ ପାରୁଛି କାଠଯୋଡ଼ି ଓ ମହାନଦୀର ଫୁତ୍କାର। ରିଙ୍ଗ ରୋଡ ଏବେ ସହର ବାସୀଙ୍କ ପାଇଁ ହୋଇଯାଇଛି ସୁରକ୍ଷା କବଚ। ବାରବାଟୀ କଟକ ବିଧାୟକ ସୋଫିଆ ଫିରଦୋଷ ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ମୋ ବାବା ମହମ୍ମଦ ମୋକିମ୍ ସବୁବେଳେ କହୁଥିଲେ, ଆମେ କେବେ ଦେଖିନଥିଲୁ କଟକ ସହର ପାଇଁ ତାଙ୍କ ଆଗରୁ କିଏ ଚିନ୍ତା କରୁଥିଲା କଟକର ହେଉ ଡେଭଲପମେଣ୍ଟ। ପ୍ରକୃତରେ ସେ ଥିଲେ କଟକିଆଙ୍କ ପାଇଁ କଟକିଆ। ତେଣୁ ତାଙ୍କର ଯେତେ ଗୁଣଗାନ କଲେ ଅଧୁରା ରହିବ। ତେଣୁ ଡେଭ୍‌ଲପମେଣ୍ଟ କହିଲେ ବସନ୍ତ ବିଶ୍ୱାଳଙ୍କୁ ବୁଝାଏ ବୋଲି ବିଧାୟିକା ସୋଫିଆ ମତ ରଖିଥିଲେ। ସିଏମସି କମିଶନର ସୁଶ୍ରୀ କିରଣଦୀପ କୌର ସହୋତା ସ୍ୱର୍ଗତଃ ବସନ୍ତ ବିଶ୍ୱାଳଙ୍କ କାର୍ଯ୍ୟଶୈଳୀର ସ୍ମୃତି ଚାରଣ କରିଥଲେ।

ଏହି ସଭାରେ ଉପସ୍ଥିତ ସମସ୍ତ ମାନ୍ୟଗନ୍ୟ ବ୍ୟକ୍ତି ବିଶେଷ ସ୍ୱର୍ଗତ ବିଶ୍ୱାଳଙ୍କ କଟକ ସହର ପ୍ରତି କରିଥିବା ସମସ୍ତ କାର୍ଯ୍ୟ ଯେପରିକି କଟକ ସହର ରେ ରିଙ୍ଗ ବନ୍ଧ ନିର୍ମାଣ କରିବା, କଟକ ବିକାଶ ପ୍ରାଧିକରଣ ପ୍ରତିଷ୍ଠା, ଇଣ୍ଡୋର ଷ୍ଟାଡିୟମର ନିର୍ମାଣ କରିବା, ଭଳି ମହାନ କାର୍ଯ୍ୟ ତାଙ୍କ ନେତୃତ୍ୱରେ ହୋଇଥିଲା ବୋଲି କହିଥିଲେ। ଏହି ସଭାରେ ମାନବିକ ଅଧିକାର କମିସନର ପୂର୍ବତନ ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ଅସୀମ ଅମିତାଭ ଦାସ, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ କଂଗ୍ରେସର ବରିଷ୍ଠ ନେତା ସୁରେଶ ମହାପାତ୍ର, ପୂର୍ବତନ ଡେପୁଟି ମେୟର ପୁଷ୍ପା ସାମଲ, ବିଜୁ ଜନତା ଦଳର କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ବିଜୁ ଜନତା ଦଳ କଟକ ସିଟିର ପୂର୍ବତନ ସଭାପତି ମଧୁସୂଦନ ସାହୁ, ବିଜେପି ନେତ୍ରୀ ସ୍ମୃତି ପଟ୍ଟନାୟକ, ବିଜୁ ମହିଳା ଜନତା ଦଳ କଟକ ଜିଲ୍ଲା ସଭାପତି ଅନିତା ବେହେରା ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, ଷ୍ଟାଣ୍ଡିଙ୍ଗ କମିଟି ଅଧ୍ୟକ୍ଷା ଏ.ଶ୍ରୀଦେବୀ, ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରା, କଂଗ୍ରେସ କର୍ପୋରେଟର ସନ୍ତୋଷ ବଳ, କଟକ ଶାନ୍ତି କମିଟିର ସାଧାରଣ ସମ୍ପାଦକ ଭିକାରି ଦାସ, ସିପିଆଇ ବରିଷ୍ଠ ନେତା ଅମରେନ୍ଦ୍ର ମହାନ୍ତି, ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ କନିଷ୍ଠ ପୁତ୍ରବଧୂ ତଥା ସମୟର ନିର୍ଦ୍ଦେଶିକା ଅନିତା ମହାନ୍ତି, ସମୟ ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ପୂର୍ବତନ ଓ ବର୍ତ୍ତମାନର କର୍ପୋରେଟର, ପ୍ରିୟମ୍ବଦା ମହାନ୍ତି, ଆରତୀ ସାହୁ, ଅରୁନ୍ଧତୀ କର, ବନଲତା ପ୍ରଧାନ, ଚନ୍ଦନ ଜେନା, ଜେ କାମେଶ୍ୱର ରାଓ, ସୁବାଶିଷ ପଟ୍ଟନାୟକ, ଦୀପ୍ତିରଞ୍ଜନ ରାୟ, ଧର୍ମେଶ୍ ନାୟକ, ଆଇନଜୀବୀ ସ୍ୱଦେଶ ଦାସ, ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ଶତାଧିକ ପ୍ରଶଂସକ, ସିଏମସି ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ବସନ୍ତ ବିଶ୍ୱାଳଙ୍କ ପଡୋଶୀ ତଥା କର୍ପୋରେଟର ରବିନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୁହିକା ମୁଣ୍ଡାସାହିରେ ମାଘେ ପର୍ବ

**କାଳିଆପାଣି, ୨୧ା୩(ସମିସ):** ମାଘେ ପର୍ବ ହେଉଛି ଓଡ଼ିଶାର ଆଦିବାସୀ ସମାଜରେ ପାଳିତ ହେଉଥିବା ଏକ ମୁଖ୍ୟ ପର୍ବ। ଏହା ବିଶେଷ କରି ହୋ, ମୁଣ୍ଡା, ସାନ୍ତାଳ ଇତ୍ୟାଦି ଜନଜାତିମାନଙ୍କ ମଧ୍ୟରେ ଅତ୍ୟନ୍ତ ଆଦର ସହ ପାଳନ କରାଯାଏ। ଏହି ପର୍ବଟି ମାଘ ମାସରେ ପାଳିତ ହୋଇଥାଏ, ଯାହାରୁ ଏହାର ନାମ 'ମାଘେ ପର୍ବ' ପଡ଼ିଛି। ଏହା ପ୍ରକୃତି ପୂଜା ଓ ନୂଆ ଫସଲର ଆନନ୍ଦକୁ ପ୍ରକାଶ କରେ। ଲୋକମାନେ ଭଗବାନଙ୍କୁ ଧନ୍ୟବାଦ ଜଣାଇ ଭଲ ଫସଲ ପାଇଁ ପ୍ରାର୍ଥନା କରନ୍ତି। ଏହି ସମୟରେ ଗାଁରେ ବିଭିନ୍ନ ପୂଜା, ନୃତ୍ୟ, ସଙ୍ଗୀତ ଓ ଆନନ୍ଦ ଉତ୍ସବ ହୁଏ। ମାଘେ ପର୍ବରେ ପରିବାର ଓ ସମୁଦାୟର ଲୋକମାନେ ଏକତ୍ର ହୋଇ ଖାଦ୍ୟ ବଣ୍ଟନ କରନ୍ତି, ନୂଆ ବସ୍ତ୍ର ପିନ୍ଧନ୍ତି ଓ ପାରମ୍ପରିକ ଖେଳ ଓ ନୃତ୍ୟରେ ଅଂଶଗ୍ରହଣ କରନ୍ତି। ଏହା ସମ୍ପ୍ରୀତି, ଏକତା ଓ ସାଂସ୍କୃତିକ ଐତିହ୍ୟକୁ ସୁଦୃଢ଼ କରେ। ଏହି ଅବସରରେ ଆଜି ସୁକିନ୍ଦା ବ୍ଲକ କୁହିକା ମୁଣ୍ଡା ସାହିରେ ମାଘେ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସୁକିନ୍ଦାର ପୂର୍ବତନ ବିଧାୟକ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ ଆଦିବାସୀମାନଙ୍କୁ ଉତ୍ସାହିତ କରିଥିଲେ। ମହେନ୍ଦ୍ର ମୁଣ୍ଡା, ତୁରୀ ମୁଣ୍ଡା, ଦୀପକ ପୂର୍ତ୍ତୀ, ସୁରେଶ ପୂର୍ତ୍ତୀ ଏବଂ ଗ୍ରାମବାସୀ ଅନୁଷ୍ଠାନକୁ ସହଯୋଗ କରିଥିଲେ।

### ପ୍ରତିଶ୍ରୁତି ରକ୍ଷା କରିବାରେ ପୁଲିସ ବିଫଳ

# ଜିଲ୍ଲା ପୁଲିସ ମୁଖ୍ୟାଳୟ ଆଗରେ ଧାରଣା



**ପାଣିକୋଇଲି, ୨୧ା୩(ସମିସ)**

ଯାଜପୁର ଜିଲ୍ଲାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତର ପ୍ରମାଣ ଧର୍ମଶାଳାରେ ଦେଖିବାକୁ ମିଳିଛି। ଜଙ୍ଗଲରାଜକାରୀକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୁରକ୍ଷା ଦେଉଥିବାରୁ ସାଧାରଣରେ ଆଲୋଚନା ହୋଉଛି। ଯାହାର ନଗ୍ନ ଉଦାହରଣ ପାଲିଟିଛ ପାହାଡ଼ ପର୍ବତ ସୁରକ୍ଷା ମଞ୍ଚର ସଭାପତି ସତୀଶ ବିଶ୍ୱାଳଙ୍କ ଆକ୍ରମଣ କ୍ଷେତ୍ରରେ। ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ଚକ୍ରଧରପୁର ମୌଜାର କୁସୁନପୁର ପାହାଡରୁ ବେଆଇନ କଳାପଥର ଲୁଟ୍ ନେଇ ଚାଷୀ ମାନେ ସରକାରଙ୍କ ନିକଟରେ ଅଭିଯୋଗ କରିବା ସହ ଅଦାଲତରେ ୧୪୪ କରିଥିଲେ। କିନ୍ତୁ ସମସ୍ତ ଅଭିଯୋଗପରେ କାର୍ଯ୍ୟାନୁଷ୍ଠାନ ନହୋରୁ ସେମାନେ ସତୀଶ ବିଶ୍ୱାଳଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ଡାକିଥିଲେ। ଶ୍ରୀ ବିଶ୍ୱାଳ କ୍ଷେତ୍ର ପରିଦର୍ଶନ ବେଳେ ସଶସ୍ତ୍ର ମାଫିଆମାନେ ସଂଘବଦ୍ଧ ହୋଇ ମରଣାନ୍ତକ ଆକ୍ରମଣ ସହ ମହିଳାମାନଙ୍କୁ ଆକ୍ରମଣ କରି ଗାଡି ଭାଙ୍ଗିରୁଜି ଦେଇଥିଲେ। ଏନେଇ ସତୀଶ ଓ ଗ୍ରାମବାସୀ ପୁଲିସକୁ ଜଣାଇବା ପରେ ଜେନାପୁର ଥାନାଧିକାରୀ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଜେନାପୁର ପୁଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଇ ଓଲଟି ସତୀଶ ଓ ସହଯୋଗୀଙ୍କ ପରିବାର ଉପରେ ବାରମ୍ବାର ଚଢ଼ଉ କରିବା ନେଇ ଗତ ୧୮ ତାରିଖରେ ସତୀଶଙ୍କ ପରିବାର ପକ୍ଷରୁ ଏସ୍‌ପିଙ୍କୁ ଭେଟି ସମସ୍ତ ବିଷୟ ଅବଗତ କରିବା ସହ କାର୍ଯ୍ୟାନୁଷ୍ଠାନ ନହେଲେ ଅନଶନ କରିବାର ଚେତାବନୀ ଦେଇଥିଲେ। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ପୁଲିସ ଆହୁରି କଠୋର ମନୋଭାବ ନେଇ ସତୀଶଙ୍କ ପରିବାର ଉପରେ ବିନା ମହିଳା ପୁଲିସରେ ଚଢ଼ଉ ଜାରି ରଖିଥିଲା। ଫଳରେ ସତୀଶଙ୍କ ପରିବାର ଭୟ ଓ ଆତଙ୍କିତ ସହ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି। ପୁଲିସ କାର୍ଯ୍ୟାନୁଷ୍ଠାନ ଅଭିଯୁକ୍ତ ପରିବର୍ତ୍ତେ ଅଭିଯୋଗକାରୀଙ୍କ ଉପରେ ହେବାରୁ ପୂର୍ବ ପ୍ରତିଶ୍ରୁତି ରକ୍ଷା କରିବାରେ ପୁଲିସ ବିଫଳ ହେବାରୁ ସତୀଶ ପରିବାର ସମେତ ଅନ୍ୟ ନିର୍ଯାତିତ ପରିବାର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚି ଧାଣାରେ ବସିଥିଲେ। ଧାରଣା ଆରମ୍ଭ ହେବା କ୍ଷଣି ପୁଲିସ ସେଠାରେ ପହଞ୍ଚିଥିଲା। ଧାରଣାସ୍ଥଳରେ ଅତିରିକ୍ତ ଏସପି ଶୀତକଣ୍ଠ କାନୁନଗୋ, ଏସ୍‌ଡିପିଓ ଶରତ ଚନ୍ଦ୍ର ପାତ୍ର ପହଞ୍ଚି ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ଅଭିଯୋଗକରୀଙ୍କ ଉପର ପୁଲିସ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହାର ବ୍ୟତିକ୍ରମ ହେଲେ ଜିଲ୍ଲା ପୁଲିସ ମୁଖ୍ୟାଳୟ ଆଗରେ ଅନଶନ ସହ ଆତ୍ମାହୁତି ଦେବାର ଚେତାବନୀ ଦିଆଯାଇଛି।

## ଜିଲ୍ଲାସ୍ତରୀୟ ଅଂଶୁଘାତ ସଚେତନତା କାର୍ଯ୍ୟକ୍ରମ



**ଯାଜପୁର, ୨୧ା୩(ସମିସ):** ଯାଜପୁର ଟାଉନ ଅନ୍ତର୍ଗତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲାସ୍ତରୀୟ ଅଂଶୁଘାତ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକ ତଥା ଯାଜପୁର ମ୍ୟୁନିସିପାଲିଟି ଅନ୍ତର୍ଗତ କଲେଜ ଓ ସ୍କୁଲମାନଙ୍କର ଅଧ୍ୟକ୍ଷ, ପ୍ରଧାନଶିକ୍ଷକ ଓ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତିଙ୍କ ସଭାପତିତ୍ୱରେ ଉକ୍ତ ସଚେତନତା ସଭାରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ, ମୁଖ୍ୟବକ୍ତା ରୂପେ ଜିଲ୍ଲା ପ୍ରକଳ୍ପ ଅଧିକାରୀ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଶ୍ରୀନିବାସ ପଣ୍ଡା, ସମ୍ମାନିତ ଅତିଥି ଭାବେ ବିଇଓ ଦଶରଥପୁର, ବିଇଓ ବରୀ, ଏବିଇଓ ଯାଜପୁର ଓ ଏବିଇଓ ବିଞ୍ଝାରପୁର ଅଂଶଗ୍ରହଣ କରିଥିଲେ। ମୁଖ୍ୟବକ୍ତା ନିଜର ବକ୍ତବ୍ୟରେ ଗ୍ରୀଷ୍ମ ପ୍ରବାହ ସମୟରେ କ'ଣ କରିବା ଓ କଣ ନକରିବା, ସରକାରଙ୍କ ଦ୍ୱାରା ପ୍ରସାରଣ କରାଯାଉଥିବା ବିଭିନ୍ନ ସୂଚନାକୁ ପ୍ରତ୍ୟେକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ମତ ପୋଷଣ କରିଥିଲେ। ମୁଖ୍ୟଅତିଥି ନିଜ ବକ୍ତବ୍ୟରେ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଗ୍ରୀଷ୍ମ ପ୍ରବାହ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ପିଇବା ପାଣି, ଗ୍ଳୁକୋଜ, ଓଆର୍‌ଏସ୍ ମହଜୁଦ ରଖିବା ସହ ଅଂଶୁଘାତ ପାଇଁ ଏକ ସ୍ୱତନ୍ତ୍ର କୋଠରି କରିବା ପାଇଁ ମତ ପ୍ରକାଶ କରିଥିଲେ। ଶେଷରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନେ ସହଯୋଗ କରିଥିଲେ।

### ବୟସ୍କ ବ୍ୟକ୍ତିଙ୍କୁ ବର୍ଦ୍ଧିତ ଭତ୍ତା ମିଳୁନି

## ୯୫ ବର୍ଷରେ ବି ମିଳୁଛି ହଜାର ଟଙ୍କା

**ସିଂହପୁର, ୨୧ା୩(ସମିସ):** ସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱର ବ୍ୟକ୍ତିଙ୍କୁ ୩୫୦୦ ଟଙ୍କା ଭତ୍ତା ଦେବା ପାଇଁ ଯୋଜନା କରିଥିଲେ







ମଧ୍ୟ ପ୍ରଶାସନର ମନମାନୀ ଓ ଦୁର୍ନୀତି ଖୋର୍ ନୀତି ଯୋଗୁଁ ବାଙ୍ଗରା ପଞ୍ଚାୟତର ବହୁ ବୟସ୍କ ବ୍ୟକ୍ତି ଏଥିରୁ ବଞ୍ଚିତ ହୋଇଛନ୍ତି। ପଞ୍ଚାୟତର ମୁକ୍ତି ଦାସ (୯୫), ନଟବର ନାୟକ (୯୨), ଯୁଧିଷ୍ଠିର ଜେନା (୮୬) ଏହି ବର୍ଦ୍ଧିତ ଭତ୍ତା ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ପ୍ରଶାସନ ସେମାନଙ୍କ ଭତ୍ତା ପ୍ରଦାନ କରିବାରେ ଅବହେଳା କରୁଛି। ବାରମ୍ବାର ବ୍ଲକରେ ଅଭିଯୋଗ କଲେ ମଧ୍ୟ ବର୍ଦ୍ଧିତ ଭତ୍ତା ମିଳୁନଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି। ଏହି ତିନି ଜଣ ବୃଦ୍ଧବୃଦ୍ଧା ବୟସର ଅପରାହ୍ନରେ ପହଞ୍ଚିଥିଲେ ମଧ୍ୟ ପ୍ରଶାସନ ଯୋଗୁଁ ଏମାନେ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହୋଇ ରହିଛନ୍ତି। ପରିଣତି ବୟସରେ ବର୍ଦ୍ଧିତ ଭତ୍ତା ଔଷଧ ଖର୍ଚ୍ଚ ପାଇଁ ସହାୟକ ହୁଅନ୍ତା ବୋଲି ସମ୍ପୃକ୍ତ ବୟସ୍କ ବ୍ୟକ୍ତି କୋହଭରା କଣ୍ଠରେ କହିଛନ୍ତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଦାବି କରିଛନ୍ତି।

## ଗ୍ରାମ୍ୟ ଉନ୍ନୟନ ରାସ୍ତା ଶିଳାନ୍ୟାସ



**ବରୀ, ୨୧ା୩(ସମିସ):** ବରୀ ବ୍ଲକ ଅଧୀନସ୍ଥ ଚନ୍ଦନପୁର ପଞ୍ଚାୟତର ପୁନି ଛକ ଠାରୁ ମେଦୁଆକୂଳ ଦକ୍ଷିଣସୁକଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଅର୍ଥ ମଞ୍ଜୁର ହେବାପରେ ବରୀ ବିଧାୟକ ଶିଳାନ୍ୟାସ କରିଛନ୍ତି। ଉକ୍ତ ରାସ୍ତା ନିର୍ମାଣ ପାଇଁ ଦୀର୍ଘ ଦିନ ଧରି ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିବା ବେଳେ ଏହାକୁ ଗୁରୁତ୍ୱ ଦେଇ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଉଦ୍ୟମ ଯୋଗୁଁ ଏହା ସଫଳ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ଘଟଣାସ୍ଥଳକୁ ଆଣି କିଭଳି ଭାବରେ ଏହି ରାସ୍ତା ନିର୍ମାଣ ହୋଇ ପାରିବ ବ୍ୟାପକ ଆଲୋଚନା କରିଥିଲେ। ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇ ୩ କୋଟି ୫୨ ଲକ୍ଷ ଟଙ୍କାରେ ଟେଣ୍ଡର ହେବା ପରେ ଏହି କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ଉକ୍ତ ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ସ୍ଥାନୀୟ ସରପଞ୍ଚ ଚପଳା ମଲ୍ଲ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ଦିଲୀପ ମହାନ୍ତି, ସନ୍ତୋଷ ସାମଲ, ବରୀ ବିଜେଡି ସଭାପତି କେଦାର ସାମଲ, ସମାଜସେବୀ ଅରବିନ୍ଦ ମହାନ୍ତି, ହରିହର ପଣ୍ଡା, ଚିନ୍ତାମଣି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବାଇକ୍ ଧକ୍କାରେ ୨ ଗୁରୁତର

**ମଙ୍ଗଳପୁର, ୨୧ା୩ (ସମିସ):** ଶନିବାର ସନ୍ଧ୍ୟା ସମୟରେ ମଙ୍ଗଳପୁର ଥାନା ଅଧିନ ଦୁବକଣ ହାଇସ୍କୁଲ ଛକ ନିକଟରେ ୨ଟି ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଆରୋହୀ ୨ ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ମଙ୍ଗଳପୁର ପୁଲିସକୁ ଖବର ଦେଇଥିବା ବେଳେ ଖବର ପାଇ ମଙ୍ଗଳପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଥମେ ଆହତଙ୍କୁ ମଙ୍ଗଳପୁର ମେଡିକାଲକୁ ନେଇ ଚିକିତ୍ସା କରିବା ସହ ବାଇକ୍ ୨ଟିକୁ ଜବତ କରି ଥାନାକୁ ନେଇଥିବା ଜଣା ପଡ଼ିଛି। ଗୁରୁତରଙ୍କ ମଧ୍ୟରୁ ଜଣକ ଘର ମଲ୍ଲିପୁର ଗ୍ରାମର ଲୁଲନ ମଲ୍ଲିକ (୪୦) ବର୍ଷ ହୋଇଥିବା ବେଳେ ଅନ୍ୟ ଜଣକ ଘର ବୈଶପାନ ଅଞ୍ଚଳର ସୁଧୀର ଜେନା (୩୨) ବର୍ଷ ବୋଲି ଜଣାପଡ଼ିଛି।

## ସମାଜସେବୀ ଟିକୁ ମଲ୍ଲଙ୍କ ସ୍ମୃତିସଭା

**କବାଟବନ୍ଧ, ୨୧ା୩(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ରେଖିଦେଇପୁର ଗ୍ରାମର ସମାଜସେବୀ ଧର୍ମେନ୍ଦ୍ର କୁମାର ମଲ୍ଲ (ଟିକୁ)ଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଚେତନ ନାଗରିକ ମଞ୍ଚର ଉପଦେଷ୍ଟା ପଙ୍କଜ ଚରଣ ମଲ୍ଲଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, କବାଟବନ୍ଧ ମେଡିକାଲ ଅଫିସର ଡା. ନିହାର ରଞ୍ଜନ କର, ସମାଜସେବୀ ମିନତୀ ସାହୁ, କାହ୍ନୁଚରଣ ଦାସ, ଡ. କୁଶଚନ୍ଦ୍ର ପ୍ରଧାନ, ଆମ ଆଶ୍ରମର ପ୍ରତିଷ୍ଠାତା ଅଧ୍ୟାପକ ମନୋଜ କୁମାର ଧୀର, ଶିକ୍ଷକ ନେତା ବିଷ୍ଣୁଚରଣ ସାହୁ, ରଘୁନାଥ ବେହେରା, ଦେବବ୍ରତ ରାଉତ, ନବଘନ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲୀପ କୁମାର ରାଉତ, ନିର୍ମଳ ଚନ୍ଦ୍ର ସାମଲ, ଧ୍ରୁବ ଚରଣ ରାଉତ, ଦେବବ୍ରତ ରାଉତ, ସୁଶାନ୍ତ ଜେନା, ରକ୍ତବନ୍ଧୁ ଯାଜପୁରର ଆବାହକ ସାମ୍ବାଦିକ ବସନ୍ତ କୁମାର ମଲ୍ଲିକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ସମାଜସେବୀ କାହ୍ନୁ ଚରଣ ଦାଶ ସଭା ପରିଚାଳନା କରିଥିଲେ।

# ବିଭିନ୍ନ ସ୍ଥାନରେ ଇଦ୍-ଉଲ-ଫିତର

**ବିଞ୍ଝାରପୁର, ୨୧ା୩(ସମିସ):** ଆଜି ବିଞ୍ଝାରପୁର ବିଭିନ୍ନ ଅଞ୍ଚଳରେ ହର୍ଷଉଲ୍ଲାସର ସହିତ ପବିତ୍ର ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ରମଜାନ ମାସର ଶେଷରେ ଚାନ୍ଦ ଦେଖିବା ପରେ ଶନିବାର ପ୍ରତ୍ୟୁଷରୁ ଶୁଦ୍ଧପୁତ ହୋଇ ନୂତନ ବସ୍ତ୍ର ପରିଧାନ କରି ସମବେତ ନମାଜ ପାଠ କରିଥିଲେ। ଏହାପରେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇ ସିମେଇ, ଲଚ୍ଛା, ମିଠା ଖାଇ ଖୁସି ମନାଇଥିଲେ। ବିଞ୍ଝାରପୁର ପୁରୁଣା ଇଦ୍‌ଗାରେ ମୁଫତି ଗୁଫାରାନ ନୂଆ ଇଦ୍‌ଗା ହାଫିଜ ଲାଲୀ, ଶାସନ୍ଦା ଜମା ମସଜିଦରେ ମୌଲାନା ରାହାତ ଅଲି ଖାଁ, ଅଲକୁଣ୍ଡରେ ୱାସୀମ ରାଜା କୈଏଣା ରଘୁନାଥପୁରରେ ମୁଫତି ଓବେଦୁଲା ନମାଜ ପାଠ କରାଇବା ସହିତ ଆଲ୍ଲାଙ୍କ ପବିତ୍ର ବାଣୀ ସମ୍ପର୍କରେ ବିସ୍ତୃତ ବାଖ୍ୟା କରିଥିଲେ। ଏହି ଅବସରରେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ରଞ୍ଜିତା କୁମାରୀ ଦାସ, କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ, ଅଶୋକ ସାହୁ, ସୁଖରଞ୍ଜନ ପରିଡ଼ା, ଏମ୍‌ଡି ସବିର, ମୋଜାହିଦ ଖାଁ, ପ୍ରମୁଖ ପହଞ୍ଚି ଇଦ ଶୁଭେଚ୍ଛା ଜଣାଇଥିଲେ।

**ବ୍ରହ୍ମବରଦା:** ରସୁଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ବ୍ୟାଙ୍କ ଛକ ଇଦ୍‌ଗା ପଡ଼ିଆଠାରେ ଇଦ୍-ଉଲ-ଫିତର ପାଳିତ ହୋଇଯାଇଛି। ବ୍ରହ୍ମବରଦା ଏବଂ ଚାନ୍ଦପୁର-ମହେଶ୍ୱରପୁର ପଞ୍ଚାୟତର ହଜାର ହଜାର ମୁସଲମାନ ଭାଇମାନେ ଏହି ଅବଶରରେ ଇଦଗା ପଡ଼ିଆଠାରେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ। ନମାଜ ପାଠ ପରେ ସେଠାରେ ଉପସ୍ଥିତ ଥିବା ବରୀ ନିର୍ବାଚନ ମଣ୍ଡଳୀର ୩୬ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ବ୍ରହ୍ମବରଦା ସରପଞ୍ଚଙ୍କ ପ୍ରତିନିଧି ରାକେଶ ଦେଓ ପ୍ରମୁଖ ମୁସଲମାନ ଭାଇମାନଙ୍କୁ ଗୋଲାପ ଫୁଲ ଦେଇ ଆଲିଙ୍ଗନ କରି ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ରହ୍ମବରଦା ଥାନା ପକ୍ଷରୁ ଗୋଟିଏ ସେକ୍ସନ ପୁଲିସ ବିଭିନ୍ନ ଛକ ଓ ଇଦଗାହା ପଡ଼ିଆରେ ମୁତାୟନ କରାଯାଇଥିଲା।









**ଧର୍ମଶାଳା:** ଧର୍ମଶାଳା ବ୍ଲକର ବିଭିନ୍ନ ପଞ୍ଚାୟତରେ ଇଦୁଲ ଫିତର ଶାନ୍ତିଶୃଙ୍ଖଳାରେ ପାଳିତ ହୋଇଯାଇଛି। ଆଜି ସକାଳୁ ନିଜ ନିଜ ଅଞ୍ଚଳରେ ଥିବା ଇଦଗା ଓ ମସ୍‌ଜିଦରେ ଏକତ୍ରିତ ହୋଇ ସମବେତ ପ୍ରାର୍ଥନା ଭାଗ ନେଇଥିଲେ। ଧର୍ମଶାଳା ଅଞ୍ଚଳର ଚୋରୁହାଁ ଇଦଗା, ଧର୍ମଶାଳା ମସ୍‌ଜିଦ, ଚହଟା ଇଦଗା, ବଡ଼ମଙ୍ଗଳପୁର ମସ୍‌ଜିଦ, ତରାପୁର, କାଏମା, ନେଉଳପୁର ଇଦଗା।। ଓ ମସଜିଦରେ ମୁସଲମାନ ଭାଇମାନେ ଆଜି ସମବେତ ନମାଜ ପାଠ କରି ପରସ୍ପରକୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଇଦ୍ ଅବସରରେ ପରସ୍ପର ମଧ୍ୟରେ ଭାଇଚାରା ରକ୍ଷା ନେଇ ସମାଜସେବୀ ମିନତୀ ସାହୁ ଚୋରମୁହାଁ ପଞ୍ଚାୟତର ବିଭିନ୍ନ ମସ୍‌ଜିଦ ଓ ଇଦଗା ଯାଇ ମୁସଲମାନ ଭାଇମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏଥିରେ ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ, ମୁନା ଖାଁ, ମଦନ ମୋହନ ନାୟକ, ପୂର୍ବତନ ସମିତିସଭ୍ୟା ଗୀତାଞ୍ଜଳି ପ୍ରଧାନ, ନିର୍ମଳ ପ୍ରଧାନ, ଅଶୋକ କୁମାର ରାଉତ, ସୁଶାନ୍ତ ଜେନା, ନାରାୟଣ ମଲିକ, ପରମେଶ୍ୱର ପଣ୍ଡା, ଅନୁପକୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

**ପାଣିକୋଇଲି:** ପବିତ୍ର ଇଦ-ଉଲ-ଫିତର ଅବସରରେ ପାଣିକୋଇଲି ମସ୍‌ଜିଦଠାରେ ମୌଲବି କ୍ୱାରୀ ସେକ ସବିରଙ୍କ ନେତୃତ୍ୱରେ ସମୂହ ନମାଜ ପାଠ କରାଯାଇଛି। ନମାଜ ପାଠ ପରେ ପରସ୍ପରକ ଇଦ୍ ମୁବାରକ ଜଣାଇଥିଲେ। ଘରେ ଘରେ ସମସ୍ତେ ନୂତନ ବସ୍ତ୍ର ପରିଧାନ କରିବା ସହ ମିଠା ଓ ସିମେଇ ଖୁଆଇ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୋରାଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇଥିଲେ। ସେକ ଜହର ଅଲ୍ଲୀଙ୍କ ନେତୃତ୍ୱରେ ଶତାଧିକ ବ୍ୟକ୍ତି ଏହି ଇଦ୍ ପର୍ବରେ ସାମିଲ ହୋଇଥିଲେ। ସେହିପରି ଗୋଳେଇପୁର ପଞ୍ଚାୟତର ରାମପୁର ଶଗଡ଼ି ଓ ବଇଁଚିରାରେ ମଧ୍ୟ ଇଦ୍ ପାଳିତ ହୋଇଛି।

# ଯାଜପୁର ଜିଲ୍ଲା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା







**ଯାଜପୁର, ୨୧ା୩(ସମିସ)**




ଆଜି ଜିଲ୍ଲା ମହୋତ୍ସବ 'ଯଯାତି'ର ଦ୍ୱିତୀୟ ସନ୍ଧ୍ୟାରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣ୍ଠଶିଳ୍ପୀ ସୁସ୍ମିତା ଦାସ, ମାନସ ପ୍ରିତମଙ୍କ ଭଳି କଣ୍ଠଶିଳ୍ପୀମାନେ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ସେହିଭଳି ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯକ୍ରମ ପରିବେଷିତ ହୋଇଥିଲା। ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଏହି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଳମ୍ବିତ ରାତ୍ରିରେ ବଲିଉଡ୍ କଣ୍ଠଶିଳ୍ପୀଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯକ୍ରମ ପରିବେଷିତ ହୋଇଥିଲା। ତେବେ ମହୋତ୍ସବ ଅବସରରେ ଜିଲ୍ଲାସ୍ତରୀୟ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଶ୍ୱ କବିତା ଦିବସ ଅବସରରେ ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଆୟୋଜିତ ଏହି କବି ସମ୍ମିଳନୀରେ ସମଗ୍ର ଜିଲ୍ଲାରୁ ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ କବି ସାମିଲ ହୋଇ କବିତା ଆବୃତ୍ତି କରିଥିଲେ। ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ତଥା କବି ସମ୍ମିଳନୀ ଉପକମିଟିର ଅଧ୍ୟକ୍ଷ ତାପସ ରଞ୍ଜନ ଦେହୁରୀ ଉତ୍ସବକୁ ଉଦଘାଟନ କରିଥିଲେ। ଅତିଥି ଭାବେ ସଂଯୋଜକ ପ୍ରଭାତ ମଲ୍ଲିକ, ସହକାରୀ ଜିଲ୍ଲାପାଳ ତଥା ଆବାହକ ସୁଶ୍ରୀ ସ୍ମରଣିକା ଦାଶ, କବି ଗୌତମ ଜେନା, ନିରଞ୍ଜନ ପାଢ଼ୀ, ସମାଜସେବୀ ସନ୍ତୋଷ ନନ୍ଦ ଯୋଗ ଦେଇଥିଲେ। ଯାଜପୁରର ଯୁବପିଢ଼ିଙ୍କୁ ଓଡ଼ିଆ ଭାଷା ସାହିତ୍ୟ ସହ ଯୋଡ଼ିବାରେ ଏଭଳି କାର୍ଯ୍ୟକ୍ରମ ବେଶ୍ ଉପଯୋଗୀ ବୋଲି ଅତିଥିମାନେ ମତ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏକ ବ୍ୟଙ୍ଗ କବିତା ଆସର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟଙ୍ଗ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକ ଯୋଗ ଦେଇ କବିମାନଙ୍କୁ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ କୁନି ଶିଶୁ କଳାକାରମାନେ ସୁନ୍ଦର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ମଧୁମିତା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ଜିଲ୍ଲାପାଳ ସୁଶ୍ରୀ ସ୍ମରଣିକା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ପରିବେଶ ସମିତିର ଜଙ୍ଗଲ ଦିବସ

**ପ୍ରୀତିପୁର, ୨୧ା୩(ସମିସ):** ଜିଲ୍ଲା ପରିବେଶ ସମିତି ଯାଜପୁର ଆନୁକୂଲ୍ୟରେ ବିଞ୍ଝାରପୁର ବରୁଣେଇ ବାଳିକା ଉଚ୍ଚ ବିଦ୍ୟାଳୟ ବାଛୋଳଠାରେ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଏହାକୁ ବ୍ଲକ ଶିକ୍ଷା ଅଧିକାରୀ ସତ୍ୟବ୍ରତ ମିଶ୍ର ଉଦ୍‌ଘାଟନ କରିଥିଲେ। ସମ୍ପାଦକ ଡ. ଶରତ କୁମାର ସାହୁ ବନ ଦିବସ ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ର ବିଷୟ 'ଜଙ୍ଗଲ ଓ ଆମର ଅର୍ଥନୀତି'ର ଆବଶ୍ୟକତା, ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ପ୍ରାତଃ କାଳରେ ଇକୋ କ୍ଲବ୍ ଛାତ୍ରଛାତ୍ରୀ ସଚେତନତା ପଦଯାତ୍ରାରେ ଯୋଗ ଦେଇ ସ୍ଥାନୀୟ ଅଞ୍ଚଳରେ ପରିବେଶ ସଚେତନତା ସୃଷ୍ଟି କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମିଶ୍ର ସଭାପରିଚାଳନା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ମହାବିଦ୍ୟାଳୟ ରାମବାଗର ଅଧ୍ୟକ୍ଷ ଡ. ଶାନ୍ତନୁ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ବାଛଳ ପଞ୍ଚାୟତ ସରପଞ୍ଚ କଳ୍ପନା ବେହେରା, ଓଷ୍ଟା ବିଞ୍ଝାରପୁର ସଭାପତି ଜଗନ୍ନାଥ ବେହେରା, ଓଷ୍ଟା ଯାଜପୁର ଉପଦେଷ୍ଟା ସୁବାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରଶୁଲପୁରର ପ୍ରକୃତିବନ୍ଧୁ ଦେବେନ୍ଦ୍ର କୁମାର ନାୟକ ଓ ଧୃବଚରଣ ସାହୁ ହାଇସ୍କୁଲ ନାଉବାଙ୍କର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟଭୂଷଣ ବାରିକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ଚିତ୍ରାଙ୍କନ ଓ ତର୍କ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନେ ଅତିଥିଙ୍କଠାରୁ ପ୍ରମାଣପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ଓଷ୍ଟା ଉପସଭାପତି ମୀନକେତନ ପୁହାଣ, ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପ୍ରମୋଦ କୁମାର ବେହୁରିଆ, ସୌଦାମିନୀ ରାଉତ, ମାଧବ ଚନ୍ଦ୍ର ଧଳ, ଉତ୍କଳ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଧାନକିଣାରେ ମୟୂରଭଞ୍ଜର ରେକର୍ଡ, ଛିଡୁନି ଚାଷୀ ସମସ୍ୟା

# କିଣା ଗଲାଣି ୨୬.୪୨ ଲକ୍ଷ କ୍ୱିଣ୍ଟାଲ ଧାନ

ବାରିପଦା, ୨୧ ।୩(ସମିସ)

ମୟୂରଭଞ୍ଜ ଜିଲ୍ଲାରେ ଧାନକିଣାରେ ରେକର୍ଡ ହୋଇଛି । ଚଳିତ ବର୍ଷ ଧାର୍ଯ୍ୟ ଲକ୍ଷ୍ୟଠାରୁ ସର୍ବକାଳୀନ ରେକର୍ଡ ପରିମାଣର ଧାନ କିଣା ଗଲାଣି । ତଥାପି ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି । ଟୋକନ୍ ବିଭ୍ରାଟ ଓ ବେଆଇନ ଅର୍ଥ ଆଦାୟ ଅଭିଯୋଗ ଦର୍ଶାଇ କୃଷକ ସଂଗଠନ ଆନ୍ଦୋଳନ ଚେତାବନୀ ଦେଇଛନ୍ତି । ଅପରପକ୍ଷରେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଧାନକିଣା ଅବଧି ବୃଦ୍ଧି ସହିତ ସମସ୍ତ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି କହିଛନ୍ତି ।

ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁସାରେ ଆଜି ସୁଦ୍ଧା ମୟୂରଭଞ୍ଜ ଜିଲ୍ଲାରେ ୭୧ ହଜାର ୨୨୮ ଚାଷୀଙ୍କ ପାଖରୁ ୨୬ ଲକ୍ଷ ୪୨ ହଜାର କ୍ୱିଣ୍ଟାଲ ଧାନ କିଣାଗଲାଣି । ଯାହାକି ଗତବର୍ଷ ତୁଳନାରେ ପାଖାପାଖି ୪ ଲକ୍ଷ କ୍ୱିଣ୍ଟାଲ ଧାନ ଅଧିକ କିଣା ସରିଲାଣି । ଗତବର୍ଷ ଜିଲ୍ଲାରୁ ୨୨ ଲକ୍ଷ ୩୫ କ୍ୱିଣ୍ଟାଲ ଧାନ କିଣାଯାଇଥିଲା । ବିକ୍ରି ଯୋଗ୍ୟ ଧାନ ଚାଷୀଙ୍କ ପାଖରେ ରହିଥିବାରୁ ଧାନ କିଣା ଧାର୍ଯ୍ୟ ଲକ୍ଷ୍ୟ ବର୍ତ୍ତମାନ ୨୭ ଲକ୍ଷ ୫୭ ହଜାର ୮୦ କ୍ୱିଣ୍ଟାଲ ରଖାଯାଇଛି । ତେବେ ଆବଶ୍ୟକ ଅନୁସାରେ ଏହା ବୃଦ୍ଧି ମଧ୍ୟ କରାଯିବା ସମ୍ଭାବନା ରହିଛି । ଯେଉଁଠି ଧାନ କ୍ରୟ ପ୍ରକ୍ରିୟା ଏବେ ମୟୂରଭଞ୍ଜ ନୂଆ ରେକର୍ଡ ସୃଷ୍ଟି କରିଛି । କିନ୍ତୁ ଏହି



ସଫଳତା ପଛରେ ଲୁଚି ରହିଛି ଚାଷୀଙ୍କ ଅସଂଖ୍ୟ ଅଭିଯୋଗ । ମୟୂରଭଞ୍ଜର ବିଭିନ୍ନ ମଣ୍ଡିରେ ଏବେବି କଟନି ଛଟନି ଓ ପ୍ରଶାସନିକ ଅବହେଳାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି । ଚାଷୀଙ୍କ ଅଭିଯୋଗ ଅନୁସାରେ, ମିଲରଙ୍କ ସହ ମିଳିଭଗତ କରି ମଣ୍ଡିରେ ୮ରୁ ୧୪ କିଲୋଗ୍ରାମ ପର୍ଯ୍ୟନ୍ତ କଟ୍‌ନି କରାଯାଉଛି । ଏଫ୍‌ଏକ୍ୟୁ ମାନଦଣ୍ଡ ନାଁରେ ଚାଷୀଙ୍କୁ ଶୋଷଣ କରାଯାଉଥିବା କୃଷକ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି ।

କେବଳ ସେତିକି ନୁହେଁ, ସଠିକ୍ ସମୟରେ ଟୋକନ୍ ନ ଆସିବା, କମ୍ ପରିମାଣର ଟୋକନ୍ ମିଳିବା, ଗାଡ଼ି ଲୋଡିଂ ନାଁରେ ବେଆଇନ ଅର୍ଥ ଆଦାୟ ହେଉଥିବା ଭଳି ସଂଗୀନ ଅଭିଯୋଗ ସାମ୍ନାକୁ ଆସିଛି । ଧାନକିଣା ଅବଧି ଶେଷ ହେବାକୁ ଯାଉଥିଲେ ସୁଦ୍ଧା ଅନେକ ସ୍ଥାନରେ ଟାର୍ଗେଟ୍ ନ ଥିବାରୁ ଚାଷୀ ଏବେ ଚିନ୍ତାରେ । ଆମକୁ ଟୋକନ୍ ମିଳୁନି, ମିଲର ମନମାନୀ କରି କଟନି କରୁଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ ବୋଲି ଅଭିଯୋଗ କରିଛନ୍ତି କୃଷକ ନେତା ରବୀନ୍ଦ୍ର ଶତପଥୀ ଓ ନବନିର୍ମାଣ କୃଷକ ସଂଗଠନ ଜିଲ୍ଲା ସଭାପତି ପ୍ରାଣବନ୍ଧୁ ପଲେଇ ।

ଜିଲ୍ଲାର ମୋଟ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ୮୩ ହଜାର ୮୨୦ ଥିବାବେଳେ ୭୦ ହଜାର ୫୦୦ ଜଣ ବିକ୍ରି କରିଛନ୍ତି । ଆହୁରି ୧୨ ହଜାର ୫୯୨ ଜଣ ଚାଷୀ ଟୋକନ ପାଇ ଧାନ ବିକ୍ରି କରିନାହାନ୍ତି । ଲ୍ୟାମ୍ପସ ଧାନ କିଣୁ ନ ଥିବା ଦର୍ଶାଇ ବାସିପୀଠା, ସାନକେରକୋ ଓ ଚାନ୍ଦୁଆ ଆଦି ଅଞ୍ଚଳର ଚାଷୀ ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି । ତେବେ ଧାର୍ଯ୍ୟ ଲକ୍ଷ୍ୟଠାରୁ ପ୍ରାୟ ଦୁଇଗୁଣା ଧାନ କିଣା ସରିଥିଲେ ମଧ୍ୟ ଏବେବି ଧାନ ବିକ୍ରି କରିବାକୁ ଅପେକ୍ଷା କରିଥିବା ଚାଷୀଙ୍କ

- ୧୨.୫୯୨ ହଜାର ଚାଷୀ ବଞ୍ଚିତ
- ‘ସବୁ ଚାଷୀଙ୍କଠାରୁ ଧାନ କିଣାଯିବ’

ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ମିଲରଙ୍କ ପାଖରେ ଜାଗା ଅଭାବ ଥିବାରୁ ଆରଏମସି ଓ ଲ୍ୟାମ୍ପସ ଗୋଦାମ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି । ଜିଲ୍ଲାରେ ଧାନକିଣା ସୁରୁଖୁରୁରେ ଚାଲିଛି । ଟୋକନ୍ ଅବଧିକୁ ୧ ମାସ କୋହଳ କରାଯିବା ସହ ସରକାର ଅଧିକ ୧୫ ଦିନ ସମୟ ଦେଇଛନ୍ତି । କୌଣସି ମଣ୍ଡି ବନ୍ଦ କରାଯାଇନାହିଁ । ସମସ୍ତ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣାଯିବ ବୋଲି ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି । ପ୍ରଶାସନିକ ପ୍ରତିଶ୍ରୁତି ସତ୍ତ୍ୱେ ମଣ୍ଡିରେ ଚାଷୀଙ୍କ ଶୋଷଣ କେବେ ବନ୍ଦ ହେଉଛି ଓ ଶେଷ ଚାଷୀର ଧାନ ସଠିକ୍ ଭାବେ କିଣାଯାଉଛି କି ନାହିଁ, ତାହା ଦେଖିବାକୁ ବାକି ରହିଲା ।

## ଚୈତ୍ର ନବରାତ୍ର ତୃତୀୟ ସନ୍ଧ୍ୟା



ବାରିପଦାର ମା’ ଅମ୍ବିକାଙ୍କ ଷଡ଼ଶୀ ବେଶ

## ପାତିହିଞ୍ଜା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ




**କୁଳିଅଣା, ୨୧।୩(ସମିସ):** କୁଳିଅଣା ବ୍ଲକ ଅନ୍ତର୍ଗତ ପାତିହିଞ୍ଜା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ନେତା ସୁଗଦା ମୁର୍ମୁ ଯୋଗଦେଇ ଉଦଘାଟନ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ ଜେନା, ସମ୍ମାନିତ ଅତିଥି ଭାବେ ଅତିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସ୍ମୃତିଲିପି ସାହୁ, କୁଳିଅଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିତେନ୍ଦ୍ର ମୁର୍ମୁ, ପ୍ରଧାନଶିକ୍ଷକ ରଜତ ସାହୁ, ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ପ୍ରତିହାରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘାସିରାମ ବାସ୍କେ, ବ୍ଲକ ଡବ୍ଲ୍ୟୁଇଓ ବାଙ୍କନାଥ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ପ୍ରଧାନଶିକ୍ଷକ ସୁକେଶ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ଦୀପକ ଦଣ୍ଡପାଟ ଓ ବିଶ୍ୱନାଥ ସାହୁ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ଶିକ୍ଷକ ସୀମାଲ ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ଯଦୁମଣି ବେହେରା, ଆମୋଶ ଗମାଙ୍ଗ, ମାନଭଞ୍ଜନ ସାହୁ, ସଞ୍ଜୟ ନାଏକ, ଅଶୋକ ପଡ଼ିଆରୀ ପ୍ରମୁଖ ସହଯୋଗ କରିଥିଲେ ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ପଖାଳ ଦିବସ

**ବଡ଼ସାହି, ୨୧।୩(ସମିସ):** ଓଡ଼ିଆମାନଙ୍କ ପାରମ୍ପରିକ ଖାଦ୍ୟ ପଖାଳ ଖାଇବା କ୍ରମଶଃ ବନ୍ଦ ହେବାକୁ ବସିଥିବାବେଳେ ଓଡ଼ିଆ ପରମ୍ପରାକୁ ରକ୍ଷା କରିବାର ଉଦ୍ଦେଶ୍ୟ ନେଇ ବଡ଼ସାହି ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳନ କରାଯାଇଛି । ସଦସ୍ୟଙ୍କ ଦ୍ୱାରା ପଖାଳ ସହିତ ବିଭିନ୍ନ ସୁସ୍ୱାଦୁ ତରକାରୀ ପ୍ରସ୍ତୁତ କରାଯାଇ ଭୋଜନରେ ସମସ୍ତେ ସାମିଲ ହୋଇଥିଲେ । ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସଂଘର ସଭାପତି ରଣଜିତ୍ ଦାସଙ୍କ ଅଧ୍ୟକ୍ଷତାରେ ପ୍ରଥମେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସଂଗଠନ ସମ୍ପାଦକ ରାଜେନ୍ଦ୍ର ଜେନା, ବରିଷ୍ଠ ସଦସ୍ୟ ଭଗବାନ ବିଶ୍ୱାଳ, ବଙ୍କିମ ବିହାରୀ ପାତ୍ର, ସମ୍ପାଦକ ଅନନ୍ତ ଶତପଥୀ, ସନ୍ତୋଷ ବିଶ୍ୱାଳ, ଧ୍ରୁବେନ୍ଦ୍ର ଜେନା, ରତିକାନ୍ତ ବେହେରା, ଶଙ୍କର୍ଷଣ ଛାଟିଆ, କୋଷାଧ୍ୟକ୍ଷ ଯୋଗେଶ୍ୱର ମିଶ୍ର, ଧ୍ରୁବେନ୍ଦ୍ର ବାରିକ, ବ୍ରଜଗୋପାଳ ଦଣ୍ଡପାଟ, କାଳୀଚରଣ ଗିରି, ରମାକାନ୍ତ ପାତ୍ର, ଆକୁଳ ମହାନ୍ତ, ନୀଳମଣି ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ସମ୍ପାଦକ ଧନ୍ୟବାଦ ଦେଇଥିଲେ ।

## ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ ଯନ୍ତ୍ରାଂଶ ଚୋରି

**ରାଇରଙ୍ଗପୁର, ୨୧।୩(ସମିସ):** ବାଦାମପାହାଡ଼ ଥାନା ଅଞ୍ଚଳରେ ବିଦ୍ୟୁତ ଟ୍ରାନ୍ସଫର୍ମରରୁ ଯନ୍ତ୍ରାଂଶ ଚୋରି ହୋଇଛି । ପୂର୍ବରୁ ବିଦ୍ୟୁତ୍ ଯନ୍ତ୍ରାଂଶ ବାରମ୍ବାର ଚୋରି ହେଉଥିବାବେଳେ ଦୁର୍ବୃତ୍ତମାନେ ଗ୍ରାମରୁ ବିଦ୍ୟୁତ ଟ୍ରାନ୍ସଫର୍ମର ସାମଗ୍ରୀ ଚୋରି କରିଛନ୍ତି । ଏ ନେଇ ଟିପିଏନଓଡିଏଲ କୁସୁମୀ ବିଦ୍ୟୁତ ସେକ୍ସନ ପରିଚାଳକ ପ୍ରମୋଦ କୁମାର ଦାସ ବାଦାମପାହାଡ଼ ଥାନାରେ ଅଭିଯୋଗ କରିଛନ୍ତି । ଲାଇନମ୍ୟାନ ଓ ଅନ୍ୟ କର୍ମଚାରୀ ବନପୋଖରିଆ ଗ୍ରାମକୁ କାର୍ଯ୍ୟ କରିବାକୁ ଯାଇଥିଲେ । ୧୬ କେଭି ଟ୍ରାନ୍ସଫର୍ମର ଯନ୍ତ୍ରାଂଶ ଚୋରି ହୋଇଥିବା ଜାଣି ତାଙ୍କୁ ଜଣାଇଥିଲେ । ଫଳରେ ଉକ୍ତ ଅଞ୍ଚଳର ଶହ ଶହ ପରିବାର ବିଦ୍ୟୁତ ସେବାରୁ ବଞ୍ଚିତ ରହିଛନ୍ତି । ଅଭିଯୋଗକ୍ରମେ ବାଦାମପାହାଡ଼ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି ।

### ସର୍ବଭାରତୀୟ ସିଭିଲ ସର୍ଭିସ ଖୋ-ଖୋ ଟୁର୍ଣ୍ଣାମେଣ୍ଟ

## ଓଡ଼ିଶା ପୁରୁଷ ଓ ମହିଳା ଦଳର ଚମତ୍କାର ପ୍ରଦର୍ଶନ

**ଗୋପବନ୍ଧୁନଗର/ଉଦଳା, ୨୧।୩(ସମିସ):** ମହାରାଷ୍ଟ୍ରର ପୁନେସ୍ଥ ଛତ୍ରପତି ଶିବାଜୀ ଷ୍ଟାଡ଼ିୟମରେ ଚାଲିଥିବା ସର୍ବଭାରତୀୟ ବେସାମରିକ ଖୋ-ଖୋ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁରୁଷ ଓ ମହିଳା ଦଳ ଚମତ୍କାର ପ୍ରଦର୍ଶନ କରିଛି । ଓଡ଼ିଶାର ସୁନାମଧନ୍ୟ ଖୋ-ଖୋ କୋଚ୍ ଓ ମ୍ୟାନେଜର ତଥା ମୟୂରଭଞ୍ଜ ଜିଲ୍ଲାର ଉଦଳା ବ୍ଲକ ଅନ୍ତର୍ଗତ ସରକାରୀ ଏସ୍‌ଏସ୍‌ଡି ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷକ ବ୍ରଜମୋହନ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ଦଳ ଗୋଟିଏ ପରେ ଗୋଟିଏ ମ୍ୟାଚ ଜିତ ଚାଲିଛନ୍ତି । ପୁରୁଷ ଦଳ ପ୍ରଥମେ ଦିଲ୍ଲୀ ଓ ଚଣ୍ଡିଗଡ଼କୁ ପରାସ୍ତ କରିଥିବା ସ୍ଥଳେ ମହିଳା ଦଳ ଉତ୍ତରାଖଣ୍ଡ, ଛତିଶଗଡ଼ ଓ କେରଳକୁ ପରାସ୍ତ କରି କ୍ୱାର୍ଟରକୁ ଉନ୍ନୀତ ହୋଇଛନ୍ତି ।

## ବାଲ୍ୟ ବିବାହ ପୂର୍ବରୁ କନ୍ୟା ଉଦ୍ଧାର

**ବାରିପଦା, ୨୧ ।୩(ସମିସ):** ଶନିବାର ଏକ ବାଲ୍ୟ ବିବାହକୁ ଜିଲ୍ଲା ପ୍ରଶାସନ ଓ ବାରିପଦା ଟାଉନ ପୁଲିସର ତତ୍କାଳ ପଦକ୍ଷେପ କ୍ରମେ ରୋକାଯାଇପାରିଛି । ଖବର ଲେଖାଯିବା ବେଳକୁ କନ୍ୟାକୁ ଉଦ୍ଧାର କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯାଉଛି । ଶାମାଖୁଣ୍ଟା ଅଞ୍ଚଳର ଜଣେ ୧୫ ବର୍ଷର ନାବାଳିକା ବାରିପଦା ଟାଉନ ଥାନା ଅଧୀନ ଦେବେନ୍ଦ୍ରପୁର ଅଞ୍ଚଳର ପ୍ରେମିକ ଘରକୁ ପଳାଇ ଆସି ବିବାହ ପାଇଁ ପ୍ରସ୍ତୁତ ହେଉଥିଲେ । ତେବେ ସ୍ଥାନୀୟ ଅଙ୍ଗନବାଡି କର୍ମୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କୁ ଜଣାଇବା ପରେ ପୁଲିସ ସହାୟତାରେ ଉପରୋକ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ।

### ମମତା ଯୋଜନା ପ୍ରଲୋଭନ

## ଗର୍ଭବତୀ ମହିଳାଙ୍କଠାରୁ ୪୦ ହଜାର ଟଙ୍କାର ସାଇବର ଠକେଇ

**ଉଦଳା, ୨୧।୩(ସମିସ):** ମମତା ଯୋଜନା ପ୍ରଲୋଭନ ଦେଖାଇଲେ, ଅଣ୍ଡା ଓ ଛତୁଆ ଦେବେ କହି ଗର୍ଭବତୀ ମହିଳାଙ୍କ ଆକାଉଣ୍ଟରୁ ଟଙ୍କା ସବୁ ନେଇଗଲେ ସାଇବର ଠକ । ଅଲଗା ନମ୍ବରରୁ ଗୋଟିଏ ଫୋନ କଲ ଆସିଲା ଗର୍ଭବତୀ ମହିଳାଙ୍କ ପାଖକୁ ଓ କହିଲେ ଅଙ୍ଗନବାଡିର ଉପର ଅଫିସର କହୁଛନ୍ତି । ମହିଳା ଜଣକ ଅଣ୍ଡା ଛତୁଆ ପାଉଛନ୍ତି କି ନାହିଁ ପଚାରିଲେ ଓ ତା’ ପରେ ଆକାଉଣ୍ଟ ନମ୍ବର ନେଇ ଆକାଉଣ୍ଟରୁ ଲୁଟିନେଲେ ଟଙ୍କା । ଏଭଳି ଘଟଣା ଘଟିଛି ଉଦଳା ଥାନା ଅନ୍ତର୍ଗତ



ଧାନଘେରା ଗ୍ରାମରେ । ଏକ ଅଜଣା ନମ୍ବରରୁ ଧାନଘେରା ଗ୍ରାମର ଗର୍ଭବତୀ ମହିଳା ଶକୁନ୍ତଳା ବେହେରାଙ୍କୁ ଫୋନ ଆସିଲା । ଅଙ୍ଗନବାଡିର ଉପରିସ୍ଥ ଅଧିକାରୀ କହୁଛନ୍ତି କହିବା ସହିତ କେତେ ମାସ ହେବ ଅଣ୍ଡା ଓ ଛତୁଆ ପାଇ ନାହାନ୍ତି ବୋଲି ପଚାରିଲେ । ପରେ ଶକୁନ୍ତଳାଙ୍କୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ମାଗିଥିଲେ । କିଛି ସମୟ ପରେ ତାଙ୍କ ଆକାଉଣ୍ଟରୁ ୪୦ ହଜାର ଟଙ୍କା ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ ଗର୍ଭବତୀ ମହିଳା । ସାଇବର ଲୁଟେରା ଲୁଟର ନୂଆ ଫଣ୍ଡା ଆପଣେଇ ଲୁଟ କରିଥିବାବେଳେ ଶିକାର ହୋଇଥିବା ମହିଳା ଉଦଳା ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

### ପଞ୍ଚମ ଦିନରେ ହସ୍‌ପିଟାଲ ଆଗରେ ଧାରଣା

## ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ



**ମୋରଡ଼ା, ୨୧।୩(ସମିସ):** ମୋରଡ଼ା ବ୍ଲକ ଅଧୀନ ବାରମାଇଲସ୍ଥ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ତରଫରୁ ଗତ ୧୭ ତାରିଖ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯାଉଥିବାବେଳେ ଆଜି ପଞ୍ଚମ ଦିନରେ ପହଞ୍ଚିଛି । ଜେଏମଏମ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ କର୍ମୀ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଛନ୍ତି । ଉକ୍ତ ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ଓ ଏକ୍ସରେ ମେସିନର ସ୍ଥାପନ, ଖାଲିପଡ଼ିଥିବା ଡାକ୍ତର ପଦବୀ ପୂରଣ ନେଇ ସଭାପତି ଦାସ ଦାବି କରିଛନ୍ତି । ତେବେ ପୂର୍ବରୁ ଧାରଣାସ୍ଥଳରେ ଜିଲ୍ଲା ଚିକିତ୍ସା ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ, ଜନସ୍ୱାସ୍ଥ୍ୟ ଅଧିକାରୀ ସୁବାସ ନାଏକ ପ୍ରମୁଖ ପହଞ୍ଚି ସଭାପତି ଦାସଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ଆଲୋଚନା ସଫଳ ହୋଇ ନ ଥିଲା । ସମସ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଏମିତି ଚାଲୁ ରହିବ ବୋଲି ସଭାପତି ଶ୍ରୀ ଦାସ କହିଛନ୍ତି । ଧାରଣା ପାଞ୍ଚଦିନ ଧରି ଚାଲିଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଆଖି ବୁଜି ଦେବା ସହିତ ବର୍ତ୍ତମାନ ଯାଏଁ କୌଣସି ସମାଧାନର ବାଟ ବାହାରି ନାହିଁ । ଫଳରେ ଲୋକଙ୍କ ସମସ୍ୟା କେମିତି ସମାଧାନ ହେବ ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ଦାସ । ଆଜି ଧାରଣାରେ ଶ୍ରୀ ଦାସଙ୍କ ସହିତ ବ୍ଲକ ସଭାପତି ହେମନ୍ତ ମହାନ୍ତ, ସଂଗଠନ ସମ୍ପାଦକ ରାଧେଶ୍ୟାମ ପାତ୍ର, ଅମୀର ଖାନ, ଡାକ୍ତର ହେମ୍ବ୍ରମ, ଭାଗ୍ୟବତୀ ହେମ୍ବ୍ରମ, ସିପୁ ମୁଦୁଲି, ପପୁ ଦାସ ପ୍ରମୁଖଙ୍କ ସହ ଅନ୍ୟ କର୍ମୀ ସାମିଲ ହୋଇଥିଲେ ।

## ବିଶ୍ୱ କବିତା ଦିବସରେ ବସନ୍ତ କବିତା ଆସର



**ବେତନଟୀ, ୨୧।୩(ସମିସ):** ବେତନଟୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମୟୂର ସାହିତ୍ୟ ସଂସଦ ପକ୍ଷରୁ ବସନ୍ତ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ କବିତା ଦିବସ ପାଳନ ଅବସରରେ ସଂସଦର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ଯତୀନ୍ଦ୍ର ନାଥ ସାହୁ ସଭାର ଉଦ୍ଦେଶ୍ୟ ଜ୍ଞାପନ ଓ ସାହିତ୍ୟର ସୁରକ୍ଷା ସମ୍ବନ୍ଧିତ ବକ୍ତବ୍ୟ ରଖିଥିଲେ । ବସନ୍ତ ଋତୁ ଆଗମନକୁ ସ୍ୱାଗତ କରି କବି, କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଇତ୍ୟବସରରେ ସାଂଗଠନିକ ଆଲୋଚନା କ୍ରମରେ ସଂସଦର ବାର୍ଷିକ ଉତ୍ସବ ପାଳନ, ଆଗାମୀ ଉତ୍କଳ ଦିବସ ପାଳନ ସମ୍ବନ୍ଧରେ ବିଶଦ ଆଲୋଚନା କରାଯାଇଥିଲା । ବନମୟୂରୀ ପତ୍ରିକା ସମ୍ପାଦକ ନୀରଦ ସୁନ୍ଦର ଜେନା କବିତାର ସଂଯୋଜନା କରିଥିଲେ । କବିତା ପାଠ ଓ ଆଲୋଚନାରେ ସଂସଦ କର୍ମକର୍ତ୍ତା ଓ ବରିଷ୍ଠ ସଦସ୍ୟ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଉପଦେଷ୍ଟା ବାସୁଦେବ ନାପିତ, ସୌଦାମିନୀ ପଣ୍ଡା, ହରେନ୍ଦ୍ର ନାଥ ବାରିକ, ସୀମାଦାସ ଖଟୁଆ, ଡଃ ମନ୍ଦାକିନୀ ସାହୁ, ଉପସଭାପତି ଗୌତମ ବେହେରା, ସହଦେବ ଗିରି, ରବୀନ୍ଦ୍ର ନାଥ ମିଶ୍ର, ଉଷା ଶତପଥୀ, ରବୀନ୍ଦ୍ର ଖଟୁଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କମଳଲୋଚନ କର ସହଯୋଗ କରିଥିଲେ । ସମ୍ପାଦକ ଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାରିପଦାରେ ଇଦ୍ ପର୍ବ



**ବାରିପଦା, ୨୧।୩(ସମିସ):** ମୁସଲିମ ସମ୍ପ୍ରଦାୟର ପବିତ୍ର ଇଦ-ଉଲ-ଫିତର ପର୍ବ ବାରିପଦା ସହରରେ ଶାନ୍ତିଶୃଙ୍ଖଳାରେ ପାଳିତ ହୋଇଯାଇଛି । ସହରର ବିଭିନ୍ନ ମସଜିଦରେ ମୁସଲିମ ସମ୍ପ୍ରଦାୟର ଲୋକେ ସମୂହ ନମାଜ୍ ପାଠ କରିଥିଲେ । ଏଥିପରେ ପରସ୍ପରକୁ ଇଦ୍ ପର୍ବର ଶୁଭେଚ୍ଛା ଜଣାଇଥିଲେ । ମୁସଲିମ ଧର୍ମାଲମ୍ବୀ ଦୀର୍ଘ ଏକ ମାସର ନିଷ୍ଠାର ସହ ଉପବାସ ନୀତି ପରେ ଇଦ୍ ପାଳନ କରିଥିବାବେଳେ ସେମାନଙ୍କ ମଧ୍ୟରେ ବେଶ ଖୁସି ଦେଖିବାକୁ ମିଳିଥିଲା । ଇଦ୍ ପର୍ବ ନେଇ ଟ୍ରାଫିକ ମାର୍କେଟ, ରଘୁନାଥପୁର, ଶୁନଗଡ଼ିଆ, ପ୍ୟାରେଡ଼ ପଡ଼ିଆ, ଲାଲ ବଜାର ଆଦି ମସଜିଦରେ ଶ୍ରଦ୍ଧାଳୁ ନୂଆ ବସ୍ତ୍ର ପରିଧାନ କରି ମହାଆଡମ୍ବରରେ ଇଦ ପର୍ବ ପାଳନ କରିଛନ୍ତି । ଇଦ୍ ପର୍ବକୁ ନେଇ ବାରିପଦା ସହରରେ ଭାଇଚାରା ଦେଖିବାକୁ ମିଳିଥିଲା । ହିନ୍ଦୁ ଓ ମୁସଲିମ ସମ୍ପ୍ରଦାୟର ଲୋକେ ଇଦ ପର୍ବରେ ସାମିଲ ହୋଇ ଶୁଭେଚ୍ଛା ଜଣାଇଛନ୍ତି । ଏ ଅବସରରେ ସମସ୍ତଙ୍କ ସୁଖ ଓ ସମୃଦ୍ଧି ପାଇଁ ପ୍ରାର୍ଥନା ମଧ୍ୟ କରିଛନ୍ତି । ତ୍ୟାଗ ଓ ସମର୍ପଣର ପର୍ବରେ ଶାନ୍ତିମୟ, ସମୃଦ୍ଧ ସମାଜ ପାଇଁ ସମସ୍ତେ ଆଗେଇ ଆସିବାକୁ ନିଜ ମଧ୍ୟରେ ଆହ୍ୱାନ ଦେଇଥିଲେ । ଇଦ ପର୍ବକୁ ନେଇ ଶାନ୍ତିଶୃଙ୍ଖଳା ପରିସ୍ଥିତି ପାଇଁ ସହରର ବିଭିନ୍ନ ସ୍ଥାନରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା ।

# ଠାକୁରମୁଣ୍ଡାରେ ରେଶମ ସାଧନ କେନ୍ଦ୍ର ଉଦ୍‌ଘାଟିତ

ମହୁଲଡିହା, ୨୧।୩(ସମିସ)

ଟସର ସିଲକର ମୂଲ୍ୟଯୁକ୍ତ ବ୍ୟବସାୟ ବୃଦ୍ଧି ଲକ୍ଷ୍ୟରେ ଠାକୁରମୁଣ୍ଡାରେ କେନ୍ଦ୍ରୀୟ ରେଶମ ବୋର୍ଡ ଦ୍ୱାରା ଏକ ରେଶମ ସାଧନ କେନ୍ଦ୍ର ଉଦଘାଟିତ ହୋଇଛି । ଭାରତ ସରକାରଙ୍କ ବୟନ ଶିଳ୍ପ ବିଭାଗ ଅଧୀନ କଟକସ୍ଥ ରେଶମ ବୈଷୟିକ ସେବା କେନ୍ଦ୍ର (ଏସଟିଏସସି ) ଦ୍ୱାରା ଏହି ସାଧନ କେନ୍ଦ୍ର ସ୍ଥାପିତ ହୋଇଛି । ଭାରତ ସରକାରଙ୍କ ସିଲକ ସମଗ୍ର-୨ ଯୋଜନାରେ ଟସର ଉତ୍ପାଦନ ପରବର୍ତ୍ତୀ କୌଶଳ ବ୍ୟବହାର ଦିଗରେ ସ୍ଥାନୀୟ ମହିଳାଙ୍କ ଦକ୍ଷତା ବୃଦ୍ଧି ଏହାର ଲକ୍ଷ୍ୟ ବୋଲି ଅତିଥିମାନେ ସୂଚନା ଦେଇଥିଲେ । ରେଶମ ସାଧନ କେନ୍ଦ୍ର ବୈଜ୍ଞାନିକ ତଥା ରେଶମ ବୈଷୟିକ ସେବା କେନ୍ଦ୍ର ପରିଚାଳକ ଅମ୍ରିତ ଲାୟକ ଯୋଗଦେଇ କେନ୍ଦ୍ର ଉଦଘାଟନ କରିଥିଲେ ।




ବାରିପଦା ଅତିରିକ୍ତ ରେଶମ ଶିଳ୍ପ ନିର୍ଦ୍ଦେଶକ ନିରଞ୍ଜନ ମଲ୍ଲିକ, ଆରଏସଆରଏସ, ବାରିପଦାର ବୈଜ୍ଞାନିକ ଅଗସ୍ତି ଗଣେଶନ, ବିଏସଏମଟିସି ବୈଜ୍ଞାନିକ ସବୁଜ ଗାଙ୍ଗୁଲି, ଟିଆରସିଏସ, କେନ୍ଦୁଜିଆଣୀ ସମ୍ପାଦକ ପ୍ରଦୀପ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହିଳାମାନେ କିପରି ଟସରରୁ ବିଭିନ୍ନ ଉତ୍ପାଦ ବଜାରରେ ବିକ୍ରି କରି ସ୍ୱାବଲମ୍ବୀ ହୋଇପାରିବେ, ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଅମ୍ରିତ ଲାୟକ କହିଲେ, ରେଶମ ସାଧନ କେନ୍ଦ୍ର ଟସର ସୂତା କଟାଳି ଓ ଚାଷୀଙ୍କୁ ତାଲିମ, ଜ୍ଞାନକୌଶଳ ପ୍ରଦର୍ଶନ ଓ ସଚେତନତା ସୃଷ୍ଟି ଦିଗରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ସାଧନ କେନ୍ଦ୍ରରେ ସ୍ମାର୍ଟ ଟିଭି, ଦୃଶ୍ୟଶ୍ରାବ୍ୟ ଉପକରଣ, ଲାପଟପ, ସୂତା କଟା ମେସିନ ଆଦି ବ୍ୟବହାରିକ ତାଲିମ ପାଇଁ କେନ୍ଦ୍ରୀୟ ରେଶମ ବୋର୍ଡ ଦ୍ୱାରା ଉପଲବ୍ଧ ରହିଛି । ଯେହେତୁ ଠାକୁରମୁଣ୍ଡା ଟସର ଉତ୍ପାଦନର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଓ ଏଠାରେ ୩ଟି ଟସର ସୋସାଇଟି ରହିଛି, ତେଣୁ ଏସଆରସି ଟସର ଚାଷୀଙ୍କ କୌଶଳ ବୃଦ୍ଧି ଓ ଭାବ ବିନିମୟର କେନ୍ଦ୍ର ଭାବେ କାର୍ଯ୍ୟ କରିବ । ଠାକୁରମୁଣ୍ଡା ଅଞ୍ଚଳରେ ଟସର ଚାଷ ବୃଦ୍ଧି କ୍ଷେତ୍ରରେ ତାଲିମ ପ୍ରଦାନ କ୍ଷେତ୍ରରେ ମଧ୍ୟ ଏସଆରସି ବ୍ୟବହୃତ ହୋଇପାରିବ ବୋଲି ଶ୍ରୀ ଲାୟକ କହିଥିଲେ । ନିୟମିତ ଭାବେ ଟ୍ରେନିଂ, ସଚେତନତା, ବୈଷୟିକ ପ୍ରଦର୍ଶନ ଫଳରେ ଲୋକଙ୍କ ଭିତରେ ନୂଆ ନୂଆ କୌଶଳ ଉପଯୋଗ ପାଇଁ ଆଗ୍ରହ ବଢ଼ାଇବା ଦିଗରେ ରେଶମ ସାଧନ କେନ୍ଦ୍ରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ । ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ଆରଆରଡିଓ ସହଯୋଗରେ ଏହି ରେଶମ ସାଧନ କେନ୍ଦ୍ର ସ୍ଥାପିତ ହୋଇଛି । ଉଦଘାଟନୀ ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ସମ୍ପାଦକ ଶରତ କୁମାର ତ୍ରିପାଠୀ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ ନିର୍ଦ୍ଦେଶକ ମନୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# 'ସାରହୁଲ'ରେ ଝୁମିଲେ, ଧରତୀ ମା'କୁ ପୂଜିଲେ

**ରାଉରକେଲା, ୨୧।୩(ସମିସ)**



ଚୈତ୍ର ମାସ ଶୁକ୍ଳ ପକ୍ଷର ପବିତ୍ର ତୃତୀୟା ଅବସରରେ ଆଦିବାସୀ ସମ୍ପ୍ରଦାୟର ମହାନ୍ ପ୍ରକୃତି ପର୍ବ ସାରହୁଲ ପୂଜା ଉଦିତନଗର ସ୍ଥିତ ସାରନା ପୂଜାସ୍ଥଳରେ ପାଳିତ ହୋଇଯାଇଛି। ଏହି କ୍ରମରେ ଶ୍ରଦ୍ଧାଳୁ ଓ ସାରନା ପ୍ରେମୀ ନିଜ ଗ୍ରାମରୁ ନିର୍ମଳ ଜଳ ସୁସଜ୍ଜିତ ଲୋଟାରେ ମୁଣ୍ଡରେ ଧରି ବିଶ୍ରା ଛକରେ ସମବେତ ହୋଇଥିଲେ। ମୁଖ୍ୟ ପାହାନ ମାଙ୍ଗନାଥ ଖାଲଖୋଙ୍କ ଦ୍ୱାରା ଧରତୀ ମାତାଙ୍କ ଉଦ୍ଦେଶ୍ୟରେ ଜଳ ଓ ଅରୁଆ ଚାଉଳ ଅର୍ପଣ ପୂର୍ବକ କାଁଶସା ପୂଜନ କରି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ହଜାର ହଜାର ସାରନା ପ୍ରେମୀ ଓ ଶ୍ରଦ୍ଧାଳୁଙ୍କ ମୁଣ୍ଡରେ କଂସା ଲୋଟା ଭର୍ତ୍ତି ଜଳ ଓ ଖାଲି ପାଦରେ ପଶ୍ଚାତ୍ ଗମନ ଅପୂର୍ବ ଶୋଭାବର୍ଦ୍ଧନ କରିଥିଲା। ସେହିପରି ପାନପୋଷ ଛକ ଓ ଲଠିକଟାରୁ ମଧ୍ୟ ଏକକାଳୀନ ସାରହୁଲ ଶୋଭାଯାତ୍ରା ବାହାରି ଉଦିତନଗର ଆମ୍ବେଦକର ଛକ ଠାରେ ୩ଟି ଶୋଭାଯାତ୍ରା ମିଳିତ ହୋଇ ସାରନା ସ୍ଥଳକୁ ପହଞ୍ଚିଥିଲା। ସାରନାର ମୁଖ୍ୟ ପାହାନ ମାଙ୍ଗନାଥ ଖାଲଖୋଙ୍କ ନେତୃତ୍ୱରେ ଜଳ ଅର୍ପଣ ପୂର୍ବକ ପୂଜା ହୋଇଥିଲା। ସମସ୍ତ ଶ୍ରଦ୍ଧାଳୁ ମାନଙ୍କୁ ଶାଳ ଫୁଲ ଖୋସି ଧର୍ମେଶ ଓ ଚାଲା ମାଆଙ୍କର ଆର୍ଶୀବାଦ ପ୍ରଦାନ କରିଥିଲେ। ସାରନା ପ୍ରାର୍ଥନା ସଭାର ଝାରିଓ କେର୍କେଟା, ମୀନା ତିର୍କୀ, ହେମନ୍ତୀ ମିଞ୍ଜ, ବିର୍ସୀ ବାଡ଼ା, ଯମୁନା ଟପ୍ପୋ, ବିରାସମନି ମିଞ୍ଜ, ସସ୍ମିତା ବାଡ଼ା, ସଙ୍ଗୀତା ମିଞ୍ଜ, ଅନନ୍ତ ଓରାମ, ମମତା ଲାକଡ଼ା, ଗାଙ୍ଗୀ ଟପ୍ପୋ, ଲିଲାନ୍ତି ଓରାମ, ସୁନିତା ଓରାମ, ସରୋଜ ମିଞ୍ଜ, ରାଧା ଟପ୍ପୋ, ଫାଗୁଆ ଓରାମ, ବୁଡୁ କେରକେଟା, ଜସମାନ ବେକ୍ ସହଯୋଗ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ଓରାମ ସଂସ୍କୃତି ପରିଷଦ ଅଧ୍ୟକ୍ଷା ସୁକେଶୀ ଓରାମ, ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ସାନ୍ଥାଳୀ ସମାଜର ଭୋଳାନାଥ ମାଝୀ, ମୁଣ୍ଡାରି ସମାଜର ଭରତ ଚନ୍ଦ୍ର ମୁଣ୍ଡାରି, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାଏକ, ଲହରା ସମାଜର ଅଜୟ ଶର୍ମା, ଆର୍‌ଏସ୍‌ପି ସିଜିଏମ ଏତୁଆ ଓରାମ, ଡିଜିଏମ ତୁଡ଼କା ଭଗତ ଟପ୍ପୋ, ଗୁରୁଦ୍ୱାରା ସିଂ ସଭା ଅଧ୍ୟକ୍ଷ ବଳଦେବ ସିଂହ, ଦେବଗଡ଼ ସାରନା ପ୍ରାର୍ଥନା ସଭା ଅଧ୍ୟକ୍ଷ ଶୀମାନ ମାଙ୍ଗୁ କିସପୋଟା, ଛତିଶଗଡ଼ ରାଜୀ ପାଡ଼ହା ସାରନା ପ୍ରାର୍ଥନା ସଭାର ଶଙ୍କର ଭଗତ, ଝାଡ଼ଖଣ୍ଡ ପ୍ରଦେଶ ଅଧ୍ୟକ୍ଷ ରବି ତିଗ୍ଗା, ଚିକ ବାଡ଼ାଇକ ସମାଜ ଅଧ୍ୟକ୍ଷ ସତ୍ୟନାରାୟଣ ଦାସ ଯୋଗ ଦେଇଥିଲେ। ବିଶ୍ରା ଛକ ଶୋଭାଯାତ୍ରାର ନେତୃତ୍ୱ ରାଜୀ ପାଡ଼ହା ସାରନା ପ୍ରାର୍ଥନା ସଭା ପ୍ରଦେଶ କମିଟର ଅଧ୍ୟକ୍ଷ ଶୀମାନ ମଣିଲାଲ କେରକେଟା ନେଇଥିବା ବେଳେ ବିଲୁ ତିର୍କୀ, ସୁଶୀଲ ଖାଲଖୋ, ସୁଶୀଲ କୁମାର ଲାକ୍ରା, ଦେବା ଓରାମ, ହେମା ଏକ୍କା ସହଯୋଗ କରିଥିଲେ। ସେହିପରି ପାନପୋଷ ଛକ ଶୋଭାଯାତ୍ରାର ନେତୃତ୍ୱ ଧନେଶ୍ୱର ତିର୍କୀ, ବାଇଜୁ ଖାଲଖୋ, ଗଙ୍ଗାଧର ଖାଲଖୋ ନେଇଥିବାବେଳେ ଲାଠିକଟା ଶୋଭାଯାତ୍ରାର ନେତୃତ୍ୱ ଧୁଚୁ ତିଗା ନେଇଥିଲେ। ପାର୍ଥ ଓରାମ କାର୍ଯ୍ୟକ୍ରମ ପରଚାଳନା କରିଥିବାବେଳେ ବିଲୁ ତିର୍କୀ ଧନ୍ୟବାଦ ଦେଇଥିଲେ।

## ଇଦ୍ ଉଲ୍ ଫିତରରେ ସାମୂହିକ ପ୍ରାର୍ଥନା



**ରାଉରକେଲା, ୨୧।୩(ସମିସ):** ରାଉରକେଲାରେ ଇଦ୍‌ଉଲ୍ ଫିତର ପାଳିତ ହୋଇଯାଇଛି। ଜୋନାଲ ଡିଏସପି ଜିତେନ କୁମାର ସେଠୀ ଏବଂ ଇନ୍ସପେକ୍ଟର ବିଭସ୍ୱ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହତାବ ରୋଡ୍ ସ୍ଥିତ ଇଦଗା ପଡ଼ିଆରେ ସମୂହ ପ୍ରାର୍ଥନା କରାଯାଇଥିଲା। ଅଞ୍ଜୁମାନ ଇସଲାହୁଲ୍ ମୁସଲିମିନ୍ କମିଟି ଦ୍ୱାରା ବ୍ୟବସ୍ଥା ପରିଚାଳନା କରାଯାଇଥିଲା। ମୌଲାନା ଇସ୍ତିଆକ୍ ଅହମ୍ମଦ ପ୍ରାର୍ଥନାର ନେତୃତ୍ୱ ନେଇଥିଲେ ଏବଂ ମୁଫ୍‌ତି ଜାଫର୍ ଈଦ୍‌ର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ବିଧାୟକ ସାରଦା ନାୟକ, ପ୍ରସିଦ୍ଧ ଶିଳ୍ପପତି ଡି.ଆର. ପଟ୍ଟନାୟକ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, କଂଗ୍ରେସ ଜିଲ୍ଲା ସଭାପତି ସବିର ହୁସେନ, ପୂର୍ବତନ ଜିଲ୍ଲା ସଭାପତି ବି.ଏନ୍ . ପଟ୍ଟନାୟକ, ଜ୍ଞାନ ଦାସ ଏବଂ ରବି ଦେହୁରୀଙ୍କ ସମେତ ଅନେକ ପ୍ରମୁଖ ନାଗରିକ ଇଦ୍‌ଗାହରେ ଯୋଗ ଦେଇଥିଲେ। ଅଞ୍ଜୁମାନ କମିଟିର ଅବଦୁସ ସଲାମ, ମହମ୍ମଦ ସାଦଉଲ୍ଲା ଏବଂ ସଜ୍ଜାଦ ବ୍ୟବସ୍ଥାରେ ସାହାଯ୍ୟ କରିଥିବା ଲୋକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଇଦଗାହରେ ସମ୍ମିଳିତ ନମାଜ ପରେ, ନାଲା ରୋଡ୍ ଛୋଟି ମସଜିଦ, ଆନନ୍ଦ ଭବନ ଲେନ୍, ନୁର ମସଜିଦ ଏବଂ ମାଭ ଜାମା ମସଜିଦରେ ମଧ୍ୟ ନମାଜ ପାଠ କରାଯାଇଥିଲା। ବିଲାଲ ମୁନ୍ନା, ଏଜାଜ୍ ଅଖତର, ଆଫରୋଜ ଅହମ୍ମଦ, ମହମ୍ମଦ ଖାଲିଦ, ଏଜାଜ୍ ଅହମ୍ମଦ ଗୁଡ୍ଡୁ, ମହମ୍ମଦ ଶମଶେର, ମହମ୍ମଦ ଆଜଦକ, ଆୟୁବ ଖାନ୍ ଏବଂ ମକସୁଦ ଆଲମଙ୍କ ସମେତ ପ୍ରମୁଖ ଉପସ୍ଥିତ ଥିଲେ।

## ଭ୍ୟାନ୍‌କୁ ଧକ୍କାଦେଲା ହାଇୱା
# ୩ ଆହତ; ଜଣେ ଗୁରୁତର

**ଲହୁଣୀପଡ଼ା, ୨୧।୩(ସମିସ):** ଲହୁଣୀପଡ଼ା ଥାନା ଅଧୀନ ୧୪୩ ଜାତୀୟ ରାଜପଥର ବାଜପେୟୀ ଛକ ନିକଟରେ ଇକୋଭେନକୁ ପଛରୁ ଏକ ହାଇୱା ଧକ୍କା ଦେବାରୁ ଭେନ୍ ଟି ଓଲଟି ପଡ଼ିଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଶନିବାର ଭୋର୍ ଝାଡ଼ଖଣ୍ଡରୁ ରାଉକେଲା ଦେଇ ପୁରୀ ଯାଉଥିବା ଇକୋଭେନଟି ବାଜେପେୟ ଛକ ନିକଟରେ ହମ୍ପ ନିକଟରେ ବ୍ରେକ୍ ଦେବାରୁ ପଛରୁ ଦ୍ରୁତଗତିରେ ଆସୁଥିବା ହାଇୱାଟି ଧକ୍କା ଦେଇଥିଲା। ଭେନ ଭିତରେ ବସିଥିବା ୪ ଜଣଙ୍କ ମଧ୍ୟରୁ ୩ ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲହୁଣୀପଡ଼ା ପୁଲିସ ସହାୟତାରେ ଗୁରୁତର ଆହତଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ଜଣକୁ ଅଧିକ ଚିକିତ୍ସା ପାଇଁ ରାଉକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ହାଇୱା ଚାଳକ ଫେରାର ହୋଇଯାଇଥିବାବଳେ ପୁଲିସ ଗାଡ଼ି ଦୁଇଟିକୁ ଥାନାକୁ ଆଣିଛି।

# ମ୍ୟୁଜିକ୍ ସର୍କଲ ପକ୍ଷରୁ ବସନ୍ତ ଉତ୍ସବ ଉଦ୍‌ଘାଟିତ




**ରାଉରକେଲା, ୨୧।୩(ସମିସ):** ରାଉରକେଲାର କଳା-ସଂସ୍କୃତି ଅନୁଷ୍ଠାନ ମ୍ୟୁଜିକ୍ ସର୍କଲ ଆୟୋଜିତ ୪୯ତମ ବସନ୍ତୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ସମାରୋହର ପ୍ରଥମ ଦିବସକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ଼ର ସାଂସଦ ଜୁଏଲ ଓରାମ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ଅମୀୟ କୁମାର ରଥ, ଅନ୍ୟତମ ଅତିଥି ଉପଦେଷ୍ଟା ମହେନ୍ଦ୍ର କୁମାର ପଟ୍ଟନାୟକ ଏବଂ ଉପାଧ୍ୟକ୍ଷ ଅଭୟ କୁମାର ଦାସ ମଞ୍ଚାସୀନ ଥିଲେ। ମ୍ୟୁଜିକ୍ ସର୍କଲର କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିବାପରେ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଡ. ରଥ ମ୍ୟୁଜିକ୍ ସର୍କଲର କଳା ସଂସ୍କୃତି ପ୍ରତି ପ୍ରତିବଦ୍ଧତାର ପ୍ରଶଂସା କରିବା ସହ କହିଲେ ଯେ, ସଙ୍ଗୀତ ଓ ନୃତ୍ୟ କେବଳ ଏକ ମନୋରଞ୍ଜନର ମାଧ୍ୟମ ନୁହେଁ ବରଂ ମଣିଷ ଜାତିକୁ ଏକତ୍ର କରିବାର ଏକ ପ୍ରୟାସ। ଅନ୍ୟତମ ଉପଦେଷ୍ଟା ମହେନ୍ଦ୍ର କୁମାର ପଟ୍ଟନାୟକ ମ୍ୟୁଜିକ୍ ସର୍କଲର ଐତିହ୍ୟ ସମ୍ପର୍କରେ କହିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ଶାରଦା ପ୍ରସାଦ ନାୟକ ପରିଚାଳନା କରିଥିବାବେଳେ ଉପାଧ୍ୟକ୍ଷ ଅଭୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମ୍ୟୁଜିକ୍ ସର୍କଲ ଦ୍ୱାରା ରାଗମାଳାରେ ତବଲା ବାଦନ, ଓଡ଼ିଶୀ, ବିହୁ ନୃତ୍ୟ ଏବଂ ସାଗରଡ୍ୟାନ୍ସ ରିଦିମ୍ ଗ୍ରୁପ୍ ଦ୍ୱାରା ସିଂହାରୀ ଆଦିବାସୀ ଲୋକ ନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ସେହିପରି ଉଭୟ ବର୍ଗରେ ୧୫ ଜଣଙ୍କୁ ଝୁରି ପୁରସ୍କାର ସ୍ୱରୂପ ପ୍ରମାଣପତ୍ର ସହ ମେଡାଲ ଦିଆ ଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ସାଂସ୍କୃତିକ ସମ୍ପାଦିକା ସ୍ନେହଲତା ନାୟକ, ମୁଖ୍ୟ ଉପଦେଷ୍ଟା ଡ. ସମର ମୁଦାଲି, ସହ ସାଧାରଣ ସମ୍ପାଦକ ବିବେକାନନ୍ଦ ପଣ୍ଡା, ସହ ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ, ଉପଦେଷ୍ଟା ଲକ୍ଷ୍ମଣ ନାଥ ଦାସ, ବରିଷ୍ଠ ଶିକ୍ଷୟିତ୍ରୀ ଅନିନ୍ଦିତା ମାଇତି, ସୁନୀତା ସିଂହ ଏବଂ କୋଷାଧ୍ୟକ୍ଷ ନିଖିଳେଶ୍ୱର ଦାଶ ପ୍ରମୁଖଙ୍କ ସହ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହାୟତା କରିଥିଲେ।

## ଟ୍ରେନ୍ ଧକ୍କାରେ ଯୁବକ ମୃତ

**ବଣାଇଁ, ୨୧।୩ (ସମିସ):** ବଣାଇଁ ଉପଖଣ୍ଡ ଚାନ୍ଦିପୋଷ ଥାନା ଅଞ୍ଚଳରେ ଥିବା ଚାନ୍ଦିପୋଷ ରେଲୱେ ଷ୍ଟେସନ ନିକଟରେ ଆଜି ଦୁଃଖଦ ଘଟଣା ଘଟିଛି। ରେଲ୍ ଲାଇନ ପାର କରୁଥିବାବେଳେ ଟ୍ରେନ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ସଞ୍ଜୟ ଓରାମ (୨୬) ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ସଞ୍ଜୟ ରେଳଲାଇନ ପାର ହେଉଥିବା ସମୟରେ ବରସୁଆଁବୀରମିତ୍ରପୁର ରୁଟ୍‌ରେ ଯାଉଥିବା ଟ୍ରେନ୍ ହଠାତ୍ ଆସିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଘଟଣା ସମ୍ବନ୍ଧରେ ଖବର ପାଇ ଚାନ୍ଦିପୋଷ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛନ୍ତି। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସୂଚନା ମିଳିଛି।

## ଆର୍‌ଏସ୍‌ପି ପକ୍ଷରୁ ଛତୁଚାଷ ତାଲିମ ପ୍ରଦାନ




**ରାଉରକେଲା, ୨୧।୩(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ସିଏସ୍‌ଆର ଅଧୀନସ୍ଥ ଦକ୍ଷତା ବିକାଶ ଏବଂ ଜୀବିକା ନିର୍ବାହ ପଦକ୍ଷେପର ଅଂଶ ସ୍ୱରୂପ, ବିଶ୍ରା ବ୍ଲକର ବିଜାଡିହି, ଜାମସେରା, ଜବାପାନପୋଷ, ଜବାଘାଟ ଏବଂ ଡାଲପୋଷ ଗ୍ରାମର ୨୩ ଜଣ ମହିଳାଙ୍କୁ ଛତୁ ଚାଷ ଉପରେ ତାଲିମ ପ୍ରଦାନ କରାଯାଇଛି। ସିଏସ୍‌ଆର ବିଭାଗ ଦ୍ୱାରା ମାର୍ଚ୍ଚ ୧୬ ରୁ ୧୭ ତାରିଖ ପର୍ଯ୍ୟନ୍ତ ସେକ୍ଟର-୨୦ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଏହି ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମାନବସମ୍ବଳ (ଜ୍ଞାନାର୍ଜନ ଓ ବିକାଶ) ବିଭାଗର ଜିଏମ୍ ମନୋଜ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀଙ୍କୁ ଛତୁ ଚାଷ ପାଇଁ ସୈଦ୍ଧାନ୍ତିକ ଜ୍ଞାନ, ବ୍ୟବହାରିକ ପ୍ରଦର୍ଶନ ଏବଂ ତାଲିମ ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ନିଜ ଅଞ୍ଚଳରେ ଚାଷ କରିବା ଏବଂ ଅନ୍ୟମାନଙ୍କୁ ଏଥିପାଇଁ ପ୍ରେରଣା ଦେବା ପାଇଁ ସ୍ୱୟଂ ନିର୍ମିତ ଛତୁ ଚାଷ କିଟ୍ ବ୍ୟାଗ୍ ଏବଂ ଛତୁ ବିହନର ଏକ ବୋତଲ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାର୍ଟିଫାଏଡ୍ ଛତୁ ଚାଷ ପ୍ରଶିକ୍ଷକ କମଳା ଟପ୍ପୋ ଏବଂ ଏନ୍‌ଆଇଟି ରାଉରକେଲାର ପରାମର୍ଶଦାତା ଗୋକୁଲ ମିଞ୍ଜ୍ ମାଷ୍ଟର ଟ୍ରେନର ଭାବେ ଯୋଗ ଦେଇଥିଲେ। ସିଏସ୍‌ଆର ବିଭାଗର ଜିଏମ ଇନଚାର୍ଜ ମୁନମୁନ ମିତ୍ରାଙ୍କ ଉପସ୍ଥିତିରେ ଏହାର ସମାବର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମିତ୍ରା ଆରଏସପିର ବିଭିନ୍ନ ସିଏସ୍‌ଆର କାର୍ଯ୍ୟକଳାପ ଉପରେ ଆଲୋକପାତ କରିଥିଲେ। ସିଏସ୍‌ଆର ବିଭାଗର ଜିଏମ୍ ବିଭାବାସୁ ମଲିକ ସମାବେଶକୁ ସ୍ୱାଗତ କରିଥିଲାବେଳେ ଡିଜିଏମ୍ ପି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସେକ୍ସନ ଅଫିସର ବି ଏକ୍କା, ସିଏସ୍‌ଆର ଦଳ ସହଯୋଗରେ ସଂଯୋଜନା କରିଥିଲେ।

## ଭାସ୍କର ପ୍ଲାଣ୍ଟରେ ଦୁର୍ଘଟଣା; ୨ ଶ୍ରମିକ ଗୁରୁତର




**ରାଉରକେଲା, ୨୧।୩ (ସମିସ):** ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଅଧୀନ ତୁମକଳା ନିକଟସ୍ଥ ଭାସ୍କରପ୍ଲାଣ୍ଟରେ ଶନିବାର ଏକ ଦୁର୍ଘଟଣାରେ ଦୁଇ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତିକରାଯାଇଛି। ସୂଚନା ଅନୁସାରେ, ଶନିବାର ଅପରାହ୍ଣରେ ପ୍ଲାଣ୍ଟ ଭିତରେ ବେଲ୍ଡ୍ କାମ କରୁଥିବାବେଳେ ବିହାର ରାଜ୍ୟର ରୋତାସ ଜିଲ୍ଲା ସାସାରାମ ଅଞ୍ଚଳର କୁଶଡିରା ଗ୍ରାମର ପରେଶ୍ୱର ନାମକ ଜଣେ ଶ୍ରମିକ ଅସାବଧାନତାବଶତଃ ପାଦ ଖସିଯାଇ ପ୍ରାୟ ୧୫ ଫୁଟ ତଳକୁ ପଡ଼ିଯାଇଥିଲେ। ଏହା ଦେଖି ନିକଟରେ କାମ କରୁଥିବା ଗମଲେଇ ଗ୍ରାମର ଜାଇ ମୁଣ୍ଡା ତାଙ୍କୁ ଉଦ୍ଧାର କରିବା ପାଇଁ ଦୌଡ଼ି ଯାଇଥିବା ବେଳେ ସେ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କ ବାମ ଜଙ୍ଘରେ ଲୁହା ଛଡ଼ ପଶିଯାଇ ଗୁରୁତର ଆଘାତ ଲାଗିଥିଲା। ଉଭୟ ଆହତଙ୍କୁ ସହକର୍ମୀମାନେ ତୁରନ୍ତ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇଯାଇଥିଲେ। ପରେଶ୍ୱରଙ୍କ ବାମ ହାତ ଭାଙ୍ଗିଯାଇଥିବା ସହିତ ମୁହଁ ଓ ଶରୀରର ବିଭିନ୍ନ ଅଂଶରେ ଗୁରୁତର ଆଘାତ ଲାଗିଛି। ଜାଇ ମୁଣ୍ଡାଙ୍କ ଅବସ୍ଥା ମଧ୍ୟ ଗୁରୁତର ବୋଲି ଡାକ୍ତର ସୂଚନା ଦେଇଛନ୍ତି। ଏହି ଘଟଣା ପରେ ପ୍ଲାଣ୍ଟର ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଶ୍ରମିକମାନଙ୍କ ପାଇଁ ପ୍ରୟୋଜନୀୟ ସୁରକ୍ଷା ସାମଗ୍ରୀ ଓ ବ୍ୟବସ୍ଥା ନ ଥିବାରୁ ଏପରି ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଘଟଣାର ତଦନ୍ତ କରାଯିବା ସହିତ ଆଗାମୀ ଦିନରେ ସୁରକ୍ଷା ବ୍ୟବସ୍ଥା ଜୋରଦାର କରିବାକୁ ଦାବି ହେଉଛି।

## ଜଳଖିଆ ଦୋକାନରେ ସିଲିଣ୍ଡର ମାଡ଼; ପ୍ଲେଟ୍ ପିଛା ଦର ବୃଦ୍ଧି

**ରାଉରକେଲା, ୨୧।୩(ସମିସ):** କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ଯୋଗାଣ ବନ୍ଦ ରହିଛି। ଘରୋଇ ସିଲିଣ୍ଡର ନେବାକୁ ସବୁଠି ଧାଡ଼ି। ବ୍ୟବସାୟୀଙ୍କ ଏବେ ସାହାରା ସାଜିଛି ଘରୋଇ ସିଲିଣ୍ଡର। ଅନ୍ୟପଟେ ବର୍ଷେରୁ ଅଧିକ ସିଲିଣ୍ଡର ଆଣି ନ ଥିଲେ କେୱାଇସି ବାଧ୍ୟତାମୂଳକ ହୋଇଛି। ଏହି ସମସ୍ତ ଜିନିଷର ସିଧା ପାର୍ଶ୍ୱପ୍ରତିକ୍ରିୟା ଦେଖା ଦେଉଛି ହୋଟେଲ ବ୍ୟବସାୟରେ। ଜଳଖିଆ ଆଇଟମ୍‌ରେ ପ୍ରାୟ ୨ରୁ ୫ ଟଙ୍କା ବଢ଼ିଛି। ହୋଟେଲରେ ମେନ୍ୟୁ ଅଧା କମିଥିବାବେଳେ ଆଇଟମ ପିଛା ୧୦ ଟଙ୍କା ବଢ଼ିଛି। ସହରର ଅଧିକାଂଶ ଲୋକଙ୍କ ସକାଳ ଜଳଖିଆ ସିଙ୍ଗଡ଼ା, ବରା, ଆଳୁଚପ, ପୁରୀ, ଉପମାରୁ ଆରମ୍ଭ ହୁଏ। ସମସ୍ତ ଜଳଖିଆ ଦୋକାନରେ ଭିଡ଼ ଜମେ। ପ୍ରାୟତଃ ପୁରି, ଇଡିଲି, ଉପମା, ବରା ଓ ଦୋସାକୁ ସକାଳ ଜଳଖିଆରେ ଖାଇଥାନ୍ତି। ଏବେ ପ୍ରାୟ ହୋଟେଲରେ ପୁରି, ଇଡିଲି ଗୋଟା ୨ ଟଙ୍କା ବଢ଼ିଥିବା ବେଳେ ବରା ୩ ଟଙ୍କା ଓ ଦୋସା ୫ ଟଙ୍କା ବଢ଼ିଛି। ୨୦ ଟଙ୍କାରେ ମିଳୁଥିବା ପୁରି, ଉପମା ପ୍ଲେଟ ଏବେ ୩୦ ଟଙ୍କା ହୋଇଛି। ପ୍ରାୟ ହୋଟେଲରେ ସମସ୍ତ ଖାଦ୍ୟ ପ୍ରସ୍ତୁତ ହେଉନି। ପୂର୍ବରୁ ୧୦୦ ଟଙ୍କାରେ ଜଳଖିଆ ନେଲେ ପରିବାର ପାଇଁ ହେଇ ଯାଉଥିଲା। ଏବେ ତାହା ୧୫୦ ଟଙ୍କା ହୋଇଛି। ପୂର୍ବରୁ ସିଲିଣ୍ଡର ୧୦୦୦ ଟଙ୍କାରେ ମିଳୁଥିବାବେଳେ ବର୍ତ୍ତମାନ ୧୬୦୦ରୁ ୧୮୦୦ ଟଙ୍କାରେ ବିକ୍ରି ହେଉଛି। କିଛି ଦିନରୁ ଏହି ଦରରେ ଚାଲିଛି ସିଲିଣ୍ଡର। ଫଳରେ ଜଳଖିଆ ଦର ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। ସେହିପରି କିଛି ବ୍ୟବସାୟୀ ଦର ନବଢ଼ାଇ ଖାଦ୍ୟର ସାଇଜ ଛୋଟ କରିଥିବା ଜଣାପଡ଼ିଛି। କେବଳ ଜଳଖିଆ ଦୋକାନରେ ଏଭଳି ସିଲିଣ୍ଡର ମାଡ଼ ହୋଇନି ବରଂ ଫାଷ୍ଟଫୁଡ୍ ସମେତ ଅନ୍ୟ ଖାଦ୍ୟ ଦୋକାନରେ ସିଲିଣ୍ଡର ମାଡ଼ ପଡ଼ିଛି। ସିଲିଣ୍ଡର ଦର ହ୍ରାସ ପାଇଲେ ଖାଦ୍ୟ ସାମଗ୍ରୀର ଦର ପୂର୍ବ ଅବସ୍ଥାକୁ ଫେରି ଆସିବ ବୋଲି ବ୍ୟବସାୟୀ ମହଲରୁ ପ୍ରକାଶ।

## ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ବଣାଇଁ, ୨୧।୩ (ସମିସ):** ବଣାଇଗଡ଼ ମହାବିଦ୍ୟାଳୟରେ ଡିଏଚ୍.ଏସ୍.ସି ତରଫରୁ ଯୁକ୍ତତିନି ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଜେନାମଣି ସାହୁ ସଭାପତିତ୍ୱ କରି ଛାତ୍ରୀମାନଙ୍କ ପାଇଁ ସୁରକ୍ଷା ତାଲିମର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଲକ୍ଷ୍ମୀ କୁଜୁର ପରିଚାଳନା କରିଥିଲେ। ଆତ୍ମ ସୁରକ୍ଷା ନିମିତ୍ତ ନିଜକୁ କିପରି ସର୍ବପ୍ରଥମେ ଶାରୀରିକ ଓ ମାନସିକ କ୍ଷେତ୍ରରେ ସୁସ୍ଥ ରହିବାକୁ ପଡ଼ିବ ସହିତ ସାମ୍ପ୍ରତିକ ସ୍ଥିତିରେ ଛାତ୍ରୀଙ୍କ ପାଇଁ ଆତ୍ମସୁରକ୍ଷା କିପରି ଅନିବାର୍ଯ୍ୟ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଯାଜ୍ଞସେନୀ ରାୟ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ପ୍ରଜ୍ଞା ପରମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଯୁକ୍ତ ତିନି ଛାତ୍ରୀମାନେ ସହଯୋଗ କରିଥିଲେ।

# ଆଜିଠୁ ଜାତୀୟ ନାଟକ ମହୋତ୍ସବ

**ରାଉରକେଲା, ୨୧।୩(ସମିସ)**




ରାଉରକେଲା ଇସ୍ପାତ କାରଖାନା ସହଯୋଗରେ 'ସମ୍ପର୍କ' ଆନୁକୂଲ୍ୟରେ ମାର୍ଚ୍ଚ ୨୨ ତାରିଖରୁ ରାଉରକେଲା ସିଭିକ୍‌ସେଣ୍ଟର ପରିସରରେ ବିଶ୍ୱ ନାଟକ ଦିବସ ଆୟୋଜିତ ହେବ। ଏନେଇ ଆଜି ସ୍ଥାନୀୟ ସେକ୍ଟର-୫ର କଲ୍‌ଚରାଲ୍ ଏକାଡେମୀର ସଭାଗୃହରେ ସମ୍ପର୍କ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀ ସୂଚନା ଦିଆଯାଇଛି। ସମ୍ପର୍କର ସଭାପତି ସୁବ୍ରତା ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଭାସ୍କର ଚନ୍ଦ୍ର ମହାପାତ୍ର ଜାତୀୟ ନାଟକ ମହୋତ୍ସବର ସଂକ୍ଷିପ୍ତ ବିବରଣୀ ଦେବାକୁ ଯାଇ କହିଥିଲେ, ମାର୍ଚ୍ଚ ୨୨ ତାରିଖରୁ ୨୭ ମାର୍ଚ୍ଚ ପର୍ଯ୍ୟନ୍ତ ଚଳିତବର୍ଷ ୬ ଦିନ ବ୍ୟାପୀ ବିଶ୍ୱନାଟ୍ୟ ଦିବସ ଅବସରରେ ଜାତୀୟ ନାଟକ ମହୋତ୍ସବ ସିଭିକସେଣ୍ଟର ଠାରେ ଅନୁଷ୍ଠିତ ହେବ। ୨୨ ମାର୍ଚ୍ଚରେ ସମ୍ପର୍କ ରାଉରକେଲାର ନାଟକ 'ଅସ୍ମିତା', ୨୩ ମାର୍ଚ୍ଚରେ ଥିଏଲାଇଟ୍ କୋଲକାତାର ବଙ୍ଗଳା ନାଟକ 'ମାୟାପୁରୀ', ୨୪ ତାରିଖରେ ମିରର ଥିଏଟର ବେଲପାହାଡର ସମ୍ବଲପୁରୀ ନାଟକ 'ଓଲପି', ୨୫ ତାରିଖରେ ରୂପାନ୍ତର ବାରିପଦାର ଓଡ଼ିଆ ନାଟକ 'ଅପଦାର୍ଥ', ୨୬ ତାରିଖରେ ପଞ୍ଚଧ୍ୱନୀ ଭୁବନେଶ୍ୱରର ଓଡିଆ ନାଟକ 'ନୂଆ ଦିଗନ୍ତ', ୨୭ ତାରିଖରେ ପାଥି, ଜାମସେଦପୁରର ହିନ୍ଦୀ ନାଟକ 'ପଞ୍ଚି' ମଞ୍ଚସ୍ଥ ହେବ। ଏହି ନାଟକଗୁଡ଼ିକ ଜାତୀୟସ୍ତରରେ ଦର୍ଶକୀୟ ସ୍ୱୀକୃତି ଲଭ କରିସାରିଛି। ପ୍ରତ୍ୟେକ ନାଟକ ମଞ୍ଚସ୍ଥ ହେବାପରେ ଦର୍ଶକମାନେ ସମ୍ପୃକ୍ତ ନାଟକର କଳାକାରଙ୍କୁ ମଞ୍ଚସ୍ଥ ନାଟକ ସମ୍ବନ୍ଧୀୟ ଉପଯୁକ୍ତ ପ୍ରଶ୍ନ ପଚାରି ପୁରସ୍କୃତ ହେବେ। ଏତତ୍‌ବ୍ୟତୀତ ୨୪ ତାରିଖ ସକାଳ ୮ଟାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପିଲାମାନଙ୍କ ମଧ୍ୟରେ ଏକକ ଅଭିନୟ ପ୍ରତିଯୋଗିତା, ୨୭ ତାରିଖ ସକାଳ ୮ଟାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଫେନସୀ ଡ୍ରେସ୍ ପ୍ରତିଯୋଗିତା ଓ 'ଶିକ୍ଷାନୁଷ୍ଠାନରେ ମଞ୍ଚ ନାଟକ' ଆଧାରିତ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ୨୭ ମାର୍ଚ୍ଚ ସକାଳ ୮ଟାରେ ବିଶ୍ୱନାଟ୍ୟ ଦିବସ ପାଳିତ ହେବ। ଏହି ଅବସରରେ ଏକ ରଙ୍ଗାରଙ୍ଗ 'ନାଟ୍ୟ ପଦଯାତ୍ରା' 'ଏକତ୍ର' ରାଉରକେଲାର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ। ପରେପରେ ଏକ ଜାତୀୟ ନାଟ୍ୟ ଆଲୋଚନା ଚକ୍ର ମଧ୍ୟ ଆୟୋଜିତ ହେବ। ୨୭ ତାରିଖ ଅପରାହ୍ନ ୩ଟାରେ 'ଉପାସନା ଓଡ଼ିଶୀ ନୃତ୍ୟୋତ୍ସବ' ଆୟୋଜିତ ହେବ। ଏହି ଅବସରରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କୁ 'ନାଟ୍ୟବନ୍ଧୁ' ସମ୍ମାନରେ ସମ୍ମାନିତ କରାଯିବ। ଏତତ୍ ବ୍ୟତୀତ ପଞ୍ଚାନନ ଦାଶ, ନବୀନ ପରିଡ଼ା, ପରେଶ କୁମାର ସାହୁ, ଆଲୋକ ବୋଷଙ୍କୁ ସମ୍ପର୍କ ସମ୍ମାନ, ମୀରା ଦାସଙ୍କୁ ଉପାସନା ସମ୍ମାନ, ଧୀରେନ୍ ସେନାପତିଙ୍କୁ ଆମ କଳାକାର ସମ୍ମାନ, ନଳିନୀ ନିହାର ନାୟକଙ୍କୁ 'ଯୁବ ନାଟ୍ୟ ସମ୍ମାନ' ରେ ଓ ଜଣେ ବରିଷ୍ଠ, ଦୁଇ ଜଣ ଯୁବ ସାମ୍ବାଦିକଙ୍କୁ ଗୌରୀଶଙ୍କର ସମ୍ମାନରେ ସମ୍ମାନିତ କରାଯିବ। ଏହି ସମ୍ମିଳନୀରେ ଏକତ୍ର ରାଉରକେଲାର ସଦସ୍ୟ ୨ଟି ନାଟ୍ୟାନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦାନ କରି ଉତ୍ସବର ସଫଳତା ପାଇଁ ସହଯୋଗର ହାତ ବଢ଼ାଇବେ ବୋଲି ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ THE SAKALA



www.sakalaepaper.com



## ଚନ୍ଦ୍ରଘଣ୍ଟା ବେଶରେ ମା'ବୁଢ଼ୀ ମଙ୍ଗଳା

ତିଗିରିଆ,୨୧।୩(ସମିସ): ତିଗିରିଆ ବ୍ଲକ ବିନ୍ଧାଣିମା ପଞ୍ଚାୟତର ଆରାଧ୍ୟା ଠାକୁରାଣୀ ମା' ବୁଢ଼ୀ ମଙ୍ଗଳାଙ୍କ ପୀଠରେ ଚାଲିଥିବା ବାସନ୍ତିକ ଦୁର୍ଗାପୂଜାର ତୃତୀୟ ଦିବସରେ ମା' ଆଜି ନିଜର ଭକ୍ତମାନଙ୍କୁ ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଛନ୍ତି। ଏହି ଅବସରରେ ମା'ଙ୍କ ପୀଠରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମଙ୍ଗଳ ଆଳତି, କଳସ ପୂଜା, ଅଗ୍ନି ସ୍ଥାପନ, ଚଣ୍ଡୀ ପାଠ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଆଳତି ଆଦି ନୀତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାରେ ମା'ଙ୍କ ପୀଠରେ ଭଜନ, କୀର୍ତ୍ତନ କରାଯାଇଥିଲା।

## ବେଆଇନ ଜାଳେଣି କାଠ ଜବତ

ଆଠଗଡ଼,୨୧।୩(ସମିସ): ରନ୍ଧନ ଗ୍ୟାସ ସମସ୍ୟା ସୃଷ୍ଟି ହୋଇଥିବା ବେଳେ କାଠ ଚୁଲିରେ ରୋଷେଇ ପାଇଁ ଏବେ ପର୍ଯ୍ୟାପ୍ତ ପରିମାଣର କାଠ ଆବଶ୍ୟକ ଦୃଷ୍ଟିରୁ ଜାଳେଣି କାଠର ଚୋରା ଚାଲାଣ ମଧ୍ୟ ହେଉଛି। ବେଆଇନ୍ ଭାବେ ଜାଳେଣି କାଠ ଚୋରାଚାଲାଣ ବେଳେ ଆଜି ଆଠଗଡ଼ ଥାନା ରାଧାଗୋବିନ୍ଦପୁର ଛକ ନିକଟରେ ଗୋଟିଏ ଟ୍ରାକ୍ଟର ଆଠଗଡ଼ ବନବିଭାଗ ପକ୍ଷରୁ ଜବତ କରାଯାଇଛି। ଟ୍ରାକ୍ଟରରେ ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଜାଳେଣି କାଠ କଟକ ଅଞ୍ଚଳକୁ ଚୋରା ଚାଲାଣ ହେଉଥିବା ବିଭାଗ ପକ୍ଷରୁ କୁହାଯାଇଛି। ରାଧାଗୋବିନ୍ଦପୁର ପଞ୍ଚାୟତ ସୁଧାଂଶୁମୋହନପୁରରୁ ଏହି ଜାଳେଣି କାଠ କଟାଯାଇ ଚାଲାଣ କରାଯାଉଥିଲା। ଏହି ଚଢଉରେ ଆଠଗଡ଼ ସଦର ବନପାଳ ଆଶିଷ ନାଏକ, ବନରକ୍ଷୀ ପ୍ରଶାନ୍ତ ବେହେରା, ପ୍ରିୟମ୍ବଦା ମହାନ୍ତିଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

## ମିଳିତ ଚଢ଼ଉ; ମଦ ଜବତ

ତିଗିରିଆ,୨୧।୩(ସମିସ): ଶନିବାର ତିଗିରିଆ ଥାନା ଭୀରୁଡ଼ା, ଉପରଗଡ, ଗରପଡ଼ା, ପାଇକସାହି, ପଣସ ପାଟଣା ଗ୍ରାମ ସନ୍ନିକଟ ସଂରକ୍ଷିତ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ବିଭାଗ, କଟକ ସଦର ଅବକାରୀ ବିଭାଗ ଏବଂ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ଉ କରି ୨୪୫୭ ଲିଟର ରନ୍ଧା ଦେଶୀ ମଦ ସହ ୨୧୯୧୦ ଲିଟର ଗୁଡ ପୋଚ ନଷ୍ଟ କରିଛନ୍ତି। କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ ତଥା ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି ଚଢଉ କରାଯାଇଥିଲା। ଅବକାରୀ ବିଭାଗ ପକ୍ଷରୁ ୬ଟି ମାମଲା ରୁଜୁ କରାଯାଇଥିବା ବେଳେ କାହାରିକୁ ଗିରଫ କରାଯାଇପାରିନାହିଁ। ଚଢଉରେ ଅବକାରୀ ବିଭାଗ କର୍ମଚାରୀ ସାମିଲ ଥିଲେ।

## ପ୍ରବୋଧନ ତାଲିମ ଶିବିର ଉଦ୍‌ଯାପିତ

ବଡମ୍ବା,୨୧।୩(ସମିସ): ବଡମ୍ବା ଶିକ୍ଷା ମଣ୍ଡଳ ଅନ୍ତର୍ଗତ ମୋହନ ସୁବୁଦ୍ଧି ଉଚ୍ଚବିଦ୍ୟାଳୟରେ ଗତ ୧୬ ତାରିଖଠାରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ପଞ୍ଚମ ପର୍ଯ୍ୟାୟର ୧୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ନେଇ "ପ୍ରବୋଧନ' ତାଲିମ ଶିବିର ଉଦଯାପିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ତତ୍ତ୍ୱାବଧାନ, ଶିକ୍ଷାଧିକାରୀ ଶିବପ୍ରସାଦ ବ୍ରହ୍ମାଙ୍କ ସଂଯୋଜନା ତଥା ସହ ଶିକ୍ଷାଧିକାରୀ କୈଳାଶଚନ୍ଦ୍ର ବେହେରା, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସାରଦା କବି ଶତପଥୀଙ୍କ ସହଯୋଗରେ ସମ୍ବଳ ଶିକ୍ଷକ ଭାବେ ଗୋବିନ୍ଦଚନ୍ଦ୍ର ଗୋଛି, ରାଜେଶ ମହାପାତ୍ର, ରମେଶଚନ୍ଦ୍ର ନାୟକ ଓ ବଳଭଦ୍ର ଜେନା ପାଞ୍ଚ ଦିନ ଧରି ଅତି ସୁନ୍ଦର ଓ ସାବଲୀଳ ଢଙ୍ଗରେ ତାଲିମ ପ୍ରଦାନ କରିଥିଲେ।

## ସହିଦ ଦିବସ ପାଳନ ପ୍ରସ୍ତୁତି

ଟାଙ୍ଗୀ,୨୧।୩(ସମିସ): ମାଇଁ ଭାରତ କଟକ ପକ୍ଷରୁ ଜିଲ୍ଲାସ୍ତରୀୟ ସହିଦ ଦିବସ ପାଳନ ନିମନ୍ତେ ଟେଟ୍ରାହେଡ୍ରନ ଗୃପ ଅଫ ଇନଷ୍ଟିଚ୍ୟୁସନର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗଦେଇ ମାଇଁ ଭାରତ କଟକ ପକ୍ଷରୁ ସହିଦ ଦିବସ ସୋମବାର ପାଳିତ ହେବ ବୋଲି କହିଥିଲେ। ଏଥିପାଇଁ ଟେଟ୍ରାହେଡ୍ରନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପୁରୁଣା କ୍ୟାମ୍ପସରୁ ପଦଯାତ୍ରା କରି ତ୍ରିମସ ବିଶ୍ୱବିଦ୍ୟାଳୟ ଛକ ପର୍ଯ୍ୟନ୍ତ ଯିବେ। ଏହାପରେ ଏକ ସଭା ହୋଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବ ବୋଲି ସେ ସୂଚନା ପ୍ରଦାନ କରିଥିଲେ। ରବିବାର ସହିଦ ଦିବସ ପାଳନ ଉପଲକ୍ଷେ ଏକ ଶ୍ରମଦାନ କାର୍ଯ୍ୟକ୍ରମ ବିଶ୍ୱନାହାକାଣୀ ସରକାରୀ ହାଇସ୍କୁଲରେ ହେବ ବୋଲି ସମାଜସେବୀ ଗଙ୍ଗାଧର ବେହେରା ସୂଚନା ଦେଇଛନ୍ତି।

## ଶ୍ରୀରାମ ଚରିତ ମାନସ ଓ ପ୍ରବଚନ

ନିଶ୍ଚିନ୍ତକୋଇଲି,୨୧।୩(ସମିସ): ନିଶ୍ଚିନ୍ତକୋଇଲି ସାପ୍ତାହିକ ହାଟରେ ଥିବା ଶ୍ରୀ ଶ୍ରୀ ସିଦ୍ଧ ମହାବୀରଜୀଉଙ୍କ ବିଜେସ୍ଥଳୀ ମାନସ ମଣ୍ଡପରେ ୩୭ତମ ବାର୍ଷିକ ଶ୍ରୀରମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ୯ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଛି। ଶ୍ରୀ ଶ୍ରୀ ରଘୁନାଥ ଅନୁକମ୍ପା ପରିଷଦ ଆନୁକୂଲ୍ୟରେ ପ୍ରତ୍ୟେକ ଦିନ ସଂଧ୍ୟାରେ ରାଜ୍ୟର ସୁପ୍ରତିଷ୍ଠିତ ପ୍ରବଚକଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିଷଦର ମୁଖ୍ୟ ଉପଦେଷ୍ଟା ବଂଶୀଧର ପଣ୍ଡା, ଶଙ୍କରଲାଲ ଚଣ୍ଡାକ ଓ ନିବାସଚନ୍ଦ୍ର ସ୍ୱାଇଁଙ୍କ ମାର୍ଗ ଦର୍ଶନରେ ସମସ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ପରିଷଦର ସଭାପତି ସଂଗ୍ରାମ କିଶୋର ମହାନ୍ତି, ଉପସଭାପତି ଅଶୋକ କୁମାର ମହାପାତ୍ର, ସଂପାଦକ ସାନ୍ତନୁ ସାହୁ, ସହସଂପାଦକ ସୁଶୀଳ ସେନାପତି, କୋଷାଧ୍ୟକ୍ଷ ସୁମନ୍ତ ରଥ, ସଭ୍ୟ ରଂଜନ ଦାସ, ଗନ୍ଧର୍ବ ବେହେରା, ପଞ୍ଚାନନ ବେହେରା, ଅଲେଖ ହୋତା, ରଂଜନ ସାହୁ, ସତ୍ୟରଂଜନ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହର୍ଷୋଲ୍ଲାସରେ ପାଳନ ହେଲା ପବିତ୍ର ଇଦ୍-ଉଲ୍-ଫିତର୍

# ବାଣ୍ଟିଲେ ସଦ୍‌ଭାବ ଓ ଭାଇଚାରାର ଶୁଭେଚ୍ଛା















କନ୍ଦରପୁର, ୨୧।୩ (ସମିସ): ମୁସଲିମ୍ ସମ୍ପ୍ରଦାୟର ପବିତ୍ର ଇଦ୍ ଉଲ୍ ଫିତର୍ ପର୍ବ ଶନିବାର କଟକ ସଦର ଅଞ୍ଚଳରେ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରାଯାଇଛି। ଗତ ଫେବୃଆରୀ ୧୯ ତାରିଖରୁ ପବିତ୍ର ରମଜାନ୍ ମାସ ଆରମ୍ଭ ହୋଇଥିଲା। ଏହାପରଠାରୁ ମାସଟିଏ ଧରି ମୁସଲିମ୍ ସମ୍ପ୍ରଦାୟର ଲୋକମାନେ ଦିନତମାମ କାଷ୍ଠା ଉପବାସ କରିଥିଲେ। ପରମ୍ପରା ଅନୁସାରେ ଚାନ୍ଦ ଦେଖିବା ପରଦିନ ପବିତ୍ର ଇଦ୍ ପର୍ବ ପାଳନ ହୋଇଥାଏ। ଏହିକ୍ରମରେ ଗୁରୁବାର ଚାନ୍ଦ ଦେଖିବାକୁ ମିଳି ନଥିବାରୁ ଗତକାଲି ଶୁକ୍ରବାର ସମସ୍ତେ ରମଜାନ୍ ମାସର ଶେଷ ଉପବାସ ରଖି ଆଜି ଶନିବାର ଭାଇଚାରାର ପବିତ୍ର ଇଦ୍ ପର୍ବ ପାଳନ କରୁଥିବା ଜଣାପଡିଛି। ଏଥିପାଇଁ ବୟାଳିସମୌଜା ରାଉତ୍ରାପୁର, ଦେଓପୁର, ଆୟତପୁର, ସୋମପୁର, ଥୋରିଆପଡା, ବାଲିସୁକ୍ରି, ନାରଦା, ପୋଖରୀହୁଡା, ନମାଜ ପଡିଆ, ପ୍ରହରାଜପୁର, ଗଡମା, ସିର୍ଲୋ, ନେମାଳ, ବାବୁଜଙ୍ଗ, ମହମଦପୁର ପ୍ରଭୃତି ଅଞ୍ଚଳରେ ଇଦଗାହ ସମେତ ମସଜିଦଗୁଡ଼ିକରେ ସମୂହ ନମାଜ ପାଠ କରାଯାଇଛି। ବିଭିନ୍ନ ମୁସଲିମ ସାହି ବସ୍ତିରେ ଭୋଜିଭାତ ସାଙ୍ଗକୁ ବିଭିନ୍ନ ଆୟୋଜନ ଆୟୋଜିତ ହୋଇଥିବା ବେଳେ ସଜେଇ ହୋଇଥିଲା ସାହି, ବସ୍ତି ଓ ଧର୍ମାନୁଷ୍ଠାନ।

### ଚୌଦ୍ୱାର

ଚୌଦ୍ୱାର ମୁସଲିମ୍ ପଞ୍ଚାୟତ ଆନୁକୂଲ୍ୟରେ ଆୟୋଜିତ ଇଦ୍-ଉଲ୍-ଫିତର କାର୍ଯ୍ୟକ୍ରମରେ ମୁସଲିମ୍ ସମ୍ପ୍ରଦାୟର ଲୋକମାନେ ଦିନ ୯ ଟାରେ ଚାଟେଶ୍ୱରସ୍ଥିତ ଇଦଘା ପଡ଼ିଆରେ ଏକତ୍ରିତ ହୋଇ ସମୂହ କଲମା ପଢ଼ିଥିଲେ। ଚୌଦ୍ୱାର ମସଜିଦ୍‌ର ମୌଲବୀ ସେକ୍ ଅରବାଜ ନମାଜ ପାଠ କରାଇବା ସହିତ ପବିତ୍ର କୋରାନ୍ ପାଠ କରିଥିଲେ। ମହିଳା ମାନେ ନିଜ ନିଜ ଘରେ କଲମା ପଢ଼ିଥିଲେ। ପରେ ପରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ପରସ୍ପରକୁ ଇଦ୍ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଚୌଦ୍ୱାର ଥାନା ପକ୍ଷରୁ ସମସ୍ତଙ୍କୁ ଇଦ୍ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କର ମଙ୍ଗଳ କାମନା କରାଯାଇଥିଲା। ମୁସଲିମ ପଞ୍ଚାୟତ ସଭାପତି ସେକ୍ ସାଜିଦ୍ ଚାନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ନସିମ୍ ଖାନଙ୍କ ସମେତ ସ୍ଥାନୀୟ ଯୁବଗୋଷ୍ଠୀ ପରିଚାଳନା କରିଥିଲେ। ସଂଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସେହିଭଳି ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ବ୍ରହ୍ମପୁର ପଞ୍ଚାୟତର ମୁସଲିମ୍ ସମ୍ପ୍ରଦାୟ ଆନୁକୂଲ୍ୟରେ ଇଦ୍ ପର୍ବ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅତିଥି ଭାବେ ସମସ୍ତଙ୍କୁ ଇଦ୍ ଅଭିନନ୍ଦନ ଜଣାଇବା ସହ ଭାଇଚାରା ଓ ସଂହତି ରକ୍ଷା ଦିଗରେ ଏହି ମହତ୍ ଭୂମିକା ଗ୍ରହଣ କରିଥାଏ ବୋଲି ମତ ବ୍ୟକ୍ତ କରିଥିଲେ। ସ୍ଥାନୀୟ ମସଜିଦ୍ ସମ୍ମୁଖରେ ସଭାପତି ସେକ୍ ସୋବାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଯୁବନେତା ସେକ୍ ସାହାଜାନ୍, ଡ.ଦୀପକ କୁମାର ସ୍ୱାଇଁ, ଅଜୟ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

### ନିଶ୍ଚିନ୍ତକୋଇଲି

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଚଉଦ ମହଲ୍ଲା ଅଧୀନରେ ଥିବା ୨୬ଟି ମୁସଲମାନ ବସ୍ତିର ଇସ୍‌ଲାମ୍ ଧର୍ମାବଲମ୍ବୀଙ୍କୁ ନେଇ ଜୁଲିକିପଡା ଇଦ୍‌ଘାଠାରେ ଇଦ୍-ଉଲ୍-ଫିତର ପର୍ବ ପାଳିତ ହୋଇଛି। ଚଉଦ ମହଲାର କାର୍ଯ୍ୟକାରୀ ସଭାପତି ସେକ୍ ମହମ୍ମଦ ଇଦ୍ରିଶଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ୮ ହଜାରରୁ ଉର୍ଦ୍ଧ୍ୱ ଇସ୍‌ଲାମୀ ପର୍ବ ପାଳନ କରିଛନ୍ତି। ମୌଲାନା ବେଲାଲ ସାହେବ କାଶୀମ୍‌ଙ୍କ ଦ୍ୱାରା ପୂର୍ବାହ୍ନରେ ସମୂହ ନମାଜ ପାଠ କରାଯାଇ ସେବା, ସମର୍ପଣ ଓ ତ୍ୟାଗ ମନୋଭାବ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଚଉଦ ମହଲାର ସଂପାଦକ ଇମ୍ରାନ୍ ଖାଁ, ସଭ୍ୟ ମୋତି ଖାଁ, ମୌଲାନା ୟୁସୁଫ, ନସିରୁଦ୍ଦିନ ଖାଁ, ସେକ୍ ଅବଦୁଲ କରିମ, କଲାମୁଦ୍ଦିନ ଖାଁ, ମିର୍ଜା ଅକ୍ତର, ସରାଜୁଦ୍ଦିନ ଖାଁ, ସେକ୍ ବୋରାନ୍, ହାପିଜ୍ ମୁସ୍ତକିମ୍, ହାପିଜ୍ ବେଲାଲ, ମୌଲାନା ଖଇରୁଦ୍ଦିନ, ଜାନି ଖାଁ କୋରାନରୁ ମହତ୍ ବାଣୀଗୁଡିକୁ ପ୍ରଚାର କରିଥିଲେ।

ସେହିପରି ଜୟରାମପୁର ପଞ୍ଚାୟତ କାଜିହାଟଠାରେ ଥିବା ମଦ୍ରାସାରେ ମୌଲାନା ସୟଦ୍ ନକିବୁଲ ଅମିନ୍ ବର୍କୀଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରୁ ୧୦ହଜାରରୁ ଉର୍ଦ୍ଧ୍ୱ ଇସ୍‌ଲାମ୍ ଧର୍ମାବଲମ୍ବୀ ପୂର୍ବାହ୍ନରେ ସମୂହ ନମାଜପାଠ କରିଥିଲେ। ମୌଲାନା ଜୟମୁଲ୍ଲ ଇସ୍‌ଲାମ୍ କାଶୀମ୍, ମୌଲାନ ସୟଦ୍ ଆଞ୍ଜର ନକି କାଶୀମ୍‌ଙ୍କ ସମେତ ବିଭିନ୍ନ ମାଦ୍ରାସାର ବହୁ ମୌଲବୀ ଏଥିରେ ଯୋଗ ଦେଇଥିଲେ। ବହୁ ହିନ୍ଦୁ ଭାଇମାନେ ମଧ୍ୟ ମୁସଲମାନ ଭାଇମାନଙ୍କୁ ଇଦ୍ ମୁବାରକ ଜଣାଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, କଟକ ଜିଲ୍ଲା କଂଗ୍ରେସ ସଭାପତି ପ୍ରଦୀପ୍ତ ଦାସ, ବରିଷ୍ଠ କଂଗ୍ରେସ ନେତା ନାରାୟଣ ଦ୍ୱିବେଦୀ, ଆଇନଜୀବୀ ଭାସ୍କର ବେହେରା, ପୂର୍ବତନ ସରପଞ୍ଚ ପ୍ରାଣକୃଷ୍ଣ ସେଠୀ, ପୂର୍ବତନ ସମିତିସଭ୍ୟ ରମେଶ ସ୍ୱାଇଁ, ପ୍ରଫୁଲ୍ଲ ରାଉତ, ମାହାଙ୍ଗା ବ୍ଲକର ପ୍ରାକ୍ତନ ଯୁବ କଂଗ୍ରେସ ସଭାପତି ସୌକତ ଅଲୀ, ସୟଦ ନୟର ଫାଏକ୍, ସେକ୍ ସନ୍ନାଉଲ୍ଲା, ସେକ୍ ସଇଫୁଲ ରହେମାନ ଓ ତଫିମୁଲ୍ଲ କନିୟନ ପ୍ରମୁଖ ଯୋଗ ଦେଇଥିଲେ।

### ଆଠଗଡ଼

ଶନିବାର ମୁସଲମାନ ଧର୍ମାବଲମ୍ବୀ ଭାଇଭଉଣୀଙ୍କର ପବିତ୍ର ଇଦୁଲଫିତର ପର୍ବ ଆଠଗଡର ବିଭିନ୍ନ ମସଜିଦରେ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ୪୦୦ରୁ ଅଧିକ ମୁସଲମାନ ଧର୍ମାବଲମ୍ବୀ ସାମୂହିକ ନମାଜ ପାଠ କରିଥିଲେ। ମୌଲାନା ମହମ୍ମଦ ମୁଜାହିଦ୍ ରଜା ନମାଜ ପାଠ କରାଇଥିଲେ। ମହମ୍ମଦ ଅମିନ୍, ମହମ୍ମଦ ମୁସ୍ତାକ ହୁସେନ୍, ମହମ୍ମଦ୍ ଖାଲିଦ୍, ମହମ୍ମଦ ସଇଦ୍ ପ୍ରମୁଖ ସହଯୋଗ କରିଥିଲେ।

### ତିଗିରିଆ

ତିଗିରିଆ ବ୍ଲକ ଦୁଇ ମୁସଲମାନ ଗ୍ରାମ ଜମାତ ଅହେମ୍ମଦିୟା କରଡାପଲ୍ଲୀ ଓ ପଙ୍କାଳ ଗ୍ରାମରେ ଶନିବାର ପବିତ୍ର ଇଦୁଲଫିତର ଉତ୍ସବ ପାଳିତ ହୋଇଯାଇଛି। ଜମାତ ଅହେମ୍ମଦିୟା କରଡାପଲ୍ଲୀ ଗ୍ରାମର ଜାମା ମସଜିଦରେ ମୋବଲିକ ଇନଚାର୍ଜ ମୌଲାନା ସେକ ଇସିହାକ ସାମୂହିକ ନମାଜ ପାଠ କରାଇଥିବା ବେଳେ ପଙ୍କାଳସ୍ଥିତ ଜାମା ମସଜିଦ ପରିସରରେ ମୌଲାନା ସେକ ନାସିରୁଦ୍ଦିନ ନମାଜ ପାଠ କରାଇଥିଲେ। ପରେ ପରସ୍ପର ପରସ୍ପରକୁ ଆଲିଙ୍ଗନ କରି ଇଦୁଲଫିତରର ଅଭିନନ୍ଦନ ଜଣାଇଥିଲେ। ସୁରକ୍ଷା ଦୃଷ୍ଟିରୁ କଟକ ଜିଲ୍ଲା ଅତିରିକ୍ତ ଏସପି ପ୍ରଦୀପ ସାହୁ, ଆଠଗଡ ଏସଡିପିଓ ବିଶ୍ୱଜିତ ମହାନ୍ତି, ଜିଲ୍ଲା ପୁଲିସ ମୁଖ୍ୟାଳୟ ଆଇଆଇସି ରମାକାନ୍ତ ନାୟକ, ତିଗିରିଆ ଥାନାଧିକାରିଣୀ ଇପ୍ସିତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।

### ସାଲେପୁର

ବାଲିସାହି ପଞ୍ଚାୟତର ରୋଧପୁର, ବାଲିଆ ଶଙ୍କରପୁର, ବାରିଗୋଳ, ସାଇଁପଡ଼ା, ତିଳିଦା, ମହାସିଂହପୁର, ବିଶ୍ୱନାଥପୁର, ଚମ୍ପତି, ମୁତାରିଫା, କାଜିହାଟ, ପୀରବଜାର, ରାଇସୁଙ୍ଗୁଡ଼ା, ମିର୍ଜାପୁର ସମେତ ବିଭିନ୍ନ ଅଞ୍ଚଳରେ ହଜାର ହଜାର ମୁସ୍‌ଲିମ୍ ଭାଇ ଭଉଣୀ ଏହି ପର୍ବରେ ସାମିଲ ହୋଇଥିଲେ। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ବିଭିନ୍ନ ସ୍ଥାନକୁ ଯାଇ ମୁସ୍‌ଲିମ୍ ଭାଇ ଭଉଣୀମାନଙ୍କୁ ଇଦ୍ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ବିଧାୟକଙ୍କ ସହ ଗୁଲରେଜ ଅଲ୍ଲି, ନବକିଶୋର କର, ଅଶ୍ୱିନୀ କୁମାର ଦାସ, ଯୁବ ବିଜେଡି ସଭାପତି ସଂଜିତ୍ ଦାଶ, ବିରଞ୍ଚିନାରାୟଣ କରଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲା ବେଳେ କଂଗ୍ରେସ ପକ୍ଷରୁ ହରିବନ୍ଧୁ ଶତପଥୀ ବିଭିନ୍ନ ମୁସ୍‌ଲିମ୍ ବସ୍ତି ପରିଦର୍ଶନ କରିଥିଲେ। ପୁଲିସ ଏସ୍‌ଡିପିଓ ବିରଞ୍ଚିନାରାୟଣ ପତି, ଆଇଆଇସି ମହେଶ୍ୱର ବେହେରାଙ୍କ ସମେତ ବିଭିନ୍ନ ପୁଲିସ କର୍ମଚାରୀ ଶାନ୍ତିଶୃଙ୍ଖଳା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ କଡ଼ା ନଜର ରଖିଥିଲେ।

## ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ତାଲିମ ଶିବିର



ତିଗିରିଆ,୨୧।୩(ସମିସ): ପବିତ୍ର ମୋହନ ସରକାରୀ ବିଦ୍ୟାପୀଠରେ ଅଷ୍ଟମ ଜନଗଣନା ଉପଲକ୍ଷେ ଶନିବାର ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ତିଗିରିଆ ତହସିଲଦାର ଧର୍ମରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନ ଏବଂ ସହକାରୀ ତହସିଲଦାର ଗଙ୍ଗାଧର ନାୟକଙ୍କ ପରିଚାଳନରେ ଅନୁଷ୍ଠିତ ହୋଇଥିବା ଏହି ତାଲିମ ଶିବିରର ପ୍ରଥମ ପ୍ରର୍ଯ୍ୟାୟରେ ୪୨ ଜଣ ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକଙ୍କୁ ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା ହୋଇଛି। ସମ୍ମାନିତ ଅତିଥି ଭାବେ ବ୍ଲକଶିକ୍ଷା ଅଧିକାରୀ ଅମର ମହାରଣା ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସିଂଗୋ ହାଁସଦା ଯୋଗ ଦେଇଥିଲେ। ପ୍ରସନ୍ନପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ଅଧ୍ୟାପକ କ୍ୟାପଟେନ ଲକ୍ଷ୍ମୀଧର ସାହୁ ଏବଂ ତିଗିରିଆ ବ୍ଲକ ବିଏସଏସଓ ଦିଲ୍ଲୀପ ପ୍ରଧାନ ସଂଚାଳନ କରିଥିଲେ। ୪ଟି ପର୍ଯ୍ୟାୟରେ ମୋଟ ୧୬୯ ଜଣ ଜନଗଣନାକାରୀ ଓ ପର୍ଯ୍ୟବେକ୍ଷକ ତାଲିମ ନେବେ ବୋଲି ସୂଚନା ମିଳିଛି। ପର୍ଯ୍ୟବେକ୍ଷକ ଚନ୍ଦ୍ରକାନ୍ତ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଦୁର୍ଘଟଣାରେ ଶିକ୍ଷକଙ୍କ ପତ୍ନୀ ମୃତ



ସାଲେପୁର,୨୧।୩(ସମିସ): ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ନିଷ୍ଠାର ସହ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଇ ଆସୁଥିବା ଗୁରୁଜୀ ରମେଶ ବେହେରାଙ୍କ ପତ୍ନୀ ସୌଦାମିନୀ ବେହେରା (୫୧) ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ରମେଶ ବେହେରା ତାଙ୍କ ବାଇକ୍‌ରେ ତାଙ୍କ ପତ୍ନୀଙ୍କୁ ବସାଇ ସାଲେପୁରରୁ ବଡ଼ଚଣା ଅଞ୍ଚଳକୁ ଯାଇଥିବାବେଳେ ସେଠାରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ପତ୍ନୀଙ୍କ ପରଲୋକ ହୋଇଛି। ରମେଶ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦୀର୍ଘବର୍ଷ ଧରି ରମେଶ ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିକ୍ଷକତା କରି ଆସୁଛନ୍ତି। ସୌଦାମିନୀଙ୍କର ଶବ ଆସି ବାସୁଦେବପୁରରେ ପହଞ୍ଚିବାପରେ ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିଲା। ଖବର ପାଇ ଶତାଧିକ ଅଭିଭାବକ ଓ ଛାତ୍ରଛାତ୍ରୀ ତାଙ୍କର ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ୩ ଦିନିଆ ଉତ୍କଳ ଦିବସ ପାଳନ ପ୍ରସ୍ତୁତି



ସାଲେପୁର, ୨୧।୩ (ସମିସ): ତିନି ଦିନ ଧରି ସାଲେପୁର ହାଇସ୍କୁଲ ପଡ଼ିଆରେ ଉତ୍କଳ ଦିବସ ପାଳନ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସାଲେପୁର ଗ୍ରାମ୍ୟ ଉନ୍ନୟନ ବିଭାଗର ଚିତ୍ରୋତ୍ପଳା ଅତିଥି ଭବନରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଟାଙ୍ଗୀ ସାଲେପୁର ବିଜେପି ନେତା ଅରିନ୍ଦମ ରାୟ, ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ, ସାଲେପୁର ଏସ୍‌ଡିପିଓ ବିରଞ୍ଚିନାରାୟଣ ପତି, ସାଲେପୁର ବିଡ଼ିଓ ଲୋପାମୁଦ୍ରା ନାୟକ, ସାଲେପୁର ଥାନା ଆଇଆଇସି ମହେଶ୍ୱର ବେହେରା ଆଲୋଚନା କରିଥିଲେ। ଚଳଚ୍ଚିତ୍ର ପ୍ରଯୋଜକ ଦିଲ୍ଲୀପ ଦାଶ, ଆଞ୍ଚଳିକ ସାମ୍ବାଦିକ ସଂଘର ସଂପାଦକ ହୃଷୀକେଶ ମଲ୍ଲିକ, ମହାସଚିବ ମନୋଜ ଆଚାର୍ଯ୍ୟ, ଉପସଭାପତି ଦୀପକ ଦାସ, କୋଷାଧ୍ୟକ୍ଷ ସୁଧିର ଶତପଥୀ, ସଂପାଦକ ଅରବିନ୍ଦ ଭୂୟାଁ, କାର୍ଯ୍ୟାଳୟ ସଂପାଦକ ହେମନ୍ତ ଭୂୟାଁ, ବରିଷ୍ଠ ସାମ୍ବାଦିକ ଅଭୟ ଜେନା, ରତ୍ନାକର ବାରିକ, ପ୍ରତ୍ୟୁଷ ମହାନ୍ତି, ବିଭୁତିଭୂଷଣ କର, ପ୍ରଦୀପ୍ତ କର, ମହେଶ୍ୱର ବେହେରା, ଯଜ୍ଞେଶ୍ୱର ବିଶ୍ୱାଳ, ଅକ୍ଷୟ ଦାସ, ପ୍ରିୟଦର୍ଶିନୀ ପ୍ରଧାନ, ଲୋକନାଥ ପାତ୍ର, କେଦାର ନାୟକ, ରଞ୍ଜନ ଦାସ, ଲକ୍ଷ୍ମଣ ଦାସ, ପ୍ରବୀରଚନ୍ଦ୍ର ଦାସ, ଅନନ୍ତ ଚରଣ ଦାଶ, ବିଶ୍ୱଜିତ୍ ଭୂୟାଁ, ଅଜୟ ସାହୁଙ୍କ ସମେତ ବହୁ ସାମ୍ବାଦିକ ତଥା ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ଅଗ୍ନିକାଣ୍ଡ ପୀଡ଼ିତ ପରିବାରକୁ ଟେଟ୍ରାହେଡ୍ରନ ପକ୍ଷରୁ ସହାୟତା



ଟାଙ୍ଗୀ,୨୧।୩(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କିଆଝରଗ୍ରାମର ସନାତନ ବାନରା ଓ ତିନି ପୁଅଙ୍କ ଛଅ ବଖରା ଘର ଶୁକ୍ରବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡରେ ଭସ୍ମୀଭୂତ ହୋଇଯାଇଛି। ଏ ବିଷୟରେ ଦୈନିକ ସକାଳରେ ଏକ ଖବର ପ୍ରକାଶ ପାଇବା ପରେ ଟେଟ୍ରାହେଡ୍ରନ ଗୃପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ପୀଡ଼ିତଙ୍କ ଘରେ ପହଞ୍ଚି ଏକ ମାସର ରେସନ, ସମସ୍ତ ପରିବାର ସଦସ୍ୟଙ୍କ ପୋଷାକ, ଜରିପାଲ ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହିତ ଘର ନିର୍ମାଣ ପାଇଁ ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ତହସିଲଦାର ଓ ଆରଆଇଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଫୋନ୍ ମାଧ୍ୟମରେ ଅନୁରୋଧ କରିଥିଲେ। ଉକ୍ତ ସମୟରେ ସ୍ଥାନୀୟ ସରପଞ୍ଚ ଦୀପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ କୁମାର ସାମଲ, ସମାଜସେବୀ ହୃଷୀକେଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ସନାତନ ବାନରାଙ୍କ ସମେତ ତିନି ପୁଅ କୁଆଁର ବାନରା, କାର୍ତ୍ତିକ ବାନରା ଓ କରୁଣାକର ବାନରାଙ୍କ ଘର ପୋଡି ଭସ୍ମୀଭୂତ ହୋଇଯାଇଛି।

## ନଗସପୁର ସମବାୟ ସମିତିରେ ଅନିୟମିତତା ଅଭିଯୋଗ

### ତଦନ୍ତ କରି ରିପୋର୍ଟ ଦେବେ ସମବାୟ ଉପନିବନ୍ଧକ

ନିଶ୍ଚିନ୍ତକୋଇଲି,୨୧।୩(ସମିସ): କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ନିଶ୍ଚିନ୍ତକୋଇଲି ଶାଖା ଅଧୀନରେ ଥିବା ନଗସପୁର କୃଷି ଋଣ ସେବାସମବାୟ ସମିତିରେ ଅନିୟମିତତା ନେଇ ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ସମିତିର ସଂପାଦକ ଓ ଡାଟା ଏଣ୍ଟ୍ରି ଅପରେଟର (ଡିଇଓ)ଙ୍କ ମନମାନୀ ଯୋଗୁ ବହୁ ଚାଷୀ ମଣ୍ଡିରେ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଥିଲା ବେଳେ ଅନେକ ଚାଷୀ ସଠିକ୍ ପରିମାଣରେ ଧାନ ବିକ୍ରି କରିନପାରି ଆର୍ଥିକ କ୍ଷତି ସହିଥିବା ଜଣାଯାଇଛି। ଏହି ସମିତିରେ ଭଉଣୀ ଓ ଭାଇ ଯଥାକ୍ରମେ ସଂପାଦିକା ଓ ଡିଇଓ ଥିବାରୁ ଅନିୟମିତତା ହେଉଥିବା ଅଭିଯୋଗ କରାଯାଇଛି। କଟକ ଜିଲ୍ଲାପାଳ ସମ୍ପୃକ୍ତ ସେବା ସମବାୟ ସମିତିର ଉପନିବନ୍ଧକଙ୍କୁ ୧୫ ଦିନ ମଧ୍ୟରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

ଗତ ଜୁଲାଇରେ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ନାମ ପଞ୍ଜିକୃତ କରିବାକୁ ସଂପାଦକଙ୍କୁ ସମସ୍ତ କାଗଜପତ୍ର ଦେଇଥିଲେ। ହେଲେ ସମିତିରେ ସଠିକ୍ ଭାବେ ଚାଷୀମାନଙ୍କର ନାମ ଅନ୍‌ଲାଇନ୍ ପଞ୍ଜିକୃତ ହେଲା ନାହିଁ କି ଆଖି ସ୍କାନ କରାଗଲା ନାହିଁ। ୪/୫ ଏକର ଚାଷ ଜମି ଥିବା ଚାଷୀଙ୍କର ନିର୍ଭୁଲ ପଞ୍ଜୀକରଣ ନହେବାରୁ ସେମାନଙ୍କର ମାତ୍ର ୮/୯ କୁଇଣ୍ଟାଲ ମଧ୍ୟରେ ଧାନ ବିକ୍ରି ପାଇଁ ଟୋକନ ଆସିଥିଲା। ଅପରପକ୍ଷରେ ସଂପାଦକଙ୍କ ସ୍ୱାମୀ ଓ ପିତାଙ୍କ ନାମରେ ଥିବା ଚାଷ ଜମି ପଡିଆ ପଡିଥିଲେ ମଧ୍ୟ ସ୍ୱାମୀଙ୍କ ନାଁରେ ୨୮ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟୋକନ ଆସିଥିବା ଅଭିଯୋଗ ହୋଇଛି। ନଗସପୁର, ଝାଡେଶ୍ୱରପୁର, ପାଳଦା ଆଦି ପଞ୍ଚାୟତ ସମବାୟ ସମିତି ଅଧୀନରେ ଯାଉଥିଲେ ମଧ୍ୟ ଓରତି ପଞ୍ଚାୟତର ତାଙ୍କ ଭାଇଙ୍କୁ ଡିଇଓ ଭାବେ ଏଠାରେ ନିଯୁକ୍ତି କରାଯାଇଛି। ଏହି ନିଯୁକ୍ତି ନିମନ୍ତେ କୌଣସି ବିଜ୍ଞାପନ କିମ୍ବା ପ୍ରଚାର ପ୍ରସାର ନ କରାଯାଇ କିଭଳି ବେଆଇନ ନିଯୁକ୍ତି କରାଯାଇଛି ସେନେଇ ଅଭିଯୋଗ ହୋଇଛି। ଏ ସମସ୍ତ ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଚାଷୀ ଭିକାରୀ ଚରଣ ଖୁଣ୍ଟିଆ, ସତ୍ୟରଂଜନ ଖୁଣ୍ଟିଆ, ଶିବପ୍ରସାଦ ସ୍ୱାଇଁ, ରମେଶଚନ୍ଦ୍ର ମହାନ୍ତିଙ୍କ ସମେତ ବହୁ ଚାଷୀ ଅଭିଯୋଗ କରିଛନ୍ତି।

## ଓଡ଼ିଶା ସୀମାନ୍ତରେ ଜଳିଗଲା ଘରୋଇ ବସ୍

# ଅଳ୍ପକେ ବର୍ତ୍ତିଲେ ଚିତ୍ରକୋଣ୍ଡା ବିଧାୟକଙ୍କ ସମେତ ୪୨ ଯାତ୍ରୀ





**ମାଲକାନଗିରି/ପଟାଙ୍ଗି, ୨୧।୩(ସମିସ)**

ଭୁବନେଶ୍ୱରରୁ ମାଲକାନଗିରିକୁ ଫେରୁଥିବା ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ଓଡ଼ିଶା ସୀମାନ୍ତ ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲା ଅଧିନସ୍ଥ ରାମ୍ଭଦ୍ରପୁରମ ନିକଟସ୍ଥ ତାରାପୁରମ ଗ୍ରାମ ନିକଟରେ ହଠାତ୍ ନିଆଁ ଲାଗିଯାଇଥିଲା। ଏଥିରୁ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ସମେତ ସେଥିରେ ବସିଥିବା ୪୨ ଯାତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନାନୁଯାୟୀ ଭୁବନେଶ୍ୱର ଠାରୁ ମାଲକାନଗିରି ଅଭିମୁଖେ ଓଡ଼ି୦୨ସିଏସ ୪୦୦୨ ନମ୍ବର ବିଶିଷ୍ଟ ନୀଳକଣ୍ଠେଶ୍ୱର (ଅରେଞ୍ଜ) ନାମକ ଏକ ଘରୋଇ ସ୍ଲିପର୍ ବସ୍ ବିଧାୟକ ଶ୍ରୀ ଖିଲଙ୍କ ସମେତ ମୋଟ ୪୨ ଜଣ ଯାତ୍ରୀଙ୍କୁ ନେଇ ଆସୁଥିଲା। ଶନିବାର ଭୋର ପ୍ରାୟ ୪ଟା ସମୟରେ ହଠାତ୍ ଆନ୍ଧ୍ର ପ୍ରଦେଶର ତାରାପୁରମ ଗ୍ରାମ ନିକଟରେ ଟାୟାର ଫାଟି ବସ୍‌ରେ ନିଆଁ ଲାଗିଯାଇଥିଲା। ଡ୍ରାଇଭର ବସରୁ ଓହ୍ଲାଇ ବସ୍‌ର ପଛ ଚକା ପାଖରେ ରହିଥିବା ହାଉଜିଙ୍ଗ ନିକଟରେ ନିଆଁ ଲଗିଥିବା ଦେଖିବା ପରେ ସମସ୍ତଙ୍କୁ ସତର୍କ କରାଇଥିଲେ। ବସ୍‌ରେ ବସି ଫେରୁଥିବା ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ବସରୁ ତେଇଁ ଡ୍ରାଇଭରର ସହଯୋଗରେ ବସ୍‌ରେ ରହିଥିବା ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଅନ୍ୟ ଏକ ବସରେ ଜୟପୁର ପଠାଇବାରେ ସହଯୋଗ କରିଥିଲେ। ଏହାପରେ ଲାଗିଥିବା ନିଆଁକୁ ପାଣି ପକାଇ ଆୟତ୍ତ କରିବାକୁ ଚେଷ୍ଟା କରାଯାଇଥିଲା। କିନ୍ତୁ ନିଆଁ ନ ଲିଭିବାରୁ ବସ୍‌ରେ ରହିଥିବା ଅଗ୍ନି ନିର୍ବାପକ ଯନ୍ତ୍ର ବାହାର କରି ଲିଭାଇବା ସମୟରେ ବସ୍‌ର ବେଲୁନ ଫାଟିଯିବାରୁ ଆଉ ନିଆଁକୁ ଆୟତ୍ତ କରାଯାଇ ପାରିନଥିଲା। ପରେ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଉକ୍ତ ବସ୍‌ରେ ରହିଥିବା ଜଣେ ମହିଳା ଯାତ୍ରୀ ସ୍ଲିପର୍‌ରେ ଶୋଇଥିବା ବେଳେ ସେ ପିନ୍ଧି ଥିବା ସୁନାକୁ କାଢି ତକିଆ ତଳେ ରଖି ଶୋଇଥିଲେ। ନିଆଁ ଲାଗିବା ଯୋଗୁଁ ନିଜ ଜୀବନ ବଞ୍ଚାଇବାକୁ ଯାଇ ବସରୁ ଓହ୍ଲାଇ ପଡ଼ିଥିଲେ। ତେବେ ନିଆଁ ଆୟତ୍ତ ହେବା ପରେ ଆନ୍ଧ୍ର ପୁଲିସ ସହାୟତାରେ ସୁନା ଖୋଜି ପାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଆନ୍ଧ୍ର ଏବଂ ଅଗ୍ନିଶମ ବିଭାଗ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ପିକ୍‌ଅପ୍ ଭ୍ୟାନ୍ ଉପରେ ଚାପି ହୋଇଗଲା ଟ୍ୟାଙ୍କର

### ଅଳ୍ପକେ ବର୍ତ୍ତିଲେ ପିକ୍‌ଅପ୍ ଡ୍ରାଇଭର



**ରାୟଗଡ଼ା, ୨୧।୩(ସମିସ):** ରାୟଗଡ଼ା ସହରର ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥର ରାୟଗଡ଼ା-କୋରାପୁଟ ମୁଖ୍ୟ ରାସ୍ତା ଶିରିକଣା ଛକଠାରେ ଏକ ଟ୍ୟାଙ୍କର(ଏପି୩୯ଟିକେ ୪୫୧୯) ବ୍ରେକ୍ ଫେଲ ହେବାରୁ ଭାରସାମ୍ୟ ହରାଇ ରାସ୍ତା କଡକୁ ଓହ୍ଲାଇ ଯାଇ ରାସ୍ତା କଡରେ ଛିଡା ହୋଇଥିବା ଏକ ବୋଲେରୋ ପିକଅପ୍ (ଓଡି ୧୬ଜେ ୨୫୬୭)କୁ ଚାପି ଦେଇଥିଲା। ଟ୍ୟାଙ୍କର ଚାପାରେ ପିକ୍‌ଅପ୍‌ଟି ଚୁରମାର ହୋଇଯାଇଥିବା ବେଳେ ଦୁଇଟି ବଡ ବଡ ଗଛ ମଧ ଭାଙ୍ଗି ପଡ଼ିଥିବା ଦେଖିବାକୁ ମିଳିଛି। ଏଥିରୁ ପିକ୍‌ଅପ୍ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ବିଦ୍ୟୁତ୍ ସରାବରାହ କରୁଥିବା ଏଲଟି ଲାଇନ କେବୁଲଗୁଡିକ ମଧ କିଛି ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଘଟଣା ସ୍ଥଳରେ ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ତୁରନ୍ତ କେବୁଲ ମରାମତି କରିଥିବା ବେଳେ ଚୁରମାର ହୋଇଥିବା ବୋଲେରୋ ପିକଅପ ଓ ଦୁର୍ଘଟଣା ଗ୍ରସ୍ତ ଟ୍ୟାଙ୍କରକୁ ବାହାରକୁ କାଢିବା ପାଇଁ ଉଦ୍ୟମ କରାଯାଇଛି। ସୂଚନା ପ୍ରକାରେ, ବିଶାଖାପାଟଣମରୁ ରାୟଗଡ଼ା ଅଭିମୁଖେ ଆସିଥିବା ଟ୍ୟାଙ୍କରଟି ଆଜି ସହରର ସାଇ ଇଣ୍ଟରନ୍ୟାସନାଲ ଛକ ନିକଟରେ ଥିବା ଏକ ଗୋଦାମରେ ସିମେଣ୍ଟ ଅନଲୋଡ କରି ଫେରୁଥିବା ସମୟରେ ଶିରିକଣା ଛକ ଠାରେ ବ୍ରେକ୍ ଫେଲ୍ ହେବାରୁ ଭାରସାମ୍ୟ ହରାଇ ରାସ୍ତା କଡରେ ଛିଡା ହୋଇଥିବା ଏକ ବୋଲେରୋ ପିକ୍‌ଅପ୍ ଗାଡିକୁ ଏବଂ ଦୁଇଟି ଗଛକୁ ଧକ୍କା ଦେଇ ରାସ୍ତା ତଳକୁ ଖସିଯାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ସୌଭାଗ୍ୟବଶତଃ ରାସ୍ତା କଡରେ ଛିଡା ହୋଇଥିବା ପିକଅପ୍ ଡ୍ରାଇଭର ଗାଡିରୁ ଓହ୍ଲାଇ ବାହାରକୁ ଯାଇଥିବା ଯୋଗୁଁ ସେ ବର୍ତ୍ତିଯାଇଥିଲେ। ଟ୍ୟାଙ୍କର ଡ୍ରାଇଭର ରାୟଗଡ଼ା ଥାନାରେ ଅଟକ ଥିବା ଜଣାପଡ଼ିଛି।

## ଦୁଷ୍କର୍ମକାରୀକୁ ୨୫ ବର୍ଷ କାରାଦଣ୍ଡ

**ଜୟପୁର, ୨୧।୩(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଗତ ୨ ବର୍ଷ ପୂର୍ବେ ଏକ ୧୫ ବର୍ଷିୟା ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ୨୫ ବର୍ଷ ସଶ୍ରମ କାରାଦଣ୍ଡ ଦଣ୍ଡିତ କରିଛନ୍ତି। ଏହି ମାମଲାର ଅତିରିକ୍ତ ଜିଲ୍ଲା ଦୌରା ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଡ. ସଂଘମିତ୍ରା ଦାଶ ବିଚାରଣ କରିବା ସହିତ ଆଜି ତାଙ୍କ ରାୟରେ ଅଭିଯୁକ୍ତ ସେମିଳିଗୁଡା ଥାନା କାଙ୍ଗରା ଗ୍ରାମର ଅଭିଯୁକ୍ତ ଲଇଛନ ଭୋଇଙ୍କ ବିରୋଧରେ ୯ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରିବା ସହିତ ଦୋଷୀ ସାବ୍ୟସ୍ତ କରି ସମୁଦାୟ ୪ଟି ଦଫାରେ ୨୫ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୫ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଟଙ୍କା ଅନାଦେୟ ସ୍ଥଳେ ଅଧିକ ୯ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ରାୟରେ ଶୁଣାଇଛନ୍ତି। ସେହିପରି ସରକାରଙ୍କ ପକ୍ଷରୁ ଆଇନସେବା ପ୍ରାଧିକରଣ ମାଧ୍ୟମରେ ପୀଡିତା ଓ ପରିବାରକୁ ୫ ଲକ୍ଷ ଟଙ୍କା ଏବଂ ଆଦାୟ ହୋଇଥିବା ଜରିମାନା ଟଙ୍କା ପ୍ରଦାନ କରିବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମାମଲା ଅନୁଯାୟୀ, ଗତ ୨୦୨୪ ମସିହାରେ ଅଭିଯୁକ୍ତ ପୂଜା କରିବା ସହିତ ୧୫ ବର୍ଷିୟା ନାବାଳିକାଙ୍କ ଖରାପ ହୋଇଥିବା ଆଖି ଠିକ୍ କରିବା ନାମରେ କୋରାପୁଟ ଟାଉନଥାନା ଚେମିଆଗୁଡାର ଜଣେ ବ୍ୟକ୍ତି ଘରକୁ ବାରମ୍ବାର ଯାଇଥିଲେ। ପୂଜା ବାହାନାରେ ନାବାଳିକାଙ୍କୁ ଜୋରଜବରଦସ୍ତ ମଦ ପିଆଇ ଅଭିଯୁକ୍ତ ଦୁଷ୍କର୍ମ କରିଥିଲେ। ଏନେଇ ଗତ ୨୦୨୪ ମସିହାରେ ସେପ୍ଟେମ୍ବର ୨୪ ତାରିଖରେ ପୀଡିତାଙ୍କ ପିତାଙ୍କ ଏତଲା କ୍ରମେ କୋରାପୁଟ ଟାଉନଥାନାରେ ଏକ ମାମଲା (୨୭୩/୨୪) ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ଏହି ମାମଲା ସ୍ୱତନ୍ତ୍ର ସରକାରୀ ଆଇନଜୀବି ପି. ସନ୍ୟାସୀ ରାଓ ପରିଚାଳନା କରିଥିଲେ।

## ଜଳିଗଲା ଘର; ମହିଳା ଆହତ

**ଏମ୍‌ଭି୭୯ (ସମିସ), ୨୧।୩:** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି ୭୯ ଗ୍ରାମରେ ଗ୍ୟାସ ଟାଙ୍କିରେ ନିଆଁ ଲାଗି ଏକ ଘର ଜଳିଯାଇଥିବା ବେଳେ ଜଣେ ମହିଳା ଆହତ ହୋଇଥିବା ଜଣାପଡ଼ିଛି। ସୁଚନା ଅନୁଯାୟୀ, ଏମଭି-୭୯ ଗ୍ରାମ ସ୍ଥିତ ବିବେକାନନ୍ଦ ଇଂଲିସ୍ ମିଡିଅମ ସମ୍ମୁଖରେ ଥିବା ଅଭିଜିତ ସାହାଙ୍କ ସ୍ତ୍ରୀ ଭବାନୀ ସାନା ଆଜି ସକାଳେ ରୋଷେଇ କରୁଥିଲେ। ଏହି ସମୟରେ



ଘରେ ପୂର୍ବରୁ ରଖାଯାଇଥିବା ପେଟ୍ରୋଲ ଜାରଟିର ଠିପି ଖୋଲା ଥିବାରୁ ଗ୍ୟାସ ଚୁଲାର ନିଆଁ ପେଟ୍ରୋଲ ଜାରରେ ଲାଗି ଯିବାରୁ ଅଚାନକ ନିଆଁ ଲାଗି ଯାଇଥିଲା। ମାତ୍ର କେଇକ୍ଷଣ ମଧ୍ୟରେ ନିଆଁ ସାରା ଘରକୁ ବ୍ୟାପି ଯାଇଥିବା ବେଳେ ଘରେ ଥିବା ଭବାନୀ ନିଆଁ ମଧ୍ୟରେ ଫସି ରହିଗଲେ। ଏହା ଦେଖି ଆଖପାଖ ଲୋକ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ସ୍ଥାନୀୟ ଲୋକେ ଆହତ ଭବାନୀଙ୍କୁ ଉଦ୍ଧାର କରି ଏମ୍‌ଭି ୭୯ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଉଥିବା ଜଣାପଡ଼ିଛି। ଅନ୍ୟପଟେ କାଲିମେଳା ଅଗ୍ନିଶମ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପୁରା ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଦୋକାନରେ ଥିବା ସାମଗ୍ରୀ, ଘରର ଆସବାବପତ୍ର ପୋଡି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଏ ନେଇ ସୂଚନା ପାଇ ଏମ୍‌ଭି ୭୯ ପୋଲିସ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡରେ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବା ଦେଖିବାକୁ ମିଳିଛି।

## ପିଚୁ ରାସ୍ତା ଦେଖାଇ ମନରେଗା ଅର୍ଥ ହଡ଼ପ ଅଭିଯୋଗ



**କାଲିମେଳା, ୨୧।୩(ସମିସ):** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ମହାରାଜପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ବିଲ୍ଲିଗୁଡ଼ା ଗ୍ରାମରେ ମନରେଗା ଅର୍ଥ ହଡ଼ପ ଅଭିଯୋଗ ହୋଇଛି। ସୂଚନା ମୁତାବକ, ବିଲ୍ଲିଗୁଡ଼ା ଗ୍ରାମରେ ମନରେଗା ଯୋଜନାରେ ନିର୍ମିତ କୋଡ଼ ନମ୍ବର ୧୦୫୧୧୧୬୨ ର ୨୦୨୧-୨୨ ଆର୍ଥିକ ବର୍ଷରେ ଆରଡି ରାସ୍ତା ଠାରୁ ନଦୀ ଘାଟ ପର୍ଯ୍ୟନ୍ତ ଏକ ଡବ୍ଲୁବିଏମ୍ ରାସ୍ତାର ଅଳ୍ପ କିଛି କାମ ହୋଇଥିଲା। ଯାହାର ଅଟକଳ ମୂଲ୍ୟ ୮ ଲକ୍ଷ ୫୦ ହଜାର ଥିବା ବେଳେ କାମ ସମ୍ପୂର୍ଣ୍ଣ ହୋଇ ନଥିବାରୁ ସେତେବେଳେ ବିଭାଗୀୟ ଅଧିକାରୀ ଅର୍ଥ ପ୍ରଦାନ କରିନଥିବା ଜଣାପଡ଼ିଛି। କିନ୍ତୁ ବର୍ତ୍ତମାନ ଉକ୍ତ କାମ ସମ୍ପୂର୍ଣ୍ଣ କରା ନ ଯାଇ ଏହାର ଏମଏମଏସ କରାଯାଇ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସରକାରୀ ଅର୍ଥ ହଡପ କରାଯାଇଥିବା ଅଭିଯୋଗ ହେଉଛି। ଏହା ୮ ଲକ୍ଷ ୫୦ ହଜାର ଟଙ୍କାର କାମ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୪୨୭୨୨ ଟଙ୍କା ହଡ଼ପ ହୋଇଥିବା ଜଣାପଡ଼ିଛି। ଏହା ପୁରୁଣା କାମ ହୋଇଥିବା ବେଳେ ଉକ୍ତ ରାସ୍ତା ବର୍ତ୍ତମାନ ବିଚୁ ରାସ୍ତା ହୋଇଯାଇଥିବା ବେଳେ ଏହାର ଫେକ୍ ଏମଏମଏସ କରାଯାଇ ସରକାରୀ ଅର୍ଥ ଲୁଟ କରାଯାଉଥିବା ସ୍ଥାନୀୟ କିଛି ଲୋକ ନିଜର ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ଏହି ଦୁର୍ନୀତିର ପେଡ଼ି ଖୋଲିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଟିମ୍ ଗଠନ କରି ନିରପେକ୍ଷ ତଦନ୍ତ କଲେ ଲକ୍ଷାଧିକ ଟଙ୍କାର କେଲେଙ୍କାରୀ ସାମ୍ନାକୁ ଆସିବ ବୋଲି ଅଞ୍ଚଳବାସୀ ଓ ବୁଦ୍ଧିଜୀବୀ କହିଛନ୍ତି। ଏନେଇ କାଲିମେଳା ବ୍ଲକ ଏଇଇ ସନ୍ତୋଷ କିର୍ଶାନିଙ୍କୁ ଯୋଗାଯୋଗ କରିବାରୁ ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ରାୟଗଡ଼ା ରେଳ ଓଭରବ୍ରିଜ ତଳେ ନିଆଁ



**ରାୟଗଡ଼ା, ୨୧।୩(ସମିସ):** ରାୟଗଡ଼ା ସହରର ୩୨୬ ନମ୍ବର ଜାତୀୟ ରାଜପଥରେ ଥିବା ରେଳ ଓଭରବ୍ରିଜ (ଆରଓବି) ତଳେ ଖଞ୍ଜା ଯାଇଥିବା ଲୁହା ପିଲର ଚତୁଃପାର୍ଶ୍ୱ ଶନିବାର ସକାଳେ ଭୟାଭୟ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ଥିବା ବେଳେ ନିଆଁ ଲାଗି ଥିବା ଦେଖି ସ୍ଥାନୀୟ ଲୋକେ ଦମକେଳ କେନ୍ଦ୍ରକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅନ୍ୟପଟେ ରାୟଗଡ଼ା ଟାଉନ ଥାନା ପୁଲିସ ମଧ୍ୟ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଥାଉ କି, ରେଳ ଓଭରବ୍ରିଜର ଶୋଚନୀୟ ଅବସ୍ଥାକୁ ନେଇ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର ତଥା ମରାମତି କାର୍ଯ୍ୟ ଆରମ୍ଭ ନିମନ୍ତେ ପ୍ରଶାସନକୁ ଅବଗତ କରାଯିବା ପରେ ଚଳିତ ବର୍ଷ ଜାନୁଆରୀ ୧୦ ତାରିଖରୁ ଏହା ଉପରେ ଯାତାୟାତରେ ନିଷେଧାଦେଶ ଲଗାଯାଇଥିଲା। ବ୍ରିଜ ତଳେ ବସି ବ୍ୟବସାୟ କରୁଥିବା ଛୋଟ ବଡ ବ୍ୟବସାୟୀଙ୍କୁ କାର୍ଯ୍ୟ ସମାପ୍ତ ପର୍ଯ୍ୟନ୍ତ ନ ବସିବାକୁ ବାରଣ କରାଯାଇଥିଲା। ଗତ ମାସରେ ବ୍ରିଜ ତଳର ସମସ୍ତ ସ୍ଥାନରେ ପୌର ପାଳିକା ତରଫରୁ ଲାଲ କନା ବନ୍ଧା ମଧ ଯାଇଥିଲା। ତେବେ ଉକ୍ତ ସ୍ଥାନରେ ଅଳିଆ ଆବର୍ଜନା ପକାଇବା ପାଇଁ ଅନ୍ୟମାନଙ୍କୁ ସୁବିଧା ହେବାରୁ ସମସ୍ତେ ସେଠାରେ ଆବର୍ଜନା ପକାଉଥିଲେ। ଆଜି ସକାଳେ ଉକ୍ତ ଅଳିଆ ଗଦାରେ ନିଆଁ ଲାଗି ତାହା ବ୍ରିଜକୁ ସପୋର୍ଟ କରୁଥିବା ଲୁହା ଗାର୍ଡର ଗୁଡିକୁ ବ୍ୟପିଯାଇଥିଲା। ତେବେ ଏହି ଅଗ୍ନିକାଣ୍ଡ ପରେ ଲୁହା ଗାର୍ଡଗୁଡିକ ଅସୁରକ୍ଷିତ ହୋଇପଡ଼ିଛି।

### ଆରଟିଓ ବିଭାଗର ଧରପଗଡ଼

## ଚୋରା ବାଇକ ଜବତ, ୮୦ ହଜାର ଜୋରିମାନା ଆଦାୟ

**ରାୟଗଡ଼ା, ୨୧।୩ (ସମିସ):** ଜିଲ୍ଲା ସଡକ ସୁରକ୍ଷା ସମିତି ଅଧକ୍ଷ ତଥା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିର୍ଦ୍ଦେଶନୁସାରେ ରାୟଗଡ଼ା ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ବିନୟ କୁମାର ପାଉଲଙ୍କ ତତ୍ୱାବଧାନରେ ବିଭାଗୀୟ ଅଧିକାରୀ ଓ ପୋଲିସ ମିଳିତ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଯାଞ୍ଚ କଡାକଡି କରାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ୩୨୬ ନମ୍ବର ଜାତୀୟ ରାଜପଥ ରାୟଗଡ଼ା ସହରର ରାୟଗଡ଼ା-ଜେକେପୁର ମୁଖ୍ୟ ରାସ୍ତା ରିଲାଏନ୍ସ ପେଟ୍ରୋଲ ପମ୍ପ ସମ୍ମୁଖରେ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ସମୟରେ ଏକ ଚୋରା ବାଇକ ଜବତ କରାଯାଇ ସ୍ଥାନୀୟ ପୋଲିସକୁ ଜିମା ଦିଆଯାଇଛି। ଗାଡିର ପ୍ରକୃତ ମାଲିକଙ୍କୁ ବିଭାଗ ପକ୍ଷରୁ ସୂଚନା ଦିଆଯାଇ ଗାଡିର କାଗଜପତ୍ର ଦେଇ ରାୟଗଡ଼ା ଥାନାରୁ ଗାଡିଟି ନେବା ପାଇଁ ପରାମର୍ଶ ଦିଆଯାଇଛି। ଜବତ ହୋଇଥିବା ବାଇକଟି ନକଲି ନମ୍ବର ପ୍ଲେଟ (ଓଡି୧୮ ଏଫ ୦୧୪୩)ରେ ରାୟଗଡ଼ାରେ ବୁଲୁଥିବା ବେଳେ ଏହା ଭବାନୀପାଟଣାରୁ ଚୋରି ହୋଇଥିବା ଯାଞ୍ଚ ବେଳେ ଜଣାପଡ଼ିଛି। ବାଇକର ଅସଲି ନମ୍ବର ଓଡି୦୮ ଇ ୧୬୬୬ ହୋଇଥିବା ବେଳେ ଏହାକୁ ଧରି ବୁଲୁଥିବା ବାଇକ ଚାଳକ ଏହାକୁ ସେକେଣ୍ଡ ହ୍ୟାଣ୍ଡ ସୋରୁମରୁ କିଣିଥିବା ଜଣାଇଛନ୍ତି। ଆଜିର ଏହି ଯାଞ୍ଚ ବେଳେ ଟ୍ରାଫିକ୍ ନିୟମ ଉଲଂଘନକାରୀଙ୍କ ଠାରୁ ମୋଟ ୮୦ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସ୍ଥଳେ ମୋଟର ଯାନ ନିରୀକ୍ଷକ ଦୁର୍ଗା ପ୍ରସାଦ ରାଓ, କନିଷ୍ଠ ମୋଟର ଯାନ ନିରୀକ୍ଷକ ସଂଗ୍ରାମ କିଶୋର ବେହେରା, ଟିଆଇ ଝସକେତନ ଭରାସଗରିଆ ଏବଂ ଅନ୍ୟମାନେ ସାମିଲ ଥିଲେ। ଆଜି ମାର୍ଚ୍ଚ ୨୧ରୁ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ୧୧ଦିନ ବ୍ୟାପି ପରିବହନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଚାଲିବ ବୋଲି ଆରଟିଓ ବିନୟ କୁମାର ପ୍ରକାଶ କରିଛନ୍ତି।

## ୟୁଜିଏମ୍‌ଆଇଟିରେ ବାର୍ଷିକ ସାଂସ୍କୃତିକ ଉତ୍ସବ



**ରାୟଗଡ଼ା, ୨୧।୩(ସମିସ):** ରାୟଗଡ଼ା ସହରର ସ୍ଥାନୀୟ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଶିକ୍ଷା ଅନୁଷ୍ଠାନ (ୟୁଜିଏମଆଇଟି)ରେ ୨୦୨୫ - ୨୬ ଶିକ୍ଷାବର୍ଷ ପାଇଁ ବାର୍ଷିକ ସାଂସ୍କୃତିକ ଉତ୍ସବ ପାଳିତ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଇମ୍ଫା ଥେରୁବାଲିର ସିନିୟର ଜେନେରାଲ ମ୍ୟାନେଜର ଜି.ଭି. ରାକେଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଡ. ବାବୁରାଓ ମହାନ୍ତି ଓ ପୂର୍ବତନ ସହକାରୀ ଶିକ୍ଷ ଅଧିକାରୀ, ଜିଲ୍ଲା ଶିକ୍ଷ କେନ୍ଦ୍ର, ରାୟଗଡ଼ ସବ୍ୟସାଚୀ ସାହୁ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ କବି ଦ୍ୱିତୀଚନ୍ଦ୍ର ସାହୁ ଯୋଗଦେଇଥିଲେ। ଅଧକ୍ଷଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହାପରେ ସଂସ୍କୃତି ବିଭାଗ ଦାୟିତ୍ୱ ତୁଲାଉଥିବା ଭାରପ୍ରାପ୍ତ ଅଧିକାରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଜୋନାଲ୍‌ସ୍ତରର ପଲିଫେଷ୍ଟ ବିଜେତାଙ୍କୁ ସମ୍ମାନିତ କରିବା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପୁରାତନ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ



**କାଲିମେଳା, ୨୧।୩(ସମିସ):** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି- ୭୯ ହାଇସ୍କୁଲରେ ପୁରୁଣା ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ବନ୍ଧୁ ମିଳନରେ ୧୯୯୦-୨୦୦୦ ବ୍ୟାଚ୍‌ର ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଯୋଗ ଦେଇଥିଲେ। ଏହି ପରିପେକ୍ଷୀରେ ପୁରୁଣା ସ୍ମୃତିକୁ ମନେ ପକାଇ ଆତ୍ମବିଭୋର ହୋଇପଡ଼ିଥିଲେ ବନ୍ଧୁ ମାନେ। ବର୍ଷ ବର୍ଷ ଧରି ଛାଡ଼ିଯାଇଥିବା ପ୍ରାକ୍ତନ ଛାତ୍ରଛାତ୍ରୀ ପୁରୁଣା ଦିନର ସ୍ମୃତି ଚାରଣ କରିଥିଲେ। ଏହି ଉତ୍ସବରେ ଶିକ୍ଷକମାନଙ୍କୁ ସମ୍ମାନିତ କରାଯିବା ସହ ପାରସ୍ପରିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆଲୋଚନା ସଭା ଆୟୋଜନ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ବାଲ୍ୟ ବନ୍ଧୁ ଏବଂ ବାନ୍ଧବୀମାନେ ନିଜ ନିଜ ଅଭୁଲା ସ୍ମୃତିକୁ ବଖାଣିଥିଲେ। ପରେ ଭୋଜି ଭାତ ଓ ନାଚଗୀତର ଆୟୋଜନ ହୋଇଥିଲା।

## ସିୱାଇଏସ୍‌ଡି କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା

**ମାଲକାନଗିରି, ୨୧।୩(ସମିସ):** ମାଲକାନଗିରି ବକ୍ଲର ସିନ୍ଧ୍ରିମାଳ ଗ୍ରାମ ପଞ୍ଚାୟତ ସଭାଗୃହରେ ସିୱାଇଏସ୍‌ଡି ପରିଚାଳିତ ଶିଶୁଗୃହ (କ୍ରେଚ୍) କାର୍ଯ୍ୟକ୍ରମର ଏକ ସାମାଜିକ ସମୀକ୍ଷା ପଞ୍ଚାୟତ ପ୍ରତିନିଧି, ପ୍ରକଳ୍ପର ହିତାଧିକାରୀ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ୮ଟି ଗ୍ରାମ ପଞ୍ଚାୟତ ଗୋଷ୍ଠୀ ସଦସ୍ୟଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ମାଲକାନଗିରି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଲିଙ୍ଗରାଜ ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସିୱାଇଏସ୍‌ଡିର ବରିଷ୍ଠ ପରିଚାଳକ ଅମିତ୍ କୁମାର ମହାପାତ୍ର ଓ ରମେଶ ଚନ୍ଦ୍ର ସ୍ୱାଇଁ ସାମଜିକ ସମୀକ୍ଷାର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ। ସାମଜିକ ସମୀକ୍ଷା ପାଇଁ ପ୍ରକଳ୍ପ ତରଫରୁ ସମ୍ପାଦିତ କାର୍ଯ୍ୟକ୍ରମର ବିଶଦ ବିବରଣୀ ଏବଂ ଆର୍ଥିକ ବ୍ୟୟର ବିବରଣୀ ପୋଷ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ସିୱାଇଏସ୍‌ଡି କାର୍ଯ୍ୟକର୍ତ୍ତାମାନେ ଶିଶୁ ଘର କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆୟବ୍ୟୟର ବିବରଣୀ ଅତି ବିସ୍ତୃତ ଭବରେ ଉପସ୍ଥାପନ କରିଥିଲେ। ଉପସ୍ଥିତ ହିତାଧିକାରୀମାନେ ତଥ୍ୟର ତର୍ଜମା କରିବା ସହିତ ଅଧିକ ଜାଣିବା ପାଇଁ ପ୍ରଶ୍ନ କରି ସିୱାଇଏସ୍‌ଡି କାର୍ଯ୍ୟକର୍ତ୍ତା ମାନଙ୍କଠାରୁ ଉତ୍ତର ପାଇଥିଲେ। ଶିଶୁ ଘର ପ୍ରକଳ୍ପ ୭ ମାସରୁ ୩ ବର୍ଷ ଶିଶୁମାନଙ୍କ ପୁଷ୍ଟି ସାଧନରେ ସକ୍ରୀୟ ସହଯୋଗ କରୁଛି, ପିତାମାତା ଉଭୟ କାମ କରିପାରୁଛନ୍ତି ଏବଂ ପରିବାରର ଅନ୍ୟ ଶିଶୁମାନେ ବିଦ୍ୟାଳୟକୁ ଯାଇପରୁଛନ୍ତି ବୋଲି ଉପସ୍ଥିତ ବ୍ୟକ୍ତି



ବିଶେଷମାନେ ମତ ପ୍ରକାଶ କରିଥିଲେ। ଆଗାମୀ ଦିନରେ କ୍ରେଚ୍ ସେଣ୍ଟରରେ ଶିଶୁପ୍ରିୟ ଶୌଚାଳୟ, ସେଣ୍ଟର ଚତୁର୍ପାଶ୍ୱ ବାଡ, ସ୍ଥାୟୀ କ୍ରେଚ୍ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରେଖା ଶୁଭ ସୁନ୍ଦର ଶିଶୁଘର କାର୍ଯ୍ୟକ୍ରମ ବିଷୟରେ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନ୍ଧ୍ରିମାଳ, ପେଡ଼ାକୋଣ୍ଡା ଏବଂ ଚାଲାନଗୁଡା ପଞ୍ଚାୟତର ସରପଞ୍ଚ ଘାଶି ନାୟକ, ଲାକ୍ମା କବାଶି ଓ ଅରକ୍ଷିତ ନାୟକ ଯୋଗଦେଇ ସ୍ଥାୟୀ କ୍ରେଚ୍ ଗୃହ ନିର୍ମାଣ ପାଇଁ ପଞ୍ଚାୟତ ସକ୍ରୀୟ ଭୂମିକା ଗ୍ରହଣ କରିବ ବୋଲି ମତ ପ୍ରକାଶ କରିଥିଲେ। ଏଥିରେ ୮ଟି ଗ୍ରାମ ପଞ୍ଚାୟତରୁ ହିତାଧିକାରୀ, ତୃଣମୂଳସ୍ତରୀୟ କର୍ମକର୍ତ୍ତା, ପଞ୍ଚାୟତ ପ୍ରତିନିଧି, ସରକାରୀ ବିଭାଗୀୟ ପ୍ରତିନିଧିଙ୍କୁ ମିଶାଇ ୨୫୦ ଜଣରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ। ଶିଶୁଗୃହ ପ୍ରକଳ୍ପ ସଂଯୋଜକ ଶେଖ୍ ଫୋଜିଲଲି ଦୌଲା ଓ ସିୱାଇଏସ୍‌ଡିର ଜିଲ୍ଲା ସଂଯୋଜକ ଦେବଜିତ ବେଉରା ଏହାର ପରିଚାଳନା କରିଥିଲେ।

## ଡୁମୁରିଗୁଡ଼ାରୁ ରାଇପାହାଡ଼କୁ ରାସ୍ତା ନିର୍ମାଣ ଆରମ୍ଭ





### ବିଦ୍ୟୁତ୍ ଓ ପାଣି, ଜଙ୍ଗଲ ଜମି ପଟ୍ଟା କେବେ?

**ନନ୍ଦପୁର, ୨୧।୩(ସମିସ)**

ବହୁଦିନ ଧରି ଚର୍ଚ୍ଚାରେ ଥିବା ରାଇପାହାଡ଼ ଗ୍ରାମର ମୌଳିକ ସମସ୍ୟା ନେଇ ପ୍ରଶାସନ ଶେଷରେ ସଚେତନ ହୋଇଛି। ଗ୍ରାମକୁ ସଂଯୋଗ କରିବା ପାଇଁ ଦୀର୍ଘଦିନର ଦାବୀ ପୂରଣ ହେବାକୁ ଯାଉଛି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନ୍ତର୍ଗତ ଡୁମୁରିଗୁଡ଼ା ଠାରୁ ରାଇପାହାଡ଼ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆଶା ଓ ଆନନ୍ଦର ଲହରୀ ଖେଳିଯାଇଛି। ବର୍ଷ ବର୍ଷ ଧରି ବିଜେଡି ଦୁର୍ଗମ ପରିସ୍ଥିତିରେ ଜୀବନଯାପନ କରୁଥିବା ଲୋକେ ବର୍ତ୍ତମାନ ସୁବିଧାର ଆଶା ଦେଖୁଛନ୍ତି। ବିଶେଷକରି ବର୍ଷା ରତୁରେ ଗ୍ରାମକୁ ଯାତାୟାତ ପୂରାପୂରି ଦୁଃସାଧ ହୋଇଯାଉଥିବା ବେଳେ ଏହି ରାସ୍ତା ଗ୍ରାମବାସୀଙ୍କ ପାଇଁ ଏକ ବଡ଼ ସହାୟତା ହେବ ବୋଲି ଆଶା କରାଯାଉଛି। ରାସ୍ତା ନିର୍ମାଣ ଆରମ୍ଭ ହୋଇଥିବା ସତ୍ତ୍ୱେ ଗ୍ରାମର ଅନ୍ୟାନ୍ୟ ମୌଳିକ ସମସ୍ୟା ଏପର୍ଯ୍ୟନ୍ତ ଅପହଞ୍ଚ ହୋଇ ରହିଛି। ଗ୍ରାମରେ ଆନ୍ଧ୍ର ବିଦ୍ୟୁତ୍ ସଂଯୋଗ ଓ ପିଇବା ପାଣି ଏବେ ପର୍ଯ୍ୟନ୍ତ ଦୁଆର ମୁହଁରେ ପଡ଼ି ରହିଛି। ତେବେ ଓଡ଼ିଶା ବିଦ୍ୟୁତ୍ ଓ ପାଣି ରାଇପାହାଡ଼ବାସୀଙ୍କ ଦ୍ୱାରା ଗାଁ ମୁହଁରୁ ଘର ଅଗଣାରେ ପଶିବା ଅପେକ୍ଷାରେ ରହିଛି। ତତ୍ ସହିତ ଓଡ଼ିଶା ଜଙ୍ଗଲ ଜମିକୁ ଓଡ଼ିଶା ମୋହର ଲାଗି ଗ୍ରାମବାସୀଙ୍କୁ କେବେ ପଟ୍ଟା ପ୍ରଦାନ କରାଯିବ ତାହାକୁ ଗ୍ରାମବାସୀ ଅପେକ୍ଷା କରିଛନ୍ତି। ତେବେ ଉଭୟ ଆନ୍ଧ୍ର ଓ ଓଡ଼ିଶା ମଧ୍ୟରେ ଦୀର୍ଘ ତିନି ବର୍ଷ ତଳେ ସହମତି, ଆଲୋଚନା ନିଷ୍ପତ୍ତି ପରେ ମଧ୍ୟ କାର୍ଯ୍ୟକାରୀରେ ବିଳମ୍ବକୁ ନେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନ ଉଠିଛି। ବର୍ତ୍ତମାନ ଉଭୟ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ ସରକାର ଉପରେ ସୀମାନ୍ତବାସୀଙ୍କ ଆସ୍ଥା ରହିଥିବା ବେଳେ ବିଳମ୍ବକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

# ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ

ବରଗଡ଼, ୨୧।୩(ସମିସ): ବରଗଡ଼ ଜିଲ୍ଲା ସଦର ମହକୁମାରେ ଅବସ୍ଥିତ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ସ୍ଥାନୀୟ ବନଖଣ୍ଡ ଅଧିକାରୀ ସରୋଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ବନ ଦିବସ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଉପ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର, ସହ ବନ ସଂରକ୍ଷକ ହର ମୋହନରଥ, ହରିଶଙ୍କର ନାଏକ ଓ ସୁବୋଧ ସାହୁ ମଞ୍ଚାସୀନ ଥିଲେ। ଜିଲ୍ଲାର ଏକ ବିଭିନ୍ନ ବନାଞ୍ଚଳରେ କାର୍ଯ୍ୟରତ ବନପାଳ, ବନରକ୍ଷୀ, ଫରେଷ୍ଟ ସ୍କ୍ୱାର୍ଡ, ପ୍ରକୃତି ପ୍ରେମୀ, କୋଶଳ ସେନା ସମସ୍ତେ ବନ ବିଭାଗର କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ମାଧ୍ୟମରେ ଜନ ସାଧାରଣଙ୍କୁ ସଚେତନ କରିଥିଲେ। ପରିକ୍ରମା କରିବା ପରେ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ପହଞ୍ଚିଥିଲେ। ଅତିଥିବୃନ୍ଦ ଚଳିତ ବର୍ଷ ବିଶ୍ୱ ବନ ଦିବସର ବିଷୟବସ୍ତୁ 'ଜଙ୍ଗଲ ଓ ଅର୍ଥନୀତି' ସମ୍ପର୍କରେ ଅତିଥିବୃନ୍ଦ ଆଲୋକପାତ କରିଥିଲେ। ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭଟଲି ବନାଞ୍ଚଳ ଅନ୍ତର୍ଗତ ଭୁକ୍ତା ସ୍ଥିତ ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲ ଓ ଭଡିଗାଁ ପଞ୍ଚାୟତ, ଘେସ ବନାଞ୍ଚଳର ବରିହାପାଲି ପଞ୍ଚାୟତ ଏବଂ ପଦମପୁର ବନାଞ୍ଚଳ ଅଧୀନ ପଞ୍ଚାୟତ ହାଇସ୍କୁଲ, ସମ୍ବଲପୁରକୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପିଏମ୍‌ଶ୍ରୀ ଜନତା ସରକାରୀ ହାଇସ୍କୁଲ, ଭୁକ୍ତାର ଇକୋ କ୍ଲବ୍ ଶିକ୍ଷକ ସଞ୍ଜୟ ଖମାରୀ ମୁଖ୍ୟ ଅତିଥିଙ୍କ ଠାରୁ ମାନପତ୍ର ସହ ପୁରସ୍କାର ଗ୍ରହଣ କରିଥିଲେ। ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟର ପ୍ରକାଶ ହୋତା ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ସହ ବନ ସଂରକ୍ଷକ ହରିଶଙ୍କର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରସାମ୍ୟ ହରାଇ ବିଲକୁ ପଶିଲା କାର୍



ଭେଡେନ, ୨୧।୩(ସମିସ): ଭେଡେନ ଥାନା ଅଧୀନ ଜାମଡୋଲ ନିକଟରେ ଭାରସାମ୍ୟ ହରାଇ ଏକ କାର ରାସ୍ତା କଡ ବିଲକୁ ଖସି ପଡ଼ିବାରୁ ଡ୍ରାଇଭର ଗୁରୁତର ହୋଇଥିବା ଜଣାପଡ଼ିଛି। ବରଗଡ଼ ପଟରୁ ଭେଡେନ ଆଡକୁ ଆସୁଥିବା ଏକ କାର (ଓଡି୦୫ଡି୦୧୮୫) ଜାମଡୋଲ ଗାଁ ଛକ ନିକଟରେ ଏକ ସାଇକଲକୁ ଧକ୍କା ଦେବା ସହିତ ଭାରସାମ୍ୟ ହରାଇ ରାସ୍ତାକଡ ବିଲ ଭିତରେ ପଶିଯାଇଥିଲା। ଫଳରେ ଡ୍ରାଇଭର ଆହତ ହୋଇଥିଲେ। ଲୋକମାନେ ଡ୍ରାଇଭରକୁ ଉଦ୍ଧାର କରି ଭେଡେନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଖବର ପାଇ ପୁଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି।

# ବୋଲେରୋ ଧକ୍କାରେ ସଫେଇ କର୍ମଚାରୀ ମୃତ

ପାଇକମାଲ, ୨୧।୩(ସମିସ)



ପାଇକମାଲରେ ଅବକାରୀ ବିଭାଗ ନିକଟରେ ଥିବା ବ୍ରିଜ ପାଖରେ ଏକ ବୋଲେରୋ ଗାଡି ଧକ୍କା ଦେବାରୁ ଘଟଣା ସ୍ଥଳରେ ଜଣେ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନରସିଂହଡା ଗାଁର ସୁନୀଲ ସିନ୍ଧୁର (୨୮)। ସେ ପରିତୋଷ ଏଜେନ୍ସି କଟକ ନାମକ କମ୍ପାନୀ ତରଫରୁ ସଫେଇ କର୍ମଚାରୀ ଭାବେ ନୃସିଂହନାଥ ମନ୍ଦିରରେ କାର୍ଯ୍ୟ

**● ୫ ଘଣ୍ଟା ନୃସିଂହନାଥ ରାସ୍ତା ବନ୍ଦ**
**● ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି**

କରୁଥିଲେ। ଆଜି ସକାଳେ ନିଜ ଡ୍ୟୁଟି ସାରି ଘରକୁ ପୁଅକୁ ଡାକ୍ତରଖାନା ନେବା ପାଇଁ ବାଇକରେ ଫେରୁଥିଲେ। ଏହି ସମୟରେ ବୋଲେରୋ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ପାଇକମାଲ ଥାନାରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ବୋଲେରୋ ଗାଡିକୁ ଥାନାରେ ରଖା ଯାଇଛି। ଡ୍ରାଇଭରର ଗୋଡ ଭାଙ୍ଗି ଯାଇଥିବାରୁ ତାକୁ ପଦ୍ମପୁର ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଯାଇଛି। ତେବେ ମୃତକଙ୍କ ପତ୍ନୀ ବବିତା ବଗର୍ତ୍ତି (୨୫), ଝିଅ ସୁନିତା ସିନ୍ଧୁର (୫) ଓ ଦୁଇ ମାସର ପୁଅଙ୍କୁ ଧରି ଅନ୍ୟ ସଫେଇ କର୍ମଚାରୀ ତଥା ମନ୍ଦିର ସିକ୍ୟୁରିଟି ଗାର୍ଡ ଓ ଜନସାଧାରଣ ମୃତଦେହ ରଖି ନୃସିଂହନାଥ ଯିବା ରାସ୍ତାକୁ ଅବରୋଧ କରିଛନ୍ତି। ମୃତକଙ୍କ ପତ୍ନୀ ୫୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି, ସ୍ୱାମୀଙ୍କ ଚାକିରି ତାଙ୍କୁ ମିଳିବା, ପିଲାମାନେ ବଡ଼ ହେବା ଯାଏଁ ପରିପୋଷଣ କରିବା, ଘରଡିହ ଯୋଗାଇ ଦେବା ଆଦି ଦାବି ନେଇ ରାସ୍ତାରେ ବସିଥିଲେ। ପଦ୍ମପୁର ଏସଡିପିଓ ପାଣ୍ଡବ ଶବର, ଅତିରିକ୍ତ ତହସିଲଦାର ଘଟଣା ସ୍ଥଳରେ ଉପସ୍ଥିତ ଆନ୍ଦୋଳନରତ ସଫେଇ କର୍ମଚାରୀଙ୍କୁ ବୁଝାସୁଝା କରିଥିଲେ। ରେଡକ୍ରସ ତରଫରୁ ୧୦ହଜାର, ନୃସିଂହନାଥ ମନ୍ଦିର ତରଫରୁ ୧୦ହଜାର ଓ ସକ୍ୟୁରିଟି ସଂସ୍ଥା ତରଫରୁ ୧୫ ହଜାର ଟଙ୍କା ଦିଆଯିବ ବୋଲି କହିଥିଲେ। ଏହାପରେ ରାସ୍ତାରୋକ ହଟି ଯାତାୟତ ସ୍ୱାଭାବିକ ହୋଇଥିଲା। ତେବେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ପଠାଯାଇଥିବା ଜଣାପଡ଼ିଛି।

# ମାଁ ସମଲେଶ୍ୱରୀଙ୍କ 'ଚନ୍ଦ୍ରଘଣ୍ଟା ବେଶ'

ବରଗଡ଼, ୨୧।୩(ସମିସ): ଧର୍ମକ୍ଷେତ୍ର ବରଗଡ଼ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ପୀଠ ଏବେ ଉତ୍ସବମୁଖର। ବାସନ୍ତିକ ନବରାତ୍ରି



ଅବସରରେ ବରଗଡ଼ ଉପକଣ୍ଠ ଗୁଡେଶିରା ଗାଁରେ ସମଲେଶ୍ୱରୀଙ୍କ ମନ୍ଦିରରେ ଆଜି ମାଁଙ୍କୁ 'ଚନ୍ଦ୍ରଘଣ୍ଟା ବେଶ'ରେ ସଜ୍ଜିତ କରାଯାଇଛି। ମାଁଙ୍କ ମସ୍ତକରେ ଅର୍ଦ୍ଧଚନ୍ଦ୍ର ଶୋଭା ପାଉଥିବା ବେଳେ ଏହି ଭବ୍ୟରୂପକୁ ଦେଖିବା ପାଇଁ ସକାଳୁ ସକାଳୁ ଗୁଡେଶିରା ସମେତ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ମାଁଙ୍କ ଏହି ରୂପର ଦର୍ଶନ କଲେ ମନରେ ଶାନ୍ତି ଓ ଶକ୍ତିର ସଞ୍ଚାର ହୁଏ ବୋଲି ଶ୍ରଦ୍ଧାଳୁ ମାନେ ମତ ପ୍ରକାଶ କରିଛନ୍ତି।

# ପୁଲିସ କବ୍‌ଜାରେ ଦୁଇ ଲୁଟେରା

ବରପାଲି, ୨୧।୩(ସମିସ): ଏକ ଲୁଟପାଟ ଘଟଣାରେ ବରପାଲି ପୁଲିସ ଆଜି ୨ ଜଣ ଲୁଟେରାଙ୍କୁ ଗିରଫ କରିଛି। ଗତ ଶୁକ୍ରବାର ବରପାଲି ଥାନା ଅଧୀନ ଅମ୍ବପତ୍ରା ଗାଁ ପିକୁଲ ଭୋଇ ସନ୍ଧ୍ୟା ସମୟରେ କଣ୍ଟାପାଲି କଲେଜରୁ ଫେରୁଥିଲେ। ଏହି ସମୟରେ ଧଉରାଖନ୍ଦା ଛକ ନିକଟରେ ୨ ଜଣ ଯୁବକ ତାଙ୍କୁ ଅଟକାଇ ଛୁରି ଦେଖାଇ ଧମକଚମକ ଦେଇଥିଲେ। ଯୁବକ ଦ୍ୱୟ ପିକୁଲଙ୍କୁ ଆକ୍ରମଣ କରି ୧୧ ହଜାର ଟଙ୍କା ଲୁଟି ନେଇ ଫେରାର ମାରିଥିଲେ। ଏହାପରେ ପିକୁଲ୍ ଘଟଣା ସମ୍ପର୍କରେ ପୁଲିସ ଥାନାରେ ଅଭିଯୋଗ ଆଣିଥିଲେ। ବରପାଲି ପୁଲିସ ପିକୁଲଙ୍କୁ ଡାକ୍ତରଖାନା ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଶନିବାର ପୁଲିସ ଘଟଣାରେ ସମ୍ପୃକ୍ତ ଯୁବକ ଦ୍ୱୟଙ୍କୁ ଗିରଫ କରି ଥାନାକୁ ଆଣି ଖୋଲତାଡ କରିଥିଲା। ସେମାନଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରି କୋର୍ଟକୁ ପଠାଇଥିଲେ। ପୁଲିସ ଦୁଇ ଅଭିଯୁକ୍ତଙ୍କ ନିକଟରୁ ୧୧୦୦୦ ଟଙ୍କା, ଗୋଟିଏ ନମ୍ବର ବିହୀନ ବାଇକ୍ ଓ ଏକ ମୋବାଇଲ୍ ଜବତ କରିଛି।

# ୩୪୦ ଲିଟର ମଦ, ୧୨୦୦ କେଜି ପୋଚ ଜବତ, ୨ ଗିରଫ

ଅମ୍ବାଭୋନା, ୨୧।୩(ସମିସ): ଅମ୍ବାଭୋନା ଥାନା ଅଧୀନ ପିକ୍ରିଝରଣ ଗାଁରେ ଅବୈଧ ଭାବେ ମହୁଆ ମଦ ତିଆରି ଖବର ପାଇ ଅମ୍ବାଭୋନା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ୨ ଜଣଙ୍କୁ ଗିରଫ କରାଯାଇଛି। ବରଗଡ଼ ଏସପି ପ୍ରହଲ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଅବୈଧ ଦେଶୀ ମଦ ତିଆରିକୁ ରୋକିବା ପାଇଁ ପୁଲିସ ନିୟମିତ ଭାବେ ଚଢ଼ଉ କରୁଛି। ଏହି ପରିପ୍ରେକ୍ଷିରେ ଶନିବାର ସକାଳେ ପିକ୍ରିଝରଣ ଗାଁରେ ଗିରିଧାରୀ ବେହେରାଙ୍କ ଘର ପଛପଟେ ବିପୁଳ ପରିମାଣରେ ମହୁଆ ମଦ ତିଆରି ହେଉଥିବା ପୁଲିସକୁ ସୂଚନା ମିଳିଥିଲା। ପୁଲିସ ଟିମ୍ ଗଠନ କରି ଉକ୍ତ ସ୍ଥଳରେ ଚଢ଼ଉ କରି ଗିରିଧାରୀ ବେହେରା (୩୪) ଓ ମୁରଲୀ ବରିହା (୪୬)ଙ୍କୁ ଧରିଥିଲା।



ସେମାନଙ୍କ ନିକଟରୁ ପ୍ରାୟ ୩୪୦ ଲିଟର ଦେଶୀ ମଦ, ୧୨୦୦ କେଜି ଅଧପକା ମହୁଲ ପୋଚ ସହ ମଦ ତିଆରିରେ ବ୍ୟବହୃତ ଅନେକ ଆଲୁମିନିୟମ ଡେକଚି, ପ୍ଲାଷ୍ଟିକ ଡ୍ରମ୍ ଓ ପାଇପ ଜବତ କରାଯାଇଛି। ଏନେଇ ଅମ୍ବାଭୋନା ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ପଦ୍ମପୁର ଶିଶୁ ମନ୍ଦିରରେ କଣ୍ଢେଇ ଦିବସ



ପଦ୍ମପୁର, ୨୧।୩(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ସଭାପତି ପୃଥ୍ୱିରାଜ ସାହୁ କଣ୍ଢେଇ ଦିବସ ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନଆଚାର୍ଯ୍ୟ ଚୈତନ୍ୟ ଭୋଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା ସମିତି ସଦସ୍ୟା ଅଲିଭା ରଥ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ଜୀବନାନନ୍ଦ ଶତପଥୀ ସଂଯୋଜନା କରିଥିବା ବେଳେ ପ୍ରାତଃ ପର୍ଯ୍ୟାୟ ପ୍ରମୁଖା ସୁଜାତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ କଣ୍ଢେଇ ପ୍ରଦର୍ଶନ ହୋଇଥିଲା। କାର୍ଯ୍ୟକ୍ରମରେ ଶତାଧିକ ଅଭିଭାବକ ଅଭିଭାବିକା ମାନେ ଯୋଗ ଦେଇଥିଲେ।

# ସିମେଣ୍ଟ ବୋଝେଇ ଟ୍ରକ୍‌ରେ ନିଆଁ

ଝାରବନ୍ଧ, ୨୧।୩(ସମିସ): ସୁକୁଲିପାହାଡ ନିକଟରେ ରାୟପୁରରୁ ପଦ୍ମପୁର ଆସୁଥିବା ଏକ ସିମେଣ୍ଟ ବୋଝେଇ ଟ୍ରକରେ ହଠାତ୍ ନିଆଁ ଲାଗିଯାଇଛି। ଏଥିରେ ଟ୍ରକର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଟ୍ରକଟି ରାୟପୁରରୁ ସିମେଣ୍ଟ ବୋଝେଇ ପଦ୍ମପୁର ଦିଗକୁ ଯାଉଥିବା ବେଳେ ସୁକୁଲିପାହାଡ ଠାରେ ହଠାତ୍ ନିଆଁ ଲାଗିଥିଲା। ଘଟଣା ସମ୍ବନ୍ଧରେ ଖବର ପାଇ ଅଗ୍ନିଶମ ବିଭାଗ ଏବଂ ଜଗଦଳପୁର ପୁଲିସ ଘଟଣାସ୍ଥଳକୁ ପହଞ୍ଚି ଅଗ୍ନିନିର୍ବାପଣ କାର୍ଯ୍ୟ ଆରମ୍ଭ କରିଥିଲେ। ଅଗ୍ନିଶମ କର୍ମଚାରୀ ମାନଙ୍କର ପରିଶ୍ରମରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ତେବେ



ଏଥିରେ କାହାରି ଶାରୀରିକ ଆଘାତ ଲାଗି ନଥିବା ବେଳେ ଓଭରଲୋଡ ଯୋଗୁଁ ଚକରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଜଗଦଳପୁର ପୁଲିସ ପକ୍ଷରୁ ଏହାର ଅଧିକ ତଦନ୍ତ ଆରମ୍ଭ କରାଯାଇଥିବା ସୂଚନା ରହିଛି।

# ସମବାୟ ଆନ୍ଦୋଳନ ଓ ଓଡ଼ିଆ ଅସ୍ମିତାର ପୁରୋଧା ଥିଲେ କୃତାର୍ଥ ଆଚାର୍ଯ୍ୟ



ବରଗଡ଼, ୨୧।୩(ସମିସ): ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ବୁଣାକାର ମାନଙ୍କ ସମ୍ମିଳିତ ଭାବ ଓ ସ୍ୱାର୍ଥକୁ ନେଇ ଯେଉଁ ନିସ୍ୱାର୍ଥ ନିଦର୍ଶନ ପ୍ରଦର୍ଶନ କରି ଯାଇଛନ୍ତି ତାହା ହିଁ ଓଡିଆ ଅସ୍ମିତା ବୋଲି ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଆୟୋଜିତ ୧୨୭ ତମ ଜୟନ୍ତୀ ସମାରୋହରେ ମତ ପ୍ରକାଶ ପାଇଛି। ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ ଆୟୋଜିତ ସମାରୋହରେ ସ୍ମୃତି କମିଟିର ଅଧ୍ୟକ୍ଷ ଡ.ପ୍ରଦୀପ ହୋତା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଡ.ସଂଘମିତ୍ରା ମିଶ୍ର ଯୋଗ ଦେଇଥିଲେ। ନିଜସ୍ୱ ସନ୍ତାନ ବ୍ୟତୀତ ଅନେକ କନ୍ୟାର ସେ ଜନକ ଥିଲେ ବୋଲି ଅଭିହିତ କରିଥିଲେ। ମୁଖ୍ୟ ଅତିଥି ପ୍ରସନ୍ନ ଦାଶ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ କେବଳ ଭାରତ ନୁହେଁ ଦେଶ ବାହାରେ ମଧ୍ୟ ସମ୍ବଲପୁରୀ ବସ୍ତ୍ରକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରାଇବାରେ ସଫଳ ହୋଇଥିବା କହିବା ସହ ବିଶ୍ୱ ଦରବାରରେ ବରଗଡ଼ର ଗୌରବ ବୃଦ୍ଧି କରିଥିବା ଉଲ୍ଲେଖ କରିଥିଲେ। ଏଥିସହିତ ବରକୁଲ ସ୍ଥିତ ଓଡ଼ିଶା ଆର୍ଟ ମ୍ୟୁଜିଅମ୍‌ରେ ହସ୍ତତନ୍ତର ଏକ ଗ୍ୟାଲେରୀକୁ କୃତାର୍ଥ ଆଚାର୍ଯ୍ୟଙ୍କ ନାମରେ ନାମିତ କରିବା ଓ ଜଗତସିଂପୁର ଜିଲ୍ଲା ଓଡ଼ିଶାଗଡ଼ ସ୍ଥିତ ପ୍ରଫୁଲ୍ଲ ପାଠାଗାରରେ କୃତାର୍ଥ ଆଚାର୍ଯ୍ୟ ବକ୍ତୃତାମାଳାର ଆୟୋଜନ କରିବା ପାଇଁ ଘୋଷଣା କରିଥିଲେ। ଏହି ଅବସରରେ କୃତୀ ବୁଣାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗୀତାଳୟ ବରଗଡ଼ର କଳାକାର ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ପ୍ରଫେସର ସୁଜିତ୍ ପୃଷେଠ, ସମ୍ବଲପୁରୀ ବସ୍ତ୍ରାଳୟର ସଭାପତି ସମ୍ବିଦ୍ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ୍ ଥିଲେ। ପରିଚାଳନା ନିର୍ଦ୍ଦେଶକ ଦେବଜୀତ ନନ୍ଦୀ ବିବରଣୀ ପଠନ ଓଏସଡି ହେମନ୍ତ ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଶରତ ଲାଲ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ବିଦ୍ୟାଳୟର ବାର୍ଷିକ ଉତ୍ସବ








ବରଗଡ଼, ୨୧।୩(ସମିସ)

ପଦ୍ମଶ୍ରୀ ଡ.କୃତାର୍ଥ ଆଚାର୍ଯ୍ୟଙ୍କ ୧୨୭ ତମ ଜନ୍ମ ଜୟନ୍ତୀ ଅବସରରେ ପିକେଏ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ଚେୟାରମ୍ୟାନ ପ୍ରସନ୍ନ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ୩୨ତମ ବାର୍ଷିକୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଆଇଆଇଏମ୍ ଡାଇରେକ୍ଟର ଡ.ମହାଦେଓ ଜୟସ୍ୱାଲ ଓ ସମ୍ମାନିତ ଅତିଥି ଭାବେ ବରଗଡ଼ ଏସିସି ଆଦାନୀ ପ୍ଲାଣ୍ଟ ମ୍ୟାନେଜର ଇଞ୍ଜିନିୟର ସୁକାନ୍ତ ସାମନ୍ତ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଶିକ୍ଷାନୁଷ୍ଠାନ ସମୂହ ଚେୟାରମ୍ୟାନ ପ୍ରସନ୍ନ ଆଚାର୍ଯ୍ୟ, ସମ୍ପାଦକ ତଥା ଡିପ୍ଲୋମା ଇଞ୍ଜିନିୟରିଂର ଅଧ୍ୟକ୍ଷ ଡ.ତରୁଣ ଷଡଙ୍ଗୀ, କୋଷାଧ୍ୟକ୍ଷ ଜୟପ୍ରକାଶ ଅଗ୍ରୱାଲ, ଡିଗ୍ରୀ ଇଞ୍ଜିନିୟରିଂ ଅଧ୍ୟକ୍ଷ ଭରତ ଭୂଷଣ ଶତପଥୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅଧ୍ୟାପକ ଶୁଭାଶିଷ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଉପେନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ.ଭରତ ଭୂଷଣ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମର ସଭାପତି ଶ୍ରୀ ଆଚାର୍ଯ୍ୟ ଛାତ୍ର ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ଜୟ ପ୍ରକାଶ ଅଗ୍ରୱାଲ ପଦ୍ମଶ୍ରୀ ଡ.କୃତାର୍ଥ ଆଚାର୍ଯ୍ୟଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଆୟୋଜିତ ଟେକଫେଷ୍ଟ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ତରଫରୁ ୪୭ଟି ଟେକ୍ନିକାଲ ପ୍ରୋଜେକ୍ଟ ପ୍ରଦର୍ଶିତ ହୋଇଥିଲା। ଟେକଫେଷ୍ଟରେ ଏସଇଇସି, ଟିପିଡବ୍ଲ୍ୟୁଓଡିଏଲ ବରଗଡ଼ର ଇଞ୍ଜିନିୟର ଦେବଦତ୍ତ ସବ୍ୟସାଚୀ ମିଶ୍ର ଓ ଏସିସି ଆଦାନୀ ବରଗଡ଼ ମ୍ୟାନେଜର ଅତାବଳୀ ମଣ୍ଡଳ ସମ୍ମାନିତ ଅତିଥି ତଥା ବିଚାରକ ଭାବେ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଅନୁଷ୍ଠାନର ଅଧ୍ୟାପକ ଶୁଭସ୍ମିତା ଭୋଇ, ସୁନୀତା ମହାପାତ୍ର, ସଞ୍ଜିତା ଆଚାର୍ଯ୍ୟ, ବନ୍ଦିତା ପଣ୍ଡା, ସନ୍ତୋଷ ଶମିଲା, ଶାଶ୍ୱତ ସୁମନ ଶର୍ମା, ଆଶୀଷ ବେହେରା ଶେଷରେ ଉପେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

**ପଦ୍ମପୁର:** ପଦ୍ମପୁର ଉପଖଣ୍ଡ ଅଧୀନ ଆଦିବାସୀ ଉଚ୍ଚ ବିଦ୍ୟାଳୟ ସର୍ଗିବାହାଲର ବାର୍ଷିକ ଉତ୍ସବ ସମର୍ପଣ ପ୍ରଧାନ ଶିକ୍ଷକ ସନ୍ଧ୍ୟାରାଣୀ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଅଞ୍ଚଳ ମହାବିଦ୍ୟାଳୟ ଅଧ୍ୟକ୍ଷ ଖଗେଶ୍ୱର ଦାଶ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜ୍ଞାନ ଶିକ୍ଷା ନିରୀକ୍ଷକ ଧୀରଜ ପଟ୍ଟନାୟକ, ଏବିଡିଓ ମେନକା ମେହେର, ଅବସରପ୍ରାପ୍ତ ଏବିଇଓ ଜୟ ସାହୁ, ବିଦ୍ୟାଳୟ ପରିଚାଳନା ସଭାପତି ଜୟନ୍ତୀ ମେହେର, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଚନ୍ଦ୍ରମୋହନ ମେହେର ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଗୋବର୍ଦ୍ଧନ ବରିହା ମଞ୍ଚ ସଂଯୋଜନା କରିଥିବା ବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଦଶମ ଶ୍ରେଣୀ ଛାତ୍ରୀ ରିଙ୍କୁ ସୁନାଙ୍କୁ ନୀଳକଣ୍ଠ ସ୍ମୃତି ସମ୍ମାନ, ବୈଷ୍ଣବୀ ବେହେରାଙ୍କୁ ବୃନ୍ଦାବତୀ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ 'ରାମରାଏଜ' ପରିବେଷିତ ହୋଇଥିଲା। ବରଗଡ଼ ସାମାଜିକ ଅନୁଷ୍ଠାନ




ନିଷ୍ଠା ପରିବାର ଓ ବିର୍ସାମୁଣ୍ଡା ଆଥଲେଟିକର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

**ଗାଇସିଲେଟ:** ପିଏମ୍‌ଶ୍ରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଗାଇସିଲେଟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ମୁଖ୍ୟବକ୍ତା ଡ.ସୁନିଲ ପଣ୍ଡା, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିଲ ବେହେରା ଉପସ୍ଥିତ ଥିଲେ। ଗତବର୍ଷ ଶ୍ରେଷ୍ଠ ଫଳାଫଳ ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ପଦ୍ମପୁର:** ବରଗଡ଼ ଜିଲ୍ଲା ରାଜବୋରାସମ୍ବର ବ୍ଲକ ଅଧୀନ ନବପ୍ରଭାତ ଆଶ୍ରମ ନୂଆପାଲି ଠାରେ ବିଦ୍ୟାୟତନର ୮ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ବୈଦିକ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଡା.ଯଦୁମଣି ନାଏକ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତେଜରାଜ ସାହୁ, ନବପ୍ରଭାତ ବୈଦିକ ବିଦ୍ୟାପୀଠର ପ୍ରଧାନଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଲେଖକ ତଥା ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ମୃତିଶିଖା ପ୍ରଧାନ ଏବଂ ସୁଧାରାଣୀ ଦୋରା ମଞ୍ଚ ପରିଚାଳନା କରିଥିଲେ। ଚଳିତ ଶିକ୍ଷା ବର୍ଷର କୃତୀ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ତଥା ସହଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀପକ ଭୋଇଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ସିନ୍ଦୂର' ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକ ତଥା ଶିକ୍ଷୟିତ୍ରୀ ପ୍ରବୀଣ ଦେବତା, ମାନସ ଗଡ଼ତିଆ, ଦୟାନିଧି ସାହୁ, ଦୁଷ୍ମନ୍ତ ପଧାନ, ନେତ୍ରାନନ୍ଦ ମହାପାତ୍ର, ପ୍ରବୀଣା ବରାଲ, ରଶ୍ମିତା ପଣ୍ଡା, ସୁନିତା ସାହୁ, ବର୍ଷା ଭୋଇ, ବିଜୟିନୀ ବିଶ୍ୱାଳ, ରଶ୍ମିରେଖା ଥାପା, ସେବତୀ ସାହୁ, ଯାଜ୍ଞସେନି ସାହୁ, ସଞ୍ଜା ବେହେରା, ଇଲାବତୀ ସାହୁ, ବର୍ଷାରାଣୀ ବହିଦାର ତଥା ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଦେବାଶିଷ ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବିଦ୍ୟାଳୟର ପରିଚାଳକ ନିର୍ଦ୍ଦେଶକ ରବି ଶଙ୍କର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମକେନ୍ଦ୍ରର ପ୍ରତିଷ୍ଠା ଦିବସ

**● ଡ.କୃତାର୍ଥ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ**



ଅମ୍ବାଭୋନା, ୨୧।୩(ସମିସ): ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଭୁକ୍ତା ସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଶିଳ୍ପ ତାଲିମ କେନ୍ଦ୍ର ଠାରେ ଶନିବାର ଅନୁଷ୍ଠାନର ୨୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ଆମନ୍ତ୍ରିତ ଅତିଥି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ଶିକ୍ଷାବିତ୍ ପ୍ରଦୀପ ହୋତା ତଥା ପିକେଏଜିଆଇର ଚେୟାରମ୍ୟାନ ପ୍ରସନ୍ନ ଆଚାର୍ଯ୍ୟଙ୍କ କରକମଳରେ ସ୍ୱର୍ଗତଃ ପଦ୍ମଶ୍ରୀ ଡ.କୃତାର୍ଥ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଗଲା। ଜୟନ୍ତୀ ସଭାରେ ପିକେଏଜିଆଇର ଚେୟାରମ୍ୟାନ ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସାଂସଦ ଶ୍ରୀ ପୁରୋହିତ ଦେଶ ଗଠନରେ ଛାତ୍ର ମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଡ.କୃତାର୍ଥ ଆଚାର୍ଯ୍ୟ କେବଳ ଏକ ବ୍ୟକ୍ତି ନୁହନ୍ତି ବରଂ ଏକ ଅନୁଷ୍ଠାନ ବୋଲି ଅବିହିତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ସ୍ତମ୍ଭକାର ଡ.ପ୍ରଦୀପ ହୋତା ସ୍ୱର୍ଗତଃ କୃତାର୍ଥ ଆଚାର୍ଯ୍ୟଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆମ୍ବାଭୋନା ବ୍ଲକ ଚେୟାରମ୍ୟାନ କିର୍ତ୍ତିଚନ୍ଦ୍ର ଦୁଆନ, ଭଟଲି ବ୍ଲକ ଚେୟାରମ୍ୟାନ ନିତ୍ୟାନନ୍ଦ ପ୍ରଧାନ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ ଜଣ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଗଲା। ଜିଲ୍ଲାସ୍ତରୀୟ ଏକ ଆଇଟିଆଇ ଟ୍ରେଡ ଫେଷ୍ଟ ଆୟୋଜନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୭ଟି ଆଇଟିଆଇ ଯୋଗଦାନ କରି ସର୍ବମୋଟ ୨୦ଟି ବୈଷୟିକ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ସଭାରେ ଅନୁଷ୍ଠାନର ସଂଯୋଜକ ସରୋଜ ମାଝୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁଷ୍ଠାନର ଅଧ୍ୟକ୍ଷ ରବୀନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିର ଭୁକ୍ତାର ଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିବା ବେଳେ ସତ୍ୟବାନ ଦେହେରି ସଭା ପରିଚାଳନା କରିଥିଲେ।

● ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣା

# ‘ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ଦିଆଯାଉ’

ଢେଙ୍କାନାଳ, ୨୧।୩(ସମିସ): କାମାକ୍ଷାନଗର ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାର ଉଚ୍ଚସ୍ତରୀୟ ତଥା ନିରପେକ୍ଷ ତଦନ୍ତ କରି ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଏଆଇଡିଏସଓ ପକ୍ଷରୁ ଦାବି କରାଯାଇଛି। ସଙ୍ଗଠନର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ତଥା ଢେଙ୍କାନାଳ ଜିଲ୍ଲା ସଂଯୋଜକ ବିନୋଦ ସେଠୀ ଏକ ପ୍ରେସ ବିବୃତିରେ କହିଛନ୍ତି ଯେ ଗୋଟିଏ ପଟେ ପ୍ରଶାସନିକ ଅବ୍ୟବସ୍ଥା ତଥା ସମସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥା ଦିଗହରା ହୋଇଥିବା ବେଳେ ଅନ୍ୟପଟେ ଅଶ୍ଳୀଳତା, ନଗ୍ନତା, ଅପସଂସ୍କୃତି ଓ ମାଦକ ଦ୍ରବ୍ୟର ବ୍ୟାପକ ପ୍ରଚାର ପ୍ରସାର ଫଳରେ ଯୁବ ସମାଜ ମାନସିକ ଭାରସାମ୍ୟ ହରାଉଛି। ସେହିପରି ନିକୃଷ୍ଟ ଭୋଗବାଦୀ ସଂସ୍କୃତିର ପ୍ରସାର ଓ ନୀତିନୈତିକାର ଚରମ ସଙ୍କଟ ଯୋଗୁଁ ଯୁବସମାଜ ସ୍ୱାର୍ଥପର ଓ ଆତ୍ମକୈନ୍ଦ୍ରିକ ହୋଇପଡୁଛି। ଏହାର ପରିଣତିରେ ରାଜ୍ୟରେ ନାରୀ ନିର୍ଯାତନା, ଦୁଷ୍କର୍ମ ଓ ହତ୍ୟା ତୀବ୍ରରୂପ ଧାରଣ କରୁଛି। ଏଣୁ ମୃତ ଛାତ୍ରୀଙ୍କ ପରିବାରକୁ ନ୍ୟାୟଦେବା ତଥା ଏହି ପରିସ୍ଥିତିର ମୁକାବିଲା ପାଇଁ ସରକାର ଉପଯୁକ୍ତ ପଦକ୍ଷେପ ନେବାରେ ଅବହେଳା କଲେ ଛାତ୍ର ଆନ୍ଦୋଳନକୁ ଶକ୍ତିଶାଳୀ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

# ମହିଳାଙ୍କୁ ହତ୍ୟା ଅଭିଯୋଗ

ହିନ୍ଦୋଳ/ଖଜୁରିଆକଟା, ୨୧।୩(ସମିସ): ହିନ୍ଦୋଳ ଥାନା କନ୍ତାମିଲା ପଞ୍ଚାୟତ ଧୋବଣୀନନ୍ଦର ଗ୍ରାମରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ଗ୍ରାମର ବୁଲା ସାହୁଙ୍କ ସ୍ତ୍ରୀ ଉତ୍ତମ ସାହୁ (୫୭)। ଅଭିଯୋଗ ଅନୁଯାୟୀ, ଶନିବାର ସକାଳ ୮ଟାରେ ଉତ୍ତମ ଗ୍ରାମର ଶଗରା ବିଲ ନିକଟ ମହୁଲଗଛ ନିକଟକୁ ଯାଇଥିଲେ। ଏହି ସମୟରେ ଗ୍ରାମର କୁନୁ ପରିଡ଼ା ଓ ତାଙ୍କର କିଛି ସହଯୋଗୀ ସେଠାରେ ପହଞ୍ଚିଥିଲେ। ପୂର୍ବ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହି ବଚସା ଉଗ୍ରରୂପ ଧାରଣ କରିଥିଲା। କୁନୁ ପରିଡ଼ା ଓ ତାଙ୍କ ସହଯୋଗୀ ଠେଙ୍ଗାରେ ଉତ୍ତମଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ହିନ୍ଦୋଳ ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଉତ୍ତମଙ୍କ ପୁଅ ତରଣୀସେନ ସାହୁ ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ଥାନା ଅଧିକାରିଣୀ ମମତା ସାମନ୍ତରାୟ ଘଟଣାର ତଦନ୍ତ କରୁଛନ୍ତି। ହିନ୍ଦୋଳ ଏସ୍‌ଡିପିଓ ସତ୍ୟକୁମାର ନନ୍ଦ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ସୂଚନାଯୋଗ୍ୟ, ଉତ୍ତମଙ୍କ ଘରଡିହ ତଥା ଜମିବାଡ଼ିକୁ କେନ୍ଦ୍ରକରି ଗ୍ରାମର ଅନ୍ୟ ପରିବାର ମଧ୍ୟରେ ବିବାଦ ଲାଗି ରହିଥିଲା।

## କାମାକ୍ଷାନଗର କଲେଜ ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣା

# ଧରାପଡ଼ିଲା ମୁଖ୍ୟ ଅଭିଯୁକ୍ତ

କାମାକ୍ଷାନଗର, ୨୧।୩(ସମିସ)

ବହୁଚର୍ଚ୍ଚିତ କାମାକ୍ଷାନଗର ମହିଳା କଲେଜ ଯୁକ୍ତ ଦୁଇ ପ୍ରଥମବର୍ଷ ଛାତ୍ରୀ ଦୁଷ୍କର୍ମ ଓ ହତ୍ୟା ଘଟଣାର ତିନିଦିନ ପରେ ମୁଖ୍ୟ ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଛି ପୁଲିସ। ସେ ହେଲେ କାମାକ୍ଷାନଗର ଥାନା ସାଆନ୍ତାରାପୁର ଗ୍ରାମର ଗଙ୍ଗାଧର ପାତ୍ର (ଜଗା)। ଜଗାକୁ ଗିରଫ ପରେ ପୁଲିସ ସିନ ରିକ୍ରିଏସନ କରାଇଛି। ସିନ ରିକ୍ରିଏସନ ସମୟରେ ପୁଲିସ ଆଗରେ ଦୁଷ୍କର୍ମ ଓ ହତ୍ୟା ଘଟଣାର ସମ୍ପୂର୍ଣ୍ଣ କାହାଣୀ କହିଛି ଜଗା।

### ସିନ ରିକ୍ରିଏସନ ବେଳେ ସତ ଉଗାଳିଲା

ଜଗା ପୁଲିସକୁ ଦେଇଥିବା ସୂଚନା ଅନୁଯାୟୀ, ଛାତ୍ରୀ ଜଣକ ୧୮ ତାରିଖ ବୁଧବାର କଲେଜରୁ ପରୀକ୍ଷା ଦେଇ କାମାକ୍ଷାନଗର ସହର ଜଗନ୍ନାଥ ବଜାର ଛକରେ ଛିଡ଼ା ହୋଇଥିଲେ। ଏହି ସମୟରେ ଜଗା ଏକ କାର ଯୋଗେ ସେଠାରେ ପହଞ୍ଚି ଛାତ୍ରୀଙ୍କୁ ସହର ନିକଟ ପଲ୍ଲୀ ଗ୍ରାମ ଜଙ୍ଗଲକୁ ନେଇଯାଇଥିଲା। ସେଠାରେ ଜଗା ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିଲା। ଫଳରେ ଛାତ୍ରୀଙ୍କର ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। କିଛି ଅଘଟଣ ଆଶଙ୍କାରେ ଜଗା ଛାତ୍ରୀଙ୍କୁ କାମାକ୍ଷାନଗର ସହରକୁ ଆଣିଥିଲା। ମହିମାଟୁଙ୍ଗି ନିକଟରେ ପହଞ୍ଚିବା ପରେ ଛାତ୍ରୀଙ୍କ ପାଇଁ ନୂଆ ପ୍ୟାଣ୍ଟ ଓ ସାନିଟାରି ନାପକିନ ମଗାଇ ପୁଣି ଜଙ୍ଗଲକୁ ନେଇଯାଇଥିଲା। ତେବେ ଜଙ୍ଗଲରେ ପହଞ୍ଚିବା ପରେ ହଠାତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବା ସହ ଅତ୍ୟଧିକ ରକ୍ତସ୍ରାବ ହୋଇଥିଲା। ଫଳରେ ସେଠାରେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ପରେ ଜଗା କୌଣସି ଉପାୟ ନ ପାଇ ପଲ୍ଲୀ ଗ୍ରାମ ଜଙ୍ଗଲରୁ ରାମେଶ୍ୱର ମନ୍ଦିର ରାମିଆଳ ନଦୀ ପଠାରେ ପହଞ୍ଚି ସେଠାରେ ଛାତ୍ରୀଙ୍କ ପାଇଁ କିଣିଥିବା ନୂଆ ପ୍ୟାଣ୍ଟ, ସାନିଟାରୀ ନାପକିନ ଫିଙ୍ଗି ଦେଇଥିଲା। କାର ଯୋଗେ ମୃତଦେହ ନେଇ ରାତି ପ୍ରାୟ ୧୧ଟାରୁ ୧୨ଟା ମଧ୍ୟରେ ସାରୁଆଳି ଗାଁ ନିକଟ ଜଙ୍ଗଲରେ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲା। ଏହି ଘଟଣାରେ ଶୁକ୍ରବାର ପୁଲିସ ତିନିଜଣଙ୍କୁ ଅଟକ ରଖି ପଚରାଉଚରା କରିବା ସହ ଦୁଷ୍କର୍ମ ଓ ହତ୍ୟାରେ ବ୍ୟବହୃତ କାର୍ ଜବତ କରିଥିଲା। ଶନିବାର ଜଗାକୁ ଢେଙ୍କାନାଳ-କେଉଁଝର ଜିଲ୍ଲା ସୀମାରୁ ଜଣେ ସମ୍ପର୍କୀୟଙ୍କ ଘରୁ ଧରିବାରେ ସକ୍ଷମ ହୋଇଛି।





# ପୀଠରେ ବାସନ୍ତିକ ଦୁର୍ଗାପୂଜା



ଢେଙ୍କାନାଳ, ୨୧।୩(ସମିସ): ସ୍ଥାନୀୟ ଦେଉଳସାହିସ୍ଥିତ କୁବୁଲି ଟାଉନ୍ କନକଦୁର୍ଗା ପୀଠରେ ବାସନ୍ତିକ ଦୁର୍ଗାପୂଜା ଜାରି ରହିଛି। ଗୁରୁବାର ସ୍ଥାନୀୟ କମଗରା ଘାଟରୁ ପୂଜାର୍ଚ୍ଚନା କରାଯାଇ କଳସ ଯାତ୍ରା ପରେ ଅଧିବାସ ପୂଜା ଆରମ୍ଭ ହୋଇଥିଲା। ପରେ ଦେବୀସୁକ୍ତେନ ମହାସ୍ନାନ, ସୂର୍ଯ୍ୟପୂଜା, ମଣ୍ଡଳାଦି ଦେବତା ଆବାହନ, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀପାଠ, ଶିବାଭିଷେକ, ପାର୍ବତ୍ୟାଗ୍ନି ସଂସ୍କାର ଓ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ୨୬ ତାରିଖ ପୂର୍ଣ୍ଣାହୁତି ଓ ୨୭ ତାରିଖ ବାସନ୍ତିକ ଦଶହରା ଓ ଅପରାଜିତା ପୂଜା ଅନୁଷ୍ଠିତ ହେବ।

ଢେଙ୍କାନାଳ, ୨୧।୩(ସମିସ): ସ୍ଥାନୀୟ କୈବଲ୍ୟ ବଜାର ଗାୟତ୍ରୀ ଶକ୍ତିପୀଠରେ ବାସନ୍ତିକ ନବରାତ୍ର ମହୋତ୍ସବ ୨୦୨୬ ପରମ ପୂଜ୍ୟ ଗୁରୁଦେବ ଯୁଗଦ୍ରଷ୍ଟା, ତପୋନିଷ୍ଠ, ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଓ ପରମ ବନ୍ଦନୀୟା ମାତା ଭଗବତୀ ଦେବୀ ଶର୍ମାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ପୂଜା ଅନୁଷ୍ଠିତ ହେଉଥିବାବେଳେ ୧୯ ତାରିଖ ଗୁରୁବାର ନବରାତ୍ର ସଙ୍କଳ୍ପ ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ୨୬ ତାରିଖ ଶୁକ୍ରବାର ଯଜ୍ଞ ସହ ପୂର୍ଣ୍ଣାହୁତି ଓ ପ୍ରସାଦସେବନ ଅନୁଷ୍ଠିତ ହେବ।



# ଜଳବାୟୁ ଓ ଶବ୍ଦ ପ୍ରଦୂଷଣ ଉଦ୍‌ବେଗଜନକ

ଢେଙ୍କାନାଳ, ୨୧।୩(ସମିସ): ଢେଙ୍କାନାଳ ଜିଲ୍ଲାରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ପୂର୍ବତନ ସାଂସଦ ମହେଶ ସାହୁ ଲିଖିତ ଅଭିଯୋଗ ଜଣାଇଛନ୍ତି। ଜଳବାୟୁ ଓ ଶବ୍ଦ ପ୍ରଦୂଷଣ ଜିଲ୍ଲାରେ ଅତ୍ୟନ୍ତ ଉଦ୍‌ବେଗଜନକ ହୋଇଛି। ଏ ନେଇ ଅନେକ ଧନଜୀବନ ନଷ୍ଟ ହେବା ସହ ବହୁ ବ୍ୟକ୍ତି ରୋଗଗ୍ରସ୍ତ ହେଉଛନ୍ତି। ଭାରତ ସରକାରଙ୍କ ନିୟମ ମୁତାବକ ଏହାର ନିୟନ୍ତ୍ରଣ ପାଇଁ ଦୃଷ୍ଟି ଆକର୍ଷଣ କରିବାସହ ଆବ୍ୟଶକ ପଦକ୍ଷେପ ନେବାକୁ ପୂର୍ବତନ ସାଂସଦ ସାହୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହାରାଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।



# ସମାଜସେବୀଙ୍କ ଦେହାନ୍ତରେ ଶୋକ



ଗଁଦିଆ, ୨୧।୩(ସମିସ): ଗଁଦିଆ ବ୍ଲକ ଷଡ଼ଙ୍ଗୀ ଗ୍ରାମର ପ୍ରାକ୍ତନ ସଭାପତି, ଷଡ଼ଙ୍ଗୀ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଷଡ଼ଙ୍ଗୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ସମ୍ପାଦକ ସମାଜସେବୀ ନବକିଶୋର ବେହେରାଙ୍କ ଦେହାନ୍ତ ହୋଇଛି। ତାଙ୍କ ବିୟୋଗରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ, ଗଁଦିଆ ସ୍ମୃତି ସଂସଦର ମୁଖ୍ୟ ଉପଦେଷ୍ଟା ଡ. ସମୀର କୁମାର ସାହୁ, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ଉପଦେଷ୍ଟା ତଥା ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ପୂର୍ବତନ ଗଁଦିଆ ବ୍ଲକ ଅଧ୍ୟକ୍ଷା କୁନିଲତା ଦେହୁରୀ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ରାସୋଳକୁ ଏନଏସି ଘୋଷଣା ଦାବିରେ ବିକ୍ଷୋଭ

ଖଜୁରିଆକଟା, ୨୧।୩(ସମିସ): ବିଜେଡି ସରକାର ସମୟରେ ରାସୋଳକୁ ଏନଏସି ଘୋଷଣା କରାଯାଇଥିଲେ ମଧ୍ୟ ତାହା କେବଳ ଘୋଷଣାରେ ସୀମିତ ରହିଗଲା। ରାଜ୍ୟରେ ବିଜେପି ସରକାର ଆସିବାରେ ବହୁ ନୂତନ ଏନଏସି ଘୋଷଣା କରିଥିଲେ ମଧ୍ୟ ଏଥିରେ ରାସୋଳର ନାଁ ନାହିଁ। ସେହିପରି ବିଜେପି ସରକାର ଆସିବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାସୋଳଠାରେ ସମସ୍ତ ଆନୁଷଙ୍ଗିକ ସୁବିଧା ଥାଇ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ନେଇ ସରକାର ବିଜ୍ଞପ୍ତି ପ୍ରକାଶ କରିବା ସହ ସ୍ଥାନ ନିରୂପଣ କରିଥିଲେ। ତେବେ ଚଳିତ ବର୍ଷଠାରୁ ନାମଲେଖା ସହ ଶିକ୍ଷାଦାନ ଆରମ୍ଭ ଦାବିରେ ରାସୋଳ ଥାନା ସମ୍ମୁଖରେ ସଚେତନ ନାଗରିକଙ୍କ ପକ୍ଷରୁ ଏକ ପ୍ରତିବାଦ ସଭା କରାଯାଇଛି। ରାସୋଳରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାକୁ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ହୋଇଥିଲେ ମଧ୍ୟ ଏଯାବତ ବିଦ୍ୟାଳୟ ଆରମ୍ଭ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ରାସୋଳ ପ୍ରତି ବୈମାତୃକ ମନୋଭାବ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ତୁରନ୍ତ ରାସୋଳକୁ ଏନ୍ଏସି ଘୋଷଣା ଓ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ କରିବାକୁ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏଥିରେ ୧୦ ପଞ୍ଚାୟତର ପ୍ରତିନିଧି, ସମାଜସେବୀ, ବୁଦ୍ଧିଜୀବୀ, ସାମ୍ବାଦିକ ଓ ସାମାଜିକ ଅନୁଷ୍ଠାନ ସାମିଲ ହୋଇଥିଲେ।



# ସରସ୍ୱତୀ ଶିଶୁ ମନ୍ଦିରର ୩ୟ ବାର୍ଷିକ ଉତ୍ସବ

ଗଁଦିଆ, ୨୧।୩(ସମିସ): ସନ୍ଥପୁର ପଞ୍ଚାୟତ ଡାଳସିଂହ ମାର୍ଥାପୁର ଗ୍ରାମସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ସନ୍ଧ୍ୟାରେ ବର୍ଣ୍ଣାଢ୍ୟ ପରିବେଶରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ଦଲେଇ, ମୁଖ୍ୟ ବକ୍ତା ଭାବେ ଗଁଦିଆ ଏବିଇଓ ସୁବାସ ଚନ୍ଦ୍ର ସ୍ୱାଇଁ, ସାମ୍ମାନିତ ଅତିଥି ଭାବେ ସନ୍ଥପୁର କ୍ଲଷ୍ଟର ସିଆରସିସି ଛାୟାକାନ୍ତ ବେହେରା, ଡାଳସିଂହ ମାର୍ଥାପୁର ଗ୍ରାମ୍ୟ କମିଟି ସଭାପତି ଶ୍ରୀବତ୍ସ ପରିଡ଼ା, ସମ୍ପାଦକ ପ୍ରମୋଦ କୁମାର ରାଉତରାୟ, ବିଧାରପୁର ଗ୍ରାମ୍ୟ କମିଟି ସଭାପତି ଭଗବାନ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ରାଉତ ଅତିଥି ପରିଚୟ ପ୍ରଦାନ ସହ ବିଦ୍ୟାଳୟର ସମସ୍ୟା ଉପରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଦ୍ୟାଳୟର କୁନି ପିଲାମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର କୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଗୁଣ୍ଡିଚାପଡ଼ାରେ ଭାଇଚାରାର ପର୍ବ ଇଦ୍-ଉଲ-ଫିତର

ଢେଙ୍କାନାଳ, ୨୧।୩(ସମିସ): ସହର ଉପକଣ୍ଠ ଗୁଣ୍ଡିଚାପଡ଼ା ଅହମଦିୟା ମୁସଲିମ ଜାମା ମସଜିଦରେ ପାଳନ ହୋଇଛି ତ୍ୟାଗ ତପସ୍ୟା ତଥା ଭାଇଚାରାର ପର୍ବ ଇଦ-ଉଲ-ଫିତର। ମୌଲବୀ ମୁଜାଫର ଖାଁ ଇଦ ନମାଜ ପାଠ କରାଇଥିଲେ। ଧର୍ମ ଉପଦେଶ ଦେଇ ଇଦ-ଉଲ-ଫିତରର ମହାନ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଇଦ୍‌ର ଏହି ପର୍ବ ପବିତ୍ର ରମଜାନ ମାସର ଘୋର ତପସ୍ୟା, ତ୍ୟାଗ ଏବଂ ବ୍ରତ ପରେ ପ୍ରାପ୍ତ ହୋଇଛି ବୋଲି ସେ କହିଥିଲେ। ଗୁଣ୍ଡିଚାପଡ଼ା ଅହମଦିୟା ମୁସଲିମ ସମ୍ପ୍ରଦାୟର ସଭାପତି ସୁଲେମାନ ଅଲୀ ଖାଁ ଇଦ୍‌ର ମହିମା ବର୍ଣ୍ଣନା କରିବାକୁ ଯାଇ କହିଲେ, ଇଦ୍ ସମାଜରେ ସ୍ନେହ, ସୌହାର୍ଦ୍ଦ୍ୟ ତଥା ଭାଇଚାରା ଆଣିଥାଏ। ଚତୁର୍ଦ୍ଦିଗରେ ସୁଖଶାନ୍ତି ଓ ସମନ୍ୱୟର ବାତାବରଣ ସୃଷ୍ଟି କରିଥାଏ। ସେବା ଓ ସାହାଯ୍ୟର ଏହି ପର୍ବ ଆମକୁ ଦୁଃଖିର ଦୁଃଖ ବୁଝିବାକୁ ଅନୁପ୍ରାଣିତ କରିଥାଏ ବୋଲି ସେ କହିଥିଲେ। ଏହି ଅବସରରେ ସ୍ଥାନୀୟ ଗ୍ରାମ ଓ ମନ୍ଦିର ପରିଚାଳନା କମିଟି ସଭାପତି, ପୂର୍ବତନ ସଭାପତି, ଗୁଣ୍ଡିଚାପଡ଼ା ସରପଞ୍ଚ, ଭାରତୀୟ ସେନାର ଅବସରପ୍ରାପ୍ତ ଯବାନ ତୋରାବ ଖାଁ, ଅୟୁବ ଖାଁ, ସଲିମଉଦ୍ଦିନ ଖାଁ, ଶେଖ୍ ବଶିର, ମୌଲବୀ ଜଲାଲ ଉଦ୍ଦିନ ଖାଁ, ମହମୁଦ ଖାଁ, ଇଦ୍ରିସ ଖାଁ, ଶେଖ୍ ମୁବଶିର, ମହିଉଦ୍ଦିନ ଖାଁ, ପୂର୍ବ ପୁଲିସ ଅଧିକାରୀ ଫର୍ଜୁଲା ଖାଁ ଓ ଯୁବ ସଙ୍ଗଠନର ଅଧ୍ୟକ୍ଷ ସୋଲେମାନ ଖାଁ ପ୍ରମୁଖ ସମସ୍ତଙ୍କୁ ଇଦର ଶୁଭେଚ୍ଛା ଜଣାଇଥିଲେ।



# ବନାଗ୍ନି ପ୍ରତିରୋଧ ସଚେତନତା ବାର୍ତ୍ତା

ଗଁଦିଆ, ୨୧।୩(ସମିସ): ଜଙ୍ଗଲ ରହିଲେ ପରିବେଶ ସୁସ୍ଥ ହେବ। ଭଲ ବୃଷ୍ଟିପାତ ହେବ। ତେବେ ଗ୍ରୀଷ୍ମପ୍ରବାହ ସମୟରେ କିଛି ଖଳ ପ୍ରକୃତିର ବ୍ୟକ୍ତି ବିଡ଼ି, ସିଗାରେଟ ପିଇ ଫିଙ୍ଗିଦେବା ଦ୍ୱାରା ସେଥିରୁ ନିଆଁ ଲାଗି ଜଙ୍ଗଲ ନଷ୍ଟ ହେଉଛି। ଏଣୁ ପ୍ରତ୍ୟେକ ଜନସାଧାରଣ ବିଶ୍ୱ ଜଙ୍ଗଲ ଦିବସ ପାଳନ ଅବସରରେ ଏପରି ନ କରିବାକୁ ଶପଥ ନେବା ଆବଶ୍ୟକ। ଜଙ୍ଗଲରେ ନିଆଁ ଲାଗିଲେ ତୁରନ୍ତ ସ୍ଥାନୀୟ ବନାଞ୍ଚଳ ଅଧିକାରୀଙ୍କୁ ଜଣାଇବା ସହ ନିଜେ ଜଙ୍ଗଲ ସୁରକ୍ଷା କରିବା ପାଇଁ ଢେଙ୍କାନାଳ ଜିଲ୍ଲା ପ୍ରକୃତିବନ୍ଧୁ ସଂଗଠନର ସମ୍ପାଦକ ପ୍ରକୃତିବନ୍ଧୁ ହରିହର ସାହୁ ନିବେଦନ କରିଛନ୍ତି।



# ଆର୍ଟ ଅଫ ସ୍ମାଇଲିଂର ପ୍ରତିଷ୍ଠା ଦିବସ



ଢେଙ୍କାନାଳ, ୨୧।୩(ସମିସ): ସଦର ବ୍ଲକ ବୋରାପଦାସ୍ଥିତ ସରକାରୀ ଆଇଟିଆଇ ପରିସରରେ ମାଷ୍ଟର ଇଂ ସୌମ୍ୟବ୍ରତ ସାହୁଙ୍କ ନେତୃତ୍ୱରେ ଅନ୍ତର୍ଜାତୀୟ ଖୁସି ଦିବସ ତଥା ଆର୍ଟ ଅଫ୍ ସ୍ମାଇଲିଂର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ୨୦୧୩ରୁ ୟୁଏନ୍‌ଓ ପକ୍ଷରୁ ମାର୍ଚ୍ଚ ୨୦ ତାରିଖ ଏହି ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଇଟିଆଇ ପରିସରରେ ଛାତ୍ରଛାତ୍ରୀ ମାନେ ହସକଥା, କୌତୁକିଆ ଅଭିନୟ, ନୃତ୍ୟ, ଗୀତ ଓ ହସାସନ ଦ୍ୱାରା ଦିବସ ପାଳନ କରିଥିଲେ। ଆଇଟିଆଇର ଟ୍ରେନିଂ ଅଫିସର ନିରୁପମା ବେହେରା ଖୁସି ଦିବସ ପାଳନର ଆବଶ୍ୟକତା ଉପରେ ମତ ରଖିଥିଲେ। ଗୁରୁଦେବଜୀ ଫାଉଣ୍ଡେସନ ଅଧ୍ୟକ୍ଷ ଇଂ ସୌମ୍ୟବ୍ରତ ସାହୁ ତାଙ୍କ ବକ୍ତବ୍ୟରେ ଖୁସି ଜୀବନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତ ପ୍ରକାଶ କରିଥିଲେ। ମହାଦେବ ବାହିନୀର ମନୋରଞ୍ଜନ ଜେନା ଜୀବନରେ ଆଧ୍ୟାତ୍ମିକତା ଓ ଭଜନ କୀର୍ତ୍ତନ ଖୁସି ପ୍ରଦାନ କରିଥାଏ ବୋଲି କହିଥିଲେ। ଆଇଟିଆଇର ଚେଞ୍ଜ ଲିଡର ଅନୀଲ କୁମାର ସାହୁ, ମହେଶ ପ୍ରଧାନ ଏବଂ ଅନ୍ୟ ତାଲିମଦାତା ଓ କର୍ମଚାରୀ ସହଯୋଗ କରିଥିଲେ।

# ପ୍ରିୟ କାର୍ଯ୍ୟାଳୟରେ ବିଶ୍ୱ ଡାଉନ ସିଣ୍ଡ୍ରୋମ ଦିବସ

ଗଁଦିଆ, ୨୧।୩(ସମିସ): ଗଁଦିଆ ବ୍ଲକ ଲାଉଲଇଠାରେ ପ୍ରିୟ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ନୂଆଦିଲ୍ଲୀ ନ୍ୟାସନାଲ ଟ୍ରଷ୍ଟ ଦ୍ୱାରା ବିଶ୍ୱ ଡାଉନ ସିଣ୍ଡ୍ରୋମ ଦିବସ ପାଳିତ ହୋଇଛି। ଏଥିରେ ପ୍ରିୟର ନିର୍ଦ୍ଦେଶକ ଟଙ୍କଧର ବାରିକ ଡାଉନ ସିଣ୍ଡ୍ରୋମ ଭିନ୍ନକ୍ଷମମାନଙ୍କ ଲକ୍ଷଣ ସମ୍ବନ୍ଧରେ ବୁଝାଇଥିଲେ। ମୁଖ୍ୟଅତିଥି ଭାବେ ଫିଜିଓଥେରାପିଷ୍ଟ ସାହିଲ ଆଫ୍ରିଡ, ପ୍ରକଳ୍ପ ସଂଯୋଜିକା ଇଲନପ୍ରଭା ସେନାପତି ଛବି ଓ ଚିତ୍ରାଙ୍କନ ମାଧ୍ୟମରେ ଶିକ୍ଷାଦାନ ସମ୍ବନ୍ଧରେ ବୁଝାଇଥିଲେ। ସମସ୍ତ ଶିଶୁଙ୍କୁ ବିସ୍କୁଟ, ପ୍ରୋଟିନ, ଔଷଧ ବଣ୍ଟନ କରାଯାଇଥିଲା। ମା’ମାନଙ୍କୁ ଦିବ୍ୟାଙ୍ଗ ପିଲାଙ୍କ ସଠିକ୍ ଦାୟିତ୍ୱ ନେବା ନିମନ୍ତେ ଫିଜିଓଥେରାପିଷ୍ଟ ନିବେଦିତା ନାୟକ ପରାମର୍ଶ ଦେଇଥିଲେ। ସତ୍ୟପ୍ରକାଶ ନାୟକ, ବର୍ଷାରାଣୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ବେହେରା, ସୌଭାଗ୍ୟଲକ୍ଷ୍ମୀ ତରାଇ, ଅନ୍ନପୂର୍ଣ୍ଣା ଧଳ, ସ୍ୱାଗତିକା ରାଉତ, କୁସୁମିତା ବାଗ, ଲିପ୍ସା ସାହୁ, ସାବିତ୍ରୀ ସାହୁ, ବୈକୁଣ୍ଠନାଥ ପାତ୍ର, ରବୀନ୍ଦ୍ର କୁମାର ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# ଗଁଦିଆ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଗଁଦିଆ, ୨୧।୩(ସମିସ)




ଗଁଦିଆ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଅରୁଣ କୁମାର ଓଝାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସକାରାତ୍ମକ ସ୍ୱପ୍ନ ଦେଖି ମଣିଷ ପରି ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଗଁଦିଆ ବିଡିଓ ପବିତ୍ର କୁମାର ବେହେରା ଯୋଗଦେଇ ମଣିଷ ଜୀବନ ସବୁଠାରୁ ଶ୍ରେଷ୍ଠ ଜୀବନ ହୋଇଥିବାରୁ ଭଲ କାମ କରି ଜୀବନ ସୁଖମୟ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡା. ମହେଶ ପ୍ରସାଦ ରାଉତ, ଅବସରପ୍ରାପ୍ତ ସହକାରୀ ବନ ସଂରକ୍ଷକ ଉପେନ୍ଦ୍ର କୁମାର ରାଉତ, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଅମୀୟ କୁମାର ଜେନା, ଭାରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଧର ପରିଡ଼ା ଯୋଗଦେଇଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ହରିହର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅର୍ଚ୍ଚନା ସାହୁ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଶିକ୍ଷକ ମନୋଜ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାତି ମିଶ୍ର, ମାମିନା ପୃଷ୍ଟି ଶ୍ଳୋକ ପାଠ କରିଥିଲେ। ଶିକ୍ଷକ କୋଦଣ୍ଡଧର ସାହୁ, ଦୁଷ୍ମନ୍ତ ସେଠୀ, ସନ୍ତୋଷ କୁମାର ପୃଷ୍ଟି, ନିର୍ମଳ ସାହୁ, ନୀହାରିକା ପାତ୍ରଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ‘ଆପ୍’ ପକ୍ଷରୁ ବିଶ୍ୱ ପଖାଳ ଦିବସ ପାଳିତ

ଢେଙ୍କାନାଳ, ୨୧।୩(ସମିସ): ଆମ ଆଦମୀ ପାର୍ଟି (ଆପ୍) ପକ୍ଷରୁ ଜିଲ୍ଲା ସଭାପତି ରମେଶ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଛି। ପ୍ରଥମେ କାମାକ୍ଷାନଗରରେ ମୃତ କଲେଜ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସମ୍ପର୍କରେ ଆଇନଜୀବୀ ରବୀନ୍ଦ୍ର ମୋହନ ତ୍ରିପାଠୀ ଆଲୋଚନା କରିଥିଲେ। ରାଜ୍ୟ ସଙ୍ଗଠନ ସମ୍ପାଦକ ଭରତ କୁମାର ଦାସ, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଜିଲ୍ଲାର ସମସ୍ତ ଜିଲ୍ଲାପରିଷଦ ଜୋନ୍‌ରେ ପ୍ରାର୍ଥୀ ଚୟନ ଓ ନିର୍ବାଚନ ଲଢ଼ିବା ସମ୍ପର୍କରେ ଗୁରୁମନ୍ତ୍ର ଦେଇଥିଲେ। ରାଜ୍ୟ ସୋସିଆଲ ମିଡିଆ ପ୍ରଭାରୀ ବିଷ୍ଣୁପ୍ରସାଦ ପଣ୍ଡା ସୋସିଆଲ ମିଡିଆର ପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଜିଲ୍ଲା କୋଷାଧ୍ୟକ୍ଷ କବିଜ୍ୟୋତି ନିରଞ୍ଜନ ପତି, ସମ୍ପାଦକ ଅନିଲ ସାମଲ, ସଦର ନିର୍ବାଚନ ମଣ୍ଡଳୀ ସଭାପତି ଚିତ୍ତରଞ୍ଜନ ପାଣି, ଭରତ ସେନାପତି, ସୁନୀଲ ସାହୁ, ରଞ୍ଜୁବାଳା ନାଏକ, ରାଜନନ୍ଦିନୀ ହୋତା, ଅଞ୍ଜଳି ମହାନ୍ତି, ରୁକ୍ମିଣୀ ଦଳେଇ, ଶେଷଦେବ ବେହେରା, ପରଜଙ୍ଗ ବ୍ଲକ ସଭାପତି ବିଭୁରଞ୍ଜନ ସାହୁ, ସୁଜିତ ନାଏକ, ଅନିଲ ନାୟକ, ଜୟଦେବ ବେହେରା, ପୀତାମ୍ବର ସାମନ୍ତରାୟ, ପ୍ରସନ୍ନ ବରାଳ, ସୁଧନ୍ୟ ନାଏକ ପ୍ରମୁଖ ଯୋଗଦେଇ ଓଡ଼ିଆଙ୍କ ପ୍ରଧାନ ଖାଦ୍ୟ ପଖାଳ ପ୍ରତି ଆମର ନିବିଡ଼ତା ଏବଂ ତାହାର ଉପାଦେୟତା ବିଷୟରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିତ ଦେହୁରୀ, ଜୟନ୍ତ ଦାସ, ମଳୟ ମହାରଣା, ଗତିକୃଷ୍ଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ସଦସ୍ୟ ଗଙ୍ଗାଧର ପୂର୍ତ୍ତିଙ୍କୁ ଆଦିବାସୀ ମୋର୍ଚ୍ଚା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଶେଷରେ ସମସ୍ତେ ଏକାଠି ପଖାଳ ସେବନ କରିଥିଲେ। ଚିନ୍ତାମଣି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



# ବିଶ୍ୱ କଣ୍ଢେଇ ଦିବସ



**କୋରାପୁଟ, ୨୧।୩(ସମିସ):** କୋରାପୁଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁ ବାଟିକା ବିଭାଗରେ ବିଶ୍ୱ କଣ୍ଢେଇ ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କୋରାପୁଟର ବରିଷ୍ଠ ସାମ୍ବାଦିକ ସିଏଚ ଶାନ୍ତାକାର ଯୋଗଦେଇ କଣ୍ଢେଇ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ । କଣ୍ଢେଇ ହେଉଛି ମା ତାଙ୍କ ପିଲାର ପ୍ରଥମ ଶିକ୍ଷକ ହେବାର ଏକ ଉପାୟ ବୋଲି ମତବ୍ୟକ୍ତ କରିଥିଲେ । ଯେତେବେଳେ ମାଆ ତାଙ୍କ ପିଲା ପାଇଁ ଘରର ଉପଯୁକ୍ତ ଜିନିଷପତ୍ରକୁ କଣ୍ଢେଇ ଭାବରେ ରୂପାନ୍ତରିତ କରିବାକୁ ଚେଷ୍ଟା କରନ୍ତି, ପିଲାଟି ମଧ୍ୟ ଅଧିକ ସୃଜନଶୀଳ ହେବାକୁ ଶିଖେ ବୋଲି ସେ କହିଥିଲେ । ପରିଚାଳନା କମିଟିର ସମ୍ପାଦକ ବିଭୁଦତ୍ତ ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କଣ୍ଢେଇ ଶିଶୁଟି ପାଇଁ ଆମୋଦପ୍ରମୋଦର ଉପଯୁକ୍ତ ମାଧ୍ୟମ ଏବଂ ଏହା ପିଲାଙ୍କୁ ମୋବାଇଲ ଠାରୁ ଦୂରେଇ ରଖେ ବୋଲି କହିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା ମଞ୍ଚାସିନ ଅତିଥିଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶିଶୁ ବାଟିକା ପ୍ରମୁଖ ଦୌପଦୀ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲ । କଣ୍ଢେଇ ନାଚ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିବା ବେଳେ ସମସ୍ତ ଗୁରୁମା ସହଯୋଗ କରିଥିଲେ ।

**ଜୟପୁର:** ଜୟପୁର ଶାରଦାବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ବିଶ୍ୱ କଣ୍ଢେଇ ଦିବସ ପାଳନ ହୋଇଥିଲା । ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସତ୍ୟ ନାରାୟଣ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପର୍ଯ୍ୟାୟ ପ୍ରମୁଖ ରାମଚନ୍ଦ୍ର ମହାନ୍ତି ଯୋଗଦେଇ ବିଶ୍ୱ କଣ୍ଢେଇ ଦିବସର



ମହତ୍ତ୍ୱ ଏବଂ ଶିଶୁଙ୍କ ସର୍ବାଙ୍ଗିନ ବିକାଶ ଦିଗରେ କଣ୍ଢେଇର ଭୂମିକା କ'ଣ ସେ ସମ୍ପର୍କରେ ନିଜ ଅଭିଭାଷଣ ମତ ପ୍ରକାଶ କରିଥିଲେ । ମାଟି, ଗୋବର, କାଗଜ, କାଠ, କପଡ଼ା ଏବଂ ତୁଳାରେ ନିର୍ମିତ କଣ୍ଢେଇକୁ ନେଇ ପ୍ରଦର୍ଶନୀ କରାଇବା ସହ ଶିଶୁମାନଙ୍କୁ କେଉଁ ପ୍ରକାରର କଣ୍ଢେଇ ଖେଳିବା ପାଇଁ ଦିଆଯିବା ଉଚିତ ସେ ସମ୍ପର୍କରେ ସମସ୍ତ ଶିଶୁ ବାଟିକା ବିଭାଗ ଗୁରୁମାମାନେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସର୍ବମୋଟ ୬୫ ଜଣ ଶିଶୁଙ୍କ ସହ ୮୭ ଜଣ ଅଭିଭାବକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହାୟକ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାର ସମସ୍ତ ଦାୟୀତ୍ୱରେ ବିଦ୍ୟାମନ୍ଦିରର ଗୁରୁଜି ଗୁରୁମା ଏବଂ ସେବକ ସେବିକା ପୂର୍ଣ୍ଣ ସହଯୋଗ କରିଥିଲେ ।

## ଘନଉଛି ରନ୍ଧନ ଗ୍ୟାସ୍ ସଙ୍କଟ

# କେୱାଇସି ପାଇଁ ବିତରଣ କେନ୍ଦ୍ରରେ ଭିଡ଼

ବୈପାରୀଗୁଡା, ୨୧।୩(ସମିସ)

ବୈପାରୀଗୁଡାରେ ରନ୍ଧନ ଗ୍ୟାସର କୌଣସି ଅଭାବ ନାହିଁ ଏବଂ ଯଥେଷ୍ଟ ପରିମାଣରେ ମହଜୁଦ ଅଛି ବୋଲି ଗ୍ୟାସ ଏଜେନ୍ସି ତରଫରୁ ସୂଚନା ମିଳିଛି । ଖାଉଟିମାନେ ଆତଙ୍କିତ ନ ହେବାକୁ




ପରାମର୍ଶ ଦିଆଯାଇଛି । ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଟାଙ୍ଗିଣୀଗିଡା ସ୍ଥିତ ଏଚପି ଗ୍ୟାସ ବିତରକ ଘନଶ୍ୟାମ ମହାନ୍ତିଙ୍କ ସୂଚନା ଅନୁଯାୟୀ, ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାର ମୋଟ ଆଠଟି ବ୍ଲକର ୩୫ ହଜାର ୮ ଶହ ୬୦ ଜଣ ଗ୍ରାହାକ ଅଛନ୍ତି । କୋରାପୁଟ ଜିଲ୍ଲାର ଚାରିଟି ବ୍ଲକ ଯଥା ବୈପାରୀଗୁଡା, ଲମତାପୁଟ, କୁନ୍ଦୁରା, ନନ୍ଦପୁର ଏବଂ ମାଲକାନଗିରି ଜିଲ୍ଲାର ମାଥିଲି, ଖଇରପୁଟ, କୁଡୁମୁଲୁଗୁମ୍ମା, ଚିତ୍ରକୋଣ୍ଡା ଅଞ୍ଚଳ ପାଇଁ ଏଚପି ଗ୍ୟାସ ମହଜୁଦ ଅଛି । ଏମାନଙ୍କ ପାଇଁ ଗ୍ୟାସ ଯୋଗାଇ ଦେବାରେ କୌଣସି ଅସୁବିଧା ନାହିଁ, କିନ୍ତୁ ଓଟିପି ଏବଂ ଇ-କେୱାସି ଜରୁରୀ ବୋଲି କହିଛନ୍ତି । ଘରୋଇ ଗ୍ୟାସ ସିଲିଣ୍ଡର ଏବଂ ଅଙ୍ଗନବାଡି, ସ୍କୁଲ, କଲେଜ ହଷ୍ଟେଲ ଶିକ୍ଷାନୁଷ୍ଠାନ ଭଳି

### ଆତଙ୍କିତ ନ ହେବାକୁ ଏଜେନ୍ସିର ପରାମର୍ଶ

ଅତ୍ୟାବଶ୍ୟକୀୟ ଅଣ-ଘରୋଇ କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଗ୍ୟାସ ଯୋଗାଇ ଦିଆଯାଉଛି । ଗତ ୫ ତାରିଖ ଦିନ କେନ୍ଦ୍ର ସରକାର ନିର୍ଦ୍ଦେଶ ରହିଥିଲା ଯେ, ଗ୍ରାମାଞ୍ଚଳରେ ଘରୋଇ ଗ୍ୟାସ ସିଲିଣ୍ଡର ପାଇଁ ବୁକିଂ ଅବଧି ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରାଯାଇଥିଲା । କିନ୍ତୁ ଯୁଦ୍ଧ ପରିସ୍ଥିତିକୁ ଦେଖି ତାହା ଏବେ ୨୫ ଦିନରୁ ୪୫ ଦିନକୁ ବୃଦ୍ଧି କରାଯାଇଛି । ଜନ ସାଧାରଣ ଅଯଥା ଗ୍ୟାସ ଷ୍ଟକ୍ ନକରିବାକୁ ନିବେଦନ କରାଯାଇଛି ।

## ରାଇଘରରେ ଚିନ୍ତାରେ ହୋଟେଲ ମାଲିକ

**ରାଇଘର, ୨୧।୩(ସମିସ):** ସବୁଆଡେ ଦିନକୁ ଦିନ ଘନେଇବାରେ ଲାଗିଛି ରନ୍ଧନ ଗ୍ୟାସ ସଙ୍କଟ । ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ହୋଟେଲ କରି ପେଟ ପୋଷୁଥିବା ହୋଟେଲ ମାଲିକ ଏବେ ଚିନ୍ତାରେ ପଡ଼ିଯାଇଛନ୍ତି । ପ୍ରକାଶ ଥାଉ କି ଇରାନ୍, ଆମେରିକା ଇସ୍ରାଏଲ ଯୁଦ୍ଧ ଯୋଗୁଁ ସାରା ବିଶ୍ୱରେ ଜାଲେଣି ଗ୍ୟାସ୍ ସମସ୍ୟା ସୃଷ୍ଟି ହେବା ଫଳରେ ଘରୋଇ ଗ୍ୟାସ୍ ବ୍ୟବହାର ନେଇ ପ୍ରଶାସନ ପକ୍ଷରୁ ତାଗିଦ



କରାଯାଇଛି । ଯାହା ଫଳରେ ଜଳଖିଆ, ମିଠା ଦୋକାନ ଓ ମିଲ୍ସ ହୋଟେଲରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଗ୍ୟାସ୍ ସମସ୍ୟା ଯୋଗୁଁ ହୋଟେଲ ମାଲିକ ଏବେ କାଠ ଚୁଲିର ସାହାରା ନେଉଛନ୍ତି । ପୁର୍ବରୁ ଗଚ୍ଛିତ ରଖିଥିବା ବେପାରୀ ବର୍ତ୍ତମାନ ଲୁଚା ଚୋରାରେ ଚଢ଼ା ଦରରେ ଗ୍ୟାସ ସିଲିଣ୍ଡର ବିକ୍ରି କରୁଥିବା ଖବର ମିଳିଛି ।

## କୁନ୍ଦୁଲୀ ଗୁରୁକୁଳ ଆଶ୍ରମର ବାର୍ଷିକୋତ୍ସବ



ସେମିଳିଗୁଡା, ୨୧।୩(ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ ଅନ୍ତର୍ଗତ କୁନ୍ଦୁଲୀ ସ୍ଥିତ ଆଦିମ ଗୁରୁକୁଳ ଆଶ୍ରମର ବାର୍ଷିକୋତ୍ସବ ଆରମ୍ଭ ହୋଇଯାଇଛି । ଏହି ଉତ୍ସବରେ ସକାଳୁ ସକାଳୁ ବିଭିନ୍ନ ଗ୍ରାମରୁ ଶୁଭ କଳସ ଧରି ମହିଳାମାନେ ପହଞ୍ଚିଥିଲେ । ନିକଟସ୍ଥ ନଦୀରୁ ଜଳ ଆଣି ଏକ ବିରାଟ କଳସ ଯାତ୍ରା ଆଶ୍ରମରେ ପହଞ୍ଚି ଥିଲା । ଏହାପରେ ସନାତନ ଧର୍ମର ପ୍ରତୀକ ଆର୍ଯ୍ୟ ସମାଜର ଗୈରିକ ପତାକା ଉତ୍ତୋଳନ କରାଯାଇ ଥିଲା । ଆଶ୍ରମର ଯଜ୍ଞଶାଳାରେ ପଞ୍ଚକୁଣ୍ଡୀୟ ସର୍ବ ମଙ୍ଗଳ ଯଜ୍ଞର ଆୟୋଜନ କରାଯାଇଥିଲା । ଯଜ୍ଞ ପରେ ଧାର୍ମିକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟଅତିଥି ଭାବରେ ସୁନାବେଡାର ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ଓ କୋରାପୁଟ ଡିଏସପି ହୃଷୀକେଶ ମେହେର ଓ ଅନ୍ୟ ଅତିଥିମାନେ ଆଶ୍ରମର କୁଳପତି ପୂର୍ବତନ ସାଂସଦ ଜୟରାମ ପାଙ୍ଗୀ, ଅଧ୍ୟକ୍ଷ ଆନନ୍ଦ କୁମାର ପାଟୱାନିଆ, ଆଚାର୍ଯ୍ୟ ବିନୟ କୁମାର ବୈଦିକ, ଆମସେନା ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ କୁଞ୍ଜଦେବ ମନିଷୀ, ସୁନାବେଡା ରାଧାକୃଷ୍ଣ ମନ୍ଦିରର ପର୍ବତ ମହାରାଜ ଯୋଗ ଦେଇଥିଲେ । ଅତିଥିମାନଙ୍କ ମଧ୍ୟରୁ କୁଞ୍ଜଦେବ, ରାଜେନ୍ଦ୍ର କୁମାର ପାତ୍ର, ଆଚାର୍ଯ୍ୟ ବିନୟ କୁମାର ବୈଦିକ, ହୃଷୀକେଶ ମେହେର, ପର୍ବତ ମହାରାଜ, ଶିକ୍ଷାବିତ ଡ. ଚିତ୍ତରଞ୍ଜନ ମିଶ୍ର, ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଗୁରୁକୁଳର ଅନ୍ତେବାସୀ ବିଦ୍ୟାର୍ଥୀମାନେ ତୃତୀୟ ନୟନ ଦୃଶ୍ୟ ଉପସ୍ଥାପନ ସହ ବେଦ ସମ୍ପର୍କୀତ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ । ଆଶ୍ରମର ଆଚାର୍ଯ୍ୟ ମନୁଦେବ ମଞ୍ଚ ପରିଚାଳନା କରିବାସହ ବିଭିନ୍ନ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ । ସ୍ୱାମୀ ବଲ୍ଲଭ ମୁନୀ ବାନପ୍ରସ୍ଥି ପରିଣତ ବୟସରେ ମଧ୍ୟ ସୁନ୍ଦର ଭଜନ ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇ ଥିଲେ । ସନ୍ଧ୍ୟା ।ରେ ବିଭିନ୍ନ ଶାରୀରିକ କୌଶଳ ପ୍ରଦର୍ଶନ ସହ ବିଦ୍ୟାର୍ଥୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅବିଭକ୍ତ କୋରାପୁଟ ଜିଲ୍ଲାର କୋଣ ଅନୁକୋଣ, ଓଡ଼ିଶାର ବିଭିନ୍ନ ସ୍ଥାନରୁ ସାଧୁସନ୍ଥ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଆଶ୍ରମର କୋଷାଧ୍ୟକ୍ଷ ଡ. ଜଳେନ୍ଦ୍ର କୁମାର ତ୍ରିପାଠୀ ପରିଚାଳନା କରିଥିଲେ । ଡ. ସୁରେନ୍ଦ୍ର କହଁର ଓ ସମସ୍ତ ଆଚାର୍ଯ୍ୟ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିଥିଲେ । ବାର୍ଷିକୋତ୍ସବ ଦୁଇ ଦିନ ଧରି ଚାଲିବ ।

## ଜିଲ୍ଲା କାରାଗାରରେ ପରାମର୍ଶ କେନ୍ଦ୍ର ଓ ବୃତ୍ତିଗତ ତାଲିମ କେନ୍ଦ୍ରର ଶୁଭାରମ୍ଭ

**ମାଲକାନଗିରି, ୨୧।୩(ସମିସ):** ମାଲକାନଗିରି ଜିଲ୍ଲା କାରାଗାରରେ ଅନ୍ତେବାସୀ ତଥା କଏଦୀ ମାନଙ୍କୁ ସ୍ୱାବଲମ୍ବୀ ଓ ମାନସିକ ଏବଂ ଶାରୀରିକସ୍ତରରେ ସୁସ୍ଥ ରଖିବା ପାଇଁ ଜେଲ ପ୍ରଶାସନ ପକ୍ଷରୁ ପରାମର୍ଶ କେନ୍ଦ୍ର ଓ ବୃତ୍ତିଗତ ତାଲିମ, ଶିକ୍ଷାଦାନ କେନ୍ଦ୍ରର ଶୁଭାରମ୍ଭ କରଯାଇଛି । କାରାଗାର ପରିସରରେ ହୋଇଥିବା ଏହି କେନ୍ଦ୍ରର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସଙ୍ଗୀତା ପାତ୍ର ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ଏହାର ଉଦ୍‌ଘାଟନ କରିଥିଲେ । ଜେଲ ଅଧୀକ୍ଷକ ଦିଲୀପ କୁମାର ଜେନା, ଜେଲର ଦିଲ୍ଲୀପ କୁମାର ବେହେରା, ଜେଲ କଲ୍ୟାଣ ଅଧିକାରୀ ସଂଗ୍ରାମ




କିଶୋର ମଲ୍ଲିକ, ଅସିଷ୍ଟାଣ୍ଟ ଜେଲର ନକୁଳ କୁମାର କବି, ମାନସ ତ୍ରିପାଠୀ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ତେବେ କାରାଗାରରେ ଥିବା କଏଦୀମାନେ ଏହି କେନ୍ଦ୍ରରେ ସିଲେଇ, ଫିନାଇଲ ତିଆରି, ୱେଲ୍ଡିଂ, ବୈଦୁତିକ କାର୍ଯ୍ୟ ଭଳି ବିଭିନ୍ନ ବୃତ୍ତିଗତ ତାଲିମ ନେଇ ପାରିବେ । ସେହିପରି କଏଦୀମାନଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ତ ରଖିବା ଏହି କେନ୍ଦ୍ରରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାଶ ପରାମର୍ଶ ଦିଆଯିବାର ବ୍ୟବସ୍ଥା ସହ କଏଦୀମାନେ ଚାହିଁଲେ ନିଜର ଯୋଗ୍ୟତା ଅନୁଯାୟୀ ବିଭିନ୍ନ ଶିକ୍ଷା ଗ୍ରହଣ କରିବାର ବ୍ୟବସ୍ଥା ରହିଛି । ଏହି କେନ୍ଦ୍ର କଏଦୀ ମାନଙ୍କୁ ଆଗାମୀ ଦିନରେ ସମ୍ମାନର ସହ ବଞ୍ଚିବାର ରାହା ଦେଖାଇବା ସହ ତାଙ୍କୁ ସୁସ୍ଥ ରଖିବାରେ ସହାୟକ ହେବ ବୋଲି ଉପସ୍ଥିତ ଅତିଥିମାନେ ମତ ରଖିଥିଲେ ।

# ବିଭିନ୍ନ ସ୍ଥାନରେ ଇଦ୍ -ଉଲ୍-ଫିତର୍













କୋରାପୁଟ, ୨୧।୩(ସମିସ)

ଏକ ମାସ ରୋଜା ପାଳନ ପରେ କୋରାପୁଟ ସହରରେ ମୁସଲୀମ ସମ୍ପ୍ରଦାୟର ଭାଇ ଭଉଣୀ ମହା ଆଡମ୍ବର ସହକାରେ ଶନିବାର ଇଦ-ଉଲ-ଫିତର ପାଳନ କରିଛନ୍ତି । ପୂର୍ବାହ୍ନରେ ମୁସଲମାନ ଧର୍ମାଲମ୍ବୀମାନେ ନୂଆ ପୋଷାକ ପରିଧାନ କରି ସ୍ଥାନୀୟ ମସ୍‌ଜିଦରେ ଏକତ୍ରିତ ହୋଇ ପରସ୍ପରକୁ ଇଦର ଶୁଭେଚ୍ଛା ଜଣାଇବା ସହ ମିଷ୍ଟାନ୍ନ ବଣ୍ଟନ କରିଥିଲେ । ମସଜିଦରୁ ଏକ ଶୋଭାଯାତ୍ରାରେ ବାହାରି ଢେପ ସାହି ସ୍ଥିତ ଇଦଘାରେ ପହଞ୍ଚିବା ପରେ ସେଠାରେ ଇମାମ ମୂଜାମିଲ ହୁସେନ କୋରାନ ପାଠ କରିବା ସହ ଭଗବାନ ଆଲ୍ଲାଙ୍କ ନୀତିବାଣୀ ଶୁଣାଇଥିଲେ । ସ୍ଥାନୀୟ ମସଜିଦ କମିଟିର ସଭାପତି ଏ ଏ ଖାନ୍, ଉପସଭାପତି ଏମ୍‌ଡି ହୁସେନ୍, ସମ୍ପାଦକ କୁଦରତ୍ ନୁର୍ ଖାନଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ଜୟପୁର:** କୋରାପୁଟ ଜିଲ୍ଲା ଜୟପୁର ସହରରେ ପବିତ୍ର ରାମଜାନ ମାସ ଗତକାଲି ସଂଧ୍ୟାରେ ଶେଷ ହୋଇଥିବା ବେଳେ ଶନିବାର ଇଦ-ଉଲ-ଫିତର ଆନନ୍ଦ ଉଲ୍ଲାସରେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ପାଳିତ ହୋଇଯାଇଛି । ଜୟପୁର ସହରର ସୁନ୍ନି ମୁସଲମାନ ସମ୍ପ୍ରଦାୟ ସ୍ଥାନୀୟ ଖ୍ରୀଷ୍ଟିଆନ ପେଟା ଛକ ଠାରେ ରହିଥିବାତ ଇଦଗା ପଡ଼ିଆଠାରେ ମିଳିତ ହୋଇ ବିଭିନ୍ନ ପର୍ଯ୍ୟାୟରେ ପୂର୍ବାହ୍ନ ୯ ଟା ଠାରୁ ନମାଜ ପାଠ କରିଥିଲେ । ପବିତ୍ର ରାମଜାନ ମାସରେ ମୁସଲମାନ ଧର୍ମାଲମ୍ବୀମାନେ ଉପବାସ ପାଳନ କରିଥିଲେ । ମାସର ଅନ୍ତିମ ଦିବସରେ ଅମାବାସ୍ୟା ପରେ ପ୍ରତିପଦାର ପ୍ରଥମ ଚନ୍ଦ୍ର ଦେଖିବା ପରେ ସଂଧ୍ୟାରେ ଦର୍ଶନ ପରେ ଉପବାସ ଭଙ୍ଗ କରିବା ସହିତ ଏହାର ପରଦିନ ଇଦ-ଉଲ-ଫିତର ମିଳିତ ଭାବେ ପାଳିଥାଆନ୍ତି । ଆଜି ପୂର୍ବାହ୍ନରୁ ସମସ୍ତ ମୁସଲମାନ ସମ୍ପ୍ରଦାୟର ଶିଶୁ, ବାଳକ, ବାଳିକା, ଯୁବକ ଯୁବତୀ ଏବଂ ବୟସ୍କ ମାନେ ନୂତନ ପୋଷାକ ପିନ୍ଧିଥିଲେ । କେବଳ ପୁରୁଷ ମାନେ ଇଦଗା ପଡ଼ିଆ ଠାରେ ମିଳିତ ଭାବେ ନମାଜ ପାଠ କରିବା ପରେ ସ୍ଥାନୀୟ ଜାମବାଡ ସାହି ସ୍ଥିତ ଶ୍ମଶାନଠାରେ ନିଜ ନିଜର ପୂର୍ବପୁରଷଙ୍କ ସମାଧି ନିକଟରେ ଧୂପକାଠି ଏବଂ ଫୁଲଦେଇ ଶ୍ରଦ୍ଧାଞ୍ଜଳି ଦେବା ସହ ପ୍ରାର୍ଥନା କରିଥିଲେ । ଏହି ଅବସରରେ ସମସ୍ତେ ନିଜ ନିଜ ଗୃହରେ ବିଭିନ୍ନ ସୁସ୍ୱାଦ ରନ୍ଧନ କରିବା ସହ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ପରିବାର ସମସ୍ତେ ଏକତ୍ର ଖାଇବା ସହ ବନ୍ଧୁବର୍ଗ ଏବଂ ଗରୀବ ଶ୍ରେଣୀର ଲୋକଙ୍କୁ ପ୍ରଦାନ କରିଥିଲେ । ଜୟପୁର ସୁନ୍ନି ଅଞ୍ଜୁମନ କମିଟି ପକ୍ଷରୁ ଇଦଗା ପଡ଼ିଆରେ ଆୟୋଜିତ ନମାଜ ପାଠରେ ସ୍ଥାନୀୟ ମକ୍କା ମସଜିଦର ମୌଲାନା ହାଫିଜ ସମ୍ମିଉଲ୍ଲା ନମାଜ ପାଠ ସହ ସମ୍ପ୍ରଦାୟ ଲୋକମାନଙ୍କୁ ପ୍ରାର୍ଥନା କରାଇଥିଲେ । ସୁନ୍ନି ମୁସଲମାନ ଅଞ୍ଜୁମନ କମିଟିର ସଭାପତି ମୁସ୍ତାଫା ବେଗ୍, ଉପସଭାପତି ମହମ୍ମଦ ଆକବର ବେଗ୍, ମହମ୍ମଦ ଆବବର ହୁସେନ ଏବଂ ସମ୍ପାଦକ ମହମ୍ମଦ ସକିଲ ପ୍ରମୁଖ ଉପସ୍ଥିତ ଥିଲେ । ଭାଇଚାରାରା ସହର ଜୟପୁରଠାରେ ହିନ୍ଦୁ ସମ୍ପ୍ରଦାୟର ଯୁବକମାନେ ମୁସଲମାନ ବନ୍ଧୁମାନଙ୍କୁ ଏହି ଅବସରରେ ଶୁଭକାମନା ଜଣାଇଥିଲେ ।

**ନନ୍ଦପୁର:** ଶନିବାର ମୁସଲବାନ୍ ଭାଇ ଭଉଣୀ ମାନେ ସ୍ଥାନୀୟ ଥିବା ବାବାଙ୍କ ପୀଠରେ ସମୂହ ନମାଜ ପାଠ କରି ଆଲ୍ଲାଙ୍କୁ ଧନ୍ୟବାଦ୍ ଜଣାଇଥିଲେ । ପରେ ସମସ୍ତେ ଖୁସିରେ ମିଠା ଖୁଆଇ ଆଲିଙ୍ଗନ କରି ପରସ୍ପରକୁ ଶୁଭେଚ୍ଛା ଶୁଭକାମନା ଜଣାଇଥିଲେ ।

**ଚନ୍ଦାହାଣ୍ଡି:** ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅଧିନସ୍ଥ ସୁନ୍ନୀ ରଜୱି ଜାମା ମସଜିଦ ମୋହରା ଏବଂ ବେହେରାମୁଣ୍ଡା ଜାମା ମସଜିଦ୍ ଆନୁକୂଲ୍ୟରେ ପବିତ୍ର ଇଦ୍ -ଉଲ-ଫିତର୍ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଯିତ ଏକ ଶୋଭାଯାତ୍ରାରେ ସୁନ୍ନୀ ମୁସଲମାନ ଭାଇମାନେ ଯୋଗଦେଇ ମୋହରା ମସଜିଦ୍ ପରିସରରେ ଏକତ୍ରିତ ହୋଇ ଇଦଗାରେ ପହଞ୍ଚିଥିଲେ । ମୌଲାନା ସୋହେବ ରଜାଙ୍କ ପୌରୋହିତ୍ୟରେ ଇଦ୍ ର ନମାଜ ପାଠ କରିବା ପରେ ସମସ୍ତେ ପରଷ୍ପରକୁ ଇଦ୍ ମୁବାରକ ଅଭିନନ୍ଦନ ଜଣାଇଥିଲେ । ନମାଜ ପାଠ ପରେ ସମସ୍ତେ ସୁଖ ସମୃଦ୍ଧି ନିମନ୍ତେ ଆଲ୍ଲାଙ୍କ ଠାରେ ଦୁଆ ମାଗିବା ସହ ଶ୍ମଶାନକୁ ଯାଇ ନିଜ ପରିବାରର ଇହଧାମ ତ୍ୟାଗ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଏହି ଅବସରେର ପବିତ୍ର ରମଜାନ ମାସରେ ଏକ ମାସ ତରାବି ନମାଜ ପାଠରେ କୋରାନ ପାଠ ଶୁଣାଇଥିବା ହାଫିଜ୍ ସୋହେବ ରଜାଙ୍କୁ ମୋହରା ମସଜିଦ୍ କମିଟି ତରଫରୁ ୪୧ ହଜାର ଟଙ୍କା ନଜରାନା ପ୍ରଦାନ କରାଯାଇଥିଲା । ସେହିଭଳି ଅନାଥ ପିଲାମାନେ ପଢୁଥିବା ଆଶ୍ରମକୁ ପଠେଇବା ନିମନ୍ତେ ୮ ହଜାର ଟଙ୍କା ଆଦାୟ କରାଯାଇଥିଲା । ଏହା ପରେ ସମସ୍ତେ ନିଜ ନିଜ ଘରକୁ ଯାଇ ବୟୋଜ୍ୟେଷ୍ଠଙ୍କ ଆଶିର୍ବାଦ ନେବା ସହ ପୁରୀ, ସିମିଆ ଆଦି ବାଣ୍ଟିଥିଲେ । ଏଥିରେ ସଭାପତି ହାଜି ମହମ୍ମଦ ରଫିକ, ସମ୍ପାଦକ ମହମ୍ମଦ ହୁସେନ, ଉପ-ସଭାପତି ଆକବର ଅଲ୍ଲି, ଜବାର ଅଲ୍ଲୀ, ମହମ୍ମଦ ଇଲିୟାସ, ମହମ୍ମଦ ହନିଫ, ମହମ୍ମଦ ୟୁନୁସ, ମହମ୍ମଦ ସଫିକ, ମୁରାଦୁ ଅଲ୍ଲୀ, ସଲମାନ ରଜା, ସହିଦ ଅଲ୍ଲୀ, ମହମ୍ମଦ ରିଜଓାନ, ମହମ୍ମଦ ଇକବାଲ, ଅବଦୁଲ କୟୁମ, ସାହାଦତ ଅଲ୍ଲି, ହାଜି ମହମ୍ମଦ ଇଶା, ମୁମତାଜ ଅଲ୍ଲୀ, ମକବୁଲ ଅଲ୍ଲୀ, ଖଲିଲ ଅଲ୍ଲୀ, ମହମ୍ମଦ ଅସପାକ ପ୍ରମୂଖ ଉପସ୍ଥିତ ଥିଲେ ।

**ପାପଡ଼ାହାଣ୍ଡି:** ସନ୍ଧ୍ୟା ଅର୍ଦ୍ଧ ଚନ୍ଦ୍ର ଦୃଶ୍ୟମାନ ପରେ ପାପଡ଼ାହାଣ୍ଡି ଏବଂ ଜଟାବାଲ ଗ୍ରାମର ମୁସଲିମ ଭାଇ ଓ ଭଉଣୀମାନେ ଇଦ୍ ପର୍ବ ପାଳନ କରିଥିଲେ । ସମସ୍ତେ ମୁସଲିମ ଭାଇମାନେ ଇଦଗାଁ ଠାରେ ଶନିବାର ସକାଳ ୮ ଘଣ୍ଟା ସମୟରେ ନମାଜ ପାଠ କରିଥିଲେ । ଏହାପରେ ପରସ୍ପରକୁ ଶୁଭକାମନା ଜଣାଇଥିଲେ । ଦେଶ ପାଇଁ ଶାନ୍ତି କାମନା, ସମସ୍ତଙ୍କ ଆରୋଗ୍ୟ ନିମନ୍ତେ, ପୁର୍ବଜ ପରିବାର ସଦସ୍ୟମାନଙ୍କ ପାଇଁ ପ୍ରାର୍ଥନା କରିଥିଲେ । ଏହାପରେ ପରସ୍ପରକୁ ମିଶି ଆଶୀର୍ବାଦ ଗ୍ରହଣ କରିଥିଲେ ଏବଂ କୁନି କୁନି ପିଲାମାନଙ୍କୁ ବଡ ଲୋକମାନେ ଟଙ୍କା ଦେଇ ଶୁଭକାମନା ଜଣାଇଥିଲେ । ଏହାପରେ ପରସ୍ପରଙ୍କ ଘରେ ଯାଇ ବଡ ଲୋକଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ ।

**କୋଷାଗୁମୁଡ଼ା:** ପବିତ୍ର ଇଦ୍ -ଉଲ-ଫିତର ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା, କୋଡ଼ିଙ୍ଗାଠାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ଶୋଭାଯାତ୍ରାରେ ମୁସଲମାନ ଭାଇମାନେ ଯୋଗଦେଇ ମସଜିଦ୍ ପରିସରରେ ଏକତ୍ରିତ ହେବା ସହ ସେଠାରୁ ଇଦଗା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ । ଏହାପରେ ମୌଲାନା ଇଦ୍ ର ନମାଜ ପାଠ କରିବା ପରେ ସମସ୍ତେ ପରଷ୍ପରକୁ ଇଦ୍ ମୁବାରକ ଅଭିନନ୍ଦନ ଜଣାଇଥିଲେ । ନମାଜ ପାଠ ପରେ ସମସ୍ତେ ସୁଖ ସମୃଦ୍ଧି ନିମନ୍ତେ ଆଲ୍ଲାଙ୍କ ଠାରେ ଦୁଆ ମାଗିବା ସହ କବର ସ୍ଥାନକୁ ଯାଇ ନିଜ ପରିବାରର ଇହଧାମ ତ୍ୟାଗ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଏହାପରେ ସମସ୍ତେ ନିଜ ନିଜ ଘରକୁ ଯାଇ ବୟୋଜ୍ୟେଷ୍ଠଙ୍କ ଆଶିର୍ବାଦ ନେବା ସହ ପୁରୀ, ସିମିଆ ଆଦି ବାଣ୍ଟି ଥିଲେ । ଏଥିରେ ସଭାପତି ଏମ୍‌ଡି ମେହେବୁବ, ଅମଜାଦ ଖାନ, ଏହମଦ ଖାନ, ଏମ୍‌ଡି ଫରିଦ୍ ଖାନ, ଅବଦୁଲ ଖାନ, ସାଏଦ ଜାଫୋର, ଆରିଫ ଖାନ, ଅଫଜଲ ଖାନ, ଆସିଫ ଖାନ ପ୍ରମୁଖ ଉପସ୍ଥିତ ଥିଲେ ।



**ଉମରକୋଟ:** ଉମରକୋଟ ଅଞ୍ଜୁମନ ଇସ୍ଲାମିୟା କମିଟି ପକ୍ଷରୁ ମହାଆଡମ୍ବର ସହ ଏହି ପର୍ବ ପାଳିତ ହୋଇଛି । ଏହି ପରିପେକ୍ଷୀରେ ମୁସଲମାନ ଭାଇ ଭଉଣୀ ଓ ଶିଶୁମାନେ ଏକତ୍ରିତ ହୋଇ ମସଜିଦ ନିକଟରୁ ଉମରକୋଟ ଆଞ୍ଜୁମନ ଇସ୍ଲାମିୟା କମିଟି ସଭାପତି ମହମ୍ମଦ ସଲିମ ରାଠୋର ଏବଂ ପୂର୍ବତନ ସଭାପତି ଖାଲିଦ ଜିଲାନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାହାରି ରାଇଘର ରୋଡ଼ ସ୍ଥିତ ଇଦ୍‌ଗା ନିକଟରେ ପହଁଞ୍ଚି ଥିଲେ । ପରେ ସମସ୍ତେ ଏକତ୍ରିତ ହୋଇ ଉମରକୋଟ ଅଞ୍ଚଳରେ ଭାଇଚାରା ବଜାୟୀ ରହିବା ଓ ବିଶ୍ୱ ଶାନ୍ତି ପାଇଁ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ପାର୍ଥନା ସଭାରେ ଆଞ୍ଜୁମନ ଇସ୍ଲାମିୟା କମିଟି ସଭାପତି ମହମ୍ମଦ ସଲିମ ରାଠୋର ଉପସ୍ଥିତ ସମସ୍ତଙ୍କୁ ଭାଇଚାରାର ବାର୍ତ୍ତା ବାଣ୍ଟିବା ସହ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଅପିଲ କରିଥିଲେ । ମସଜିତର ଉନ୍ନତି ନିମନ୍ତେ ସମସ୍ତ ଙ୍କ ସହଯୋଗ କାମନା କରିଥିଲେ । ପରେ ପିଲାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ମିଶି ବନ୍ଧୁ ମିଳନର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ମୁସଲିମ ଭାଇ ଭଉଣୀମାନେ ପରସ୍ପର ଙ୍କୁ ଇଦ ମୁବାରକ ଜଣାଇଥିଲେ । ଶେଷରେ ଉପସ୍ଥିତ ଅଭାବୀ ଓ ଗରିବଙ୍କୁ ଦାନ ଧର୍ମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଞ୍ଜୁମନ ଇସ୍ଲାମିୟା କମିଟିର ଉପସଭାପତି ସହଜାଦା ରିଜିଭି, ସମ୍ପାଦକ ଅଲ୍ଲୀ ଲାଠିଆ, ଯୁଗ୍ମ ସମ୍ପାଦକ ଶେଖ ଅନିଶ, ଇନୁଷ ମାଲକାନୀ, ଉମର ହିଙ୍ଗରା, ମମୁ ସତାର ହିଙ୍ଗୋରା, ମହମ୍ମଦ ଇବ୍ରାହିମ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚଳିତ ବର୍ଷ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଯୁଦ୍ଧ ଲାଗିରହିଥିବା ଯୋଗୁଁ ବିଶ୍ୱ ଶାନ୍ତି ପାଇଁ ଆଲ୍ଲାଙ୍କ ନିକଟରେ ପ୍ରାଥନା କରାଯାଇଛି ବୋଲି ଅଞ୍ଜୁମନ ଇସ୍ଲାମିୟା କମିଟି ଉମରକୋଟର ସଭାପତି ସଲିମ ରାଠୋର ଏବଂ ପୂର୍ବତନ ସଭାପତି କେ. ତନଭୀର ଜିଲାନି କହିଛନ୍ତି ।

# ପରସ୍ପରକୁ ଆଲିଙ୍ଗନ କରି ଭାଇଚାରାର ବାର୍ତ୍ତା ଦେଲେ

ଖୋର୍ଦ୍ଧା,୨୧।୩ (ସମିସ)

ଖୋର୍ଦ୍ଧାରେ ହର୍ଷୋଲ୍ଲାସ ଓ ଶାନ୍ତି, ସଦ୍ଭାବନାରର ସହ ଇଦ୍ ଉଲ ଫିତର ପାଳିତ ହୋଇଯାଇଛି। ଇସଲାମିକ ପଞ୍ଜିକାର ନବମ ମାସ ରମଜାନରେ ମାସେ ଧରି ରୋଜା ବା ଉପବାସ ପାଳନ କରିବା ପରେ ଦଶମ ମାସ ସିୱାଲର ପ୍ରଥମ ଦିନ ମୁସଲମାନ ସମୁଦାୟ ଏହି ପର୍ବ ପାଳନ କରିଥାନ୍ତି। ଶନିବାର ବିଭିନ୍ନ ମସଜିଦ୍ ଏବଂ ଇଦ୍‌ଘାହ ପଡ଼ିଆରେ ସାମୁହିକ

## ବିଭିନ୍ନ ସ୍ଥାନରେ ପବିତ୍ର ଇଦ୍-ଉଲ ଫିତର ପାଳିତ

ନମାଜ ପାଠ କରାଯାଇଥିଲା। ରମଜାନ ମାସରେ ୫ଥର ନମାଜ ପାଠ, ରୋଜା ଅର୍ଥାତ ଉପବାସ ରହି ସମାଜର ଦୀନ ଦରିଦ୍ର ଏବଂ ଅଭାବ କ୍ଲିଷ୍ଟ ବ୍ୟକ୍ତିଙ୍କୁ ଦାନ କରାଯାଏ। ଇସ୍‌ଲାମ ଧର୍ମର ୫ଟି ମୂଳମନ୍ତ୍ର ମଧ୍ୟରୁ ରୋଜା ତଥା ଉପବାସ ମାସର ମହତ୍ୱ ଓ ତାତ୍ପର୍ଯ୍ୟ ଅତି ଅଧିକ ହୋଇଥାଏ ବୋଲି କୁହାଯାଇଛି।

ନମାଜ ପରେ ବିଶ୍ୱ କଲ୍ୟାଣ ପାଇଁ ପ୍ରାର୍ଥନା କରାଯାଇଥିଲା ଏବଂ ପରେ ପରେ ସମସ୍ତେ ପରସ୍ପରକୁ ଆଲିଙ୍ଗନ ଓ କରମର୍ଦ୍ଦନ ପୂର୍ବକ ଇଦ୍‌ର ବଧେଇ ଦେଇଥିଲେ। ଏହା ପରେ ସମସ୍ତେ କବରସ୍ତାନକୁ ଯାଇ ନିଜ ମୃତ ପୂର୍ବଜଙ୍କୁ ଇଦ୍‌ର ବଧେଇ ଦେବା ସହ ତାଙ୍କ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ସମସ୍ତେ ନୂଆ ବସ୍ତ୍ର ଧାରଣ କରି ଦଳ ଦଳ ହୋଇ ନମାଜ ପାଇଁ ମସଜିଦ୍‌କୁ ଯାଇଥିଲେ। ପରେ ଗରିବ ଲୋକଙ୍କୁ ଖାଦ୍ୟ ଓ ବସ୍ତ୍ର ମଧ୍ୟ ବିତରଣ କରିଥିଲେ।

ଖୋର୍ଦ୍ଧା ସହରର ମୁକୁନ୍ଦପ୍ରସାଦ ଇଦ୍‌ଘାପଡ଼ିଆ ଏବଂ ବିଭିନ୍ନ ମସ୍‌ଜିଦ୍‌ରେ ସମୂହ ନମାଜ ପାଠ କରିଥିବା ଦେଖାଯାଇଛି। ଖୋର୍ଦ୍ଧା ଉପକଣ୍ଠ ତୋଟାପଡ଼ା, କାଇପଦର, ଶରଧାପୁର, ତରୁତୁଆ, କେରଙ୍ଗ, ବେଣାପଞ୍ଜରୀ, ତରାବୋଇ, ଖଜୁରୀପଡା, ମାଣିକାଗଡ଼ା, କୁଶପଲ୍ଲା, ଗୟାବନ୍ଧ, କଡ଼ବ, ରାଉତପଡ଼ା, ଖଜୁରିଆ, ଟାଙ୍ଗୀ ସମେତ ବିଭିନ୍ନ ଅଂଚଳରେ ଇଦ୍-ଉଲ ଫିତର ପର୍ବ ଧୂମଧାମରେ ପାଳିତ ହୋଇଛି। ଆଜିର ଦିନରେ କେତକ ମୁସଲାମାନ ଭାଇ ଭଉଣୀମାନେ ଦୁଃଖୀ, ଗରିବ ଏବଂ ଅସହାୟଙ୍କୁ ଦାନ ସୂତ୍ରରେ ବସ୍ତ୍ର ଓ ଖାଦ୍ୟ ପ୍ରଦାନ କରିଥିବା ଦେଖାଯାଇଛି। ତୋଟାପଡ଼ାଠାରେ ଧର୍ମଗୁରୁ ମୌଲାନା ରୌଫ୍ ସମୂହ ନମାଜ ପାଠ କରାଇଥିବାବେଳେ ଏଥିରେ ରାଜ୍ୟ ବାହାରେ ରହୁଥିବା ମୁସଲମାନ ସମ୍ପ୍ରଦାୟ ଲୋକେ ସାମିଲ ହୋଇଥିବା ଜଣାଯାଇଛି। ସେହିପରି ମୁକୁନ୍ଦପ୍ରସାଦ, ମାଛମାର୍କେଟ, ତରତୁଆ, ସରଧାପୁର, ବେଣାପଞ୍ଜୁରୀ ପ୍ରମୁଖ ମସ୍‌ଜିଦ୍‌ରେ ଧର୍ମଗୁରୁମାନେ ସମୂହ ନମାଜ ପାଠ କରାଇଥିଲେ। କେରଙ୍ଗ ଇଦଘାଠାରେ ମୌଲାନା ମିର ଅବଦୁଲ ହପିଜ ନମାଜ ପାଠ କରାଇଥିବା ଜଣାଯାଇଛି।



**ନିରାକାରପୁର**: ଇଦ୍ ଉଲ ଫିତର ଅବସରରେ ଖୋର୍ଦ୍ଧା ଜିଲ୍ଲାର ଗୟାବନ୍ଧ, ଖଜୁରୀପଡ଼ା, ଛଣଗିରି, କୁସୁମୀ ରାଉତପଡା ଅଞ୍ଚଳରେ ଥିବା ମସଜିଦମାନଙ୍କରେ ସମୂହ ନମାଜ ପାଠ, ଧର୍ମ ଆଲୋଚନା ହେବା ସହିତ ନୂଆ ବସ୍ତ୍ର ପିନ୍ଧି ଆବାଳ ବୃଦ୍ଧ ବନିତା ପର୍ବର ମଜା ନେଇଥିଲେ।



**ଜଟଣୀ** : ଆଜି ଧୁମ ଧାମରେ ପାଳିତ ହୋଇଯାଇଛି ଦାନ ଓ ଧର୍ମର ପର୍ବ ଇଦ ଉଲ ଫିତର। ଇଦ ନମାଜପାଠ କରିବାଲାଗି ଇଦଗାହ, ମସଜିଦଗୁଡିକରେ ପ୍ରବଳ ଜନସମାଗମ ହୋଇଥିଲା। ଜଟଣୀ ସହରରେ ରହୁଥିବା ଇସଲାମ ଧର୍ମିୟ ମୁସଲମାନମାନଙ୍କ ୬ଟି ମସଜିଦ ରହିଥିବା ବେଳେ ଏକଗୋଟି ଇଦଗାହ ପଡିଆ ରହିଛି। ସାଙ୍ଗକୁ ନମାଜ ପାଠ ପରେ ଜଣେ ଅନ୍ୟଜଣକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ଜଟଣୀର ବଡି ମସଜିଦ, ବାଛରାପାଟଣାସ୍ଥିତ ମସଜିଦ-ଏ-ନୂର, ରେତଙ୍ଗକଲୋନୀ ସ୍ଥିତ ମସଜିଦ-ଏ- ହବିବି, ମଦିନା ମସଜିଦ ଓ ଛୋଟି ମସଜିଦ ଇତ୍ୟାଦିରେ ନମାଜିଙ୍କ ପ୍ରବଳ ଭିଡ ଜମିଯାଇଥିଲା। ତେଣୁ ନମାଜିମାନେ



ସେହିପରି ଜଟଣୀ ବ୍ଲକ ଅନ୍ତର୍ଗତ ତରାବୋଇ, ରଥିପୁର ଓ ବେଣାପଞ୍ଜରୀ ଗ୍ରାମରେ ଥିବା ମସଜିଦ ଏବଂ ଇଦଗାହରେ ନମାଜ ପାଠ କରିବା ଲାଗି ପ୍ରବଳ ଜନ ସମାଗମ ଲାଗି ରହିଥିଲା। ଗତମାସରୁ ଆରମ୍ଭ ହୋଇଥିବା ପବିତ୍ର ରମଜାନ ମାସ ଆରମ୍ଭ ହୋଇ ଶୁକ୍ରବାର ଏହା ସରିଥିଲା। ଏଥି ମଧ୍ୟରେ ଘରର ପ୍ରତ୍ୟେକ ବ୍ୟକ୍ତି ପିଛା ଫିତରା(ଦାନ) ଗରିବ ଅସହାୟମାନଙ୍କୁ ଦିଆଯାଇଥିଲା। ଏକମାସ ବ୍ୟାପି ଜଟଣୀ ଚଳଚଂଚଳ ଦେଖାଦେଇଥିଲା। ଆଜି ପୂର୍ବାହ୍ନରୁ ସ୍ନାନ କରିବାପରେ ନୂତନବସ୍ତ୍ର ଧାରଣ କରି ମସଜିଦ ଓ ଇଦଗାହକୁ ଆସିଥିଲେ। ସମସ୍ତଙ୍କ ଘରେ ଖୁସିର ମାହୋଲ ସହିତ ଇଦ୍‌ର ବଧାଇ ଓ ଅଭିନନ୍ଦନ ପଦାରେ ନମାଜପାଠ କରିବାକୁ ବାଧ୍ୟ ହୋଇଥିଲେ। ଜଟଣୀ ସହର ବ୍ୟତିତ କେତେକ ସରକାରୀ ଓ ବେସରକାରୀ କର୍ମଚାରୀ, ଆଇଆଇଟି, ଜାଭିୟର ବିଶ୍ୱବିଦ୍ୟାଳୟ,ସେଂଚୁରୀୟନ ବିଶ୍ୱବିଦ୍ୟାଳୟ ଏବଂ ନାଇଜର ଶିକ୍ଷାନୁଷ୍ଠାନଗୁଡିକରେ ଅଧ୍ୟୟନ କରୁଥିବା ମୁସଲମାନ ସମ୍ପ୍ରଦାୟଙ୍କ ଯୁବକମାନେ ଆଜି ନମାଜପାଠ କରିବା ପାଇଁ ଆସିଥିବା ଦେଖିବାକୁ ମିଳିଥିଲା। ଏହି କ୍ରମରେ ଜଟଣୀ ସହରର ୬ଟି ମସଜିଦ ବ୍ୟତିତ ଗଡରଥୀପୁରର ୨ଟି ମସଜିଦ ଏବଂ ଗଡତରାବୋଇର ୨ଟି ମସଜିଦରେ ମଧ୍ୟ ଅନୁରୁପ ଭାବେ ଚଳିତବର୍ଷ ନମାଜିଙ୍କ ଭିଡ ଦେଖିବାକୁ ମିଳିଥିଲା।

**ବାଲୁଗାଁ** : ଇସଲାମ ଧର୍ମର ପବିତ୍ର ରମ୍‌ଜାନ୍ ମାସରେ ବାଲୁଗାଁ-ବାଣପୁର ମୁସଲିମ୍ ସାହିରେ ବେଶ୍ ଆନନ୍ଦ ଉଲ୍ଲାସର ସହ ଶନିବାର ଇଦ୍-ଉଲ୍-ଫିତ୍‌ର ପର୍ବ ପାଳିତ ହୋଇଯାଇଛି। ବାଲୁଗାଁ ମୁସଲିମ୍ ସାହି, ବାଣପୁର ବଜାର ମୁସଲିମ୍ ସାହି, ବଡ଼ହନ୍ତୁଆଡ଼, ନୌସେନା ତାଲିମ୍ କେନ୍ଦ୍ର ଚିଲିକା ଛକ, ସଲପଡ଼ିହ ଓ ଦିକ୍ଷିତ ପଡ଼ା ଆଦି ମୁସଲିମ୍ ବସ୍ତିରେ ଅବସ୍ଥିତ ମସ୍‌ଜିଦ୍‌ରେ ରମ୍‌ଜାନ ପର୍ବର ଅନ୍ତିମ ଦିବସ ପବିତ୍ର ଇଦ୍ ପର୍ବ ପାଳନ ଅବସରରେ ମୁସଲମାନମାନେ ନମାଜ ପାଠ କରିବା ସହିତ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରାର୍ଥନା କରିଥିଲେ। ଏହି ଅବସରରେ ଶୁକ୍ରବାର ସଂଧ୍ୟାରେ ବାଲୁଗାଁ ମୁସଲିମ୍ ସାହି ମସ୍‌ଜିଦ୍ ପରିସରରେ ଇଫ୍‌ତାର ପାର୍ଟି ଆୟୋଜନ କରାଯାଇ ଥିଲା। ଏଥିରେ ମୁସଲମାନ ସାହିର ସଭାପତି ଅବଦୁଲ ଜଲାଲ, ସଂପାଦକ ଶବିର ଖାଁ, ଜଲାଲ କଳାପାହାଡ, ମୋତିନ ଖାଁ ଓ ଜୁଲୁ ଖାଁ ପ୍ରମୁଖ ଉପସ୍ଥିତ ରହି ହିନ୍ଦୁ ମୁସଲିମ ଏକାଠି ହୋଇ ଭାଇଚାରାର ବାର୍ତ୍ତା ବାଣ୍ଟିଥିଲେ। ସେହିପରି ବାଣପୁର ବଜାର ଓ ବଡ ହନ୍ତୁଆଡ ମୁସଲମାନ ସାହିରେ ମଧ୍ୟ ଇଫ୍‌ତାର ପାର୍ଟି ଆୟୋଜନ ହୋଇଥିଲା।



## ଚନ୍ଦ୍ରଘଣ୍ଟା ବେଶରେ ମା' ବନଦୁର୍ଗା



ନିରାକାରପୁର, ୨୧।୩ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ଷୋଳପୂଜାର ଏକାଦଶ ଓ ନବରାତ୍ରିର ତୃତୀୟ ଦିବସରେ ଚନ୍ଦ୍ରଘଣ୍ଟା ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କର ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟ ପୂଜା ପଞ୍ଚ ଦେବତା ପୂଜା, ପରେ ମା'ଙ୍କର ଶୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଳଭୋଗ, ଆଳତି, ଆଧରପଣା ଓ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇ ପୁରୀ ଶ୍ରୀମନ୍ଦିରର ସେବାୟତ ଶମ୍ଭୁନାଥ ଗୋପାଳ ଖୁଣ୍ଟିଆ, ନରସିଂହ ମେକାପ, ରବିନାରାୟଣ ପୁରାଣ ପଣ୍ଡା, ବିପିନି ଷଡ଼ଙ୍ଗୀ, ଅଶୋକ କୁମାର ସାହୁ ଜଗନ୍ନାଥଙ୍କ ପଦକ ଆଜ୍ଞାମାଳ, ସୁଆର ପିଠା,ଆରଶା, ବିରି ପିଠା, ତ୍ରୀପୁରି, ମାଲପୁଆ, ଦହି ପଖାଳ ଆଦି ସମର୍ପଣ କରିଥିଲେ। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିଲେ ଓ ପଣ୍ଡିତ ତପନ କୁମାର ମହାପାତ୍ର ଓ ବେଦ ବିଦ୍ୟାର୍ଥୀ ମାନେ ସହଯୋଗ କରିଥିଲେ।

## କୁଦିଆରୀ ମା' ଜାଗୁଳାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ



ଜଟଣୀ, ୨୧।୩ (ସମିସ): କୁଦିଆରି ଗ୍ରାମଦେବୀ ମା' ଜାଗୁଳାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ତୃତୀୟ ଦିବସରେ ସାଲା ମଣ୍ଡନ ସୂର୍ଯ୍ୟ ପୂଜା ଅଗ୍ନିସ୍ଥାପନା କରାଯାଇ ସନ୍ଧ୍ୟାରେ ମା'ଙ୍କୁ ମହାସ୍ନାନ ପରେ ବେଶ କରାଯାଇଥିଲା । ଆଜି ମା' ଦଶଭୁଜା ସମସ୍ତ ଅସ୍ତ୍ରଶସ୍ତ୍ର ପରିହିତା ମା ଚନ୍ଦ୍ରଘଣ୍ଟା ବେଶରେ ଦର୍ଶନ ଦେଇଥିଲେ । ଆସନ୍ତାକାଲି ଦୁଇଟି ବେଶ ମା' କୁସ୍ମାଣ୍ଡା ଓ ସ୍କନ୍ଦମାତା ବେଶରେ ଦର୍ଶନ ଦେବେ ବୋଲି ମନ୍ଦିର ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା ସୂଚନା ଦେଇଛନ୍ତି । ଚିତ୍ରକର ବିଜୟ କୁମାର ପଣ୍ଡା ମା'ଙ୍କୁ ବେଶ କରିଥିଲେ । କାର୍ଯ୍ୟକ୍ରମକୁ ସମ୍ପାଦକ ଏଲ ଡି ମହାନ୍ତି, ସଭପତି ରାଧାମୋହନ ପଟ୍ଟନାୟକ, କୋଷାଧକ୍ଷ ଜିତେନ୍ଦ୍ର ଜେନା, ଅଶୋକ ଦାଶ, ବାଉରୀବନ୍ଧୁ ସାହାଣୀ, ପବିତ୍ରମୋହନ ରଣସିଂହ, ପୂର୍ଣ୍ଣଚନ୍ଦ୍ର ସାହାଣୀ, ନିତ୍ୟ ସେବକ ସୁଶାନ୍ତ ସାହୁ, ରାମଚନ୍ଦ୍ର ସାହୁ, ଚର୍ଚ୍ଚିଲ ଦାସ, ଗଣେଶ ସ୍ୱାଇଁ, ପାପୁନି ଦାସ, ବିଶ୍ୱରଂଜନ ବୁଦ୍ଧିଆ ସାହୁ, ସାଇ ସ୍ୱନ୍ଦନ ମହାନ୍ତି, ବିକାଶ ବେହେରା, ଜଗନ୍ନାଥ ବାରିକ ସମେତ ଗ୍ରାମବାସୀଙ୍କ ସହଯୋଗରେ ପରିଚାଳନା ହୋଇଥିଲା।

### ଭୂଷଣ୍ଡପୁର ସେବା ସମବାୟ ସମିତି

## ଡାଟାଏଣ୍ଟ୍ରି ଅପରେଟରଙ୍କ ବହିଷ୍କାର ଦାବି ତେଜିଲା

ଖୋର୍ଦ୍ଧା,୨୧।୩(ସମିସ): ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ସେବା ସମବାୟ ସମିତିର ଡାଟା ଏଂଟ୍ରି ଅପରେଟର ଶିବ ପ୍ରସାଦ ପେଇଙ୍କ ବହିଷ୍କାର ଦାବି ତେଜୁଛି। ବେଳକୁ ବେଳ ବିବାଦୀୟ ହେଉଛନ୍ତି ଶ୍ରୀ ପଲେଇ। ସମିତିରେ ଚାଷୀଙ୍କୁ ଦୁର୍ବ୍ୟବହାର, ନିଶାପାନ କରି ଲୋକଙ୍କ ସହ ଗଣ୍ଡଗୋଳ କରିବା ନେଇ ଅଭିଯୋଗ ହୋଇଛି। ତେଣୁ ତାଙ୍କର ବହିଷ୍କାର ଦାବିରେ ଭୂଷଣ୍ଡପୁର ଓ ବାଲିପାଟପୁରର ଚାଷୀ ଏବଂ ବୁଦ୍ଧିଜିବୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଭୂଷଣ୍ଡପୁର ସେବା ସମବାୟ ସମିତି ଉପରେ ଭୂଷଣ୍ଡପୁର ଓ ବାଲିପାଟପୁର ପଂଚାୟତ ର ଚାଷୀ ନିର୍ଭର କରନ୍ତି। ଏଠାରେ ଅଢେଇ ହଜାରରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜିକୃତ ଅଛନ୍ତି। ଚାଷୀଙ୍କୁ ଋଣ ଲଗାଣ, ଧାନ କ୍ରୟ ନିମନ୍ତେ ଚାଷୀ ସେବା ସମବାୟ ସମିତିକୁ ଆସୁଥିବାବେଳେ ଶ୍ରୀ ପଲେଇ ନିଶା ପାନ କରି ତାଙ୍କୁ ଦୁର୍ବବ୍ୟହାର କରୁଥିବା ସେମାନେ ଅଭିଯୋଗ କରିଛନ୍ତି। ଶ୍ରୀ ପଲେଇଙ୍କ ବ୍ୟବହାରରେ ଚାଷୀ ମାନେ ଭୟଭୀତ ବୋଲି ଦର୍ଶାଇଛନ୍ତି। ତାଙ୍କୁ ତୁରନ୍ତ ସେବା ସମବାୟ ସମିତିରୁ ବହିଷ୍କାର କରିବା ପାଇଁ ଦୁଇ ପଂଚାୟତର ଚାଷୀ ଓ ବୁଦ୍ଧିଜୀବୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସେହିପରି ଏଆରସିଏସ ଖୋର୍ଦ୍ଧା. କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ସଭାପତି, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମୁଖ୍ୟ ପରିଚାଳକ ଏବଂ ଭୂଷଣ୍ଡପୁର ସେବା ସମବାୟ ସଭାପତିଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

## ଆଦର୍ଶ ପଞ୍ଚାୟତ ଗଠନ ପାଇଁ ପ୍ରଶିକ୍ଷଣ ଶିବିର

ଟାଙ୍ଗୀ,୨୧।୩ (ସମିସ): ସରକାରଙ୍କ ବିଭିନ୍ନ ଯୋଜନାକୁ ସଫଳ କରିବା, ମହିଳା ମାନଙ୍କ ସୁରକ୍ଷା ସହିତ, ସ୍ୱାସ୍ଥ୍ୟ, ଶିକ୍ଷା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ପ୍ରତି ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଚାନ୍ଦପୁର ଗ୍ରାମ ପଞ୍ଚାୟତ ପରିସରରେ ଏମବିକେ ସରିତା ସାହୁଙ୍କ ପ୍ରତିନିଧିତ୍ୱରେ ମାଷ୍ଟର ଟ୍ରେନର ରେଣୁବାଳା ମିଶ୍ର, ଲକ୍ଷ୍ମୀପ୍ରିୟା ରାଉତ ପ୍ରଶିକ୍ଷଣ ପ୍ରଦାନ କରିଥିବାବେଳେ ରାମଚଣ୍ଡୀ ମଞ୍ଚ, ଐଶାନେଶ୍ୱର ମଞ୍ଚ, ରଘୁନାଥ ମଞ୍ଚ, ମା' ଡୋମଣୀ ମଞ୍ଚ, ମା' ଖିଲାମୁଣ୍ଡା ମଞ୍ଚ ଓ ପାର୍ବତୀ ମଞ୍ଚର ଅଠର ଜଣ ସଦସ୍ୟା ଏହି ଶିବିରରେ ଯୋଗଦେଇ ପ୍ରାଚୀର ପତ୍ର ମାଧ୍ୟମରେ ଆଦର୍ଶ ପଞ୍ଚାୟତ ଗଠନର ପରିକଳ୍ପନା କରୁଥିଲେ। ପ୍ରତି ପଡ଼ାଗ୍ରାମ ଜେମାଦେଇପୁର ଓ ଚାନ୍ଦପୁରରେ ଏହା କିପରି ସଫଳ ହେବ ଆଲୋଚନା ପର୍ଯ୍ୟାଲୋଚନା କରାଯାଇଛି।

## ତାଲୁକା ସଭାପତି ମନୋନୀତ ହେଲେ ଭି. କାମେଶ୍ୱର



ବାଣପୁର,୨୧।୩(ସମିସ): ଶ୍ରୀ ଶ୍ରୀ ଶୈବ ପାଞ୍ଚାଳ ସମୁଦାୟ ବାଣପୁର ତାଲୁକାର ସଭାପତି ରୂପେ ଆରୋଗ୍ୟ ସେବା ସଦନର ସଭାପତି ଭି କାମେଶ୍ୱର ଆଚାରୀ ସର୍ବସମ୍ମତ କ୍ରମେ ମନୋନୀତ ହୋଇଛନ୍ତି। ଗତ କିଛି ଦିନ ତଳେ ସଭାପତି ରୂପେ ଥିବା ଲୋକନାଥ ଅଚାରୀଙ୍କ ଅକାଳ ବିୟୋଗ ପରେ ଉକ୍ତ ପଦବୀ ଖାଲି ପଡିଥିବାରୁ ବର୍ତ୍ତମାନ ଶୈବ ପାଞ୍ଚାଳ ସମୁଦାୟର ବୈଠକ ବସି କାମେଶ୍ୱରଙ୍କୁ ଶ୍ରୀ ଶ୍ରୀ ଶୈବ ପାଞ୍ଚାଳ ଓଡ଼ିଶାର କେନ୍ଦ୍ରୀୟ କମିଟିର ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତିରେ ବାଣପୁର ତାଲୁକା ସଭାପତି ରୂପେ ମନୋନୀତ କରାଯିବା ସହିତ ନୂତନ, ସମ୍ପାଦକ, ଉପସଭାପତି, କୋଷାଧକ୍ଷ ଓ କେନ୍ଦ୍ରୀୟ କମିଟି ନିମିତ୍ତ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା।

## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଟାଙ୍ଗୀ,୨୧।୩ (ସମିସ): ଟାଙ୍ଗୀ ବ୍ଲକ ଅଧୀନ ରତନପୁର ପଞ୍ଚାୟତର ବଧିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବନ୍ଦିତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ଟାଙ୍ଗୀ ଥାନା ଦ୍ୱିତୀୟ ଆଇଆଇସି ଶ୍ରଦ୍ଧା ନାୟକ, ସମ୍ମାନିତ ଅତିଥି ରୂପେ ଏଏସଆଇ ଅନିରୁଦ୍ଧ ସାମନ୍ତରାୟ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ର ମୋହନ ସ୍ୱାଇଁ, ସାମ୍ବାଦିକ ବନବିହାରୀ ବେହେରା, ପରିଚାଳନା କମିଟି ସଭାପତି ଜୟପ୍ରକାଶ ପ୍ରଧାନ, ପ୍ରମୋଦ ସେଠୀ, ମାନସ ବେହେରା, ଭାନୁମତୀ ପ୍ରଧାନ, କୃଷ୍ଣଚନ୍ଦ୍ର ସୁବୁଦ୍ଧି, ଗୌରାଙ୍ଗ ଚରଣ ମୁଦୁଲି, ସତ୍ୟଭାମା ବେହେରା, କାହ୍ନୁ ବେହେରା, ନିଳାଦ୍ରୀ ସିଂ, କିଶୋର ଚନ୍ଦ୍ର କର, ଲଳିତ ନାରାୟଣ ମହାପାତ୍ର, ଦୀନବନ୍ଧୁ ପୃଷ୍ଟି,ମନୋଜ ବେହେରା,ଶରତ ବେହେରା, ଲୋକନାଥ ବେହେରା ବୈକୁଣ୍ଠ ବେହେରା ପ୍ରମୁଖ ଯୋଗଦେଇ ଚରିତ୍ର ଗଠନ ଏବଂ ସମାଜ ସେବା ଶିକ୍ଷାର ମୂଳଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୀନବନ୍ଧୁ ପୃଷ୍ଟି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସରୋଜିନୀ ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ।

## ଦେଉଳଟାଙ୍ଗି କ୍ରିକେଟ: ଫାଇନାଲରେ ଦେଉଳଟାଙ୍ଗି ଓ କାଇପଦର




ଖୋର୍ଦ୍ଧା,୨୧।୩(ସମିସ): ଦେଉଳଟାଙ୍ଗି ମା' ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସପ୍ତମ ଦିବସର ପ୍ରଥମ ମ୍ୟାଚ୍ କଲ୍ୟାଣପୁର ଓ ଦେଉଳଟାଙ୍ଗି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଦେଉଳଟାଙ୍ଗି ଦଳ ବ୍ୟାଟିଂ କରି ୧୫ ଓଭର ଖେଳି ୯ ୱିକେଟ୍ ବିନିମୟରେ ୧୪୭ ରନ୍ କରିଥିଲା। ଜବାବରେ କଲ୍ୟାଣପୁର ଦଳ ୧୫ ଓଭର ଖେଳି ସମସ୍ତ ୱିକେଟ ହରାଇ ୫୩ ରନ୍ କରିଥିଲା। ଫଳରେ ଦେଉଳଟାଙ୍ଗି ଦଳ ୯୪ ରନ୍ ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଦଳ ତରଫରୁ ଗୋପିନାଥ ମାଝି ୧୮ ବଲରୁ ୩୪ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଦ୍ୱିତୀୟ ମ୍ୟାଚଟି କାଇପଦର ଓ ପଳାସପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପଳାସପୁର ଦଳ ୧୫ ଓଭର ଖେଳି ୯ ୱିକେଟ ବିନିମୟରେ ୧୬୨ ରନ୍ କରିଥିଲା। ଜବାବରେ କାଇପଦର ଦଳ ୧୩.୫ ଓଭର ଖେଳି ୫ ୱିକେଟ ବିନିମୟରେ ୧୬୫ ରନ କରିଥିଲା। ଫଳରେ ୫ ୱିକେଟ ରେ କାଇପଦର ଦଳ ବିଜୟୀ ହୋଇ ଫାଇନାଲରେ ପହଁଚିଛି। ଦଳ ତରଫରୁ କୁଳଦୀପ ପାଇକରାୟ ୧୬ବଲ୍‌ରେ ୪୧ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ଝଜ ସାମନ୍ତରାୟ ଓ ମଦନମୋହନ ସ୍ୱାଇଁ ପରିଚାଳନା କରିଥିବାବେଳେ ସ୍କୋରର ସନ୍ତୋଷ କୁମାର ସାହୁ ଓ ଭାଷ୍ୟକାର ଜିତେନ୍ଦ୍ର ପ୍ରଧାନ ରହିଥିଲେ।

# ବିଶ୍ୱ କବିତା ଦିବସରେ ବିଶ୍ୱଶାନ୍ତିର ଆହ୍ୱାନ

ଖୋର୍ଦ୍ଧା,୨୧।୩(ସମିସ)




ଶ୍ରୀରାମନଗର ସ୍ଥିତ ବରିଷ୍ଠ ନାଗରିକ ମଞ୍ଚ ସଭାଗୃହରେ ଡ଼. ପ୍ରମୋଦ ଚନ୍ଦ୍ର ଦାଶଙ୍କ ପୌରୋହିତ୍ୱରେ ବିଶ୍ୱ କବିତା ଦିବସ ପାଳିତ ହୋଇଯାଇଛି। ଭାଷା ଓ ସାଂସ୍କୃତିକ ବିବିଧତା ମଧ୍ୟରେ ବିଶ୍ୱବାସୀଙ୍କ ଭିତରେ ଏକତା ଓ ଶାନ୍ତି ବଜାୟ ରଖିବା ଉଦ୍ଦେଶ୍ୟରେ ମିଳିତ ଜାତିସଂଘ ଦ୍ୱାରା ମାର୍ଚ୍ଚ ୨୧ତାରିଖକୁ ବିଶ୍ୱ କବିତା ଦିବସ ରୂପେ ୧୯୯୯ ମସିହାଠାରୁ ପାଳିତ କରାଯାଉଅଛି। ସମୟର ଆହ୍ୱାନ ଅନୁଯାୟୀ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ଏହି ଦିବସରେ ବିଶ୍ୱବ୍ୟାପୀ ପ୍ରଚାର କରାଯାଇଥାଏ।

ମଞ୍ଚର ସଭାପତି ବିଧାନ ଚନ୍ଦ୍ର ମହାନ୍ତି, କବିତା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସାମ୍ପ୍ରତିକ ଆମେରିକା ଓ ଇସ୍ରାଇଲ ମିଳିତ ଭାବରେ ଇରାନ୍ ଉପରେ କରିଥିବା ଆକ୍ରମଣ କେବଳ ମଧ୍ୟ ପ୍ରାଚ୍ୟ ନୁହେଁ ସମଗ୍ର ଏସିଆ ମହାଦେଶ ପାଇଁ ଯୁଦ୍ଧର ବିଭୀଷିକା ସୃଷ୍ଟି କରିଛି। ଏପରିକି ତୃତୀୟ ବିଶ୍ୱଯୁଦ୍ଧ ଓ ପରମାଣୁ ବୋମାର ବ୍ୟବହାର କରିବାକୁ ନେଇ ବିଶ୍ୱ ଧ୍ୱଂସ ଆଡ଼କୁ ମୁହାଁଉଅଛି ବୋଲି ଆଶଙ୍କା ଦେଖାଦେଇଛି। ବିଶ୍ୱର ଶାନ୍ତିକାମୀ ମଣିଷମାନଙ୍କ 'ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ', 'ଧ୍ୱଂସ ନୁହେଁ ସୃଷ୍ଟି ଚାହୁଁ', 'ମୃତ୍ୟୁ ନୁହେଁ ଜୀବନ ଚାହୁଁ'ର ଦୃଢ଼ ନାରା ଯୁଦ୍ଧଖୋର ଶାସକମାନଙ୍କୁ ଅଟକାଇ ପାରିବ ବୋଲି ମଞ୍ଚର ସମ୍ପାଦକ ରାମଶଙ୍କର ସ୍ୱାଗତ ଭାଷଣରେ କହିଥିଲେ।

ବିଶ୍ୱଶାନ୍ତିର ସେତୁ -କବିତା, ଏହି ବାର୍ତ୍ତା ସହିତ ସ୍ୱରଚିତ କବିତା ଆସରରେ ଅନୁସୟା ସାମନ୍ତରାୟ, ସୌଦାମିନୀ ପଟ୍ଟନାୟକ, ଡ଼. ଚପଳା ପଣ୍ଡା, କବିତାରାଣୀ ମିଶ୍ର, ବୈକୁଣ୍ଠନାଥ ରାଜଗୁରୁ, ଡ଼. ପ୍ରଫୁଲ୍ଲ ସାମନ୍ତରାୟ, ବନବିହାରୀ ପଟ୍ଟନାୟକ, ଜୟକୃଷ୍ଣ ବାରିକ, ରମେଶ କୁମାର ଦାଶ, ଦିବାକର ମୁଦୁଲି, ବିନାୟକ ପାଇକରାୟ, ପ୍ରଫୁଲ୍ଲ କୁମାର ସାହୁ, ବଂଶୀଧର ଦାସ, ରାଜକିଶୋର ବଳିୟାରସିଂହ, କୈଳାସ ଚନ୍ଦ୍ର ପୃଷ୍ଟି, ଡ଼. ବୃନ୍ଦାବନ ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଡ଼ା. ବାସୁଦେବ ପାତ୍ର, ଦେବପ୍ରସାଦ ମଜୁମଦାର, ରତ୍ନାକର ରଣସିଂହ, ରବୀନ୍ଦ୍ର କୁମାର ସାହୁ, ହରମୋହନ ମହାପାତ୍ର, କ୍ଷେତ୍ରବାସୀ ସାହୁ, ଗଦାଧର ଗୋଛି, ଗଗନ ବିହାରୀ ପାଣିଗ୍ରାହୀ, ବିପ୍ର ଚରଣ ବେହେରା, ସତ୍ୟବ୍ରତ ଦାସ, ଅଞ୍ଜନ କୁମାର ରାୟ, ବିରଂଚି ନାରାୟଣ ପ୍ରଧାନ ପ୍ରମୁଖ ମଂଚ ର କର୍ମକର୍ତ୍ତାବୃନ୍ଦ ଙ୍କ ସହିତ ବହୁ ସଂଖ୍ୟାରେ ସଦସ୍ୟ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଓ ଶେଷରେ 'ଜାତୀୟ ସଙ୍ଗୀତ' ଗାନ କରାଯାଇଥିଲା। ଶେଷରେ ମଂଚ ର ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମା’ ବାୟଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ସମ୍ପନ୍ନ



ଛେଣ୍ଡିପଦା,୨୧।୩(ସମିସ): ଛେଣ୍ଡିପଦା ବ୍ଲକ ପାତ୍ରପଡ଼ା ଦେବୀନଗର ପାହାଡ଼ ପାଦଦେଶରେ ପୂଜା ପାଉଥିବା ମା' ବାୟାଣୀଙ୍କ ବାର୍ଷିକ ପୂଜା ଓ ଯାତ୍ରା ସମ୍ପନ୍ନ ହୋଇଛି। ଲକ୍ଷାଧିକ ଶ୍ରଦ୍ଧାଳୁ ମା’ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ଏହି ଯାତ୍ରା ପ୍ରତ୍ୟେକ ବର୍ଷ ଚୈତ୍ର ମାସର ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୋଇଥାଏ। ଯାତ୍ରାରେ ବହୁ ଦୂରଦୂରାନ୍ତରୁ ଭକ୍ତଙ୍କ ସମେତ ବହୁ ଛୋଟବଡ଼ ବ୍ୟବସାୟୀ ନିଜ ପସରା ମେଲାଇଥିଲେ। ଶୁକ୍ରବାର ଭୋରରୁ ପୂଜକ ମା’ଙ୍କୁ ସୁସଜ୍ଜିତ କରିବା ପରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଅବସରରେ ପ୍ରାୟ ୮ ଶହରୁ ଊର୍ଦ୍ଧ୍ୱ ମାନସିକଧାରୀ ମୁଣ୍ଡନ ହୋଇଥିଲେ। ଶତାଧିକ ମାନସିକଧାରୀ ମା'ଙ୍କ ନିକଟରେ ଅଧିଆ ପଡ଼ିଥିଲେ। ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ଏସପି, ଏସଡିପିଓ, ୫ଜଣ ଇନ୍ସପେକ୍ଟର, ୧୬ ଜଣ ଅଫିସରଙ୍କ ସମେତ ୪ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ। ପ୍ରକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଭକ୍ତିମୟ ପରିବେଶରେ ମା’ଙ୍କ ପୀଠ କମ୍ପିଉଠିଥିଲା।

# ଜମିହରା ପ୍ରଜାଙ୍କୁ ଥଇଥାନ ନେଇ ଗୃହରେ ପ୍ରଶ୍ନ କଲେ ବିଧାୟକ



କଣିହାଁ,୨୧।୩(ସମିସ): ବିଧାନସଭା ଅଧିବେଶନ ଅବସରରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ କଣିହାଁ ଏନଟିପିସି ପ୍ରକଳ୍ପରେ ଜମିହରା ପ୍ରଜାମାନଙ୍କ ଥଇଥାନ ଓ ନିଯୁକ୍ତି ସମସ୍ୟା ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ପ୍ରଶ୍ନ କରିଛନ୍ତି। ଏନଟିପିସି ଦ୍ୱାରା ଜମି ହରାଇଥିବା ପ୍ରଜାମାନଙ୍କୁ ଏପର୍ଯ୍ୟନ୍ତ ନିଯୁକ୍ତି ଓ ଥଇଥାନ କରାଯାଇଛି କି ନାହିଁ ଏବଂ ଯଦି କରାଯାଇନାହିଁ, ତେବେ କେବେ ସୁଦ୍ଧା କରାଯିବ ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ଏଥିସହ କେଉଁ କେଉଁ ଗ୍ରାମର କେତେ ଜଣ ଜମି ହରାଇଛନ୍ତି ଓ କେତେ ଜଣ ଏପର୍ଯ୍ୟନ୍ତ ଥଇଥାନ ହୋଇନାହାନ୍ତି, ତାହାର ତାଲିକା ଦେବାକୁ ମଧ୍ୟ ଦାବି କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ ପୂଜାରୀ କହିଥିଲେ ଯେ ଅନୁଗୋଳ ଜିଲ୍ଲାରେ ଏନଟିପିସି କଣିହାଁ ପ୍ରକଳ୍ପ ଦ୍ୱାରା ଜମିହରା ପ୍ରଜାମାନଙ୍କୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ନିଯୁକ୍ତି ଓ ଥଇଥାନ ଦିଆଯାଇ ନ ଥିବା ବିଷୟରେ ସରକାର ଅବଗତ ଅଛନ୍ତି। ପ୍ରକଳ୍ପର ୧୯୭୨ ଜଣ ପ୍ରକୃତ ପ୍ରଭାବିତ ବ୍ୟକ୍ତିଙ୍କ ମଧ୍ୟରୁ ବକେୟା ଥିବା ୪୧ ଜଣ ଯୋଗ୍ୟ ଜମିହରା ପ୍ରଜାଙ୍କୁ ଏପର୍ଯ୍ୟନ୍ତ ବିଭିନ୍ନ କାରଣରୁ ନିଯୁକ୍ତି ଓ ଥଇଥାନ ଦିଆଯାଇ ପାରିନାହିଁ। ଏହାର ପ୍ରମୁଖ କାରଣ ହେଲା ନକଲି ଶିକ୍ଷାଗତ ପ୍ରମାଣପତ୍ର ଦାଖଲ, ନୋମିନି ପରିବର୍ତ୍ତନ ସମସ୍ୟା ଓ ମୂଳ ପସନ୍ଦ ପରିବର୍ତ୍ତନ। ଏହି ସମସ୍ୟାଗୁଡ଼ିକ ସମାଧାନ ହେବା ପରେ ସେମାନଙ୍କୁ ଶୀଘ୍ର ଆଇନ ଅନୁଯାୟୀ ଥଇଥାନ ଓ ଚାକିରି ବ୍ୟବସ୍ଥା କରାଯିବ। ଏନଟିପିସି ଦ୍ୱାରା କେଉଁ ଗ୍ରାମର କେତେ ଜଣ ଜମି ହରାଇଛନ୍ତି, ସେଥିପାଇଁ ତାଲିକା ପ୍ରଦାନ କରାଯାଇଛି ଓ ବକେୟା ଥିବା ପ୍ରଭାବିତ ବ୍ୟକ୍ତିମାନଙ୍କ ତାଲିକା ମଧ୍ୟ ଦିଆଯାଇଛି। ଏହାସହ ସୁନ୍ଦରଗଡ଼ ଜିଲ୍ଲାର ତଥ୍ୟ ଅନୁଯାୟୀ, ଦୁଲିଙ୍ଗା ଖଣି ପ୍ରକଳ୍ପ ପାଇଁ ୪ ଗ୍ରାମର ୭୩୪ ଜଣ ଓ ଦର୍ଲିପାଲି ପ୍ରକଳ୍ପ ପାଇଁ ଗୋଟିଏ ଗ୍ରାମର ୨୭୯ ଜଣ ଜମିହରା ପ୍ରଜାଙ୍କୁ ଚାକିରି ଓ ଥଇଥାନ ବ୍ୟବସ୍ଥା କରାଯାଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ।

# ବିଏମଏସ ପକ୍ଷରୁ ପଖାଳ ଦିବସ ପାଳିତ




କଣିହାଁ,୨୧।୩(ସମିସ): ଅନୁଗୋଳ ଜିଲ୍ଲା କଣିହାଁସ୍ଥିତ ଏନଟିପିସି ବିଦ୍ୟୁତ ପ୍ରକଳ୍ପ ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ସହବନ୍ଧିତ ବିଦ୍ୟୁତ କର୍ମଚାରୀ ସଂଘ ପକ୍ଷରୁ କାର୍ଯ୍ୟାଳୟରେ ବିଶ୍ୱ ପଖାଳ ଦିବସ ଶୁକ୍ରବାର ପାଳିତ ହୋଇଛି। ଏଥିରେ ଏନଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ କେଏନ ରେଡ୍ଡୀ, ଏଜିଏମ (ଏଚଆର) ପଙ୍କଜ ଚୌଧୁରୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଅତିଥି ଭାବେ ଯୋଗଦେଇଥିଲେ। ସଂଘ ସଭାପତି ବୀରେନ୍ଦ୍ର କୁମାର କାନୁନଗୋ, ସମ୍ପାଦକ ଶୁଭେନ୍ଦୁ କୁମାର ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସମସ୍ତେ ଏକାଠି ବସି ପଖାଳ ସହିତ ବିଭିନ୍ନ ବ୍ୟଞ୍ଜନ ଖାଇଥିଲେ।

# ‘ଶିକ୍ଷା କାର୍ଯ୍ୟକ୍ରମରେ ଆମୂଳ ପରିବର୍ତ୍ତନ’ ଶୀର୍ଷକ ସେମିନାର




ଅନୁଗୋଳ,୨୧।୩(ସମିସ): ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପକ୍ଷରୁ ଶିକ୍ଷା କାର୍ଯ୍ୟକ୍ରମରେ ଆମୂଳ ପରିବର୍ତ୍ତନ ନେଇ ଏକ ଜାତୀୟ ସେମିନାର ଆୟୋଜିତ ହୋଇଛି। କଲେଜ ଶିକ୍ଷା ବିଭାଗ ମୁଖ୍ୟ ରାଜଶ୍ରୀ ଦାସ, ସହଯୋଗୀ ମୋନାଲିସା ପଣ୍ଡା ଏବଂ ତିରିଶରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଏହି ସେମିନାର ଆୟୋଜିତ ହୋଇଥିଲା। ଶିକ୍ଷଣ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ତଥା ପ୍ରଶିକ୍ଷଣ ଗ୍ରହଣ ଜନିତ ଦକ୍ଷତା ବୃଦ୍ଧି ଉପରେ ବକ୍ତାମାନେ ଆଲୋଚନା କରିଥିଲେ। ଅନୁଗୋଳ କଲେଜ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁ ଏବଂ ପିଜି ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ସାତକୋଶିଆରେ ବନ ବିଭାଗର ଦାଦାଗିରି

ଜଗନ୍ନାଥପୁର,୨୧।୩(ସମିସ):

ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଭୁକ୍ତ ଟିକରପଡ଼ା ପଞ୍ଚାୟତର ଟିକରପଡ଼ା ଛକରୁ ପଞ୍ଚାୟତ କାର୍ଯ୍ୟାଳୟ ଦେଇ ଜନବସତିକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟକୁ ବନ ବିଭାଗ ଅଧିକାରୀଙ୍କ ଦ୍ୱାରା ଜୋର୍ ଜବରଦସ୍ତ ବନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଅନୁଗୋଳ ଜିଲ୍ଲାର ଟିକରପଡ଼ା ଗ୍ରାମ ବହୁ ପୁରାତନ। ବ୍ରିଟିଶ ଶାସନ ପୂର୍ବରୁ ରାଜାରଜୁଡ଼ା ଅମଳର ଗାଁ ଟିକରପଡ଼ା। ଏହା ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ଜିଲ୍ଲା ମଧ୍ୟ ଦେଇ ବୋହି ଯାଇଥିବା ମହାନଦୀ ଅବବାହିକାରେ ଅବସ୍ଥିତ ଏହି ଅଞ୍ଚଳ ଦେଶ ତଥା ବିଦେଶରେ ପ୍ରସିଦ୍ଧ। ଏଠାରେ ରହିଛି ଭାରତ ପ୍ରସିଦ୍ଧ କୁମ୍ଭୀର ପ୍ରଜନନ କେନ୍ଦ୍ର। ଟିକରପଡ଼ା ଛକରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଦେଇ ବନ ବିଭାଗର ସ୍ଥାନୀୟ ଅଧିକାରୀଙ୍କ କାର୍ଯ୍ୟାଳୟ, ବନ ବିଭାଗ କର୍ମଚାରୀମାନଙ୍କ ସରକାରୀ ବାସଭବନ ଓ ଉକ୍ତ ସାହିରେ ବାସ କରୁଥିବା ସ୍ଥାନୀୟ ଲୋକଙ୍କ ଘର, ଟିକରପଡ଼ା ପ୍ରାଥମିକ ବିଦ୍ୟାଳୟ, ବନ ବିଭାଗର ସରକାରୀ ବଙ୍ଗଳା ଓ କୁମ୍ଭୀର ପ୍ରଜନନ କେନ୍ଦ୍ର ଆଦିକୁ ସଂଯୋଗ କରୁଥିବା ଏକ ମାତ୍ର ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡ଼ିଛି। ଉକ୍ତ ରାସ୍ତା ରାଜସ୍ୱ ବିଭାଗ ଅଧୀନରେ ଥିଲେ ମଧ୍ୟ (ଆମ ଦେଶରେ ବନ ବିଭାଗ ଗଠନ ହେବାର ବହୁ ପୂର୍ବରୁ ସେ ରାସ୍ତା) ତାକୁ ବନ ବିଭାଗ ଜୋର୍ ଜବରଦସ୍ତ ଅକ୍ତିଆରରେ ରଖିଛି। ତେବେ ରାସ୍ତାର ରକ୍ଷଣାବେକ୍ଷଣ କେବେ କରୁ ନ ଥିବା ବନ ବିଭାଗ କିଛିଦିନ ତଳେ ଲୋକସଭାର ସ୍ଥାନୀୟ ପ୍ରତିନିଧି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଗସ୍ତ କାଳରେ କିଛି ମାଟି

## ସରକାରଙ୍କ ଉନ୍ନତି ମୂଳକ କାର୍ଯ୍ୟରେ ସାଜିଛି ବାଧକ

ପକାଇ ଖାଲଢିପରେ ପରିପୂର୍ଣ୍ଣ ଏହି ରାସ୍ତାକୁ ରାତିଅଧିଆ ଯୁଦ୍ଧକାଳୀନ ଭିତ୍ତିରେ ସଜାଡ଼ିଥିଲା। ଏବେ ଅନୁଗୋଳ ପଞ୍ଚାୟତ ସମିତି ତରଫରୁ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ ହେଉଥିଲା ବେଳେ ବନ ବିଭାଗ ଅଧିକାରୀ ତଥା କର୍ମଚାରୀମାନେ ଆସି ଜୋରଜବରଦସ୍ତ ସରକାରଙ୍କ ଏହି ଉନ୍ନତିମୂଳକ କାର୍ଯ୍ୟକୁ ବନ୍ଦ କରିଥିବା ଠିକାଦାର ଅଭିଯୋଗ କରିଛନ୍ତି।

ଠିକାଦାରଙ୍କ କହିବା ଅନୁଯାୟୀ, ଉକ୍ତ ରାସ୍ତା ରାଜସ୍ୱ ବିଭାଗର। ସ୍ଥାନୀୟ ରାଜସ୍ୱ ବିଭାଗ ଅଧିକାରୀ ମଧ୍ୟ ରାସ୍ତାର ନକ୍ସା ଆଙ୍କି ସରକାରୀ ଭାବେ ଦେଇଛନ୍ତି। କିନ୍ତୁ ବନ ବିଭାଗର ଅଜବ ଯୁକ୍ତି ଯେ ଏ ରାସ୍ତା ବନ ବିଭାଗର।



ସାତକୋଶିଆ ଅଭୟାରଣ୍ୟର ବନଖଣ୍ଡ ଅଧିକାରୀ ଏହା ଉପରେ ଏକ ହାସ୍ୟାସ୍ପଦ ମନ୍ତବ୍ୟ ଦେଇଥିବାର ସୂଚନା ମିଳିଛି ଯେ ସ୍ଥାନୀୟ ରାଜସ୍ୱ ବିଭାଗ ଅଧିକାରୀ ଏହି ରାସ୍ତାର ଭୁଲ ନକ୍ସା ପ୍ରସ୍ତୁତ କରିଛନ୍ତି। ତେଣୁ ଏହି ରାସ୍ତା କେଉଁ ବିଭାଗର ତାହା ବଡ଼ ପ୍ରଶ୍ନବାଚୀ ଏବଂ ଦୁର୍ଭାଗ୍ୟର ବିଷୟ ଯେ ଏହି ରାସ୍ତା ଦେଇ ସ୍ଥାନୀୟ ବାସିନ୍ଦା, ଶହ ଶହ ପର୍ଯ୍ୟଟକ, ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ଯାତାୟାତ କରୁଥିଲେ ମଧ୍ୟ କାହାରି ଦୃଷ୍ଟି ପଡୁନାହିଁ। ଆଉ ଏବେ ଏହାର ଉନ୍ନତୀକରଣ ହେଉଥିବା ବେଳେ ଖୋଦ୍ ସରକାରଙ୍କ ବନ ବିଭାଗ ଏହି ସରକାରୀ କାର୍ଯ୍ୟରେ ବାଧା ଉପୁଜାଉଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଯେ ସାତକୋଶିଆ ଅଭୟାରଣ୍ୟର ବନ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଛି। ଜଙ୍ଗଲ ଭିତରେ ରାସ୍ତାର ଉନ୍ନତୀକରଣ, ବନ୍ୟଜନ୍ତୁଙ୍କ ପାଇଁ ଉଦ୍ଦିଷ୍ଟ ପୋଖରୀ ଖୋଳା ନାମରେ ଲକ୍ଷ ଲକ୍ଷ ଟଙ୍କା ହେରଫେର ହେଉଛି। ଏହା ଉପରେ କାହାର କିଛି ଅଙ୍କୁଶ ନାହିଁ। ଯଦି ସାତକୋଶିଆ ଅଭୟାରଣ୍ୟର ବନ ବିଭାଗ ଉପରେ ବିଭିନ୍ନ ସମୟରେ ଉପଯୁକ୍ତ ତଦନ୍ତ ହୁଅନ୍ତା ତେବେ ଅନେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କ ପର୍ଦ୍ଦାଫାସ୍ ହୋଇପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। କେତେବେଳେ ଗାଁ ଉଠାଇବାରେ ତ ଆଉ କେତେବେଳେ ମିଥ୍ୟା ମାମଲା କରି ନିରୀହ, ଗରିବ ଆଦିବାସୀଙ୍କ ଉପରେ ଅତ୍ୟାଚାରର ଅନେକ ଅଭିଯୋଗ ରହିଛି ବନ ବିଭାଗ ବିରୋଧରେ। ଏହା ଉପରେ ଉଚ୍ଚତମ ନ୍ୟାୟାଳୟ ଓ ମାନବାଧିକାର କମିଶନଙ୍କ ନିକଟରେ ଅନେକ ମାମଲା ମଧ୍ୟ ଚାଲିଛି। ସାତକୋଶିଆରେ ବନବିଭାଗ କୌଣସି ସରକାରୀ ନିୟମକୁ ପାଳନ ନ କରି, ନିଜସ୍ୱ ଇଚ୍ଛାରେ ଲୋକଙ୍କ ବିରୋଧରେ ସବୁବେଳେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି।

# ଅନୁଗୋଳ କଲେଜରେ କ୍ୟାମ୍ପସ୍ ନିଯୁକ୍ତି ଅଭିଯାନ



ଅନୁଗୋଳ,୨୧।୩(ସମିସ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ‘ବୃତ୍ତିଗତ ପରାମର୍ଶ କେନ୍ଦ୍ର ଏବଂ ନିଯୁକ୍ତି କୋଷ’ ଓ ଏମସିଏ ବିଭାଗ ମିଳିତ ଆନୁକୂଲ୍ୟରେ କ୍ୟାମ୍ପସ୍ ନିଯୁକ୍ତି ଅଭିଯାନ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଶିକ୍ଷା ଓ ବୃତ୍ତିଗତ ଜୀବନ ଯାତ୍ରାରେ ସମସ୍ତ ସୁଯୋଗକୁ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସର ସହ ଉପଯୋଗ କରିବାକୁ ପ୍ରେରିତ କରିଥିଲେ। ଏଥିରେ ଇଣ୍ଟିଗ୍ରେଅନ୍ କମ୍ପାନୀର ନିଯୁକ୍ତିଦାତାମାନେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ବୃତ୍ତିଗତ ପରାମର୍ଶ କେନ୍ଦ୍ର ଏବଂ ନିଯୁକ୍ତି କୋଷର ଅଧିକାରୀ ସହକାରୀ ପ୍ରଫେସର ସୁଜ୍ଞାନୀ ରଥ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସେମାନଙ୍କ ନିଯୁକ୍ତି ଏବଂ କ୍ୟାରିଅର ସମ୍ଭାବନା ବୃଦ୍ଧି ପାଇଁ ନିରନ୍ତର ସହାୟତାର ପ୍ରତିଶ୍ରୁତି ଦେଇଥିଲେ। ନିଯୁକ୍ତି ପ୍ରକ୍ରିୟାକୁ ପିନାକେଲ୍ ହ୍ୟୁମାନ୍ ରିସୋର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସମ୍ବିତ ସେଠୀ ପରିଚାଳନା କରିଥିଲେ। ମୋଟ ୩୭ ଛାତ୍ରଛାତ୍ରୀ ଲିଖିତ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୮ ଜଣଙ୍କୁ ଚୟନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ୨୮ ଛାତ୍ରଛାତ୍ରୀ ସାକ୍ଷାତକାର ରାଉଣ୍ଡ ପାଇଁ ଉପସ୍ଥିତ ହୋଇଥିଲେ ଏବଂ ୧୩ ଜଣଙ୍କୁ କମ୍ପାନୀ ଦ୍ୱାରା ସିଧାସଳଖ ଆୟୋଜିତ ହେବାକୁ ଥିବା ଚୂଡ଼ାନ୍ତ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ତାଲିକାଭୁକ୍ତ କରାଯାଇଥିଲା। ଶେଷରେ ଏମସିଏ ବିଭାଗ ମୁଖ୍ୟ ନୀଳାମ୍ବର ନାୟକ ନିଯୁକ୍ତିଦାତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସାହୁ ଏବଂ ମହେଶ କୁମାର ସାହୁ ସହଯୋଗ କରିଥିଲେ।

# ରସାୟନ ବିଜ୍ଞାନ ବିଭାଗର ସେମିନାର



ଅନୁଗୋଳ,୨୧।୩(ସମିସ): ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଶନିବାର ବାର୍ଷିକ ସେମିନାର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁ ଏଥିରେ ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କୁ ବୈଜ୍ଞାନିକ ଗବେଷଣା ଓ ନୂତନ ଉଦ୍ଭାବନ ପାଇଁ ଉତ୍ସାହିତ କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଅନସୂୟା ମିଶ୍ର ସେମିନାରର ଆଭିମୁଖ୍ୟ ପ୍ରକାଶ କରିଥିଲେ। ଏହି ଅବସରରେ ବିଭାଗୀୟ "ସେମିନାର ବୁଲେଟିନ୍’ ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେମିନାରରେ ହାଇଦ୍ରାବାଦ ଆଇଆଇସିଟିର ମୁଖ୍ୟ ବୈଜ୍ଞାନିକ ଡ. ଦେବେନ୍ଦ୍ର କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଡ୍ରଗ ରିସର୍ଚ୍ଚ ବିଷୟରେ ଭାଷଣ ପ୍ରଦାନ କରିଥିଲେ। ଡ. ଏଲ୍ଏନ୍ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ପ୍ରମୋଦ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବଅଁରପାଳ ସେବାଶ୍ରମ ସ୍କୁଲରେ ନୂତନ ଶିକ୍ଷାବୃତ୍ତି ପ୍ରଚଳନ

ବଅଁରପାଳ,୨୧।୩(ସମିସ): ସ୍ଥାନୀୟ ସେବାଶ୍ରମ ସ୍କୁଲରେ "ଶ୍ରୀ ସୁରେନ୍ଦ୍ରନାଥ ମହାନ୍ତି ସ୍କଲାରସିପ୍ ଫର୍ ଏକାଡେମିକ୍ ଏକ୍ସଲେନ୍ସ’ ନାମରେ ନୂତନ ବେସରକାରୀ ଶିକ୍ଷାବୃତ୍ତିର ଆରମ୍ଭ ହୋଇଛି। ଚଳିତ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ତୃତୀୟ ଶ୍ରେଣୀ ଛାତ୍ରୀ ଦିବ୍ୟାସିନୀ ନାଏକ, ଚତୁର୍ଥ ଶ୍ରେଣୀ ଛାତ୍ରଛାତ୍ରୀ ସାଇକ୍ରିଷ୍ଣା ଜେନା ଓ ଶ୍ରାବଣୀ ଗଡ଼ନାୟକ ଓ ପଞ୍ଚମ ଶ୍ରେଣୀ ଛାତ୍ରୀ ସ୍ଥିତିପ୍ରଜ୍ଞା ବେହେରା ଓ ଲକ୍ଷ୍ମୀପ୍ରିୟା ମୁର୍ମୁଙ୍କୁ ଏକହଜାର ଟଙ୍କା ଲେଖାଏଁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ବଅଁରପାଳ ଗୋଷ୍ଠୀ ସମାଜ ମଙ୍ଗଳ ଅଧିକାରିଣୀ ସୁଶ୍ରୀ ଶକୁନ୍ତଳା ପ୍ରିୟଦର୍ଶିନୀ ଯୋଗଦେଇ ଏହି ବୃତ୍ତି ପ୍ରଦାନ କରି ଏହା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ସବରେ ଅଧ୍ୟକ୍ଷତା କରି ପ୍ରଧାନଶିକ୍ଷକ ପ୍ରବୀର କୁମାର ବେହେରା ବୃତ୍ତି ପ୍ରଚଳନ କରିଥିବା ଭୁବନେଶ୍ୱର ନିବାସୀ ବଦାନ୍ୟ ପରିବାରର ଦୀପ୍ତି ମହାନ୍ତି, ଅଧୁନା ଆମେରିକାରେ ଅବସ୍ଥାପିତ ଓ କାର୍ଯ୍ୟରତ ତାଙ୍କ ଭାଇ ଭାଉଜ ପ୍ରଫେସର ମନୋଜ କୁମାର ମହାନ୍ତି ଓ ଡ. ପ୍ରଜ୍ଞା ପାରମିତା ମହାନ୍ତି ତଥା ସାନଭାଇ ସତ୍ୟସୁନ୍ଦର ମହାନ୍ତିଙ୍କୁ ସାଧୁବାଦ ଜଣାଇଥିଲେ। ମନୋଜ କୁମାର ମହାନ୍ତି ୧୯୭୨-୭୪ରେ ଏହି ବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ସେ ସମୟରେ ତାଙ୍କ ପିତା ସ୍ୱର୍ଗତ ସୁରେନ୍ଦ୍ରନାଥ ମହାନ୍ତି ଜଣେ ସଚ୍ଚୋଟ ଓ ଦକ୍ଷ ବିଡିଓ ଭାବେ ଏ ଅଞ୍ଚଳରେ ସମସ୍ତଙ୍କ ପ୍ରିୟପାତ୍ର ଥିଲେ ବୋଲି ମନୋଜଙ୍କ ସ୍ଥାନୀୟ ବାଲ୍ୟବନ୍ଧୁ ତଥା ସହପାଠୀ ଦୁଃଖବନ୍ଧୁ ପରିଡ଼ା ପ୍ରକାଶ କରିଥିଲେ। ମନୋଜଙ୍କ ବାଲ୍ୟ ବନ୍ଧୁ ସୁରେଶ ଚନ୍ଦ୍ର ଦାସ, ଅଶୋକ ରାଉତ ଓ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ସତ୍ୟସୁନ୍ଦର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



# ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନରେ କଲ୍ୟାଣଧର୍ମୀ କାର୍ଯ୍ୟକ୍ରମ

ଅନୁଗୋଳ,୨୧।୩(ସମିସ): ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲଙ୍କ ଜନ୍ମଦିନ ଉତ୍ସାହର ସହ ପାଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ମାନବକଲ୍ୟାଣଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜିନ୍ଦଲ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲର କର୍ମଚାରୀମାନେ ଯୋଗଦେଇ ଅନୁଗୋଳ ଜିଲ୍ଲାର ବିଭିନ୍ନ ବୃଦ୍ଧାଶ୍ରମ ଓ ଅନାଥାଶ୍ରମରେ ଅନ୍ତେବାସୀଙ୍କ ସହିତ ସମୟ ବିତାଇବା ସହ ଏକାଠି ଭୋଜନ କରିଥିଲେ। ଅନୁଗୋଳ ପ୍ରକଳ୍ପ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପିକେ ବିଜୁ ନାୟାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇସ୍ପାତ ଜୋନ୍) ଦାମୋଦର ମିତ୍ତଲ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏସଏମଏସ୍ ଏବଂ ମିଲ୍ସ) ହୃଦୟେଶ୍ୱର ଝା ଏବଂ ସଭାପତି (ମାନବ ସମ୍ବଳ) ଦିଲୀପ ସିହ୍ନାଙ୍କ ସମେତ ବିଭାଗୀୟ ମୁଖ୍ୟ, କର୍ମଚାରୀ, ଜନ୍ମଦିନ ପାଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିନ୍ଦଲ ନଗରରେ ଅବସ୍ଥିତ



ଦେବଭୂମି ମନ୍ଦିର ଓ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ପୂଜାପାଠ ଓ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବୀରଭୂମି (ଶ୍ରମିକ ବିହାର) ଆଦି ଜିନ୍ଦଲ ଷ୍ଟିଲର ବିଭିନ୍ନ କାର୍ଯ୍ୟସ୍ଥଳୀରେ ଜନ୍ମଦିନ ଉତ୍ସବ ପାଳନ କରାଯାଇଥିଲା। ଅନେକ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିପାରିଥିବା ସାବିତ୍ରୀ ଜିନ୍ଦଲଙ୍କ କାର୍ଯ୍ୟକୁ ସମ୍ମାନ ଜଣାଇ ଦିନଟିକୁ ସେବା ପାଇଁ ଉତ୍ସର୍ଗ କରାଯାଇଥିଲା। ସୂଚନାଯୋଗ୍ୟ, ସାବିତ୍ରୀ ଜିନ୍ଦଲ ଲୋକଙ୍କ ସେବା ପାଇଁ ଉଲ୍ଲେଖନୀୟ ଅବଦାନ ଦେଇ ଆସୁଛନ୍ତି। ସେ ହରିୟାଣା ସରକାରରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ଏବଂ ବର୍ତ୍ତମାନ ହିସାରରୁ ସ୍ୱାଧୀନ ବିଧାୟକ ଭାବେ ପ୍ରତିନିଧିତ୍ୱ କରୁଛନ୍ତି।

# ଷୋଳପଦାରେ ଜଳଯୋଦ୍ଧା ସତ୍ୟବ୍ରତ ବାଘ



କିଶୋରନଗର,୨୧।୩(ସମିସ): ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ଗ୍ରାମର ସତ୍ୟବ୍ରତ ବାଘ ପେସାରେ ଜଣେ ପାଣି ମିସ୍ତ୍ରି ହୋଇଥିବା ସତ୍ତ୍ୱେ ଜଳ ସଙ୍କଟ ସମୟରେ ମାନବିକତାର ଉଦାହରଣ ଦେଖାଇଛନ୍ତି। ଷୋଳପଦା ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ସେ ନଳକୂପ ଓ ପାଇପଲାଇନ୍ ମରାମତି କାମରେ ନିଯୁକ୍ତ ଅଛନ୍ତି। ଅଞ୍ଚଳରେ ଜଳ ସମସ୍ୟା ଦିନକୁ ଦିନ ଗମ୍ଭୀର ରୂପ ଧାରଣ କରୁଥିବା ବେଳେ ସତ୍ୟବ୍ରତ ନିଜ ସ୍ୱାର୍ଥକୁ ପଛରେ ରଖି ଲୋକଙ୍କ ସେବାରେ ନିରନ୍ତର କାମ କରୁଛନ୍ତି। ନଳକୂପ ଅଚଳ କିମ୍ବା ପାଇପ ଲାଇନରେ ତ୍ରୁଟି ହେଲେ ସେ ଦିନରାତି ପରିଶ୍ରମ କରି ସମସ୍ୟା ସମାଧାନ କରୁଛନ୍ତି। ଜରୁରୀ ସମୟରେ ଡାକ ପଡ଼ିଲେ ତୁରନ୍ତ ପହଞ୍ଚି ଲୋକମାନଙ୍କୁ ପାଣି ସୁବିଧା ଯୋଗାଇବାରେ ଲାଗି ପଡୁଛନ୍ତି। ତାଙ୍କର ଏହି ନିଷ୍ଠା, ପରିଶ୍ରମ ଓ ସେବା ମନୋଭାବ ପାଇଁ ସ୍ଥାନୀୟ ଲୋକେ ତାଙ୍କୁ ଉଚ୍ଚ ପ୍ରଶଂସା କରୁଛନ୍ତି। ଲୋକଙ୍କ କହିବା ଅନୁସାରେ, ଜଳ ସଙ୍କଟ ସମୟରେ ସତ୍ୟବ୍ରତଙ୍କ ଭଳି ସେବାନିଷ୍ଠ ବ୍ୟକ୍ତିଙ୍କ ସହଯୋଗ ନ ମିଳିଲେ ପରିସ୍ଥିତି ଅଧିକ ଗୁରୁତର ହୋଇପଡ଼ଥାଆନ୍ତା। ତାଙ୍କର ଏହି ନିଷ୍ଠାପୂର୍ଣ୍ଣ ସେବା ସମାଜ ପାଇଁ ପ୍ରେରଣା ସାଜିଛି।

## ୧୭୨ କୋଟିର ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ

# ‘ଗାଁ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଲକ୍ଷ୍ୟ’

ଛେଣ୍ଡିପଦା,୨୧।୩(ସମିସ):






ପ୍ରତ୍ୟେକ ଗ୍ରାମରେ ବିକାଶର ଧାରାକୁ ସୁଦୃଢ଼ କରି ଲୋକଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଆମର ମୂଳ ଲକ୍ଷ୍ୟ ବୋଲି ଶନିବାର ଅନୁଗୋଳ ଜିଲ୍ଲା ଛେଣ୍ଡିପଦାଠାରେ ପ୍ରାୟ ୧୭୨ କୋଟି ଟଙ୍କାର ୪୧ ବିକାଶମୂଳକ ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ପ୍ରଧାନ କହିଛନ୍ତି, ଛେଣ୍ଡିପଦା ଅଞ୍ଚଳର ପ୍ରଗତି ପାଇଁ ନିର୍ମିତ ହେବାକୁ ଥିବା ଷ୍ଟାଡିୟମ୍ ଓ ନୂତନ କମ୍ୟୁନିଟି ସେଣ୍ଟର ଭଳି ବୃହତ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏଥିସହ ୪୨ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନୁଗୋଳ ଜିଲ୍ଲାକୁ ପ୍ରାୟ ୨୫,୦୦୦ରୁ ଅଧିକ ଘର ଆସିବ। ଡବଲ ଇଞ୍ଜିନ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଭତ୍ତା ପହଞ୍ଚାଇବାକୁ ସଂକଳ୍ପବଦ୍ଧ। ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ ଲକ୍ଷ୍ୟରେ ଡେରଜଙ୍ଗ ପ୍ରକଳ୍ପରେ ଆଧୁନିକ ବୋଟିଂ ବ୍ୟବସ୍ଥା ଲୋକାର୍ପଣ କରାଯାଇଛି। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ରୋଜଗାର ବୃଦ୍ଧି ପାଇବ। ଆଗାମୀ ପିଢ଼ି ପାଇଁ ଏକ ସ୍ୱଚ୍ଛ ପରିବେଶ ଗଢ଼ିବାକୁ ହେଲେ ସ୍କୁଲଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ କରିବାକୁ ହେବ। ଏଥିପାଇଁ ସମସ୍ତ ଶିକ୍ଷକଙ୍କ ସହଯୋଗ ଆବଶ୍ୟକ ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରଧାନ କହିଛନ୍ତି। ଏହି କାର୍ଯ୍ୟକ୍ରମ ପରେ ପ୍ରଧାନ ଛେଣ୍ଡିପଦାଠାରେ ଦଳର ନୂତନ କାର୍ଯ୍ୟାଳୟ ଉଦଘାଟନ କରିବା ସହ ମିଶ୍ରଣ ପର୍ବରେ ଯୋଗଦେଇଥିଲେ। ଏହି ଅବସରରେ ସେ କହିଲେ, ଏହି କାର୍ଯ୍ୟାଳୟ କେବଳ ଏକ କୋଠା ନୁହେଁ, ଏହା ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସେବା, ସଂକଳ୍ପ ଏବଂ ସମର୍ପଣର ନୂଆ କେନ୍ଦ୍ରବିନ୍ଦୁ। ଆଗାମୀ ଦିନରେ ଏହା ଅଞ୍ଚଳର ଲୋକଙ୍କ ସମସ୍ୟା ସମାଧାନ ଓ ବିକାଶମୂଳକ ଆଲୋଚନାର ପ୍ରମୁଖ ସ୍ଥଳ ସାଜିବ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ଛେଣ୍ଡିପଦାରେ ଆୟୋଜିତ ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ୧୬୨.୯୧ କୋଟି ଟଙ୍କାର ୩୫ ପ୍ରକଳ୍ପର ଶିଳାନ୍ୟାସ ସହ ୮.୭୩ କୋଟି ଟଙ୍କାର ୬ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଛି। ଏତଦବ୍ୟତୀତ ଅନୁଗୋଳ ଗସ୍ତକାଳରେ ବଅଁରପାଳ ଅନ୍ତର୍ଗତ ତୁରଙ୍ଗ ପଞ୍ଚାୟତରେ ନୂତନ ପଞ୍ଚାୟତ ଗୃହ, ତୁରଙ୍ଗ ଛକରେ ନିର୍ମିତ ଯାତ୍ରୀ ବିଶ୍ରାମାଗାର ଏବଂ ଛେଣ୍ଡିପଦାଠାରେ ବାଲିପଙ୍ଗା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, ବ୍ଲକ୍ ଅଧ୍ୟକ୍ଷା ସୁମିତ୍ରା ସାହୁ, ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଏସ୍‌ପି ରାହୁଲ ଜୈନ, ଛେଣ୍ଡିପଦା ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଏବଂ ବିଜେପି କର୍ମକର୍ତ୍ତା ଯୋଗଦେଇଥିଲେ।

# ଧୂମଧାମରେ ଇଦ୍ ପାଳିତ



ଛତ୍ରପୁର,୨୧।୩(ସମିସ): ଆଜି ମୁସଲମାନ ଭାଇମାନଙ୍କ ପବିତ୍ର ରମ୍‌ଜାନ ମାସର ଶେଷ ଦିନ। ଆଜି ଦିନକୁ ଇଦ୍ ରୁପେ ପାଳନ କରିଛନ୍ତି ମୁସ୍‌ଲିମ୍ ସମ୍ପ୍ରଦାୟ। ଛତ୍ରପୁର ପୁତିଗୋପାଳପୁର ସ୍ଥିତ ମସଜିଦରେ ଧର୍ମଗୁରୁ ହାଫିଜ୍ ମହମ୍ମଦ ଜମିରଉଦ୍ଦିନଙ୍କ ତତ୍ତ୍ୱାବଧାନରେ ସକାଳେ ସମୂହ ନମାଜପାଠ କରି ଇଦ୍ ପାଳନ କରାଯାଇଥିଲା। ଏହି ଅବସରରେ ମୁସଲିମ ଭାଇମାନେ ପରସ୍ପରକୁ ଆଲିଙ୍ଗନ କରି ଇଦ୍ ମୁବାରକ ଜଣାଇଛନ୍ତି। ମୁସଲମାନ ସମ୍ପ୍ରଦାୟର ବିଶ୍ୱାସ ଅନୁଯାୟୀ ଏହି ପବିତ୍ର ରମଜାନ ମାସରେ ଦୀର୍ଘ ଏକ ମାସ ଧରି ରୋଜା ବା ଉପବାସ ପାଳନ କରିଥାନ୍ତି। ଏହା ସହ ଗରିବ ଲୋକଙ୍କୁ ବସ୍ତ୍ର ଖାଦ୍ୟ ଓ ବିଭିନ୍ନ ଆର୍ଥିକ ସହାୟତା ମଧ୍ୟ କରିଥାନ୍ତି। ଏହାଦ୍ୱାରା ପୂଣ୍ୟ ଅର୍ଜନ ହୋଇଥାଏ ବୋଲି ସେମାନଙ୍କ ବିଶ୍ୱାସ ରହିଛି। ଏହି ଅବସରରେ ଆଫୋ ଖାନ୍, ଆଫତାବ୍ ଖାନ୍, ନାଜର ଖାନ୍, ଇଜୁ ଅମିନ ଖାନ୍, ଜାକିର ଖାନ୍, ଇସୁବ୍ ଖାନ, ଫାତୋ ଖାନ, ଆଇବ୍ ଖାନ, ଜଲାଲ ଖାନ୍, ଆର୍ଶଲାନ ଖାନ୍, ସିକନ୍ଦର ଖାନ୍, ସଲମାନ ଖାନ ପ୍ରମୁଖ ସମସ୍ତଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।

# ଶିବ ସେବକ ମୁନୀ ସଂଘର ବାର୍ଷିକ ସମ୍ମିଳନୀ

ଧରାକୋଟ,୨୧।୩(ସମିସ): ଧରାକୋଟ ତାଲୁକ ଶିବ ସେବକ ମୁନି ସଙ୍ଘର ୧୮ ତମ ବାର୍ଷିକ ସମ୍ମିଳନୀ ଗଙ୍ଗାପୁର ଶାସନ ସ୍ଥିତଚନ୍ଦ୍ରକଳେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। କୁଳ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସମାଧାନର ପନ୍ଥା ବାହାର କରାଯାଇଥିଲା। କୁଳ ସମାଜରୁ ଦଣ୍ଡ ବିଧାନ ଉଚ୍ଛେଦ ଓ ବାଲ୍ୟ ବିବାହ ବନ୍ଦ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। କୁଳାଧିଶ ପ୍ରକାଶ ମୁନିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦୁଇ ଦିନିଆ ସମ୍ମିଳନୀରେ ୩୨ ଖଣ୍ଡ ଗ୍ରାମର ମୁନି ଶିବ ସେବକମାନେ ଉପସ୍ଥିତ ଥିଲେ। ଆଗାମୀ ବର୍ଷ ପାଇଁ ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ପ୍ରକାଶ ଚନ୍ଦ୍ର ମୁନୀ, ଉପସଭାପତି ତଥା କୁଳବେହେରା କାଳୀ ଚରଣ ମୁନୀ, ଭାସ୍କର ମୁନୀ, ସାଧାରଣ ସମ୍ପାଦକ ଭାବେ ଜିତେନ୍ଦ୍ର କୁମାର ମୁନୀ, ଯୁଗ୍ମ ସମ୍ପାଦକ ଭାବେ ଉମାକାନ୍ତ ମୁନୀ ଓ କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ମୁନୀ ନବ ନିଯୁକ୍ତି ପାଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ କାଳୁ ଚରଣ ମୁନୀ, ଶରତ ଚନ୍ଦ୍ର ମୁନୀ, ଡାକ୍ତର ମୁନୀ, ଗଙ୍ଗାଧର ମୁନୀ ଓ ବିଜୟ ମୁନୀ ମନୋନୀତ ହୋଇଥିଲେ। ସମ୍ମିଳନୀକୁ ଗଙ୍ଗାପୁର ଶାସନର ଗ୍ରାମ ସଭାପତି ଶରତ ମୁନୀ, ସମ୍ପାଦକ ଶଙ୍କର୍ଷଣ ମୁନୀ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ମୁନୀ, ସଭ୍ୟ ନଟବର ମୁନୀ, ରଘୁନାଥ ମୁନୀ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# ଦଣ୍ଡକାଳୀ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଧରାକୋଟ,୨୧।୩(ସମିସ): ଧରାକୋଟ ବ୍ଲକର ରୁଗୁମୁ ପଞ୍ଚାୟତ ଅନ୍ତର୍ଗତ କାନଗିରିଡି ଗ୍ରାମରେ ନୂତନ ଭାବରେ ନିର୍ମିତ ମା' ଦଣ୍ଡକାଳି ମହାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହା ଦୀର୍ଘ ପାଞ୍ଚ ଦିନ ଧରି ଚାଲିବ। ଆସନ୍ତା ୨୫ରେ ମହାଦେବୀଙ୍କ ସିଂହାସନ ଆରୋହଣ ପରେ ପୂର୍ଣ୍ଣାହୂତି ପ୍ରଦାନ କରି ଜ୍ଞାନଯଜ୍ଞର ସମାପନ ହେବ। କର୍ତ୍ତା ଭାବରେ ଅଶୋକ ପଣ୍ଡା, ଦୟାନିଧି ପ୍ରଧାନ, ସୀମାଞ୍ଚଳ ପଣ୍ଡା, ସୁବାସ ଚନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ପଣ୍ଡା, ସୁଧାଂଶୁ ଶେଖର ମହାରଣା ଓ କଂଗ୍ରେସ ଗୌଡ଼ ଦାୟିତ୍ୱ ତୁଲାଉଛନ୍ତି। ପ୍ରତିଷ୍ଠା ଉତ୍ସବରେ ପଣ୍ଡିତ କୈଳାସ ଚନ୍ଦ୍ର ମିଶ୍ର, ମୁନା ମିଶ୍ର, ପବିତ୍ର ମିଶ୍ର, ଜଗଦୀଶ ମିଶ୍ର, ଅଶ୍ୱିନୀ ଷଡ଼ଙ୍ଗୀ, ଚନ୍ଦ୍ରପାଣି ମିଶ୍ର, କାଳୁଚରଣ ମିଶ୍ର, ମନୋରଞ୍ଜନ ମିଶ୍ର, ଅବନୀ ମିଶ୍ର, ପ୍ରଦୀପ ମିଶ୍ର, ମନୋଜ ମିଶ୍ର, ରଶ୍ମି ମହାପାତ୍ର ଓ ଭଗବତୀ ମିଶ୍ର ଯଜ୍ଞ କାର୍ଯ୍ୟରେ ନିୟୋଜିତ ରହିଛନ୍ତି। କାନଗିରିଡି ଗ୍ରାମବାସୀ ସହଯୋଗ କରୁଛନ୍ତି।

● ସାନଖେମୁଣ୍ଡିରେ ଥମୁନି ଦାଦନ ଯନ୍ତ୍ରଣା

# ଗୁଜୁରାଟରେ ଗଛ ପଡ଼ି ଦାଦନ ଶ୍ରମିକଙ୍କ ମୃତ୍ୟୁ



ସାନଖେମୁଣ୍ଡି,୨୧।୩(ସମିସ): ଗଞ୍ଜାମ ଜିଲ୍ଲାରେ ଥମୁନି ଦାଦନ ଶ୍ରମିକଙ୍କ ଯନ୍ତ୍ରଣା। ପୁଣି ଜଣେ ଦାଦନ ଶ୍ରମିକଙ୍କ ଗୁଜୁରାଟ ପାଟଣାରେ ମୃତ୍ୟୁ ଘଟିଛି। ମୃତକ ସାନଖେମୁଣ୍ଡି ବ୍ଲକ ଆଡ଼ପଡା ଗ୍ରାମର ଯୋଗେନ୍ଦ୍ର ପ୍ରଧାନ। ସେ କାମରୁ ଫେରୁଥିବାବେଳେ ରାସ୍ତା କଡ଼ରେ ଥିବା ଗଛ ତାଙ୍କ ଉପରେ ପଡ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ଥାନୀୟ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଥିଲା। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ନିଜ ଭିଟାମାଟି ଆଡ଼ପଡା ଆଣି ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ କରାଯାଇଛି। ଗରିବ ପରିବାର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ପରିବାର ଲୋକ।

# ହାଡ଼ିକୁଳ ସମାଜ ନୂତନ କର୍ମକର୍ତ୍ତା ଚୟନ

ବେଲଗୁଣ୍ଠା,୨୧।୩(ସମିସ): ବେଲଗୁଣ୍ଠା ବ୍ଲକ୍‌ଷଡ଼ଙ୍ଗୀପଲ୍ଲୀ ସ୍ଥିତ ଦୀନବନ୍ଧୁ ବିଦ୍ୟାପୀଠ ନିକଟଆମ୍ବତୋଟାରେ ଘୁମୁସର ତାଲୁକା ହାଡ଼ିକୁଳ ସମାଜର ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋରଡା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଦଳିତ ସମାଜ ରାଜ୍ୟ ଅଧ୍ୟକ୍ଷ ଚିନ୍ତାମଣି ନାୟକ, ଘୁମୁସର ତାଲୁକା ସଭାପତି ପଞ୍ଚାନନ ନାୟକ, ପାଇଲିପଡ଼ା ମୁଠା ସଭାପତି ପବିତ୍ର ନାୟକ, ଘୁମୁସୁର ତାଲୁକା ସଚିବ ତୀର୍ଥ ଚୌଧୁରୀ, ଘୁମୁସର ତାଲୁକା ପୂର୍ବତନ ସଭାପତି ଦଣ୍ଡପାଣି ନାୟକ, ସଂଯୋଜକ କାହ୍ନୁଚରଣ ନାୟକ, ଜିଲ୍ଲା ସଭାପତି ମନୋରଞ୍ଜନ ନିମାଇଁ, ଜିଲ୍ଲା ସମ୍ପାଦକ ରୋହିତ ନାୟକ ଏବଂ ଉପଦେଷ୍ଟା ସାହେବ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଦାମୋଦର ନାୟକ ପରିଚାଳନା କରିଥିବା ବେଳେ ଉଚ୍ଚ ଶିକ୍ଷା ଲାଭ କରିଥିବା ତିନି ଜଣ ଝିଅ ବର୍ଷା, ଲିଟିଲ୍ ଓ ସୋନାଲିଙ୍କୁ ବିଧାୟକଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସମାଜର ନୂତନ କର୍ମକର୍ତ୍ତାମାନେ ହେଲେ ସଭାପତି ପଞ୍ଚାନନ ନାୟକ, ଉପସଭାପତି ସୁବାସ ନାୟକ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ନାୟକ, ସାଧାରଣ ସମ୍ପାଦକ କାର୍ତ୍ତିକ ନାୟକ, ଯୁଗ୍ମ ସମ୍ପାଦକ ନାରାୟଣ ନାୟକ, କୋଷାଧ୍ୟକ୍ଷ ଚିନ୍ମୟ ନାୟକ, ସହ କୋଷାଧ୍ୟକ୍ଷ ରବୀନ୍ଦ୍ର ନାୟକ ଏବଂ ଉପଦେଷ୍ଟା କମିଟି ହରିହର ନାୟକ, ହରିହର ବେହେରା, ସମୀକ୍ଷକ କମିଟି ମୁଖ୍ୟ ସୁଧୀର ନାୟକ, ସୂର୍ଯ୍ୟନାରାୟଣ ନାୟକ ଏବଂ ପ୍ରଭାକର ନାୟକ ଓ। ଏଥିରେ ଘୁମୁସର ତାଲୁକା ଅନ୍ତର୍ଗତ ସମସ୍ତ ଅଠରଟି ମୁଠାର କର୍ମକର୍ତ୍ତା ଏବଂ ଏକ ହଜାରରୁ ଉର୍ଦ୍ଧ୍ୱ ପୁରୁଷ ଏବଂ ମହିଳା ଯୋଗ ଦେଇଥିଲେ। ପାଇଲିପଡା ମୁଠା ସମ୍ପାଦକ ସୁଧୀର ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

ସଜେଇ ହେଉଛି ତାମ୍ପରା ହ୍ରଦ

# ଏପ୍ରିଲ୍‌ରୁ ଜମିବ ସାଂସ୍କୃତିକ କାର୍ଯ୍ୟକ୍ରମ



ଛତ୍ରପୁର,୨୧।୩(ସମିସ): ସଜେଇ ହେବାରେ ଲାଗିଛି ଗଞ୍ଜାମ ଜିଲ୍ଲାର ତାମ୍ପରା ହ୍ରଦ। ଏଠାକୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ସେମାନଙ୍କୁ ଆକୃଷ୍ଟ କରିବା ଲାଗି ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଛି ବିଭିନ୍ନ ପଦକ୍ଷେପ। ପୂର୍ବରୁ ସୌନ୍ଦର୍ଯ୍ୟରେ ଭରପୁର ତାମ୍ପରା ହ୍ରଦ କାଳକ୍ରମେ ଜରାଜୀର୍ଣ୍ଣ ହୋଇପଡ଼ିଥିଲା। ଏବେ ଏହାର ପୁନରୁଦ୍ଧାର ଲାଗି ଅଣ୍ଟା ଭିଡିଛି ଜିଲ୍ଲା ପ୍ରଶାସନ। ପୂର୍ବରୁ କରାଯାଇଥିବା ବ୍ରିଜ୍ ଗୁଡ଼ିକ ଭାଙ୍ଗି ଯାଇଥିବାବେଳେ ଏହାର ପୁର୍ନନିର୍ମାଣ କାମ ଚାଲୁ ରହିଛି। ସେହିପରି ଆଲୋକୀକରଣ, ସଫେଇ, ଶୌଚାଳୟ, ରୁଫ୍‌ଟପ ରେଷ୍ଟୋରାଁ ଆଦି ନିର୍ମାଣ ଚାଲିଛି। ପୂର୍ବରୁ ପର୍ଯ୍ୟଟକଙ୍କ ପାଇଁ ଶନିବାର ଓ ରବିବାର ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିବା ବେଳେ ଏପ୍ରିଲ ଠାରୁ ଏହା ପୁଣି ଆରମ୍ଭ ହେବ ବୋଲି ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ କହିଛନ୍ତି।

ଗଞ୍ଜାମ ଜିଲ୍ଲାର ଛତ୍ରପୁର ନିକଟରେ ଥିବା ମିଠା ଜଳଭଣ୍ଡାର ତାମ୍ପରା ହ୍ରଦ। ପ୍ରାୟ ୩ ଶହ ହେକ୍ଟର ଜାଗାରେ ରହିଥିବା ଏହି ବିସ୍ତୀର୍ଣ୍ଣ ହ୍ରଦର ଗୋଟିଏ ପାଶ୍ୱର୍ରେ ଜାତୀୟ ରାଜପଥ ଏବଂ ଅନ୍ୟ ପାଶ୍ୱରେ ରହିଛି ବେଳାଭୂମି। ପିକ୍‌ନିକ୍ ଋତୁ ସମେତ ବର୍ଷର ବିଭିନ୍ନ ସମୟରେ ଏଠାକୁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଏବିସି ବୋଟିଂ କ୍ଲବ ପକ୍ଷରୁ ଏଠାରେ ବୋଟିଂ, ୱାଟର ସ୍ପୋର୍ଟ୍ସ, ଜେଟି ଆଦି ବିଭିନ୍ନ ପ୍ରକାରର ବୋଟିଂର ମଜା ନେଉଛନ୍ତି ପର୍ଯ୍ୟଟକ। ଏହାକୁ ଆହୁରି ଅଧିକ ଆକର୍ଷଣୀୟ କରିବାକୁ ୨୦୧୯ ଡିସେମ୍ବର ୧ରେ ଅମରାବତି ବୋଟିଂ କ୍ଲବ ପକ୍ଷରୁ ୱାଟର ସ୍ପୋର୍ଟ୍ସର ଶୁଭାରମ୍ଭ କରାଯାଇଥିଲା। ଯାହାକି ପର୍ଯ୍ୟଟକଙ୍କୁ ଆହୁରି ଆକୃଷ୍ଟ କରିପାରିଥିଲା। କାଳକ୍ରମେ ଏଥିରେ ଥିବା ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟ ଆଦି ନଷ୍ଟ ହେବାରେ ଲାଗିବାରୁ ପର୍ଯ୍ୟଟକଙ୍କ ଆଗମନ କମିଥିଲା। ବର୍ତ୍ତମାନ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଥିବାରୁ ଏବେ ସଜେଇ ହେବାରେ ଲାଗିଛି ତାମ୍ପରା। ପୁଣିଥରେ ଏଠାକୁ ରାଜ୍ୟ ଏବଂ ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବ ବୋଲି ଆଶା ରଖିଛି ପ୍ରଶାସନ ଓ ପରିବେଶବିତ୍। ଆଗାମୀ ଦିନରେ ଏହି ହ୍ରଦକୁ ଡ୍ରେଜିଂ କରାଯାଇ ଆହୁରି ଉନ୍ନତି କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଗତ ବର୍ଷ ଏହି ପର୍ଯ୍ୟଟନ ସ୍ଥଳୀରୁ ୮୦ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ ମାସିକ ୩ ରୁ ୪ ଲକ୍ଷ ଟଙ୍କା ଆଦାୟ କରାଯାଉଛି। ବିଶେଷ କରି ଡିସେମ୍ବର, ଜାନୁଆରୀ ଓ ଫେବୃଆରୀ ମାସରେ ସର୍ବାଧିକ ୨୧ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା। ସେଥିମଧ୍ୟରୁ ତାମ୍ପରା ହ୍ରଦକୁ ସୁନ୍ଦର କରିବାକୁ ପ୍ରଶାସନ ପକ୍ଷରୁ ଖର୍ଚ୍ଚ କରାଯାଉଛି। ଏଠାରେ ବିବାହ ପାଇଁ ଫଟୋସୁଟ୍ କରାଯିବା ଲାଗି ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ କେବଳ ଫଟୋ ସୁଟ୍ ପାଇଁ ମଧ୍ୟ ମୂଲ୍ୟ ଧାର୍ଯ୍ୟ କରାଯାଇଛି। ପର୍ଯ୍ୟଟକଙ୍କ ଲାଗି ୨୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଏଠାରେ ଥିବା ବୋଟିଂ ସମେତ ଅନ୍ୟାନ୍ୟ ସୁବିଧା ପାଇଁ ମଧ୍ୟ ବିଭିନ୍ନ ପ୍ରକାର ଦର ଧାର୍ଯ୍ୟ କରାଯାଇଛି।

# ବିପଦସଂକୁଳ ବିଏସ୍‌ଏନ୍‌ଏଲ୍ ଖୁଣ୍ଟ



ଆସିକା,୨୧।୩(ସମିସ): ଆସିକା ସହରର ପୌର ପରିଷଦ ନିକଟରେ ତଥା କଂଗ୍ରେସ ଅଫିସ ସମ୍ମୁଖରେ ଥିବା ବିଏସ୍‌ଏନ୍‌ଏଲ୍ ଲାଇନ ପାଇଁ ଥିବା ପୋଲଟି ବିପଦସଂକୁଳ ଅବସ୍ଥାରେ ରହିଛି। ସତେ ଯେମିତି ସେଠାରେ ଯମ ଜଗି ବସିଛି। କାରଣ ପୋଲଟିର ନିମ୍ନ ଭାଗ ଯେଉଁ ସ୍ଥାନଟି ମାଟିରେ ପୋତି ହୋଇ ରହିଛି। ତାହା ସମ୍ପୂର୍ଣ୍ଣ ରୂପେ କଳଙ୍କି ଲାଗି ନଷ୍ଟ ହୋଇଯାଇଛି। କେବଳ ପୋଲଟି ଶୂନ୍ୟରେ ଝୁଲି ରହିଛି। ଏଥି ପ୍ରତି କାହାର ନିଘା ନାହିଁ। କେଉଁ ପରିସ୍ଥିତିରେ କେତେ ବେଳେ ପୋଲଟି କାହା ଉପରେ ଗଳି ପଡିବ ତାହା କିଏ କହିବ। ଆଉ ଏହା ଦ୍ୱାରା ଯେଉଁ ଜୀବନ ହାନି ହେବ ସେଥିପାଇଁ କିଏ ଦାୟୀ ରହିବ। ତେଣୁ ପୋଲଟି ସୁରକ୍ଷିତ ଭାବେ ହଟେଇବା ପାଇଁ ସାଧାରଣରେ ଦାବି ହୋଇଛି। ଅନ୍ୟପଟେ ଆସିକାରେ ବିଏସଏନଏଲ୍ ଅଧିକାରୀ ମାନଙ୍କ ଦାଇତ୍ୱହୀନତା ଯୋଗୁ ଅନେକ ଖୁଣ୍ଟ କଳଙ୍କି ଲାଗି ରହିଥିବା ନଜର ରହିଛି।

# ଜିଲ୍ଲାସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ



ଛତ୍ରପୁର,୨୧।୩(ସମିସ): ସ୍ଥାନୀୟ ରିକାପଲ୍ଲୀ ସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଗୀତାଞ୍ଜଳି ବେହେରାଙ୍କ ଅଧ୍ୟକ୍ଷତାରେ ଜାତୀୟ କନ୍ୟା ଶିଶୁ ଦିବସ ପାଳିତ ହୋଇଯାଇଛି। ସମାଜ କଲ୍ୟାଣ ଅଧିକାରୀ(ଏସଡବ୍ଲୁଓ) ପାର୍ବତୀ ସୋରେନ, ମୁନିଷିପେଣ୍ଟ ଚିକିତ୍ସା ଅଧିକାରୀ/ସୁପରିଣ୍ଟେଣ୍ଡେଣ୍ଟ ଡ଼ା. ସ୍ୱାଧୀନ ରଥ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡଃ ପ୍ରଭାତୀ କୁମାରୀ ମହାପାତ୍ର, ସାଇବର ସେଲ୍, ଏସପି ଅଫିସ୍ ସହକାରୀ ଉପ-ନିରୀକ୍ଷକ କିରଣ ଚନ୍ଦ୍ର ପାତ୍ର, ଶିଶୁ ସୁରକ୍ଷା ୟୁନିଟର ଶରତ ମହାରଣା, ଡି ନାଗରତ୍ନମ, ପଦ୍ମା ମୁର୍ମୁ, ସିଡିପିଓ ପ୍ରଣମିତା ପଣ୍ଡା, ୟୁନିସେଫ୍ ଜିଲ୍ଲା ସଂଯୋଜକ ଦେବବ୍ରତ ମହନ୍ତ, ସେବା ଏନଜିଓର ସମ୍ପାଦିକା ଅଳକା ସାହୁ ଏବଂ କେଜିବିଭି, ରିକାପଲ୍ଲିର ପ୍ରଧାନ ଶିକ୍ଷୟିତ୍ରୀ ରିତା ରଥଙ୍କ ସହ ଶିକ୍ଷକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସଂଯୋଜିକା ଗୀତାଞ୍ଜଳୀ ମହାରଣା ପରିଚାଳନା ଏବଂ ଜିଲ୍ଲା ମହିଳା ସଶକ୍ତିକରଣ ହବ, ଗଞ୍ଜାମର କର୍ମଚାରୀମାନେ ସଫଳଭାବେ ସମନ୍ୱୟ କରିଥିଲେ। କେଜିବିଭିରେ ଅବସ୍ଥାନ କରୁଥିବା ୧୫୦ ଜଣ ଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଅତିଥି କନ୍ୟା ଶିଶୁଙ୍କ ଯତ୍ନ ଓ ସୁରକ୍ଷା, ଶିଶୁଙ୍କ ଅଧିକାର ଓ ସମ୍ପର୍କିତ ଆଇନ, ଶିଶୁ ସହାୟତା ନମ୍ବରର ବ୍ୟବହାର, ବାଲ୍ୟ ବିବାହ ପ୍ରତିରୋଧ, ଋତୁସ୍ରାବ ସମୟର ସ୍ୱଚ୍ଛତା, କନ୍ୟାମାନଙ୍କ ପାଇଁ ସାଇବର ସୁରକ୍ଷା, ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଟୀକାକରଣ, ଉପଯୁକ୍ତ ପୋଷଣ, ଶିକ୍ଷାରେ ଉନ୍ନତି, ବୈଷୟିକ ଜ୍ଞାନ ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ରୁକୁନି ବିଶୋୟୀ ଆଥଲେଟିକ୍ସ (ଲମ୍ବଡିଆଁ)ରେ ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟ ସ୍ତରରେ ରାଜ୍ୟ ପ୍ରତିନିଧିତ୍ୱ କରିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏହା ବ୍ୟତିତ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

# ଗୋବର୍ଦ୍ଧନ ଗୋସେବା ନୀଳୟ ଶୁଭାରମ୍ଭ

କୁକୁଡ଼ାଖଣ୍ଡି,୨୧।୩(ସମିସ): କୁକୁଡାଖଣ୍ଡି ବ୍ଲକ ଲାଞ୍ଜିଆ ପଞ୍ଚାୟତ ଅନ୍ତର୍ଗତ ଭଗବାନପୁର ଗ୍ରାମରେ ଶ୍ରୀଗୋବର୍ଦ୍ଧନ ଗୋସେବା ନୀଳୟର ଶୁଭାରମ୍ଭ ହୋଇଛି। ଦେଶୀ ଗୋ ବଂଶର ସୁରକ୍ଷା ଓ ସେବା ପାଇଁ ଦକ୍ଷିଣପୁର, ଲାଞ୍ଜିଆ ଓ ଅନନ୍ତାଇ ପଞ୍ଚାୟତର ସ୍ୱେଚ୍ଛାସେବୀଙ୍କ ଉଦ୍ୟମରେ ଏହି ଗୋଶାଳା ଆରମ୍ଭ ହୋଇଛି। ନବବର୍ଷ ପାଇଁ ଗୋଶାଳା ପରିସରରେ ଗୀତାଯଜ୍ଞ, ନାମଯଜ୍ଞ ଓ ଅନ୍ନଯଜ୍ଞ ଆୟୋଜନ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଲୋଚାପଡା ରଘୁନାଥ ମଠର ମଠାଧୀଶ ଚିନ୍ମୟାନନ୍ଦ ମହାରାଜ, ରାମାଧୀନ ସଂସ୍କୃତ ବିଦ୍ୟାଳୟର ଅଧ୍ୟକ୍ଷ ହରିହର ଦାସ ମହାରାଜ ବିଧିବଦ୍ଧ ପୂଜା କରି ଗୋସେବା ନିମନ୍ତେ ଉତ୍ସର୍ଗ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ସରପଞ୍ଚ ଅନିଲ ଗୌଡ଼, ଦେବାଶିଷ ସେଠୀ, ବଶିଷ୍ଠ ଜେନା, ତୁତୁନ ପାତ୍ର, ସିଦ୍ଧାନ୍ତ ଗଙ୍ଗଦେବ, ଲଳିତ ବିଷୋୟୀ, ଗୌତମ ମହାରଣା, ଦୀପକ ମହାପାତ୍ର, ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଭାପତି ସାଗର କୁମାର ପାତ୍ର, ବିଜେନ୍ଦ୍ର ମାଝୀ, ନଳିନୀ କାନ୍ତ ପରିଡା, ଅରବିନ୍ଦ ଦେଶୀ ବେହେରା, ପୁରୁଷୋତ୍ତମ ସ୍ୱାଇଁ, ଧର୍ମରାଜ ପାତ୍ର, ରଞ୍ଜନ ବେହେରା, ଜିତେନ୍ଦ୍ର ପଣ୍ଡା, ଶ୍ରୀକାନ୍ତ ମହାନ୍ତି, ବନମାଳୀ ପ୍ରଧାନ, ଶିବରାମ ବେହେରା, ବିକ୍ରମ ମଲିକଙ୍କ ସହ ଭଗବାନପୁର ଗ୍ରାମବାସୀ ପରିଚାଳନା କରିଥିଲେ।

# ପ୍ରଥମ ପର୍ଯ୍ୟାୟ ଜନଗଣନା ତାଲିମ କାର୍ଯ୍ୟକ୍ରମ

କୁକୁଡାଖଣ୍ଡି,୨୧।୩(ସମିସ): ଗଞ୍ଜାମ ଜିଲ୍ଲାରେ ଆଗାମୀ ଜନଗଣନା କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପାଦନ ପାଇଁ ପ୍ରଥମ ପର୍ଯ୍ୟାୟ ଟ୍ରେନିଂ ଆରମ୍ଭ ହୋଇଛି। ଜିଲ୍ଲାର ବିଭିନ୍ନ ବ୍ଲକ ସହିତ କୁକୁଡାଖଣ୍ଡି ବ୍ଲକରେ ମଧ୍ୟ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ଟ୍ରେନିଂରେ କୁକୁଡ଼ାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜନଗଣନା କାର୍ଯ୍ୟର ଗୁରୁତ୍ୱ, ତଥ୍ୟ ସଂଗ୍ରହ ପ୍ରକ୍ରିୟା ଓ ନିଷ୍ପକ୍ଷତା ରକ୍ଷା ବିଷୟରେ ସେ ବିସ୍ତୃତ ଆଲୋଚନା କରିଥିଲେ। ଏହାସହ ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ମଧ୍ୟ ଉପସ୍ଥିତ ରହି ପ୍ରଶିକ୍ଷଣକୁ ସଫଳ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ମୋଟ ୧୦୦ ଜଣଙ୍କୁ ସେନସେସ ସମ୍ପର୍କିତ ଆବଶ୍ୟକ ତାଲିମ ଦିଆଯାଉଛି। ଏହି ପ୍ରଶିକ୍ଷଣ ମାଧ୍ୟମରେ ତଥ୍ୟ ସଂଗ୍ରହ କାର୍ଯ୍ୟକୁ ସଠିକ ଓ ସୁଚାରୁ ଭାବେ କରିବାରେ ସହାୟତା ମିଳିବ ବୋଲି ପ୍ରଶାସନ ଆଶା ବ୍ୟକ୍ତ କରିଛି। ସନ୍ତୋଷ କୁମାର ଆଚାର୍ଯ୍ୟ, ସିକିତା ଗୌଡ଼ା, ଡେପୁଟି କଲେକ୍ଟର (ଜିଏଣ୍ଡଏମ୍), କଲେକ୍ଟରେଟ୍ ଗଞ୍ଜାମ ପ୍ରମୁଖ ଉପସ୍ଥିତ ଥିଲେ।

# ଅଳଙ୍କାର ସହ ୫୦ ହଜାର ଟଙ୍କା ଲୁଟିନେଲେ

କୋଦଳା,୨୧।୩(ସମିସ): ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ନୂଆଗଡ ସ୍ଥିତ ପ୍ରଭାତ ସ୍ୱାଇଁଙ୍କ ଘରୁ ଶୁକ୍ରବାର ରାତ୍ରିରେ ଛାତ ଉପରେ ଥିବା ଧୂଆଁ ନଳା ପ୍ଲେଟ ଭାଙ୍ଗି ଦୃବର୍ତ୍ତମାନେ ଆଲମିରା ଏବଂ ଆଟାଚ ଭାଙ୍ଗି ପ୍ରାୟ ୪୦ ଭରି ରୁପା, ସୁନା ୧ଭରି, ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଚୋରି କରି ନେଇଛନ୍ତି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ବାରମ୍ବାର ଚୋରି ହେଉଥିବା ବେଳେ ଏଦିଗରେ ପୁଲିସ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ରଥ ପାଇଁ ଗଲା ୧୬ ଖଣ୍ଡ ଫାସିକାଠ



ବୁଗୁଡ଼ା,୨୧।୩(ସମିସ): ପୁରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ରଥ ତିଆରି ପାଇଁ ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ବୁଗୁଡ଼ା ବନାଞ୍ଚଳରୁ କାଠ ଯାଇଛି। ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ଖରିଡା, ବଡଖୋଲି, ସାନଖୋଲି ଅଞ୍ଚଳରୁ ୧୬ ଜଣ ଧାର୍ମିକ ବ୍ୟକ୍ତି ଉକ୍ତ ୧୬ଟି ବୃହତ୍ ଫାସି ଗଛ ରଥ ନିର୍ମାଣ ସକାଶେ ଦାନ କରିଥିଲେ। ପୂଜାପାଠ ସମ୍ପାଦନ କଲାପରେ କାଠ ଗୁଡିକୁ ବୁଗୁଡ଼ା ବଡଦାଣ୍ଡ ଶ୍ରୀବଳଦେବଜୀଉ ମନ୍ଦିର ସମ୍ମୁଖକୁ ଅଣାଯାଇଥିଲା। ତାପରେ ସେଠାରେ ବାଦ୍ୟବାଜଣା ସହ ପୂଜାର୍ଚ୍ଚନା ପରେ ଟ୍ରକ୍‌ରେ ସେଗୁଡିକୁ ପୁରୀକୁ ପ୍ରେରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଡ. ବିପାଶା ପାରୁଲ୍, ଏସିଏଫ୍ ପ୍ରଦୀପ କୁମାର ବେହେରା, ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ ଓ ସମସ୍ତ ବନ କର୍ମଚାରୀ, ବୁଗୁଡ଼ା ରଥଯାତ୍ରା ପରିଚାଳନା କମିଟିର କର୍ମକର୍ତ୍ତା, ବୁଗୁଡ଼ା ଅଞ୍ଚଳର ବୁଦ୍ଧିଜୀବୀ ଓ ବହୁ ଜଗନ୍ନାଥ ପ୍ରେମୀ ଯୋଗ ଦେଇଥିଲେ।

# ତାରାତାରିଣୀ ମନ୍ଦିର ହୁଣ୍ଡିରୁ ମିଳିଲା ୭.୮ ଲକ୍ଷ ଟଙ୍କା

ପୁରୁଷୋତ୍ତମପୁର,୨୧।୩(ସମିସ): ଦକ୍ଷିଣ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମାତାରାତାରିଣୀଙ୍କ ପୀଠର ଦାନ ହୁଣ୍ଡି ଶୁକ୍ରବାର ଖୋଲାଯାଇଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ପୁରୁଷୋତ୍ତମପୁର ତହସିଲଦାର ମନ୍ଦିରର ନିର୍ବାହୀ ଅଧିକାରୀ ବିନୋଦ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସେବାୟତଙ୍କ ଉପସ୍ଥିତିରେ ମନ୍ଦିର ବେଢାରେ ରହିଥିବା ସମସ୍ତ ଦାନହୁଣ୍ଡି ଖୋଲାଯାଇ ଗଣନା କରାଯାଇଥିଲା। ୨୦ରୁ ଉର୍ଦ୍ଧ୍ୱ ତହସିଲ କର୍ମଚାରୀଙ୍କ ଗଣତିରେ ସାମିଲ ହୋଇଥିଲେ। ମନ୍ଦିର ଉପର ହୁଣ୍ଡିରୁ ୭ଲକ୍ଷ ୧୭ହଜାର ୫୪୫ଟଙ୍କା ବାହାରିଥିବା ବେଳେ ତଳ ହୁଣ୍ଡିରୁ ୬୮ହଜାର ୪୨୫ ଟଙ୍କା ମିଳିଥିଲା। ସମସ୍ତ ଟଙ୍କା ପୁରୁଷୋତ୍ତମପୁର ଆକ୍ସିସ ବ୍ୟାଙ୍କରେ ଜମା କରାଯାଇଥିବା ତହସିଲଦାର କହିଛନ୍ତି। ଏହି ଗଣତିରେ ଅତିରିକ୍ତ ତହସିଲଦାର କେ. ଦେବାଶିଷ ମହାପାତ୍ର, ରାଜସ୍ୱ ସୁପରଭାଉଜର ଚିତ୍ରସେନ ସାହୁ, ସମସ୍ତ ରାଜସ୍ୱ କିରାଣି, ଅମିନଙ୍କ ସମେତ ପୂଜକ ବାପୁଜୀ ରଣା, ଅନ୍ୟ ସେବାୟତ ଉପସ୍ଥିତ ଥିଲେ।

# ମହାବାରୁଣୀ ପରେ ଋଷିକୁଲ୍ୟା ପଠା ଆବର୍ଜନାମୟ

ଆସିକା,୨୧।୩(ସମିସ): ଗଞ୍ଜାମ ଜିଲ୍ଲା ଆସିକାରେ ଅବସ୍ଥିତ ବଡ଼ନଦୀ ଓ ଋଷିକୁଲ୍ୟା ନଦୀର ସଙ୍ଗମ ସ୍ଥଳ। ଉତ୍ତର ବାଙ୍କରେ ଏହି ଦୁଇଟି ନଦୀର ମିଳନ ସ୍ଥଳ ଥିବାରୁ ଏଠି ପ୍ରତିବର୍ଷ ଚୈତ୍ର ମାସରେ ମହାବାରୁଣୀ ବୁଡ଼ ପକାନ୍ତି ଶ୍ରଦ୍ଧାଳୁ। ଗତ ୧୭ ତାରିଖରେ ମହାବାରୁଣୀରେ ହଜାର ହଜାର ଲୋକେ ଅସ୍ଥି ବିସର୍ଜନ କରି ବୁଡ଼ ପକାଇଥିଲେ। ଆଉ କିଏ କିଏ ପୂର୍ବଜଙ୍କୁ ପିଣ୍ଡଦାନ କରିଥିଲେ। ହେଲେ ବୁଡ଼ ପରେ ଏହି ସ୍ଥଳରେ ପଡି ରହିଛି କୁଢ଼ କୁଢ଼ ଆବର୍ଜନା ଓ ସୃଷ୍ଟି ହେଉଛି ପୁତିଗନ୍ଧମୟ ପରିବେଶ। ଯେଉଁଠି ଦିନେ ଲୋକେ ପବିତ୍ର ମନେ କରି ପୂର୍ବଜଙ୍କ ଅସ୍ଥି ବିସର୍ଜନ କରି ପିତୃ ତର୍ପଣ କରିଥିଲେ ଆଜି ସେଠାରେ



ସଫା କରିବାକୁ ଭୁଲିଗଲା ପ୍ରଶାସନ

ଖାଲି କୁଢ଼ କୁଢ଼ ମଇଳା, ଆବର୍ଜନା। ସତେ ଯେମିତି ବଡ଼ ନଦୀ ଓ ଋଷିକୁଲ୍ୟା ନଦୀର ଏହି ସଙ୍ଗମ ସ୍ଥଳଟି ପଲିଥିନ, ଭଙ୍ଗା କାଚ, ଫଟୋ, ପୁରୁଣା ମାଣବସା ଗୁରୁବାର ସାମଗ୍ରୀ, ଅସ୍ଥି ରଖା ଯାଇଥିବା କଳସି, ପିଣ୍ଡଦାନ ସାମଗ୍ରୀ ଆଦିରେ ବିକ୍ଷିପ୍ତ ହୋଇ ହତଶ୍ରୀ ହୋଇପଡ଼ିଛି। ଆବର୍ଜନା ସବୁ ନଦୀ ଜଳରେ ଭାସୁଥିବାରୁ ନଦୀ ପାଣି ପଦୂଷିତ ହେଉଛି। ପୁରାଣ ବର୍ଣ୍ଣିତ ଗଙ୍ଗା ନଦୀଠୁ ହଜାରେ ବର୍ଷ ବଡ଼ ଋଷିକୁଲ୍ୟା ନଦୀରେ ବୁଡ଼ ପକାଇ ଲୋକେ କୃତାର୍ଥ ହୁଅନ୍ତି ବୋଲି କୁହାଯାଏ। ହେଲେ ଏବେ ସେହି ସ୍ଥାନରେ ଏଭଳି ପରିବେଶ ସୃଷ୍ଟି କରିଥିବାରୁ ଧାର୍ମିକ ଭାବନାକୁ କୁଠାର ଘାତ କରିଛି। ଏପରିକି ପ୍ରଶାସନର ମଧ୍ୟ ବୁଡ଼ ତୋଟାର ସଫେଇ ପ୍ରତି ଦୃଷ୍ଟି ଦେଉନାହିଁ। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ସ୍ଥାନୀୟ ଲୋକେ ଓ ପରିବେଶବିତ୍। ତେଣୁ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ମନୋରଞ୍ଜନ ରାଜ୍ୟ ବିଜେପି ଏସ୍‌ସି ମୋର୍ଚ୍ଚା ସମ୍ପାଦକ



ରମ୍ଭା,୨୧।୩(ସମିସ): ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ଖଲ୍ଲିକୋଟ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାବୁଲିଆ ପଞ୍ଚାୟତର ଯୁବନେତା ତଥା ସମାଜସେବୀ ମନୋରଞ୍ଜନ ବେହେରାଙ୍କୁ ଦଳୀୟ ହାଇକମାଣ୍ଡଙ୍କ ଅନୁମୋଦନ କ୍ରମେ ତଥା ଘୁମୁସର ଜିଲ୍ଲା ପରିସରଭୁକ୍ତ ରାଜ୍ୟସ୍ତରୀୟ ଅନୁସୂଚିତ ଜାତି ମୋର୍ଚ୍ଚାର ସମ୍ପାଦକ ଭାବେ ମନୋନୀତ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ତଥା ନବନିର୍ବାଚିତ ରାଜ୍ୟସଭା ସାଂସଦ ମନମୋହନ ସାମଲ, ସଂଗଠନ ମନ୍ତ୍ରୀ ମାନସ ମହାନ୍ତି ପ୍ରମୁଖ ଦଳୀୟ ବରିଷ୍ଠ ପଦାଧିକାରୀ ମାନଙ୍କ ଉପସ୍ଥିତିରେ ମନୋନୀତ କରାଯାଇଥିଲା। ତାଙ୍କର ଏହିଭଳି ସଫଳତା ପାଇଁ ଜିଲ୍ଲା କାର୍ଯ୍ୟାଳୟ ହିଞ୍ଜିଳିକାଟୁ ପରିସରରେ ଜିଲ୍ଲାର ବିଧାୟକ, ମନ୍ତ୍ରୀ, ବରିଷ୍ଠ ପଦାଧିକାରୀ ମାନେ ତାଙ୍କର ନିଯୁକ୍ତିକୁ ସ୍ୱାଗତ, ସମ୍ବର୍ଦ୍ଧନା ଜଣାଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ବିଜୟକୁମାର ସ୍ୱାଇଁ (ଜିଲ୍ଲା ସଭାପତି), ଜଗା ନାରାୟଣ ଦାସ (ରାଜ୍ୟ ସଂଯୋଜକ), ସାରଦା ଶତପଥୀ (ରାଜ୍ୟ ସାଧାରଣ ସଂମ୍ପାଦକ), ପ୍ରକାଶ ମଙ୍ଗରାଜ (ଜିଲ୍ଲା ପ୍ରଭାରୀ), ଯଜ୍ଞ ନାରାୟଣ ଦାସ (ଜିଲ୍ଲା ସାଧାରଣ ସମ୍ପାଦକ), ଅନିଲ କୁମାର ପଣ୍ଡା (ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ), ଭାରତୀ ବେହେରା (ପୂର୍ବତନ ବିଧାୟକ ପାର୍ଥୀନୀ), ବିଜୟଲକ୍ଷ୍ମୀ ବାଲା (ଏସସି ମୋର୍ଚ୍ଚା ଉପସଭାପତି) ପ୍ରମୁଖ ଅନେକ ଦଳୀୟ ପଦ ପଦାଧିକାରୀ ମାନେ ଉପସ୍ଥିତ ରହିଥିଲେ।



# ଖୁଲମ୍‌ଖୁଲା ବେଆଇନ ଏଲ୍‌ପିଜି କାରବାର

■ ଅସାଧୁ ଗ୍ୟାସ୍ ବେପାରୀ ମାଲେମାଲ
■ ବିପଦରେ ଭୁବନେଶ୍ୱର ସହର



ଭୁବନେଶ୍ୱର, ୨୧।୩ (ସମିସ): ରାଜଧାନୀ ସହର ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରେ ଚୋରା ଗ୍ୟାସ୍ ବିକ୍ରି କରାଯାଉଛି। ଯେଉଁମାନେ ବିକ୍ରି କରୁଛନ୍ତି ସେମାନେ ଟ୍ରେଡିଂ ପାଇଁ କୌଣସି ଲାଇସେନ୍ସ ନ ନେଇ ବିପଦପୂର୍ଣ୍ଣ ଭାବେ ଫିଲିଙ୍ଗ କରୁଛନ୍ତି। ଏପରିସ୍ଥଳେ ସେଗୁଡ଼ିକ ଅନେକ ସମୟରେ ବିସ୍ଫୋରଣ ଘଟୁଥିବା ବେଳେ କେବେ କେବେ ତାହା ନିଆଁ ଲାଗିବାର କାରଣ ପାଲଟିଛି।

ଶନିବାର ଭୁବନେଶ୍ୱର ଘାଟିକିଆ ଅଞ୍ଚଳରେ ଥିବା ଏକ ଝୁମ୍ପୁଡ଼ି ହୋଟେଲ୍‌ରେ ଘଟିଥିବା ଏଭଳି ବିସ୍ଫୋରଣ ଅନେକଙ୍କ ନିଦ ହଜାଇ ଦେଇଥିବା ବେଳେ ସାଧାରଣରେ ସୁରକ୍ଷା ନେଇ ଉଠିଛି ପ୍ରଶ୍ନବାଚୀ।

ରାଜଧାନୀରେ ଲୋକସଂଖ୍ୟା ବୃଦ୍ଧି ସାଙ୍ଗକୁ ଛାତ୍ରଛାତ୍ରୀ ଏବଂ ବ୍ୟାଚ୍‌ଲର ଯୁବକ ଯୁବତୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେହି ତୁଳନାରେ ହୋଟେଲ୍ ରେସ୍ତୋରାଁ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ରାଜଧାନୀ ଗଳିକନ୍ଦିରେ ଗଢ଼ି ଉଠିଥିବା ଅନେକ ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକରେ ମଧ୍ୟ ଚୋରା ଗ୍ୟାସ୍ ବ୍ୟବହାର କରାଯାଉଛି। ଅବୈଧ ଗ୍ୟାସ୍ ସିଲିଣ୍ଡର ଯୋଗୁଁ ସେଗୁଡ଼ିକ ବିସ୍ଫୋରଣ ଘଟୁଥିବା ନଜିର୍ ରହିଛି। ଶନିବାର ଭୁବନେଶ୍ୱର କଳିଙ୍ଗ ବିହାର ଅଞ୍ଚଳରେ ଘଟିଥିବା ଗ୍ୟାସ୍ ବିସ୍ଫୋରଣ ଘଟଣାରେ ୫ଟି ସିଲିଣ୍ଡର ଫାଟିଯିବା ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ଯଦିବା ଏହି ବିସ୍ଫୋରଣରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହୋଇନାହିଁ କିମ୍ବା କେହି ଆହତ ହୋଇ ନାହାନ୍ତି କିନ୍ତୁ ୨ଟି ସ୍କୁଟି ଜଳି ଯାଉଛି। ସେହିଭଳି ଭୁବନେଶ୍ୱରରେ ରହୁଥିବା ବ୍ୟାଚ୍‌ଲର ଛାତ୍ରଛାତ୍ରୀ ତଥା ଯୁବକଯୁବତୀ ଛୋଟଛୋଟ ମେସ୍ କରି କିମ୍ବା ଘର ଭିତରେ ଏକୁଟିଆ ରୋଷେଇ କରିଛନ୍ତି। ସେମାନଙ୍କର ରୋଷେଇର ପ୍ରମୁଖ ସାହାରା ହେଉଛି ଏଲ୍‌ପିଜି। ସେମାନଙ୍କ ନାମରେ କୌଣସି ବୈଧ ଏଲ୍‌ପିଜି ସଂଯୋଗ ନ ଥିବାରୁ ବିଭିନ୍ନ ଛୋଟଛୋଟ ଦୋକାନରୁ ଟାଙ୍କି ଭର୍ତ୍ତି କରି ରୋଷେଇ କରୁଛନ୍ତି। ଏହିଭଳି ପ୍ରାୟ ୧୦ ହଜାରରୁ ଅଧିକ ଯୁବକ ଯୁବତୀ, ବ୍ୟାଚଲର ଛାତ୍ରଛାତ୍ରୀ ଏଲ୍‌ପିଜି ବ୍ୟବହାର କରୁଥିବା ବେଳେ ସେମାନଙ୍କ ପାଇଁ ରାଜଧାନୀ ଗଳିକନ୍ଦିରେ ଖୋଲିଛି ୫ ଶହରୁ ଅଧିକ ଏଲ୍‌ପିଜି ଦୋକାନ। ବିଭିନ୍ନ ଏଜେନ୍ସି ପକ୍ଷରୁ ଗୋଟିଏ ଗୋଟିଏ ଏଲ୍‌ପି ଗ୍ୟାସ୍ ସିଲିଣ୍ଡର ଦାମ୍ ୯୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ବିତରଣକାରୀ ସଂସ୍ଥା ଏବଂ ଦଲାଲଙ୍କୁ ହାତ କରି ସେମାନେ ସେଗୁଡ଼ିକୁ ହଜାରେ ଟଙ୍କାରେ କ୍ରୟ କରୁଛନ୍ତି। ସେଗୁଡ଼ିକୁ ସେଗୁଡ଼ିକ ଛୋଟଛୋଟ ଟାଙ୍କିରେ ଭର୍ତ୍ତି କରି କିଲୋପ୍ରତି ୧୧୦ରୁ ୧୨୦ ଟଙ୍କାରେ ବିକ୍ରି କରୁଛନ୍ତି।

ଏବେ ଗ୍ୟାସ୍ ଦରବୃଦ୍ଧି ଓ କଟକଣା ପରେ ଚୋରା ଗ୍ୟାସ୍ କାରବାର ବୃଦ୍ଧି ପାଇବାରେ ଲାଗିଛି। ଛୋଟଛୋଟ ଦୋକାନରେ ଯେଉଁ ସିଲିଣ୍ଡରରେ ସେଗୁଡ଼ିକ ବିକ୍ରି ହେଉଛି ସେଗୁଡ଼ିକର ବୈଧତା ଓ ନିରାପତ୍ତା ଉପରେ କୌଣସି ଗ୍ୟାରେଣ୍ଟି ନାହିଁ। ଫଳରେ ଅନେକ ସମୟରେ ସେଗୁଡ଼ିକ ଫୁଟି ଯାଉଥିବା ବେଳେ ଅନେକ ସମୟରେ ତାହା ଲିକ୍ କରି ଅଗ୍ନିକାଣ୍ଡ ଘଟିବାର ନଜିର୍ ରହିଛି। ତେବେ ପ୍ରମୁଖ ସମସ୍ୟା ହେଉଛି ଯେଉଁ ଅସାଧୁ ବ୍ୟବସାୟୀମାନେ ଏଭଳି ଚୋରା କାରବାର କରୁଛନ୍ତି ତାହା ଆଦୌ ସୁରକ୍ଷିତ ନୁହେଁ। ଗ୍ୟାସ୍ ଷ୍ଟୋରେଜ୍ ଏବଂ ରିଫିଲିଙ୍ଗ୍ କରିବା ସମୟରେ ସେଗୁଡ଼ିକ ଲିକ୍ କରିବାର ଆଶଙ୍କା ରହିଛି। ଅନେକ ସମୟରେ ସେଗୁଡ଼ିକ ବିସ୍ଫୋରଣ ଘଟୁଥିବା ବେଳେ ଅଗ୍ନିକାଣ୍ଡର କାରଣ ପାଲଟୁଛି। ଫଳରେ ଅନେକଙ୍କ ଜୀବନ ଯାଉଥିବା ବେଳେ ଏହାକୁ ସାଧାରଣ ଅଗ୍ନିକାଣ୍ଡଜନିତ ମୃତ୍ୟୁ ବୋଲି କହି ବିଭିନ୍ନ ମହଲରେ ଚାପି ଦିଆଯାଉଛି।

## ଲକ୍ଷେ ଟଙ୍କାର ବ୍ରାଉନସୁଗର ଜବତ; ଜଣେ ଗିରଫ



ଭୁବନେଶ୍ୱର, ୨୧।୩ (ସମିସ): ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ନନ୍ଦନକାନନ ଜାଲିର ବଳରାମ ରାଉଳ (୨୧)। ପୁଲିସ ସୂଚନାନୁଯାୟୀ, କିଟ୍ ଛକ ନିକଟରେ ବ୍ରାଉନସୁଗର ବିକ୍ରି ହେଉଥିବା ଖବରପାଇ ଇନଫୋସିଟି ଥାନା ପୁଲିସ ଚଢ଼ଉ କରିଥିଲା। କିଟ୍ ଲ' କଲେଜ ଖେଳ ପଡ଼ିଆ ନିକଟରେ ବଳରାମକୁ ଅଟକ ରଖି ଯାଞ୍ଚ କରିଥିଲା। ତଲାସୀ ସମୟରେ ତା' ଠାରୁ ୧୦ ଗ୍ରାମ ଓଜନର ବ୍ରାଉନସୁଗର, ୧୨ ହଜାର ୨୦୦ ଟଙ୍କା ଓ ଗୋଟିଏ ବାଇକ୍ ଜବତ କରିଥିଲା। ସେ ବାଲେଶ୍ୱର ଅଞ୍ଚଳରୁ ବ୍ରାଉନସୁଗର ଆଣି ରାଜଧାନୀରେ ବିକ୍ରି କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ଏନେଇ ଇନଫୋସିଟି ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ବଳରାମକୁ କୋର୍ଟ ଚାଲାଣ କରିଛି।

## ପାସ୍‌ପୋର୍ଟ ନବୀକରଣ ନାଁରେ ଠକେଇ; ଧୂର୍ତ୍ତ ଗିରଫ



ଭୁବନେଶ୍ୱର, ୨୧।୩ (ସମିସ): ପାସ୍‌ପୋର୍ଟ ନବୀକରଣ ନାଁରେ ଠକେଇ କରିଥିବା ଧୂର୍ତ୍ତକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସ୍ଥାନୀୟ ଗଡ଼ସାହିର ସନ୍ତୋଷ ସ୍ୱାଇଁ ଓରଫ୍ ବାପୁ (୩୪)।

ପୁଲିସ ସୂଚନାନୁଯାୟୀ, ନୂଆପଲ୍ଲୀ ବ୍ରିଟ୍ କଲୋନୀର ବିଭୂତି ଭୂଷଣ ଜେନା ପାସପୋର୍ଟ ନବୀକରଣ ପାଇଁ ଆସିଥିବା ବେଳେ ବାପୁ ସହ ଭେଟ ହୋଇଥିଲା। ବାପୁ ଅଳ୍ପ ସମୟ ମଧ୍ୟରେ ପାସପୋର୍ଟ ପ୍ରକ୍ରିୟାକରଣ କରାଇଦେବ ବୋଲି ପ୍ରତିଶ୍ରୁତି ଦେଇ ବିଭୂତିଙ୍କ ଠାରୁ ୫ ହଜାର ଟଙ୍କା ନେଇଥିଲା। ଏହାପରେ ମଧ୍ୟ କାମ କରିନଥିଲା କି ଟଙ୍କା ଫେରସ୍ତ କରି ନ ଥିଲା। ଟଙ୍କା ମାଗିବାରୁ ଓଲଟି ଧମକ ଦେଇ ଅଧିକ ଟଙ୍କା ଦାବି କରିଥିଲା। ଏନେଇ ବିଭୂତି ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ବାପୁ ପାସପୋର୍ଟ ଅଫିସକୁ ଆସୁଥିବା ଲୋକମାନଙ୍କୁ ଟାର୍ଗେଟ କରି ସମାନ ପ୍ରକାରର ଠକେଇ କରୁଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଶନିବାର ପାସପୋର୍ଟ ଅଫିସ ନିକଟରେ ଚଢ଼ଉ କରି ବାପୁକୁ ଗିରଫ କରିଥିଲା। ସେ ଅନ୍ୟ ଜଣଙ୍କ ଠାରୁ ସମାନ ଆଳ ଦେଖାଇ ୧୫ ହଜାର ୪୦୦ ଟଙ୍କା ନେଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ଏହା ବାଦ୍ ବାପୁ ନାମରେ ନୂଆପଲ୍ଲୀ ଓ ମଞ୍ଚେଶ୍ୱର ଥାନାରେ ୬ଟି ସମାନ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ପତ୍ନୀ ଓ ଝିଅକୁ ମାଡ଼ମାରି ସ୍ୱାମୀ ଗିରଫ



ଭୁବନେଶ୍ୱର, ୨୧।୩ (ସମିସ): ପତ୍ନୀ ଓ ଝିଅକୁ ମାଡ଼ ମାରିଥିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୀଳକଣ୍ଠ ନଗରର ସତ୍ୟ ନାୟକ (୩୫)।

ପୁଲିସ ସୂଚନାନୁସାରେ, ସତ୍ୟ ବିବାହିତ ହୋଇଥିବା ବେଳେ ପତ୍ନୀ ଓ ଝିଅ ସହ ନୀଳକଣ୍ଠ ନଗର ମୁଣ୍ଡା ସାହିରେ ରହୁଛି। ସେ ଅଭ୍ୟାସଗତ ଭାବରେ ମଦ୍ୟପାନ କରି ପତ୍ନୀଙ୍କୁ ବାରମ୍ବାର ଦୁର୍ବ୍ୟବହାର ଓ ଆକ୍ରମଣ କରୁଥିଲା। ସତ୍ୟ ଗତକାଲି ସନ୍ଧ୍ୟାରେ ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଫେରି ଟଙ୍କା ଦାବି କରିଥିଲା। ପତ୍ନୀ ମନା କରିବାରୁ ଆକ୍ରମଣାତ୍ମକ ହୋଇ ତାଙ୍କୁ ମାଡ଼ ମାରିଥିଲା। ଝିଅ ବାରଣ କରିବାରୁ ତାଙ୍କ ହାତ ମୋଡ଼ି ଦେଇଥିଲା, ଫଳରେ ତାଙ୍କ ହାତରେ ଫ୍ରାକ୍‌ଚର ହୋଇ ଯାଇଥିଲା। ହୋହଲ୍ଲା ଶୁଣି ପଡ଼?ଶୀମାନେ ଆସି ମାଆ ଓ ଝିଅଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ସତ୍ୟ ଘରର ସାମଗ୍ରୀ ନଷ୍ଟ କରିବା ସହ ଧମକଚମକ ଦେଇ ଘଟଣାସ୍ଥଳରୁ ପଳାଇଥିଲା। ପତ୍ନୀଙ୍କ ଅଭିଯୋଗ କ୍ରମେ ନୂଆପଲ୍ଲୀ ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଶନିବାର ସିଆରପି ଛକରୁ ସତ୍ୟକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସଂଘବଦ୍ଧ ଆକ୍ରମଣ କରି ଜଣେ ଗିରଫ



ଭୁବନେଶ୍ୱର, ୨୧।୩ (ସମିସ): ଦୋଳଯାତ୍ରା ବେଳେ ଯୁବକଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରିଥିବା ଘଟଣାରେ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୂଆପଲ୍ଲୀ ବେହେରା ବସ୍ତିର କାହ୍ନୁଚରଣ ଦାସ (୨୭)।

ପୁଲିସ ସୂଚନାନୁଯାୟୀ, ଗତ ୧୩ ତାରିଖ ରାତିରେ ହାତିଆଣୁଣି ପଡ଼ିଆଠାରେ ଦୋଳ ପର୍ବ ଚାଲିଥିଲା। ସେହି ସମୟରେ କାହ୍ନୁ ଓ ତା'ର ସହଯୋଗୀମାନେ ଖଣ୍ଡା, ଭୁଜାଲି, ଲାଠି ଓ ବୋତଲ ଭଳି ମାରଣାସ୍ତ୍ର ଧରି ବାଇକରେ ଆସି ସୋନୁ ଦାସଙ୍କୁ ଦୁର୍ବ୍ୟବହାର କରି ହତ୍ୟା ଧମକ ଦେଇଥିଲେ। ଏଥିସହିତ ସଙ୍ଘବଦ୍ଧ ହୋଇ ଆକ୍ରମଣ କରିଥିଲେ। କେବଳ ସୋନୁ ନୁହଁନ୍ତି, ଅନ୍ୟମାନଙ୍କୁ ମଧ୍ୟ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଦୋଳଯାତ୍ରା ଶୋଭାଯାତ୍ରାରେ ଆତଙ୍କ ସୃଷ୍ଟି କରିବା ସହ ଡିଜେ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ସୋନୁଙ୍କ ଅଭିଯୋଗ ଆଧାରରେ ମୈତ୍ରୀ ବିହାର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି କଳିଙ୍ଗ ହସ୍ପିଟାଲ ଛକରୁ କାହ୍ନୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଘର ଭିତରୁ ଲାପ୍‌ଟପ୍ ଚୋରିକରି ଗିରଫ



ଭୁବନେଶ୍ୱର, ୨୧।୩ (ସମିସ): ଘରେ ପଶି ଲାପଟପ୍ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭରତପୁର ହରପାର୍ବତୀ ସାହିର ଜଗନ୍ନାଥ ଘଟୁଆଳ (୨୩)। ପୁଲିସ ସୂଚନା ମୁତାବକ, ନୂଆପଲ୍ଲୀ ବେହେରା ସାହିରେ ରହୁଥିବା ମହାଦେବ ବିଶ୍ୱାଳ ଘରେ ନଥିଲେ। ସେହି ସମୟରେ ଜଗନ୍ନାଥ ତାଙ୍କ ଘରେ ପଶି ଲାପଟପ୍ ଚୋରିକରି ନେଇଥିଲା। ଏନେଇ ସେ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପୁଲିସ ତ୍ରିନାଥ ବସ୍ତିରେ ଚଢ଼ଉ କରି ଜଗନ୍ନାଥକୁ ଗିରଫ କରିବା ସହ ଲାପଟପ୍ ଓ ବ୍ୟାଗ୍ ଜବତ କରିଥିଲା। ତା' ନାମରେ ତମାଣ୍ଡୋ ଥାନାରେ ମଧ୍ୟ ଲାପଟପ୍ ଚୋରି ମାମଲା ରହିଛି।

## ଭାଇବୋହୂଙ୍କୁ ଆକ୍ରମଣ; ଦେଢ଼ଶୁର ଗିରଫ



ଭୁବନେଶ୍ୱର, ୨୧।୩ (ସମିସ): ଭାଇବୋହୂଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦେଢଶୁରକୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଟଣୀ ଲୋକୋ କଲୋନୀର ଜିତେନ୍ଦ୍ର ସାହୁ (୪୪)।

ପୁଲିସ ସୂଚନା ଅନୁସାରେ, ଅଭିଯୋଗକାରିଣୀ ତାଙ୍କ ସ୍ୱାମୀଙ୍କ ସହ ବଡ଼ଗଡ଼ କେନାଲ ରୋଡ ସ୍ଥିତ ପତିତପାବନ ନଗରରେ ରହୁଥିବା ବେଳେ ଜିତେନ୍ଦ୍ର ତାଙ୍କର ଦେଢ଼ଶୁର। ଗତକାଲି ସ୍ୱାମୀ ନଥିବାବେଳେ ଜିତେନ୍ଦ୍ର ତାଙ୍କ ଘରକୁ ଆସି ଭାଇବୋହୂଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲା। ଅଭିଯୋଗକାରିଣୀ ପ୍ରତିବାଦ କରିବାରୁ ଜିତେନ୍ଦ୍ର ତାଙ୍କୁ ଲାତ ଓ ମାଡ଼ ମାରିବା ସହିତ ଚୁଟି ଟଣାଓଟରା କରିଥିଲା। ଖବରପାଇ ସ୍ୱାମୀ ଘଟଣାସ୍ଥଳରେ ପହଞ୍ଚିବା ପରେ ଜିତେନ୍ଦ୍ର ତାଙ୍କୁ ମଧ୍ୟ ପ୍ଲାଷ୍ଟିକ୍ ପାଇପରେ ଆକ୍ରମଣ କରିଥିଲା। ଆହତ ସ୍ୱାମୀ ଓ ସ୍ତ୍ରୀଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଭାଇବୋହୂ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦେଢଶୁରକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଅଟୋ ଚାଳକଙ୍କ ଠାରୁ ଲୁଟ୍; ଆଉଜଣେ ଗିରଫ



ଭୁବନେଶ୍ୱର, ୨୧।୩ (ସମିସ): ଅଟୋ ଚାଳକଙ୍କ ଠାରୁ ଲୁଟ୍ ଘଟଣାରେ ଡକାୟତି ଗ୍ୟାଙ୍ଗର ଆଉଜଣେ ସଦସ୍ୟକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିର ଯୋଗେଶ ବଳିଆରସିଂ ଓରଫ୍ ବାଦଲ (୧୯)। ପୁଲିସ ସୂଚନାନୁଯାୟୀ, ଗତ ଡିସେମ୍ବର ମାସ ୨୯ ତାରିଖ ରାତିରେ ଜଣେ ଅଜଣା ବ୍ୟକ୍ତି ଆଇଜି ପାର୍କ ନିକଟରୁ ପିପିଲିର ଅଟୋ ଚାଳକ ସୁରଜ ଖାନଙ୍କ ଗାଡ଼ିକୁ ଭଡ଼ା କରି ନୂଆପଲ୍ଲୀ ଅଞ୍ଚଳକୁ ଆସିଥିଲା। ୟୁପିଆଇ କାମ କରୁନଥିବା କହି ଟଙ୍କା ନଥିବା କହି ଭୋଇ ସାହି ଭିତରକୁ ନେଇଯାଇଥିଲା। ସେଠାରେ ପୂର୍ବ ଯୋଜନା ମୁତାବକ ଛକି ରହିଥିବା ଯୋଗେଶ, ନନ୍ଦୁ, ନେପ୍ପୁ, ଗଣେଶ, ଟେରୁ ଓ ସହଯୋଗୀମାନେ ସୁରଜଙ୍କୁ ଜୋରଜବରଦସ୍ତି ଏକ ଭଙ୍ଗା ଘରକୁ ଟାଣି ନେଇଥିଲେ। ଭଙ୍ଗା କାଚ ଖଣ୍ଡ, ଛୁରି, ଖଣ୍ଡା ଓ ପିସ୍ତଲ ଦେଖାଇ ଭୟଭୀତ କରି ୧୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏଥିସହିତ ୟୁପିଆଇ ମାଧ୍ୟମରେ ୩୬୫୦ ଟଙ୍କା, ଗୋଟିଏ ମୋବାଇଲ୍ ଫୋନ୍, ଗୋଟିଏ ସୁନା ମୁଦି ଓ ଗୋଟିଏ ସୁନା ଚେନ୍ ଲୁଟ୍ କରି ଘଟଣାସ୍ଥଳରୁ ପଳାଇଯାଇଥିଲେ। ସୁରଜ ଏନେଇ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଜାନୁଆରୀ ୨୫ ତାରିଖ ଦିନ ନନ୍ଦୁ, ନେପ୍ପୁ, ଗଣେଶ, ଟେରୁଙ୍କୁ ଗିରଫ କରିଥିବା ବେଳେ ଆଜି ଯୋଗେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଜମି ବିକ୍ରି ଆଳରେ ଠକେଇ; ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର, ୨୧।୩ (ସମିସ): ଜମି ବିକ୍ରି ଆଳରେ ଠକେଇ ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଜେଏମଏଫସି - ୪ର ବିଚାରପତି ହିମାଂଶୁ ଶେଖର ଆଚାର୍ଯ୍ୟ ମାମଲାର ବିଚାରକରି ଅଭିଯୁକ୍ତ ମନୋରଞ୍ଜନ ତ୍ରିପାଠୀକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁଯାୟୀ, ବସନ୍ତ କୁମାର ତ୍ରିପାଠୀ ଓ ମନୋରଞ୍ଜନ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଥିଲା। ୨୦୧୫ ମସିହାରେ ମନୋରଞ୍ଜନ ଜମି ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେବା ସହ ନିଜ ମିଳିତ ସମ୍ପତ୍ତିର ଅଂଶକୁ ୧୧ ଲକ୍ଷ ଟଙ୍କାରରେ ବିକ୍ରି କରିବ ବୋଲି ଚୁକ୍ତି କରିଥିଲା। ବସନ୍ତ ଜମି କିଣିବା ଆଶାରେ ୨୦୧୫ରୁ ୨୦୧୭ ମଧ୍ୟରେ ମନୋରଞ୍ଜନ ଓ ତାଙ୍କ ପତ୍ନୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୦ ଲକ୍ଷ ୬୦ ହଜାର ଟଙ୍କା ଦେଇଥିଲେ। ହେଲେ ମନୋରଞ୍ଜନ ଜମି ବିକ୍ରି କରିନଥିଲା କି ଟଙ୍କା ଫେରାଇନଥିଲା। ଓଲଟି ଭୟଙ୍କର ପରିଣାମର ଧମକ ଦେଇଥିଲା।

ଏନେଇ ବସନ୍ତ କୋର୍ଟଙ୍କ ଦ୍ୱାରସ୍ଥ ହେବାପରେ ଲକ୍ଷ୍ମୀସାଗର ଥାନା ପୁଲିସ କେସ୍ ନଂ - ୩୬୩/୨୧ ରେ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ପ୍ରସନ୍ନ କୁମାର ଓଝା ଘଟଣାର ତଦନ୍ତ କରି ମନୋରଞ୍ଜନକୁ ଗିରଫ କରିବା ସହ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୪ ଜଣ ସାକ୍ଷୀ ଓ ୧୧ଟି ଦସ୍ତାବିଜ ଆଧାରରେ ମାମଲାର ବିଚାର କରି ଆସାମୀ ମନୋରଞ୍ଜନକୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ଏହି ମାମଲାକୁ ପରିଚାଳନା କରୁଥିଲେ।

## ଶବ ରଖି ଓଏସ୍‌ଆରଟିସି କାର୍ଯ୍ୟାଳୟ ଘେରାଉ



ଭୁବନେଶ୍ୱର, ୨୧।୩(ସମିସ): ଓଏସ୍‌ଆରଟିସିର ଜଣେ ଅଭିଜ୍ଞ ଡ୍ରାଇଭରଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ପରେ ତାଙ୍କ ପରିବାର ଲୋକଙ୍କ ଦ୍ୱାରା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ଓଏସ୍‌ଆରଟିସି କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। ଡ୍ରାଇଭରଙ୍କ ମୃତ୍ୟୁ ଶୁକ୍ରବାର ରାତିରେ ପଶ୍ଚିମବଙ୍ଗର ମେଦିନପୁର ନିକଟରେ ହୋଇଥିବାବେଳେ ମୃତ ଡ୍ରାଇଭରଙ୍କ ନାମ ପ୍ରମୋଦ କୁମାର ମହାପାତ୍ର। ସେ ବାଙ୍କି ବୈଦେଶ୍ୱର ଅଞ୍ଚଳର ବାସିନ୍ଦା ଏବଂ ପ୍ରାୟ ୨୫ ବର୍ଷ ଧରି ଓଏସ୍‌ଆରଟିସିରେ ସେବା ଦେଇ ଆସୁଥିଲେ। ଶୁକ୍ରବାର ସେ ବସରୁ ବାହାରକୁ ଶୌଚ ପାଇଁ ଆସିଥିବାବେଳେ ଏକ ବାଇକ୍ ସହ ତାଙ୍କର ଧକ୍କା ହୋଇଥିଲା। ଏହି ଧକ୍କାରେ ଗୁରୁତର ଆହତ ହୋଇଥିବା ସତ୍ତ୍ୱେ ଓଏସଆରଟିସି ଜଣେ ସହ-ଡ୍ରାଇଭର ପଠାଇ ତାଙ୍କୁ ରାସ୍ତାକଡ଼ରେ ଛାଡ଼ି ବସ ସହ ଫେରି ଆସିଥିବା ଅଭିଯୋଗ ପରିବାର ଲୋକଙ୍କ ପକ୍ଷରୁ ହୋଇଛି। ଅଧିକାରୀମାନେ ସହ-ଡ୍ରାଇଭରଙ୍କୁ ବସ ଫେରାଇବାକୁ ନିର୍ଦ୍ଦେଶ ଦେଇଥିଲେ। ତୁରନ୍ତ ଚିକିତ୍ସା ସହାୟତା ପାଇଁ କୌଣସି ପଦକ୍ଷେପ ନେଇନଥିଲେ। ଯଦି ସଠିକ୍ ସମୟରେ ଚିକିତ୍ସା ମିଳିଥାନ୍ତା ତେବେ ତାଙ୍କ ଜୀବନ ବଞ୍ଚାଯାଇପାରିଥାନ୍ତା ବୋଲି ପରିବାର ଲୋକେ ଦାବି କରିଛନ୍ତି। ଏହି କାର୍ଯ୍ୟକୁ ସେମାନେ ଅମାନବୀୟ ବୋଲି ବର୍ଣ୍ଣନା କରିଛନ୍ତି। ଘଟଣାର ଯଥାଯଥ ତଦନ୍ତ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ପରିବାରକୁ ଯଥେଷ୍ଟ କ୍ଷତିପୂରଣ ଏବଂ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ପ୍ରଦାନ ଲାଗି ଦାବି ହୋଇଛି। ପ୍ରମୋଦଙ୍କର ୩ ଜଣ ଝିଅ ଏବଂ ଜଣେ ପୁଅ ଅଛନ୍ତି।

## ଆଜି ବିଶ୍ୱ ଜଳ ଦିବସ

# ଖସୁଛି ରାଜଧାନୀର ଭୂତଳ ଜଳସ୍ତର



ଭୁବନେଶ୍ୱର, ୨୧।୩(ସମିସ): ଗ୍ରୀଷ୍ମଋତୁର ଆରମ୍ଭରୁ ଉତ୍କଟ ଜଳ ସମସ୍ୟା ଦେଖିବାକୁ ମିଳିଲାଣି। କମ୍ ଗଭୀରତା ବିଶିଷ୍ଟ କୂପ ଓ ନଳକୂପ ଶୁଖିଲା ପଡ଼ିଛି। ପୂର୍ବରୁ କୂପ ଓ ନଳକୂପ ଉପରେ ନିର୍ଭର କରି ବର୍ଷ ତମାମ ଲୋକେ ପାନୀୟ ଜଳ କଷ୍ଟରୁ ମୁକ୍ତି ପାଉଥିଲେ। ହେଲେ ଏବେ ଭୂତଳ ଜଳ ହ୍ରାସ ପାଇଚାଲିଥିବାରୁ ବିଭିନ୍ନ ସ୍ଥାନରେ ଏବେ ଜଳ ସଙ୍କଟ ଦେଖିଯିବାର ଆଶଙ୍କା ବଢ଼ିଲାଣି। ଫଳରେ ଏହି ଭୂତଳ ଜଳହ୍ରାସ ପାଇବା ସହ ଦିନକୁ ଦିନ ଅଧିକ ମାତ୍ରାରେ ଜଳ ଉତ୍ତୋଳନକୁ ନେଇ ଜଳବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି।

ରାଜଧାନୀରେ ସହରୀକରଣ, ପ୍ରାକୃତିକ ଜଳାଶୟ ବନ୍ଦ, ଅତ୍ୟାଧିକ ବୋରୱେଲ ଖନନ ଆଦି କାରଣରୁ ସେମିକ୍ରିଟିକାଲରୁ କ୍ରିଟିକାଲ ମୁହାଁ ହେଉଛି ଭୂତଳ ଜଳସ୍ତର। ବିଶେଷ କରି ପାତ୍ରପଡ଼ା, ଖଣ୍ଡଗିରି, ଚନ୍ଦ୍ରଶେଖରପୁର, ସତ୍ୟ ନଗର, ସହିଦ ନଗର, ମଞ୍ଚେଶ୍ୱର, ହଂସପାଳ, ପାହାଳ ଭଳି ଅନେକ ସ୍ଥାନରେ ଭୂତଳ ଜଳସ୍ତର ଅହେତୁକ ଭାବେ ହ୍ରାସ ପାଇବାରେ ଲାଗିଛି। ସହରରେ ଜନସଂଖ୍ୟା ପାଖାପାଖି ୧୩ ରୁ ୧୫ ଲକ୍ଷରୁ ଅଧିକ ଲୋକ ବସବାସ କରୁଥିବା ବେଳେ ପ୍ରତିଦିନ ୪୨୦ ରୁ ୪୫୦ ମିଲିୟନ ଲିଟର ଜଳ ଆବଶ୍ୟକ। ଭୁବନେଶ୍ୱରରେ ବାର୍ଷିକ ଶତକଡ଼ା ୮୮.୭୬ ଭାଗ ଭୂତଳ ଜଳ ବିଭିନ୍ନ କାରଣରୁ ଉତ୍ତୋଳନ ହେଉଛି। ଆଉ ଅଳ୍ପ କିଛି ବର୍ଷ ପରେ ଏହା ଶତକଡ଼ା ୯୦ ଭାଗକୁ ଡ଼େଇଁଲେ ସଙ୍କଟାପର୍ଣ୍ଣ ଦେଖାଦେବ ବୋଲି ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନର ମୁଖ୍ୟ ବୈଜ୍ଞାନିକ ଡ଼. ପ୍ରମୋଦ କୁମାର ପଣ୍ଡା କହିଛନ୍ତି।

ସହର ଏବଂ ଉପକଣ୍ଠରେ ଯେତିକି ବି ନଦୀ ଓ ଜଳାଶୟ ରହିଛି ଏବେ ଅଧିକାଂଶ ପ୍ରଦୂଷିତ ଅବସ୍ଥାରେ ରହିବା ସହ ଆସ୍ତେ ଆସ୍ତେ ପୋତି ହେବାରେ ଲାଗିଲାଣି। ଯେଉଁଥିପାଇଁ ନଦୀ ଓ ଜଳାଶୟର ପାଣି ବ୍ୟବହାର ଉପଯୋଗୀ ହେଉନାହିଁ। ପ୍ରତିଦିନ ସହରୀକରଣ ବଢ଼ି ବଢ଼ି ଚାଲିଛି। ଆଗକୁ ମଧ୍ୟ ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ନୂତନ ସହର କରାଯିବା ନେଇ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଉଛି। ହେଲେ ଆମ ପାଖରେ ପର୍ଯ୍ୟାପ୍ତ ପରିମାଣରେ ଅମଳ ଜଳ ସଂରକ୍ଷଣ ନଥିବା ସହ ପ୍ରତିଦିନ ଲିଟର ଲିଟର ଭୂତଳ ଜଳକୁ ନଷ୍ଟ କରି ଚାଲିଛନ୍ତି। ବିଶେଷ କିର ଗୋଟେ ଲୋକ ଗାଧୋଇବାକୁ ୩୦ ଲିଟର ପାଣି ଅବଶ୍ୟକ ହୋଇଥାଏ ହେଲେ ଲୋକମାନେ ୨୦୦ରୁ ୩୦୦ ଲିଟର ପାଣି ବିନା କାରଣରେ ନଷ୍ଟ କରି ଚାଲନ୍ତି। ଫଳରେ ଏବେ ଯେତିକି ଭୂତଳ ଜଳ ସମସ୍ୟା ଦେଖିବାକୁ ମିଳୁଛି ଭବିଷ୍ୟତ ପିଢ଼ି ପାଇଁ ଭୂତଳ ଜଳ ସମସ୍ୟା ଏକ ବଡ଼ ସଙ୍କଟ ଭାବରେ ଉଭାହେବାର ଆଶଙ୍କା କରାଯାଉଛି। ଯଦି ଏବେଠାରୁ ଏହି ଭୂତଳ ଜଳ ସମସ୍ୟା ପାଇଁ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ସ୍ତରରେ ଜଳକୁ ଅପଚୟ ନକରିବା ଓ ଯେତିକି ଜଳ ଅବଶ୍ୟକ ସେତିକି ଜଳକୁ ବ୍ୟବହାର କରିବା ପାଇଁ ଅତ୍ୟାଧିକ ମାତ୍ରାରେ ସଚେତନତା କରିପାରିବା ତେବେ ଭୂତଳ ଜଳ ସମସ୍ୟା କିଛି ମାତ୍ରାରେ କମିପାରିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି।



# ଭୁବନେଶ୍ୱର ସିଟି

## ଇଦ ପାଇଁ ନମାଜ ପାଠ ଓ ଶୁଭେଚ୍ଛା





ଭୁବନେଶ୍ୱରରେ ବିଭିନ୍ନ ସ୍ଥାନରେ ଇଦ୍ ପାଳିତ ହୋଇଯାଇଛି । ଇଦ ଅବସରରେ ଭୁବନେଶ୍ୱରର ବିଭିନ୍ନ ମସ୍‌ଜିଦ୍‌ରେ ସକାଳୁ ସକାଳୁ ଭିଡ଼ ପରିଲକ୍ଷିତ ହୋଇଥିଲା । ହଜାର ହଜାର ମୁସ୍‌ଲିମ୍ ଭାଇଭଉଣୀମାନେ ମସ୍‌ଜିଦ୍ ଭିତରେ ନମାଜ ପାଠ କରିଥିଲେ । ପରେ ପରସ୍ପର ଶୁଭେଚ୍ଛା ଜଣାଇବା ସହ ଆଲିଙ୍ଗନ କରିଥିଲେ ।

## ଆଜିର କାର୍ଯ୍ୟକ୍ରମ

- ଜନମଙ୍ଗଳ ପରିଷଦ ପକ୍ଷରୁ ବିଶ୍ୱ ଜଳଦିବସ କାର୍ଯ୍ୟକ୍ରମ । ସ୍ଥାନ-ଜନମଙ୍ଗଳ କ୍ୟାମ୍ପ, ମହାତ୍ମା ଗାନ୍ଧୀ ମାର୍ଗ, ଭୁବନେଶ୍ୱର । ସମୟ-ପୂର୍ବାହ୍ନ ୧୧ଟା ।
- କେଜିଏସ୍ ଟେକ୍ନୋଲୋଜୀ ଗ୍ରୁପ୍‌ର ୧୮ ତମ ପ୍ରତିଷ୍ଠା ଦିବସ । ସ୍ଥାନ-ହେଟେଲ୍ ପାଲ୍ ହାଇଟ୍ସ, ଜୟଦେବ ବିହାର ଭୁବନେଶ୍ୱର । ସମୟ-ସନ୍ଧ୍ୟା ୬ଟା ।
- ଭୁବନେଶ୍ୱର ଫୁଟ୍‌ବଲ୍ ଏକାଡେମୀ ପକ୍ଷରୁ ଡ. ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ । ସ୍ଥାନ-ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ, ୟୁନିଟ୍-୧ ଭୁବନେଶ୍ୱର ।
- ଭାରତୀୟ ଜନତା ମଜ୍‌ଦୁର ସେଲ୍‌ଫ ପକ୍ଷରୁ ଓଡ଼ିଶା ରାଜ୍ୟ କାର୍ଯ୍ୟ ନିର୍ବାହୀ ବୈଠକ । ସ୍ଥାନ-ଇଭେଣ୍ଟ ସ୍କୋୟାର, ଭୁବନେଶ୍ୱର । ଦିନ-୧୨ଟା ।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୧।୩(ସମିସ): ଆସନ୍ତୁ ଆମେ ଫେରିଯିବା ୨୦ ବର୍ଷ ତଳକୁ । ଯଦିବା ଭୁବନେଶ୍ୱର ସହର ବିକାଶ ହୋଇଥିଲା କିନ୍ତୁ ଏତେ ବିକାଶ ହୋଇ ନ ଥିଲା କି ଭିଡ଼ ବି ଏତେ ନ ଥିଲା । ଏତେ ଗାଡ଼ି ମୋଟର ଚାଲୁ ନ ଥିଲା କି ତୁଳନାତ୍ମକ ଭାବେ ବାୟୁ ପ୍ରଦୂଷଣ ମାତ୍ରା ବି ଏତେ ନ ଥିଲା । କିନ୍ତୁ ବିକାଶର ବ୍ୟବସ୍ଥା ଭିତରେ ସହରର କଳେବର ବଢ଼ିଛି । ଲୋକସଂଖ୍ୟା ବଢ଼ିଛନ୍ତି, ଘରଦ୍ୱାର, ଯାନବାହାନ ସଂଖ୍ୟା ମଧ୍ୟ ଅହେତୁକ ଭାବେ ବୃଦ୍ଧି ପାଇଛି । ଏବେ ସେହି ତୁଳନାରେ ସହରକୁ ଧସେଇ ପଶିଛି ପ୍ରଦୂଷଣ । ଏବେ ନିଶ୍ୱାସ ମାରିବା ବି କାଠିକର ପାଠ ହୋଇପଡ଼ିଛି । ଶ୍ୱାସଜନିତ ରୋଗୀଙ୍କ ସଂଖ୍ୟା ବି ବୃଦ୍ଧି ପାଇଛି ଭୁବନେଶ୍ୱରରେ । ବାୟୁମଣ୍ଡଳଠାରୁ ଆରମ୍ଭ କରି ଜଳବାୟୁ ବୃଦ୍ଧି ପାଇଛି । ଏପରିସ୍ଥଳେ ଅନେକ ରାଜଧାନୀଆ ନିଜର ପୁରୁଣା ଅନୁଭୂତିକୁ ସାଉଁଟିବାକୁ ଚେଷ୍ଟା କରନ୍ତି । ତେବେ ପୁରୁଣା ଦିନକୁ ଖୋଳିବା ବେଳେ ଏମିତି ଏକ ଫଟୋ ଭାଇରାଲ ହେଉଛି, ଯେଉଁଥିରେ ଖାରବେଳନଗରସ୍ଥିତ ରାମ ମନ୍ଦିର ଛକର ଦୃଶ୍ୟ ରହିଛି । ଯେଉଁଠି ମନ୍ଦିରର କିଛି ଝଲକ ସହିତ ଟ୍ରାଫିକର ଦୃଶ୍ୟ ଏବଂ ୪ରୁ ୫ଟି ଗାଡ଼ି ରାସ୍ତାରେ ଅତିକ୍ରମ କରୁଥିବା ଦୃଶ୍ୟ ଫଟୋରେ କଏଦ ହୋଇଛି । ଏହି ଫଟୋଟି ୨୦ ବର୍ଷରୁ ଅଧିକ ପୁରୁଣା ବୋଲି ଜଣାପଡ଼ିଛି । ସେହି ସମୟରେ ସହରର ସେତେ ଗହଳି ନଥିଲା ଯାହା ଏହି ଫଟୋରୁ ଅନୁମାନ କରି ହେଉଛି ।

## ‘ଓଡ଼ିଶୀ ସଙ୍ଗୀତ ମହୋତ୍ସବ’ର ଦ୍ୱିତୀୟ ସନ୍ଧ୍ୟା



ଭୁବନେଶ୍ୱର, ୨୧।୩(ସମିସ): ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ଫାଉଣ୍ଡେସନ୍ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ‘ଓଡିଶୀ ସଙ୍ଗୀତ ମହୋତ୍ସବ’ର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଛି । ଲବ୍ଧପ୍ରତିଷ୍ଠ କଣ୍ଠଶିଳ୍ପୀଙ୍କ କଣ୍ଠରେ ସୁମଧୁର ଶାସ୍ତ୍ରୀୟ ଓଡିଶୀ ସଙ୍ଗୀତ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିଥି ଭାବେ ସଙ୍ଗୀତ ଗୁରୁ ପଣ୍ଡିତ ଘନଶ୍ୟାମ ପଣ୍ଡା, ଜିନ୍ଦଲ ଷ୍ଟିଲ ମହାପ୍ରବନ୍ଧକ ସୁଧୀ ରଞ୍ଜନ ମିଶ୍ର ଓଡ଼ିଶା ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ ଅର୍ଥ ପରାମର୍ଶଦାତା ମନୋରଞ୍ଜନ ମହାପାତ୍ର, ଫାଉଣ୍ଡେସନ ଅଧ୍ୟକ୍ଷ ମନୋରଞ୍ଜନ ପାଣିଗ୍ରାହୀ, ସମ୍ପାଦକ ଗୁରୁ ରାମହରି ଦାସ ଓ କୋଷାଧ୍ୟକ୍ଷ ରଘୁନାଥ ଦାଶ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଶିଳ୍ପୀଗଣ ଗୁରୁ ପ୍ରଦୀପ କୁମାର ଦାସଙ୍କ ପରିଚାଳନାରେ କଳାବତୀ ରାଗରେ ଉପସ୍ଥାପନା କରିଥିଲେ ପ୍ରବନ୍ଧ - ସଂଗିନୀରେ ଚାହାଁ ବେଣୁ ପାଣିକ ପରିବେଷଣ କରିଥିଲେ । ଶିଳ୍ପୀ ଗୀତା ମଞ୍ଜରୀ ବେହେରା ଅନୁଜା ତାରିଣୀ ମିଶ୍ର, ଡ. ରାମବିହାରୀ ନାଥ, ପ୍ରତିଭା ପ୍ରଧାନ ପ୍ରମୁଖ ବିଭିନ୍ନ ତାଳ ଓ ରାଗକୁ ଆଧାର କରି ଗାୟନରେ ଓଡିଶୀର ଶାସ୍ତ୍ରୀୟତା ପ୍ରତିପାଦନ କରିଥିଲ । ଡ. ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ମୁରଲୀଧର ସ୍ୱାଇଁ, ଗୁରୁ ସଦାନନ୍ଦ ଦାସ ଓ ଗୁରୁ ନଳିନୀ ଚରଣ ପରିଡ଼ା ଆଦି ସହଯୋଗ କରିଥିଲେ ।

## ଏନ୍‌ଏଚ୍‌ଆର୍‌ସି ପ୍ରତିନିଧିଙ୍କ କେନ୍ଦ୍ରୀୟ ବିଦ୍ୟାଳୟ ପରିଦର୍ଶନ

ଭୁବନେଶ୍ୱର, ୨୧।୩(ସମିସ): ଜାତୀୟ ମାନବାଧିକାର କମିଶନ (ଏନ୍‌ଆର୍‌ଏସି)ର ପ୍ରତିନିଧି ପ୍ରଫେସର କହ୍ନେୟା ତ୍ରିପାଠୀ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ-୧ ପରିଦର୍ଶନ କରିଛନ୍ତି । ବିଦ୍ୟାଳୟର



ଶ୍ରେଣୀଗୃହ, ଚିକିତ୍ସା କକ୍ଷ, ଶୌଚାଳୟ, ପ୍ରୟୋଗଶାଳା, ପାଠାଗାର ଏବଂ ସ୍କୁଲ ଉଦ୍ୟାନ ପରିଦର୍ଶନ କରି ଭିତ୍ତିଭୂମି ପରଖିଛନ୍ତି । ସୁରକ୍ଷିତ ଓ ଉନ୍ନତ ଶୈକ୍ଷିକ ବାତାବରଣ ସହିତ ଶିକ୍ଷାଦାନ ପଦ୍ଧତିକୁ ନେଇ ପ୍ରଶଂସା କରିଛନ୍ତି । ବିଦ୍ୟାଳୟ ସ୍ତରରେ ମାନବାଧିକାର ସଚେତନତାକୁ ପ୍ରୋତ୍ସାହିତ କରିବାକୁ ଗୁରୁତ୍ୱାରୋପ କରିବା ସହ ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଛନ୍ତି । ମାନବାଧିକାରକୁ ଗୁରୁତ୍ୱ ପ୍ରଦାନ କରିବା ସ୍ୱରୂପ ବିଦ୍ୟାଳୟରେ ଏକ ମାନବାଧିକାର ପ୍ରକୋଷ୍ଠ (ଏଚ୍‌ଆର୍‌ସି) ପ୍ରତିଷ୍ଠା କରାଯିବା ସହ ଛାତ୍ର ଏବଂ ଶିକ୍ଷକଙ୍କୁ ନେଇ ମାନବାଧିକାର କ୍ଲବ ଗଠନ, ମାନବାଧିକାର ସଚେତନତା ବିଭାଗ ଗଠନ, ବିଭିନ୍ନ ପ୍ରତିଯୋଗିତା, ସାଇବର ସଚେତନତା, ୟୁନିସେଫ୍ ସଚେତନତା ପରି ଏକାଧିକ କାର୍ଯ୍ୟକ୍ରମ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ (ଏକାଡେମିକ୍) ଡ. ପ୍ରଜ୍ଞା ପାରମିତା ଜେନା ଓ ସହକାରୀ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଥିଲେ । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟରେ ମାନବାଧିକାର ଶିକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରେରଣା ପ୍ରଦାନ କରିଥିବା ବିଦ୍ୟାଳୟର ଅଧ୍ୟକ୍ଷ କହିଛନ୍ତି ।

## ଆରମ୍ଭ ହେଲା କଣ୍ଢେଇ ମେଳଣ



ଭୁବନେଶ୍ୱର, ୨୧।୩(ସମିସ): ରାଜଧାନୀ ଉପକଣ୍ଠ ଭଗବାନପୁର-ପାତ୍ରପଡ଼ାଠାରେ ଆୟୋଜିତ ହୁଏ ଏକ ନିଆରା ମେଳଣ । ଶନିବାର ଆରମ୍ଭ ହୋଇଛି ପ୍ରସିଦ୍ଧ କଣ୍ଢେଇ ମେଳଣ । କୁନି କୁନି ପିଲାମାନଙ୍କ ଦ୍ୱାରା କାଠ, ବାଉଁଶ, ସୋଲୋ ଓ ରଙ୍ଗିନ କାଗଜରେ ତିଆରି ହୋଇ ଥିବା ଛୋଟ ଛୋଟ ଦୋଳ ବିମାନରେ ବିରାଜମାନ କରିଛନ୍ତି କାଠ ନିର୍ମିତ କଣ୍ଢେଇ, ମାଟି ତିଆରି କଣ୍ଢେଇ, ପ୍ଲାଷ୍ଟିକ କଣ୍ଢେଇ, ଟେଡି ଓ ବାର୍ବି ଡଲ୍ । ଏହି କଣ୍ଢେଇକୁ ଉଭୟ ଭଗବାନପୁର ଓ ପାତ୍ରପଡ଼ା ଗ୍ରାମବାସୀମାନେ ସାହି ସାହିରେ ଚାଟେରି ଭୋଗ ଅର୍ପଣ କରିଛନ୍ତି । ଯେଉଁ କଣ୍ଢେଇରେ ପିଲାମାନେ ଖେଳୁ ଥିଲେ ଆଜି ତାକୁ ଠାକୁର ଭାବେ ସଜେଇ ମେଳଣ ପଡ଼ିଆକୁ ଅପଟିଆ ସାଜି ବୋହି ଆଣିଛନ୍ତି । ଛୋଟି ଭୁଆସୁଣି କଣ୍ଢେଇ ମେଳଣ କମିଟି ବହୁ ଧୁମ୍ ଧାମରେ ପାଳନ କରିଛି । ଜମାଣ କାର୍ଯ୍ୟକ୍ରମରେ ଓଡ଼ିଶାର ପାରମ୍ପରିକ ବାଜା ସାଙ୍ଗକୁ ଘୋଡ଼ା ନାଚ, ବାଘ ନାଚ, ବୁଢ଼ାବୁଢ଼ୀ ନାଚ, ବଗ ବଗୁଲି ନାଚ, ହରିଣ, ମାଙ୍କଡ, ବଣ ମଣିଷ ସହିତ ନାଗା ନାଚକୁ ସାମିଲ୍ କରଯାଇଥିଲା । ଆଜିର ମେଳଣ ଉଦଘାଟନୀ ଉତ୍ସବରେ ଭୁବନେଶ୍ୱରର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟଶାଣୀ ପ୍ରମୁଖ ଯୋଗ ଦେଇଥିଲେ । ଆଜିଠାରୁ ଆରମ୍ଭ ହୋଇ ଏହି ମେଳଣ ଆସନ୍ତା ସୋମବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । କାଲିଠାରୁ ଦୁଇଦିନ ଧରି ସନ୍ଧ୍ୟାରେ କଣ୍ଢେଇ ଅପେରା ପ୍ରଦର୍ଶିତ ହେବ ।

## ଦେବଦାସ ଛୋଟରାୟ ଓ ଗୁରୁପ୍ରସାଦ ଶତପଥୀଙ୍କୁ 'ନବୀନ ସୂତ୍ରଧର କବିତା ସମ୍ମାନ'



ଭୁବନେଶ୍ୱର, ୨୧।୩(ସମିସ): ନୂତନ ଭବିଷ୍ୟତ ନିର୍ମାଣର ସୂତ୍ରଧର (ନବୀନ ସୂତ୍ରଧର) ଟ୍ରଷ୍ଟ ପକ୍ଷରୁ ବିଶ୍ୱ କବିତା ଦିବସ ଶନିବାର ଗୀତଗୋବିନ୍ଦ ସଦନରେ ପାଳିତ ହୋଇଯାଇଛି । ଏହି ଅବସରରେ ଯେଉଁଥିରେ କବି ଓ ଗୀତିକାର ଯଥାକ୍ରମେ ଦେବଦାସ ଛୋଟରାୟ ଓ ଗୁରୁପ୍ରସାଦ ଶତପଥୀ ଙ୍କୁ ଅନୁଷ୍ଠାନ ର ଶ୍ରେଷ୍ଠ ସମ୍ମାନ 'ନବୀନ ସୂତ୍ରଧର କବିତା ସମ୍ମାନ' ପ୍ରଦାନ କରାଯାଇଛି । ଏହା ସହିତ ୯ ଜଣ ଯୁବ ଓ ପ୍ରବୀଣ ଓଡ଼ିଆ ଜାତିର ବର୍ତାବହଙ୍କୁ ନବୀନ ସୁତ୍ରଧର କବିତା ଆଶୀର୍ବାଦ ସମ୍ମାନ ପ୍ରଦାନ କରାଯାଇଛି । ଉଲ୍ଲେଖଯୋଗ୍ୟ କି ଅନୁଷ୍ଠାନ ପକ୍ଷରୁ ଗତବର୍ଷ ଠାରୁ ଓଡ଼ିଆ ଭାଷା ସହିତ ସଙ୍ଗୀତ ଓ ସଂସ୍କୃତିକୁ ଆଗାମୀ ଭବିଷ୍ୟତ ପିଢ଼ିଙ୍କ ମାଧ୍ୟମରେ ଋଦ୍ଧିମନ୍ତ କରିବା ଉଦ୍ଦେଶ୍ୟରେ ବିଶ୍ୱ କବିତା ଦିବସ ପାଳନ କରାଯାଉଛି । ପ୍ରଥମ ପର୍ଯ୍ୟାୟର ଆୟୋଜିତ ହୋଇଥିବା ସଭାକୁ ଉଦ୍ଘାଟନ କରି ଓଡ଼ିଆ ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଚିବ ଅଶ୍ୱିନୀ ମିଶ୍ର କବିତାର ଭାଷା ସର୍ବଦା ଜନମାନସର ବୁଝିବାର ଭାଷା ହୋଇ ସମାଜକୁ ସଠିକ୍ ପଥରେ ଯିବା ପାଇଁ ମାର୍ଗ ଦର୍ଶନ କରିବା ଉଚିତ୍ ବୋଲି ମତ ପୋଷଣ କରିଥିଲେ । ସେହିଭଳି ଅନ୍ୟତମ ଅତିଥି ବିଶିଷ୍ଟ ସାହିତ୍ୟିକା ସଂଘମିତ୍ରା ମିଶ୍ର, ହୃଷୀକେଶ ମଲ୍ଲିକ, ସୂର୍ଯ୍ୟ ମିଶ୍ର ପ୍ରମୁଖ ଭାଷା ସାହିତ୍ୟର ବିଭିନ୍ନ ଅନାଲୋଚିତ ଦିଗ ଯାହା ସମାଜକୁ ପ୍ରେରିତ କରିବ ସେ ବିଷୟରେ ଆଲୋକପାତ କରିଥିଲେ । ପରେ ପରେ ସାରା ରାଜ୍ୟରୁ ଏପରିକି ରାଜ୍ୟ ବାହାରିଥିବା ୮୦ ରୁ ଅଧିକ ଓଡ଼ିଆ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ । ପରବର୍ତ୍ତୀ ସୋପାନରେ ଚଳିତ ବର୍ଷର ଶୀର୍ଷକ କବିତା ଶାନ୍ତି ଓ ଅନ୍ତର୍ଭୁକ୍ତର ସେତୁ ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ରାଜ୍ୟର ବହୁ ପ୍ରବୀଣ କବି ଓ ସାହିତ୍ୟିକ ଯଥା ଡ. ଦେବାଶିଷ ମହାପାତ୍ର, ଡ. ରମେଶ ପାଣି, ଶୁଭଶ୍ରୀ ଲେଙ୍କା, ସରୋଜିନୀ ପାଣି, ଡ. ଏନ ଲକ୍ଷ୍ମୀ ଜଗଦେବ ପ୍ରମୁଖ ଆଲୋକପାତ କରିଥିଲେ । ଉଦଯାପନୀ ଉତ୍ସବରେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ ସଭାରେ ସମ୍ମାନ ପ୍ରଦାନ କରାଯାଇଥିଲା ।

ଅନ୍ୟମାନଙ୍କ ମଧ୍ୟରେ କବି ଶରତ ଦାଶ, କାଦମ୍ବିନୀର ସମ୍ପାଦିକା ଇତି ସାମନ୍ତ, ବରିଷ୍ଠ କବି ରକ୍ଷକ ନାୟକ, ସୁନାମଧନ୍ୟ ଗାୟିକା ତଥା ସ୍ତମ୍ଭକାର ଛନ୍ଦା ମିଶ୍ର, ଦର୍ଶନ ଖବର କାଗଜର ସମ୍ପାଦକ ଇଞ୍ଜିନିୟର ବିଭୂତି ଭୂଷଣ ନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଦିବସ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଯଥାକ୍ରମେ ଚମକ୍ ଚାନ୍ଦିନୀ ଦାଶ, ସୁଷମା ସ୍ୱାଇଁ ଓ ଦେବଦତ୍ତ ପତି ସଞ୍ଚାଳନ କରିଥିଲେ । ଶେଷରେ ଅନୁଷ୍ଠାନର ମୁଖ୍ୟ ତଥା ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ନବୀନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାହ’ଇ ନବବର୍ଷ ‘ନଉ ରୁଜ’




ଭୁବନେଶ୍ୱର, ୨୧।୩(ସମିସ) ବାହ’ଇ ନବବର୍ଷ ଅବସରରେ ନଉ ‘ରୁଜ ପର୍ବ’ ଭୁବନେଶ୍ୱରର ବାହ’ଇ ଭବନ ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଆଧ୍ୟାତ୍ମିକ ସଭା ଆୟୋଜନ କରାଯାଇଥିଲା । ଡ. କାବ୍ୟତାରା ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଓଡ଼ିଶା ସରକାରଙ୍କ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଶ୍ରୀଯୁକ୍ତ ପାଢ଼ୀ ତାଙ୍କ ଭାଷଣରେ ବାହ’ଇ ଧର୍ମବିଶ୍ୱସର ମୂଳ ଶିକ୍ଷା ମାନବଜାତିର ଏକତା, ଧର୍ମର ଏକତା ଏବଂ ଈଶ୍ୱରଙ୍କ ଏକତ୍ୱକୁ ପ୍ରଶଂସା କରିଥିଲେ ଏବଂ ଆଜିର ବିଶ୍ୱରେ ଏହାର ପ୍ରାସଙ୍ଗିକତାକୁ ଗୁରୁତ୍ୱ ଦେଇଥିଲେ । ସେ ସାମ୍ପ୍ରଦାୟିକ ସଦ୍‌ଭାବନାକୁ ବୃଦ୍ଧି କରିବା ତଥା ଶିଶୁ ଓ ଯୁବପିଢ଼ିଙ୍କ ଶିକ୍ଷା, ନୈତିକତା ଏବଂ ଆଧ୍ୟାତିକ ବିକାଶ ମାଧ୍ୟମରେ ସାମାଜିକ ବିକାଶରେ ଯୋଗଦାନ ଦେବାରେ ବାହ’ଇ ସମ୍ପ୍ରଦାୟର ପ୍ରୟାସକୁ ପ୍ରଶଂସା କରିଥିଲେ । ମୁଖ୍ୟ ବକ୍ତା ଭାବେ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଡ. ସୂର୍ଯ୍ୟ ପ୍ରକାଶ, ନଉ ରୁଜର ଗୁରୁତ୍ୱ ଏବଂ ଏହାର ବୈଜ୍ଞାନିକ ଆଧାର ଉପରେ ଆଲୋକପାତ କରିଥିଲେ । ବିଷୁବ ବସନ୍ତ ଏବଂ ସୂର୍ଯ୍ୟଙ୍କର ଗତି ସହିତ ଏହାର ସମ୍ପର୍କକୁ ଉଲ୍ଲେଖ କରିଥିଲେ । ଏହି ଅବସରରେ ଡ଼. ନଦିଆ ମୋଗବେଲପୁରଙ୍କୁ ଶାନ୍ତି ଅଧ୍ୟୟନରେ ତାଙ୍କର ଉଲ୍ଲେଖନୀୟ ଗବେଷଣା ଏବଂ ଶାନ୍ତି ବିଷୟରେ ତାଙ୍କର ପିଏଚଡି ପାଇଁ ସମ୍ମାନିତ କରାଯାଇଥିଲା ।

## ଅମ୍ବିକା ଦାସଙ୍କୁ ସାମ୍ବାଦିକତାରେ ଡକ୍ଟରେଟ୍




ଭୁବନେଶ୍ୱର, ୨୧।୩ (ସମିସ): ଓଡ଼ିଶା ଏକ୍ସପ୍ରେସ୍‌ର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସଙ୍କୁ ଆମେରିକାର ଚିକାଗୋ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାମ୍ବାଦିକତାରେ ସମ୍ମାନ ଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି ।

ଶନିବାର ଦିନ ନୂଆଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବ୍‌ଠାରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସମାବର୍ତ୍ତନ ସମାରୋହରେ ଶ୍ରୀ ଦାସ ଏହି ସମ୍ମାନ ଗ୍ରହଣ କରିଛନ୍ତି । ଶ୍ରୀ ଦାସଙ୍କର ୧୯୮୬ ମସିହାଠାରୁ ଦୀର୍ଘ ଚାରି ଦଶନ୍ଧି ଧରି ଜଣେ ଅଗ୍ରଣୀ ସାମ୍ବାଦିକ ତଥା ବୁଦ୍ଧିଜୀବୀ ଭାବେ ନିର୍ଭିକ ଖବର, ସତ୍ୟର ପରିପ୍ରକାଶ ସହିତ ମୂଲ୍ୟବୋଧଭିତ୍ତିକ ସାମ୍ବାଦିକତା ଏବଂ ସାମାଜିକ ଉତ୍ତରଦାୟିତ୍ୱ ନିର୍ବାହ କ୍ଷେତ୍ରରେ ବଳିଷ୍ଠ ଯୋଗଦାନ ରହିଛି ।

ସୂଚନାଯୋଗ୍ୟ ଯେ ଯୋଗର ପ୍ରସାରରେ ଉଲ୍ଲେଖନୀୟ ଯୋଗଦାନ ରଖୁଥିବା ଓଡ଼ିଶା ଏକ୍ସପ୍ରେସ୍‌କୁ କେନ୍ଦ୍ର ସରକାର ଜାତୀୟ ପୁରସ୍କାର ପାଇଁ ମନୋନୀତ କରିଥିଲେ । ୨୦୨୦ ଜାନୁଆରୀ ମାସରେ ଦିଲ୍ଲୀରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀଙ୍କଠାରୁ ଶ୍ରୀ ଦାସ ଏହି ଜାତୀୟ ପୁରସ୍କାର ଗ୍ରହଣ କରିଥିଲେ ।

## ଖରା ପାଇଁ କମୁଛନ୍ତି ପର୍ଯ୍ୟଟକ

# ଖରାବେଳେ ଖାଁ ଖାଁ ପର୍ଯ୍ୟଟନସ୍ଥଳୀ

ଭୁବନେଶ୍ୱର, ୨୧।୩(ସମିସ):ଦିନକୁଦିନ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଉଥିବାବେଳେ ରାଜଧାନୀର ତାପମାତ୍ରା ମଧ୍ୟ ୪୦ ଡିଗ୍ରୀ ଛୁଇଁଲାଣି । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଗରମର ପ୍ରକୋପରେ ଜନଜୀବନ ଅସ୍ତବ୍ୟସ୍ତ କରିସାରିଲାଣି । ଫଳରେ ଲୋକେ ପଦାକୁ ବାହାରିବାକୁ ଭୟ କରୁଛନ୍ତି । ଦିନ ୧୧ଟା ପରେ ଜନଶୂନ୍ୟ ହେଉଛି ରାସ୍ତାଘାଟ । ବିଶେଷକରି ଖରା ପାଇଁ ପ୍ରଭାବିତ ହୋଇଛି ସହରର ବିଭିନ୍ନ ପର୍ଯ୍ୟଟନସ୍ଥଳୀ । ଗ୍ରୀଷ୍ମ ପ୍ରବାହରେ ୭୦ରୁ ୮୦ ପ୍ରତିଶତ ପର୍ଯ୍ୟଟକଙ୍କ ସଂଖ୍ୟା କମିଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଖଣ୍ଡଗିରି, ଉଦୟଗିରି, ଜୟଦେବବାଟିକା ଓ ନନ୍ଦନକାନନ ଆଦି ସ୍ଥାନରେ କମ୍ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବା ଜଣାପଡ଼ିଛି ।

କାର୍ଯ୍ୟବ୍ୟସ୍ତତା ମଧ୍ୟରୁ ଟିକେ ନିସ୍ତାର ପାଇବା ହେଉ ଅବା ଅବସର ବିନୋଦନ ପାଇଁ ରାଜଧାନୀବାସୀ ବିଭିନ୍ନ ପାର୍କ ଓ ପର୍ଯ୍ୟଟନସ୍ଥଳରେ ସମୟ ଅତିବାହିତ କରିଥାନ୍ତି । ବିଶେଷ କରି ଅପରାହ୍ନ ୪ଟାରୁ ବିଭିନ୍ନ ପର୍ଯ୍ୟଟନସ୍ଥଳରେ ଗହଳି ଆରମ୍ଭ ହୋଇଥାଏ । ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକଙ୍କ ଖଣ୍ଡଗିରି, ଉଦୟଗିରି, ଜୟଦେବବାଟିକା, ଧଉଳି, ଆଦି ପର୍ଯ୍ୟଟନସ୍ଥଳୀରେ ସନ୍ଧ୍ୟା ପର୍ଯ୍ୟନ୍ତ ଗହଳି ଜମୁଥିବା ବେଳେ ଗତ ସପ୍ତାହେ ହେବ ତାପମାତ୍ରା ବୃଦ୍ଧି ପାଉଥିବାରୁ ଖାଁ ଖାଁ ପାଲଟିଛି ଏହି ଜନଗହଳି ସ୍ଥାନ । ତେବେ ପୂର୍ବରୁ ନିୟମିତ ଖଣ୍ଡଗିରି ଓ ଉଦୟଗିରିରେ ପର୍ଯ୍ୟଟକଙ୍କ ସଂଖ୍ୟା ଦେଢ଼ ହଜାରରୁ ୨ହଜାର ପହଞ୍ଚୁଥିବା ବେଳେ ବର୍ତ୍ତମାନ କାଁ ଭାଁ ହାତଗଣତି ଲୋକେ ଦେଖିବାକୁ ମିଳୁଛନ୍ତି । ସେହିପରି ଜୟଦେବବାଟିକାରେ ପୂର୍ବରୁ ଦିନକୁ ୩ରୁ ୪ହଜାର ପର୍ଯ୍ୟଟକ ଆସୁଥିବା ବେଳେ ବର୍ତ୍ତମାନ ୬୦ପ୍ରତିଶତ ପର୍ଯ୍ୟଟକଙ୍କ ସଂଖ୍ୟା କମିଥିବା ଜଣାପଡ଼ିଛି । ଏଠାରେ ପ୍ରାକୃତିକ ପରିବେଶ ଥିଲେ ମଧ୍ୟ ଖରାରେ ଘରୁ ବାହାରିବା ଅସମ୍ଭବ ହୋଇପଡୁଛି । ତେବେ ଲୋକଙ୍କର ଖରାଦିନିଆ ଡେଷ୍ଟିନେସନ୍ ପାଲଟିଛି ବଡ଼ବଡ଼ ସପିଙ୍ଗମଲ୍ ଠାରୁ ସିନେମା ହଲ୍ ଯାଏ । କାରଣ ବାହାରେ ଖରା ଦାଉରୁ ରକ୍ଷା ପାଇବାକୁ ଏହି ସବୁ ସ୍ଥାନରେ ସକାଳ ୧୦ଟାରୁ ସନ୍ଧ୍ୟା ହେପା ଯାଏ ଯୁବଗୋଷ୍ଠୀମାନେ ସମୟ ବିତାଉଥିବା ଦେଖିବାକୁ ମିଳିଛି । ନନ୍ଦନକାନନ ଓ ଧଉଳି ଶାନ୍ତିସ୍ତୂପରେ ମଧ୍ୟ ପୂର୍ବଭଳି ଜନଗହଳି ଦେଖିବାକୁ ମିଳୁନାହିଁ । ଛାତ୍ରଛାତ୍ରୀଙ୍କ ସମେତ ରାଜ୍ୟ ବାହାରୁ ଅଧିକ ପର୍ଯ୍ୟଟକ ନନ୍ଦନକାନନ ବୁଲିବାକୁ ଆସୁଥିବା ବେଳେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ପର୍ଯ୍ୟଟନସ୍ଥଳରେ ରହିଥିବା ବ୍ୟବସାୟୀମାନଙ୍କୁ କ୍ଷତି ସହିବାକୁ ପଡ଼ୁଥିବା ବ୍ୟବସାୟୀମାନେ କହିଛନ୍ତି ।



### ବାହ୍ୟ ମଳମୁକ୍ତ ଅଞ୍ଚଳ ଭେଳିକି

# ନିମ୍ନମାନର କାମ ଯୋଗୁଁ ପାଇଖାନା ଫାଟି ଆଁ

କଳାବାଡିଆ, ୨୧।୩(ସମିସ): ଜଳ ଓ ପରିମଳ ବିଭାଗ ଦ୍ୱାରା ବାଙ୍ଗିରିପୋଷି ବ୍ଲକର ୧୯ଟି ପଞ୍ଚାୟତର ଗାଁମାନଙ୍କରେ ବାହ୍ୟ ମଳମୁକ୍ତ ଅଞ୍ଚଳ ଲେଖାଯାଇଛି। ସରକାରୀ କାଗଜପତ୍ରରେ ଏବେ ପାଇଖାନା ବଞ୍ଚିଛି। ପ୍ରକୃତ ପକ୍ଷେ ନିର୍ମାଣ ହୋଇଥିବା ଅଧିକାଂଶ ପାଇଖାନା ଫାଟି ଆଁ କଲାଣି ତ କେଉଁଠି କୁକୁଡ଼ା ନ ହେଲେ ଜାଳେଣି କାଠ ରହିଲାଣି, ଅଥବା ମାଟିରେ ମିଶି ସାରିଲାଣି। ପୂର୍ବଭଳି ଗ୍ରାମର ଲୋକ ବାହାରକୁ ଶୌଚ ହେବାକୁ ଯାଉଛନ୍ତି।

- ରଖାଯାଉଛି ଜାଳେଣି କାଠ
- ବାହାରକୁ ଶୌଚ ହେବାକୁ ଯାଉଛନ୍ତି ଗାଁ ଲୋକ



ସରକାର ପ୍ରତ୍ୟେକ ପରିବାରକୁ ୧୨ ହଜାର ମୂଲ୍ୟରେ ଚାରୋଟି ନନ୍ଦ, ଏକ ଘର, ପ୍ୟାନ୍ ବସିବା ବ୍ୟବସ୍ଥା କରିଥିଲେ। ହିତାଧିକାରୀ ନିଜେ ନିର୍ମାଣ କରି ନ ପାରି ଅନଭିଜ୍ଞ ଠିକାଦାରଙ୍କ ଶରଣ ପସିଥିଲେ। ଠିକାଦାର ନିମ୍ନମାନର କାମ କରି ହିତାଧିକାରୀଙ୍କୁ ଠକିଲା। ଦିନ କେଇଟା ପରେ ପାଇଖାନା କାନ୍ଥ ଫାଟି ଆଁ। ନିଜକୁ ସୁରକ୍ଷିତ ମଣିଲେ ନାହିଁ ପରିବାର। ଏ ପଟେ ନିର୍ମାଣର ଗୋଟିଏ ବର୍ଷ ପରେ ଗାଁ ପରିବେଶ ପୂରା ଅଲଗା। କେଉଁଠି ପାଇଖାନା କାନ୍ଥ ଫାଟି ଗଲାଣି ତ କେଉଁଠି କୁକୁଡା ଘର, ନଡ଼ା ରଖାଗଲାଣି। ଶୌଚାଳୟର କବାଟ ଓ ଛପର ନାହିଁ। ଗ୍ରାମର ମହିଳା ଓ ପୁରୁଷ ଦଳ ବାନ୍ଧି ପଦାକୁ ଶୌଚ ହେବାକୁ ଯାଉଛନ୍ତି। ବାଙ୍ଗିରିପୋଷି ବ୍ଲକ କଳାବାଡିଆ ପଞ୍ଚାୟତର ୧୩ଟି ଗାଁକୁ ଜଳ ଓ ପରିମଳ ବିଭାଗ ପକ୍ଷରୁ ୧୫୦୦ରୁ ଊର୍ଦ୍ଧ୍ୱ ଶୌଚାଳୟ ନିର୍ମାଣ ହୋଇଥିଲା। ଏବେ ଖୋଜିଲେ ୧୦୦ଟି ଭଲ ଶୌଚାଳୟ ମିଳିପାରେ। ନିମ୍ନମାନର କାର୍ଯ୍ୟ ପାଇଁ ଆଉ ବ୍ୟବହାର ଉପଯୋଗୀ ନାହିଁ ବୋଲି ବହୁ ହିତାଧିକାରୀ ଅଭିଯୋଗ କରିଛନ୍ତି। ପାଣି ସମସ୍ୟା ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ବାଧ ହୋଇ ଜନସାଧାରଣ ପୂର୍ବ ଅବସ୍ଥାକୁ ଫେରି ଆସୁଛନ୍ତି। ଦୁର୍ଗନ୍ଧରେ ଫାଟି ପଡୁଛି ଅଞ୍ଚଳ। ଶୌଚାଳୟ ସହିତ ପାଣିକୁ ପ୍ରାଧାନ୍ୟ ଦେଲେ ସରକାରଙ୍କ ଯୋଜନା ଫଳପ୍ରଦ ହୁଅନ୍ତା ବୋଲି ଗ୍ରାମବାସୀ କହିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ଲାଲମୋହନ ମହାନ୍ତଙ୍କ ଜୟନ୍ତୀ



ବେତନଟୀ, ୨୧।୩ (ସମିସ): ସୁନାମ ଧନ୍ୟ ଝୁମର ବିଶାରଦ, ସ୍ୱାଧୀନତା ସଂଗ୍ରାମୀ ଲାଲମୋହନ ମହାନ୍ତଙ୍କ ୮୬ତମ ଜୟନ୍ତୀ ଜୟନ୍ତୀ ପାଳନ କମିଟି ପକ୍ଷରୁ ପାଳନ କରାଯାଇଛି। ଲାଲମୋହନ ମହାନ୍ତଙ୍କ ଦେଶ ପ୍ରେମ, ସମାଜ ସେବା ଓ ଝୁମର ଜଗତ ପ୍ରତି ଅବଦାନ ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ରେଣୁଗାଁସ୍ଥ ଲାଲମୋହନ ମହାନ୍ତଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କମିଟି ଆବାହକ ଡକ୍ଟର ରମାକାନ୍ତ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ସିଭିଲ ସୋସାଇଟିର ସମ୍ପାଦକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସଚ୍ଚିଦାନନ୍ଦ ମହାନ୍ତି କହିଲେ, ଲାଲମୋହନ ମହାନ୍ତଙ୍କ ବହୁମୁଖୀ ପ୍ରତିଭାରେ ମୁଗ୍ଧ ହୋଇ ସିଭିଲ ସୋସାଇଟି ପକ୍ଷରୁ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବେ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପଣ୍ଡିତ ଲକ୍ଷ୍ମୀଧର ବାରିକ, କୁଡୁମାଲୀ କାଲ ଚୁରାଲ ଆସୋସିଏସନର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ସ୍ୱତନ୍ତ୍ର ଅତିଥି ଭାବେ ଆନନ୍ଦ ମାର୍ଗ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ ପ୍ରଧାନ, ମୁଖ୍ୟବକ୍ତା ଭାବେ ଅଖିଳ ଭାରତୀୟ ବହୁ ଭାଷୀ ସାହିତ୍ୟ ପରିଷଦ କବି ସଙ୍ଗମର ସଭାପତି ଆଶୁ କବି ବାସୁଦେବ ନାପିତ ଯୋଗ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ବିଶ୍ୱ ଜାଗରଣ ଝୁମର ପ୍ରତିଷ୍ଠାନର ସମ୍ପାଦକ ଚକ୍ରଧର ମହାନ୍ତ, ଝୁମର ଗୁରୁ କ୍ଷୀରୋଦ ମହାନ୍ତ, ରାଉରକେଲା ଷ୍ଟିଲ ପ୍ଲାଣ୍ଟର ଅବସରପ୍ରାପ୍ତ ଫୋରମ୍ୟାନ ଚୁନୁରାମ ମହାନ୍ତ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ମଞ୍ଜରୀ ମହାନ୍ତ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଜୟନ୍ତୀ କମିଟି ସଂଯୋଜକ ପ୍ରଭାତ ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ଝୁମର ଗାୟିକା ରିତାରାଣୀ ମହାନ୍ତ ଲାଲମୋହନ ମହାନ୍ତଙ୍କ ରଚିତ ଝୁମର ଗୀତ ପରିବେଷଣ କରିଥିଲେ। ଡକ୍ଟର ରମାକାନ୍ତ ମହାନ୍ତ କହିଲେ, ୧୯୭୫ରେ ଜରୁରିକାଳୀନ ପରିସ୍ଥିତିରେ ତତ୍କାଳୀନ ସରକାର ଯାହାଙ୍କୁ ୨ ବର୍ଷ କାରାଗାରରେ ବନ୍ଦୀ କରି ରଖିଥିଲେ, ୫୦ ବର୍ଷ ପରେ ତାଙ୍କୁ ଭାରତ ସରକାର ମାସକୁ କୋଡିଏ ହଜାର ଟଙ୍କା ସ୍ୱାଧୀନତା ସଂଗ୍ରାମୀ ଭତ୍ତା ପ୍ରଦାନ କରିବା ଏକ ସ୍ମରଣୀୟ ଘଟଣା। ସାମ୍ବାଦିକ ଗତିକୃଷ୍ଣ ମହାନ୍ତ ଧନ୍ୟବାଦ ଦେଇଥିଲେ। ଝୁମର ନୃତ୍ୟ ଶିଳ୍ପୀ ନିହାରିକା ମହାନ୍ତଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଜଳ ଅର୍ପଣ ଦିବସ

# ଜଳର ସଦୁପଯୋଗ କରିବାକୁ ପରାମର୍ଶ



ମୋରଡ଼ା, ୨୧।୩(ସମିସ): ମୋରଡା ବ୍ଲକ ଅଧୀନ ଧଡ଼ାସାହି ଗ୍ରାମରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ ଆନୁକୂଲ୍ୟରେ ଜଳ ଅର୍ପଣ ଦିବସ ପାଳିତ ହୋଇଯାଇଛି। ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଜେମାମଣି ମହାନ୍ତ, ଧଡ଼ାସାହି ସରପଞ୍ଚ ତିଳକା ହାଁସଦା, ସମିତି ସଭ୍ୟ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜ୍ଞାନେନ୍ଦ୍ର ନାଏକ, ସିଡିଓ ଧର୍ମାନନ୍ଦ ବେହେରା, ବିଡିଓ ଅଣାକର ନାଏକ, ଅବସରପ୍ରାପ୍ତ ଉପଜିଲ୍ଲାପାଳ ରଜନୀକାନ୍ତ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଜଳର ସଦୁପଯୋଗ କରିବା, ଜଳ ସୁରକ୍ଷା କରିବା ଆମର ନୈତିକ କର୍ତ୍ତବ୍ୟ। ଓଡ଼ିଶାର ପ୍ରତିଟି ଘରକୁ ବିଶୁଦ୍ଧ ପାନୀୟ ଜଳ ପାଇପାରିବେ ସେ ନେଇ ସରକାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି ବୋଲି ମନ୍ତ୍ରୀ ମହାପାତ୍ର କହିଥିଲେ। ନୂତନ ଭାବେ ଗଠିତ ହୋଇଥିବା ଚିତ୍ରଡା ଓ ରାସଗୋବିନ୍ଦପୁର ଏନଏସି ଏବଂ ମୋରଡା, ଶୁଳିଆପଦା, ରାସଗୋବିନ୍ଦପୁର ବ୍ଲକର ଜନସାଧାରଣ କିପରି ପାଣି ପାଇଁ ଅସୁବିଧାର ସମ୍ମୁଖୀନ ନ ହେବେ, ସେ ନେଇ ବଡ଼ ଯୋଜନା କାର୍ଯ୍ୟକାରୀ ହେବ। ଭଡରାନଣ୍ଡା ନିକଟରେ ଏକ ବ୍ୟାରେଜ ନିର୍ମାଣ ହେବ ଯାହାର ସର୍ଭେ କାର୍ଯ୍ୟ ସରିଛି। ଡିପିଆର ପ୍ରସ୍ତୁତି ଚାଲୁଛି ବୋଲି ମତ ରଖିଥିଲେ ମନ୍ତ୍ରୀ। ନୂତନ ଭାବେ ନିର୍ମାଣ ହୋଇଥିବା ଏକ ପମ୍ପ ଗୃହକୁ ମନ୍ତ୍ରୀ ଫିତା କାଟି ଉଦଘାଟନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କନିଷ୍ଠ ଯନ୍ତ୍ରୀ ସସ୍ମିତା ପତି, ମାର୍କଣ୍ଡ ମାର୍ଣ୍ଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଶ୍ୱ ପଖାଳ ପରବ

ବାରିପଦା, ୨୧।୩(ସମିସ): ସ୍ଥାନୀୟ ମହାରାଜପୁରସ୍ଥ ମୟୂରଭଞ୍ଜ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ ପକ୍ଷରୁ ବିଶ୍ୱ ପଖାଳ ପରବ ପାଳନ କରାଯାଇଛି। ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରାବାସରେ ରହୁଥିବା ଗ୍ରୀଷ୍ମ ଅବକାଶକାଳୀନ କୋର୍ସର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ ନାୟକ, ଉପାଧ୍ୟକ୍ଷା ସଂଘମିତ୍ରା ରାଉତ, ରାଇରଙ୍ଗପୁର ମହାବିଦ୍ୟାଳୟର ପ୍ରାକ୍ତନ



ଅଧ୍ୟକ୍ଷ ସୁନୀଲ ଜେନା ପ୍ରମୁଖ ଉପସ୍ଥିତ ରହି ପଖାଳ ପରବ ପାଳନ କରିଥିଲେ। ପରେ ସମସ୍ତ ଅତିଥି ମହାବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ସହ ପଖାଳର ମଜା ନେଇଥିଲେ। ମହର୍ଷି ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଶିକ୍ଷକ କର୍ମଚାରୀ ମଧ୍ୟ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅଧ୍ୟକ୍ଷା ଦେବଶ୍ରୀତା ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ କର୍ମଶାଳା



ବାରିପଦା, ୨୧।୩(ସମିସ): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ସୂଚନା ଅଧିକାର ଆଇନ-୨୦୦୫ ସମ୍ପର୍କିତ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଶେଷ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା ସୂଚନା ଅଧିକାର ଆଇନ ଉପରେ ମତ ରଖିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର ମୁଦୁଆ କର୍ମଶାଳାର ଉଦ୍ଦେଶ୍ୟ ଉପରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ସୂଚନା ଅଧିକାର ଆଇନ ବିଶେଷଜ୍ଞ ରଶ୍ମିରଞ୍ଜନ ରାଉତ ଆଇନର ବିଭିନ୍ନ ଧାରା, ଆବେଦନ, ସମୟସୀମା ମଧ୍ୟରେ ତଥ୍ୟ ପ୍ରଦାନ, ସରକାରୀ ୱେବସାଇଟରେ ସ୍ୱେଚ୍ଛାକୃତ ଭାବେ ନିଜସ୍ୱ କାର୍ଯ୍ୟାଳୟର ୧୭ ପରିଶିଷ୍ଟ ତଥ୍ୟାବଳୀକୁ ନିୟମିତ ଅପଡେଟ, ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ଓ ଅନୁସରଣ କରାଯାଉଥିବା ତଥ୍ୟ ଆଇନଗତ ପ୍ରକ୍ରିୟା, ଆବେଦନ ଶୁଳ୍କ ଓ ନକଲ ପ୍ରଦାନ ପାଇଁ ଧାର୍ଯ୍ୟ ହୋଇଥିବା ଅର୍ଥ ରାଶି ପାଇଁ ସ୍ୱତନ୍ତ୍ର ବ୍ୟାଙ୍କ ଖାତା, ତୃତୀୟ ପକ୍ଷ ଅଡିଟ ଉପରେ ବିଶେଷ ଆଲୋଚନା କରିଥିଲେ। ଏଥିସହ ପିପିଆଇଟି ମାଧ୍ୟମରେ ପ୍ରଦର୍ଶିତ କରି ତାଲିମ ଦେଇଥିଲେ। ଏହି କର୍ମଶାଳାରେ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ, ସହକାରୀ ଜନ ସୂଚନା ଅଧିକାରୀ, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ରହି ସୂଚନା ଅଧିକାର ଆଇନ ଉପରେ ପ୍ରଶିକ୍ଷଣ ନେଇଥିଲେ। ଏ ଅବସରରେ ସୂଚନା ଅଧିକାର ଆଇନ ଉପରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ତର୍କ ପ୍ରତିଯୋଗିତାରେ ସଫଳ ପ୍ରବୀଣ ପ୍ରଧାନ (ପ୍ରଥମ), ଜ୍ୟୋତିପ୍ରକାଶ ଶତପଥୀ (୨ୟ), ଶୁଭସ୍ମିତା ମହାନ୍ତ (୩ୟ), ଇଂରାଜୀ ତର୍କ ପ୍ରତିଯୋଗିତାରେ ପ୍ରତ୍ୟୁଷା ପାଢ଼ୀ (୧ମ), ପ୍ରତୀକ୍ଷା ପ୍ରିୟଦର୍ଶିନୀ ପଣ୍ଡା (୨ୟ), ସ୍ୱୟଂପ୍ରଭା ବେହେରା(୩ୟ)ଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଏମ୍‌ପିସି ସ୍ୱୟଂଶାସିତ କଲେଜ ହିନ୍ଦୀ ବିଭାଗ ଆଲୋଚନାଚକ୍ର



ବାରିପଦା, ୨୧।୩(ସମିସ): ସ୍ଥାନୀୟ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ହିନ୍ଦୀ ବିଭାଗ ପକ୍ଷରୁ 'ପ୍ରଗତିବାଦୀ କାବ୍ୟଧାରା ମେଁ ସର୍ବହରା ବର୍ଗ କି ସଂଘର୍ଷ' ଶୀର୍ଷକ ଦ୍ୱିଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଆଲୋଚକ ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ମୁଖ୍ୟ ଡ. ଅଭିଷେକ ଶର୍ମା ଯୋଗଦେଇ ପ୍ରସଙ୍ଗ ସମ୍ପର୍କରେ ବିଶଦ ଚର୍ଚ୍ଚା କରିଥିଲେ। ବିଭାଗୀୟ ମୁଖ୍ୟ ଦୁର୍ଗାବତୀ ହାଁସଦା କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଭିମୁଖ୍ୟ ରଖିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି ପ୍ରସଙ୍ଗରେ ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା। ଅତିଥି ଅଧ୍ୟାପିକା ଅନୁଜା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ କୃଷ୍ଣ ସିଂ ଅନ୍ୟତମ ଆଲୋଚକ ଭାବେ ନିଜର ଅଭିବ୍ୟକ୍ତି ରଖିଥିଲେ। ଅତିଥି ଅଧ୍ୟାପିକା ପ୍ରିୟଙ୍କା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ସାଇ ନର୍ସିଂହୋମ୍ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ବାରିପଦା, ୨୧।୩(ସମିସ): ବାରିପଦା ସହରର ଅଗ୍ରଣୀ ସାଇ ନର୍ସିଂହୋମ ପକ୍ଷରୁ ବାରିପଦା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ଦିନିକିଆ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସାଇ ନର୍ସିଂହୋମର ଦୁଇଜଣ ଡାକ୍ତର ଦୀପିକା ଆଚାର୍ଯ୍ୟ ଓ ଡାକ୍ତର ଐଶ୍ୱର୍ଯ୍ୟରାଜ ପତି ୭ ଜଣିଆ ଡାକ୍ତରୀ ଟିମ୍ ସହାୟତାରେ ସ୍ୱେଚ୍ଛାସେବୀ ଓ ବିଦ୍ୟାଳୟର ୧୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଡାକ୍ତର ପତି ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ସକାରାତ୍ମକ ଓ ନକାରାତ୍ମକ ଦିଗ ଉପରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ବାରିପଦାର ସାଇ ନର୍ସିଂହୋମ ପକ୍ଷରୁ ବର୍ଷବର୍ଷ ଧରି ଅନେକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇ ଆସୁଥିବାବେଳେ ଆଗାମୀ ଦିନରେ ଜିଲ୍ଲାର କୋଣ ଅନୁକୋଣରେ ଏଭଳି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର କରାଯିବା ସହ ସରକାରଙ୍କ ଲୋକାଭିମୁଖୀ ଯୋଜନା ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ଜନସାଧାରଣ କିଭଳି ସମ୍ପୂର୍ଣ୍ଣ ମାଗଣାରେ ସେବା ପାଇପାରିବେ, ସେ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଡାକ୍ତର ପତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଡା ସୁବ୍ରତ ପାତ୍ର, ଡା ସ୍ମିତା ଦାଶ, ଡା ଅଞ୍ଜଳି ପଣ୍ଡା, ଡା ସଂଯୁକ୍ତାରାଣୀ ସୁର ଓ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଇଂରାଜୀ ବିଭାଗର ବାର୍ଷିକ ଆଲୋଚନାଚକ୍ର

ବାରିପଦା, ୨୧।୩(ସମିସ): ଭଞ୍ଜପୁରସ୍ଥ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ଇଂରାଜୀ ବିଭାଗର ବାର୍ଷିକ ଆଲୋଚନାଚକ୍ର ଡ ପ୍ରବୋଧ ଦେଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଇଂରାଜୀ ବିଭାଗ ପ୍ରାଧ୍ୟାପକ ଡ ଯତୀନ କୁମାର ମହାକୁଡ଼ 'ରେଡିକାଲ ଫେମିନିଜିମ୍ ଭର୍ସେସ ଇଣ୍ଡିଆନ ଫେମିନିଜିମ' ସନ୍ଦର୍ଭ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଭାଗ ମୁଖ୍ୟ ସଞ୍ଜୀବ କୁମାର ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସୁଶ୍ରୀ ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ତୃତୀୟ ବର୍ଷ ଛାତ୍ର ଦେବାଂଶୁ ଦେବାଶିଷ ନାୟକ ଓ ଛାତ୍ରୀ ମନୀଷା ମହାପାତ୍ର ନିଜ ନିଜ ମନ୍ତବ୍ୟ ରଖିଥିଲେ।



# କଣ୍ଢେଇ ଦିବସ ପାଳିତ

ରାଇରଙ୍ଗପୁର, ୨୧।୩(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ କଣ୍ଢେଇ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରକାଶ ଚନ୍ଦ୍ର ମଣ୍ଡଳ ଓ ପ୍ରଧାନ ଆଚାର୍ଯ୍ୟ କେଦାରନାଥ ବାରିକ ଯୋଗଦେଇ ଉଦଘାଟନ କରି ଶିଶୁଙ୍କୁ ଉତ୍ସାହିତ କରିଥିଲେ। ଏହା ଏକ ପ୍ରାଚୀନ କଳା ପରମ୍ପରା ଅଟେ। ଯାହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଳିତ ହୋଇଛି। ବିଭିନ୍ନ ପ୍ରକାର କଣ୍ଢେଇ ପ୍ରଦର୍ଶନୀ କରିବା ସହିତ ଶିଶୁଙ୍କୁ କଣ୍ଢେଇ ସମ୍ପର୍କରେ ପରିଚୟ କରାଯାଇଥିଲା। ଉକ୍ତ ଦିବସ ମହତ୍ତ୍ୱ ନେଇ ଶିଶୁଙ୍କ ମଧ୍ୟରେ ଆଲୋଚନା କରିଥିଲେ। ପରେ ଶିଶୁଙ୍କ ଦ୍ୱାରା କଣ୍ଢେଇ ଗୀତରେ ନାଚ ପରିବେଷଣ କରାଯାଇଥିଲା।



# ଦାନ୍ତିଆମୁହାଁ ହାଇସ୍କୁଲରେ 'ୱେଷ୍ଟ ଟୁ ୱେଲ୍‌ଥ' କାର୍ଯ୍ୟକ୍ରମ

ବେତନଟୀ, ୨୧।୩(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ହାଇସ୍କୁଲରେ ଇକୋ କ୍ଲବ ଓ ଶକ୍ତି କ୍ଲବ୍ ଉଦ୍ୟମରେ 'ସବୁଜାୟନ ଓ ଶକ୍ତି ସଂକଳ୍ପ' ଅଭିଯାନ ଅନ୍ତର୍ଗତ 'ୱେଷ୍ଟ ଟୁ ୱେଲ୍‌ଥ' କାର୍ଯ୍ୟକ୍ରମ ଗୁରୁବାର ସଫଳତାର ସହିତ ଆୟୋଜିତ ହୋଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ବିକାଶ ସହିତ ଜୀବନ ଜୀବିକାର ବ୍ୟବହାରିକ ଜ୍ଞାନ ଦେବାକୁ ଲକ୍ଷ୍ୟ କରି ଆୟୋଜିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ କବିତା ନାଏକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରାର୍ଥନା ମିଶ୍ର 'ୱେଷ୍ଟ ଟୁ ୱେଲ୍‌ଥ' ଅଭିଯାନର ଦାୟିତ୍ୱ ନେଇ ଛାତ୍ରଛାତ୍ରୀଙ୍କୁ ସାତଟି ଦଳରେ ବିଭକ୍ତ କରିଥିଲେ। ସେମାନଙ୍କୁ ଘରୋଇ ଜୀବନରେ ବ୍ୟବହୃତ ହୋଇ ପରେ ବର୍ଜ୍ୟ ରୂପେ ବାହାରୁଥିବା ପ୍ଲାଷ୍ଟିକ, କାର୍ଡବୋର୍ଡ, ପୁରୁଣା କପଡ଼ା, ଅଖାବସ୍ତା, ଥର୍ମୋକୋଲ ପ୍ଲେଟ, ତାଳପତ୍ର, କାଗଜ, ଅଣ୍ଡା ପେଟି ଓ ଅବ୍ୟବହୃତ ମୋଜା ଇତ୍ୟାଦିକୁ ପୁନର୍ବ୍ୟବହାର କରି କିପରି ଉପଯୋଗୀ ଓ ଆକର୍ଷଣୀୟ ସାମଗ୍ରୀ ତିଆରି କରିହେବ, ସେନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରୟାସରେ ଛାତ୍ରଛାତ୍ରୀ ପେନ୍‌ଷ୍ଟାଣ୍ଡ, ଘର କାନ୍ଥରେ ଟାଙ୍ଗିବା ପାଇଁ ଶୋଭାବର୍ଦ୍ଧକ କଳାକୃତି, କପଡ଼ା ବ୍ୟାଗ, ତକିଆ, କୁସନ ଓ ଆସନ ଭଳି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଏହି ସମସ୍ତ ସାମଗ୍ରୀକୁ ନିକଟସ୍ଥ ସାପ୍ତାହିକ ହାଟରେ ବିକ୍ରୟ କରି ଛାତ୍ରଛାତ୍ରୀ ଆର୍ଥିକ ସ୍ୱାଧୀନତା ଓ ଜୀବିକା ନିର୍ବାହର ପ୍ରାୟୋଗିକ ଅନୁଭବ ଅର୍ଜନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଅମୀୟ ପଣ୍ଡା, ଅଭିଷେକ ଆଚାର୍ଯ୍ୟ, ଶେଖ ସିରାଜୁଦ୍ଦିନ ଓ ସହକାରୀ ଶିକ୍ଷୟିତ୍ରୀ ସନ୍ତୋଷୀ ପ୍ରିୟଦର୍ଶିନୀ, ସୁଜାତାରାଣୀ ଦାସ, ନୀତୁ ବାଲା, ଅଣଶିକ୍ଷା କର୍ମଚାରୀ ଦୀପକ ମହାନ୍ତ, ସଂଘମିତ୍ରା ଧଳ ଓ ଅମୂଲ୍ୟ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।



### ତାଳ ପୋଖରୀ ବିଦ୍ୟାଳୟରେ ଛାତ୍ରଙ୍କୁ ମାଡ଼ ଘଟଣା

# ନ୍ୟାୟ ପାଇଁ ଥାନାରେ ଅଭିଯୋଗ କଲେ ବାପା

କପ୍ତିପଦା, ୨୧।୩(ସମିସ): ସ୍ଥାନୀୟ ତାଳ ପୋଖରୀ ଉଚ୍ଚବିଦ୍ୟାଳୟରେ ଗତ ୧୬ ତାରିଖରେ ବାର୍ଷିକ ପରୀକ୍ଷା ସମୟରେ ଛାତ୍ରଙ୍କୁ ନିସ୍ତୁକ ମାଡ଼ ମାରି ଗୁରୁତର କରିଥିବା ଶିକ୍ଷୟିତ୍ରୀ ଦୀପ୍ତିମୟୀ ବରାଳଙ୍କ ବିରୋଧରେ ଛାତ୍ର ଶୁଭଙ୍କର ବେହେରାଙ୍କ ପିତା ଥାନାରେ ଅଭିଯୋଗ କରିଛନ୍ତି। ଶୁଭଙ୍କର ବେହେରା (୧୫) ତାଳ ପୋଖରୀ ବିଦ୍ୟାଳୟରେ ନବମ ଶ୍ରେଣୀରେ ଅଧ୍ୟୟନ କରନ୍ତି। ୧୬ ତାରିଖ ଦିନ ବାର୍ଷିକ ପରୀକ୍ଷା ସମୟରେ ପ୍ରଶ୍ନର ଉତ୍ତର ଦେଇ ନ ପାରିବାରୁ ସହକାରୀ ଶିକ୍ଷୟିତ୍ରୀ ଦୀପ୍ତିମୟୀ ବରାଳ ଅମାନୁଷିକ ଭାବେ ମାଡ଼ ମାରିଥିଲେ। ଯାହାକି ପରୀକ୍ଷା ଦେବାରୁ ବଞ୍ଚିତ ହୋଇ ଶୁଭଙ୍କର ଘରେ କବାଟ ବନ୍ଦକରି ରହିଥିଲେ। ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ମୂର୍ଚ୍ଛିତ ଅବସ୍ଥାରେ ଉଦ୍ଧାର କରି କପ୍ତିପଦା ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା କରାଇଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ପିଏମଆର ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ। ସେଠାରେ ସେ ୨ଦିନ ପରେ ସୁସ୍ଥ ହୋଇ ଘରକୁ ଫେରିଥିଲେ ମଧ୍ୟ ମାନସିକ ସ୍ତରରେ ସୁସ୍ଥ ନାହାନ୍ତି। ଗୋଟିଏ ଦିନର ପରୀକ୍ଷା ତାଙ୍କୁ ଗୋଟିଏ ବର୍ଷର ଅପେକ୍ଷା କରିବାକୁ ପଡ଼ିବ। ନିଜର ସହପାଠୀ ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହେଉଥିବାବେଳେ ସେ ନବମୀରେ ଆଉ ଗୋଟାଏ ବର୍ଷ ରହିବେ। ଶାରିରୀକ ଓ ମାନସିକ ସ୍ତରରେ ସେ ଅସୁସ୍ଥ ହେବାରେ ଲାଗିଥିବାରୁ ବାପା ପଦ୍ମଲୋଚନ ବେହେରା ପ୍ରଧାନ ଶିକ୍ଷୟିତ୍ରୀ ଓ ସହକାରୀ ଶିକ୍ଷୟିତ୍ରୀ ଦୀପ୍ତିମୟୀ ବରାଳଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି। ଖବର ପ୍ରସାରଣ ପରେ ୧୭ ତାରିଖରେ କପ୍ତିପଦା ତହସିଲଦାର ଆଶିଷ ମହାପାତ୍ର, ବିଇଓ ମନମୋହନ ହେମ୍ବ୍ରମ, ଘନଶ୍ୟାମ ସିଂ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ମାତ୍ର ଦୋଷୀଙ୍କ ବିରୋଧରେ କୌଣସି ଠୋସ ପ୍ରମାଣ ମିଳି ନ ଥିଲା। ପିଲାକୁ ମାଡ଼ ମାରିବା କଥା ମିଛ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସହକାରୀ ଶିକ୍ଷୟିତ୍ରୀଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ମୁଁ ଜଣେ ଦିନମଜୁରିଆ ଲୋକ ବୋଲି ପ୍ରକୃତ ସତ୍ୟକୁ ବିଦ୍ୟାଳୟ ପକ୍ଷରୁ ଚାପି ଦିଆଯାଉଛି। ଏ ପଟେ ମୋ ପିଲାର ମାନସିକ ସନ୍ତୁଳନ ବିଗିଡିବାରେ ଲାଗିଛି। ବିଦ୍ୟାଳୟର ଚେୟାରମ୍ୟାନ ମୋତେ ଧମକ ଦେଇ କଥା ଆଗକୁ ନ ବଢ଼ାଇବାକୁ କହିବା କ'ଣ ମିଛ। ସରକାରୀ ନିୟମରେ ଦଣ୍ଡମୁକ୍ତ ଶିକ୍ଷାର ଡିଡିମ୍ବ ବାଜୁଥିବାବେଳେ ମୋ ପିଲାକୁ ମାଡ଼ ମାରି ତା' ଜୀବନକୁ ବରବାଦ କରିଥିବା ଶିକ୍ଷୟିତ୍ରୀଙ୍କୁ କଠିନ ଦଣ୍ଡ ବିଧାନ କରାଯିବାକୁ ନିବେଦନ କରିଛନ୍ତି ଛାତ୍ର ଶୁଭଙ୍କରଙ୍କ ବାପା।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ନୂତନ କର୍ମକର୍ତ୍ତା

ବଡ଼ସାହି, ୨୧।୩(ସମିସ): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଙ୍ଘର ସାଂଗଠନିକ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଭାପତି ସଙ୍ଘର ଆଭିମୁଖ୍ୟ ଓ ଭବିଷ୍ୟତ କର୍ମପନ୍ଥା ବିଷୟରେ ଆଲୋକପାତ କରିଥିଲେ। ପରେ ସମସ୍ତ ସଦସ୍ୟଙ୍କ ସହମତିରେ ରଣଜିତ୍ କୁମାର ଦାସଙ୍କୁ ସଭାପତି, ସୁବୋଧ କୁମାର ଦଣ୍ଡପାଟଙ୍କୁ କାର୍ଯ୍ୟକାରୀ ସଭାପତି, ଅନନ୍ତ କୁମାର ଶତପଥୀଙ୍କୁ ସମ୍ପାଦକ, ସନ୍ତୋଷ କୁମାର ବିଶ୍ୱାଳଙ୍କୁ ଯୁଗ୍ମସମ୍ପାଦକ, ରାଜେନ୍ଦ୍ର ଜେନାଙ୍କୁ ସଂଗଠନ ସମ୍ପାଦକ ଓ ଯୋଗେଶ୍ୱର ମିଶ୍ରଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ଏହି ଚୟନ ପଦ୍ଧତି ବଙ୍କିମ ବିହାରୀ ପାତ୍ରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।



# ନିବେଶ ଆଳରେ ୫୦ ଲକ୍ଷ ଠକିନେଲେ ଦମ୍ପତି

**■ ନିବେଶ ଅର୍ଥ ଫେରସ୍ତ ମାଗିବାରୁ ଧମକ**
**■ ହତ୍ୟା ଧମକ ପରେ ଅଂଶୀଦାର ଥାନାର ଦ୍ୱାରସ୍ଥ**

କଟକ, ୨୧।୩(ସମିସ): ସ୍ୱାସ୍ଥ୍ୟସେବା ଜନିତ ବ୍ୟବସାୟରେ ନିବେଶ କରି ଠକାମୀରେ ପଡ଼ିଛନ୍ତି ଜଣେ ଅଂଶୀଦାର। ସଂସ୍ଥାର ଅନ୍ୟ ୨ଜଣ ଅଂଶୀଦାର ଜାଲିଆତି କରି ଲକ୍ଷାଧିକ ଟଙ୍କା ହଡପ କରି ନେଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରିବାରୁ ଉଭୟ ଅଂଶୀଦାର ଧମକ ଦେଉଥିବାରୁ ଅଭିଯୋଗକାରୀ ଚାଉଳିଆଗଞ୍ଜ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ବିଡାନାସୀ କୁଶିଆ ଲେନର ସୁଶାନ୍ତ କୁମାର ଜେନା ଥାନାରେ ଅଭିଯୋଗ କରିଛନ୍ତି ଯେ କିଛି ବର୍ଷ ପୂର୍ବେ ସେ ମଧୁପାଟଣାସ୍ଥିତ ସିଲଭର ସିଟି ହସ୍ପିଟାଲରେ ମାର୍କେଟିଂ ମ୍ୟାନେଜର ଭାବେ କାମ କରୁଥିଲେ। ୨୦୧୮-୧୯ ମସିହାରେ ଉକ୍ତ ହସ୍ପିଟାଲ ଚାଉଳିଆଗଞ୍ଜ ଅଞ୍ଚଳକୁ ସ୍ଥାନାନ୍ତର ହୋଇଥିଲା। ନୂଆ ସ୍ଥାନରେ ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ପରେ ହଠାତ ଆର୍ଥିକ ସମସ୍ୟା ଦେଖାଦେଇଥିଲା। ତେଣୁ ସୁଶାନ୍ତ ୫୦ ହଜାର ଟଙ୍କା ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଦେଇଥିଲେ। ସଂସ୍ଥା ପ୍ରତି ଏଭଳି ନିଷ୍ଠା ଦେଖି ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କର ଦରମା ମଧ୍ୟ ବୃଦ୍ଧି କରିଥିଲେ। ପରେ ସୁଶାନ୍ତଙ୍କୁ ନେଇ ନୂଆକରି ଅନ୍ୟ କିଛି ବ୍ୟବସାୟ ଆରମ୍ଭ କରିବାକୁ ଉକ୍ତ ହସ୍ପିଟାଲର ୩ ଜଣ ଅଂଶୀଦାରଙ୍କ ମଧ୍ୟରୁ କଲ୍ୟାଣୀ ଦାସ ଓ ତାଙ୍କ ସ୍ୱାମୀ ବିଚିତ୍ରାନନ୍ଦ ଯୋଜନା କରିଥିଲେ। ଏ ସମ୍ପର୍କରେ ବହୁ ବିଚାରବିମର୍ଷ ହୋଇଥିଲା। ଶେଷରେ ୩ ଜଣଙ୍କ ସହଭାଗିତାରେ ୨୦୨୩ ଫେବ୍ରୁଆରୀ ୧୯ରେ 'ଦିକ୍ଷାନ୍ତ ହେଲଥ କେୟାର ପ୍ରାଇଭେଟ ଲିମିଟେଡ' ନାମରେ ଏକ ନୂଆ ସଂସ୍ଥା ଆରମ୍ଭ ହୋଇଥିଲା। ଏହି ନୂଆ ସଂସ୍ଥାରେ କଲ୍ୟାଣୀ ଓ ବିଚିତ୍ରାନନ୍ଦ ୬୭ ପ୍ରତିଶତ ଏବଂ ଅବଶିଷ୍ଟ ୩୩ ପ୍ରତିଶତ ସୁଶାନ୍ତ ଜେନା ନିବେଶ କରିଥିଲେ। ଚାଉଳିଆଗଞ୍ଜ ଅପର୍ଣ୍ଣାନଗରରେ ସଂସ୍ଥାର କାର୍ଯ୍ୟାଳୟ ରହିଛି। ବିଭିନ୍ନ ବେସରକାରୀ ହସ୍ପିଟାଲକୁ ଚିକିତ୍ସା ଉପକରଣ, ଆମ୍ବୁଲାନ୍ସ ଏବଂ ମାନବ ସମ୍ବଳ ଯୋଗାଇଦେବା ସଂସ୍ଥାର ମୁଖ୍ୟ କାର୍ଯ୍ୟ। ତିନି ଜଣ ନିବେଶକଙ୍କୁ ନେଇ ସଂସ୍ଥାର ଏକ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି। ଆରମ୍ଭରୁ ସଂସ୍ଥା ଠିକଠାକ କାର୍ଯ୍ୟ କରିଆସୁଥିଲା। କିନ୍ତୁ ସଂସ୍ଥାରୁ ଆୟ ହେଉଥିବା ଲାଭାଂଶ ସୁଶାନ୍ତଙ୍କୁ ସଠିକ ଭାବେ ମିଳୁନଥିଲା। ଏହା ମଧ୍ୟରେ ସୁଶାନ୍ତ ଜାଣିବାକୁ ପାଇଲେକି, ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟରେ ବହୁତ କମ ଟଙ୍କା ରହିଛି। ବିଗତ ୩ ବର୍ଷର ବ୍ୟବସାୟ ହିସାବରେ ପ୍ରାୟ ୫୧ ଲକ୍ଷ ଟଙ୍କା ରହିବା କଥା। କିନ୍ତୁ ଆକାଉଣ୍ଟରେ ମାତ୍ର ୫୬ ହଜାର ଟଙ୍କା ରହିଛି। ଏହା ଜାଣି ସୁଶାନ୍ତ ଚକିତ ହୋଇପଡ଼ିଥିଲେ। ଅଧିକ ଖୋଳତାଡ କରିବା ପରେ ସେ ଜାଣିବାକୁ ପାଇଲେଯେ, ଅଂଶୀଦାର ଥିବା ଦମ୍ପତ୍ତି କଲ୍ୟାଣୀ ଦାସ ଓ ବିଚିତ୍ରାନନ୍ଦ ସଂସ୍ଥାର ଆକାଉଣ୍ଟରୁ ମନଇଚ୍ଛା ଟଙ୍କା ଉଠାଣ କରି ଖର୍ଚ୍ଚ କରିଛନ୍ତି। ଆଉ ତାହାର କୌଣସି ହିସାବପତ୍ର ନାହିଁ। ଦମ୍ପତ୍ତି ସଂସ୍ଥାର ବ୍ୟାଙ୍କ ଆକାଉଣ୍ଟକୁ ବ୍ୟକ୍ତିଗତ ଭାବେ ବ୍ୟବହାର କରୁଥିଲେ। ବେଆଇନ ଭାବେ ଆକାଉଣ୍ଟରେ କାରବାର ହେଉଥିବାରୁ ସଂସ୍ଥା ନାଁରେ ଜାଲିଆତି ମାମଲା ହେବା ଭଳି ସ୍ଥିତି ରହିଛି। ଏ ସମ୍ପର୍କରେ ସୁଶାନ୍ତ ପଚାରିବାରୁ କଲ୍ୟାଣୀ ଦାସ ଓ ବିଚିତ୍ରାନନ୍ଦ ପାଲଟା ତାଙ୍କୁ ଧମକଚମକ ଦେଇଥିଲେ। ତେଣୁ ଉକ୍ତ ସଂସ୍ଥାରୁ ଓହରିଯିବାକୁ ନିଷ୍ପତ୍ତି ନେଇ ନିଜର ନିବେଶ ଅର୍ଥ ଫେରସ୍ତ ମାଗିଥିଲେ। କିନ୍ତୁ ଦମ୍ପତ୍ତି ତାଙ୍କୁ ଟଙ୍କା ଫେରାଇବା ପରିବର୍ତ୍ତେ ସୁଶାନ୍ତଙ୍କୁ ହତ୍ୟା ଧମକ ଦେଇଥିଲେ। ବହୁ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ପରିଚୟ ଦେଇ ସେମାନେ ଧମକଚମକ ଦେଉଥିବା ନେଇ ସୁଶାନ୍ତ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ପୁଲିସ କେସ ନଂ ୧୪୫/୨୬, ବିଏନଏସର ଧାରା ୩୧୬(୫), ୩୧୮(୪), ୩୧୯(୨), ୩(୫)ରେ ମାମଲା ରୁଜୁ କରିଛି। ତଦନ୍ତକ୍ରମେ ପୁଲିସ ଉକ୍ତ ଅଫିସକୁ ଯାଇ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ କିଛି କର୍ମଚାରୀଙ୍କୁ ପଚରାଉଚରା କରିଛି। ତତସହିତ ବ୍ୟାଙ୍କରୁ ଆର୍ଥିକ ଦେଣନେଣ ସମ୍ପର୍କିତ ତଥ୍ୟ ମଗାଯାଇଛି। ଏହା ଆସିଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

## ନିଶା ଛାଡ଼ିବାକୁ ଆସି ପ୍ରାଣ ହରାଇଲେ

**■ ହତ୍ୟା ଅଭିଯୋଗ ଆଣିଲେ ପରିବାର**
**■ ମାମଲା ରୁଜୁ କରି ପୁଲିସର ତନାଘନା**

ଭୁବନେଶ୍ବର, ୨୧।୩ (ସମିସ): ନିଶା ଛାଡ଼ିବାକୁ ଆସିଥିବା ଯୁବକ ପ୍ରାଣ ହରାଇଛନ୍ତି। ନିଶା ନିବାରଣ କେନ୍ଦ୍ର କର୍ତ୍ତୃପକ୍ଷ ଏହାକୁ ଅସ୍ୱାଭାବିକ ମୃତ୍ୟୁ ବୋଲି କହୁଥିବାବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସରକାନ୍ତରା ଘଟିଥିବା ଏହି ଘଟଣାରେ ହତ୍ୟା ମାମଲା ରୁଜୁ କରିଛି ଖଣ୍ଡଗିରି ଥାନା ପୁଲିସ। ମୃତକ ହେଉଛନ୍ତି ଦାମୋଦରପୁରରେ ରହୁଥିବା କଟକ ଜିଲ୍ଲା ବାଙ୍କୀର ବିଜୟ ବାରିକ ଓରଫ୍ ବିଜୁ (୪୪)।

ଅଭିଯୋଗ ଅନୁଯାୟୀ, ବିଜୁ ଏମ୍ସ ଡାକ୍ତରଖାନା ସାମ୍ନାରେ ଏକ ସେଲୁନ କରିଥିଲେ। ହେଲେ ସେ ନିଶା ସେବନ କରୁଥିବାରୁ ପାରିବାରିକ ଅଶାନ୍ତି ଲାଗି ରହିଥିଲା। ପ୍ରାୟ ୧୫ ଦିନ ତଳେ ପରିବାର ଲୋକେ ତାଙ୍କୁ ସରକନ୍ତରାରେ ଥିବା ଏକ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେବେଠାରୁ ସେ ନିଶା ନିବାରଣ କେନ୍ଦ୍ରରେ ରହୁଥିଲେ। ଗତକାଲି ଦିନରେ ସେ ଅସୁସ୍ଥ ଅନୁଭବ କରିବାରୁ, ନିଶା ନିବାରଣ କେନ୍ଦ୍ର କର୍ତ୍ତୃପକ୍ଷ ତାଙ୍କୁ ଏମ୍ସରେ ଚିକିତ୍ସା କରାଇ ପୁଣି ଫେରାଇ ଆଣିଥିଲେ। ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପୁଣିଥରେ ଏମ୍?ସକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବିଜୁଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ମଧ୍ୟ ଏକ ହତ୍ୟା ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ଦୁର୍ଘଟଣାରେ ୱାଟ୍‌କୋ କର୍ମଚାରୀ ମୃତ

ଭୁବନେଶ୍ବର, ୨୧।୩(ସମିସ): ସାମନ୍ତରାପୁର ଲୁଇସ୍ ରୋଡ୍‌ରେ ଶନିବାର ଦୁର୍ଘଟଣା ଘଟିଛି। ଏକ ଘରୋଇ ବସ୍ ଧକ୍କାରେ ଭୁବନେଶ୍ବର ୱାଟକୋର ଜଣେ କର୍ମଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକଙ୍କ ନାମ ମନମୋହନ ମଲ୍ଲିକ। ସୂଚନା ଅନୁସାରେ, ଦୁର୍ଘଟଣା ପରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଘରୋଇ ବସକୁ ଜବତ କରିଛି। ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଦୁର୍ଘଟଣା କେଉଁ ପରିସ୍ଥିତିରେ ଘଟିଥିଲା ଏବଂ କାହାର ଦୋଷ ଥିଲା ତାହା ପୋଲିସ ଖୋଜୁଛି। ଏହି ଦୁର୍ଘଟଣା ଖବର ପାଇ ସ୍ଥାନୀୟ ଲୋକେ ଶୋକ ପ୍ରକାଶ କରିଛନ୍ତି। ଏଭଳି ଦୁର୍ଘଟଣା ରୋକିବା ପାଇଁ ରାସ୍ତାରେ ଯାତ୍ରୀ ଓ ଚାଳକମାନେ ଅଧିକ ସତର୍କ ହେବା ସହ ଟ୍ରାଫିକ୍ ନିୟମ ପାଳନ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ କରିଛନ୍ତି।

## ୱି ଫର୍ ଭୁବନେଶ୍ବର ପକ୍ଷରୁ ପଖାଳ ଦିବସ



ଭୁବନେଶ୍ବର, ୨୧।୩(ସମିସ): ୱି ଫର ଭୁବନେଶ୍ବର ପକ୍ଷରୁ ମାଷ୍ଟରକ୍ୟାଣ୍ଟିନସ୍ଥିତ ବୁଲନ ଭାଇ ହଲରେ ପଖାଳ ଦିବସ ପାଳିତ ହୋଇଛି। ଓଡ଼ିଶାର ଲୋକଖାଦ୍ୟ ପଖାଳ ଉପରେ ଏକ ଆଲେଖ୍ୟ ଆଲୋଚନା ହୋଇଥିଲା। ସର୍ବୋପରି ୱି ଫର ଅନୁଷ୍ଠାନ ଭୁବନେଶ୍ବରର ଓଡିଆ ସଂସ୍କୃତି ପରମ୍ପରାକୁ ଜାଗରଣ କରିବାର ଭୂମିକାକୁ ମୁଖ୍ୟବକ୍ତା ପଦ୍ମନାଭ ଦାସ ପ୍ରଶଂସା କରିଥିଲେ। ପ୍ରତିବର୍ଷ ଭଳି ନିଆରା ପରମ୍ପରାରେ ଟେରାକୋଟା ପ୍ରସ୍ତୁତ ପଖାଳ ଥାଳି ସମସ୍ତଙ୍କୁ ଆକର୍ଷିତ କରିଥିଲା। ଓଡିଆ ମାଟି ଅସ୍ମିତାର ଖାଦ୍ୟକୁ ମାଟି ପାତ୍ରରେ ଖାଇବା ମଜା ନିଆରା ଥିଲା। ଏହି ଅବସରରେ ବିଜୟ ପରିଡ଼ା, ସଂଯୁକ୍ତ ମହାନ୍ତି, ଲକ୍ଷ୍ମୀଧର ବେହେରା, ଆବାହକ ଅମରେଶ ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହା ସହ ଆବାହକ ଅମରେଶ ଜେନା, ସମ୍ପାଦକ ନରେନ୍ ସାହୁ, ସହ ସମ୍ପାଦକ ଉମାନାଥ ମିଶ୍ର ପ୍ରମୁଖ ପଖାଳ ଦିବସକୁ ପରିଚାଳନା କରିଥିଲେ।

## ୧୩୨ ବୋତଲ କଫ୍ ସିରପ୍ ଜବତ, ୨ ଗିରଫ

ପୁରୀ, ୨୧।୩(ସମିସ): ପୁରୀ ସହରରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ଜାରି ରହିଛି ଅପରେସନ ଚକ୍ର। ଏହି ଅଭିଯାନରେ ଟାଉନ ଥାନା ପୁଲିସକୁ ମିଳିଛି ବିଶେଷ ସଫଳତା। ୨ ଜଣ କୋରେକ୍ସ ବେପାରୀଙ୍କୁ ପୁଲିସ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ ମାର୍କଣ୍ଡେଶ୍ୱର ସାହି ଯମୁନା ଲେନ୍‌ର ରାଜେଶ ସିଂ (୪୬) ଓ ପ୍ରିୟାନ୍ସ ନାୟକ(୨୪)। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଲୁଚିଛପି ବୁଢ଼ୀ ମା' ତୋଟାରେ ନିଶାଗ୍ରସ୍ତ ଯୁବକମାନଙ୍କୁ କୋରେକ୍ସ ବିକ୍ରି କରୁଥିବାବେଳେ ଟାଉନ ଥାନା ପୁଲିସ ବିଶେଷ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ଏହି ଚଢ଼ଉବେଳେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୧୩୨ଟି ଏସ୍‌କଫ କଫ୍ ସିରପ୍ ବୋତଲ, ୨ଟି ମୋବାଇଲ ଫୋନ୍, ୩, ୬୦୦ ଟଙ୍କା ଏବଂ ଗୋଟିଏ ସ୍କୁଟି ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୯୧/୨୬) ରୁଜୁ କରାଯାଇ ଶନିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ଜାମିନ ନାମଞ୍ଜୁର ହେବାରୁ ଦୁଇ ଅଭିଯୁକ୍ତଙ୍କୁ ଜିଲ୍ଲା କାରାଗାରକୁ ପଠାଯାଇଛି। ଅଭିଯୁକ୍ତ ନଣ୍ଡା ନାମରେ ପୂର୍ବରୁ ମଧ୍ୟ ଆକ୍ରମଣ ଓ ହତ୍ୟା ଉଦ୍ୟମ ପରି ସଙ୍ଗୀନ ମାମଲା ବିଭିନ୍ନ ଥାନାରେ ରହିଥିବା ପୁଲିସ କହିଛି।

## ୟୁକେ ଗଲା କଟକର ରୁପା ତାରକସି

କଟକ, ୨୧।୩(ସମିସ): ପଦ୍ମେଶ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ୍ ଲିମିଟେଡ୍ ଅଧ୍ୟକ୍ଷ ଦିଲ୍ଲୀପ କୁମାର ପୃଷ୍ଟି ଓ ସିଇଓ ଶୁଭ ପୃଷ୍ଟିଙ୍କ ନେତୃତ୍ୱରେ, ଜିଆଇ ଟ୍ୟାଗପ୍ରାପ୍ତ କଟକର ପ୍ରସିଦ୍ଧ 'ରୁପା ତାରକସି' କଳାକୁ ଅନ୍ତର୍ଜାତୀୟ ମଞ୍ଚ ମିଳିଛି। ଭାରତ ସରକାରଙ୍କ ଗଠିତ ଜେମ୍ସ ଏଣ୍ଡ ଜ୍ୱେଲେରୀ ଏକ୍ସପୋର୍ଟ ପ୍ରମୋସନ୍ କାଉନସିଲ୍ (ଜିଜେଇପିସି) ପକ୍ଷରୁ ବେଙ୍ଗାଲୁରୁ ଇଣ୍ଟରନ୍ୟାସନାଲ୍ ଏକ୍‌ଜିବିସନ୍ ସେଣ୍ଟରରେ ଆୟୋଜିତ ତୃତୀୟ ଭାରତ ମେଳାରେ ଏହା ପ୍ରଦର୍ଶିତ ହୋଇଛି। 'ସିଲଭର ସିଟି ଅଫ ଇଣ୍ଡିଆ' ବୋଲି କଟକକୁ କୁହାଯାଉଥିବାରୁ ସେଠାରୁ ଉତ୍ପନ୍ନ ଏହି ପାରମ୍ପରିକ ରୁପା ତାରକସି କଳା ଅସ୍ତିତ୍ୱ ସଙ୍କଟରେ ରହିଛି। ଏହାକୁ ନୂତନ ଜୀବନ ଦେବା ପାଇଁ ପଦ୍ମେଶ ଇଣ୍ଡଷ୍ଟ୍ରିଜର ଏହି ପ୍ରୟାସକୁ ବିଶେଷ ମହତ୍ୱ ଦିଆଯାଉଛି। ଏହାସହିତ, ଜେମ୍ସ ଏଣ୍ଡ ଜ୍ୱେଲେରୀ ଏକ୍ସପୋର୍ଟ ପ୍ରମୋସନ୍ କାଉନସିଲଙ୍କ ସହଯୋଗରେ ପଦ୍ମେଶ ଇଣ୍ଡଷ୍ଟ୍ରିଜ କଟକ ରୁପା ତାରକସିକୁ ୟୁନାଇଟେଡ୍ କିଙ୍ଗଡ଼ମ୍‌କୁ ରପ୍ତାନି କରିଥିବା ପ୍ରଥମ କମ୍ପାନୀ ଭାବେ ଇତିହାସ ସୃଷ୍ଟି କରିଛି। ୨୦୨୫ ଜୁଲାଇ ୨୪ ତାରିଖରେ ସାଇନ୍ ହୋଇଥିବା ଭାରତ-ୟୁକେ ମୁକ୍ତ ବାଣିଜ୍ୟ ଚୁକ୍ତି ଫଳରେ ବ୍ୟବସାୟ କରିବାର ସୁବିଧା ବଢ଼ିଥିବାରୁ ଏହି ରପ୍ତାନି ସମ୍ଭବ ହୋଇଛି। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ପାରମ୍ପରିକ କଳାକୁ ବିଶ୍ୱ ମଞ୍ଚରେ ନୂତନ ପରିଚୟ ମିଳିବ ବୋଲି ଆଶା କରାଯାଉଛି।

## ପ୍ରଫେସର ବୈରାଗୀ ଚରଣ ଜେନାଙ୍କ ପରଲୋକ



କଟକ, ୨୧।୩(ସମିସ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ବୈରାଗୀ ଚରଣ ଜେନାଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୭ ବର୍ଷ ହୋଇଥଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। କଟକର ସତୀଚଉରା ଶ୍ମଶାନରେ ପ୍ରଫେସର ଜେନାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଶବଧାରରେ ପ୍ରଫେସର ନଟବର ଶତପଥୀ, ପ୍ରଫେସର ବାବାଜୀ ଚରଣ ପଟ୍ଟନାୟକ, ପ୍ରଫେସର ରଘୁନାଥ ମେହେର, ପ୍ରଫେସର ସନ୍ତୋଷ ତ୍ରିପାଠୀ, ପୂର୍ବତନ ନୟାଗଡ଼ ଜିଲ୍ଲାପାଳ ସରୋଜକାନ୍ତ ଚୌଧୁରୀ, ଚିତ୍ରସେନ ଜଗଦ୍ଦେବ, ଶରତ ନାୟକ, ଜାମାତା ଅକ୍ଷୟ କୁମାର ସ୍ୱାଇଁ, ନାତି ଅୟସକାନ୍ତ ସ୍ୱାଇଁ, ନ୍ୟାୟରଞ୍ଜନ ନାୟକ, ଝିଅ କାବ୍ୟଶ୍ରୀ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ୱର୍ଗତଃ ଜେନାଙ୍କ ଜନ୍ମ ସେପ୍ଟେମ୍ବର ୯ ତାରିଖ ୧୯୩୯ ମସିହାରେ ଯାଜପୁର ଜିଲ୍ଲାର ବିଂଝାରପୁର ବ୍ଲକ କରପଦା ଗ୍ରାମରେ ହୋଇଥିଲା। ଓଡ଼ିଆ ଅଧ୍ୟାପକ ରୂପେ ୧୯୬୪ରେ ଫକୀର ମୋହନ ମହାବିଦ୍ୟାଳୟ, ଏହାପରେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଏବଂ ୧୯୭୧ରେ ସମ୍ବଲପୁରର ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ, ପ୍ରାଧ୍ୟାପକ ଓ ପ୍ରଫେସର ଭାବରେ କାର୍ଯ୍ୟକରି ୧୯୯୯ରେ ଅବସର ଗ୍ରହଣ କରିଥିଲେ। ତାଙ୍କ ଦ୍ୱାରା ସୌନ୍ଦର୍ଯ୍ୟ ତତ୍ତ୍ୱ ଓ ଓଡିଆ କବିତାରେ ସୌନ୍ଦର୍ଯ୍ୟ ଚେତନା, ନନ୍ଦନ ତାତ୍ତ୍ୱିକ ପ୍ରବନ୍ଧାବଳୀ, ଗାଥା ସପ୍ତଶତୀ ଭଳି ଓଡ଼ିଆ ଅନୁବାଦ ଆଦି ଅନେକ ପୁସ୍ତକ ରଚନା କରି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି। ସେ ସାହିତ୍ୟ ଅଧ୍ୟାପନା ସହ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଓ ଉତ୍ସାହ ପ୍ରଦାନ କରୁଥିଲେ ବୋଲି ତାଙ୍କ ବିୟୋଗରେ କଳା ବିକାଶ କେନ୍ଦ୍ରର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ଶୋକବାର୍ତ୍ତା ପ୍ରକାଶ କରିଛନ୍ତି।

## ସାତପଡ଼ା ଘାଟରେ ଯାତ୍ରୀଙ୍କଠୁ ମନଇଚ୍ଛା ଟଙ୍କା ଆଦାୟ

**ଜିଲ୍ଲାପାଳଙ୍କୁ ଫେରାଦ ହେଲେ ବୁଦ୍ଧିଜୀବୀ**

ପୁରୀ, ୨୧।୩(ସମିସ): ଚିଲିକା ଉପରେ ସେତୁ ନିର୍ମାଣ ଦାବି ଦୀଘ ବର୍ଷ ହେଲା ହୋଇଆସୁଛି। ହେଲେ ଏହା ବାସ୍ତବତାର ରୂପ ନେଇପାରିନି। ଫଳରେ ସାତପଡ଼ାରୁ ଜହ୍ନିକୁଦାର ଯୋଗାଯୋଗର ମାଧ୍ୟମ ହେଉଛି ଚିଲିକାର ଜଳପଥ। ଆଉ ଯାତାୟାତର ମୁଖ୍ୟ ମାଧ୍ୟମ ହେଉଛି ଡଙ୍ଗା। କିନ୍ତୁ ଡଙ୍ଗା ମାଲିକମାନେ ମନଇଚ୍ଛା ଯାତ୍ରୀଙ୍କଠାରୁ ଟଙ୍କା ଆଦାୟ କରୁଥିବା ନେଇ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛି ସ୍ୱଦେଶୀ ଜାଗ୍ରତ ମଞ୍ଚ। ମଞ୍ଚର ଆବାହକ ଟୁନା ସ୍ୱାଇଁ ଶନିବାର ଜିଲ୍ଲାପାଳ ଏବଂ ବିଡିଓଙ୍କୁ ଦେଇଥିବା ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକବାସୀ ସାତପଡ଼ା ଘାଟ ଦେଇ ବ୍ଲକ କାର୍ଯ୍ୟାଳୟ, ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ, ଜଗନ୍ନାଥ ଦର୍ଶନ, ବ୍ରହ୍ମପୁର ବଜାରକୁ କିଣାବିକା ପାଇଁ ଡଙ୍ଗାରେ ଯାତାୟାତ କରିଥା'ନ୍ତି। ଘାଟ ଲିଜ୍‌ଧାରୀ ଦୁଇଟି ବଡ଼ ଡଙ୍ଗା ସମେତ ଅନେକ ଡଙ୍ଗାରେ ଯାତ୍ରୀମାନଙ୍କୁ ସକାଳୁ ସଞ୍ଜ ଯାଏ ସେବା ଯୋଗାଇଥା'ନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଲିଜ୍‌ଧାରୀମାନେ ଦୁଇଟି ବଡ଼ ଡଙ୍ଗା ବ୍ୟତୀତ ଅନ୍ୟ ଡଙ୍ଗାରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କଠାରୁ ମନଇଚ୍ଛା ଜୋର୍ ଜୁଲମ୍ କରି ଆଦାୟ କରୁଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ହଇରାଣ ହୋଇ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢ଼ୁଛି। ଫଳରେ ଏହି ଅଞ୍ଚଳର ସମ୍ମାନ, ଗରିମା ନଷ୍ଟ ହେଉଛି। ସେହିପରି ବ୍ଲକରେ ବିଭିନ୍ନ କାର୍ଯ୍ୟ ପାଇଁ ଡଙ୍ଗାରେ ପାର୍ ହୋଇ କିମ୍ବା ଦୂର ପଞ୍ଚାୟତରୁ ଆସୁଥିବା ଲୋକେ ଅନେକ ସମୟରେ ଅଧିକାରୀମାନଙ୍କୁ ନ ପାଇ ଖର୍ଚ୍ଚାନ୍ତ ହୋଇ ଫେରୁଛନ୍ତି। ଏପରିକି ବହୁବାର ଦଲାଲଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ତେଣୁ ଏହାର ସମାଧାନ ପାଇଁ ମଞ୍ଚ ଦୁଇଟି ଦାବି କରିଛି। ପ୍ରଥମେ ସକାଳୁ ସଞ୍ଜ ଯାଏଁ ନିୟମ ଭିତରେ ଘାଟରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଯେତେ ଡଙ୍ଗା ଆବଶ୍ୟକ ତାହାକୁ ଯୋଗାଇବା ସହିତ ସମାନ ଦରରେ ସବୁ ଡଙ୍ଗାରୁ ଭଡ଼ା ଆଦାୟ କରିବାକୁ ସର୍ତ୍ତରେ ରାଜି ହେଉଥିବା ଲୋକଙ୍କୁ ଘାଟ ଲିଜ୍ ଦିଆଯାଉ। ଦ୍ୱିତୀୟରେ ପ୍ରତି ସପ୍ତାହରେ ମଣ୍ଡଳ ଉନ୍ନୟନ ଅଧିକାରୀ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଆଗରୁ ବିଜ୍ଞପ୍ତି ପ୍ରକାଶ କରି ଗୋଟିଏ କିମ୍ବା ଦୁଇଟି ପଞ୍ଚାୟତରେ ଅଭିଯୋଗ ଶୁଣାଣି କରିବା ସହ ସରକାରୀ ଯୋଜନାର ତଦାରଖ କରିବା ବ୍ୟବସ୍ଥା କରନ୍ତୁ।

### ବରିଷ୍ଠ ନାଗରିକଙ୍କୁ ସାମାଜିକ ନ୍ୟାୟ

## ପିତାଙ୍କୁ ପୈତୃକ କୋଠାର ତଳମହଲା ହସ୍ତାନ୍ତର କରିବେ ପୁଅ

କଟକ, ୨୧।୩(ସମିସ): ବରିଷ୍ଠ ନାଗରିକ ତଥା ଅଭିଭାବକଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ତଥା ସମ୍ମାନର ସହ ବଞ୍ଚିବା ପାଇଁ ବ୍ୟବସ୍ଥା କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମାତା-ପିତା, ବରିଷ୍ଠ ନାଗରିକଙ୍କ ଭରଣପୋଷଣ, କଲ୍ୟାଣ ଅଧିନିୟମ, ୨୦୦୭ ଓ ଏ ସମ୍ପର୍କିତ ୨୦୦୯ର ନିୟମାବଳୀର ଏହା ପ୍ରାଥମିକ ଉଦ୍ଦେଶ୍ୟ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହିତ ଭୁବନେଶ୍ବର ବରମୁଣ୍ଡାର ଜଣେ ବରିଷ୍ଠ ନାଗରିକଙ୍କୁ ସୁରକ୍ଷିତ ଭାବେ ରହିବା ପାଇଁ ପୈତୃକ ଜାଗାରେ ନିର୍ମିତ ଦୁଇ ମହଲା କୋଠାର ତଳ ମହଲା ହସ୍ତାନ୍ତର ପାଇଁ ଉପ ଜିଲ୍ଲାପାଳ ତଥା ସବଡିଭିଜନାଲ ଟ୍ରିବ୍ୟୁନାଲ ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଜଷ୍ଟିସ ଆନନ୍ଦଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ଦେବା ସହ ପୁଅଙ୍କ ପକ୍ଷରୁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ବିରୋଧରେ ଦାୟର ମାମଲାକୁ ଖାରଜ କରିଛନ୍ତି।

ପ୍ରକାଶ ଯେ ଆବେଦନକାରୀ ୮୬ ବର୍ଷୀୟ ବରିଷ୍ଠ ନାଗରିକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ବରମୁଣ୍ଡା ଗ୍ରାମରେ ଥିବା ପୈତୃକ ଘରେ ସାନପୁଅ ସହିତ ରହୁଥିଲେ। କିଛି ଦିନ ତଳେ ସାନ ପୁଅ ତାଙ୍କୁ ଏହି ଘର ଛାଡିବାକୁ ବାଧ କରିଥିଲା। ଏହାପରେ ଅନ୍ୟ ଦୁଇ ପୁଅଙ୍କ ପାଖକୁ ସେ ରହିବାକୁ ଯାଇଥିଲେ। ସାନ ପୁଅ ବିରୋଧରେ ନିର୍ଯାତନା ଓ ଅପାମନିତ କରିବା ଅଭିଯୋଗ ଆଣିବା ସହିତ ଉପଜିଲ୍ଲାପାଳଙ୍କ ନିକଟରେ ବାପା ଆବେଦନ କରିଥିଲେ। ଏହି ମାମଲାର ଶୁଣାଣି କରି ଗତ ୨୦୨୫, ଅଗଷ୍ଟ ୭ରେ ବାପା ସୁରକ୍ଷିତ ଭାବେ ରହିବା ପାଇଁ ଦୁଇ ମହଲା କୋଠାର ତଳ ମହଲାକୁ ପୁଅ ଖାଲି କରି ବାପାଙ୍କୁ ହସ୍ତାନ୍ତର କରିବେ ବୋଲି ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ପୁଅ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଅହମ୍ମଦାବାଦରେ 'ଓଡ଼ିଶା ପର୍ବ' ଉଦ୍‌ଘାଟିତ

ଭୁବନେଶ୍ବର, ୨୧।୩(ସମିସ): ଅହମ୍ମଦାବାଦର ଗୁଜରାଟ ବିଶ୍ୱବିଦ୍ୟାଳୟ କନଭେନସନ ଏବଂ ପ୍ରଦର୍ଶନୀ କେନ୍ଦ୍ରଠାରେ ଶନିବାର ତିନି ଦିନିଆ 'ଓଡ଼ିଶା ପର୍ବ ୨୦୨୬'କୁ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦଘାଟିତ କରିଥିଲେ। ଏହି ଅବସରରେ ଗୁଜରାଟର ଉପମୁଖ୍ୟମନ୍ତ୍ରୀ ହର୍ଷ ରମେଶକୁମାର ସାଙ୍ଘଭି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ପରିଡ଼ା ସଭାକୁ ସମ୍ବୋଧିତ କରି ଓଡ଼ିଶା ପର୍ବକୁ ଏକ ପ୍ରମୁଖ ସାଂସ୍କୃତିକ ପ୍ରସାର କାର୍ଯ୍ୟକ୍ରମ ଭାବେ ଅଭିହିତ କରିଥିଲେ। ଅନ୍ୟପଟେ, ଉପମୁଖ୍ୟମନ୍ତ୍ରୀ ସାଙ୍ଘଭୀ ପର୍ଯ୍ୟଟନ କ୍ଷେତ୍ରରେ ଆନ୍ତଃ-



ରାଜ୍ୟ ସହଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶାର ସାଂସ୍କୃତିକ ବିଭବକୁ ଗୁଜରାଟରେ ପ୍ରଦର୍ଶିତ କରିବା ପାଇଁ ହୋଇଥିବା ଏହି ପ୍ରୟାସକୁ ସେ ପ୍ରଶଂସା କରିବା ସହ ଏହା ଦୁଇ ରାଜ୍ୟ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ, ହସ୍ତତନ୍ତ, ସୁଆଦିଆ ବ୍ୟଞ୍ଜନ ଏବଂ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ପ୍ରଦର୍ଶିତ କରାଯାଉଛି। ଏହି ପର୍ବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓର୍ମାସ ଏବଂ ମିଶନ ଶକ୍ତି ବିଭାଗର ସହଯୋଗରେ ଆୟୋଜିତ ହେଉଛି। ଏହି ଉଦଘାଟନୀ ସମାରୋହରେ ଅହମ୍ମଦାବାଦ ମ୍ୟୁନିସିପାଲ କମିଶନର ବାଞ୍ଛାନିଧି ପାଣି, ପର୍ଯ୍ୟଟନ ବିଭାଗର ଶାସନ ସଚିବ ବଳବନ୍ତ ସିଂ ଏବଂ ପର୍ଯ୍ୟଟନ ବଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ତିନି ଦିନ ମଧ୍ୟରେ ପରିଦର୍ଶକମାନେ ଓଡ଼ିଶାର ପ୍ରସିଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପର ପ୍ରଦର୍ଶନୀ, ଓଡ଼ିଶୀ ନୃତ୍ୟ ସମେତ ପାରମ୍ପରିକ ଲୋକନୃତ୍ୟ ଓ ଜନଜାତି ନୃତ୍ୟର ପ୍ରଦର୍ଶନ, ଓଡ଼ିଶାର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ତଥା ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ବି୨ବି ଏବଂ ଜି୨ବି ବୈଠକ ଆଦିର ଅନୁଭୂତି ପାଇପାରିବେ। ଏହି କାର୍ଯ୍ୟକ୍ରମ ଆସନ୍ତା ସୋମବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ଚାପରେ ପୁଲିସ୍; ଅଭିଯୁକ୍ତଙ୍କୁ ଗିରଫ ଦାବି

**ନାବାଳକ ହାତ ବାନ୍ଧି ରାସ୍ତାରେ ଚଲାଇ ଚଲାଇ ନେବା ଘଟଣା**

ପୁରୀ/ବ୍ରହ୍ମଗିରି, ୨୧।୩(ସମିସ): ପୁରୀ ଜିଲ୍ଲା ବ୍ରହ୍ମଗିରିରେ ଭୁଶୁଡ଼ି ପଡ଼ିଲାଣି ଆଇନ ଶୃଙ୍ଖଳା ବ୍ୟବସ୍ଥା। ଅପରାଧିକ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି। ଦିନ ଦ୍ୱିପ୍ରହରରେ ବିଚ୍ ରାସ୍ତାରେ ଜଣେ ନାବାଳକ ବେକରେ 'ମୁଁ ଚୋର' ଲେଖାଥିବା ପ୍ଲାକାର୍ଡ ଝୁଲାଇ ତା' ଦୁଇହାତ ପଛପଟେ ବାନ୍ଧି ଚଲାଇ ଚଲାଇ ନେବା ଆଇନ ଶୃଙ୍ଖଳା ବ୍ୟବସ୍ଥାର ସ୍ଥିତି କ'ଣ ତାହା ସ୍ପଷ୍ଟ କରୁଛି। ସବୁଠୁ ବଡ଼ କଥା ହେଉଛି ଆମେ ଶିଶୁ ସୁରକ୍ଷା ଏବଂ ଶିଶୁ ଅଧିକାର କଥା କହି ବଡ଼ ବଡ଼ ଭାଷଣ ମାରୁଛେ। ବିଭାଗୀୟ ଅଧିକାରୀମାନେ ଶିଶୁଙ୍କ ପାଇଁ ଥିବା ସରକାରୀ ଯୋଜନାର ଗୁଣଗାନ କରୁଛନ୍ତି। ହେଲେ ବାସ୍ତବରେ ଏହା କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖିବାକୁ କେହି ନାହିଁ। ରାସ୍ତାରେ ଶିଶୁ ସୁରକ୍ଷା ଆଇନର ଧଜ୍ଜିଆ ଉଡୁଥିଲେ ବି ସମସ୍ତେ ଚୁପ୍। ପ୍ରଶ୍ନ ଉଠୁଛି କୁଆଡ଼େ ଗଲେ ଜିଲ୍ଲା ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟିର ବାବୁମାନେ। କାହିଁକି ନିରବ ସାଜିଛି ପୁଲିସ। ଏଭଳି ପ୍ରଶ୍ନବାଣ ଭିତରେ ଅଭିଯୁକ୍ତଙ୍କୁ ଗିରଫ ଦାବି କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଶନିବାର ଆପ୍ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଶୁକ୍ରବାର ବ୍ରହ୍ମଗିରି ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଜଣେ ନାବାଳକ ବ୍ରହ୍ମଗିରି ବଜାରରେ ଥିବା ଏକ ମେଡିସିନ ଦୋକାନରୁ ଟଙ୍କା ଚୋରି ଅଭିଯୋଗରେ ତାଙ୍କୁ ରାସ୍ତାରେ ଅକଥନୀୟ ନିର୍ଯାତନ ଦିଆଯାଇଥିଲା। ଏ ନେଇ ବ୍ରହ୍ମଗିରି ଥାନାରେ ନାବାଳକର ମାଆ ଅଭିଯୋଗ କରିଛନ୍ତି ଯେ, ଶୁକ୍ରବାର ଅପରାହ୍ଣ ୧ଟା ସମୟରେ ତାଙ୍କ ସ୍ୱାମୀ ଘରେ ନ ଥିଲେ। ଏହି ସମୟରେ ସାହୁପଡ଼ାର ମନୋରଞ୍ଜନ ତ୍ରିପାଠୀ ତାଙ୍କର କିଛି ସହଯୋଗୀ ଘରେ ପଶିଥିଲେ। ତାଙ୍କର ୧୪ ବର୍ଷର ପୁଅକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ତଣ୍ଟିକୁ ଚିପି ଧରି ମୁଣ୍ଡ, ଗାଲ ଏବଂ ପେଟ କଙ୍କାଳକୁ ମୁଥ, ଜାବୁଡ଼ା, ଗୋଇଠା ମାରିଥିଲେ। ଜୋର୍ ଜବରଦସ୍ତି ପୁଅକୁ ଘରୁ ଉଠାଇ ନେଉଥିବାବେଳେ ମହିଳା ଜଣକ ପ୍ରତିବାଦ କରିଥିଲେ। ତାଙ୍କୁ ମଧ୍ୟ ଗାଳିଗୁଲଜ କରିବା ସହ ଟଣାଘୋଷରା କରି ମାଡ଼ ମରାଯାଇଥିଲା। ଏପରିକି ତାଙ୍କ ଘରର ଆସବାବପତ୍ର ଫୋପଡ଼ାଫିଙ୍ଗା କରି ତାଙ୍କ ନାବାଳକ ପୁଅକୁ ଗାଡ଼ିରେ ବସାଇ ନେଇଯାଇଥିଲେ। ବ୍ରହ୍ମଗିରି ବଜାର ଗ୍ରାମ୍ୟ ବ୍ୟାଙ୍କ ନିକଟରୁ ତାଙ୍କ ପୁଅର ଦୁଇହାତକୁ ପଛପଟୁ ବାନ୍ଧି ଚାପୁଡ଼ା ବିଧା ମାରି ବେକରେ ଲେଖାଯାଇଥିବା 'ମୁଁ ଚୋର' ପ୍ଲାକାର୍ଡ ପକାଇ ଥାନାକୁ ନେଇଥିଲେ।

ତେବେ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ହେଁ ପୁଲିସ ନିରବଦ୍ରଷ୍ଟା ସାଜିଛି। ଏହି ଘଟଣାରେ ସମ୍ପୃକ୍ତ ମନୋରଞ୍ଜନ ତ୍ରିପାଠୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛି ଆପ୍। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି, ବ୍ରହ୍ମଗିରି ଅଞ୍ଚଳରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଖୁଲମ୍‌ଖୁଲା ଅପରାଧ କରିବାକୁ ଭୟ କରୁନାହାନ୍ତି ଅପରାଧୀ। ଶୁକ୍ରବାର ମାନବିକତାକୁ ଲଜ୍ଜିତ କରିବା ଭଳି ଘଟଣା ଘଟିଛି ବ୍ରହ୍ମଗିରିରେ। ଏକ ଚୋରି ସନ୍ଦେହରେ ସାହୁପଡ଼ାର ମନୋରଞ୍ଜନ ତ୍ରିପାଠୀ ଜଣେ ନାବାଳକକୁ ରାସ୍ତାରେ ହାତ ବାନ୍ଧି ଚଲେଇ ଚଲେଇ ନେଉଥିବାର ଦୃଶ୍ୟ ଗଣମାଧ୍ୟମରେ ଭାଇରାଲ ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସେହି ନାବାଳକଙ୍କ ବେକରେ 'ମୁଁ ଚୋର' ବୋଲି ଏକ ପ୍ଲାକାର୍ଡ ମଧ୍ୟ ଝୁଲାଇ ଦିଆଯାଇଥିଲା। ଏପରି କାର୍ଯ୍ୟ କରିବାକୁ ତାଙ୍କୁ ଅଧିକାର ଦେଲା କିଏ? ଲୋକେ ତାଙ୍କୁ ଏଥିରୁ ନିବୃତ୍ତ ରହିବାକୁ କହିଥିଲେ। ଯଦି ସେ କିଛି ଭୁଲ୍ କରିଛି ଆଇନ ତା'ର ବିଚାର କରି ଯାହା ଦଣ୍ଡ ଦେବା କଥା ଦେବ। ଆପଣ କାହିଁକି ପିଲାଟିର ହାତବାନ୍ଧି ବେକରେ 'ମୁଁ ଚୋର' ଲେଖା ଝୁଲାଇ ନେଉଛନ୍ତି ବୋଲି ମନୋରଞ୍ଜନଙ୍କୁ ପ୍ରଶ୍ନ କରିଥିଲେ ମଧ୍ୟ ସେ ଶୁଣୁ ନ ଥିବା ଭିଡିଓରେ ଦେଖିବାକୁ ମିଳୁଛି। ଏହା ଖୋଲାଖୋଲି ରୂପେ ଆଇନର ଉଲ୍ଲଂଘନ। ଶିଶୁ ସୁରକ୍ଷା ଅଧିକାରୀ କ'ଣ ଏହା ଦର୍ଶାଉଛି ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ। ଶିଶୁଙ୍କ ସୁରକ୍ଷା ଏବଂ ଅଧିକାରୀ କିପରି କ୍ଷୁଣ୍ଣ ନ ହେବ ସେ ନେଇ ସରକାରୀ ବାବୁମାନେ ବଡ଼ ବଡ଼ କଥା କହୁଛନ୍ତି। ହେଲେ ବ୍ରହ୍ମଗିରିରେ ଯେଉଁଭଳି ମାନବିକତାକୁ ଲଜ୍ଜିତ କଲାଭଳି ଘଟଣା ଘଟିଛି ତାହା କ'ଣ ଆମ ସଭ୍ୟ ସମାଜ ପାଇଁ ଠିକ୍ କି? ଏ ନେଇ ନାବାଳକର ମାଆ ବ୍ରହ୍ମଗିରି ଥାନାରେ ଅଭିଯୋଗ କରିବାର ୨୪ ଘଣ୍ଟା ବିତିଥିଲେ ବି ଏପର୍ଯ୍ୟନ୍ତ ମନୋରଞ୍ଜନ ତ୍ରିପାଠୀଙ୍କୁ କାହିଁକି ଗିରଫ କରାଯାଇନାହିଁ ବୋଲି ସଞ୍ଜୀବ ପ୍ରଶ୍ନ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତି ଜଣକ ବିଜେପି ନେତାଙ୍କ ଭାଇ ବୋଲି ପୁଲିସ ଉପରେ ଚାପ ରହୁଥିବା ସାଧାରଣରେ ଚର୍ଚ୍ଚା ହେଉଥିବା କହିଛନ୍ତି ସଞ୍ଜୀବ। ଆପ୍ ଜିଲ୍ଲା ସମ୍ପାଦକ ସତ୍ୟଜିତ୍ ମହାନ୍ତି, କୃଷକ ନେତା ଦେବ ପ୍ରଧାନ ଏବଂ ଉପସଭାପତି ଅନୀଲ ସେନାପତି ଏହି ଦାବିପତ୍ର ପ୍ରଦାନ କରିଥିଲେ।

# ଜାତୀୟ ନାଟ୍ୟ ଉତ୍ସବ 'ଶ୍ରୀରଙ୍ଗ ସମାଗମ' ଉଦ୍‌ଘାଟିତ

**ସମ୍ବଲପୁର, ୨୧।୩ (ସମିସ)**

ଶ୍ରୀକଲ୍‌ଚରାଲ ଏସୋସିଏସନ୍, ସମ୍ବଲପୁର ଆନୁକୂଲ୍ୟରେ ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ତିନିଦିନିଆ ଜାତୀୟ ନାଟ୍ୟ ଉତ୍ସବ 'ଶ୍ରୀରଙ୍ଗ ସମାଗମ -୨୦୨୬' ଆଜି ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାୟୋଜକ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଥିବାବେଳେ ଏଥିରେ ସହଯୋଗ କରୁଛନ୍ତି ମହାନଦୀ କୋଲ୍‌ଫିଲ୍‌ଡସ୍ ଲିମିଟେଡ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଡ. ବିଜୟ ପ୍ରଧାନ, ଡ. ଦ୍ୱାରିକାନାଥ ନାୟକ ଓ ଇଂ. ସୁଶାନ୍ତ ଗୁରୁ ଅତିଥି ଭାବରେ ଯୋଗଦେଇ ମହୋତ୍ସବଟିକୁ ଉଦ୍‌ଘାଟନ କରିଥିବାବେଳେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ରୀକଲ୍‌ଚରାଲ୍ ଏସୋସିଏସନ୍ ନିର୍ଦ୍ଦେଶକ ସତ୍ୟରଞ୍ଜନ ବେହେରା।

ଉଦ୍‌ଘାଟନୀ ସନ୍ଧ୍ୟାରେ ଲାବଣ୍ୟ ଥିଏଟର, ଭୁବନେଶ୍ୱର ଦ୍ୱାରା ଡ. ନାରାୟଣ ସାହୁଙ୍କ ରଚିତ ଓ ସତ୍ୟ ଜେନାଙ୍କ ନିର୍ଦ୍ଦେଶିତ ଓଡ଼ିଆ ନାଟକ 'ଅନାଗତ' ପ୍ରଦର୍ଶିତ ହୋଇଥିଲା। ନାଟକଟି ମୁଖ୍ୟତଃ ଭ୍ରୁଣହତ୍ୟା ଉପରେ ଆଧାରିତ ଥିଲା। ଯଦି ପ୍ରତ୍ୟେକ ସନ୍ତାନ ଭଗବାନଙ୍କ ଏକ ବରଦାନ ତେବେ ଭ୍ରୁଣହତ୍ୟା କାହିଁକି? ସେହି ଅଜନ୍ମିତ ଅନାଗତ ଶିଶୁମାନଙ୍କୁ ଏ ଦୁନିଆ ଦେଖିବା ଆଗରୁ ତାଙ୍କୁ ନିର୍ମମ ଭାବରେ



ଗର୍ଭରେ ହିଁ ହତ୍ୟା କରାଯାଉଛି କାହିଁକି? ଏ ପ୍ରଶ୍ନର ଉତ୍ତର ଜାଣିବାପାଇଁ ଆଜି ମଧ ସେହି ଅନାଗତ ଶିଶୁମାନେ ନିଜ ଭିତରେ ନିଜେ ଜଳୁଛନ୍ତି। ଏହିଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗକୁ ଆଧାର କରି ପ୍ରସ୍ତୁତ ନାଟକଟି ଦର୍ଶକଙ୍କ ମନକୁ ଉଦ୍‌ବେଳିତ କରିଥିଲା। ଆସନ୍ତାକାଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫେକ୍‌ଚୁଏଲ ଥିଏଟର ଆର୍ଟସ୍, କୋଲାକାତାର ବଙ୍ଗଳା ନାଟକ 'ଡଲିଆ' ଏବଂ ୨୩ ତାରିଖ ଶେଷଦିନ ସମ୍ବଲପୁରୀ ନାଟକ 'ଦାମୁର୍' ପ୍ରଦର୍ଶିତ ହେବ।

# ଟ୍ରକ୍-ଲୁହାଛଡ଼ ବୋଝେଇ ପିକ୍‌ଅପ୍ ମୁହାଁମୁହିଁ

**ସମ୍ବଲପୁର, ୨୧।୩ (ସମିସ) :** ସମ୍ବଲପୁର ସିଟି ଷ୍ଟେସନ ନିକଟରେ ଗୋଟିଏ ଟ୍ରକ୍ ଏବଂ ଲୁହାଛଡ଼ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ଆଜି ସକାଳେ ମୁହାଁମୁହିଁ ଧକ୍କା ହୋଇଛି। ଏହା ଏତେ ତୀବ୍ର ଥିଲା ଯେ, ଦୁର୍ଘଟଣାରେ ଟ୍ରକ୍ ଭିତରେ ଲୁହା ଛଡ଼ ପଶିଯାଇଥିଲା। ଉଭୟ ଗାଡ଼ି ଚାଳକ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଆଜି ସକାଳେ ଧନୁପାଲି ଥାନା ଅନ୍ତର୍ଗତ ସିଟି ଷ୍ଟେସନ ପାଖରେ ଏକ ଟ୍ରକ୍ ଏବଂ ଲୁହାଛଡ଼ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ପିକ୍‌ଅପ୍ ଭ୍ୟାନରେ ଥିବା ଲୁହା ରଡ୍ ଗୁଡ଼ିକ ଛିଟିକି ଆସି ସିଧା ଟ୍ରକର ଡ୍ରାଇଭର କ୍ୟାବିନ୍‌ରେ ପଶିଯାଇଥିଲା। ଦୁର୍ଘଟଣା ପରେ କିଛି ସମୟ ପାଇଁ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଗୁଡ଼ିକୁ ରାସ୍ତାରୁ ହଟାଇ ଚଳାଚଳ ସ୍ୱାଭାବିକ କରିଥିଲା। ଧନୁପାଲି ପୁଲିସ ଗାଡ଼ି ଦୁଇଟିକୁ ଜବତ କରିଥିବା ସୂଚନା ମିଳିଛି।



# ଭିମସାରରେ ରାଷ୍ଟ୍ରୀୟ ନବବର୍ଷ

**ସମ୍ବଲପୁର, ୨୧।୩ (ସମିସ):** ଭିମସାରରେ ନ୍ୟାସନାଲ ମେଡିକୋସ ଅର୍ଗାନାଇଜେସନ୍ (ଏନଏମଓ) ତରଫରୁ ରାଷ୍ଟ୍ରୀୟ ନବବର୍ଷ ଉତ୍ସାହ ସହ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଦୀପ ମହାନ୍ତି ମୁଖ୍ୟ ଅତିଥି, ସକ୍ଷମର ସଭାପତି ଡାକ୍ତର ଗୋପେଶ୍ୱରୀ ହୋତା ସମ୍ମାନିତ ଅତିଥି, ଡାକ୍ତର ସତ୍ୟସାଇ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିଲେ। ଏନଏମଓର ପ୍ରାନ୍ତ ସଂଗଠନ ମନ୍ତ୍ରୀ ଡାକ୍ତର ସଞ୍ଜୀବ କୁମାର ମିଶ୍ର ସ୍ୱାଗତ ଭାଷଣ ସହିତ ସଂଗଠନ ମନ୍ତ୍ର ଏବଂ ଗୀତର ସାମୂହିକ ଗାନ କରିଥିଲେ। ମୁଖ୍ୟ ବକ୍ତା ରାଷ୍ଟ୍ରୀୟ ନବବର୍ଷର ଐତିହ୍ୟ, ପୌରାଣିକ ଓ ବୈଜ୍ଞାନିକ ମହତ୍ତ୍ୱ କହିଥିଲେ। ଏନଏମଓର ସଭାପତି ଡାକ୍ତର ସଗାନିକା ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ପ୍ରଫେସର ସୁନୀଲ କୁମାର ଶର୍ମା ମଧ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ଡାକ୍ତର ରଞ୍ଜନ କୁଜୁର, ଡାକ୍ତର ରୋହନ ନାୟକ, ଡାକ୍ତର ସୌମ୍ୟା, ଡାକ୍ତର ପ୍ରିୟଙ୍କା, ଶୁଭମ୍, ନମନ ଏବଂ ଅନ୍ୟ ଛାତ୍ର ଛାତ୍ରୀ ମାନେ ସଂଯୋଜନା କରିଥିଲେ।




# ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପାଠଚକ୍ର



**କୁଚିଣ୍ଡା, ୨୧।୩(ସମିସ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଥିଲା।ପାଠଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋଜ ପଣ୍ଡା ସଭାପତିତ୍ୱ କରିଥିଲେ।ଓଡିଆ ବିଭାଗ ଅଧ୍ୟାପକ ଡ଼ଃ ପ୍ରମୋଦ ପ୍ରଧାନଙ୍କ ତତ୍ୱାବଧାନରେ ଯୁକ୍ତ ତିନି ତୃତୀୟ ବର୍ଷର ଛାତ୍ରୀ ପୁଷ୍ପିତା କମାର 'ମାନବେତର ଗଳ୍ପ ମାଂସର ବିଳାପ' ଶୀର୍ଷକ ନିବନ୍ଧ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ଭାବେ ଦୁତିକା ସାହୁ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଶାନ୍ତ ପଟେଲ, କୁଚିଣ୍ଡା ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଡ଼ଃ ସଞ୍ଜୁଶ୍ରୀ ସାହୁ, ରାଜନୀତିବିଜ୍ଞାନ ବିଭାଗ ମୁଖ୍ୟ ଡ଼ଃ ସୁଧାଂଶୁ ମହାପାତ୍ର, ଅଧ୍ୟାପକ ମନୋଜ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାଚକ୍ରର ଆବଶ୍ୟକତା ଉପରେ ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଦ୍ୱିତୀୟ ବର୍ଷ ଛାତ୍ରୀ ବିନିତା ରଣା ଓ ନିକିତା ପ୍ରଧାନ ପରିଚାଳନା କରିଥିବାବେଳେ ଶେଷରେ ଅଧ୍ୟାପିକା ଡ଼ଃ ମମତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ଗଜମତି କୁମୁରା, ଡ଼ଃ ସସ୍ମିତା ମିଞ୍ଜ, ଅଧ୍ୟାପକ ଗଣନାଥ ନାଏକଙ୍କ ସମେତ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

# ବୈରାଗୀ ଚରଣ ଜେନାଙ୍କ ବିୟୋଗରେ ଶୋକସଭା

**ସମ୍ବଲପୁର, ୨୧।୩ (ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର ବୈରାଗୀ ଚରଣ ଜେନା (୮୫)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।ତାଙ୍କ ବିୟୋଗ ଓଡ଼ିଆ ଭାଷା ସାହିତ୍ୟ ପାଇଁ ଅପୂରଣୀୟ କ୍ଷତି ବୋଲି ଶୋକସଭାରେ ମତପ୍ରକାଶ ପାଇଥିଲା। ସଂଘ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭା ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଫେସର ସାଧୁଚରଣ ପଣ୍ଡା, ନକୁଳ ଚୌଧୁରୀ, ଆଶୁତୋଷ ନାଏକ, ଦେବାନନ୍ଦ ଚୋପଦାର, ଅନ୍ତର୍ଯ୍ୟାମୀ ପଣ୍ଡା, ବାସନ୍ତୀ ବିଶ୍ୱାଳ, ନିହାର ରଞ୍ଜନ ଶତପଥୀ, ରତ୍ନଭୂଷଣ ପୁରୁଷେଠ, ସାଧାରଣ ସମ୍ପାଦକ ନୀଳକଣ୍ଠ ମହାପାତ୍ର, ମହେନ୍ଦ୍ର ମିଶ୍ର, ଭବାନୀ ପ୍ରସାଦ ସିଂହ, ସନ୍ତୋଷ କାନୁନଗୋ ପ୍ରମୁଖ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିରରେ ସ୍ପ୍ରିଙ୍ଗ କ୍ୟାମ୍ପ




**ସମ୍ବଲପୁର, ୨୧।୩(ସମିସ):** ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିର (ଆରଜିଭିଏମ) ରେ ପରୀକ୍ଷା ପରେ ଆୟୋଜିତ ସ୍ପ୍ରିଙ୍ଗ କ୍ୟାମ୍ପ ସଫଳ ଭାବେ ସମାପନ ହୋଇଛି। ସ୍କୁଲର ଅଧ୍ୟକ୍ଷା ଶାଲୁ ଚାଣ୍ଡେଲଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ କ୍ୟାମ୍ପର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀମାନଙ୍କୁ କେବଳ ପୁସ୍ତକ ଜ୍ଞାନ ବାହାରେ ବ୍ୟାବହାରିକ ଜୀବନ ଅଭିଜ୍ଞତା ସହିତ ସଂଯୋଗ କରିବା। ରଞ୍ଜନା ଚାଟାର୍ଜୀ, ହେମାଙ୍ଗିନୀ ଜୋଶୀ ଏବଂ ସିମରନ କ୍ୟାମ୍ପକୁ ପରିଚାଳନା କରିଥିଲେ। କ୍ୟାମ୍ପରେ ପିଲାମାନେ ପୁରୁଣା ଖବରକାଗଜ ବ୍ୟବହାର କରି 'ଇକୋ-ବ୍ୟାଗ୍' ତିଆରି କରିବା ଶିଖିଥିଲେ, ଯୋଗ ଏବଂ ଧ୍ୟାନ ମାଧ୍ୟମରେ ମାନସିକ ଏକାଗ୍ରତା ଅଭ୍ୟାସ କରିଥିଲେ। ଶେଷ ଦିନରେ, ଛାତ୍ରଛାତ୍ରୀମାନଙ୍କୁ ସମ୍ବଲପୁର ଚିଡ଼ିଆଖାନାକୁ ଏକ ଭ୍ରମଣରେ ନିଆଯାଇଥିଲା, ଯେଉଁଠାରେ ସେମାନେ ବନ୍ୟପ୍ରାଣୀ ଏବଂ ପରିବେଶ ସମ୍ବନ୍ଧୀୟ ମୂଲ୍ୟବାନ ସୂଚନା ସଂଗ୍ରହ କରିଥିଲେ। ସମାପନୀ ସମାରୋହରେ, ପ୍ରିନ୍ସିପାଲ୍ ଶାଲୁ ଚାଣ୍ଡେଲ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ।

# ଜିଏମୟୁରେ ବିଭିନ୍ନ ବିଷୟସମୂହରେ ସାମାଜିକ ଲିଙ୍ଗ ଶୀର୍ଷକ କର୍ମଶାଳା

**ସମ୍ବଲପୁର, ୨୧।୩ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ସାମାଜିକ ଲିଙ୍ଗ ଅଧ୍ୟୟନ କେନ୍ଦ୍ର ଓ ପି.ଏମ୍. ଉଷା ଦ୍ୱାରା ପ୍ରାୟୋଜିତ 'ବିଭିନ୍ନ ବିଷୟସମୂହରେ ସାମାଜିକ ଲିଙ୍ଗ: ସାମ୍ପ୍ରତିକ ପ୍ରାସଙ୍ଗିକତା ଓ ଉଦୟମାନ ଆଲୋଚନା' (ଜେଣ୍ଡର୍ ଏକ୍ରସ୍ ଡିସିପ୍ଲିନ୍ସ) ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳା ଆୟୋଜିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବକ୍ତା ଭାବେ ଟିସ, ମୁମ୍ବାଇର ପୂର୍ବତନ ପ୍ରଫେସର ବିଭୁତି ପଟେଲ, ଅତିଥି ଭାବେ ଇସ୍ପାତ ବିଦ୍ୟା ମନ୍ଦିର ଜୁନିଅର କଲେଜ, ରାଉରକେଲାର ପୂର୍ବତନ ଅଧ୍ୟକ୍ଷ ମୀନା ଶତପଥୀ ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଡ. ଉମାଚରଣ ପତି ଯୋଗ ଦେଇଥିଲେ। ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଗଙ୍ଗାଧର ମେହେର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ପ୍ରଫେସର ଅପରାଜିତା ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଏହାସହିତ ବିଭିନ୍ନ ପ୍ଲେନାରି ଅଧିବେଶନରେ ପ୍ରଫେସର ସିକତା ପଣ୍ଡା, ପୂର୍ବତନ ପ୍ରଫେସର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ଡ. ପ୍ରଭାତୀ ତାଲୁଅ ସହକାରୀ ପ୍ରଫେସର, ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଡ. ହିରଣ୍ମୟୀ ମିଶ୍ର, ୟୁ.ଏନ୍ କଲେଜ, କଟକ, ଡ. ମୌସୁମୀ ପଟ୍ଟନାୟକ, ଶଶିବାଳା କଲେଜ ଏବଂ ରାଜ୍ୟରୁ ତଥା ରାଜ୍ୟବାହାରୁ ବହୁ ଶିକ୍ଷାବିତ୍, ଶିକ୍ଷକ ଓ ଗବେଷକ ଯୋଗଦେଇଥିଲେ। କର୍ମଶାଳାକୁ ଆସିଷ୍ଟାଣ୍ଟ ପ୍ରଫେସର ଡ. ବନିତା ମହାନନ୍ଦିଆ ଓ ଆସିଷ୍ଟାଣ୍ଟ ପ୍ରଫେସର ଶୁଭଲକ୍ଷ୍ମୀ ବୈଦାର ପରିଚାଳନା କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. କେଶବ ଚନ୍ଦ୍ର ରଥ ଏବଂ ବିଭାଗର ଶିକ୍ଷକ ପ୍ରିୟା ପ୍ରଧାନ, ପ୍ରୀତି ରାଉତ, ପ୍ରଳୟ କୁମାର ଓଝା ତଥା ଗବେଷକ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ। ଉଦ୍‌ଯାପନୀ ସଭାରେ ରାଜନୀତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ବନିତା ମହାନନ୍ଦିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ସମଲେଶ୍ୱରୀ ମନ୍ଦିରରେ ଦୁଲ୍‌ଦୁଲି ପ୍ରତିଯୋଗିତା

**ସମ୍ବଲପୁର, ୨୧।୩ (ସମିସ):** ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ଲୋକସଂସ୍କୃତିମୂଳକ ଅଭିଯାନ ଦୁଲ୍‌ଦୁଲି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାର




ମୂଳ ଉଦ୍ଦେଶ୍ୟ -ପଶ୍ଚିମ ଓଡ଼ିଶାର ପାରମ୍ପରିକ ଦୁଲ୍‌ଦୁଲି ବାଦ୍ୟକଳାକୁ ସୁରକ୍ଷିତ ରଖିବାସହ ପ୍ରଚାରପ୍ରସାର କରିବା। କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର ଦୁଲ୍‌ଦୁଲି ଦଳ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ତନ୍ମଧ୍ୟରେ କୁଞ୍ଚିରିକେଲା (ସୁନ୍ଦରଗଡ଼)ର ମାଁ ସମଲେଶ୍ୱରୀ ଦୁଲ୍‌ଦୁଲି, ଲଖନପୁର (ଝାରସୁଗୁଡ଼ା)ର ମାଁ ତାରିଣୀ ଦୁଲ୍‌ଦୁଲି, ବାଗଡ଼ିଆ (ବଲାଙ୍ଗୀର)ର ମାଁ ମାହେଶ୍ୱରୀ ଦୁଲ୍‌ଦୁଲି, ମିର୍ଗାମୁଣ୍ଡା (ସମ୍ବଲପୁର)ର ମାଁ ଦୁର୍ଗା ଦୁଲ୍‌ଦୁଲି, ଅଇଁଲାପାଲି (ସମ୍ବଲପୁର)ର ମାଁ ସମଲେଶ୍ୱରୀ ଦୁଲ୍‌ଦୁଲି, ବାଉଁସେନମୁରାର ପିଣ୍ଟୁ ମେଲୋଡି ଓ ମହେଶ୍ୱର ଦୁଲ୍‌ଦୁଲି, ସମ୍ବଲପୁରର ବିଦ୍ୟାଧର ଦୁଲ୍‌ଦୁଲି ଏବଂ ଖଲିଆବନ୍ଧର ନେପାଳ ଦୁଲ୍‌ଦୁଲି ଦଳ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରତିଯୋଗିତାରେ ମାଁ ତାରିଣୀ ଦୁଲ୍‌ଦୁଲି, ବଲାଙ୍ଗୀର ପ୍ରଥମ, ମାଁ ଦୁର୍ଗା ଦୁଲ୍‌ଦୁଲି, ମିର୍ଗାମୁଣ୍ଡା ଦ୍ୱିତୀୟ ଏବଂ ବିଦ୍ୟାଧର ଦୁଲଦୁଲି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେମାନଙ୍କୁ ଯଥାକ୍ରମେ ୧୦ ହଜାର, ୭ ହଜାର ଓ ୫ ହଜାର ଟଙ୍କା ପୁରସ୍କାର ରାଶି ଟ୍ରଷ୍ଟ ବୋର୍ଡ ତରଫରୁ ପ୍ରଦାନ କରାଯାଇଥିଲା। ସମସ୍ତ ଅଂଶଗ୍ରହଣକାରୀ ଦଳକୁ ପ୍ରୋତ୍ସାହନ ରାଶି ସହ ଗସ୍ତ ଖର୍ଚ୍ଚ ପ୍ରଦାନ କରାଯାଇଥିଲା।

ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଟ୍ରଷ୍ଟ ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା ପରିଚାଳନା କରିଥିଲେ। ଅତିଥି ଭାବେ ଡ. ଶ୍ୟାମ ସୁନ୍ଦର ଧର ଓ ହେମନ୍ତ ମହାପାତ୍ର କଳାକାରଙ୍କୁ ଉତ୍ସାହିତ କରିଥିଲେ। କପିଳେଶ୍ୱର ସାହୁ, କୃଷ୍ଣଚନ୍ଦ୍ର ବାଗ ଓ ରଞ୍ଜନ ସାହୁଙ୍କୁ ବିଚାରକ ଦାୟିତ୍ୱ ତୁଲାଇଥିଲେ। ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ କହିଛନ୍ତି, ଦୁଲ୍‌ଦୁଲି ଭଳି ପାରମ୍ପରିକ ବାଦ୍ୟ କଳା ଆଜିର ଆଧୁନିକ ଯୁଗରେ ଧୀରେ ଧୀରେ ଅସ୍ତିତ୍ୱ ହରାଇବାକୁ ବସିଛି। ଏପରି ପ୍ରତିଯୋଗିତା ମାଧ୍ୟମରେ ନୂତନ ପିଢ଼ୀଙ୍କୁ ଏହି କଳା ପ୍ରତି ଆକର୍ଷିତ କରାଯାଇପାରିବ ଓ ଲୋକସଂସ୍କୃତିର ଅମୂଲ୍ୟ ଐତିହ୍ୟକୁ ସୁରକ୍ଷିତ ରଖିବା ସମ୍ଭବ ହେବ।

# ମହିଳା ମହାବିଦ୍ୟାଳୟ ମନୋବିଜ୍ଞାନ ବିଭାଗରେ ଜାତୀୟ ସମ୍ମାନ

**ସମ୍ବଲପୁର, ୨୧।୩ (ସମିସ):** ସରକାରୀ ମହିଳା ମହାବିଦ୍ୟାଳୟର ସ୍ନାତକୋତ୍ତର ମନୋବିଜ୍ଞାନ ବିଭାଗ ଏବଂ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ପ୍ରକୋଷ୍ଠର ମିଳିତ ଆନୁକୂଲ୍ୟରେ 'ଏକବିଂଶ ଶତାବ୍ଦୀର ସମୃଦ୍ଧି : ସକାରାତ୍ମକ ମନସ୍ତତ୍ତ୍ୱ ଏବଂ ମାନସିକ ସ୍ୱାସ୍ଥ୍ୟ' ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ସମ୍ମାନ



ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀରେ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ସମ୍ବଲପୁରସ୍ଥିତ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ମୁରଲୀଧର ମାଝୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିକାଶରେ ସକାରାତ୍ମକ ଚିନ୍ତନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ବିଭାଗାଧ୍ୟକ୍ଷ ପ୍ରଫେସର ଅଜିତ ମହାନ୍ତି ଯୋଗଦାନ ଦେଇ ସମଗ୍ର ଜାଗତିକ ପରିବେଶକୁ ଯେଉଁ ହିଂସା ବିଦ୍ୱେଷ ସଂକ୍ରମିତ କରିଛି ସେଥିରୁ ମୁକ୍ତି ପାଇବା ପାଇଁ ସକାରାତ୍ମକ ଚିନ୍ତନ ଓ ଭାରତୀୟ ଜ୍ଞାନର ସଦୁପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଜାତୀୟ ସମ୍ମାନର ଆବାହକ ଏବଂ ମନୋବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସମିତା ଆଚାର୍ଯ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହଆବାହକ ପ୍ରଫେସର ବେଣୀ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଇକ୍ୟୁଏସିର ନିର୍ଦ୍ଦେଶକ ପଫେସର ରବୀନ୍ଦ୍ର ପାଣିଗ୍ରାହୀ ଗବେଷଣା କ୍ଷେତ୍ରରେ ଏଭଳି ସମ୍ମାନର ଆବଶ୍ୟକତା ସହ ଉପଲବ୍ଧି ସମ୍ବନ୍ଧରେ ନିଜ ବକ୍ତବ୍ୟ ରଖିଥିଲେ। ପ୍ରଫେସର ବିଷ୍ଣୁପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ଉଦ୍‌ଘାଟନୀ ଉତ୍ସବକୁ ସଂଯୋଜକ କରିଥିଲେ।

ଦ୍ୱିଦିବସୀୟ ସମ୍ମାନରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁରେନ୍ଦ୍ର କୁମାର ସିଆ, ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ଯଶୋବନ୍ତ ମହାପାତ୍ର, ଭୀମଭୋଇ ଭେଷଜ ମହାବିଦ୍ୟାଳୟ ମନୋଚିକିତ୍ସକ ପ୍ରଫେସର ଆଶୀର୍ବାଦ ଶତପଥୀ, ରାଞ୍ଚି ସ୍ନାୟୁମାନସିକ ଏବଂ ସହଯୋଗୀ ଚିକିତ୍ସା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଅମୁଲ ରଞ୍ଜନ ସିଂହ, ସମ୍ବଲପୁର ମୁଖ୍ୟ ଚିକିତ୍ସାଳୟର ମନୋବିଜ୍ଞାନୀ ଡ. ସୁନୀତା ମିଶ୍ର ତଥା ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, ଗବେଷକ ଓ ଛାତ୍ରଛାତ୍ରୀ ଆଲୋଚନାରେ ଭାଗ ନେଇ ଗବେଷଣାପତ୍ର ପାଠ କରିଥିଲେ। ଅଧ୍ୟକ୍ଷା ପ୍ରଫେସର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗିରସ୍ଥିତ ମନରୋଗ ବିଶେଷଜ୍ଞ ପ୍ରଫେସର ଆଶୀର୍ବାଦ ଶତପଥୀ ଯୋଗଦାନ କରିଥିଲେ। ସମ୍ମାନରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିବାବେଳେ ୫୦ଟି ଗବେଷଣା ନିବନ୍ଧ ପ୍ରସ୍ତୁତ କରାଯାଇଥିଲା। ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗର ଅଧ୍ୟାପିକା ଶୁଭସୌମ୍ୟା ପଟ୍ଟନାୟକ, ସମୀକ୍ଷା ପାଣିଗ୍ରାହୀ, ଅଧ୍ୟାପକ ଗୁରୁପ୍ରସାଦ ବାଗ ତଥା ବିଭିନ୍ନ ବିଭାଗର ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସମ୍ମାନ ଆୟୋଜନରେ ସହଯୋଗ କରିଥିଲେ।

# 'ବନମାଳୀ ବାବୁ ସାଲିସ ବିହୀନ ରାଜନେତା ଥିଲେ'




**ସମ୍ବଲପୁର, ୨୧।୩ (ସମିସ):** ସମ୍ବଲପୁର ପବ୍ଲିକ ଲାଇବ୍ରେରୀଠାରେ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସଭାପତିତ୍ୱରେ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ବନମାଳୀ ବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ପ୍ରାକ୍ତନ ସାଂସଦ ଭବାନୀ ଶଙ୍କର ହୋତା ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଶ୍ରୀ ହୋତା ତାଙ୍କ ବକ୍ତବ୍ୟରେ ରାଜନୀତିରେ ନୀତି ଓ ନୈତିକତା ବିଷୟରେ ଆଲୋଚନା କରିଥିଲେ। ବର୍ତ୍ତମାନ ବିଭିନ୍ନ କ୍ଷେତ୍ରରେ ସ୍ଖଳନ ଚିନ୍ତାର ବିଷୟରେ ପରିଣତ ହୋଇଛି। ବନମାଳି ବାବୁ ନିଜେ ଜଣେ ବିଶାଳ ଅନୁଷ୍ଠାନ ଏବଂ ପ୍ରଚଣ୍ଡ ସ୍ୱାଭିମାନୀ ବ୍ୟକ୍ତି ଭାବରେ ଜନସ୍ୱାର୍ଥ ପ୍ରସଙ୍ଗରେ ସାଲିସ କରୁନଥିଲେ ବୋଲି ଶ୍ରୀ ହୋତା ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର କହିଲେ ଯେ, ବନମାଳୀ ବାବୁ ସାଧୁତା ଓ ସଚ୍ଚୋଟତା ପାଇଁ ରାଜନୀତିରେ ବିରଳ ବ୍ୟତିକ୍ରମ ଥିଲେ ବୋଲି କହିଥିଲେ। ସଭାପତିତ୍ୱ ଅଭିଭାଷଣରେ ପ୍ରଫେସର ପାଢ଼ୀ କହିଲେ ଯେ, କଂଗ୍ରେସର ଇତିହାସରେ ଅନେକ ଉତ୍ଥାନପତନ ହୋଇଛି। ହେଲେ ସ୍ୱର୍ଗତ ବାବୁ ଦଳ ନଛାଡ଼ି ଆଜୀବନ କଂଗ୍ରେସରେ ରହି ରାଜନୀତିରେ ଉତ୍କୃଷ୍ଟ ବ୍ୟକ୍ତିତ୍ୱର ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅଧ୍ୟାପକ ଅଶ୍ୱନୀ ବାରିକଙ୍କ ଦ୍ୱାରା ଲିଖିତ ଓ ନୃସିଂହ ଗୁରୁ ସ୍ମୃତି ସମିତି ପ୍ରକାଶିତ ପୁସ୍ତକ 'ନୃସିଂହ ଗୁରୁ : ଜୀବନ ଓ ବ୍ରତ' ଉନ୍ମୋଚିତ ହୋଇଥିଲା। ଶେଷରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁର ଜିଲ୍ଲାରେ ପର୍ଯ୍ୟଟନର ବିକାଶ କେବଳ ଘୋଷଣାରେ ସୀମିତ: ରୋହିତ

**ସମ୍ବଲପୁର, ୨୧।୩ (ସମିସ)**

ରାଜ୍ୟ ସରକାରଙ୍କ ସମ୍ବଲପୁର ଜିଲ୍ଲାରେ ପର୍ଯ୍ୟଟନର ବିକାଶ କେବଳ ଘୋଷଣାରେ ସୀମିତ ରହିଯାଉଛି ଏବଂ ଅବହେଳିତ ହୋଇ ରହୁଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ବିଜୁ ଜନତା ଦଳ ସହିତ ବିଜେପି ମଧ ନିଜର ନିର୍ବାଚନୀ ପ୍ରତିଶ୍ରୁତିରେ ସମ୍ବଲପୁର ଠାରେ ମହାନଦୀ ରିଭର୍‌ଫ୍ରଣ୍ଟ ବିକାଶ କରାଯିବାର କଥା ଉଲ୍ଲେଖ କରିଥିଲେ। ପରବର୍ତ୍ତୀ ସମୟରେ ସରକାର ଆସିବା ପରେ ସରକାର ବିଭିନ୍ନ ସମୟରେ ମହାନଦୀ ରିଭର୍‌ଫ୍ରଣ୍ଟ ବିକାଶ କରାଯିବା କଥା କହିଛନ୍ତି। କିନ୍ତୁ ଗତକାଲି ଲୋକସେବା ଭବନ, ଭୁବନେଶ୍ୱରଠାରେ ଆୟୋଜିତ ମହାନଦୀ ରିଭର୍‌ଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା ବୈଠକରେ କେବଳ କଟକସ୍ଥିତ ମହାନଦୀ ରିଭରଫ୍ରଣ୍ଟ ପ୍ରକଳ୍ପର ସମୀକ୍ଷା କରାଯାଇଥିବା ବେଳେ ପ୍ରତିଶ୍ରୁତି ଏବଂ ଘୋଷଣା ସତ୍ତ୍ୱେ ସମ୍ବଲପୁର ମହାନଦୀଠାରେ ହେବାକୁ ଥିବା ପ୍ରକଳ୍ପର କଥା ଭୁଲିଯିବା ସମ୍ବଲପୁରବାସୀଙ୍କ ପାଇଁ ଦୁର୍ଭାଗ୍ୟଜନକ। ୨୦୨୫ରୁ ଏହି ପ୍ରକଳ୍ପ ଘୋଷଣା ହୋଇଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପ୍ରକଳ୍ପ ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ କିମ୍ବା କୌଣସି କାର୍ଯ୍ୟ ମଧ ଆରମ୍ଭ ହୋଇନାହିଁ।

ଶ୍ରୀ ପୂଜାରୀ ଉଲ୍ଲେଖ କରିଛନ୍ତି ଯେ ସେ ରେଢ଼ାଖୋଲ ବିଧାୟକ ଥିବା ସମୟରେ ୨୦୧୫ ମସିହାରୁ ରେଢ଼ାଖୋଲ ଠାରେ ଏକ ସୁନ୍ଦର ଇକୋ ପାର୍କର ପରିକଳ୍ପନା କରି ବ୍ୟକ୍ତିଗତ ଭାବରେ ବହୁ ଚେଷ୍ଟାକରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ୯ ଏକର ୪୦ ଡିସିମିଲ ପରିମିତ ଏବଂ ୨ କୋଟି ୭୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୨୦୨୩ ମସିହା ଜାନୁୟାରୀ ମାସରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏହି ବହୁ ପ୍ରତିକ୍ଷିତ ଏବଂ ଅତ୍ୟନ୍ତ ସୁନ୍ଦର ଇକୋ ପାର୍କର ଲୋକାର୍ପଣ କରାଯାଇଥିଲା, ଯେଉଁ ପାର୍କ କି ପଶ୍ଚିମ ଓଡ଼ିଶାର ଏକ ନମ୍ବର ପାର୍କ କହିଲେ ମଧ ଅତ୍ତ୍ୟୁକ୍ତି ହେବନାହିଁ। ସେଠାରେ ଜନସାଧାରଣଙ୍କ ଚିତ୍ତବିନୋଦନ, ବୁଲିବା ପାଇଁ ବହୁ ପ୍ରକାର ସୁବିଧା ଏବଂ ସୌନ୍ଦର୍ଯ୍ୟକରଣ କରାଯାଇଥିଲା, ଏହାସହ ପରବର୍ତ୍ତୀ ସମୟରେ ସେଠାରେ ଇକୋ କଟେଜ୍ ନିର୍ମାଣ କରି ଇକୋ ରିସର୍ଟରେ ପରିଣତ କରିବାର ପରିକଳ୍ପନା କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରସ୍ତାବ ମଧ ଦିଆଯାଇଥିଲା। କିନ୍ତୁ ପରିତାପର ବିଷୟ ଏହା ଯେ ନୂତନ ସରକାର ଆସିବାପରେ ଉକ୍ତ ପାର୍କ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପରିଣତ ହୋଇସାରିଲାଣି। ଯଦି ସରକାରଙ୍କ ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପ୍ରତି ଆନ୍ତରିକତା ଥାଆନ୍ତା ତେବେ ଏଭଳି ଏକ ସୁନ୍ଦର ପ୍ରତିକ୍ଷିତ ଇକୋ ପାର୍କର ଅବସ୍ଥା ଏତେ ଜରାଜୀର୍ଣ୍ଣ ନଥାନ୍ତା। ଅନୁରୂପ ଭାବେ ବିଗତ ବିଜେଡି ସରକାର ସମୟରେ ରେଢ଼ାଖୋଲ ଠାରେ ଟାଉନ ହଲ୍ ଉଦ୍‌ଘାଟିତ ହୋଇସାରିଥିଲେ ମଧ ଏବଂ ଯାଯାବର ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇସାରିଥିବା ବେଳେ, ରେଢ଼ାଖୋଲର ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ପୁନର୍ବାର ବ୍ୟୟ ଅଟକଳ ଅନୁମୋଦିତ ହୋଇଥିବାବେଳେ ବିଜେପି ସରକାର ଆସିବାର ଦୁଇବର୍ଷ ହେବାକୁ ଯାଉଥିବାବେଳେ ପୂର୍ବୋକ୍ତ ପ୍ରକଳ୍ପ ଗୁଡ଼ିକ ଲୋକାର୍ପିତ ହୋଇପାରୁନାହିଁ କିମ୍ବା ଜନସାଧାରଣଙ୍କ ବ୍ୟବହାରରେ ଆସିପାରୁନାହିଁ।

ସରକାର ଯଦି ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନ ପ୍ରତି ଖାମଖିଆଲି ମନୋଭାବ ରଖିବେ ତେବେ ଆଗାମୀ ଦିନରେ ଜନସାଧାରଣ ଏହାର ଉଚିତ୍ ଜବାବ ଦେବାକୁ ପଛାଇବେ ନାହିଁ। ଏହାସହ କିଭଳି ଭାବରେ ଯଥାଶୀଘ୍ର ସମ୍ବଲପୁରଠାରେ ମହାନଦୀ ରିଭରଫ୍ରଣ୍ଟ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବ ଏବଂ ରେଢ଼ାଖୋଲସ୍ଥିତ ଇକୋ ପାର୍କର ପୁନଃ ସୌନ୍ଦର୍ଯ୍ୟକରଣ କରାଯାଇ ଜନସାଧାରଣ ଏହାର ଲାଭ ଉଠାଇ ପାରିବେ ସେଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ଶ୍ରୀ ପୂଜାରୀ ଦାବି ଜଣାଇଛନ୍ତି।

ସକାଳ
THE SAKALA



# ଜିଲ୍ଲାପାଳଙ୍କ ବିଭିନ୍ନ କାର୍ଯ୍ୟର ସମୀକ୍ଷା

## ପିଏମ୍‌ଶ୍ରୀ ସ୍କୁଲ ଓ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ସମୀକ୍ଷା

ଝାରସୁଗୁଡ଼ା, ୨୧।୩(ସମିସ)

ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଓଏଲ୍‌ଡବ୍ଲ୍ୟୁଏଏନ୍ ଭିସିରୁମ୍‌ରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାରେ ଚାଲିଥିବା 'ପିଏମ୍‌ଶ୍ରୀ' ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଅନ୍ୟାନ୍ୟ ଜନହିତକର ପ୍ରକଳ୍ପଗୁଡିକର ପରିଚାଳନା ଓ କାର୍ଯ୍ୟକାରିତା ଉପରେ ଜିଲ୍ଲାପାଳ ଆଲୋଚନା କରିଛନ୍ତି। ଏଣିକି ପ୍ରତି ଶନିବାର ନିୟମିତ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ନିର୍ବାହୀ ଅଧିକାରୀ ଯୋଗଦେଇ ସେମାନଙ୍କ ଅଞ୍ଚଳରେ ଥିବା

**ପ୍ରତି ଶନିବାର ହେବ ସମୀକ୍ଷା ବୈଠକ**

ପିଏମ୍‌ଶ୍ରୀ ସ୍କୁଲ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ବିଦ୍ୟାଳୟ, ସ୍ୱାସ୍ଥ୍ୟ କେନ୍ଦ୍ର, ଅଙ୍ଗନବାଡି କେନ୍ଦ୍ର ଏବଂ 'ମଡେଲ ଜିପି' ଗୁଡିକରେ ଚାଲିଥିବା କାର୍ଯ୍ୟର ରିପୋର୍ଟ ପ୍ରଦାନ କରିବେ। ପ୍ରତି ବ୍ଲକରେ ଅନ୍ତତଃ ଗୋଟିଏ ପଞ୍ଚାୟତକୁ 'ଆଦର୍ଶ ପଞ୍ଚାୟତ' ବା ମଡେଲ ଜିପି ଭାବେ ଗଢ଼ି ତୋଳିବା ପାଇଁ ବ୍ଲକଗୁଡିକ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ନିୟୋଜିତ ବରିଷ୍ଠ ଅଧିକାରୀମାନେ ନିଜ ନିଜକୁ ଆବଣ୍ଟିତ ବ୍ଲକ ପରିଦର୍ଶନ କରି କ୍ଷେତ୍ରସ୍ତରରେ କାର୍ଯ୍ୟର ମାନ ପରଖିବେ ଏବଂ ତଦାରଖ କରିବେ।



## ବସ୍‌ଷ୍ଟାଣ୍ଡ ଓ ପ୍ରସ୍ତାବିତ ପାଠାଗାର ସ୍ଥାନ ପରିଦର୍ଶନ



ଝାରସୁଗୁଡ଼ା, ୨୧।୩(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବ୍ରଜରାଜନଗର ପୌରାଞ୍ଚଳ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ପ୍ରଥମେ ଖାଲିଆକାନି ଅଞ୍ଚଳ ଗସ୍ତ କରି ସେଠାରେ ପ୍ରସ୍ତାବିତ ନୂତନ ବସଷ୍ଟାଣ୍ଡ ପାଇଁ ଚିହ୍ନଟ ହୋଇଥିବା ଜମିର ଅନୁଧ୍ୟାନ କରିଥିଲେ। ଏହାର ନିର୍ମାଣ କାର୍ଯ୍ୟ କିଭଳି ଶୀଘ୍ର ଆରମ୍ଭ ହେବ ସେ ନେଇ ଗୁରୁତ୍ୱାରୋପ କରିଛନ୍ତି। ଏହାପରେ ଜିଲ୍ଲାପାଳ ବ୍ରଜରାଜନଗର ମହିଳା ମହାବିଦ୍ୟାଳୟ ନିକଟକୁ ଯାଇ ପ୍ରସ୍ତାବିତ ପାଠାଗାର ସ୍ଥାନ ପରିଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳର ପିଲାମାନେ ଯେପରି ଏହାର ସୁଫଳ ପାଇପାରିବେ ସେଥିପାଇଁ ତୁରନ୍ତ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ।

**ଖାଲିଆକାନିରେ ନୂତନ ବସ୍‌ଷ୍ଟାଣ୍ଡ ପାଇଁ ସମୀକ୍ଷା**

**ମହିଳା ମହାବିଦ୍ୟାଳୟ ନିକଟରେ ଖୋଲିବ ଅତ୍ୟାଧୁନିକ ପାଠାଗାର**

## ଚନ୍ଦ୍ରଶେଖର ଆଜାଦ ଇକୋ ପାର୍କ ପରିଦର୍ଶନ

### ଝାରସୁଗୁଡ଼ାର ଖଣିଜ ସମ୍ପଦର ଇତିହାସ ଜାଣିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ

ଝାରସୁଗୁଡ଼ା, ୨୧।୩(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏମ୍‌ସିଏଲ୍ ଓରିଏଣ୍ଟ ଖଣି ନମ୍ବର-୪ ପରିସରରେ ନିର୍ମିତ 'ଚନ୍ଦ୍ରଶେଖର ଆଜାଦ ଇକୋ ପାର୍କ' ଏବଂ ଏଠାରେ ଥିବା ସ୍ୱତନ୍ତ୍ର ଖଣି ମ୍ୟୁଜିୟମ ପରିଦର୍ଶନ କରିଛନ୍ତି। ମ୍ୟୁଜିୟମ ବୁଲି ଦେଖିବା ସହ ଝାରସୁଗୁଡ଼ାର ସମୃଦ୍ଧ ଖଣି ଇତିହାସ ସମ୍ପର୍କରେ ଜିଲ୍ଲାର ଛାତ୍ରଛାତ୍ରୀ କିଭଳି ଅଧିକ ସଚେତନ ହୋଇପାରିବେ ତାହା ଉପରେ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମାଟି ତଳୁ କିଭଳି ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରି କୋଇଲା ଉତ୍ତୋଳନ କରାଯାଏ, ସେ ସମ୍ବନ୍ଧରେ ଏଠାରେ ପ୍ରଦର୍ଶିତ ମଡେଲଗୁଡିକୁ ସେ ଅନୁଧ୍ୟାନ କରିଥିଲେ। ଝାରସୁଗୁଡ଼ାର ଖଣି ଇତିହାସ ଏବଂ କୋଇଲା ଖନନର ବାସ୍ତବ ପ୍ରକ୍ରିୟା ବିଷୟରେ ଜାଣିବା ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଠାକୁ ନିଶ୍ଚିତ ଭାବେ ଆସିବା ଉଚିତ ବୋଲି ପରିଦର୍ଶନ ଶେଷରେ ଜିଲ୍ଲାପାଳ କହିଛନ୍ତି। ଏହି ସମୟରେ ଏମସିଏଲର ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନର ପ୍ରତିନିଧିମାନେ ପାର୍କର ପରିଚାଳନା ଏବଂ ଆଗାମୀ ଯୋଜନା ସମ୍ପର୍କରେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ।



## ଜମି ପଞ୍ଜୀକରଣ ସ୍ଲଟ୍ ବୃଦ୍ଧି ପାଇଁ ଓକିଲଙ୍କ ଦାବି

ଝାରସୁଗୁଡ଼ା, ୨୧।୩(ସମିସ): ଜିଲ୍ଲା ଲଖନପୁର ସବରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଜମି ପଞ୍ଜୀକରଣ ସ୍ଲଟ ବୃଦ୍ଧି କରିବା ପାଇଁ ଓକିଲମାନେ ଦାବି କରିଛନ୍ତି। ଏନେଇ ଓକିଲ ମାନଙ୍କ ପକ୍ଷରୁ ଦାବିପତ୍ର ରାଜସ୍ୱ ମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଇଜିଆର ଭୁବନେଶ୍ୱର ତଥା ଝାରସୁଗୁଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଛି। ପତ୍ରରେ ଓକିଲମାନେ ଉଲ୍ଲେଖ କରିଛନ୍ତି ଯେ, ଲଖନପୁର ସବରେଜିଷ୍ଟ୍ରାର କ୍ଷେତ୍ର ଅଧୀନରେ ୩୩ଟି ପଞ୍ଚାୟତ ଏବଂ ଗୋଟିଏ ପୌର ପରିଷଦ ରହିଛି। ହେଲେ ଜମି ପଞ୍ଜୀକରଣ ପାଇଁ ପ୍ରତିଦିନ ମାତ୍ର ୧୪ଟି ସ୍ଲଟ ଉପଲବ୍ଧ ରହୁଛି। ଏହା ପର୍ଯ୍ୟାପ୍ତ ନୁହେଁ ଏବଂ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ଅସମର୍ଥ। ତେଣୁ ଲଖନପୁରବାସୀଙ୍କୁ ଜମି ପଞ୍ଜୀକରଣ କ୍ଷେତ୍ରରେ ସୁବିଧା ଯୋଗାଇବା ପ୍ରତିଦିନ ମିଳୁଥିବା ସ୍ଲଟ ଗୁଡିକୁ ୧୪ରୁ ୩୦କୁ ବୃଦ୍ଧି କରାଯାଉ ବୋଲି ଓକିଲମାନଙ୍କ ପକ୍ଷରୁ ଦାବି କରାଯାଇଛି। ବରିଷ୍ଠ ଓକିଲ ପ୍ରଶାନ୍ତ ବିଶ୍ୱାଳ, ମୁରଲୀ ନାୟକ, ଈଶ୍ୱର କଉଡି, ହେମନ୍ତ ପ୍ରଧାନ, ଜେକେ ସିଂ, ଏସକେ ପଡ଼ିଆରୀ, ଲକ୍ଷ୍ମୀକାନ୍ତ ବାଗ ପ୍ରମୁଖଙ୍କ ସହମତିରେ ଏହି ପତ୍ର ରାଜସ୍ୱ ମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଆଇଜିଆର ଭୁବନେଶ୍ୱର ତଥା ଝାରସୁଗୁଡ଼ା ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟକୁ ପଠାଯାଇଛି।

## ମୁକୁଳା ପଡ଼ିଛି ବାଲିଜୋରି ସ୍ଥିତ ୩ ଟ୍ରାନ୍ସଫର୍ମର

ଝାରସୁଗୁଡ଼ା, ୨୧।୩(ସମିସ): ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ଝାରସୁଗୁଡ଼ା ବିଦ୍ୟୁତ ଡିଭିଜନ କଚେରି ସେକ୍ସନ-୩ ଅଧୀନ ଝାରସୁଗୁଡ଼ା ପୌର ପରିଷଦ ୱାର୍ଡ ନମ୍ବର ୧୩ ବାଲିଜୋରି ଠାରେ ୩ଟି ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ଅଞ୍ଚଳର ଲୋକଙ୍କ ପାଇଁ ବଡ ବିପଦକୁ ଆମନ୍ତ୍ରଣ କରୁଥିବା ନେଇ ଅଭିଯୋଗ ହୋଇଆସୁଛି। ସ୍କୁଲ, ଅଙ୍ଗନବାଡି ଆଦିକୁ କୋମଳମତି ଶିଶୁ ଯାଉଥିବା ରାସ୍ତାରେ ଟ୍ରାନ୍ସଫର୍ମର ଗୁଡିକ ରହିଛି। ପୁଣି ନିକଟରେ ମନ୍ଦିର ଓ ରାସ୍ତାକଡରେ ଟ୍ରାନ୍ସଫର୍ମର ଗୁଡିକ ଥିବା ଯୋଗୁଁ ବଡ଼ ଲୋକ ମଧ୍ୟ ଗମନାଗମନ ସମୟରେ ଭୟ କରୁଛନ୍ତି। ଦୁର୍ଘଟଣାର ଆଶଙ୍କା କରି ସ୍ଥାନୀୟ ଜନସାଧାରଣ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନଥିବା ଅଭିଯୋଗ ହେଉଛି। ଟାଟା ପାୱାର ବୋଧେ ବଡ ଦୁର୍ଘଟଣାକୁ ଅପେକ୍ଷା କରିଛି ବୋଲି ସ୍ଥାନୀୟ ଲୋକେ ଚର୍ଚ୍ଚା କରୁଛନ୍ତି। ଟାଟା ପାୱାର ପକ୍ଷରୁ ତୁରନ୍ତ ଦୃଷ୍ଟି ଦିଆଯାଇ ୩ଟି ଟ୍ରାନ୍ସଫର୍ମରର ପାଚେରୀ ନିର୍ମାଣ ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

**କୋଇଲା ଚୋରର ଦାଦାଗିରି**

## ସିକ୍ୟୁରିଟି ଇନ୍‌ଚାର୍ଜ ଉପରେ ବାଇକ୍ ଚଢ଼ାଇ ହତ୍ୟା ଉଦ୍ୟମ

ବ୍ରଜରାଜନଗର, ୨୧।୩ (ସମିସ): ବ୍ରଜରାଜନଗର ସହରାଞ୍ଚଳ ଇବ କ୍ଷେତ୍ର କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଜଣେ କର୍ତ୍ତବ୍ୟରତ ସିକ୍ୟୁରିଟି ଗାର୍ଡ ବା ଫାଟକ ଇନଚାର୍ଜ ଉପରେ କୋଇଲା ଚୋର ବାଇକ୍ ଚଢ଼ାଇ ଦେଇଛି। ଆହତ ସିକ୍ୟୁରିଟି ଇନ୍‌ଚାର୍ଜ ବାସୁଦେବ ବୋଲି ଜଣାପଡ଼ିଛି। ଘଟଣାପରେ ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ମେଡିକାଲରେ ଚିକିତ୍ସା କରାଯାଉଛି। ଖବର ଲେଖା ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସାଥି ସିକ୍ୟୁରିଟି ଗାର୍ଡ ବୀର ବହାଦୁର ରାୟଙ୍କ ବୟାନ ଅନୁଯାୟୀ ଏମସିଏଲ ସିକ୍ୟୁରିଟି ଇନଚାର୍ଜ ବିକ୍ରାନ୍ତଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଫାଟକ ସମୁଖରେ ଥିବା ରୋଡ ଉପରେ ବାସୁଦେବଙ୍କ ସହିତ ୨ ଜଣ ଡ୍ୟୁଟିରେ କରୁଥିଲେ। ଏହି ସମୟରେ ଏକ ବାଇକ୍‌ରେ କୋଇଲା ନେଇ ଯାଉଥିବା ଜଣେ ବ୍ୟକ୍ତିକୁ ବାସୁଦେବ ଅଟକାଇ ଦେଢ଼ କ୍ୱିଣ୍ଟାଲ କୋଇଲା ଜବତ କରିଥିଲେ। କିନ୍ତୁ ପରେ ବାଇକ୍ ଚାଳକକୁ ଛାଡି ଦେଇଥିଲେ। ଏକ ଘଣ୍ଟା ପରେ ସେହି ଚାଳକ ଅନ୍ୟ ଏକ ନମ୍ବରହୀନ ବାଇକରେ ଦ୍ରୁତ ବେଗରେ ଆସି ବାସୁଦେବଙ୍କୁ ଧକା ମାରିଥିଲା। ଏଥିରେ ବାସୁଦେବ ଛିଟିକି ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଓ କାନ ପାଖରୁ ରକ୍ତସ୍ରାବ ହେବା ସହ ସେ ଚେତାଶୂନ୍ୟ ହୋଇଥିଲେ। ଖବର ପାଇ ସାଥି ଗାର୍ଡ ମାନେ ଜିଏମଙ୍କ କାର୍ଯ୍ୟାଳୟ ଫାଟକ ପାଖରେ ଆସି ଦୋଷୀକୁ ଧରିବା ଓ ତା ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଥିଲେ। ଏବେ ସୁଦ୍ଧା ବ୍ରଜରାଜନଗର ଥାନାରେ ଏନେଇ ଏକ ଲିଖିତ ଅଭିଯୋଗ କରାଯାଇଛି ଏବଂ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଓପିଜିସିରେ ବିଶ୍ୱ ପଖାଳ ଦିବସ



ଇବଥର୍ମାଲ, ୨୧।୩(ସମିସ): ଓଡ଼ିଶା ପାୱାର ଜେନେରେସନ କର୍ପୋରେସନର ଝାରସୁଗୁଡ଼ା ଜିଲ୍ଲା ବନହରପାଲିଠାରେ ଅବସ୍ଥିତ ଇବଥର୍ମାଲ ପାୱାର ଷ୍ଟେସନ ଠାରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ଓପିଜିସିର ଅପେରସନ ନିର୍ଦ୍ଦେଶକ ଅଞ୍ଜନା ରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଇବ କ୍ଲବ୍‌ର ଉପଦେଷ୍ଟା କୃଷ୍ଣଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। କ୍ଲବ୍‌ର ସାଧାରଣ ସମ୍ପାଦକ ସେନାପତି ପ୍ରଧାନ, ସହ ସମ୍ପାଦକ ଅକ୍ଷୟ ହାତୀ ସାଂସ୍କୃତିକ ସମ୍ପାଦକ ମକରଧ୍ୱଜ ସା, କ୍ରୀଡା ସମ୍ପାଦକ ଦିଲୀପ ପଧାନ, କୋଷାଧ୍ୟକ୍ଷ ଲଖମନ ପଧାନ ପ୍ରମୁଖ ସହଯୋଗ କରିଥିଲେ। ସମସ୍ତ କର୍ମଚାରୀ ତାଙ୍କ ପରିବାର ସଦସ୍ୟ ମାନଙ୍କ ସହ ପ୍ରାୟ ୭୦୦ ବ୍ୟକ୍ତି ପଖାଳର ଆନନ୍ଦ ଉଠାଇଥିଲେ।

## ପ୍ରି ସେଟେଲମେଣ୍ଟ ବିକ୍ରୟ ଦଲିଲ ଆଧାରିତ ମ୍ୟୁଟେସନ ମାମଲା

## ୩୪ ଆବେଦନକାରୀଙ୍କୁ ରେକର୍ଡ ଅଫ୍ ରାଇଟ ପ୍ରଦାନ



ଦେବଗଡ଼, ୨୧।୩ (ସମିସ): ରାଜ୍ୟ ସରକାରଙ୍କର ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ନିୟମ-୧୯୬୨ରେ ସଂଶୋଧନ ମୁତାବକ ଏକ ନୂତନ ଅଧ୍ୟାୟ ୩୪ (ଜି)କୁ ଯୋଗ କରାଯାଇଛି। ଏହା ଅନୁସାରେ ତହସିଲଦାର ମାନଙ୍କୁ ପ୍ରି ସେଟେଲମେଣ୍ଟ ଦଲିଲ ଆଧାରିତ ସେଟେଲମେଣ୍ଟ ମାମଲାର ଫଇସଲା କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ଏହି ସଂଶୋଧିତ ନିୟମ ପ୍ରକାଶ ପାଇବା ପରେ ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ବିଚାରଧୀନ ୧୭୦ଟି ମାମଲାକୁ ବାରକୋଟ ତହସିଲଦାରଙ୍କୁ ନୂତନ ଆଇନ ଅନୁଯାୟୀ ଫଇସଲା କରିବା ପାଇଁ ହସ୍ତାନ୍ତର କରଯାଇଥିଲା। ଏହି ପରିପ୍ରେକ୍ଷୀରେ ତହସିଲ କାର୍ଯ୍ୟାଳୟର ପଦକ୍ଷେପ ଫଳରେ ତନ୍ମଧ୍ୟରୁ ୩୪ଟି ମାମଲାର ଫଇସଲା କରି ଆଜି ସେମାନଙ୍କୁ ରେକର୍ଡ ଅଫ ରାଇଟ ପ୍ରଦାନ କରାଯାଇଛି। ଅବଶିଷ୍ଟ ମାମଲାର ତ୍ୱରିତ ଫଇସଲା ପାଇଁ ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ବହୁଦିନ ଧରି ଅପେକ୍ଷାରତ ତତ୍‌ସମ୍ବନ୍ଧୀୟ ମାମଲା ଗୁଡିକର ତ୍ୱରିତ ଫଇସଲା ସମ୍ଭବ ହୋଇପାରିଛି।

## ଓପିଜିସିର ପକ୍ଷରୁ ୧୫୭୦ ଜଣଙ୍କ ଚକ୍ଷୁ ପରୀକ୍ଷା

ଇବଥର୍ମାଲ, ୨୧।୩(ସମିସ): ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ (ଓପିଜିସି) ପକ୍ଷରୁ କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସଆର) କାର୍ଯ୍ୟକ୍ରମ ଅଧୀନରେ ଜିଲ୍ଲାର ଲଖନପୁର ବ୍ଲକ ଅଧୀନ ୫ଟି ପଞ୍ଚାୟତରେ ଚକ୍ଷୁ ପରୀକ୍ଷା ଶିବିର ଆୟୋଜିତ ହୋଇଛି। ୫ଟି ଭିନ୍ନ ଭିନ୍ନ ପଞ୍ଚାୟତରେ ଶିବିର ଗୁଡିକ ଅନୁଷ୍ଠିତ ହୋଇଥିଲା। ୮୩୯ ଜଣ ପୁରୁଷ ଏବଂ ୭୩୧ ଜଣ ମହିଳାଙ୍କୁ ନେଇ ମୋଟ ୧, ୫୭୦ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା। ପରେ ୧, ୩୫୬ ଜଣଙ୍କୁ ଚଷମା ବଣ୍ଟନ କରାଯାଇଥିଲା। ଚକ୍ଷୁ ପରୀକ୍ଷା ସମୟରେ ୧୧୪ ଜଣ ମୋତିଆବିନ୍ଦୁ ରୋଗୀ ଚିହ୍ନଟ ହୋଇଥିଲେ। ଝାରସୁଗୁଡ଼ା ମହାନଦୀ ନେତ୍ର ଚିକିତ୍ସାଳୟରେ ସେମାନଙ୍କର ମାଗଣା ଅପରେସନ କରାଯାଇଥିଲା। ଚକ୍ଷୁ ପରୀକ୍ଷା, ଚଷମା ଏବଂ ମୋତିଆବିନ୍ଦୁ ଅପରେସନର ସମସ୍ତ ଖର୍ଚ୍ଚ ଓପିଜିସି ବହନ କରିଥିଲା। ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଥମ ଶିବିର ଉଦ୍‌ଘାଟନ କରି ଓପିଜିସିର ନିର୍ଦ୍ଦେଶକ (ଅପରେସନ) ଅଞ୍ଜନା ରଞ୍ଜନ ଦାଶ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସିନିୟର ଭାଇସ ପ୍ରେସିଡେଣ୍ଟ (ଅପରେସନ) ସୁକାନ୍ତ ମହାପାତ୍ର, ଇବଥର୍ମାଲ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଙ୍ଗୀତା ପଣ୍ଡା, ସିଏସଆର ଉପଦେଷ୍ଟା ପ୍ରଫୁଲ୍ଲ ଧଳ ଏବଂ ଓପିଜିସିର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଓପିଜିସିର ସିଏସଆର ଟିମ୍‌ର ସଦସ୍ୟ ହିମାଂଶୁ ବେହେରା, ସିନିଅର ମ୍ୟାନେଜର ସିଏସଆର; ତପସ ପଣ୍ଡା, ଆସିଷ୍ଟାଣ୍ଟ ମ୍ୟାନେଜର ସିଏସଆର; ଏବଂ ଅମର ସିଂହ, ଏକ୍ସିକ୍ୟୁଟିଭ ସିଏସଆର ଶିବିରଗୁଡିକର ପରିଚାଳନା କରିଥିଲେ। ଶିବିର କେୟାର ନେତ୍ରମ୍, ଭୁବନେଶ୍ୱରର ସହଯୋଗରେ ଆୟୋଜନ କରାଯାଇଥିଲା।



## ବେଦାନ୍ତ ଜମି ଅଧିଗ୍ରହଣ ଓ ଥଇଥାନ ସମ୍ପର୍କିତ ଜନଶୁଣାଣି

ଝାରସୁଗୁଡ଼ା, ୨୧।୩(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ବେଦାନ୍ତ ଲିମିଟେଡ୍‌ର ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସ ସମ୍ପର୍କିତ ଜନଶୁଣାଣି ଅନୁଷ୍ଠିତ ହୋଇଛି। ଝାରସୁଗୁଡ଼ା ବ୍ଲକ ଅଧୀନ କାଟିକେଲା ଏବଂ ଭୁର୍କାମୁଣ୍ଡା ଗାଁର ଜମି ଅଧିଗ୍ରହଣ ଜନିତ ସମସ୍ୟା ଓ ଗ୍ରାମବାସୀଙ୍କ ଦାବି ଉପରେ ବୈଠକରେ ଆଲୋଚନା କରାଯାଇଛି। ବିସ୍ଥାପନ ପ୍ରକ୍ରିୟା ଏବଂ କମ୍ପାନୀ ପକ୍ଷରୁ କରାଯାଉଥିବା କାର୍ଯ୍ୟାନୁଷ୍ଠାନ ଉପରେ ଗ୍ରାମବାସୀ ନିଜର ମତାମତ ଉପସ୍ଥାପନ କରିଥିଲେ।

**କାଟିକେଲା ଓ ଭୁର୍କାମୁଣ୍ଡା ଗ୍ରାମବାସୀଙ୍କ ସମସ୍ୟା ଶୁଣିଲେ ଜିଲ୍ଲାପାଳ**

ଜିଲ୍ଲାପାଳ ଗ୍ରାମବାସୀଙ୍କ ସମସ୍ତ ଅଭିଯୋଗକୁ ସହ ଶୁଣିବା ପରେ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିବା କହିଛନ୍ତି। କମିଟିର ଚୂଡାନ୍ତ ନିଷ୍ପତ୍ତି ପାଇଁ ଆସନ୍ତା ଜୁନ୍ ୩୦ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଗ୍ରାମବାସୀଙ୍କୁ ଅନୁରୋଧ କରିଛନ୍ତି। ନିଯୁକ୍ତି ସମ୍ବନ୍ଧୀୟ ଦାବିଗୁଡିକୁ ଆଗାମୀ ଆରପିଡିଏସି ବୈଠକରେ ଆଲୋଚନା କରାଯିବ ବୋଲି ସେ ସୂଚନା ଦେଇଥିଲେ। ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀ ସମ୍ପୂର୍ଣ୍ଣ ଭାବେ ବିସ୍ଥାପିତ ହେବା ପର୍ଯ୍ୟନ୍ତ ବେଦାନ୍ତ ଲିମିଟେଡ୍ ନିଜର ସିଏସଆର ପାଣ୍ଠି ମାଧ୍ୟମରେ ବାୟୁ ଏବଂ ଜଳ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସେ କହିଛନ୍ତି। ଜନଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସହକାରୀ ଜିଲ୍ଲାପାଳ, କାଟିକେଲା ସରପଞ୍ଚଙ୍କ ସମେତ ଉଭୟ ଗାଁର ଶତାଧିକ ଗ୍ରାମବାସୀ ଏବଂ ବେଦାନ୍ତ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭିଏସଏସ ବିମାନବନ୍ଦର ସମ୍ପ୍ରସାରଣ: ପ୍ରମୁଖ ସଚିବଙ୍କ ସ୍ଥିତି ସମୀକ୍ଷା

ଝାରସୁଗୁଡ଼ା, ୨୧।୩(ସମିସ): ଝାରସୁଗୁଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ (ଭିଏସଏସ) ବିମାନବନ୍ଦରର କଳେବର ବୃଦ୍ଧି ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ ବିମାନବନ୍ଦର ପରିସରରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରି ସମ୍ପ୍ରସାରଣ ଯୋଜନାର ଅନୁଧ୍ୟାନ କରିଛନ୍ତି। ବିଶେଷ କରି ବିମାନବନ୍ଦରକୁ ଅନ୍ତର୍ଜାତୀୟ ମାନର କରିବା ଏବଂ ଏଠାରେ ବଡ ଧରଣର ବୋଇଂ ୭୭୭ ବିମାନ ଅବତରଣ ସୁବିଧା ଉପଲବ୍ଧ କରାଇବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ସମୀକ୍ଷା କାଳରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଉପସ୍ଥିତ ରହି ବିମାନବନ୍ଦରର ସମ୍ପ୍ରସାରଣ ପାଇଁ ଆବଶ୍ୟକ ହେଉଥିବା ଭୂମି ଏବଂ ପ୍ରଶାସନିକ ପ୍ରସ୍ତୁତି ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ସମ୍ପ୍ରସାରଣ ପାଇଁ ଅତିରିକ୍ତ ୨୩୫ ଏକର ଜମିର ଆବଶ୍ୟକତା ରହିଥିବା ନେଇ ଜିଲ୍ଲାପାଳ ପ୍ରମୁଖ ସଚିବଙ୍କୁ ଅବଗତ କରାଇଛନ୍ତି। ଅଧିକ ଜମି ଅଧିଗ୍ରହଣ ପରେ ବିମାନବନ୍ଦରର ରନୱେ ଏବଂ ଟର୍ମିନାଲର ସମ୍ପ୍ରସାରଣ କରାଯିବ।



**ବୋଇଂ ୭୭୭ ଭଳି ବଡ ବିମାନ ଅବତରଣ ପାଇଁ ପ୍ରସ୍ତୁତି**

**ଅଧିଗ୍ରହଣ ହେବ ଆଉ ୨୩୫ ଏକର ଜମି**

## ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ସୁରକ୍ଷା ଦିବସ

ଇବଥର୍ମାଲ, ୨୧।୩(ସମିସ): ଜିଲ୍ଲା ଲଖନପୁର ବ୍ଲକ ଅଧୀନ ସାହାଜବାହାଲ ସ୍ଥିତ ଜେଏସଡବ୍ଲ୍ୟୁ ଏନର୍ଜୀ ଉତ୍କଳ ଲିମିଟେଡ ପକ୍ଷରୁ ୫୫ତମ ରାଷ୍ଟ୍ରୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏଫ୍‌ଆଣ୍ଡବି ସମ୍ବଲପୁର ଡିଭିଜନ୍ ଡେପୁଟି ଡାଇରେକ୍ଟର ସ୍ୱରୂପ ଜେନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରୁ ଏଫ୍‌ଆଣ୍ଡବିର ସହକାରୀ ନିର୍ଦ୍ଦେଶକ ଅର୍ଚ୍ଚନା ଦାଶ, ପ୍ଲାଣ୍ଟ ମୁଖ୍ୟ ବଳିରାମ ଯାଦବ, ସୁରକ୍ଷା ବିଭାଗ ମୁଖ୍ୟ ଅଧିକାରୀ ସନ୍ଦିପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ନିକଟ ଅଞ୍ଚଳ ତିଳିଆ, ଚାରପାଲି, କୁମ୍ଭାରବନ୍ଧ ଓ ସାହାଜବାହାଲ ଆଦି ସ୍ଥାନରେ ଛାତ୍ରଛାତ୍ରୀଙ୍କୁ ନେଇ ସୁରକ୍ଷା ସମ୍ବନ୍ଧୀୟ ପୋଷ୍ଟର, ବ୍ୟାନର୍, ସ୍ଲୋଗାନ, କ୍ୱିଜ୍ ପ୍ରତିଯୋଗିତା କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରା ଯାଇଥିଲା। ଠିକା ଶ୍ରମିକ ମାନଙ୍କ ମଧ୍ୟରେ ମଧ୍ୟ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ସୁରକ୍ଷା ସଚେତନତା ବୃଦ୍ଧି ପାଇଁ ଜେଏସଡବ୍ଲ୍ୟୁ ପ୍ଲାଣ୍ଟ ପରିସରରେ ରାଲି ଆୟୋଜିତ ହୋଇଥିଲା। ପ୍ଲାଣ୍ଟ ସୁରକ୍ଷା ନିୟମର ଆବଶ୍ୟକତା ବିଷୟରେ ଆଲୋଚନା ହୋଇଥିଲା। କାମ ବେଳେ ନିଆଁ ସମେତ ବିଭିନ୍ନ ବିପର୍ଯ୍ୟୟର ମୁକାବିଲା ସକାଶେ ଶ୍ରମିକ କର୍ମଚାରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହ ମକଡ୍ରିଲ କରାଯାଇଥିଲା। କାର୍ଯ୍ୟକ୍ରମରେ ଓପିଜିସି, ଜେଏସଡବ୍ଲ୍ୟୁ, ବିପିଏସ୍‌ଏଲ୍, ବେଦାନ୍ତ ଅଧିକାରୀ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ଜେଏସଡବ୍ଲ୍ୟୁ ସେଫଟି ମ୍ୟାନେଜର ସୁମନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




## ଘରେ ପଶି ମହିଳାଙ୍କୁ ଦୁର୍ବୃତ୍ତଙ୍କ ଗୁଳିମାଡ଼

ଝାରସୁଗୁଡ଼ା, ୨୧।୩(ସମିସ)

ଝାରସୁଗୁଡ଼ା ଜିଲ୍ଲା ସରବାହାଲରେ ଘରେ ପଶି ମୁଖାପିନ୍ଧା ଦୁର୍ବୃତ୍ତ ଜଣେ ମହିଳାଙ୍କୁ ଗୁଳିମାଡ କରିଥିବା ଜଣାପଡ଼ିଛି। ଆହତ ମହିଳା ବିଶ୍ୱ ବିଜୟିନୀ ଜେନା (୩୦) ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସରବାହାଲ ତଳିପଡ଼ା ଠାରେ ଧୀରେନ୍ଦ୍ର ମହାରଣା ଭଡାରେ ରହୁଛନ୍ତି। ତାଙ୍କ ନିଜ ଘର ସମ୍ବଲପୁର ହୋଇଥିବା ବେଳେ ଝାରସୁଗୁଡ଼ାରେ ତାଙ୍କର ଟ୍ରାନ୍ସପୋର୍ଟ କାମ ରହିଛି। ଶୁକ୍ରବାର ରାତି ପ୍ରାୟ ୯.୩୦ ଟାରେ ବାଇକରେ ଜଣେ ଯୁବକ ମୁଖା ପିନ୍ଧି ତାଙ୍କ ଘର ନିକଟରେ ପହଞ୍ଚିଥିଲା। ଧୀରେନ୍ଦ୍ର ବାହାରୁ ଆସି ରୋଷେଇ ଘରକୁ ଯାଇଥିବା ବେଳେ ତାଙ୍କ ପତ୍ନୀ ବିଶ୍ୱ ବିଜୟିନୀ ସୋଫା ଉପରେ ବସିଥିଲେ। ଦୁର୍ବୃତ୍ତ ଯୁବକ ଜଣକ ଘର ଭିତରକୁ ପଶି ଧୀରେନ୍ଦ୍ରଙ୍କ ପତ୍ନୀ ବିଶ୍ୱ ବିଜୟିନୀଙ୍କୁ ଦୁଇ ରାଉଣ୍ଡ ଗୁଳି ମାରିଥିଲା। ପ୍ରଥମ ଗୁଳି ଖସି ଯାଇଥିବା ବେଳେ ଦ୍ୱିତୀୟ ଗୁଳିଟି ବିଶ୍ୱ ବିଜୟିନୀଙ୍କ ଜଙ୍ଘରେ ବାଜିଥିଲା। ଏହାପରେ ଦୁର୍ବୃତ୍ତ ଧୀରେନ୍ଦ୍ରଙ୍କୁ ମଧ୍ୟ ଗୁଳି ମାରିବା ପାଇଁ ପ୍ରୟାସ କରିଥିଲା। କିନ୍ତୁ ଧୀରେନ୍ଦ୍ର ତଳେ ପଡ଼ି ଯାଇଥିଲେ। ଫଳରେ ଧରାପଡ଼ିଯିବା ଭୟରେ ଧୀରେନ୍ଦ୍ରଙ୍କୁ ଗୋଇଠା ମାରି ଦୁର୍ବୃତ୍ତ ଜଣକ ଘଟଣା ସ୍ଥଳରୁ ଫେରାର ହୋଇଥିଲା। ବିଶ୍ୱ ବିଜୟିନୀଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଶନିବାର ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଏସଡିପିଓ ଉମାଶଙ୍କର ସିଂ, ସାଇଣ୍ଟିଫିକ ଟିମ ଓ ଡ୍ରଗ୍ସ ସ୍କ୍ୱାର୍ଡ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।




**ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ୍**

**ଗୁରୁତର ଅବସ୍ଥାରେ ଆହତଙ୍କୁ ବୁର୍ଲା ସ୍ଥାନାନ୍ତର**